ପୃଷ୍ଠା-୧୨+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଜୁନ୍ ୨/୨୦୨୩ (୧୨+୮=୨୦ ପୃଷ୍ଠା) | Bhubaneswar, Friday, June 2/2023 | Page 20 | ₹ 7.00

୪୯ଶ ଭାଗ ୧୮୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 187 | ମୂଲ୍ୟ₹୭/-

# GLORIOUS 10 YEARS

# ଭାରତର ସବୁଜ ଖ୍ୟାତି

ତେଲଙ୍ଗାନା ଭାରତର ସବୁଜ ଖ୍ୟାତି ଭାବେ ଉଭାହୋଇଛି। ଏକଦା ଏକ ସବୁଜ ଧାନ୍ୟାଗାର ଭାବେ ପରିଚିତ ଏହି ରାଜ୍ୟ ନିଜ ହୃତଗୌରବ ଫେରିପାଇବା ପାଇଁ ଦ୍ରୁତଗତିରେ ଉଦ୍ୟମ କରିଥିବାରୁ ଏହାକୁ ଆଜି ମନ୍ତ୍ରମୁଗ୍ଧ ସ୍ୱର୍ଗ ବିବେଚନା କରାଯାଉଛି। ରାଜପଥ ଓ ଗ୍ରାମାଞ୍ଚଳର ସଡ଼କ ପାର୍ଶ୍ୱରେ କୃଷି ଉଦ୍ୟାନ ଏବଂ ଚାରା ରୋପଣ ପୂର୍ବରୁ କେବେ ଦେଖାଯାଇ ନ ଥିଲା। ଏଗୁଡ଼ିକ ବର୍ତ୍ତମାନ ତ୍ୱରିତ ପରିବର୍ତ୍ତନର ଦୃଶ୍ୟମାନ ବାସ୍ତବତା। ଲଗାତାର ମୌସୁମୀର କୃପଣତା, ମରୁଡ଼ି, ବଢ଼ିଚାଲିଥିବା ଋଣ ବୋଝ ଏବଂ କୃଷକମାନଙ୍କ ଆତ୍ମହତ୍ୟାର ଅନ୍ତହୀନ କାହାଣୀ ଦିନେ ଚର୍ଚ୍ଚାର ବିଷୟ ପାଲଟିଥିବାବେଳେ ଏବେ ସ୍ଥିତିରେ ଅନେକ ପରିବର୍ତ୍ତନ ଦେଖିବାକୁ ମିଳୁଛି।

ଋଣ ଟଙ୍କା ଅସୁଲି ପାଇଁ ସାହୁକାରଙ୍କ ତାଗିଦ ଯୋଗୁ ଅନେକ ହଜାର କୃଷକ ଏବଂ କୃଷି ଶ୍ରମିକ ପରିବାର ସେମାନଙ୍କ ଘର ଓ ଚାଷଜମି ଛାଡ଼ି ଦୁଇ ଓଳି ଅନ୍ନ ପାଇଁ ଦୂରନ୍ତ ସହରକୁ କର୍ମ ସନ୍ଧାନରେ ପଳାୟନ କରୁଥିଲେ। ନିଜ ଜୀବିକାରୁ ବଞ୍ଚିତ ହେବା ପରେ ଲୋକେ ଦୁର୍ଦ୍ଦଶା ଭିତରେ ରହିବାକୁ ବାଧ୍ୟ ହୋଇଥିଲେ। ଏପରିକି ବହୁ ଲୋକ ନିଜ ଚାଷ ଜମିକୁ ସ୍ୱଳ୍ପ ମୂଲ୍ୟରେ ବିକ୍ରି କରିବାକୁ ନିଷ୍ପତ୍ତି ନେଉଥିଲେ। ଅନଟନ ସ୍ଥିତି ଦୀର୍ଘବର୍ଷ ଲାଗିରହିବା ଫଳରେ କୃଷି ଏକ କଷ୍ଟଦାୟକ କାର୍ଯ୍ୟରେ ପରିଣତ ହେବାରୁ ଜମିଗୁଡ଼ିକୁ ଦୁଧିଆଳି ପ୍ରାଣୀ ବିନିମୟରେ ବିକ୍ରି କରିଦିଆଯିବାର ଅନେକ ଉଦାହରଣ ରହିଥିଲା। ପୂର୍ବ ଦିନଗୁଡ଼ିକରେ ଜମି କିଣିବା ପାଇଁ କେହି ରାଜି ହେଉ ନ ଥିଲେ। ଲୋକେ ମଧ୍ୟ ଜମି ଉପରେ ଭରସା କରି ଚଳିବା ଆଶା ଛାଡ଼ିଦେଇଥିଲେ। କିନ୍ତୁ ଆଜି ଚାଷଜମିର ଚାହିଦା ଢେର ବଢ଼ିଯାଇଛି। ଚାଷ ଜମି ଖଣ୍ଡେ ସୁନାଠୁ ବି ମହଙ୍ଗା ହୋଇଗଲାଣି। ରାଜ୍ୟର ପ୍ରାୟ ସମସ୍ତ ସ୍ଥାନରେ ଜମିର ମୂଲ୍ୟ ଏକର ପିଛା ୨୫ ଲକ୍ଷରୁ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବଢ଼ିଯାଇଥିବାରୁ ବିକ୍ରି କରିବା ପାଇଁ କେହି ଚାହୁଁ ନାହାନ୍ତି। ଏପରିକି ନିପଟ ମଫସଲ ଅଞ୍ଚଳଗୁଡ଼ିକରେ ମଧ୍ୟ ବିସ୍ତୃତ ଜମିଗୁଡ଼ିକ ପଡ଼ିରହିଛି। ଏପ୍ରିଲ ଶେଷ ଆଡ଼କୁ ଯସାଙ୍ଗି ଅମଳ ବେଳେ ପର୍ଯ୍ୟାପ୍ତ ଉତ୍ପାଦନ ପାଇଁ କୃଷକମାନେ ନିୟୋଜିତ ଥିବାବେଳେ ବନକଲମ ଋତୁରେ ପୁଣି ଚାଷ କାର୍ଯ୍ୟ ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଏହି ଅଞ୍ଚଳର ଇତିହାସରେ କୃଷି ସଙ୍କଟକୁ ନେଇ ସର୍ବାଧିକ ଆଲୋଚନା ହେଉଥିଲା। କିନ୍ତୁ ବର୍ତ୍ତମାନ ଚାଷୀଙ୍କ ଆତ୍ମହତ୍ୟା ସଂଖ୍ୟା ବହୁ ପରିମାଣରେ କମିଛି ଏବଂ ଆତ୍ମହତ୍ୟା କରୁଥିବା ଲୋକଙ୍କ ଚାଷ ସହ କୌଣସି ସମ୍ପର୍କ ନାହିଁ। ୨୦୧୪ରୁ ୨୦୧୮ ମଧ୍ୟରେ ୪୦,୭୪,୫୨୨ କୃଷକ ଶସ୍ୟଋଣ ବାବଦକୁ ନେଇଥିବା ୧୭,୩୫୧.୪୭ କୋଟି ଟଙ୍କାର ଋଣ ରାଜ୍ୟ ସରକାର ଛାଡ଼ କରିବା ପରେ କୃଷକ ସମୁଦାୟର ଦୁର୍ବଳ ଭାଗ୍ୟରେ ବଡ଼ ପରିବର୍ତ୍ତନ ଆସିଛି। ୨୦୧୮ ଡିସେମ୍ବର ୧୧ ସୁଦ୍ଧା ବକେୟା ଥିବା ଶସ୍ୟଋଣ କୃଷକ ପରିବାର ପିଛା ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଛାଡ଼ କରାଯାଇଛି। ୨୦୨୩-୨୪ ଆର୍ଥିକ ବର୍ଷର ବଜେଟରେ ଶସ୍ୟଋଣ ପରିଶୋଧ ପାଇଁ ୬,୩୮୫ କୋଟି ଟଙ୍କା ଆବଣ୍ଟନ କରାଯାଇଛି।

ମାଓବାଦୀ ଅଧ୍ୟୁଷିତ ଅଞ୍ଚଳରେ ଚାଷୀଙ୍କ ଖଳାରୁ ୫୦ରୁ୧୦୦ କେଜି ଶସ୍ୟ ନେଇଯାଉଥିବା ଅସୁଲକାରୀ ଗୋଷ୍ଠୀଙ୍କ ଏବେ କୌଣସି ଚିହ୍ନବର୍ଣ୍ଣ ନାହିଁ। ସ୍ଥିର ପ୍ରଶାସନ ଓ ପ୍ରଭାବଶାଳୀ ଆଇନଶୃଙ୍ଖଳା ଯୋଗୁ ସାରା ରାଜ୍ୟରେ ଶାନ୍ତି ବିରାଜମାନ କରୁଛି। ଏଥିସହ ଘଟୁଥିବା ନିରନ୍ତର ବିକାଶ ତେଲଙ୍ଗାନାକୁ କୃଷିକ୍ଷେତ୍ରରେ ଦେଶର ଅଗ୍ରଣୀ ରାଜ୍ୟରେ ପରିଣତ କରିଛି।

ପୂର୍ବରୁ ରାଜ୍ୟର ଗ୍ରାମଗୁଡ଼ିକରେ ଶତାଧିକ ନଳକୂପ ଖୋଳାଯାଇଥିଲେ ହେଁ ସେଗୁଡ଼ିକରୁ ବୁନ୍ଦାଏ ବି ପାଣି ବାହାରୁ ନ ଥିଲା। ଏଭଳି ମାମଲା ସମ୍ପର୍କରେ ଅଭିଜ୍ଞ ରାଜ୍ୟ କୃଷି ସଚିବ ଏମ୍. ରଘୁନନ୍ଦନ ରାଓ ଡିଆରଡିଏରେ ପ୍ରୋଜେକ୍ଟ ଡାଇରେକ୍ଟର ଥିବାବେଳେ ହାସଲ କରିଥିବା ଅଭିଜ୍ଞତାକୁ ନେଇ ବ୍ୟକ୍ତିଗତ ଭାବେ ଅନୁଧ୍ୟାନ କରିଥିଲେ। ଆଦିବାସୀ ବହୁଳ ଅଞ୍ଚଳ ସଂଲଗ୍ନ ମୁନିରୁ ନଦୀର ଶାଖା ନଦୀ ଅକେରୁ ଏହି ବିରାଟ ପରିବର୍ତ୍ତନର ଉତ୍କୃଷ୍ଟ ଦୃଷ୍ଟାନ୍ତ ପାଲଟିଛି। ସମ୍ପୃକ୍ତ ଅଞ୍ଚଳ ଅନ୍ୟତମ ଶୁଷ୍କ ଜୋନ୍ ଥିଲା, ଯେଉଁଠି ବର୍ଷ ତମାମ ଘାସ କଅଁଳିବା ଦେଖିବାକୁ ମିଳୁ ନ ଥିଲା। ଲୋକଙ୍କ କୃଷି ଆବଶ୍ୟକତା କଥା ନ କହି, ସେମାନଙ୍କ ଶୋଷ ମେଣ୍ଟାଇବା ପାଇଁ ସେ ନଦୀରେ ଅନେକ ଚେକ୍‌ଡ୍ୟାମ୍ ନିର୍ମାଣ କରିବାରେ ସଫଳ ହେଲେ, ଯାହା ଭୂତଳ ଜଳସ୍ତର ପୁନଃ ଭରଣା କରିବାରେ ସହାୟକ ହେଲା।

**କୃଷି କ୍ଷେତ୍ରରେ ତେଲଙ୍ଗାନା ହାସଲ କରିଥିବା ପ୍ରଗତି ଦେଶ ପାଇଁ ଏକ ରୋଲ୍ ମଡେଲ୍। ଦେଶରେ ଏହା ହେଉଛି ଏକମାତ୍ର ରାଜ୍ୟ ଯାହା କୃଷକମାନଙ୍କ କଲ୍ୟାଣକୁ ସର୍ବାଧିକ ଗୁରୁତ୍ୱ ଦେଇଥାଏ ଏବଂ କୃଷିକ୍ଷେତ୍ରର ବିକାଶ ପାଇଁ ଅନେକ କୋଟି ଟଙ୍କା ଖର୍ଚ୍ଚ କରିଥାଏ...**

**ତେଲଙ୍ଗାନା ରାଇଥୁ ବନ୍ଧୁ, ରାଇଥୁ ବୀମା, ୨୪ ଘଣ୍ଟିଆ ମାଗଣା ବିଦ୍ୟୁତ ଯୋଗାଣ ଏବଂ ଜଳସେଚନ ପ୍ରକଳ୍ପଗୁଡ଼ିକର ନିର୍ମାଣ ପାଇଁ ଅଦ୍ୟାବଧି ୨,୧୬,୦୦୦ କୋଟି ଟଙ୍କା ବ୍ୟୟ କରିଛି। ଏହା କୃଷକମାନଙ୍କ କଲ୍ୟାଣ ଓ ବିକାଶ ପାଇଁ ରାଜ୍ୟ ସରକାରଙ୍କ ପ୍ରତିଶ୍ରୁତିବଦ୍ଧତାକୁ ଦର୍ଶାଉଛି।**

**-କେ. ଚନ୍ଦ୍ରଶେଖର ରାଓ,** ମୁଖ୍ୟମନ୍ତ୍ରୀ








ତେଲଙ୍ଗାନା ଗଠନ ହେବା ପରେ ଉକ୍ତ ଅଞ୍ଚଳରେ ଅଧା ଡଜନ ଜଳସେଚନ ପୁଷ୍କରିଣୀ ନବଯୌବନ ପାଇଥିଲା। ମିଶନ ଭଗିରଥ ସହାୟତାରେ ଆଦିବାସୀ ବସତିକୁ ଜଳଯୋଗାଣରେ ଏହା ଏବେ ଏକ ଚିରସ୍ଥାୟୀ ଉତ୍ସ। କୃଷକମାନେ ଅଧିକ ଧାନ ଉତ୍ପାଦନରେ ସଫଳତାର ମାଦକତା ଚାଖିଲେ। ପର୍ଯ୍ୟାପ୍ତ ରକ୍ତ ଚନ୍ଦନ ଚାରା ରୋପଣ କରାଯାଇଛି। କ୍ଷୁଦ୍ର ଚାଷୀମାନେ ପନିପରିବା ଉତ୍ପାଦନ କରି ଲାଭବାନ ହେଉଛନ୍ତ, ଯାହା ଏକମାତ୍ର ସଫଳ କାହାଣୀ ନୁହେଁ। କୃଷକମାନେ ସାରା ରାଜ୍ୟରେ ଚଳଚଞ୍ଚଳ ହୋଇ ରାଜ୍ୟ ମୋଟ ଘରୋଇ ଉତ୍ପାଦ (ଏସ୍‌ଜିଡିପି) ଅଭିବୃଦ୍ଧି କ୍ଷେତ୍ରରେ ଅବଦାନ କରୁଛନ୍ତି। କଠିନ ସମୟରେ ଯେଉଁମାନେ ରାଜ୍ୟ ଛାଡ଼ି ପଳାୟନ କରିଥିଲେ, ସେମାନେ ଏବେ ନିଜ ଭିଟାମାଟିକୁ ଫେରୁଛନ୍ତି।

ରାୟତୁବନ୍ଧୁ ଯୋଜନାର ଅଣପରିଶୋଧ ବ୍ୟବସ୍ଥାରେ ଦିଆଯାଇଥିବା ବଡ଼ ସହଯୋଗ ବିସ୍ମୟକର କାର୍ଯ୍ୟ କରିଛି। ପ୍ରତ୍ୟେକ ଫସଲ ଋତୁ ଆରମ୍ଭରେ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପ୍ରତ୍ୟକ୍ଷ ଭାବେ ଟଙ୍କା ହସ୍ତାନ୍ତରଣ ସେମାନଙ୍କୁ ବଡ଼ ଆଶ୍ୱସ୍ତି ପ୍ରଦାନ କରିଛି। ସେମାନେ ଏବେ ନିଜ ଅନ୍ନଦାତା ପରିଚୟ ନେଇ ବଞ୍ଚିବା ଆରମ୍ଭ କଲେଣି।

ରାଜ୍ୟ ଗଠନ ହେବା ପରଠୁ ସରକାର କୃଷି କ୍ଷେତ୍ର ଉପରେ ବିଶେଷ ଗୁରୁତ୍ୱ ଦେଇଆସିଛନ୍ତି। ସରକାରଙ୍କ ସ୍ୱତନ୍ତ୍ର ପଦକ୍ଷେପ ଜରିଆରେ ଭିତ୍ତିଭୂମି, ପରିବର୍ଦ୍ଧନ କାର୍ଯ୍ୟକଳାପ, ସାମାଜିକ ସୁରକ୍ଷା ଏବଂ ଉତ୍ପାଦିତ ସାମଗ୍ରୀ ଅଧିଗ୍ରହଣ ନିମନ୍ତେ ୪.୫୦ ଲକ୍ଷ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ପ୍ରଦାନ କରାଯାଇଛି, ଯାହାକି କୃଷକମାନଙ୍କୁ ନିବେଶ ସମର୍ଥନ ଯୋଗାଇ ଆସିଛି।

ରାଇଥୁବନ୍ଧୁ ଜରିଆରେ ଏକର ପିଛା ୧୦,୦୦୦ ଟଙ୍କାର ଶସ୍ୟ ନିବେଶ ସହଯୋଗ, ମିଶନ କାକତିଅ ଅଧୀନରେ ୪୬ ହଜାରରୁ ଉର୍ଦ୍ଧ୍ୱ ଜଳସେଚନ ଟ୍ୟାଙ୍କ ଓ ପୋଖରୀର ପୁନରୁଦ୍ଧାର, ବୃହତ୍ ଜଳସେଚନ ପ୍ରକଳ୍ପ ନିର୍ମାଣ, ପ୍ରାଣୀଧନ ଓ ମତ୍ସ୍ୟସମ୍ପଦକୁ ପ୍ରୋତ୍ସାହନ, ମେଣ୍ଢା ବଣ୍ଟନ ଯୋଜନା ସମେତ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପଗୁଡ଼ିକ ବିକାଶର ମାଧ୍ୟମ ହୋଇଛି।

କେବଳ ରାଇଥୁବନ୍ଧୁରେ ସରକାର ବିଗତ ୫ ବର୍ଷ ମଧ୍ୟରେ ୬୫,୦୦,୫୮୮ ପଟାଦାରଙ୍କୁ ସୁବିଧା ପ୍ରଦାନ ଲାଗି ୬୫,୧୯୧କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଦଶଟି କିସ୍ତିରେ ବଣ୍ଟନ କରିଛନ୍ତି। ଏହି ପଦକ୍ଷେପର ସକାରାତ୍ମକ ପଦକ୍ଷେପକୁ ଅନେକ କୃଷି ଗବେଷଣା ସଂଗଠନ ସ୍ୱୀକୃତି ଦେଇଛନ୍ତି। ଜାତିସଂଘର ଖାଦ୍ୟ ଓ କୃଷି ସଂଗଠନ (ଏଫ୍‌ଏଓ) ଏହାକୁ କୃଷକଙ୍କ ପାଇଁ ସର୍ବାଧିକ ଉପାଦେୟ ହୋଇପାରିଥିବା ବିଶ୍ୱର ୨୦ ଯୋଜନା ମଧ୍ୟରେ ତାଲିକାଭୁକ୍ତ କରିଛି। ୨୦୧୮ରୁ ୨୦୨୩ ମଧ୍ୟରେ ୯୯,୨୯୭ ମୃତ କୃଷକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏ ମୋଟ ୪,୯୬୪.୮୫ କୋଟି ଟଙ୍କା ଦିଆଯାଇଛି। ସରକାର ୫୩୮୩.୮୩ କୋଟି ଟଙ୍କାର ପ୍ରିମିୟମ ଦେଇଛନ୍ତି।

ରାଜ୍ୟ ପ୍ରାୟୋଜିତ ପଦକ୍ଷେପଗୁଡ଼ିକ କୃଷି ଏବଂ ମତ୍ସ୍ୟପାଳନ, ପ୍ରାଣିସମ୍ପଦ ଓ ସାମାଜିକ ବନୀକରଣ ଭଳି ଆନୁଷଙ୍ଗିକ କ୍ଷେତ୍ରରେ ଅଂଶଧନ ବୃଦ୍ଧି କରିଛି। ରାଜ୍ୟ ଅର୍ଥନୀତିରେ ୨୦୧୪-୧୫ରେ ଗ୍ରସ୍ ଷ୍ଟେଟ୍ ଭାଲ୍ୟୁ ଆଡେଡ୍ (ଜିଏସ୍‌ଭିଏ) ୧୬.୩ ପ୍ରତିଶତ ଥିବାବେଳେ ୨୦୨୨-୨୩ରେ ଏହା ୧୮.୨ ପ୍ରତିଶତକୁ ବୃଦ୍ଧି ପାଇଛି।

ରାଜ୍ୟ ଗଠନ ହେବା ପରଠୁ ମୋଟ ଚାଷ ଉପଯୋଗୀ ଜମି ୮୩% ବୃଦ୍ଧି ପାଇଛି। ୨୦୧୪ ମସିହାରେ ଏହା ୧.୩୧ କୋଟି ଏକର ଥିବାବେଳେ ୨୦୨୩ରେ ୨.୪୦ କୋଟି ଏକରରେ ପହଞ୍ଚିଛି। ଏହି ଅବଧି ମଧ୍ୟରେ ସର୍ବଭାରତୀୟ ସ୍ତରରେ ଗ୍ରସ କ୍ରପ୍‌ଡ ଏରିଆ କ୍ଷେତ୍ରରେ ତେଲଙ୍ଗାନାର ଭାଗ ୩.୦୭%ରୁ ୫.୦୬%କୁ ବଢ଼ିଛି।

କିଛି ବର୍ଷ ହେଲା ପଞ୍ଜାବ ପରେ ତେଲଙ୍ଗାନା ଦେଶର ସର୍ବାଧିକ ଧାନ ଉତ୍ପାଦନକାରୀ ରାଜ୍ୟ ପାଲଟିଛି। ପୂର୍ବରୁ ରାଜ୍ୟରେ ମାତ୍ର ୧୫୪ ଲକ୍ଷ ମେଟ୍ରିକ ଟନ୍ କୃଷି ଉତ୍ପାଦନ ହେଉଥିବାବେଳେ ୨୦୨୩ରେ ଏହା ୩୬୨ ଲକ୍ଷ ମେଟ୍ରିକ୍ ଟନ୍‌କୁ ଛୁଇଁଛି। କୃଷିକୁ ସୁସଂଗତ କରିବା ଦିଗରେ ନିଆଯାଇଥିବା ଉଲ୍ଲେଖନୀୟ ପଦକ୍ଷେପଗୁଡ଼ିକ କୃଷି କ୍ଷେତ୍ରର ଦ୍ରୁତ ଅଭିବୃଦ୍ଧିରେ ଏକ ନୂଆ ଫର୍ଦ୍ଦ ଯୋଡ଼ିଛି।

ଟ୍ରାକ୍ଟର, ହାର୍ଭେଷ୍ଟର ଓ ଅନ୍ୟ କୃଷି ଯନ୍ତ୍ରପାତି ପାଇଁ ରାଜ୍ୟ ସରକାର ୧,୦୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରିଛନ୍ତି। ଏଥିସହ କୃଷି କ୍ଷେତ୍ରରେ ଶ୍ରମିକଙ୍କ କଠିନ ପରିଶ୍ରମ ହ୍ରାସ ପାଇଁ ଫସଲଭିତ୍ତିକ କଷ୍ଟମ୍ ହାୟରିଂ ସେଣ୍ଟର ପ୍ରତିଷ୍ଠା ସକାଶେ ସବ୍‌ସିଡିରେ ସୁବିଧା ଯୋଗାଇ ଦିଆଯାଇଛି। ଘରୋଇ ବିତରଣକାରୀଙ୍କ ଦ୍ୱାରା ଅପମିଶ୍ରିତ ବିହନରେ ନକଲି ଲେବଲିଂକୁ ମଧ୍ୟ ସରକାର ଦୃଢ଼ ହସ୍ତରେ ଦମନ କରିଛନ୍ତି। ଉତ୍ପାଦନ ବୃଦ୍ଧିରେ ବିହନ ବିଶେଷ ଉପାଦାନ ହୋଇଥିବାରୁ, ଏହାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଇଛି। ରାଜ୍ୟର ମୃତ୍ତିକା ପାଇଁ ଉପଯୋଗୀ ହୋଇଥିବା ଅଧିକ ଉତ୍ପାଦନକ୍ଷମ କିସମକୁ ପ୍ରୋତ୍ସାହନ ଦେଇ ରାଜ୍ୟ ସରକାର ୩୯.୯୮ ଲକ୍ଷ କୁଇଣ୍ଟାଲ ବିହନ ପାଇଁ ୨୦୧୪-୧୫ରୁ ୨୦୨୨-୨୩ ମଧ୍ୟରେ ୯୨୮.୭୩ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି।

ବିହନ ବୁଣା ପଦକ୍ଷେପ ବ୍ୟତୀତ ଗୁଣାତ୍ମକ ବିଜ ଯୋଗାଣକୁ ମଧ୍ୟ ସରକାର ସୁନିଶ୍ଚିତ କରିଛନ୍ତି, ଯହିଁରୁ ୪୬.୫୭ ଲକ୍ଷ ଚାଷୀ ଉପକୃତ ହେଲେଣି। ବିହନ ଶିଳ୍ପର ମୂଲ୍ୟ ୦.୯ ବିଲିୟନ ଡଲାରରୁ ୧.୩ ବିଲିୟନ ଡଲାରକୁ ବୃଦ୍ଧି ପାଇଛି। ବିହନ ଚାଷୀଙ୍କ ସଂଖ୍ୟା ୨୦୧୪-୧୫ରେ ୦.୨୪ ନିୟୁତ ଥିବାବେଳେ ୨୦୨୨-୨୩ରେ ୦.୩୫ ନିୟୁତକୁ ବଢ଼ିଛି।

ବିହନ ଉଦ୍ୟାନ ପ୍ରତିଷ୍ଠା କରି ବିହନ ସଂଗଠନଗୁଡ଼ିକୁ ମଧ୍ୟ ସରକାର ମଜଭୁତ କରିଛନ୍ତି। ଆର୍ଥିକ ସହଯୋଗ ଓ ବିକାଶ ସଂଗଠନ (ଓଇସିଡି)ର ବିହନ ଯୋଜନାଗୁଡ଼ିକୁ ଭାରତରେ ପ୍ରଥମ ଥର ପାଇଁ କାର୍ଯ୍ୟକାରୀ କରାଯାଇଛି। ରାଜ୍ୟ ସରକାର ବିହନ ରପ୍ତାନି ଏବଂ ଅତ୍ୟାଧୁନିକ ସୁବିଧା ଉପଲବ୍ଧ ଥିବା ବିହନ ପରୀକ୍ଷଣ ଲ୍ୟାବ୍ ପ୍ରତିଷ୍ଠା କରିଛନ୍ତି। ବିହନ ପ୍ରମାଣୀକରଣ ଉପରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଇଣ୍ଟରନ୍ୟାଶନାଲ ସିଡ୍ ଟେଷ୍ଟିଂ ଆସୋସିଏଶନ କଂଗ୍ରେସ (୨୦୧୯) ସମେତ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ସିଡ୍ କନ୍‌ଫରେନ୍ସର ଆୟୋଜନ କରାଯାଇଛି।

ତେଲଙ୍ଗାନା ସରକାରଙ୍କ ଇନ୍‌ଫର୍ମେଶନ ଏବଂ ପବ୍ଲିକ୍ ରିଲେଶନ ବିଭାଗର ସ୍ୱତନ୍ତ୍ର କମିଶନରଙ୍କ ଦ୍ୱାରା ଜାରି

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାଖରେ ପତର, ହାତରେ ଲୁଣ**
**ମିଛେ ବୋଲୁଥାଏ ତିନି ତିଉଣ।**

ଘରେ ପଛେ ଖାଇବାକୁ ମୁଠେ ଦାନା ନ ଥାଉ ବାହାରେ କିନ୍ତୁ ଚାତୁରି କାହିଁରେ କେତେ। ଅନେକ କ୍ଷେତ୍ରରେ କିଛି ନ ଥିବା ବ୍ୟକ୍ତି ସମାଜରେ ନିଜ ଫମ୍ପା ଆଭିଜାତ୍ୟ ଦେଖେଇ ହେବାରେ କାଣିଚାଏ ହେଳା କରୁ ନ ଥିବାର ଲକ୍ଷ୍ୟ କରାଯାଇଥାଏ। ଦୈନନ୍ଦିନ ଗୁଜୁରାଣ ମେଣ୍ଟେଇବାକୁ ଅସମର୍ଥ ହେଉଥିବା ବ୍ୟକ୍ତି ବାହାରେ ବୁଲି ନିଜର ପ୍ରୌଢ଼ି ପ୍ରକାଶ କରିବାରେ କୌଣସି ଯଥାର୍ଥତା ରହୁ ନ ଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**କେବେ ଦେଇଥିଲା ଧାନ ପାଏ ;**
**ଗୋଡେଇ ମାରୁଛି ଆଜି ଯାଏ ।**

ନିଜ ଅର୍ଜନରେ ଚଳିବାରେ ମନରେ ସନ୍ତୋଷ ଥାଏ। ଆତ୍ମ ନିର୍ଭରଶୀଳ ହେଲେ କେହି କହିବାକୁ ନ ଥିବେ। ପରନ୍ତୁ ଅଭାବରେ ପଡି ଅନ୍ୟଠୁ ସାହାଯ୍ୟ ମାଗିଲେ, ସମୟ ପଡ଼ିଲେ ଭଲ ମନ୍ଦ ଶୁଣିବାକୁ ପଡ଼ିଥାଏ। ଅଭାବରେ ପଡ଼ିଥିବା ବ୍ୟକ୍ତିଙ୍କୁ ଯତ୍‌କିଞ୍ଚିତ ସାହାଯ୍ୟ କରି ଉଘେଇବା ଅବିବେକୀ କାର୍ଯ୍ୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଗ୍ୟାଙ୍ଗଷ୍ଟର ପ୍ରଦୀପ ସାହୁଙ୍କୁ ଅପହରଣ ଅଭିଯୋଗ

କେନ୍ଦ୍ରାପଡ଼ା ଅଫିସ/ମାର୍ଶାଘାଇ,୧।୬ (ଡି.ଏନ.ଏ.)

ଦୀର୍ଘଦିନ ଧରି ଶାନ୍ତ ପଡ଼ିଥିବା କେନ୍ଦ୍ରାପଡ଼ା ଜିଲାରେ ପୁଣି ଥରେ ଅପରାଧୀଙ୍କ ବନ୍ଧୁକ ବାହାରିଛି। ଗ୍ୟାଙ୍ଗଷ୍ଟର ପ୍ରଦୀପ କୁମାର ସାହୁ ଓରଫ ବିଭୁଙ୍କୁ ବୁଧବାର ସନ୍ଧ୍ୟାରେ କେତେଜଣ ଦୁର୍ବୃତ୍ତ ନିଜ ଗ୍ରାମ ପାଖରୁ ବନ୍ଧୁକ ମୁଣ୍ଡରେ ରଖି ଉଠାଇ ନେଇଛନ୍ତି। ଏ ସମ୍ପର୍କରେ ବିଭୁଙ୍କ ସ୍ତ୍ରୀ ସନ୍ଧ୍ୟାରାଣୀ ମାର୍ଶାଘାଇ ଥାନାରେ ଲିଖିତ


ପ୍ରଦୀପ କୁମାର ସାହୁ

ଅଭିଯୋଗ କରିଛନ୍ତି। ସେହିପରି ଜିଲା ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଟିମ୍ ତଦନ୍ତ କରୁଥିବା ବେଳେ ସମସ୍ତ ଥାନା ଅଞ୍ଚଳକୁ ଆଲର୍ଟରେ ରଖାଯାଇଛି। ସନ୍ଧ୍ୟାରାଣୀଙ୍କ ଅଭିଯୋଗ ଅନୁଯାୟୀ, ବିଭୁ ମାର୍ଶାଘାଇ ଥାନା ଭଗବାନପୁରସ୍ଥ ନିଜ ଗ୍ରାମର ଏକ ନିର୍ମାଣାଧୀନ ପାଣି ଟାଙ୍କି ନିକଟରେ ବସିଥିଲେ। ରାତି ପ୍ରାୟ ୮ଟାରେ କେତେଜଣ ଦୁର୍ବୃତ୍ତ ୨ଟି ବୋଲେରୋ, ୮ଟି ବାଇକ୍, କଳାରଙ୍ଗର ମାରୁତି ଓମ୍ନି କାରରେ ମୁହଁରେ ଗାମୁଛା ବାନ୍ଧି ଆସି ବନ୍ଧୁକ ମୁଣ୍ଡରେ ରଖି ଅପହରଣ କରି ନେଇଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ତେବେ ଅନ୍ଧାର ଯୋଗୁ ସେମାନେ ଚିହ୍ନଟ ହୋଇ ପାରି ନ ଥିବା ଏଥିରେ ଉଲ୍ଲେଖ ଅଛି। ଥାନାରେ ନଂ. ୩୩୬/୨୩ରେ ମାମଲା ରୁଜୁ କରାଯାଇଛି। କେନ୍ଦ୍ରାପଡା ଅତିରିକ୍ତ ଏସ୍‌ପି ହରିଶ ପାଣ୍ଡେ, ଏସ୍‌ଡିପିଓ ଜୟନ୍ତ ମହାପାତ୍ର, ମାର୍ଶାଘାଇ ଥାନା ଅଧିକାରୀ ଜ୍ୟୋତି ରଞ୍ଜନ ସାମନ୍ତରାୟ, ପାଟକୁରା ଥାନା ଭାରପ୍ରାପ୍ତ ଅଧିକାରୀ ଓ କୁଦାନଗରୀ ଥାନା ଅଧିକାରୀ ବୁଧବାର ରାତି ତମାମ ବିଭିନ୍ନ ଜାଗାରେ ଚଢ଼ାଉ ଓ ସିସିଟିଭି ଫୁଟେଜ ଯାଞ୍ଚ କରିଛନ୍ତ। ୨ ଗୋଷ୍ଠୀ ମଧ୍ୟରେ ପତିଆରା ଜାହିର ପାଇଁ ଏହି ଘଟଣା ଘଟିଥିବା ଜଣାଯାଇଛି। ଏହି ଘଟଣାରେ ପୋଲିସ ସନ୍ଦେହରେ ୬ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଏ ସମ୍ପର୍କରେ ଏସ୍‌ଡିପିଓ ଜୟନ୍ତ କୁମାର ମହାପାତ୍ର କହିଛନ୍ତି, ଅଭିଯୋଗକୁ ଭିତ୍ତି କରି ଘଟଣାର ଅନୁଧ୍ୟାନ କରାଯାଉଛି। ତେବେ ଏହା ଗ୍ୟାଙ୍ଗ ୱାର ବୋଲି ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି। ପୂର୍ବରୁ ବିଭୁଙ୍କ ନାମରେ ମାର୍ଶାଘାଇ, ପାଟକୁରା, କେନ୍ଦ୍ରାପଡ଼ା ସଦର ଓ ପାରାଦୀପ ଲକ୍ ଥାନାରେ ଚୋରି, ଡକାୟତି, ଧମକ ଦେବା, ହତ୍ୟା ପରି ୨୩ଟି ମାମଲା ଥିବା ପୋଲିସ ସୂତ୍ରରୁ ପ୍ରକାଶ। ଏଥିସହ କେନ୍ଦ୍ରାପଡ଼ାର ବିଭିନ୍ନ ଆପରାଧିକ ଗୋଷ୍ଠୀ ସହ ମୁକାବିଲା ଘଟଣାରେ ବିଭୁଙ୍କୁ ଗିରଫ କରାଯାଇଥିଲା। ପରେ ସେ ଜାମିନରେ ଆସି ଘରେ ଥିଲେ। ଏପରିକି ୨୦୧୮ରେ ଜିଲା ପୋଲିସ ଗ୍ୟାଙ୍ଗଷ୍ଟର ବିଭୁଙ୍କୁ ଏନ୍‌କାଉଣ୍ଟର କରିଥିଲା। ପୋଲିସ ଗୁଳି ତାଙ୍କ ଆଣ୍ଠୁରେ ବାଜିଥିଲା। ଖବର ଲେଖା ହେବା ସୁଦ୍ଧା ବିଭୁଙ୍କ କୌଣସି ପତ୍ତା ମିଳିପାରିନାହିଁ ବୋଲି ପୋଲିସ ସୂତ୍ରରୁ ପ୍ରକାଶ।

# ପୁଞ୍ଜି ବିନିଯୋଗକୁ ଆକର୍ଷିତ କରିବାରେ ଓଡ଼ିଶା ଦ୍ୱିତୀୟ

ଭୁବନେଶ୍ୱର,୧।୬(ବ୍ୟୁରୋ)

ଓଡ଼ିଶା ଦେଶର ଦ୍ରୁତତମ ଅଭିବୃଦ୍ଧିଶୀଳ ରାଜ୍ୟମାନଙ୍କ ମଧ୍ୟରୁ ଅନ୍ୟତମ। ପୁଞ୍ଜି ବିନିଯୋଗକୁ ଆକର୍ଷିତ କରିବାରେ ଓଡ଼ିଶା ଦ୍ୱିତୀୟ ସ୍ଥାନରେ ରହିଛି। ଶିଳ୍ପନୀତି, ଭିତ୍ତିଭୂମି ବିକାଶ ଏବଂ କର୍ମକୁଶଳତାର ତିନୋଟି ବିନ୍ଦୁ ଉପରେ ଧ୍ୟାନ ରଖି ରାଜ୍ୟ ନିବେଶକମାନଙ୍କ ପାଇଁ ପସନ୍ଦଯୋଗ୍ୟ ସ୍ଥାନ କରିପାରିଛି ବୋଲି ଶିଳ୍ପମନ୍ତ୍ରୀ ପ୍ରତାପ କେଶରୀ ଦେବ କହିଛନ୍ତି।

**ଶିଳ୍ପ ବିଭାଗ ସମୀକ୍ଷା**

ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିଳ୍ପ ବିଭାଗର ସମୀକ୍ଷା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା ପରେ ଗୀତଗୋବିନ୍ଦ ସଦନଠାରେ ମନ୍ତ୍ରୀ ଖବରଦାତାଙ୍କୁ ସୂଚନା ଦେଇ କହିଛନ୍ତି, ଗତ ଦୁଇ ଦଶନ୍ଧି ମଧ୍ୟରେ ରାଜ୍ୟରେ ଶିଳ୍ପ ଓ ଶିଳ୍ପାୟନ କ୍ଷେତ୍ରରେ ବେଶ୍ ଅଗ୍ରଗତି ହୋଇପାରିଛି। ଟେକ୍ସଟାଇଲ, ଟେକ୍ନିକାଲ ଟେକ୍ସଟାଇଲ, ଖାଦ୍ୟ ପ୍ରକ୍ରିୟାକରଣ, ଆତିଥ୍ୟ ଇତ୍ୟାଦି ଅଧିକ ରୋଜଗାର ସୃଷ୍ଟି କରୁଥିବା କ୍ଷେତ୍ରଗୁଡ଼ିକରେ ସରକାର ଶିଳ୍ପ ଆଣିବା ପାଇଁ ପ୍ରତିଶ୍ରୁତିବଦ୍ଧ। ଆଞ୍ଚଳିକ ବୈଷମ୍ୟକୁ ପରାହତ କରିବାକୁ ଶିଳ୍ପ ବିକାଶରେ ମଧ୍ୟ ଆଞ୍ଚଳିକ ସମାନତା ଉପରେ ଗୁରୁତ୍ୱ ଦିଆଯାଉଛି। ଶିଳ୍ପ ବିକାଶରେ ଆଞ୍ଚଳିକ ସମାନତାକୁ ଦୃଷ୍ଟିରେ ରଖି ବିଜୁ ଏକ୍ସପ୍ରେସ୍ ୱେ ଏବଂ ବିଜୁ ଆର୍ଥିକ କରିଡରର ବିକାଶ ପାଇଁ ଅଧିକ ଗୁରୁତ୍ୱ ଦିଆଯାଉଛି।

ଶିଳ୍ପ ବିକାଶର ବିଭିନ୍ନ ସଫଳତା ତଥା ରାଜ୍ୟରେ ଶିଳ୍ପକ୍ଷେତ୍ରର ଅଭିବୃଦ୍ଧି ସମ୍ପର୍କରେ ବିଭାଗର ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା ତଥ୍ୟ ରଖିଥିଲେ। ସେ କହିଲେ, ୨୦୦୨-୦୩ରୁ ୨୦୨୧-୨୨ ମଧ୍ୟରେ ଶିଳ୍ପ କ୍ଷେତ୍ରରେ ଅଭିବୃଦ୍ଧି ହାର ୧୨.୯୮ ପ୍ରତିଶତ ହୋଇଛି। ମେଟାଲ୍, ମେଟାଲ୍ ଡାଉନ୍‌ଷ୍ଟ୍ରିମ୍ ଏବଂ ଆନୁଷଙ୍ଗିକ ଶିଳ୍ପ, କେମିକାଲ୍‌ସ ଏବଂ ପେଟ୍ରୋକେମିକାଲ୍‌ସ, ଟେକ୍ସଟାଇଲ ଆଣ୍ଡ ଟେକ୍‌ନିକାଲ ଟେକ୍ସଟାଇଲ୍, ଆଇଟି/ଆଇଟିଏସ୍, ଖାଦ୍ୟ ପ୍ରକ୍ରିୟାକରଣ, ଗ୍ରୀନ୍ ହାଇଡ୍ରୋଜେନ୍ ଏବଂ ଗ୍ରୀନ୍ ଆମୋନିଆ ଇତ୍ୟାଦି କ୍ଷେତ୍ରକୁ ସରକାରଙ୍କ ଗୁରୁତ୍ୱ ଯୋଗୁ ପ୍ରମୁଖ ଶିଳ୍ପନିବେଶମାନଙ୍କୁ ଓଡ଼ିଶା ଆକର୍ଷିତ କରିପାରୁଛି। ପୁଞ୍ଜି ବିନିଯୋଗରେ ଅଭିବୃଦ୍ଧି, ଶିଳ୍ପ ପାର୍କ, ସ୍ୱତନ୍ତ୍ର ଇକୋନୋମିକ୍ ଜୋନ୍ ଏବଂ ଉତ୍ସର୍ଗୀକୃତ ଶିଳ୍ପ କରିଡର ପରି ବିଶ୍ୱସ୍ତରୀୟ ଶିଳ୍ପ ଭିତ୍ତିଭୂମି ପ୍ରତିଷ୍ଠା ଦ୍ୱାରା ନିବେଶକମାନେ ଆକୃଷ୍ଟ ହୋଇପାରୁଛନ୍ତି। ଏହି ପଦକ୍ଷେପଗୁଡ଼ିକ କେବଳ ବୃହତ୍ ଶିଳ୍ପଗୁଡ଼ିକୁ ଆକୃଷ୍ଟ କରିନାହିଁ ବରଂ ଏମ୍‌ଏସ୍‌ଏମ୍‌ଇ ଅଭିବୃଦ୍ଧିକୁ ମଧ୍ୟ ପ୍ରୋତ୍ସାହିତ କରୁଛି ବୋଲି ସଚିବ କହିଛନ୍ତି। ଏହି ଅବସରରେ ସେ ବିଭିନ୍ନ ଶିଳ୍ପଭିତ୍ତିକ ପଲିସି ଓ ଶିଳ୍ପପାର୍କ ସମ୍ପର୍କରେ ଆଲୋକପାତ କରିଥିଲେ। ଶିଳ୍ପ ବଜେଟରେ ବୃଦ୍ଧି, ଶିଳ୍ପ ଯୋଗୁ ନିଯୁକ୍ତି ସୁଯୋଗ ଏବଂ ରାଜ୍ୟରେ ଶିଳ୍ପ ବିକାଶର ପ୍ରମୁଖ ଫଳାଫଳ ସମ୍ପର୍କରେ ସେ ଉପସ୍ଥାପନା ରଖିଥିଲେ। ଖବରଦାତା ସମ୍ମିଳନୀରେ ଇଡ୍‌କୋ ଏବଂ ଇପିକଲ୍‌ର ଅଧ୍ୟକ୍ଷ ଭୂପେନ୍ଦ୍ର ସିଂ ପୁନିଆ, ଶିଳ୍ପ ନିର୍ଦ୍ଦେଶକ ଏମ୍. ସାଦ୍ଦିକ୍ ଆଲାମ୍ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।




# ଚାନ୍ଦୋଳରେ ଜ୍ୟାକ୍ ଲଗାଇ ୨ ମହଲା କୋଠା ଉଠାଯାଉଛି

କେନ୍ଦ୍ରାପଡ଼ା ଅଫିସ/ଡେରାବିଶ,୧।୬ (ସ୍ୱ.ପ୍ର.)

ଘର ନ ଭାଙ୍ଗି ହାଉସ୍ ଲିଫ୍ଟିଙ୍ଗ୍ ଜ୍ଞାନ କୌଶଳ ସାହାଯ୍ୟରେ ଜ୍ୟାକ୍ ଲଗାଇ ୪ ଫୁଟ ଉଚ୍ଚକୁ ଘରକୁ ଉଠାଯାଉଛି। ସହରାଞ୍ଚଳରେ ଏପରି ଘଟଣା ଦେଖିବାକୁ ମିଳୁଥିବା ବେଳେ ପ୍ରଥମ ଥର ପାଇଁ କେନ୍ଦ୍ରାପଡ଼ା ଜିଲାରେ ଏହା ଦେଖିବାକୁ ମିଳିଛି। ଡେରାବିଶ ବ୍ଲକ ଅନ୍ତର୍ଗତ ଚାନ୍ଦୋଳ ବଜାରରେ ଏକ ୨ ମହଲା କୋଠା ମାସେ ହେଲା ଉଠାଯାଉଛି। ଉତ୍ତର ପ୍ରଦେଶର ଏକ ନିର୍ମାଣ ସଂସ୍ଥାର କର୍ମଚାରୀମାନେ ଏହି କାର୍ଯ୍ୟରେ ନିୟୋଜିତ ଅଛନ୍ତି।



**ହାଉସ୍ ଲିଫ୍ଟିଙ୍ଗ୍ ଜ୍ଞାନ କୌଶଳର ବ୍ୟବହାର**

କଟକ-ଚାନ୍ଦବାଲି ରାଜପଥର ଚାନ୍ଦୋଳ ବଜାରରେ ଥିବା ଚିତ୍ତରଞ୍ଜନ ପରିଡାଙ୍କ ୨ ମହଲା ବିଶିଷ୍ଟ କୋଠାଘର ରହିଛି। ଏହି ରାଜପଥ ନିର୍ମାଣ ହେବା ପରେ ରାସ୍ତାଠାରୁ ତଳେ ଘର ରହି ଯାଇଥିଲା। ଫଳରେ ଘର ଭିତରେ ବର୍ଷାଦିନେ ପାଣି ନିଷ୍କାସନ ହୋଇ ନ ପାରି ଜମି ରହୁଥିଲା। ଏଥିଯୋଗୁ ପରିବାର ଲୋକେ ଅସୁବିଧାରେ ସମ୍ମୁଖୀନ ହେଉଥିଲେ। ଘର ଭିତରେ ପାଣି ଜମି ରହୁଥିବାରୁ ଘର ପ୍ରତି ବିପଦ ଦେଖାଦେବା ସମ୍ଭାବନା ସୃଷ୍ଟି ହୋଇଥିଲା। ଏହି ସମସ୍ୟାକୁ ଦୂର କରିବାକୁ ପରିଡା ବିଭିନ୍ନ ଇଞ୍ଜିନିୟରଙ୍କ ସହାୟତା ନେଇଥିଲେ। ୨୦ ବର୍ଷ ତଳର ପୁରୁଣା ଘରକୁ ଭାଙ୍ଗି ନୂଆ କରି ତିଆରି କରିବା ସମ୍ଭବ ହୋଇ ପାରି ନ ଥାନ୍ତା। କାରଣ ଏଥିପାଇଁ ଅଧିକ ଅର୍ଥର ଆବଶ୍ୟକତା ପଡ଼ିଥାନ୍ତା। ଘର ନ ଭାଙ୍ଗି ଉପରକୁ ଉଠାଇବାକୁ ନେଇ ସେ ପ୍ରଥମେ ୟୁଟ୍ୟୁବ୍‌ରେ ଦେଖିଥିଲେ। ପରେ କୋଠା ଲିଫ୍ଟିଙ୍ଗ୍ କରୁଥିବା ଉତ୍ତର ପ୍ରଦେଶର ନିର୍ମାଣ ସଂସ୍ଥା ସହ ଯୋଗାଯୋଗ କରିଥିଲେ। ସଂସ୍ଥାର କର୍ମଚାରୀମାନେ ଏଠାକୁ ଆସି କୋଠାକୁ ତଦାରଖ କରିଥିଲେ। ଏହି ଇଞ୍ଜିନିୟରମାନଙ୍କ ସହାୟତାରେ ଜ୍ୟାକ୍ ସାହାଯ୍ୟରେ ମାଟି ପତନରୁ ୪ ଫୁଟ ଉପରକୁ ଏହି ୨ ମହଲା କୋଠାଟିକୁ ଉଠାଯାଇଛି। ଏଭଳି ଏକ ଘଟଣା ଅଞ୍ଚଳବାସୀଙ୍କୁ ଚକିତ କରିଛି। ଏ ସମ୍ପର୍କରେ ସଂସ୍ଥାର ମିସ୍ତ୍ରି କ୍ରିଷ୍ଣା ବର୍ମା କହିଛନ୍ତି, ୨୦ ମିସ୍ତ୍ରି ଓ କର୍ମଚାରୀ ଏହି କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଘର କାନ୍ଥର ୪ ପଟେ ୩୦୦ଟି ଜ୍ୟାକ୍ ବ୍ୟବହାର କରାଯାଇଛି। ତେବେ ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ହେବାକୁ ପାଖାପାଖି ୨ ମାସ ସମୟ ଲାଗିବ। ଏହି ପୁରୁଣା କୋଠାଟିର ଲିଫ୍ଟିଙ୍ଗ୍ ହେବା ଦ୍ୱାରା ଘରର କୌଣସି କ୍ଷତି ପହଞ୍ଚିବ ନାହିଁ ସେ କହିଛନ୍ତି। ସ୍ଥାନୀୟ ଅଞ୍ଚଳର ଦିଲୀପ କୁମାର ମହାନ୍ତି କୁହନ୍ତି, ରାଜପଥ ଉଚ୍ଚତା ବଢ଼ି ଯିବାରୁ ନିକଟସ୍ଥ ଘରେ ପାଣି ପଶିବା ସ୍ୱାଭାବିକ ହୋଇଛି। ଏହି ସମସ୍ୟାରୁ ମୁକୁଳିବା ପାଇଁ ଘର ଭାଙ୍ଗି ଆଉ ଥରେ ନିର୍ମାଣ କରିବା ଅଥବା ବିକଳ୍ପ ଭାବେ ହାଉସ ଲିଫ୍ଟିଙ୍ଗ୍ ଜ୍ଞାନକୌଶଳକୁ ବ୍ୟବହାର କରିବାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚିନ୍ତା କରାଯାଉଛି। ଚିତ୍ତରଞ୍ଜନଙ୍କ ଘର ସୁରୁଖୁରୁରେ ଉଠାଯାଇ ପାରିଲେ ଏଠାରେ ଅନ୍ୟ କେତେଗୋଟି ଘର ଉଠାଯିବ ଆଲୋଚନା ହେଉଛି। କାହିଁକିନା ଘର ଭାଙ୍ଗି ପୁଣି ଥରେ ନିର୍ମାଣ କଲେ ବହୁ ଅର୍ଥ ବ୍ୟୟ ହେବ। ଏପରିସ୍ଥଳେ ବୈଷୟିକ ଜ୍ଞାନକୌଶଳ ଅତି ଉତ୍ତମ। ୪ ଫୁଟ୍ ଘର ଉଠାଇବାକୁ ପ୍ରତି ବର୍ଗ ଫୁଟ୍‌କୁ ପ୍ରାୟ ୨୦୦ରୁ ୩୦୦ ଟଙ୍କା ଖର୍ଚ୍ଚ ପଡୁଛି।

# କମୁନାହିଁ ଦୁର୍ଘଟଣାଜନିତ ମୃତ୍ୟୁହାର

## ଗତବର୍ଷ ଜାନୁୟାରୀ, ଫେବୃୟାରୀ ତୁଳନାରେ ୨୪.୯୧% ବଢ଼ିଛି

- ସବୁ ଜିଲାପାଳ, ଏସ୍‌ପିଙ୍କୁ ଚିଠି ଲେଖିଲେ ବିଭାଗୀୟ ସଚିବ
- ୨୦ ସୁଦ୍ଧା ରିପୋର୍ଟ ଦେଲେ ପାଣ୍ଠି ଦେବାକୁ କହିଲେ ସଚିବ

ଭୁବନେଶ୍ୱର, ୧।୬(ବ୍ୟୁରୋ)

ରାଜ୍ୟ ସରକାରଙ୍କ ସିଆଇଡି ଏବଂ କ୍ରାଇମବ୍ରାଞ୍ଚର ରିପୋର୍ଟଅନୁଯାୟୀ ଓଡ଼ିଶାରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁହାର ବଢ଼ିଚାଲିଥିବା ବେଳେ କମିବାର ନାଁ ଧରୁନାହିଁ। ୨୦୨୨ ବର୍ଷରେ ରାଜ୍ୟରେ ୫୪୬୭ ଜଣଙ୍କର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଏହା ୨୦୨୧ ତୁଳନାରେ ୭.୬ ପ୍ରତିଶତ ଅଧିକ ଥିଲା। ବଡ଼ କଥା ହେଉଛି ୨୦୨୩ ଜାନୁୟାରୀ ଏବଂ ଫେବୃୟାରୀ ମାସର ସ୍ଥିତି ଦେଖିଲେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁହାରର ସ୍ଥିତି ଆହୁରି ଜଟିଳ ଅବସ୍ଥାରେ ପହଞ୍ଚିଛି। ଏହାକୁ ୨୦୨୨ ଜାନୁୟାରୀ ଏବଂ ଫେବୃୟାରୀ ମାସ ସହ ତୁଳନା କଲେ ଦୁର୍ଘଟଣାଜନିତ ମୃତ୍ୟୁହାର ୨୪.୯୧ ପ୍ରତିଶତ ବୃଦ୍ଧି ବୋଲି ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ସଡ଼କ ପରିବହନ ବିଭାଗର ତଥ୍ୟରୁ ଜଣାପଡିଛି। ଏ ସମ୍ପର୍କରେ ବିଭାଗୀୟ ସଚିବ ଉଷା ପାଢ଼ୀ ଚିଠି କରି ରାଜ୍ୟର ସବୁ ଜିଲାପାଳ ଏବଂ ଏସ୍‌ପିମାନଙ୍କୁ ଗୁରୁବାର ଅବଗତ ମଧ୍ୟ କରାଇଛନ୍ତି।

ପାଢ଼ୀ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, ଗତ ବର୍ଷ ଜାନୁୟାରୀ ଏବଂ ଫେବୃୟାରୀ ତୁଳନାରେ ଏଥର ଯେଉଁ ୨୪.୯୧%ର ମୃତ୍ୟୁହାର ବଢ଼ିଛି ଏଥିପ୍ରତି ଧ୍ୟାନ ଦେବାର ଆବଶ୍ୟକତା ଅଛି। ବଢ଼ିଥିବା ମୃତ୍ୟୁହାରର ୫୦% କେବଳ ଦେବଗଡ଼, ଗଜପତି, ଜଗତ୍‌ସିଂହପୁର, ଯାଜପୁର, ଝାରସୁଗୁଡା, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, ମାଲକାନଗିରି ଏବଂ ନୂଆପଡ଼ା ଜିଲାରେ ଘଟିଛି। ସବୁ ଜିଲା ଯଦି ସମୟ ଅନୁଯାୟୀ ଜିଲାର ଶିକ୍ଷା, ଇଞ୍ଜିନିୟରିଂ, ଏନ୍‌ଫୋର୍ସମେଣ୍ଟ ଏବଂ ଜରୁରିକାଳୀନ ସେବା ସମ୍ପର୍କରେ ଅବଗତ କରାଇବା ସହ ଦୁର୍ଘଟଣା କମାଇବା ଲାଗି ଯଦି ପଦକ୍ଷେପ ନେବେ ଭଲ ହେବ। ସଡକ ସୁରକ୍ଷା କମିଟିକୁ ସଡକ ସୁରକ୍ଷା ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମ ଲାଗି ପାଣ୍ଠି ଯୋଗାଇବା ପାଇଁ ମଧ୍ୟ ସ୍ଥିର କରାଯାଇଛି। ଜିଲାରେ ଯାଇଥିବା ଏସ୍‌ଏଚ୍, ଏନ୍‌ଏଚ୍ ଏବଂ ସହରାଞ୍ଚଳ ରାସ୍ତାରେ ସଡକ ସୁରକ୍ଷା ଲାଗି ବିଭିନ୍ନ ସ୍ଥାନରେ କ୍ୟାମେରା ଲଗାଇବା, ସଡକ ସୁରକ୍ଷା ସମ୍ପର୍କିତ କାର୍ଯ୍ୟକ୍ରମ କରିବା, ରିଫ୍ଲେକ୍ଟିଭ୍ ଟେପ୍ ଲଗାଇବା ପାଇଁ ପାଣ୍ଠି ଯୋଗାଇ ଦିଆଯିବ। ୨୦ ଜୁନ୍ ସୁଦ୍ଧା ଜିଲାରେ ସଡ଼କ ସୁରକ୍ଷା ଲାଗି କେଉଁ କାର୍ଯ୍ୟକ୍ରମ ପାଇଁ କେତେ ପାଣ୍ଠି ଆବଶ୍ୟକ ତା'ର ରିପୋର୍ଟ ପ୍ରଦାନ କଲେ ତୁରନ୍ତ ପ୍ରଦାନ କରାଯିବ ବୋଲି ପାଢୀ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି।

ଏହାସହ ଗତ ଜାନୁୟାରୀ ଓ ଫେବୃୟାରୀରେ ଘଟିଥିବା ଦୁର୍ଘଟଣା ଏବଂ ଏଥିଜନିତ ମୃତ୍ୟୁ ସହ ଚଳିତ ବର୍ଷ ସେହି ସମୟ ସହ ତୁଳନାତ୍ମକ ଚିତ୍ର ରଖିଛନ୍ତି। ୨୦୨୨ ଜାନୁୟାରୀ ଏବଂ ଫେବୃୟାରୀରେ ମୋଟ୍ ୧୮୦୪ଟି ଦୁର୍ଘଟଣା ଘଟିଥିବାବେଳେ ମୋଟ୍ ୮୫୯ ଜଣଙ୍କ ମୃତ୍ୟୁ ଘଟିଥିଲା। ସେଥିରେ ମୋଟ୍ ୧୬୫୭ ଜଣ ଆହତ ହୋଇଥିଲେ। ୨୦୨୩ରେ ମୋଟ୍ ୨୩୧୨ଟି ଦୁର୍ଘଟଣା ଘଟିଥିବା ବେଳେ ସେଥିରେ ୧୦୭୩ ଜଣ ମୃତ୍ୟୁବରଣ କରିଛନ୍ତି ଏବଂ ୨୨୧୬ ଜଣ ଆହତ ହୋଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ଏହି ୨ ବର୍ଷ ମଧ୍ୟରେ ତୁଳନା କଲେ ଗତ ବର୍ଷ ତୁଳନାରେ ଏଥର ୨୪.୯୧% ଅଧିକ ଲୋକ ଦୁର୍ଘଟଣାରେ ମୃତ୍ୟୁବରଣ କରିଛନ୍ତି।

# ଓଡ଼ିଶାର ଏମ୍‌ଏସ୍‌ଏମ୍‌ଇ ଷ୍ଟାର୍ଟଅପ୍ ର୍ୟାଙ୍କିଙ୍ଗ୍‌ରେ ଟପ୍ ପରଫର୍ମର

ଭୁବନେଶ୍ୱର,୧।୬(ବ୍ୟୁରୋ)

**ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ସମୀକ୍ଷା**

ଓଡ଼ିଶାରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ)ରେ ନୂତନ ଶିଳ୍ପ ପ୍ରୋତ୍ସାହନ ନୀତିର ଶୁଭାରମ୍ଭ ସ୍ୱରୂପ ଓଡ଼ିଶା ଅଣୁ, କ୍ଷୁଦ୍ର ଓ ମଧ୍ୟମ ବିକାଶ ନୀତି-୨୦୨୨, ଓଡ଼ିଶା ଖାଦ୍ୟ ପ୍ରକ୍ରିୟାକରଣ ନୀତି-୨୦୨୨, ଓଡ଼ିଶା ରପ୍ତାନି ନୀତି -୨୦୨୨ କାର୍ଯ୍ୟକାରୀ ହେଉଛି। ଏହି ନୂତନ ଶିଳ୍ପନୀତି ଅନୁଯାୟୀ ୨୦୧୭-୧୮ ଆର୍ଥିକ ବର୍ଷରୁ ୨୮୦ କୋଟି ଆର୍ଥିକ ପ୍ରୋତ୍ସାହନ ସହ ୨୫୦୭ ଏମ୍‌ଏସ୍‌ଏମ୍‌ଇ ୟୁନିଟ୍‌କୁ ବଣ୍ଟନ କରାଯାଇଛି। ଗତ ବର୍ଷ (୨୦୨୨-୨୩ ଆର୍ଥିକ ବର୍ଷ)ରେ ପ୍ରାୟ ୫୦ କୋଟି ଟଙ୍କା ବିଭିନ୍ନ ନୀତି ଅନୁଯାୟୀ ଏମ୍‌ଏସ୍‌ଏମ୍‌ଇଗୁଡ଼ିକୁ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର ସମୀକ୍ଷା ପରେ ବିଭାଗୀୟ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଗୁରୁବାର ଗୀତଗୋବିନ୍ଦ ସଦନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ୨୦୦୧-୦୨ ଆର୍ଥିକ ବର୍ଷରେ ୫୬୨.୭୦ କୋଟିରୁ ୨୦୨୧-୨୨ ଆର୍ଥିକ ବର୍ଷରେ ୧,୩୨,୪୦୫ କୋଟି ପର୍ଯ୍ୟନ୍ତ ରପ୍ତାନି ବୃଦ୍ଧି ହୋଇଛି। ଏମ୍‌ଏସ୍‌ଏମ୍‌ଇର ସଫଳତା ପାଇଁ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡିକୁ ଉଲ୍ଲେଖନୀୟ ଋଣ ପ୍ରଦାନ କରାଯାଉଛି। ୧୯୯୯-୨୦୦୦ ଆର୍ଥିକ ବର୍ଷରେ ଋଣ ପରିମାଣ ୧୭୦.୩୮ କୋଟିରୁ ୨୦୨୨-୨୩ ଆର୍ଥିକ ବର୍ଷରେ ୬୨୨୨୮.୮୧ କୋଟିକୁ ବୃଦ୍ଧି ପାଇଛି ବୋଲି ମନ୍ତ୍ରୀ କହିଛନ୍ତି। ଏମ୍‌ଏସ୍‌ଏମ୍‌ଇ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଏମ୍‌ଏସ୍‌ଏମ୍‌ଇ ପାର୍କ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ ମୁଖ୍ୟତଃ ରାଜ୍ୟ ପାଣ୍ଠିରୁ ପ୍ରତ୍ୟେକ ଜିଲାରେ ଏମ୍‌ଏସ୍‌ଏମ୍‌ଇ ପାର୍କଗୁଡ଼ିକ ବିକଶିତ କରାଯାଇଛି। ଯୁବକମାନଙ୍କ ମଧ୍ୟରେ ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା ପାଇଁ ୨୦୧୮-୧୯ରୁ ୨୦୨୨-୨୩ ମଧ୍ୟରେ ଡିଆଇସି ମାଧ୍ୟମରେ ୧୬୦୦ ଉଦ୍ୟୋଗୀ ବିକାଶ କାର୍ଯ୍ୟକ୍ରମ କରାଯାଇଥିଲା। ୧୬୦୦ଟି ଉଦ୍ୟୋଗୀ ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ଓଡ଼ିଶା ଷ୍ଟାର୍ଟଅପ୍ ନୀତି-୨୦୧୬ ଅଧୀନରେ ଓଡ଼ିଶା ସ୍ୱୀକୃତିପ୍ରାପ୍ତ ୪୯୫୯୬ ଷ୍ଟାର୍ଟଅପ୍ ଏବଂ ଇନ୍‌କ୍ୟୁବେଟରମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦିଆଯାଇଛି। ଏ ପର୍ଯ୍ୟନ୍ତ ୨୨୪ ଷ୍ଟାର୍ଟଅପ୍‌କୁ ମାସିକ ଭତ୍ତା ଅନୁଦାନ, ୮୬ ଷ୍ଟାର୍ଟଅପ୍ ପାଇଁ ଉତ୍ପାଦ ବିକାଶ ଓ ମାର୍କେଟିଂ ସହାୟତା ଅନୁଦାନ, ୧୭ ଷ୍ଟାର୍ଟଅପ୍ ପାଇଁ ଆବଶ୍ୟକତାଭିତ୍ତିକ ସହାୟତା ଏବଂ ୮୬ ଷ୍ଟାର୍ଟଅପ୍ ପାଇଁ ସବ୍‌ସିଡିଯୁକ୍ତ ଇନ୍‌କ୍ୟୁବେଶନ୍ ପ୍ରଦାନ କରାଯାଉଛି। ମୋଟ ଉପରେ ଗତ ୨ ବର୍ଷ ମଧ୍ୟରେ ଷ୍ଟାର୍ଟଅପ୍ ଏବଂ ଇନ୍‌କ୍ୟୁବେଟରକୁ ୧୮.୬୩ କୋଟି ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। ଓଡ଼ିଶାର ଏମ୍‌ଏସ୍‌ଏମ୍‌ଇ ଷ୍ଟାର୍ଟଅପ୍ ର୍ୟାଙ୍କିଙ୍ଗ୍‌ରେ ଟପ୍ ପରଫର୍ମର ମାନ୍ୟତା ପାଇଛି। ଏହା ସହ ଜାତୀୟଏମ୍‌ଏସ୍‌ଏମ୍‌ଇ ସମ୍ମାନରେ ସମ୍ମାନିତ ହୋଇଛି ବୋଲି ସଚିବ ସୂଚନା ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ବିଭାଗୀୟ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଆଜି ପରିସ୍ଥିତିବିଶତଃ କଠୋର ବାକ୍ୟାଳାପରୁ ଦୂରେଇ ରହିବା ଭଲ। ଅନନ୍ୟୋପାୟ ହୋଇ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲାରେ ସମର୍ଥ ହେବେ । ପରଶ୍ରୀକାତର ବନ୍ଧୁଙ୍କ ପରୋକ୍ଷ ଶତ୍ରୁତା ପ୍ରତିପଦକ୍ଷେପରେ ବାଧା ସୃଷ୍ଟି କରିପାରେ। ନୂତନ ଗୃହୋପକରଣ କ୍ରୟ କରିପାରନ୍ତି।

**ବୃଷ** - ସାଧାରଣ ବ୍ୟତିକ୍ରମକୁ ବାଦ୍ ଦେଲେ ଦିନଟି ମନ୍ଦ ହେବନି। ପଡ଼ୋଶୀ, ଆତ୍ମୀୟସ୍ୱଜନଙ୍କ ଦ୍ୱାରା ସାହାଯ୍ୟ, ସହଯୋଗଲାଭର ସୂଚନା ରହିଛି। କୌଣସି ଧର୍ମକାର୍ଯ୍ୟ, ଆନୁଷ୍ଠାନିକ କାମ, କଳା, କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରସ୍ଥ ସମସ୍ୟାର ସରଳ ସମାଧାନ ହୋଇଯିବ। ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ ସବୁ ଠିକ୍ ହୋଇଯିବ।

**ମିଥୁନ** - ଉପରିସ୍ଥଙ୍କ ଅନୁକମ୍ପାରୁ କର୍ମକ୍ଷେତ୍ରରେ ସାହାଯ୍ୟ ସହଯୋଗ ପାଇବେ। ଶିଳ୍ପ, ବ୍ୟବସାୟ, ବାଣିଜ୍ୟ କ୍ଷେତ୍ରରେ ଉନ୍ନତ ଫଳ ପ୍ରାପ୍ତି ହୋଇପାରେ। ଯେ କୌଣସି କ୍ଷେତ୍ରରେ ହେଉନା କାହିଁକି, ଆଜି ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। କୌଣସି ଜିନିଷଟି ପାଇଁ ସହକର୍ମୀଙ୍କ ମଧ୍ୟରେ ତର୍କ ଓ ବିବାଦ ବଢ଼ିପାରେ।

**କର୍କଟ** - ଗ୍ରହଙ୍କ ଅନୁକୂଳ ପ୍ରଭାବରୁ ଦୀର୍ଘଦିନର ଆଶା ଫଳବତୀ ହେବା ସୂଚନା ପାଇ ମନ ପ୍ରଫୁଲ୍ଲ ହୋଇଯିବ। ଆକସ୍ମିକ ଭାବରେ ଶତ୍ରୁମାନେ ମିତ୍ରଭାବ ପୋଷଣ କରିବାର ଅନୁଭବ କରିବେ। ଶିଳ୍ପ, ବାଣିଜ୍ୟ, ପରିବହନ କ୍ଷେତ୍ରରେ ପ୍ରତିବନ୍ଧକ ଦୂର ହେବ। ଆତ୍ମୀୟଙ୍କ ଅନାଦରଭାବ, ଅସ୍ଥିରତାଯୁକ୍ତ ନିଷ୍ପତ୍ତି, ଉଦ୍‌ଯୋଗର ପ୍ରତିରୋଧ ମନକୁ ହଲଚଲ କରିପାରେ।

**ସିଂହ** - ପରିବାରରେ ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ଉପୁଜିପାରେ। ପ୍ରତ୍ୟେକ କ୍ଷେତ୍ରରେ ଚେଷ୍ଟା ଅବ୍ୟାହତ ରଖିଲେ ମଧ୍ୟ ପ୍ରତିବନ୍ଧକ ପିଛା ଛାଡିବ ନାହିଁ। କର୍ମକ୍ଷେତ୍ରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ଉପର ମନରେ ମିତ୍ରଭାବ ଦେଖାଉଥିବା ବନ୍ଧୁମାନେ ପଛରେ ସରଳତାର ସୁଯୋଗ ଲାଭ ମାନସରେ ରହିବେ।

**କନ୍ୟା** - କର୍ମକ୍ଷେତ୍ରରେ ସହମତିରେ କାମ କଲେ ମଧ୍ୟ ବିବାଦୀୟ ସ୍ଥିତି, ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ବିଜୟ ଲାଭ ନିଶ୍ଚିତ। ଦୀର୍ଘଦିନରୁ ଲାଗିରହିଥିବା ମାଲିମକଦ୍ଦମାର ଫଇସଲା ସମ୍ଭାବନା ରହିଛି। ସାମାଜିକ ସ୍ତରରେ ମିଥ୍ୟା ଅଭିଯୋଗ ସକାଶେ ବିରକ୍ତ ହେବେ। ସାଧାରଣ କଥାରେ ପଡ଼ୋଶୀଙ୍କ ସହ ମନାନ୍ତର ଦେଖା ଦେଇପାରେ।

**ତୁଳା** - କର୍ମକ୍ଷେତ୍ରରେ ସମାଲୋଚିତ ହେଲେ ମଧ୍ୟ ସତ କହିବାକୁ କଦାପି ପଛେଇ ରହି ପାରିବେ ନାହିଁ। ଆକସ୍ମିକଭାବରେ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ନିର୍ମାଣ କାର୍ଯ୍ୟରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ବ୍ୟୟ ବୃଦ୍ଧି କିମ୍ବା ପରିବହନରେ ସମସ୍ୟା ଯୋଗୁ ବ୍ୟସ୍ତ ହେବେ।

**ବିଛା** - କର୍ମକ୍ଷେତ୍ରରେ ଅନ୍ୟମନସ୍କତା କାରଣରୁ କେତେକ ଭୁଲ କରିପାରନ୍ତି। ସାହିତ୍ୟ, ସାମ୍ବାଦିକତା, ପ୍ରଶାସନ, ବ୍ୟବସାୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। କଳା, ସାହିତ୍ୟ, ନୃତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। ପ୍ରେସ୍, ପବ୍ଲିକେଶନ, ପ୍ଲଟିଂ କାରବାର, ଚୁକ୍ତିପତ୍ର କ୍ଷେତ୍ରରେ ସଫଳତା ମିଳିବ।

**ଧନୁ** - କୌଣସି ଅସୁବିଧା ନ ଥିଲେ ମଧ୍ୟ ଅତୀତ ଘଟଣାକୁ ନେଇ ନିରୁତ୍ସାହିତ ରହିବେ। ସ୍ୱାସ୍ଥ୍ୟ ସମସ୍ୟା, ପାରିବାରିକ ମତାନ୍ତର, ସମ୍ପର୍କୀୟଙ୍କ ଅନାସ୍ଥାଭାବ ମନରେ ଭାବାନ୍ତର ସୃଷ୍ଟି କରିବ। କର୍ମକ୍ଷେତ୍ରରେ କିମ୍ବା ପ୍ରଶାସନିକ ସ୍ତରରେ ଅପରାହ୍ନରେ ସମସ୍ୟାର ସମାଧାନ ହୋଇଯିବ। ପାରିବାରିକ ସ୍ତରରେ ଅର୍ଥାଭାବ ଯୋଗୁ ବିଚଳିତ ହୋଇପାରନ୍ତି।

**ମକର** - ସମସ୍ୟା ଲାଗିରହିଲେ ମଧ୍ୟ ପରିବାରର ସମର୍ଥନ କ୍ରମେ ଯେ କୌଣସି କାର୍ଯ୍ୟ କରିବାରେ ସମର୍ଥ ହେବେ। ପରୋକ୍ଷ ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ଭୁଲ୍ ଅଶାନ୍ତିକର ପରିବେଶ ସୃଷ୍ଟି ହେବ। ବନ୍ଧୁଙ୍କ ସହ ଆକସ୍ମିକ ଭ୍ରମଣ ସୁଯୋଗ ଲାଭକରିବେ। ବ୍ୟବସାୟିକ ସ୍ଥିତି ସୁଦୃଢ଼ ରହିବା ହେତୁ ସାମାନ୍ୟ ଖୁସିର ଝଲକ ପରିଲକ୍ଷିତ ହେବ।

**କୁମ୍ଭ** - କାର୍ଯ୍ୟଦକ୍ଷତା ହେତୁ ଲୋକପ୍ରିୟତା ରହିଥିବାରୁ କଠିନତର କାମକୁ ମଧ୍ୟ ସହଜରେ କରିପାରିବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ କାର୍ଯ୍ୟହାସଲପୂର୍ବକ ଉପକୃତ ହେବେ। ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ବନ୍ଧୁ ପରିଜନଙ୍କ ସହିତ ଦେବ ଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବ।

**ମୀନ** - କର୍ମକ୍ଷେତ୍ରରେ ହାତପାହାନ୍ତାରେ ସୁଯୋଗ ପାଇ କାମ ହାସଲ କରିପାରିବେ। ରାଜନୈତିକ ସ୍ତରରେ ହଠାତ୍ ବିରାଧୀ ପକ୍ଷ ସକ୍ରିୟ ହୋଇପାରନ୍ତି। ପଡ଼ୋଶୀଙ୍କଠାରୁ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ପରିବାରର ଆବଶ୍ୟକତାନୁଯାୟୀ ମୂଲ୍ୟବାନ ଦ୍ରବ୍ୟ କ୍ରୟ କରିବେ।

ଆଜି ଜ୍ୟେଷ୍ଠ ଶୁକ୍ଳ ତ୍ରୟୋଦଶୀ ଯୁକ୍ତ ଚତୁର୍ଦ୍ଦଶୀ ଶୁକ୍ରବାର, ଶ୍ରୀମନ୍ଦିରରେ ବିଶ୍ୱାବସୁ ବଂଶୀୟ ଦଇତାପତିମାନଙ୍କର ସେବା ପ୍ରବେଶ, ଜୁନ୍-୨ ତାରିଖ, ରାଶି ନକ୍ଷତ୍ର-ବିଶାଖା/ତୁଳା, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ଚତୁର୍ଦ୍ଦଶୀର ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୦୩ ଗତେ ଘ.୦୬।୫୫ ମଧ୍ୟେ, ଘ.୧୨।୧୦ ଗତେ ଘ.୦୨।୪୮ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୦୬ ଗତେ ଘ.୧୧।୪୪ ମଧ୍ୟେ ରାହୁକାଳ।

ପୃଷ୍ଠା–୧୨+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଜୁନ୍ ୨/୨୦୨୩ | Bhubaneswar, Friday, June 2/2023 | ପୃଷ୍ଠା-୧



**ମୁଁ ଭାଜପାରେ ଅଛି, କିନ୍ତୁ ଭାଜପା ମୋର ହୋଇପାରିବ ନାହିଁ**

ନୂଆଦିଲ୍ଲୀଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଭାଜପା ନେତ୍ରୀ ପଙ୍କଜା ମୁଣ୍ଡେ କହିଛନ୍ତି, ମୁଁ ଭାଜପାରେ ଅଛି କିନ୍ତୁ ଭାଜପା ମୋର ହୋଇପାରିବ ନାହିଁ।

୦୬

୦୪

**ଲୋକ ସଭା ସଦସ୍ୟତା ରଦ୍ଦ ବିପୁଳ ସୁଯୋଗ ଦେଇଛି**

ଲୋକ ସଭା ସଦସ୍ୟ ପଦ ରଦ୍ଦ ହେବା ଦ୍ୱାରା ଲୋକମାନଙ୍କ ସେବା କରିବାର ବିପୁଳ ସୁଯୋଗ ପାଇଥିବା କହିଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ।





ଗଞ୍ଜାମ ଜିଲା ଭଞ୍ଜନଗର ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ଆନ୍ଦୋଳନ ଚଳାଇଥିବା ଅମଲାମାନେ।

# ସମୂହ ଛୁଟିରେ ଅମଲା

## ଜିଲା ସରକାରୀ ଦପ୍ତର ଖାଲି

### ଗ୍ରେଡ୍ ପେ’ ବଢ଼ାଇବାକୁ ଦାବି

**ଭୁବନେଶ୍ୱର,୧।୬(ବ୍ୟୁରୋ)**

ରାଜ୍ୟର ୩୦ ଜିଲାର ସରକାରୀ କାର୍ଯ୍ୟାଳୟ ଶୂନ୍‌ଶାନ ହୋଇଯାଇଛି। ଗୁରୁବାରଠାରୁ ଜିଲାସ୍ତରର କ୍ୟାଡର ଅଣଗେଜେଟେଡ କର୍ମଚାରୀମାନେ ଗ୍ରେଡ୍ ପେ’ ବୃଦ୍ଧି ଦାବି ନେଇ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଫଳରେ ଜିଲାସ୍ତରରେ ପ୍ରଶାସନିକ ସେବା ଏକପ୍ରକାର ଅଚଳ ହୋଇପଡ଼ିଛି। ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ କର୍ମଚାରୀ ୩୦ଟି ଜିଲାର ବ୍ଲକ, ତହସିଲ, ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। କର୍ମଚାରୀମାନେ ସେମାନଙ୍କ ଗ୍ରେଡ୍ ପେ’ ୧୯୦୦ରୁ ୪୨୦୦ କରିବାକୁ ଦାବି କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଓଡ଼ିଶା ମିନିଷ୍ଟେରିଆଲ ଅଫିସର ଆସୋସିଏଶନ (ଓଏମ୍‌ଓଏ)ର ଦାବି ଅନୁଯାୟୀ ଓଡ଼ିଶା ରିଭାଇଜ୍‌ଡ ସ୍କେଲ୍ ଅଫ୍ ପେ’ ରୁଲ୍‌ସ–୨୦୧୭ର ଲେଭଲ–୧୭ ଆଧାରରେ ଜିଲାସ୍ତର ☞ ପୃଷ୍ଠା–୫

# ଆର୍ଯ୍ୟପଲ୍ଲୀ ସମୁଦ୍ରରେ ବୁଡ଼ି ୨ ଛାତ୍ରୀ ମୃତ

## ୮ ଘଣ୍ଟା ସର୍ଚ୍ଚ ଅପରେଶନ: ୪ ଉଦ୍ଧାର

### ଓଡ୍ରାଫ ଓ କୋଷ୍ଟଗାର୍ଡ ଏୟାରକ୍ରାଫ୍ଟ ନିୟୋଜିତ

**ଛତ୍ରପୁର,୧।୬(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଛତ୍ରପୁର ବ୍ଲକ ଆର୍ଯ୍ୟପଲ୍ଲୀଠାରେ ଗୁରୁବାର ଏକ ଦୁଃଖଦ ଘଟଣା ଘଟିଛି। ବଡ଼ ଆର୍ଯ୍ୟପଲ୍ଲୀ ତଥା ମେରାଇନ୍ ଥାନା ନିକଟ ସମୁଦ୍ରରେ ଗାଧୋଉଥିବା ବେଳେ ବୁଡ଼ି ଯାଇ ୨ଜଣ ଛାତ୍ରୀଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୪ଜଣଙ୍କୁ ଉଦ୍ଧାର କରାଯାଇଛି। ମୃତ ଛାତ୍ରୀଦ୍ୱୟ ହେଲେ କନିଷିର ପ୍ରେମାନନ୍ଦ ପଣ୍ଡିତଙ୍କ ଝିଅ ତଥା ଖଲ୍ଲିକୋଟ କଲେଜର ଯୁକ୍ତ ୩ ବିଜ୍ଞାନ ଶେଷ ବର୍ଷର ଛାତ୍ରୀ ସ୍ୱପ୍ନାରାଣୀ ପଣ୍ଡିତ ଓ ଶେରଗଡ଼ ଅଞ୍ଚଳର ପବିତ୍ର ମୋହନ ତ୍ରିପାଠୀଙ୍କ ଝିଅ ତଥା ଯୁକ୍ତ ୨ କଳା ଦ୍ୱିତୀୟ ଶ୍ରେଣୀର ଛାତ୍ରୀ ପ୍ରଜ୍ଞାରାଣୀ ତ୍ରିପାଠୀ। ସ୍ୱପ୍ନାଙ୍କ ମୃତଦେହ ସ୍ଥାନୀୟ ଲୋକ ଉଦ୍ଧାର କରିଥିଲା ☞ ପୃଷ୍ଠା–୫



ସ୍ୱପ୍ନାରାଣୀ ପଣ୍ଡିତ



ପ୍ରଜ୍ଞାରାଣୀ ତ୍ରିପାଠୀ

# ଆଜି ଓଜେଇଇ ଫଳ

**ଭୁବନେଶ୍ୱର,୧।୬(ବ୍ୟୁରୋ)**

ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ) ଫଳ ଶୁକ୍ରବାର ପ୍ରକାଶ ପାଇବ। ପୂର୍ବାହ୍ନ ୧୧ଟାରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ପରୀକ୍ଷା ଫଳ ପୁସ୍ତିକା ଉନ୍ମୋଚନ କରିବେ। ଏହାପରେ ଛାତ୍ରୀଛାତ୍ର www.ojee.nic.in ୱେବ୍‌ସାଇଟ୍‌ରୁ ନିଜ ରେଜଲ୍ଟ ଜାଣିପାରିବେ। ରାଜ୍ୟରେ ଥିବା ସରକାରୀ ଓ ଘରୋଇ ବୈଷୟିକ ଶିକ୍ଷାନୁଷ୍ଠାନର ଏମ୍‌ବିଏ, ଏମ୍‌ସିଏ, ଏମ୍‌ଏସ୍‌ସି, ଏମ୍‌ଟେକ୍, ଏମ୍.ପ୍ଲାନ୍, ଲାଟେରାଲ ଏଣ୍ଟ୍ରି ବିଏମ୍‌ବିଏ, ଲାଟେରାଲ ଏଣ୍ଟ୍ରି ☞ ପୃଷ୍ଠା–୫

# ମୃତ୍ୟୁଞ୍ଜୟ ମହାପାତ୍ର ଡବ୍ଲ୍ୟୁଏମ୍ଓ ଉପାଧ୍ୟକ୍ଷ ନିର୍ବାଚିତ

**ନୂଆଦିଲ୍ଲୀ, ୧।୬(ପି.ଟି.)**



ମୃତ୍ୟୁଞ୍ଜୟ ମହାପାତ୍ର

ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି)ର ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର ବିଶ୍ୱ ପାଣିପାଗ ସଂଗଠନ (ଡବ୍ଲ୍ୟୁଏମ୍‌ଓ)ର ତୃତୀୟ ଉପାଧ୍ୟକ୍ଷ ଭାବେ ଗୁରୁବାର ନିର୍ବାଚିତ ହୋଇଛନ୍ତି। ଜାତିସଂଘର ଏହି ସଂସ୍ଥା ଜଳବାୟୁ ପରିବର୍ତ୍ତନ ଉପରେ ନଜର ରଖିବା ସହ ଆଗୁଆ ସତର୍କ ସୂଚନା ଦିଏ ଓ ବିପର୍ଯ୍ୟୟ ମୁକାବିଲା ଲାଗି ପ୍ରସ୍ତୁତି କରିଥାଏ। ଗୁରୁବାର ଜେନେଭାରେ ଅନୁଷ୍ଠିତ ନିର୍ବାଚନରେ ୟୁନାଇଟେଡ୍ ଆରବ ଏମିରେଟ୍ସ ଜାତୀୟ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶକ ଅବଦୁଲ୍ଲା ଅଲ୍ ମାଣ୍ଡୋସ୍ ୪ ବର୍ଷ ପାଇଁ ଡବ୍ଲ୍ୟୁଏମ୍‌ଓ ଅଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି। ☞ ପୃଷ୍ଠା–୫

**ଆଜିର ସମ୍ପାଦକୀୟ** | ନୂତନତ୍ୱର ଆହ୍ୱାନ



ସମସ୍ତଙ୍କ ସହିତ ଓ ସବୁ ସହିତ ତୁମେ ଯେତିକି ଯେତିକି ଏକାତ୍ମ ହେବ– ତୁମର ସେତିକି, ସେତିକି ଅଭ୍ୟୁଦୟ ହେବ। କାହାଠାରୁ କିଛି ନେବା ପରିବର୍ତ୍ତେ ତୁମେ ଅନ୍ୟକୁ ନିଜ ଆଡୁ ଦେଇଚାଲ। ତୁମେ ଯେତିକି ଦେଇ ଚାଲିବ – ସେତିକି ବିକଶିତ ହୋଇଉଠିବ। –ଶ୍ରୀମା



# ନୂତନତ୍ୱର ଆହ୍ୱାନ



କୌଶିକ ବସୁ

ନୀତିନିର୍ଦ୍ଧାରକଙ୍କ ତୁଳନାରେ ଟେକ୍ନୋଲୋଜି ପୃଥିବୀକୁ ଶୀଘ୍ର ପରିବର୍ତ୍ତନ କରିଚାଲିଛି। ଫଳରେ ସମାଜ ଧ୍ରୁବୀକୃତ ହେଉଛି, ଅସମାନତା ବୃଦ୍ଧିପାଉଛି ଏବଂ ଏକଚ୍ଛତ୍ରବାଦ ଶାସନ ଓ କର୍ପୋରେଶନଗୁଡ଼ିକ ବାସ୍ତବତାକୁ ପରିବର୍ତ୍ତନ କରିବା ସହ ଗଣତନ୍ତ୍ରକୁ ଅଣଦେଖା କରୁଛନ୍ତି। ନିକଟରେ ଓପନ ଏଆଇ (ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତ୍ତା) ସିଇଓ ଶାମ୍ ଅଲ୍ଟମ୍ୟାନ ପ୍ରକାଶ କରିଛନ୍ତି ଯେ, ଏଆଇକୁ ନେଇ ସାଧାରଣ ଲୋକମାନେ ଅଧିକ ଭୟଭୀତ ହେଉଛନ୍ତି ଓ ଏହା ପଛରେ କାରଣ ଅଛି। ଶିକ୍ଷା, କାର୍ଯ୍ୟ ଓ ଯୁଦ୍ଧ କ୍ଷେତ୍ରରେ ଅତ୍ୟାଧୁନିକ କୃତ୍ରିମ ବୁଦ୍ଧିମତ୍ତା ଚିନ୍ତା ବଢ଼ାଇଦେଇଛି। ଏମିତିକି ଜଳବାୟୁ ପରିବର୍ତ୍ତନ ବ୍ୟାପକ କ୍ଷତି ଘଟାଇବାର ବହୁ ପୂର୍ବରୁ ଏଆଇ ସଭ୍ୟତାକୁ ଅସ୍ଥିର କରିବା ସମ୍ଭାବନା ଦେଖାଯାଇଛି। ଏଣୁ ତାଙ୍କ ଇଣ୍ଡଷ୍ଟ୍ରିକୁ ଆଇନ ନିର୍ମାତାମାନେ ସଞ୍ଚାଳନ କରିବା ଲାଗି ସେ ଆଗ୍ରହ ପ୍ରକାଶ କରିଛନ୍ତି। ଏଆଇ ଆହ୍ୱାନର ମୁକାବିଲାରେ ଆମେ ଦୁଇଟି କଥା ଚିନ୍ତା କରିବା ଉଚିତ। ପ୍ରଥମରେ ଯାହା କରାଯିବା ଦରକାର ତାହା ତୁରନ୍ତ ହେବା ଦରକାର। ଯଦି ଆମେ ଅଧିକ ବିଳମ୍ବ କରୁ ତେବେ କ୍ଷତି ହେଲା ପରେ ପଦକ୍ଷେପ ନେଲା ଭଳି ସ୍ଥିତିରେ ଆମେ ରହିବା, ଯାହା ଘଟିଥିଲା ୧୯୬୮ ଆଣବିକ ଅପ୍ରସାର ଚୁକ୍ତି(ଏନ୍‌ପିଟି) କ୍ଷେତ୍ରରେ। ଏହା କରାଯିବାବେଳକୁ ୨୩ ବର୍ଷ ବିଳମ୍ବ ହୋଇଯାଇଥିଲା। ଯଦି ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଅତିକମ୍‌ରେ କିଛି ଆଇନ ଅଣାଯାଇପାରିଥାଆନ୍ତା ତେବେ ଆଣବିକ ନିରସ୍ତ୍ରୀକରଣ କ୍ଷେତ୍ରରେ ଏନ୍‌ପିଟିର ଅନ୍ତିମ ଲକ୍ଷ୍ୟ ହାସଲ ହୋଇପାରିଥାଆନ୍ତା। ଅନ୍ୟ ଏକ ଚିନ୍ତାର ବିଷୟ ହେଉଛି, ଅନିଶ୍ଚିତତା। ଏହା ଏଭଳି ଏକ ନୂଆ ବିଶ୍ୱ ଯେଉଁଠି ଏଆଇ ଉପରେ କାମ କରୁଥିବା ବ୍ୟକ୍ତିମାନେ ଜାଣି ନାହାନ୍ତି ଯେ ଆମକୁ ଏହି ଆବିଷ୍କାରଗୁଡ଼ିକ ଶେଷରେ କେଉଁଠି ନେଇ ପହଞ୍ଚାଇବ। ମହତ୍ ଉଦ୍ଦେଶ୍ୟ ରଖି ଯଦି ଏକ ଆଇନ ଗଢ଼ାଯାଏ ତେବେ ସକାରାତ୍ମକ ପରିଣାମ ମିଳିପାରିବ। ଯେତେବେଳେ ଆମେରିକାର ପ୍ରତିଷ୍ଠାତାମାନେ ଅସ୍ତ୍ର ରଖିବା ଓ ଧାରଣ କରିବା ଅଧିକାରକୁ ନେଇ ଦ୍ୱିତୀୟ ସଂଶୋଧନ ଚିଠା ପ୍ରସ୍ତୁତ କରିଥିଲେ ସେତେବେଳେ 'ଅସ୍ତ୍ର' ଶବ୍ଦର ମୂଳ ଅର୍ଥ ବଦଳାଇଦେଲେ। ଫଳରେ ବନ୍ଧୁକ ଟେକ୍ନୋଲୋଜି ଭବିଷ୍ୟତରେ ପରିବର୍ତ୍ତନ ହୋଇଗଲା। ବାସ୍ତବରେ ସେମାନେ ସେତେବେଳେ ଏହା ଜାଣି ପାରି ନ ଥିଲେ।

ଅନିଶ୍ଚିତତା ଭାଗ୍ୟବାଦକୁ ପ୍ରତିପାଦିତ କରିପାରେନା। ଏବେ ବି ନୀତିନିର୍ଦ୍ଧାରକମାନେ ବ୍ୟାପକ ବିଚାର କଲେ ଆବିଷ୍କାର ପାଇଁ ପ୍ରଚେଷ୍ଟା ଚାଲିଥିବା ଏଆଇକୁ ପ୍ରଭାବୀଶୈଳୀରେ ନିୟନ୍ତ୍ରଣ କରିପାରିବେ। ଉଦାହରଣ ସ୍ୱରୂପ, ଏଭଳି ଗୋଟିଏ ବିଚାର ସାମ୍ନାକୁ ଆସିଥିଲା ନିକଟରେ ହୋଇଥିବା ଆମେରିକାର ଏକ ସିନେଟ ସେସନ୍‌ରେ। କେବଳ ଚୟନ କରାଯାଇଥିବା କର୍ପୋରେଶନଗୁଡ଼ିକୁ ଏଆଇ ଉପରେ କାମ କରିବାକୁ ଅନୁମତି ଦେବାକୁ ଲାଇସେନ୍ସ ବ୍ୟବସ୍ଥା ସୃଷ୍ଟି କରିବା ପାଇଁ ଏହା କରାଯାଇଥିଲା। ତେବେ ଏହି ପଦକ୍ଷେପ କିଛି ବିପଦ ସାମ୍ନାକୁ ଆଣିଛି। ଦେଖାଯାଇଛି, ଲାଇସେନ୍ସ ପ୍ରଦାନ ବହୁ ସମୟରେ ସମ୍ପର୍କବାଦ ଆଡକୁ ନେଇଛି। ଏଣୁ ଏହି ବ୍ୟବସ୍ଥାରେ କରାଯାଉଥିବା ବିଭ୍ରାଟରୁ ରାଜନୈତିକ ବ୍ୟକ୍ତିମାନଙ୍କୁ ଦୂରେଇ ରଖିବା ଲାଗି ଏକ ନୂଆ ଆଇନ ଆବଶ୍ୟକ। ତେବେ ଅତିରିକ୍ତ ନିୟନ୍ତ୍ରଣ ସହିତ ଗୋଟିଏ ଦେଶର ଏଆଇ ବିକାଶ କରିବା ଅର୍ଥ ନୁହେଁ ଅନ୍ୟଦେଶଗୁଡ଼ିକ ସମାନ ପ୍ରକାର ପଦକ୍ଷେପକୁ ଗ୍ରହଣ କରିବେ। ଏଆଇକୁ ନେଇ ଥିବା ବିରୋଧାଭାସକୁ ତୁମେ ସାମ୍ନା କରିବାର ସମ୍ଭାବନା ଅଛି। ସେଥିପାଇଁ ଅନେକ ଦେଶ ଦ୍ୱାରା ଏଆଇ ଉପରେ ଆଇନ ଅଣାଯାଇ ତାହାକୁ ନିୟନ୍ତ୍ରଣ କରାଯିବା ହିଁ ସବୁଠୁ ଭଲ ହେବ ଏବଂ ଏହା ଏବକାର ବିଶ୍ୱରେ ହିଁ ସବୁଠୁ ଉତ୍ତମ ବ୍ୟବସ୍ଥା।



ଆଉ ଏକ ବଡ଼ ସମସ୍ୟା ହେଉଛି ଶ୍ରମ। ଅତୀତରେ ଆବିଷ୍କୃତ ଆଧୁନିକ ଜ୍ଞାନକୌଶଳ ଯେଭଳି ମାନବ ଶ୍ରମର ଚାହିଦା କମାଇଦେଇଛି ସେହିଭଳି ଚାର୍ଟଜିପିଟି ଭଳି ନୂଆ ଟେକ୍ନୋଲୋଜି ଅଫିସ୍‌ରେ କାମ କରୁଥିବା କର୍ମଚାରୀଙ୍କ ଚାହିଦା କମାଇ ଦେଇପାରେ। ଯଦି ଏଆଇ ଦ୍ୱାରା ହେଉଥିବା ଆୟ ଓ ସମ୍ପତ୍ତିକୁ ସମାନ ଭାବେ ଲୋକଙ୍କ ମଧ୍ୟରେ ବାଣ୍ଟି ଦିଆଯାଏ ତେବେ ଅତ୍ୟଧିକ ଶ୍ରମଶକ୍ତି ହଟାଇଲେ ବି ସମସ୍ୟା ହେବ ନାହିଁ। ଅବଶ୍ୟ ସମସ୍ୟା ହେଉଛି, କାର୍ଯ୍ୟରୁ ବାଦ ପଡ଼ିବା ପରେ ଅଧିକାଂଶ ଲୋକ ଜାଣନ୍ତି ନାହିଁ ସେମାନେ କିଭଳି ଅବକାଶ ସମୟ କାଟିବେ। ଏହାକୁ ନେଇ ବହୁ ସମୟରେ ପେନ୍‌ସନଭୋଗୀମାନେ ଚିନ୍ତାରେ ରହନ୍ତି। କାରଣ ସେମାନେ କ'ଣ କରିବା ଦରକାର ତାହା ଜାଣନ୍ତି ନାହିଁ ଏବଂ ଏବେ ଏହା ଯୁବପିଢ଼ିଙ୍କ ମଧ୍ୟରେ ଅଧିକ ଘଟୁଛି। ଯଦି ଏହାକୁ ରୋକା ନ ଯାଏ ଅପରାଧ, ସଂଘର୍ଷ ଏବଂ ସମ୍ଭବତଃ ଉଗ୍ରବାଦ ଆହୁରି ବଢିବାର ସମ୍ଭାବନା ରହିଛି। ଏଭଳି ନକାରାତ୍ମକ ପରିଣାମଗୁଡ଼ିକ ଦୂର କରିବା ଲାଗି ଆମ ଶିକ୍ଷା ବ୍ୟବସ୍ଥାକୁ ବିକଶିତ କରିବା ଦରକାର। ଅବସର ସମୟ କିଭଳି କଟିବ ତାହା ନେଇ ଲୋକଙ୍କୁ ପ୍ରସ୍ତୁତ କରିବା ଲାଗି ଏହା ଆବଶ୍ୟକ।

ମିଡିଆକୁ ନେଇ ସମସ୍ୟା ରହିଛି ଏବଂ ଏହା ସତ୍ୟ ଓ ସ୍ୱୀକାର୍ଯ୍ୟ। 'ହାଓ ଟୁ ଷ୍ଟାଣ୍ଡ ଅପ୍ ଟୁ ଏ ଡିକ୍ଟେଟର' ପୁସ୍ତକରେ ନୋବେଲ ବିଜେତା ତଥା ସାମ୍ବାଦିକ ମାରିଆ ରେସା ପ୍ରକାଶ କହିଛନ୍ତି ଯେ, ଭୁଲ୍ ଖବରକୁ ପ୍ରୋତ୍ସାହିତ କରିବା ପାଇଁ ସାମାଜିକ ଗଣମାଧ୍ୟମ ଏକ ଶକ୍ତିଶାଳୀ ସାଧନ ପାଲଟିଛି। ତାଙ୍କ ପୁସ୍ତକର ମୁଖବନ୍ଧରେ ଅମଲ କ୍ଲୁନେ ଉଲ୍ଲେଖ କରିଛନ୍ତି , ଏକଚ୍ଛତ୍ରବାଦ ନେତାମାନେ ଏବେ ରିମୋଟ୍ ନିୟନ୍ତ୍ରିତ ଏଆଇ ସେନା ଉପରେ ନିର୍ଭର କରିବେ। ତେବେ ଏଆଇ ସମ୍ପର୍କରେ ଅଧିକାଂଶ ଲୋକ ଯାହା ଭାବୁଛନ୍ତି ତାହାଠାରୁ ଏହା ଏକ ବଡ଼ ଆହ୍ୱାନ ବୋଲି ବିଚାର କରିବାକୁ ହେବ। ଏପରିକି ଆମେ ସ୍ୱଚାଳିତ ଭୁଲ୍ ତଥ୍ୟକୁ ରୋକିବା ପାଇଁ ଆଇନ ପାସ୍ କଲେ ବି ଏହା ଦୂର ହେବ ନାହିଁ। ୪୦ ବର୍ଷ ପୂର୍ବେ ଅମର୍ତ୍ତ୍ୟ ସେନ୍ ଉଲ୍ଲେଖ କରଥିଲେ, ସବୁ ବିଷୟ ବର୍ଣ୍ଣନା କରିବାରେ ପସନ୍ଦ ରହିବା ଦରକାର। ବାସ୍ତବତା ଏତେ ଜଟିଳ ଯେ, ସେଥିରେ କ'ଣ ସାମିଲ କରିବା ଏବଂ କ'ଣ ବାଦ୍ ଦେବା, ସେ ସମ୍ପର୍କରେ ନିଷ୍ପତ୍ତି ନ ନେଇ ତାହାକୁ ଆମେ ଉପସ୍ଥାପନ କରିବା ସମ୍ଭବ ହୋଇପାରିବ ନାହିଁ। ତଥ୍ୟ ଭିତରେ ବୁଡ଼ି ରହିଥିବା ଏକ ବିଶ୍ୱରେ ପ୍ରତିଷ୍ଠିତ ପ୍ରଭାବଶାଳୀ ବ୍ୟକ୍ତିମାନଙ୍କୁ ଖବର ସଂଯୋଜନା କରିବା ଦରକାର ପଡୁନାହିଁ। ଏମିତି ସ୍ଥିତି ଉପୁଜିଛି ଯେ,ସେମାନେ ଯାହା ରିପୋର୍ଟ କରିବାକୁ ପସନ୍ଦ କରନ୍ତି ତା'ପକ୍ଷକୁ ଢଳିପାରିବେ। ଖବର ପ୍ରସାରଣ ସଂସ୍ଥାଗୁଡ଼ିକ ଭୋଟରମାନଙ୍କ ମତକୁ ପରୋକ୍ଷ ଓ ପ୍ରତ୍ୟକ୍ଷ ଉପାୟରେ ପ୍ରଭାବିତ କରିପାରିବେ। ତେବେ ଫକ୍ସ ନ୍ୟୁଜ୍ ଡୋନାଲ୍ଡ ଟ୍ରମ୍ପ ଓ ଜୋ ବାଇଡେନ୍‌ଙ୍କ ଭାବମୂର୍ତ୍ତି ଉପରେ ପ୍ରସାରଣ କରିଥିବା ତା' ପସନ୍ଦର ଖବରକୁ ତୁଳନା କରନ୍ତୁ ଏହାର ପ୍ରମାଣ ମିଳିଯିବ।

ଭୁଲ୍ କିମ୍ବା ନକଲି ଖବର ଉପରେ ପ୍ରତିବନ୍ଧକ ଲଗାଇ ଆମେ ଏକଚ୍ଛତ୍ରବାଦୀ ନେତାଙ୍କ ପ୍ରଭାବରୁ ସୃଷ୍ଟି ସମସ୍ୟାକୁ ସମାଧାନ କରିପାରିବା ନାହିଁ। ପନର୍ବାର ଉଲ୍ଲେଖ କରୁଛି ଯେ, କେବଳ ଶିକ୍ଷା ବ୍ୟବସ୍ଥାର ବିକାଶ କରି ଲୋକଙ୍କୁ ଏଥିରେ ଅଧିକ ଯୋଡ଼ି ପାରିଲେ ଏହା ଦୂର ହେବ ବୋଲି ଆଶା କରିବା। ଲୋକେ କିଭଳି ବିଚାରଶୀଳ ଓ ଦୁର୍ନୀତି ପ୍ରତି କମ୍ ସମ୍ବେଦନଶୀଳ ହେବେ ତାହା ଉପରେ ଶିକ୍ଷା ଦେବା ସବୁଠୁ ଭଲ କାର୍ଯ୍ୟ ହେବ ଏବଂ ଏହା କରାଯିବା ଦରକାର। ଶିକ୍ଷାରେ ନୂତନତ୍ୱ ସହ ଆଇନ ଓ ନୀତିର ନୂତନତ୍ୱ ତାଳ ଦେଇ ଚାଲିବା ଆବଶ୍ୟକ । ସର୍ବୋପରି ଟେକ୍ନୋଲୋଜିର ନୂତନତ୍ୱ ସହ ଆମକୁ ଜଡ଼ିତ ହେବାକୁ ପଡ଼ିବ।

**ପୂର୍ବତନ ମୁଖ୍ୟ ଅର୍ଥନୀତିଜ୍ଞ, ବିଶ୍ୱ ବ୍ୟାଙ୍କ;**
**ପୂର୍ବତନ ମୁଖ୍ୟ ଆର୍ଥିକ ପରାମର୍ଶଦାତା,**
**ଭାରତ ସରକାର**

# ବ୍ୟସ୍ତ ମଣିଷ



ମୋହନ ଚରଣ ବିଷି

ମଣିଷ ସବୁବେଳେ ବ୍ୟସ୍ତ। ପଚାରିଲେ କହେ ଫୁର୍‌ସତ୍ ନାହିଁ। ଫୁର୍‌ସତ୍‌ର ଆକ୍ଷରିକ ଅର୍ଥ ନିୟମିତ କାମରୁ ସାମୟିକ ଅବସର। ଫୁର୍‌ସତ୍‌କୁ ଫୁର୍ତ୍ତିଲା ଭାବରେ ମଧ୍ୟ ଦେଖାଯାଏ। ଆପଣ ଏବେ ଫୁର୍ତ୍ତିଲା ଲାଗୁଛନ୍ତି। ଆପଣ ଫୁର୍ତ୍ତି ମନରେ ବସିଛନ୍ତି। ଫୁର୍‌ସତ୍‌କୁ ଆମେ ଅବସର ବିନୋଦନ କହିବା କି ନାହିଁ ? ଏହା ତ ନିଜେ ନିଜେ ବିଚାର କରିବା ପରେ ଜଣାପଡ଼ିବ। ଅବସର ବିନୋଦନ ସୂଚିତ କରେ ନିଜ କର୍ତ୍ତବ୍ୟ ସମ୍ପନ୍ନ କରିସାରିଲା ପରେ ବିନୋଦନ କରିବା। ବିନୋଦନ ସମୟ ସମ୍ପୂର୍ଣ୍ଣ ଫୁର୍‌ସତ୍ ସମୟ ନୁହେଁ। ବିନୋଦନ ସମୟରେ ମଧ୍ୟ ଅନ୍ୟ କିଛି କାର୍ଯ୍ୟ ଚାଲିଥାଏ, ଯେଉଁ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବରେ ଶରୀର ଓ ମନକୁ ଜାବୁଡି ଧରିରଖେ। ସେହି ସମୟରେ ଶାରୀରିକ କଷ୍ଟ ଜଣାପଡ଼େ ନାହିଁ।

ଅବସର ସମୟରେ ଅନେକ ପ୍ରକାର କାମ ଲୋକେ କରିଥାନ୍ତି। ସେହି ସବୁ କାମ ସବୁଦିନିଆ କାମଠାରୁ ଅଧିକ ପରିଶ୍ରମ, ଆବଶ୍ୟକ ପଡ଼ିଲେ ମଧ୍ୟ ଅବସର ସମୟରେ କରୁଥିବାରୁ କଷ୍ଟ ଜଣାପଡ଼େ ନାହିଁ। ଏହି ସମୟରେ ଅନେକ ଲୋକ କିଛି ଉପାର୍ଜନ ପାଇଁ ବ୍ୟସ୍ତ ରୁହନ୍ତି। ନିୟମିତ ପରିଶ୍ରମ ଅପେକ୍ଷା ଫୁର୍‌ସତ୍ ସମୟର ପରିଶ୍ରମର ବ୍ୟସ୍ତତା ଜଣାପଡ଼େ ନାହିଁ। ଏମିତି ମଧ୍ୟ ହୋଇଥାଏ ସବୁଦିନ କାମଠାରୁ ବିରତି ପରେ ଫୁର୍‌ସତ୍ ସମୟରେ ଆୟ ଯେତେ କରିଥାଏ ନିୟମିତ ସମୟରେ ସେତେ ଉପାର୍ଜନ ହୋଇ ନ ଥାଏ। ଫୁର୍‌ସତ୍ ସମୟରେ ଚାପମୁକ୍ତ ହୋଇ କାମ କରେ। କୌଣସି ପ୍ରକାର ବ୍ୟସ୍ତତା ନଥାଏ। ବୋଧହୁଏ ସେଥିପାଇଁ ବ୍ୟକ୍ତି ଫୁର୍‌ସତ୍ ସମୟକୁ ଆନନ୍ଦର ସହ ଉପଭୋଗ କରିଥାଏ।

ଫୁର୍‌ସତ୍ ସମୟକୁ କର୍ମ ବିରତି ସମୟ କହିଥାଉ। ଏହା ଦୁଇ ଭାଗରେ ବିଭକ୍ତ ସାମୟିକ ଫୁର୍‌ସତ୍ ଓ ନିୟମିତ ଫୁର୍‌ସତ୍। ସାମୟିକ ଫୁର୍‌ସତ୍ କିଛି ସମୟ ପାଇଁ ନିଜ ନିୟମିତ କର୍ମରୁ ବିରତି ଏବଂ ନିୟମିତ ଫୁର୍‌ସତ୍ ହେଉଛି ନିଜ ନିୟମିତ କର୍ମରୁ ସମ୍ପୂର୍ଣ୍ଣ ବିରତି। ଯଦି ଆମେ ଏହି ବିରତିକୁ ଅବସର କହିବା ତା'ହେଲେ ପରବର୍ତ୍ତୀ ଜୀବନକୁ ଫୁର୍‌ସତ୍ ଜୀବନ କହିବା। ଦେଖାଯାଏ କର୍ମମୟ ଜୀବନରେ ଯେତେ ଚଳଚଞ୍ଚଳ ଜଣେ ଥାଏ ଅବସର ସମୟରେ ତା'ଠାରୁ ଅଧିକ କର୍ମ କରିଥାଏ। ଅବସର ସମୟ ତେଣୁ ଫୁର୍‌ସତ୍ ସମୟ ହେଲା କିପରି ? ଫୁର୍‌ସତ୍ ସମୟ ଏମିତି ସମୟ ଯେଉଁ ସମୟରେ ବ୍ୟକ୍ତି ଇଚ୍ଛାଶକ୍ତି ଅନୁସାରେ ଯେଉଁଠି ମଧ୍ୟ ନିୟୋଜିତ ରହେ। ଏହା ମଧ୍ୟ ଏକପ୍ରକାର କର୍ମ। ଏହି କର୍ମ ଯେତିକି ଆନନ୍ଦ ଦେଇଥାଏ ନିୟମିତ କର୍ମ ଭିତରେ ସେତିକି ଆନନ୍ଦ ପାଇ ନ ଥାଏ। କର୍ମମୟ ଜୀବନକୁ ଫୁର୍‌ସତ୍ ସମୟ ଭାବେ ଗ୍ରହଣ କଲେ କର୍ମୀର କର୍ମକୁଶଳତା ବୃଦ୍ଧି ପାଇବ। ଫୁର୍‌ସତ୍ ସମୟ ଅବହେଳିତ ସମୟ ନୁହେଁ। ସଚ୍ଚୋଟତା ସହ ଦାୟିତ୍ୱ ନିର୍ବାହ କରିବାର ସମୟ। ଆପଣ ପରୀକ୍ଷା କରି ଦେଖନ୍ତୁ କର୍ମରେ ଫୁର୍‌ସତ୍ ଭାବକୁ ଆଣନ୍ତୁ ଆପଣଙ୍କ କର୍ମ ଚମକିବ। କର୍ମମୟ ଜୀବନର ସାର୍ଥକତା ଅନୁଭବ କରିବେ। କେବଳ ସାମୟିକ ଫୁର୍‌ସତ୍ ପାଇ ଜୀବନକୁ ଅଳସୁଆ, ଅଥର୍ବରେ ପରିଣତ କରିବା ଅପେକ୍ଷା ଜୀବନରେ ସରସତା ଆଣିବା ହିଁ ଫୁର୍‌ସତ୍‌ର ଧେୟ। ଫୁର୍‌ସତ୍ ସମୟର କର୍ମ ପରବର୍ତ୍ତୀ ସମୟରେ ଆତ୍ମଗ୍ଲାନି ଓ ଅନୁତାପରେ ଯେମିତି ପରିଣତ ନ ହେଉ ବ୍ୟକ୍ତି ଦୃଷ୍ଟି ଦେବା କଥା।

ଅଥଚ ମଣିଷ କହେ ମୋର ଫୁର୍‌ସତ୍ ନାହିଁ। ଫୁର୍‌ସତ୍ ସମୟରେ ମଣିଷ ବ୍ୟସ୍ତ ରହେ। ଜଣେ ବ୍ୟସ୍ତ ମଣିଷ ହିଁ ମସ୍ତ ରହିବ। ଯେତେ ବଡ଼ ଲୋକ ସେତେ ବ୍ୟସ୍ତ। ସେମାନେ ଅଳ୍ପ ସମୟ ମଧ୍ୟ ପାଆନ୍ତି ନାହିଁ। ଆଉ ଯେଉଁ ସମୟକୁ ଫୁର୍‌ସତ୍ ସମୟ କହିଥାଉ ସେହି ସମୟରେ ବେଶି ବ୍ୟସ୍ତ ରହନ୍ତି ସେମାନେ। ବ୍ୟସ୍ତତା ମଣିଷକୁ ଅର୍ଥ, ମାନ ସମ୍ମାନ ଓ ଯଶ ପ୍ରଦାନ କରେ। ଜଣେ ବ୍ୟସ୍ତ ଲୋକ ହିଁ ସ୍ୱାବଲମ୍ବୀ ହୋଇପାରେ। ନଚେତ ଅଳସୁଆ ହେବ। ଅନ୍ୟ ଉପରେ ନିର୍ଭର କରିବାକୁ ପଡ଼ିବ। ବ୍ୟସ୍ତ ରହୁଥିବା ଲୋକ ଶାରୀରିକ ଓ ମାନସିକ ଚାପ ଅନୁଭବ କରେ ନାହିଁ। ପ୍ରତ୍ୟେକ କାର୍ଯ୍ୟକୁ ବ୍ୟସ୍ତତା ମଧ୍ୟରେ ସୁଚାରୁରୂପେ ସମ୍ପାଦନ କରିଥାଏ। ଆପଣ ଟେର୍ ପାଇବେ ନାହିଁ ସେ ଲୋକର ବ୍ୟସ୍ତତା ବିଷୟରେ। ସମସ୍ତେ ସମୟ ଅଭାବ କହୁଥିବା ସମୟରେ ବ୍ୟସ୍ତ ମଣିଷ ପାଖରେ ସମୟର ଅଭାବ ନ ଥାଏ। ପ୍ରତ୍ୟେକ କାର୍ଯ୍ୟକୁ ସଫଳ ରୂପାୟନ କରିବା ପାଇଁ ନିଜର ସମସ୍ତ କୌଶଳ ପ୍ରୟୋଗ କରିଥାଏ। ଆଉ ସଫଳ ମଧ୍ୟ ହୋଇଥାଏ। ବ୍ୟସ୍ତ ମଣିଷ କର୍ତ୍ତବ୍ୟରେ ଅବହେଳା କରେ ନାହିଁ। ତା'ର ବ୍ୟସ୍ତତା ଅନ୍ୟମାନଙ୍କ ପାଇଁ ପ୍ରେରଣା ହୋଇଥାଏ। ସେ ବ୍ୟସ୍ତ ରହେ ବୋଲି ଅନେକ ଲୋକ ଉପକୃତ ହୁଅନ୍ତି। ଏଣୁ ବ୍ୟସ୍ତତା ଏକ ଦାୟିତ୍ୱ ପାଗଳାମି ନୁହେଁ।

**ଗଡ଼ରାମାଲ, କୋକସରା, କଳାହାଣ୍ଡି**
**ମୋ–୯୭୭୭୪୬୮୮୪୧**

## ଏଇ ଭାରତରେ

ବର୍ଜ୍ୟର ସଦ୍‌ଉପଯୋଗ କରି ୯୩ ବର୍ଷୀୟା ମଧୁକାନ୍ତା ଭଟ୍ଟ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି। ମଧୁକାନ୍ତା ଅଦରକାରୀ କପଡ଼ାରୁ ବ୍ୟାଗ ତିଆରି କରି ସେଗୁଡ଼ିକୁ ମାଗଣାରେ ବାଣ୍ଟୁଛନ୍ତି। ଏହାଦ୍ୱାରା ପ୍ଲାଷ୍ଟିକ ବ୍ୟାଗ ବ୍ୟବହାର ଅନେକାଂଶରେ କମୁଛି ବୋଲି କହନ୍ତି ମଧୁକାନ୍ତା। ସେ ୫ ବର୍ଷ ହେଲା ପ୍ଲାଷ୍ଟିକ୍ ମୁକ୍ତ ଭାରତ ଅଭିଯାନରେ ସାମିଲ ହୋଇ ଏହି କାର୍ଯ୍ୟ କରୁଛନ୍ତି। ଏବେ ସୁଦ୍ଧା ମଧୁକାନ୍ତା ୩୫,୦୦୦ କପଡ଼ା ବ୍ୟାଗ ତିଆରି କରି ବାଣ୍ଟି ସାରିଲେଣି। ଇନ୍ଦରାବାଦ ନିବାସୀ ମଧୁକାନ୍ତା ବେକାର କେବେ ବସନ୍ତି ନାହିଁ। ସବୁବେଳେ ସେ ବ୍ୟାଗ ତିଆରି କାମରେ ଲାଗିଥାନ୍ତି। ସେ ସିଲେଇରେ ସ୍ୱତନ୍ତ୍ର କୋର୍ସ ନ କରି ମଧ୍ୟ ବିଭିନ୍ନ ଡିଜାଇନ ବ୍ୟାଗ ଓ ଅନ୍ୟ ପୋଷାକ ତିଆରି କରିପାରୁଛନ୍ତି। ଏହି କାର୍ଯ୍ୟରେ ତାଙ୍କୁ ସହଯୋଗ କରୁଛନ୍ତି ଜଣେ ବ୍ୟବସାୟୀ। ସେ ମଧୁକାନ୍ତାଙ୍କୁ ଅଦରକାରୀ କପଡ଼ା ଯୋଗାଉଛନ୍ତି। ଏହାକୁ ସେ ବିଭିନ୍ନ କମ୍ପାନୀ ଓ ଦରଜିମାନଙ୍କଠାରୁ ସଂଗ୍ରହ କରୁଛନ୍ତି। ବ୍ୟାଗ୍ ବାଣ୍ଟିବା କାର୍ଯ୍ୟରେ ବି ଲୋକଙ୍କ ସହାୟତା ନେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

DHARITRI

୨ ଜୁନ୍ ୧୯୯୮

- ରେକର୍ଡ ୬ ଥର ପାଇଁ ଇଂଲିଶ୍ ଚାନେଲ ଅତିକ୍ରମ କରିଥିବା ଖ୍ୟାତନାମା ବାଂଲାଦେଶୀ ସନ୍ତରଣକାରୀ ବ୍ରୋଜେନ ଦାସଙ୍କ ୭୦ ବର୍ଷ ବୟସରେ ପରଲୋକ।
- ବିଶିଷ୍ଟ ସାମ୍ବାଦିକ ତଥା କେନ୍ଦ୍ର ସରକାରଙ୍କ ସୂଚନା ପ୍ରସାରଣ ମନ୍ତ୍ରଣାଳୟର ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀ ବିଶ୍ୱନାଥ ରଥଙ୍କ ୮୨ ବର୍ଷ ବୟସରେ ପରଲୋକ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 2 | | | | | 1 | |
| 5 | | 8 | | | 6 | 2 | | 4 |
| | 7 | 4 | | | | 5 | | 9 |
| | | | | | | | | 5 |
| 4 | | 3 | | | | 6 | | |
| | | | 9 | | | | 8 | |
| | 1 | | | | | | | |
| | 6 | | | 7 | 3 | | 5 | 1 |
| | | | | 9 | | | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 3 | 6 | 1 | 2 | 4 | 8 | 7 | 9 |
| 8 | 1 | 2 | 6 | 9 | 7 | 5 | 3 | 4 |
| 7 | 9 | 4 | 3 | 5 | 8 | 1 | 2 | 6 |
| 1 | 2 | 3 | 8 | 6 | 9 | 4 | 5 | 7 |
| 6 | 4 | 7 | 5 | 1 | 3 | 9 | 8 | 2 |
| 9 | 8 | 5 | 7 | 4 | 2 | 6 | 1 | 3 |
| 4 | 7 | 9 | 2 | 8 | 5 | 3 | 6 | 1 |
| 3 | 5 | 1 | 9 | 7 | 6 | 2 | 4 | 8 |
| 2 | 6 | 8 | 4 | 3 | 1 | 7 | 9 | 5 |

ଗତକାଲିର ଉତ୍ତର

# ବସ୍ତାନି ବୋଝ



ରାଜୀବ କୁମାର ନାୟକ

ବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ର ଓଜନିଆ ସ୍କୁଲ ବ୍ୟାଗ ଧରିବା ଉଚିତ ନୁହେଁ ବୋଲି ଦୀର୍ଘଦିନରୁ ଚର୍ଚ୍ଚା ହୋଇଆସୁଅଛି। ମଝିରେ ଏ ସଂକ୍ରାନ୍ତରେ ମାଡ୍ରାସ ହାଇକୋର୍ଟ ୨୯ ମେ' ୨୦୧୮ରେ ଏମ୍. ପୁରୁଷୋତ୍ତମ ଏବଂ କେନ୍ଦ୍ର ସରକାରଙ୍କ ଏକ ମାମଲାର ଶୁଣାଣି କରିବାକୁ ଯାଇ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳ ସବୁ ପିଲାମାନଙ୍କର ବସ୍ତାନିର ବୋଝ କମାଇବା ନିମିତ୍ତ ବିଦ୍ୟାଳୟ ବସ୍ତାନି ସମ୍ପର୍କିତ ନୀତି ନିର୍ଦ୍ଧାରଣ କରନ୍ତୁ ବୋଲି କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏହାକୁ ପାଳନ କରିବାକୁ ଯାଇ କେନ୍ଦ୍ର ସରକାର ଏ ସଂକ୍ରାନ୍ତୀୟ ନିର୍ଦ୍ଦେଶନାମା ଚିଠି ସଂଖ୍ୟା ଏମ୍‌ଏଚ୍‌ଆର୍‌ଡି ଡି.ଓ. ନଂ ୧-୪/୨୦୧୮ ଜାରି କରିଛନ୍ତି। ଓଡ଼ିଶାରେ ମଧ୍ୟ ଏ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଗାଇଡ୍‌ଲାଇନ ଜାରି କରିଛି। ବାଧ୍ୟ ବାଧକତାରେ ହେଉ କି ଯାହା ହେଉ ସରକାର ବସ୍ତାନିର ବୋଝ କଥା ହୃଦୟଙ୍ଗମ କରିଛନ୍ତି ତାହା ଏକ ଖୁସିର ବିଷୟ।

ବସ୍ତାନି କହିଲେ ସାଧାରଣତଃ ପିଲାଙ୍କର ପାଠ୍ୟ ପୁସ୍ତକ, ଗାଇଡ୍ ବହି, ଖାତା, ପାଣିବୋତଲ, ଜଳଖିଆ ବାକ୍ସ ଇତ୍ୟାଦି ରହୁଥିବା ବ୍ୟାଗ୍ ଯାହାକୁ ଧରି ସେମାନେ ବିଦ୍ୟାଳୟକୁ ଯାଇଥାନ୍ତି ତାକୁ ବୁଝାଇଥାଏ। ପାଠ ପଢ଼ିବା ନିମିତ୍ତ ବସ୍ତାନିର ଆବଶ୍ୟକତାକୁ କେହି ଅସ୍ୱୀକାର କରିପାରିବେ ନାହିଁ। କିନ୍ତୁ ପିଲାମାନଙ୍କୁ ନେଇ ମା'ବାପାଙ୍କ ଅହେତୁକ ଆଶା, ଅଭିଭାବକଙ୍କ ମନକୁ ନେଇ ବିଦ୍ୟାଳୟର ପ୍ରସ୍ତୁତି କାରଣରୁ ଦିନକୁ ଦିନ ଏହି ବସ୍ତାନିର ଓଜନ ବଢୁଛି। ବିଶେଷ କରି ବେସରକାରୀ ବିଦ୍ୟାଳୟ ସମ୍ପୂର୍ଣ୍ଣରୂପେ ପିଲାଙ୍କ ଫି' ଉପରେ ନିର୍ଭରଶୀଳ ରହିବା କାରଣରୁ ଅଭିଭାବକଙ୍କ ଚାପ କାରଣରୁ ପ୍ରଥମ ଶ୍ରେଣୀରୁ ଓଡ଼ିଆ, ଇଂଲିଶ, ହିନ୍ଦୀ, ସଂସ୍କୃତ ଇତ୍ୟାଦି ଭାଷା ଶିକ୍ଷା ଭିନ୍ନ ଗଣିତ ତଥା ଅନ୍ୟାନ୍ୟ ବିଷୟ ପାଠ୍ୟ ଖସଡ଼ାରେ ସାମିଲ କରିବା କାରଣରୁ ଏ ବୋଝ ବଢ଼ିଛି। ଉପର ଶ୍ରେଣୀମାନଙ୍କରେ ମଧ୍ୟ ଘରକାମ ନାଁ ଅନେକ ଖାତା, ପ୍ରକଳ୍ପ ସକାଶେ ପ୍ରାୟ ପ୍ରତିଦିନ ବିଭିନ୍ନ ସାମଗ୍ରୀ ବସ୍ତାନି ଭିତରେ ସାମିଲ ହେଉଥିବାରୁ ଏହାର ଓଜନ ବଢୁଛି। କିନ୍ତୁ ମା'ବାପା, ଅଭିଭାବକ ତଥା ବିଦ୍ୟାଳୟ କର୍ତ୍ତୃପକ୍ଷ ଥରୁଟିଏ ମଧ୍ୟ ଭାବି ପାରନ୍ତିନି ଯେ ଏହି ବସ୍ତାନିର ବୋଝ ଶିଶୁମାନଙ୍କ ମାନସିକ, ଶାରୀରିକ ସ୍ତରରେ କି ପ୍ରଭାବ ପକାଇବ। ଦୀର୍ଘଦିନ ଧରି ବସ୍ତାନିର ବୋଝକୁ ନେଇ ସମଗ୍ର ବିଶ୍ୱରେ ଅନେକ ତର୍କବିତର୍କ ଲାଗିବା କାରଣରୁ ଏହାକୁ ନେଇ ମଝିରେ ଅନେକ ଅନୁଧ୍ୟାନ ମଧ୍ୟ ହୋଇଛି, ଯେଉଁଥିରୁ ଜଣାପଡିଛି ଯେ ଅଧିକ ଓଜନର ବସ୍ତାନି ବୋହିବା କାରଣରୁ ଛାତ୍ରୀଛାତ୍ର ବିଭିନ୍ନ ପ୍ରକାର ଅସୁବିଧା ଯଥା– ପିଠି ଯନ୍ତ୍ରଣା, ଗଣ୍ଠି ଦରଜ, ମାଂସପେଶୀ ଦରଜ, ମେରୁଦଣ୍ଡ ସମସ୍ୟା, ବେକ ଯନ୍ତ୍ରଣା, କ୍ଳାନ୍ତି, ମାନସିକ ଅବସାଦ ତଥା ଅନ୍ୟାନ୍ୟ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।



ସମ୍ପ୍ରତି ବସ୍ତାନିର ବୋଝକୁ ନେଇ ଗାଇଡ୍‌ଲାଇନ ପ୍ରସ୍ତୁତ ହେଲାପରେ ଓଡ଼ିଶା ସରକାରଙ୍କ ସାଧାରଣ ଗାଇଡଲାଇନ୍ ଅନୁଯାୟୀ ଏଣିକି ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀର ପିଲାମାନେ ଏସ୍‌ସିଇଆର୍‌ଟି ଏବଂ ନବମ ଓ ଦଶମ ଶ୍ରେଣୀର ପିଲାମାନେ ବିଏସ୍‌ଇ ଦ୍ୱାରା ପ୍ରଣୀତ ପାଠ୍ୟ ପୁସ୍ତକ ହିଁ ବ୍ୟାଗରେ ଧରିବେ ଏବଂ କୌଣସି ପରିସ୍ଥିତିରେ ବହି ନିର୍ଦ୍ଧାରିତ ମାତ୍ରାରୁ ବେଶି ହେବ ନାହିଁ। ବହି ନିମିତ୍ତ ସରକାର ପ୍ରଥମ ଏବଂ ଦ୍ୱିତୀୟ ଶ୍ରେଣୀ ସକାଶେ ମାତୃଭାଷା, ଇଂଲିଶ ଏବଂ ଗଣିତ, ତୃତୀୟରୁ ପଞ୍ଚମ ଶ୍ରେଣୀ ପାଇଁ ମାତୃଭାଷା, ଇଂଲିଶ, ଗଣିତ ଏବଂ ପରିବେଶ ଶିକ୍ଷା ଧାର୍ଯ୍ୟ କରିଥିବା ଜଣାଯାଏ। ଠିକ୍ ସେହିଭଳି ପ୍ରଥମ, ଦ୍ୱିତୀୟ ଶ୍ରେଣୀ ପିଲାଙ୍କୁ ଘରକାମ ଦିଆଯିବାକୁ ବାରଣ କରାଯାଇଅଛି। ନିର୍ଦ୍ଦିଷ୍ଟ ବିଷୟ ସରିଲା ପରେ ପାଠ ଶେଷରେ ଥିବା ପ୍ରଶ୍ନୋତ୍ତର ଶିକ୍ଷକଙ୍କ ତତ୍ତ୍ୱାବଧାନରେ ଶ୍ରେଣୀ ମଧ୍ୟରେ କରାଯିବା କଥା କୁହାଯାଇଛି। ଏଥିପାଇଁ ସ୍ୱତନ୍ତ୍ର ପିରିୟଡ ରଖାଯିବାକୁ କୁହାଯାଇଛି। ଷଷ୍ଠରୁ ଦଶମ ଶ୍ରେଣୀ ପିଲାଙ୍କୁ ସପ୍ତାହର କିଛି ନିର୍ଦ୍ଦିଷ୍ଟ ଦିନ ହିଁ କେବଳ ହୋମ ୱାର୍କ ଦିଆ ଯାଇ ପାରିବ ବୋଲି କୁହାଯାଇଛି। ଯଦିଓ ତାହା ସ୍ୱତନ୍ତ୍ର ଭାବରେ ଖାତା ବ୍ୟବହାରକୁ ଯେତେଦୂର ସମ୍ଭବ ବାରଣ କରିବା ନିମିତ୍ତ ବହି ଭିତରେ ଉତ୍ତର ଲେଖିବାର ବ୍ୟବସ୍ଥା ମଧ୍ୟ ହୋଇଛି। ଗାଇଡ୍ ବହିକୁ ବସ୍ତାନିରୁ ସମ୍ପୂର୍ଣ୍ଣ ରୂପେ ବାରଣ କରାଯାଇଛି। ପାଣିବୋତଲକୁ ମଧ୍ୟ ବ୍ୟାଗରେ ସ୍ଥାନ ଦିଆ ଯାଇନାହିଁ। ପ୍ରଥମ ଶ୍ରେଣୀରୁ ଦଶମ ଶ୍ରେଣୀ ମଧ୍ୟରେ ପଢୁଥିବା ପିଲାମାନଙ୍କ ବ୍ୟାଗର ଓଜନ ନିଜ ଶରୀର ଓଜନର ଦଶ ପ୍ରତିଶତରୁ ଅଧିକ ହେବ ନାହିଁ। ବିଦ୍ୟାଳୟକୁ ପୁସ୍ତକ ନେବା ସକାଶେ ଶିକ୍ଷକ ପିଲାଙ୍କୁ ବାଧ୍ୟ କରିବେ ନାହିଁ। ବିଦ୍ୟାଳୟ କର୍ତ୍ତୃପକ୍ଷ ନିଜ ସ୍ତରରେ ଏକ ଗାଇଡ୍‌ଲାଇନ ଜାରିକରି ତାକୁ ବିଦ୍ୟାଳୟ ନୋଟିସ ବୋର୍ଡରେ ଲଗାଇବେ। ପ୍ରତିଦିନ ଯେଉଁ ବିଷୟର ପିରିୟଡ ରହିଥିବ କେବଳ ସେହି ବିଷୟର ପୁସ୍ତକ ଆଣିବେ। ପିଲାମାନେ କେଉଁ ସବୁ ବହି ଏବଂ ଖାତା ଧରି ଆସିବେ ଶିକ୍ଷକ ପୂର୍ବଦିନ ପିଲାଙ୍କୁ ସେ ବିଷୟରେ କହିବେ। ବସ୍ତାନି ଓଜନ ଯେମିତି କି ପ୍ରଥମ ଏବଂ ଦ୍ୱିତୀୟ ଶ୍ରେଣୀ ପାଇଁ ୧.୫ କି.ଗ୍ରା.,ତୃତୀୟରୁ ପଞ୍ଚମ ଯାଏ ୨ରୁ ୩ କି.ଗ୍ରା., ୬ଷ୍ଠରୁ ୮ମ ପାଇଁ ୪ କି.ଗ୍ରା. ମଧ୍ୟରେ, ୮ମ ଏବଂ ୯ମ ପାଇଁ ୪.୫ କି.ଗ୍ରା. ହୋଇଥିବାବେଳେ ଦଶମ ପାଇଁ ଏହା ୫କି.ଗ୍ରା.ରୁ କମ୍ ଧାର୍ଯ୍ୟ ହୋଇଛି। ଅଦରକାରୀ ଜିନିଷ ବ୍ୟାଗରେ ଧରିବାକୁ ବାରଣ କରିବା ନିମିତ୍ତ ମଝିରେ ମଝିରେ ବିଦ୍ୟାଳୟ କର୍ତ୍ତୃପକ୍ଷ ପିଲାଙ୍କ ବ୍ୟାଗ ସବୁକୁ ଯାଞ୍ଚ କରିବେ।

କିନ୍ତୁ ସରକାରଙ୍କ ଆନ୍ତରିକତାର ଅଭାବରୁ କେବଳ ଧର୍ମକୁ ଆଖିଠାର ନାଁରେ ସରକାର ଗାଇଡ୍‌ଲାଇନ ଜାରି କରିଦେଲେ ସିନା କିନ୍ତୁ ନିର୍ଦ୍ଦିଷ୍ଟ ସମୟାନ୍ତରରେ ବିଦ୍ୟାଳୟ ପରିଦର୍ଶନ କରି ଯେଉଁ ବସ୍ତାନି ଯାଞ୍ଚ ପ୍ରକ୍ରିୟା ହେବା କଥା ତାହା ଆଉ ହେଲା ନାହିଁ କି ଏଥି ନିମିତ୍ତ ଗଢାଯାଇଥିବା କମିଟି କାର୍ଯ୍ୟକ୍ଷମ ହେଲା ନାହିଁ, ଏ ସଂକ୍ରାନ୍ତରେ ସମୀକ୍ଷା କରି ପରବର୍ତ୍ତୀ ସମୟରେ ବୋଝ ଆହୁରି କମାଇବା ନିମିତ୍ତ ପରାମର୍ଶ ଦେବା ତ ଦୂରର କଥା। ତେଣୁ ଆଜି ମଧ୍ୟ ସ୍କୁଲ ଯାଉଥିବା ପିଲାଙ୍କୁ ଦେଖିଲେ ସ୍ୱତଃ ମନେହୁଏ ସେମାନେ ଶରୀର ଅନୁଯାୟୀ ଢେର ଅଧିକ ଓଜନର ବସ୍ତାନି ବୋହୁଛନ୍ତି।

**ପଦରପଡା, ଜି.ବୌଦ୍ଧ**
**ମୋ–୯୪୩୭୫୭୧୮୩୧**

## ପାଠକ ଶ୍ରେଷ୍ଠ ବିଚାରକ

### ସମଲିଙ୍ଗୀ ବିବାହ ସମ୍ବନ୍ଧ

ମହାଶୟ,

ଉପଯୁକ୍ତ ବୟସରେ ପଦାର୍ପଣ କଲାପରେ ପୁତ୍ରକନ୍ୟାମାନଙ୍କର ବିବାହ ପ୍ରସ୍ତାବ ଆଗତ ହୁଏ କାରଣ ବିବାହ ଏକ ପବିତ୍ର ବନ୍ଧନ। ଯାହାକି ବିଶ୍ୱାସ ଉପରେ ପ୍ରତିଷ୍ଠା ଲାଭ କରିଥାଏ। ଏହା କେବଳ ଶାରୀରିକ ମିଳନ ପାଇଁ ଉଦ୍ଦିଷ୍ଟ ନୁହେଁ। ମାନସିକ ଓ ଆବେଗିକ ଏକତ୍ରୀକରଣ ହିଁ ସଫଳ ବିବାହର ପ୍ରମାଣ। ଦାମ୍ପତ୍ୟଜୀବନ ଏକ ମୁଦ୍ରା ସ୍ୱରୂପ। ଯହିଁରେ ପୁରୁଷ ଓ ସ୍ତ୍ରୀ ମୁଦ୍ରାଟିର ଦୁଇ ପାର୍ଶ୍ୱ । ଏହି ବୈବାହିକ ଜୀବନ କେବଳ ବିରଳ ବିଶ୍ୱାସ ଓ ସହଭାଗିତା ଦ୍ୱାରା ସମ୍ଭବ ହୋଇଥାଏ। ତଥାପି ବେଳେ ବେଳେ ଦାମ୍ପତ୍ୟ ଜୀବନରେ ଅଦିନ ଝଡ଼ ଉଠି ସମ୍ପର୍କ ନଷ୍ଟଭ୍ରଷ୍ଟ କରିପକାଏ। ଏବେ ସମଲିଙ୍ଗୀ ବିବାହ ସାରା ବିଶ୍ୱରେ ଆଲୋଡନ ସୃଷ୍ଟି କରିଛି। ଏହି ସମଲିଙ୍ଗୀ ବିବାହର ସ୍ଥାୟିତ୍ୱ ନାହିଁ। ବରଂ ଏହା ସାମାଜିକ ଜୀବନରେ ବିଶୃଙ୍ଖଳା ସୃଷ୍ଟି କରିବ। କାରଣ ଏହା ଅବାସ୍ତବ, ଅପ୍ରାକୃତିକ ଓ ଅପସଂସ୍କୃତିଯୁକ୍ତ କର୍ମ। ବିଶେଷ ଭାବେ ଭାରତ ବର୍ଷରେ ଉକ୍ତ ସମଲିଙ୍ଗୀ ବିବାହ ମର୍ଯ୍ୟାଦାହୀନ। ସାଂସ୍କୃତିକ ପରମ୍ପରା ଓ ଧର୍ମୀୟ ସିଦ୍ଧାନ୍ତ ବିରୋଧ ରୂପେ ପରିଗଣିତ ହୁଏ। ଉକ୍ତ ବିବାହର ନ୍ୟାୟିକ ବ୍ୟବସ୍ଥାକୁ ବିଚାରବିମର୍ଶ ପୂର୍ବକ ସମ୍ପୂର୍ଣ୍ଣ ରୂପେ ରଦ୍ଦ କରିବା ପାଇଁ ବିଭିନ୍ନ ମହଲରେ ଆପତ୍ତିକୁ ଗ୍ରହଣ କରିବାକୁ ଅନୁରୋଧ।

**–ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଜଳିଉଠେ ବିଶ୍ୱକ୍ରୋଡ଼େ ପୁଣି କାହିଁ ଜୀବନର
ନବ ନବ କେତେ ଦୀପାବଳି,
ରଜନୀ–ଦିବସ ସମ ଜୀବନ–ମରଣ ଖେଳ
ସହଜରେ ଯାଏ ସେ ଯେ ଚଳି।
(ଜଡ଼–ଦର୍ଶନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଭୁଶୁଡ଼ିଲା ଏୟାରଷ୍ଟ୍ରିପ୍ ପାଚେରି, ୨ ଶ୍ରମିକ ମୃତ



ଗଛ ପଡ଼ି ରାସ୍ତା ଅବରୋଧ।

**ମାଲକାନଗିରିରେ କାଳବୈଶାଖୀ**

- ୪ ଶ୍ରମିକ ଗୁରୁତର
- ଆମ୍ବୁଲାନ୍ସ ନ ଆସିବାରୁ ଟ୍ରାକ୍ଟରରେ ଗଲେ ଚିକିତ୍ସାଳୟ
- କୋରାପୁଟରୁ ଉଦ୍ଧାର ପାଇଁ ଗଲା ଓଡ୍ରାଫ୍ ଟିମ୍

**ମାଲକାନଗିରି, ୧।୬(ଡି.ଏନ୍.ଏ.)**

ମାଲକାନଗିରି ଜିଲା ସଦର ମହକୁମାରେ ଗୁରୁବାର ଅପରାହ୍ଣ ପ୍ରାୟ ୪ଟାରେ କାଳବୈଶାଖୀ ଯୋଗୁ ୨୦ମିନିଟ୍ ଧରି ପ୍ରବଳ ବେଗରେ ପବନ ବହିବା ସହ ବଜ୍ରପାତ ହୋଇଥିଲା। ଫଳରେ ରାସ୍ତା ଉପରେ ବଡ଼ ବଡ ଗଛ ଉପୁଡି ପଡିବା ସହ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ପଡିଥିଲା । କାଳବୈଶାଖୀ ଯୋଗୁ କଟେଲିଗୁଡା ଗ୍ରାମ ନିକଟରେ ନିର୍ମାଣାଧୀନ ଏୟାରଷ୍ଟ୍ରିପ୍ ପାଚେରି ଭୁଶୁଡିବା ଫଳରେ ସେଠାରେ କାର୍ଯ୍ୟରତ ଥିବା ୬ଜଣ ଶ୍ରମିକଙ୍କ ଉପରେ ପଡିଯାଇଥିଲା। ଫଳରେ ସେମାନେ କାନ୍ଥ ତଳେ ଚାପିହୋଇ ଯାଇଥିଲେ।

ଏହା ଦେଖି ଅନ୍ୟ ଶ୍ରମିକ ଓ ସ୍ଥାନୀୟ ଲୋକେ ତୁରନ୍ତ ସେମାନଙ୍କୁ ଉଦ୍ଧାରକରି ଆମ୍ବୁଲାନ୍ସକୁ ଖବର ଦେଇଥିଲେ। କିନ୍ତୁ ଆମ୍ବଲାନ୍ସ ପହଞ୍ଚିବାରେ ବିଳମ୍ବ ହେବାରୁ ସ୍ଥାନୀୟ ଲୋକେ ଅଟୋ ଓ ଟ୍ରାକ୍ଟର ଦ୍ୱାରା ଆହତମାନଙ୍କୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେମାନଙ୍କ ମଧ୍ୟରୁ ୨ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ଏମ୍ଭି- ୩ ଗ୍ରାମର ଅନିଲ ହେମ୍ବ୍ରମଙ୍କ ପୁଅ ମନ ହେମ୍ବ୍ରମ୍ ଓ ତେନ୍ତଲିଗୁଡା ଗ୍ରାମର ଅର୍ଜୁନ ପେନିଆଙ୍କ ସ୍ତ୍ରୀ ତିଳୋତ୍ତମା।

ସେହିପରି ମାଲକାନଗିରି, ବାଲିମେଳା, ମାଥିଲ ଓ ପାଣ୍ଡ୍ରିପାଣି ଆଦି ଅଞ୍ଚଳରେ ବିଦ୍ୟୁତ୍ ସରବରାହ ସମ୍ପୂର୍ଣ୍ଣ ବନ୍ଦ ରହିଛି। ପବନରେ ୧୦୦ରୁ ଊର୍ଦ୍ଧ୍ୱ ଘରର ଟିଣ ଉଡ଼ିଯିବା ସହ ଉଠାଦୋକାନୀମାନଙ୍କ ତମ୍ବୁ ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଛି। ପବନ ହେବା ଫଳରେ ମାଲକାନଗିରି-ଜୟପୁର, ମାଲକାନଗିରି-ବାଲିମେଳା, ଚିତ୍ରକୋଣ୍ଡା-ବାଲିମେଳା ଓ ଗୋବିନ୍ଦପାଲ୍ଲୀ ଜାତୀୟ ରାଜପଥରେ ରାସ୍ତାରେ ବଡ ବଡ ଗଛ ପଡିବାରୁ ଶହ ଶହ ଯାନବାହନ ଅଟକି ରହିଛି । ଅଗ୍ନିଶମ ବିଭାଗ କର୍ମଚାରୀ ଏବଂ କୋରାପୁଟରୁ ଓଡ୍ରାଫ୍ ଟିମ୍ ଆସି ରାସ୍ତାରେ ପଡିଥିବା ଗଛ କଟା ଜାରି ରଖିଛନ୍ତି। ଜିଲା ପ୍ରଶାସନ ତରଫରୁ ବିଭିନ୍ନ ଅଞ୍ଚଳରେ କ୍ଷୟକ୍ଷତି ଏବଂ ତୁରନ୍ତ ରାସ୍ତା ସଫା ଏବଂ ବିଜୁଳି ସଂଯୋଗ ପାଇଁ ପଦକ୍ଷେପ ନିଆଯାଉଥିବା ଉପଜିଲାପାଳ ଅକ୍ଷୟ କୁମାର ଖେମୁଣ୍ଡୁ କହିଛନ୍ତି। ତେବେ ଆଭ୍ୟନ୍ତରୀଣ ଅଞ୍ଚଳରେ କାଳ ବୈଶାଖୀରେ ଘଟିଥିବା କ୍ଷୟକ୍ଷତି ବିଷୟରେ ରିପୋର୍ଟ ଲେଖା ହେବା ସୁଦ୍ଧା ଜଣାପଡିନାହିଁ।

# ୨ ଡଙ୍ଗା ବୁଡ଼ି, ୨ ନିଖୋଜ

**ମାଲକାନଗିରି, ୧।୬(ଡି.ଏନ୍.ଏ.)**



ସତୀଗୁଡ଼ା ଜଳଭଣ୍ଡାର

ମାଲକାନଗିରି ଜିଲାରେ ଗୁରୁବାର ଅପରାହ୍ଣରେ ହଠାତ୍ କାଳବୈଶାଖୀରେ ପ୍ରବଳ ବେଗରେ ପବନ ବହିବାରୁ ସତୀଗୁଡ଼ା ଜଳଭଣ୍ଡାରରେ ୨ଟି ଡଙ୍ଗା ବୁଡ଼ିଯାଇଛି। ଏଥିରେ ମଞ୍ଜୁସା ଗ୍ରାମର ତୁଲୁସା ମାଢ଼ୀ ଓ ଏମ୍ଭି ୧୧୧ ଗ୍ରାମର ଗୋବିନ୍ଦ ସର୍ଦ୍ଦାର ନିଖୋଜ ଅଛନ୍ତି।

ପ୍ରକାଶ ଯେ, ତୁଲୁସା ତାଙ୍କ ପୁଅ ନବୀନାଙ୍କ ସହ ଜଳଭଣ୍ଡାରକୁ ଜାଲ ପକାଇବାକୁ ଯାଇଥିବା ବେଳେ ହଠାତ୍ ଜୋରରେ ପବନ ବହିବାରୁ ଡଙ୍ଗାଟି ଭାରସାମ୍ୟ ହରାଇ ବୁଡ଼ିଯାଇଥିଲା। ପୁଅ ନବୀନା ପହଁରି କୂଳକୁ ଆସିଥିବା ବେଳେ ମା' ତୁଲୁସା ନିଖୋଜ ଅଛନ୍ତି।

ସେହିପରି ଏମ୍ଭି ୧୧୧ ଗ୍ରାମର ଗୋବିନ୍ଦ ସର୍ଦ୍ଦାର ଜାଲ ଜଳଭଣ୍ଡାରକୁ ଜାଲ ବିଛାଇବାକୁ ଯାଇଥିବା ବେଳେ ପ୍ରବଳ ପବନରେ ଡଙ୍ଗାଟି ବୁଡ଼ିଯାଇଥିଲା। ଫଳରେ ସେ ନିଖୋଜ ଅଛନ୍ତି।

ସୂଚନା ଅନୁସାରେ, ଗଭୀର ଜଳରେ ଡଙ୍ଗା ବୁଡ଼ିଯାଇଥିବା ଜଣାପଡ଼ିବା ପରେ ଜଳଭଣ୍ଡାରରେ ଥିବା ଅନ୍ୟ ମତ୍ସ୍ୟଜୀବୀମାନେ ସେହି ସ୍ଥାନକୁ ଯାଇ ଖୋଜାଖୋଜି କରିଥିଲେ ମଧ୍ୟ ନିଖୋଜମାନଙ୍କୁ ପାଇ ନ ଥିଲେ। ଖବର ଜଣାପଡ଼ିବା ପରେ ସିନ୍ଧ୍ରିମାଳ ସରପଞ୍ଚ ଘାସି ନାୟକ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମ ବିଭାଗ ଓ ମତ୍ସ୍ୟ ବିଭାଗକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ରାଜସ୍ୱ ଓ ମତ୍ସ୍ୟ ବିଭାଗ ଅଧିକାରୀମାନେ ପହଞ୍ଚି ଅନ୍ୟ ଡଙ୍ଗା ସାହାଯ୍ୟରେ ନିଖୋଜମାନଙ୍କୁ ଖୋଜା ଖୋଜି କରିଥିଲେ। ପରେ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ଖୋଜାଖୋଜି ଜାରି ରଖିଛନ୍ତି। ରିପୋର୍ଟ ଲେଖାହେବା ସୁଦ୍ଧା ଉଭୟଙ୍କର କୌଣସି ସନ୍ଧାନ ମିଳି ନ ଥିବା ସରପଞ୍ଚ ନାୟକ ପ୍ରକାଶ କରିଛନ୍ତି।

ADMISSION NOTIFICATION:
2023-25 FOR THE COURSES

C.P.Ed.| B.P.Ed.| M.P.Ed.

Baliapal College of Physical Education
Baliapal, Balasore, Odisha -756026

Recognized by N.C.T.E. New Delhi, Govt. of Odisha and affiliated to F.M. University, Balasore, Odisha under 2 (f) of U.G.C. New Delhi & Board of Secondary Education, Odisha Cuttack

ONLINE APPLICATION FOR ADMISSION OPEN FOR LIMITED SEATS
AVOID LAST HOUR RUSH

For detail notification and online application please visit our website: www.bcpe.in, Contact: Mob: 9437660941.

# ନୂଆପଡ଼ାରେ ପୁଣି ବାଘ ଆତଙ୍କ

**ନୂଆପଡ଼ା ଅଫିସ,୧।୬**

ନୂଆପଡା ଜିଲାରେ ବାଘ ଆତଙ୍କ ଥମିବାର ନାଁ ନେଉନାହିଁ। କିଛି ଦିନର ବ୍ୟବଧାନ ପରେ ପୁଣି ବାଘ ଦେଖାଦେଇଛି। ବୁଧବାର ସନ୍ଧ୍ୟାରେ ସଦର ରେଞ୍ଜ ଅଧୀନ ଆମାନାରା ବିଟ କୁକୁଡାତାଲ ଗାଁ ପାଖ ମୁଶରଙ୍ଗି ଜଙ୍ଗଲର ଏକ ପଥର ଉପରେ ବାଘ ବସିଥିବା ଗାଁ ଲୋକେ ଦେଖିଥିବା କହିଛନ୍ତି। ଏହା ପରେ ଗାଁର କେତେଜଣ ଯୁବକ ୨ ଶହ ମିଟର ଦୂରରୁ ମୋବାଇଲରେ ବାଘର ଫଟୋ ଉଠାଇ ବିଭିନ୍ନ ସୋସିଆଲ ମିଡିଆରେ ଭାଇରାଲ କରିଛନ୍ତି। ଫଟୋ ଭାଇରାଲ ହେବା ପରେ ଅଞ୍ଚଳରେ ଆତଙ୍କ ବାତାବରଣ ଖେଳିଯାଇଛି। ଲୋକେ ସତର୍କତାର ସହ ରହି ବାହରକୁ ଯାଉ ନାହାନ୍ତି। ପୂର୍ବରୁ ସେହି ପଥର ଉପରେ ୨ଟି ବାଘ ବସିଥିବା ଦେଖାଦେଉଥିବା ବେଳେ ବର୍ତ୍ତମାନ ଗୋଟିଏ ବୁଲୁଥିବା ଲୋକେ ଦେଖିଛନ୍ତି। ଜିଲାରେ ବାଘ ଆତଙ୍କ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଫଳରେ ଲୋକଙ୍କ କାମଧନ୍ଦାରେ ବାଧା ହେଉଛି। ଗତ ଜୁନ ୨୮ରେ ସେହି ଜଙ୍ଗଲ ତଳି ଗାଁ ମୋହରାଡିହିର ଶୁକଦେବ ଯାଦବଙ୍କ ଏକ ଗାଈ ବାଘ ମାରି ଖାଇଥିବା ଅଭିଯୋଗ ହୋଇଥିଲା। ଦିନକୁ ଦିନ ଗୋଟିଏ ପରେ ଗୋଟିଏ ଗୃହ ପାଳିତ ପ୍ରାଣୀ ବାଘ ଶିକାର କରୁଛି। ହେଲେ ବନ ବିଭାଗ ଚୁପ ହୋଇ ବସିଛି। ତାହା ଉପରେ କୌଣସି ବିକଳ୍ପ ବ୍ୟବସ୍ଥା କରୁନାହିଁ।

# ଇଚ୍ଛାମୃତ୍ୟୁ ପାଇଁ ରାଷ୍ଟ୍ରପତିଙ୍କୁ ନିବେଦନ

**ଯାଜପୁର ଟାଉନ,୧।୬(ଡି.ଏନ.ଏ.)**

ଇଚ୍ଛାମୃତ୍ୟୁ ପାଇଁ ରାଷ୍ଟ୍ରପତିଙ୍କୁ ନିବେଦନ କରିଛନ୍ତି ଉତ୍କଳ ଗୃହରକ୍ଷୀ ମହାସଂଘର ରାଜ୍ୟ ସଭାପତି ରଞ୍ଜନ କୁମାର ମଲ୍ଲିକ। ମାର୍ଚ୍ଚରେ ୯୦ ଦିନ ମଧ୍ୟରେ ବର୍ଦ୍ଧିତ ଦରମା ଦେବାକୁ ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୟସୀମା ସରିବାକୁ ଥିବାବେଳେ ରାଜ୍ୟ ସରକାର ପୁଣି ସୁପ୍ରିମକୋର୍ଟରେ ରିଭ୍ୟୁ ପିଟିଶନ୍ ଦାଖଲ କରିଛନ୍ତି। ଫଳରେ ରାଜ୍ୟର ୧୭ ହଜାର ଗୃହରକ୍ଷୀ ବର୍ଦ୍ଧିତ ଦରମା ସହ ବକେୟା ରାଶି ପାଇବାକୁ ନେଇ ସନ୍ଦେହ ଉପୁଜିଛି।



ଉତ୍କଳ ଗୃହରକ୍ଷୀ ମହାସଂଘର ରାଜ୍ୟ ସଭାପତି ରଞ୍ଜନ କୁମାର ମଲ୍ଲିକ।

**ଗୃହରକ୍ଷୀଙ୍କ ଦରମା ବଢ଼ାଉନାହାନ୍ତି ରାଜ୍ୟ ସରକାର**

ରାଜ୍ୟ ସରକାର ଗୃହରକ୍ଷୀଙ୍କ ପ୍ରତି ବୈମାତୃକ ମନୋଭାବ ରଖିଥିବାରୁ ଦରମା ବଢ଼ାଇବାକୁ ଚାହୁଁନାହାନ୍ତି। ତେଣୁ ସମୂହ ଗୃହରକ୍ଷୀଙ୍କ ସ୍ୱାର୍ଥ ଲାଗି ସର୍ବସାଧାରଣ ସ୍ଥାନରେ ରାଜ୍ୟ ସଭାପତି ହିସାବରେ ମତେ ଇଚ୍ଛା ମୃତ୍ୟୁ ଲାଗି ଅନୁମତି ଦିଆଯାଉ ବୋଲି ମଲ୍ଲିକ ରାଷ୍ଟ୍ରପତିଙ୍କୁ ଏକ ପତ୍ର ଲେଖି ନିବେଦନ କରିଛନ୍ତି। ଏହାର ଏକକିତା ନକଲ ସୁପ୍ରିମ୍‌କୋର୍ଟ ପ୍ରଧାନ ବିଚାରପତି, ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ, ଆଇନମନ୍ତ୍ରୀ ଓ ରାଜ୍ୟପାଳଙ୍କୁ ପ୍ରଦାନ କରିଛନ୍ତି।

STATE INSTITUTE OF HOTEL MANAGEMENT, BALANGIR
Titilagarh Road, Balangir - 767001 (Odisha)
(ESTABLISHED BY MINISTRY OF TOURISM, GOVT. OF INDIA & DEPT. OF TOURISM, GOVT. OF ODISHA) NCHMCT

SPOT ADMISSION
FOR HOTEL MANAGEMENT COURSES

| COURSES | DURATION | QUALIFICATION | AGE LIMIT |
|---|---|---|---|
| 1. B.Sc In Hospitality & Hotel Administration | 03 Years (For Degree) 04 Years (For Honors Degree) | 10+2 pass or equivalent with English one of the subjects (45% marks for Gen/OBC & 40% marks for SC & ST candidates) | No Age Limit |
| 2. Diploma In Front Office Operation | $1\frac{1}{2}$ Year | 10+2 pass or equivalent | |
| 3. Diploma In Food & Beverage Service | $1\frac{1}{2}$ Year | 10+2 pass or equivalent | |
| 4. Diploma In Food Production | $1\frac{1}{2}$ Year | 10+2 pass or equivalent | |
| 5. Diploma In Housekeeping Operation | $1\frac{1}{2}$ Year | 10+2 pass or equivalent | |
| 6. Craftsmanship Certificate Course In Food & Beverage Service | 06 Months | 10th pass | |
| 7. Craftsmanship Certificate Course In Food Production | $1\frac{1}{2}$ Year | 10th pass | |

FOR FURTHER DETAILS
Visit our website - www.sihmbalangir.org, e-mail: admissions@sihmbalangir.org
Contact No. 8447903803, 9348849484

# ଜଙ୍ଗଲରୁ ଅର୍ଦ୍ଧଦଗ୍ଧ ମୃତଦେହ ଜବତ

**ହତ୍ୟା ପରେ ପ୍ରମାଣ ନଷ୍ଟ ପାଇଁ ଜଳାଯାଉଥିବା ସନ୍ଦେହ**

**କଳିଙ୍ଗନଗର,୧।୬(ଡି.ଏନ.ଏ.)**

ଯାଜପୁରଜିଲା ଟମକାଥାନା ଅନ୍ତର୍ଗତ ରଥପଦା ଜଙ୍ଗଲ ନିକଟରୁ ଗୁରୁବାର ସକାଳେ ଏକ ଅର୍ଦ୍ଧଦଗ୍ଧ ମୃତଦେହ ଜବତ କରାଯାଇଛି। ଅନ୍ୟସ୍ଥାନରେ ହତ୍ୟା କରାଯାଇ ପ୍ରମାଣ ନଷ୍ଟ ଉଦ୍ଦେଶ୍ୟରେ ଏଠାରେ ଜଳାଯାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଅନୁମାନ କରୁଛି।

ସୂଚନା ମୁତାବକ, ସକାଳେ ଏକ ମୃତଦେହ ଜଳୁଥିବା ଦେଖି ସ୍ଥାନୀୟ ଗ୍ରାମବାସୀ ଟମକା ପୋଲିସକୁ ସୂଚନା ଦେଇଥିଲେ। ଡୁବୁରୀ-ଟମକା ରାସ୍ତାର ରଥପଦା ଗ୍ରାମ ବିପରୀତ ପାର୍ଶ୍ୱରେ ପ୍ରାୟ ୨୦୦ ମିଟର ଦୂରରେ ଜଙ୍ଗଲ ଭିତରେ ମୃତଦେହ ପୋଡ଼ା ଯାଇଥିଲା। ଏକ କାଠ ଗଣ୍ଡି ଉପରେ ଶୁଆଇ ଦେଇ ସମ୍ଭବତଃ ଭୋର ସମୟରେ ଦୁର୍ବୃତ୍ତ ନିଆଁ ଲଗାଇ ଥାଇପାରନ୍ତି ବୋଲି ସନ୍ଦେହ କରାଯାଇଛି। ତେବେ ସକାଳ ହୋଇଯିବାରୁ ସେଠାରୁ ଦୁର୍ବୃତ୍ତ ଚାଲିଯିବା ପରେ ଏହି ଘଟଣା ଲୋକଙ୍କ ଦୃଷ୍ଟିକୁ ଆସିଥିଲା। ଶରୀରର ନବେ ଭାଗ ପୋଡ଼ି ଯାଇଥିବାରୁ ମୃତଦେହଟି ସ୍ତ୍ରୀ ଲୋକ କିମ୍ବା ପୁରୁଷ ତାହା ସ୍ପଷ୍ଟ ହୋଇ ପାରିନାହିଁ। ଏନେଇ ଟମକା ଥାନାରେ ଏକ ମାମଲା ନଂ.୮୫/୨୩ ରୁଜୁ ହୋଇଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

IndusInd Bank
ଆଞ୍ଚଳିକ କାର୍ଯ୍ୟାଳୟ:
ସାବିତ୍ରୀ ଟାୱାର୍ସ, ୩ଏ, ଅପର୍ ଉଡ୍ ଷ୍ଟ୍ରୀଟ୍,
କୋଲକାତା ୭୦୦୦୧୭

ତ୍ରୁଟି ସଂଶୋଧନ

ଏହି ଖବରକାଗଜରେ ତା୦୧।୦୬।୨୦୨୩ରିଖରେ ପ୍ରକାଶିତ 'ନିଲାମ ବିକ୍ରୟ ନୋଟିସ' ସନ୍ଦର୍ଭରେ, ଦୟାକରି ଧ୍ୟାନରେ ରଖନ୍ତୁ ଯେ ''ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ''କୁ ସାଂଖ୍ୟିକ ଭାବେ ଟ.୫,୮୫,୦୦୦/- ପରିବର୍ତ୍ତେ ଟ.୫,୮୫,୦୦,୦୦୦/- ପଢ଼ାଯିବ । ଅସୁବିଧା ପାଇଁ ଆମେ ଦୁଃଖିତ ।

ପ୍ରାଧିକୃତ ଅଧିକାରୀ
ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କ ଲିଃ
ତାରିଖ: ୦୨।୦୬।୨୦୨୩
ସ୍ଥାନ- କଟକ, ଓଡ଼ିଶା।

# ଓଡ଼ିଶା ହୋମ୍ସର ଆଉ ଜଣେ ନିର୍ଦ୍ଦେଶକ କୋରାପୁଟରୁ ଗିରଫ

**ଘର ଦେବା ନାଁରେ ୯କୋଟି ଠକେଇ ମାମଲା**

- ଠକେଇ ସଂକ୍ରାନ୍ତ ଦସ୍ତାବିଜ୍ ଜବତ, ୨୦୧୩-୨୦୨୦ରେ ହୋଇଥିଲା ଠକେଇ
- ପୂର୍ବରୁ ଅନ୍ୟଏକ ଠକେଇ ମାମଲାରେ ୨ ନିର୍ଦ୍ଦେଶକଙ୍କୁ ଗିରଫ କରିଛି ଇଓଡବ୍ଲ୍ୟୁ



ସରୋଜ କୁମାର ପଣ୍ଡା

**ଭୁବନେଶ୍ୱର/ଜୟପୁର,୧।୬ (ବ୍ୟୁରୋ/ନି.ପ୍ର.)**

ମାର୍କେଟ୍ କମ୍ପ୍ଲେକ୍ସରେ ଘର (କମର୍ସିଆଲ୍ ୟୁନିଟ୍) ଦେବା ଆଳରେ ଏକାଧିକ ଗ୍ରାହକଙ୍କୁ ୯ କୋଟି ଠକେଇ ମାମଲାରେ 'ଏମ୍/ଏସ୍ ଓଡ଼ିଶା ହୋମ୍ସ ଆଣ୍ଡ କମର୍ସିଆଲ୍ ପ୍ରାଇଭେଟ୍ ଲିଃ'ର ଅନ୍ୟତମ ନିର୍ଦ୍ଦେଶକଙ୍କୁ କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) କୋରାପୁଟ ଜିଲା ଜୟପୁରରୁ ଗିରଫ କରିଛି। ସେ ହେଲେ ସରୋଜ କୁମାର ପଣ୍ଡା। ବୁଧବାର ତାଙ୍କୁ ଗିରଫ ପରେ ଗୁରୁବାର କଟକ ଓପିଆଇଡି କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଏହି ମାମଲାରେ ସମ୍ପୃକ୍ତ ଥିବା ସଂସ୍ଥାର ଅନ୍ୟ ୨ ନିର୍ଦ୍ଦେଶକ ଅରବିନ୍ଦ ସାମନ୍ତରା ଓ ମନୋଜ କୁମାର ପଣ୍ଡା ପୂର୍ବରୁ ଆଉଏକ ଠକେଇ ମାମଲା (ନଂ.୧୪/୨୦୨୨)ରେ ଇଓଡବ୍ଲ୍ୟୁ ଦ୍ୱାରା ଗିରଫ ହୋଇଛନ୍ତି। ମନୋଜ ଏବେବି ଜେଲରେ ଅଛନ୍ତି। ତେବେ ଓଡ଼ିଶା ହୋମ୍ସ ଓ ଏହାର ନିର୍ଦ୍ଦେଶକଙ୍କ ନାଁରେ ବିଭିନ୍ନ ଥାନାରେ ଆଉ ୧୦ଟି ମାମଲାର ତଦନ୍ତ ଚାଲୁ ରହିଥିବା ଇଓଡବ୍ଲ୍ୟୁ ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ, ଭୁବନେଶ୍ୱର ଅଶୋକନଗରରେ 'ବସୁଧା ଟ୍ରେଡ୍ ସେଣ୍ଟର' ନାମରେ ଏକ ମାର୍କେଟ କମ୍ପ୍ଲେକ୍ସ କରିବା ପାଇଁ ବିଲ୍ଡର ସଂସ୍ଥା 'ମା ବସୁଧା ହୋମ୍ସ' ୫ଜଣ ଲୋକଙ୍କଠାରୁ ଜମି ନେଇଥିଲା। ମାର୍କେଟ କମ୍ପ୍ଲେକ୍ସ ହେବା ପରେ ଏହାର ୟୁନିଟ୍ (ଘର) ବିକ୍ରି ଟଙ୍କା ଜମି ମାଲିକ ଓ ବିଲ୍ଡର ସଂସ୍ଥା ୫୦ ପ୍ରତିଶତ ଲେଖାଏ ପାଇବାକୁ ଚୁକ୍ତିନାମା ହୋଇଥିଲା। ସଂସ୍ଥାର ମାଲିକାଣୀ ସ୍ନିଗ୍ଧା ପ୍ରଧାନ ମାର୍କେଟ କମ୍ପ୍ଲେକ୍ସର ନିର୍ମାଣ ଏବଂ ବୁକିଂ ଆଦି ଦାୟିତ୍ୱ ୨୦୧୨ରେ 'ଓଡ଼ିଶା ହୋମ୍ସ'କୁ ଦେଇଥିଲେ। ତୃତୀୟ ମହଲା ବିଶିଷ୍ଟ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରି ଓଡ଼ିଶା ହୋମ୍ସ ବୁକିଂ ଦେଇଥିଲା। ୨୦୧୩ରୁ ୨୦୨୦ ମଧ୍ୟରେ ଓଡ଼ିଶା ହୋମ୍ସର ନିର୍ଦ୍ଦେଶକମାନେ 'ବସୁଧା ଟ୍ରେଡ ସେଣ୍ଟର'ର ୧୨୯ଟି କମର୍ସିଆଲ୍ ୟୁନିଟ୍‌ର ବୁକିଂ ପାଇଁ ବିଭିନ୍ନ ଗ୍ରାହକଙ୍କଠୁ ୯ କୋଟି ଟଙ୍କା ନେଇଥିଲେ। ହେଲେ ଏହି ସଂସ୍ଥା ସେମାନଙ୍କୁ ଘର ହସ୍ତାନ୍ତର କରି ନ ଥିଲା। ଏପରିକି ୫ ଜମି ମାଲିକଙ୍କୁ ମଧ୍ୟ ସେମାନଙ୍କ ଶେୟାର ଦେଇ ନ ଥିଲା। ଏହା ଭିତରେ ମା' ବସୁଧା ହୋମ୍ସର ମାଲିକାଣୀ ସ୍ନିଗ୍ଧାଙ୍କ ମୃତ୍ୟୁ ହୋଇଯିବାରୁ ବୁକିଂ କରିଥିବା ଗ୍ରାହକମାନେ ସମସ୍ୟାରେ ପଡ଼ିଥିଲେ। ଗ୍ରାହକଙ୍କ ମଧ୍ୟରୁ ଆଇଆର୍‌ସି ଭିଲେଜର କଲ୍ୟାଣ ମିଶ୍ର ଏନେଇ ଇଓଡବ୍ଲ୍ୟୁରେ ଏତଲା ଦେଇଥିଲେ। ଇଓଡବ୍ଲ୍ୟୁ ଚଳିତବର୍ଷ ମାର୍ଚ୍ଚ ୭ରେ ଏକ ମାମଲା (ନଂ.୯/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ଓଡ଼ିଶା ହୋମ୍ସ ବିଡିଏ ଆପ୍ରୁଭାଲ୍ ନ ନେଇ ମାର୍କେଟ କମ୍ପ୍ଲେକ୍ସର ୩ୟ ମହଲା ନିର୍ମାଣ କରିଥିଲା ବୋଲି ତଦନ୍ତବେଳେ ଇଓଡବ୍ଲ୍ୟୁ ଜାଣିବାକୁ ପାଇଛି।

# ପିଏମ୍‌ପି କମ୍ପାନୀରେ ଆୟକର ବିଭାଗର ଚଢ଼ାଉ

**ଯୋଡା,୧।୬(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡାସ୍ଥିତ ପଟ୍ଟନାୟକ ମିନେରାଲ ପ୍ରାଇଭେଟ୍ ଲିମିଟେଡ୍(ପିଏମ୍‌ପି) ସଂସ୍ଥାର ବିଭିନ୍ନ କାର୍ଯ୍ୟାଳୟ ତଥା ଖଣି ଓ ଶିଳ୍ପରେ ଆୟକର ବିଭାଗ ପକ୍ଷରୁ ଗୁରୁବାର ଚଢ଼ାଉ କରାଯାଇଛି। ସକାଳ ୭ଟା ସମୟରେ ଆୟକର ବିଭାଗ ଅଧିକାରୀମାନେ ଯୋଡାର ବନେଇକଳାସ୍ଥିତ ପଟ୍ଟନାୟକ ମିନେରାଲ କାର୍ଯ୍ୟାଳୟ, କମ୍ପାନୀ ସହିତ ଜଡିତ ବିଭିନ୍ନ କାର୍ଯ୍ୟାଳୟ ତଥା ଅନୁଷ୍ଠାନ, କୋଇଡାସ୍ଥିତ ଏକ ଖଣିର ନେଣଦେଣ, ବିଆଇଏଲ୍ ନାମକ ଏକ ସଂସ୍ଥାର ଅଫିସ ସମେତ ଜିତୁ ପଟ୍ଟନାୟକଙ୍କର ଅଫିସ, କମ୍ପାନୀର ଅଂଶୀଦାରମାନଙ୍କ ବାସଭବନରେ ଚଢ଼ାଉ କରାଯାଇଛି। ଏନେଇ ଆୟକର ବିଭାଗ ଅଧିକାରୀଙ୍କର ପ୍ରତିକ୍ରିୟା ମିଳିପାରିନାହିଁ। କଡା ସୁରକ୍ଷା ବଳୟରେ ଏହି ଯାଞ୍ଚ ପ୍ରକ୍ରିୟା ଚାଲିଥିବା ବେଳେ ଗଣମାଧ୍ୟମକୁ ମଧ୍ୟ ବାରଣ କରାଯାଇଛି। ସୂଚନାଯୋଗ୍ୟ, ଗତ ୨୦୨୨ ମେ ୧୧ ତାରିଖରେ ଚମ୍ପୁଆର ପୂର୍ବତନ ବିଧାୟକ ଜିତୁ ପଟ୍ଟନାୟକଙ୍କର କମ୍ପାନୀରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଚଢ଼ାଉ କରିଥିଲା। ଏ ସଂକ୍ରାନ୍ତରେ ଜିତୁ ପଟ୍ଟନାୟକଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

DIRECTORATE OF STATE INSTITUTE OF HEALTH & FAMILY WELFARE, ODISHA
Nayapalli, Bhubaneswar - 751012

No. E-143

Advertisement Reference No.2463, dated 24.05.2023

TRAINING OF GOVERNMENT DOCTORS

Applications are invited as per the following criteria from interested and committed regular in service State Govt. MBBS doctors for 1 Year course of Post Graduate Diploma in Public Health Management for the year 2023-24. The candidates applying for the above courses must not have completed/ undergone any PG degree, Diploma course in any subject or any such similar course viz LSAS /EmOC / USG Training / Chemotherapy / Mental Health / ICU / CPS Diploma etc.

| Name of the Training | Duration | Training Organizing Institute. | Eligibility Criteria |
|---|---|---|---|
| PG Diploma in Public Health Management | 1 year | Indian Institute of Public Health, Bhubaneswar | Minimum 3 (Three) years of service completed and five years to retire as on 31st May'2023. |

All interested MBBS Doctors (OPSC confirmed) are requested to apply to the Director, SIHFW, Odisha, Nayapalli, Unit-8, Bhubaneswar-751012, through proper channel (CDM&PHO of the districts / Superintendent of Medical Colleges or respective authorities) in the prescribed format available on website www.sihfwodisha.nic.in / www.nhmodisha.gov.in / www.health.odisha.gov.in / www.odisha.gov.in through registered post, courier or in person. The application form can also be obtained from respective CDM&PHO office / Superintendent Govt. Medical Colleges. Last date for receipt of application is 26th June 2023. No application will be entertained after the last date. For further clarification Director, SIHFW, Odisha can be contacted in sihfwodisha@gmail.com, phone no - 0674-2394336.

Sd/-
Director, SIH&FW (Odisha),
Bhubaneswar.

OIPR-10003/11/0034/2324

**ସଂକ୍ଷେପରେ**

## ଭଲ ପୋଷାକ ପିନ୍ଧିବାରୁ ଦଳିତ ଯୁବକଙ୍କୁ ମାଡ଼

**ପାଲାନପୁର, ୧।୬:** ଗୁଜରାଟର ବନସ୍କଣ୍ଠା ଜିଲାର ମୋଟା ଗ୍ରାମରେ ଜଣେ ଦଳିତ ଯୁବକ ଭଲ ପୋଷାକ ଓ ଚଷମା (ସନ୍‌ଗ୍ଲାସ୍) ପିନ୍ଧିବାରୁ ଉଚ୍ଚ ବର୍ଗର ଲୋକେ କ୍ରୋଧାନ୍ୱିତ ହୋଇ ତାଙ୍କୁ ମାଡ଼ ମାରିଛନ୍ତି। ମଙ୍ଗଳବାର ରାତିରେ ଏହି ଘଟଣା ଘଟିଥିବା ପୋଲିସ କହିଛି। ଯୁବକଙ୍କ ମାଆଙ୍କୁ ମଧ ଆକ୍ରମଣ ହୋଇଛି। ଉଭୟେ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ପୀଡ଼ିତଙ୍କ ଅଭିଯୋଗ କ୍ରମେ ପୋଲିସ ୭ ଜଣଙ୍କ ବିରୋଧରେ ଏତଲା ଦାଏର କରିଛି। ଅଭିଯୋଗ ଅନୁଯାୟୀ ପୀଡ଼ିତ ଯୁବକ ମଙ୍ଗଳବାର ସକାଳେ ଭଲ ପୋଷାକ ଓ ସନ୍‌ଗ୍ଲାସ୍ ପିନ୍ଧି ନିଜ ଘର ବାହାରେ ଛିଡ଼ାହୋଇଥିବାବେଳେ ଜଣେ ଅଭିଯୁକ୍ତ ତାଙ୍କ ପାଖକୁ ଆସି 'ଆଜିକାଲି ତୁ ବହୁତ ଉପରକୁ ଉଠିଗଲୁଣି' ବୋଲି କହିବା ସହ ହତ୍ୟା ଧମକ ଦେଇଥିଲେ। ସେହି ରାତିରେ ପୀଡ଼ିତ ଜଣକ ଗାଁ ମନ୍ଦିର ବାହାରେ ଛିଡ଼ା ହୋଇଥିବାବେଳେ ରାଜପୁତ୍ ସାଙ୍ଗିଆଧାରୀ ୬ ଜଣ ବ୍ୟକ୍ତି ଲାଠି ଧରି ଆସି କ'ଣ ପାଇଁ ଭଲ ପୋଷାକ ଓ ସନ୍‌ଗ୍ଲାସ୍ ପିନ୍ଧିଛୁ ବୋଲି ପ୍ରଶ୍ନ କରିବା ସହ ମାଡ଼ ମାରି ଏକ ଡେଏରି ପାର୍ଲର ପଛପଟକୁ ଘୋଷାଡ଼ି ନେଇଥିଲେ। ଯୁବକଙ୍କୁ ବଞ୍ଚାଇବା ପାଇଁ ତାଙ୍କ ମାଆ ଧାଇଁଆସିବାରୁ ତାଙ୍କୁ ମଧ ମାଡ଼ ହୋଇଥିଲା। ଦୁର୍ବୃତ୍ତମାନେ ତାଙ୍କ ପୋଷାକ ଚିରିଦେଇଥିଲେ ବୋଲି ଅଭିଯୋଗ ହୋଇଛି।

## ବାୟୁସେନା ବିମାନ ଦୁର୍ଘଟଣାଗ୍ରସ୍ତ



**ବେଙ୍ଗାଲୁରୁ, ୧।୬:** ଭାରତୀୟ ବାୟୁସେନା (ଆଇଏଏଫ୍)ର ଏକ କିରଣ ପ୍ରଶିକ୍ଷଣ ବିମାନ ଗୁରୁବାର କର୍ଣ୍ଣାଟକର ଚାମରାଜନଗର ଜିଲା ଅନ୍ତର୍ଗତ ଭୋଗପୁରା ଗ୍ରାମରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ବିମାନରେ ଥିବା ୨ ପାଇଲଟ୍ ପାରାଚୁଟ୍ ସହାୟତାରେ ସୁରକ୍ଷିତ ଭାବେ ଅବତରଣ କରିଛନ୍ତି। ଦୁର୍ଘଟଣାର କାରଣ ଜାଣିବା ପାଇଁ କୋର୍ଟ ଅଫ୍ ଇନ୍‌କ୍ୱାରି ନିର୍ଦ୍ଦେଶ ଦିଆଯାଇଥିବା ଆଇଏଏଫ୍ ପକ୍ଷରୁ ଟୁଇଟ୍ କରାଯାଇଛି।

## ଏନ୍‌ସିଇଆର୍‌ଟି ପାଠ୍ୟପୁସ୍ତକରୁ ପର୍ଯ୍ୟାୟ ସାରଣୀ ବାଦ୍

**ନୂଆଦିଲ୍ଲୀ, ୧।୬:** ଏନ୍‌ସିଇଆର୍‌ଟି ଦଶମ ଶ୍ରେଣୀ ପାଠ୍ୟପୁସ୍ତକରୁ ଗୋଟିଏ ପରେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ବିଷୟ ବାଦ୍ ଦେଇ ଚାଲିଛି। ସରକାରୀ ପାଠ୍ୟପୁସ୍ତକରେ ଦଶମ ଶ୍ରେଣୀ ଛାତ୍ରୀଛାତ୍ର ପର୍ଯ୍ୟାୟ ସାରଣୀ, ଗଣତନ୍ତ୍ର ଓ ଶକ୍ତିର ଉତ୍ସ ବିଷୟ ଆଉ ପଢ଼ିବାକୁ ପାଇବେ ନାହିଁ। ପିଲାଙ୍କ ଉପରୁ ପାଠପଢ଼ା ବୋଝ କମାଇବା ନାଁରେ ସୁବ୍ୟବସ୍ଥୀକରଣର ଅଂଶ ସ୍ୱରୂପ ଏହି ଅଧ୍ୟାୟଗୁଡ଼ିକୁ ସମ୍ପୂର୍ଣ୍ଣ ହଟାଇ ଦିଆଯାଇଛି। ପୂର୍ବରୁ ଦଶମ ଶ୍ରେଣୀ ପାଠ୍ୟକ୍ରମରୁ ଡାର୍‌ୱିନ୍‌ଙ୍କ ବିବର୍ତ୍ତନ ତତ୍ତ୍ୱକୁ ବାଦ୍ ଦିଆଯିବା ନେଇ ବିବାଦ ସୃଷ୍ଟି ହୋଇଥିଲା। ନିକଟରେ ଏନ୍‌ସିଇଆର୍‌ଟି ପ୍ରକାଶ କରିଥିବା ପାଠ୍ୟପୁସ୍ତକରେ ପର୍ଯ୍ୟାୟ ସାରଣୀ (ପିରିଅଡିକ୍ ଟେବୁଲ) ସମେତ ବିଭିନ୍ନ ଅଧ୍ୟାୟ କାଟିଦିଆଯାଇଛି। ବିଜ୍ଞାନ ବିଷୟରୁ ବାଦ୍ ପଡ଼ିଥିବା ଅନ୍ୟ ଅଧ୍ୟାୟ ମଧ୍ୟରେ ରହିଛି ପରିବେଶୀୟ ସ୍ଥିରତା ଏବଂ ଶକ୍ତିର ଉତ୍ସ। ଗଣତନ୍ତ୍ର, ଗଣତନ୍ତ୍ର ପ୍ରତି ରହିଥିବା ବିଭିନ୍ନ ଚ୍ୟାଲେଞ୍ଜ ଏବଂ ରାଜନୈତିକ ଦଳ ଅଧ୍ୟାୟକୁ ଦଶମ ଶ୍ରେଣୀ ପାଠ୍ୟପୁସ୍ତକର ସଂଶୋଧିତ ସଂସ୍କରଣରୁ ବାଦ୍ ଦିଆଯାଇଛି।

# ପୀଡ଼ିତାଙ୍କ ସଂଘର୍ଷ ସରିନି

## ମୁଜାଫରନଗର ଦଙ୍ଗାବେଳେ ଗଣବଳାତ୍କାର ଶିକାର ହୋଇଥିଲେ



**୨୦୧୩ ଅଗଷ୍ଟ ୨୭ରୁ ସେପ୍ଟେମ୍ବର ୧୭ ମଧରେ ମୁଜାଫରନଗର ଦଙ୍ଗାରେ ୬୨ ଜଣଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ମଧରୁ ୪୨ ଜଣ ଥିଲେ ମୁସଲମାନ ସମ୍ପ୍ରଦାୟର। ଅନ୍ୟୁନ ୭ ମୁସଲମାନ ମହିଳାଙ୍କୁ ବଳାତ୍କାର କରାଯାଇଥିଲା। ଜଣଙ୍କୁ ଗଣବଳାତ୍କାର କରିଥିବା ୨ ଅଭିଯୁକ୍ତ ଏବେ ଜେଲରେ ଥାଇ ମୁକୁଳି ଆସିବାକୁ ଉଦ୍ୟମ ଚଳାଇଛନ୍ତି। ଅନ୍ୟ ପୀଡ଼ିତାମାନଙ୍କ ମାମଲାର ଶୁଣାଣି ଆଗେଇ ପାରୁନାହିଁ। ଏହା କେବଳ ଗୋଟିଏ ସହରର ବଳାତ୍କାର ପୀଡ଼ିତାଙ୍କ ସଂଘର୍ଷ କାହାଣୀ ନୁହେଁ, ବରଂ ଉତ୍ତର ଭାରତୀୟ ରାଜ୍ୟଗୁଡ଼ିକରେ ଗରିବ ତଥା ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକେ ଶାସକ ଦଳର ବାହୁଛାୟା ତଳେ ଥିବା ବିତ୍ତଶାଳୀ ଓ ଉଚ୍ଚବର୍ଗର ବ୍ୟକ୍ତିଙ୍କ ଦ୍ୱାରା କିପରି ବର୍ବରତାର ଶିକାର ହୋଇଥାଆନ୍ତି ତା'ର ଜ୍ୱଳନ୍ତ ଉଦାହରଣ।**



**ମୁଜାଫରନଗର, ୧।୬**

୨୦୧୩ରେ ଉତ୍ତର ପ୍ରଦେଶର ମୁଜାଫରନଗର ଦଙ୍ଗାବେଳେ ଜଣେ ମହିଳାଙ୍କୁ ବଳାତ୍କାର କରିବା ଅଭିଯୋଗରେ ୩ ସପ୍ତାହ ତଳେ ୨ ଜଣଙ୍କୁ ୨୦ ବର୍ଷ ଜେଲ ଦଣ୍ଡାଦେଶ ହୋଇଛି। ୩୫ ବର୍ଷୀୟା ପୀଡ଼ିତା ଆଫ୍ରିନ୍‌ଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ଅନେକ ଖବରଦାତା ତାଙ୍କ ଧୈର୍ଯ୍ୟ ଓ ସାହସକୁ ପ୍ରଶଂସା କରି ସାକ୍ଷାତ୍‌କାର ନେବା ପାଇଁ ଅନୁରୋଧ କରୁଛନ୍ତି। ତେବେ ନ୍ୟାୟ ପାଇଁ ଦଶନ୍ଧି ଧରି ଚାଲିଥିବା ଏହି ମହିଳାଙ୍କ ଲଢ଼େଇ ଅଦ୍ୟାବଧି ଶେଷ ହୋଇନାହିଁ। ସୁରକ୍ଷା କାରଣରୁ ଏଠାରେ ପୀଡ଼ିତାଙ୍କ ପ୍ରକୃତ ନାମ ଉଲ୍ଲେଖ କରାଯାଇ ନାହିଁ।

ଗଣମାଧମ ଆଗରେ ମୁହଁ ଢାଙ୍କି ମହିଳା ଜଣକ କହିଛନ୍ତି, କେହି ଜଣେ ବ୍ୟକ୍ତି କଥା ହେବାବେଳେ ତାଙ୍କ ନାଁ ଧରିଥିଲେ। ତେଣୁ ଯେଉଁମାନେ ସେ ବିଷୟରେ ଜାଣି ନ ଥିଲେ ଏବେ ସବୁ କଥା ଜାଣିବାକୁ ପାଇଲେ। ଏହା ତାଙ୍କ ଅସୁରକ୍ଷା ଭାବକୁ ବଢ଼ାଇ ଦେଇଛି। ଗାଁ ଓ ମୁଜାଫରନଗରର ଅନ୍ୟ ଭାଗରେ ତାଙ୍କ ସ୍ୱାମୀଙ୍କୁ ଅନେକେ ପ୍ରଶ୍ନ କରୁଛନ୍ତି, ତୁମ ସ୍ତ୍ରୀ ସହ ଏତେସବୁ ଘଟିଗଲା, ଆମକୁ କାହିଁକି କହି ନ ଥିଲ ? ତାଙ୍କ ୩୭ ବର୍ଷୀୟ ସ୍ୱାମୀ ସୈଫ୍ କିଛି ଦିନ ହେଲା ନିଜ ଫୋନ୍‌କୁ ସାଇଲେଣ୍ଟ ମୋଡରେ ରଖିଛନ୍ତି।

ମୁଜାଫରନଗର ଜିଲାରେ ଦଙ୍ଗା ସମୟରେ ବଳାତ୍କାରର ଶିକାର ହୋଇଥିବା ଅନ୍ୟୁନ ୭ ମହିଳାଙ୍କ ମଧରୁ ଆଫ୍ରିନ୍ ଅନ୍ୟତମ। ୨୦୧୩ ଅଗଷ୍ଟ ୨୭ରେ ଜଣେ ହିନ୍ଦୁ ଝିଅଙ୍କୁ ହଇରାଣ କରିବା ଅଭିଯୋଗରେ ୨୯ ବର୍ଷୀୟ ମୁସଲମାନ ବ୍ୟକ୍ତିଙ୍କୁ ହତ୍ୟା କରାଯିବା ପରେ ହିଂସା ଦେଖିବାକୁ ମିଳିଥିଲା। ଯେଉଁ ଦୁଇଜଣ ତାଙ୍କୁ ଛୁରାମାଡ଼ କରିଥିଲେ ସେମାନଙ୍କୁ ସ୍ଥାନୀୟ ଲୋକେ ଧରି ପିଟି ପିଟି ହତ୍ୟା କରିଥିଲେ। ଏହି ଘଟଣାକୁ ନେଇ ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟ ମଧରେ ୨ ସପ୍ତାହ ଧରି ଦଙ୍ଗା ଚାଲିଥିଲା। ଏପରି କି ଦଙ୍ଗାର ନିଆଁ ପଡ଼ୋଶୀ ଶାମ୍‌ଲି ଜିଲାକୁ ମଧ ବ୍ୟାପିଥିଲା। ୬୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିଲା, ଯାହାଙ୍କ ମଧରୁ ଅଧିକାଂଶ ମୁସଲମାନ। ୬୦,୦୦୦ରୁ ଅଧିକ ଲୋକ ନିଜ ପୈତୃକ ଘରୁ ବିସ୍ଥାପିତ ହୋଇଥିଲେ। ମାନବାଧିକାର ଗୋଷ୍ଠୀଙ୍କ ମତରେ ପ୍ରକୃତ ମୃତ୍ୟୁସଂଖ୍ୟା ଆହୁରି ଅଧିକ ହେବ। ଦୁଇ ସମ୍ପ୍ରଦାୟ ମୁହାଁମୁହିଁ ହୋଇଥିବାବେଳେ ଦେଶର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ରାଜ୍ୟ ୟୁପିରେ ଭୋଟ ଧ୍ରୁବୀକରଣ ପାଇଁ ହିନ୍ଦୁ ଜାତୀୟତାବାଦୀ ଭାଜପା ସରକାର ସୁଯୋଗ ପାଇଥିଲା। ୨୦୧୪ ସାଧାରଣ ନିର୍ବାଚନରେ ଏହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପୁନଃ କ୍ଷମତାସୀନ କରାଇଲା। ରାଜ୍ୟର ୮୦ ଆସନ ମଧ୍ୟରୁ ଭାଜପା ୭୧ଟି ଦଖଲ କରିଥିଲା। ୨୦୧୭ ବିଧାନସଭା ନିର୍ବାଚନରେ ମଧ ଦଳ ଆଶାତୀତ ସଂଖ୍ୟାଗରିଷ୍ଠତା ପାଇଥିଲା। ବିଶେଷଜ୍ଞଙ୍କ ମତରେ ରାଜ୍ୟ ଓ ଜାତୀୟସ୍ତରରେ ଭାଜପାର ଆଧିପତ୍ୟ ନ୍ୟାୟିକ ପ୍ରକ୍ରିୟାକୁ ମନ୍ଥର କରିଦେବାରୁ ମୁଜାଫରନଗର ପୀଡ଼ିତାମାନେ ହତାଶ ହୋଇଯାଇଥିଲେ। ଆଫ୍ରିନ୍ ଆହୁରି କହିଛନ୍ତି, ଦଙ୍ଗାବେଳେ ନିଆଁରେ ଘିଅ ଢାଳିବା ଭଳି ମନ୍ତବ୍ୟ ଦେଇଥିବା ଭାଜପା ନେତାମାନଙ୍କ ବିରୋଧରେ ଥିବା ମାମଲାଗୁଡ଼ିକୁ ୟୁପି ସରକାର ପ୍ରତ୍ୟାହାର କରିଥିଲେ। ନ୍ୟାୟ ପାଇଁ ସେମାନଙ୍କ ଆଗ୍ରହ ନାହିଁ। ରାଜନୀତି ହିଁ ସେମାନଙ୍କ ପାଇଁ ସବୁକିଛି। ତେଣୁ ଯେତେବେଳେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ୨୦୨୨ରେ ପୁଣି କ୍ଷମତାକୁ ଫେରିଲେ, ଏହି ମାମଲାର କ'ଣ ହେବ ବୋଲି ପୀଡ଼ିତା ଚିନ୍ତିତ ହୋଇଯାଇଥିଲେ। ତେବେ ଆଲ୍ଲା ଓ ନିଜ ପ୍ରତି ଥିବା ବିଶ୍ୱାସ ହିଁ ତାଙ୍କୁ ବଞ୍ଚାଇ ରଖିଥିଲା।

## ପ୍ରତିରୋଧ କଲେ ତୋ ପୁଅକୁ ହତ୍ୟା କରିବୁ

### ବଳାତ୍କାର ପରେ ଘରେ ନିଆଁ ଲଗାଇଦେଲେ

୨୦୧୩ ସେପ୍ଟେମ୍ବର ୮ରେ ଆଫ୍ରିନ୍‌ଙ୍କ ସ୍ୱାମୀ ନିଜ ବଡ଼ପୁଅଙ୍କୁ ଡାକ୍ତରଙ୍କ ପାଖକୁ ନେଇଥିଲେ। ଶିଶୁପୁତ୍ର ସହ ଆଫ୍ରିନ୍ ଘରେ ଥିବାବେଳେ କେତେଜଣ ବ୍ୟକ୍ତି ପହଞ୍ଚିଥିଲେ। ନିଜକୁ ବଞ୍ଚାଇବା ପାଇଁ ନିକଟସ୍ଥ କ୍ଷେତକୁ ପଳାଇବା ଲାଗି ସେ ଉଦ୍ୟମ କରି ବିଫଳ ହୋଇଥିଲେ। ସେମାନେ ତାଙ୍କୁ କହିଥିଲେ, ହଲଚଲ ହେଲେ ତୋ ପୁଅକୁ ହତ୍ୟା କରିବୁ। ଆଫ୍ରିନ୍‌ଙ୍କୁ ଜଣେ ପରେ ଜଣେ ବଳାତ୍କାର କରିଚାଲିଥିଲେ। କୁକାର୍ଯ୍ୟରୁ ନିବୃତ୍ତ ରହିବାକୁ ସେ କାକୁତିମିନତି କରିବା ସତ୍ତ୍ୱେ ସେମାନଙ୍କ ବର୍ବରତା ଥମି ନ ଥିଲା। ଦଙ୍ଗାବେଳେ ତାଙ୍କ ଘରରେ ଲୁଟ୍ କରି ନିଆଁ ଲଗାଇଦେଇଥିଲେ। ଆଫ୍ରିନ୍ ଏକ ରିଲିଫ୍ କ୍ୟାମ୍ପରେ ୮ ମାସ ବିତାଇଥିଲେ। ସେଇଠୁ ସେ ସାହସ ଜୁଟାଇ ତାଙ୍କ ପ୍ରତି ବିତିଥିବା ସବୁକଥା ସ୍ୱାମୀଙ୍କୁ କହିବାକୁ ନିଷ୍ପତ୍ତି ନେଲେ। ଅଭିଯୁକ୍ତମାନଙ୍କୁ ଆଫ୍ରିନ୍ ଜାଣନ୍ତି। ତାଙ୍କ ସ୍ୱାମୀ ପେସାରେ ଜଣେ ଦରଜି। ସେ ଅଭିଯୁକ୍ତମାନଙ୍କ ପାଇଁ ପୋଷାକ ସିଲେଇ କରନ୍ତି। ମହେଶବୀର ପ୍ରକାଶ(୬୨) ଓ ସିକନ୍ଦର ମଲିକ(୩୭)ଙ୍କୁ ଗତ ମେ' ୯ରେ ମୁଜାଫରନଗରସ୍ଥିତ ଏକ କୋର୍ଟ ୨୦ ବର୍ଷ ଲେଖାଏ ଜେଲ ଦଣ୍ଡାଦେଶ ଦେଇଛନ୍ତି। ୨୦୨୦ରେ ସ୍ୱାସ୍ଥ୍ୟଗତ କାରଣରୁ ତୃତୀୟ ଅଭିଯୁକ୍ତ କୁଲଦୀପ ସିଂଙ୍କ ମୃତ୍ୟୁ ଘଟିଛି।

ଏହି ଦମ୍ପତି ଅଦାଲତଙ୍କ ଆଶ୍ରୟ ନେବାକୁ ମନସ୍ଥ କଲେ। କିନ୍ତୁ ୟୁପି ପୋଲିସ 'ମାସେ ପରେ ଆସିଛ, ଏହା ଏକ ମିଥ୍ୟା ମାମଲା' କହି ଏଫ୍‌ଆଇଆର୍ କରିବାକୁ ମନା କରିଦେଲା। ସେମାନେ ସୁପ୍ରିମକୋର୍ଟ ଗଲେ। ୨୦୧୪ ଫେବୃୟାରୀରେ ସର୍ବୋଚ୍ଚ ଅଦାଲତ ୩ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ ପାଇଁ ପୋଲିସକୁ ନିର୍ଦ୍ଦେଶ ଦେଲେ। ଦଙ୍ଗାବେଳେ ବଳାତ୍କାର ଶିକାର ହୋଇଥିବା ଅନ୍ୟ ୬ ମହିଳା ମଧ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଭିଯୁକ୍ତମାନେ ମଧ ପିଟିଶନ ଦାଖଲ କରିଥିବାରୁ ୫ ବର୍ଷ ପରେ ବି ମାମଲାର ଶୁଣାଣି ହେଲା ନାହିଁ। ଜଣେ ପୀଡ଼ିତାଙ୍କ ପୁଅଙ୍କୁ ଅପରାଧୀମାନେ ଧମକ ଦେବାରୁ ସେ ନିଜ ମାମଲା ପ୍ରତ୍ୟାହାର କରିନେଲେ। ଅନ୍ୟମାନଙ୍କ ମାମଲା ଫାଷ୍ଟ-ଟ୍ରାକ୍ କୋର୍ଟକୁ ଗଲା, କିନ୍ତୁ ବିଚାରରେ ଅହେତୁକ ବିଳମ୍ବ ହେଲା।

## ବନ୍ଧୁ, ସମ୍ପର୍କୀୟ କଥା ହେଲେନି

ଦଙ୍ଗା ପରେ ଏହି ଦମ୍ପତି ମୁଜାଫରନଗରଠାରୁ ୧୩ କି.ମି. ଦୂର ଏକ ଛୋଟ ସହରକୁ ଚାଲିଗଲେ। କିନ୍ତୁ ଅଭିଯୁକ୍ତମାନେ ସେମାନଙ୍କୁ ଛାଡ଼ି ନ ଥିଲେ। ନୂଆ ଜାଗାରେ ବି ଧମକଚମକ ମିଳୁଥିଲା। ଆକ୍ରମଣକାରୀଙ୍କ ସହ କମ୍ପ୍ରମାଇଜ୍ କରିବାକୁ ଚାପ ପଡୁଥିଲା। ସାଲିସ ନ କରିବାରୁ ବନ୍ଧୁ ସମ୍ପର୍କୀୟ ସମସ୍ତେ ସେମାନଙ୍କ ସହ କଥା ହେବାକୁ ମନା କରିଦେଲେ। ୨୦୧୫ରେ ଏକ ଏନ୍‌ଜିଓ ଦିଲ୍ଲୀରେ ସେମାନଙ୍କ ରହଣି ବ୍ୟବସ୍ଥା କରିଦେଲା। ୧୩, ୧୦ ଓ ୬ ବର୍ଷର ତିନିପୁଅ ସେଠାରେ ପାଠପଢ଼ା ଆରମ୍ଭ କଲେ। ରାଜଧାନୀରେ ରହିବା ପରେ ଆଫ୍ରିନ୍ ଆଇନଗତ ଲଢ଼େଇ ପାଇଁ ସମର୍ଥ ହୋଇଥିଲେ। ୨୦୧୯ରେ ତାଙ୍କ ଶୁଣାଣି ଆରମ୍ଭ ହୋଇଥିଲା ବୋଲି ଆଫ୍ରିନ୍‌ଙ୍କ ଓକିଲ ବ୍ରିନ୍ଦା ଗ୍ରୋଭର କହିଛନ୍ତି। ତେବେ ଟଙ୍କା ଶେଷ ହୋଇଯିବା ପରେ ଆଫ୍ରିନ୍ ପରିବାର ଚଳାଇ ନ ପାରି ବାଧହୋଇ ୟୁପିକୁ ଫେରିଲେ। ଦୋଷୀ ସାବ୍ୟସ୍ତ ହୋଇଥିବା ଦୁଇ ବ୍ୟକ୍ତି ଉଚ୍ଚତର ଅଦାଲତରେ ଅପିଲ କଲେ ଆଫ୍ରିନ୍ ପୁଣି ଲଢ଼େଇ କରିବାକୁ ପ୍ରସ୍ତୁତ ହେଉଛନ୍ତି। ସେମାନଙ୍କୁ ଫାଶୀ ଦିଆଯାଉ ବୋଲି ସେ ଦାବି କରୁନାହାନ୍ତି। କିନ୍ତୁ ଏତେ ବଡ଼ ଜଘନ୍ୟକାଣ୍ଡ ଭିଆଇଥିବା ଲୋକଙ୍କୁ ୨୦ ବର୍ଷ ଜେଲ ଦଣ୍ଡାଦେଶ ପର୍ଯ୍ୟାପ୍ତ ବି ନୁହେଁ। ସେମାନେ ଯେମିତି ୨ ଦଶନ୍ଧି କାରାଦଣ୍ଡ ଭୋଗିବେ, ତାହା ନିଶ୍ଚିତ କରିବା ଲାଗି ଯାହା ଦରକାର କରିବାକୁ ଆଫ୍ରିନ୍ ପ୍ରସ୍ତୁତ। ଲୋକେ ଭାବୁଛନ୍ତି ମୋ ଲଢ଼େଇ ଶେଷ ହୋଇଗଲା। କିନ୍ତୁ ଏହା ସଂଘର୍ଷର ଆରମ୍ଭ ମାତ୍ର ବୋଲି କୋହଭରା କଣ୍ଠରେ ଆଫ୍ରିନ୍ କହିଛନ୍ତି।

## ପିଏମ୍‌ଓ ଅଫିସର ପରିଚୟ ଦେଉଥିବା ବ୍ୟକ୍ତି ଗିରଫ

**ପୁଣେ, ୧।୬**

ନିଜକୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)ର ଅଫିସର ଭାବେ ପରିଚୟ ଦେଇ ଅନ୍ୟମାନଙ୍କୁ ଠକୁଥିବା ଜଣେ ବ୍ୟକ୍ତିଙ୍କୁ ପୁଣେର କ୍ରାଇମ୍ ବ୍ରାଞ୍ଚ୍ ପୋଲିସ ଗିରଫ କରିଛି। ବାସୁଦେବ ନିଭୃତି ତାୟାଡ଼େ(୫୪) ଗତ ୨୯ ତାରିଖରେ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥିବାବେଳେ କ୍ରାଇମ୍ ବ୍ରାଞ୍ଚ୍ ତାଙ୍କୁ ଧରିଥିଲା। ଏନ୍‌ଜିଓ ଦ୍ୱାରା ଆୟୋଜିତ ଉତ୍ସବକୁ ବାସୁଦେବ ଜଣେ ବରିଷ୍ଠ ଆଇଏଏସ୍ ଅଫିସରର ପରିଚୟରେ ଆସିଥିଲେ। ସେ ନିଜକୁ ଡ. ବିନୟ ଦେବ ବୋଲି ପରିଚୟ ଦେବା ସହ ପିଏମ୍‌ଓରୁ ପୁଣେକୁ ଏକ ଗୋପନ ମିଶନରେ ଆସିଥିବା କହିଥିଲେ। ତେବେ କେତେଜଣ ବରିଷ୍ଠ ଅଧିକାରୀଙ୍କ ସମ୍ପର୍କରେ ପ୍ରଶ୍ନ ହେବାରୁ ସେ ଠିକ୍ ଉତ୍ତର ନେଇ ନ ପାରି ତରବରିଆ ଭାବେ ଉତ୍ସବ ସ୍ଥଳ ଛାଡ଼ି ଚାଲିଯାଇଥିଲେ। ଏହାକୁ ନେଇ ସନ୍ଦେହ ହେବାରୁ ଆୟୋଜକ ପୋଲିସକୁ ଜଣାଇଥିଲେ। କ୍ରାଇମ୍ ବ୍ରାଞ୍ଚ ତଦନ୍ତରୁ ଉକ୍ତ ବ୍ୟକ୍ତି ବାରମ୍ବାର ସ୍ଥାନ ବଦଳାଉଥିବା ଜଣାପଡ଼ିଥିଲା। ଶେଷରେ ମେ' ୩୦ରେ ତାଙ୍କୁ ପୁଣେର ତାଲେଗାଁଓ ଡାଭାଡେରୁ ଧରାଯାଇ ଗିରଫ କରାଯାଇଥିଲା। ଜେରା ବେଳେ ସେ ଜଣେ ନକଲି ଆଇଏଏସ୍ ଅଫିସର ବୋଲି ସ୍ପଷ୍ଟ ହୋଇଛି।

## ଶୀଘ୍ର ଶୁଣାଣି ପାଇଁ ମନାକଲେ ସୁପ୍ରିମକୋର୍ଟ

### ୨,୦୦୦ ଟଙ୍କିଆ ନୋଟ୍ ବଦଳକୁ ଚ୍ୟାଲେଞ୍ଜ

**ନୂଆଦିଲ୍ଲୀ, ୧।୬(ପି.ଟି.)**

ବିନା ପରିଚୟ ପ୍ରମାଣରେ ୨,୦୦୦ ଟଙ୍କିଆ ନୋଟ୍ ବଦଳାଇବା ପାଇଁ ପ୍ରକାଶିତ ବିଜ୍ଞପ୍ତିକୁ ଚ୍ୟାଲେଞ୍ଜ କରି ଦାଏର ହୋଇଥିବା ପିଟିଶନର ଶୀଘ୍ର ଶୁଣାଣି କରିବାକୁ ସୁପ୍ରିମକୋର୍ଟ ଗୁରୁବାର ମନା କରିଦେଇଛନ୍ତି। ଜରୁରୀ ଶୁଣାଣି ପାଇଁ ଆଇନଜୀବୀ ଅଶ୍ୱିନୀ ଉପାଧ୍ୟାୟଙ୍କ ପକ୍ଷରୁ କରାଯାଇଥିବା ଆବେଦନକୁ ଜଷ୍ଟିସ ସୁଧାଂଶୁ ଧୁଲିଆ ଏବଂ କେ.ଭି. ବିଶ୍ୱନାଥନଙ୍କ ଅବକାଶକାଳୀନ ଖଣ୍ଡପୀଠ ଅଗ୍ରାହ୍ୟ କରିଦେଇଛନ୍ତି। ଗ୍ରୀଷ୍ମାବକାଶ ବେଳେ ଉକ୍ତ ପିଟିଶନର ଶୁଣାଣି ହୋଇପାରିବ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି। ନୋଟ ବଦଳାଇବା ପାଇଁ ଆଧାର କାର୍ଡ ଭଳି ପରିଚୟ ପ୍ରମାଣ ଆବଶ୍ୟକ ପଡୁ ନ ଥିବାରୁ ଅପରାଧୀ ଓ ଆତଙ୍କବାଦୀ ମଧ ୨,୦୦୦ ଟଙ୍କିଆ ନୋଟ୍ ବଦଳାଇବାର ସୁଯୋଗ ପାଇବେ। ଶୁଣାଣିରେ ବିଳମ୍ବ ହେଲେ ବହୁ ପରିମାଣର କଳାଧନ ବ୍ୟାଙ୍କରେ ଜମା ହୋଇଯିବ ବୋଲି ଅଶ୍ୱିନୀ ଅଭିଯୋଗ କରିଥିଲେ।



କେରଳର କନ୍ନୁର ନିକଟରେ ଜଳିଯାଇଥିବା ଆଲ୍ଲାପୁଝା-କନ୍ନୁର ଏକ୍‌ଜିକ୍ୟୁଟିଭ୍ ଏକ୍ସପ୍ରେସ୍ ଟ୍ରେନ୍‌କୁ ପୋଲିସ କର୍ମଚାରୀମାନେ ଜଗିଛନ୍ତି।

## ଲୋକ ସଭା ସଦସ୍ୟତା ରଦ୍ଦ ବିପୁଳ ସୁଯୋଗ ଦେଇଛି: ରାହୁଲ

**ଷ୍ଟାନ୍‌ଫୋର୍ଡ, ୧।୬**

ରାଜନୀତିରେ ଯେତେବେଳେ ଯୋଗଦେଲି, ଲୋକ ସଭାରୁ ଅଯୋଗ୍ୟ ଘୋଷଣା କରାଯିବା ସମ୍ଭବ, ଏହା କେବେ କଳ୍ପନା କରି ନ ଥିଲି ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି। ତେବେ ତାଙ୍କ ଲୋକ ସଭା ସଭ୍ୟ ପଦ ଯିବା ଦ୍ୱାରା ସେ ଲୋକମାନଙ୍କ ସେବା କରିବା ଲାଗି ବିପୁଳ ସୁଯୋଗ ପାଇଛି। ବୁଧବାର ରାତିରେ କାଲିଫର୍ନିଆର ଷ୍ଟାନ୍‌ଫୋର୍ଡ ୟୁନିଭର୍ସିଟି କ୍ୟାମ୍ପସ୍‌ରେ ଭାରତୀୟ ଛାତ୍ରୀଛାତ୍ରଙ୍କ ପ୍ରଶ୍ନର ଉତ୍ତରରେ ରାହୁଲ ଏହା କହିଛନ୍ତି। ମୋଦି ସାଙ୍ଗିଆ ଉପରେ ଦେଇଥିବା ମନ୍ତବ୍ୟ ପାଇଁ ତାଙ୍କୁ ସୁରଟର ଏକ କୋର୍ଟ ଦୋଷୀସାବ୍ୟସ୍ତ କରିବା ସହ ୨ ବର୍ଷ ଜେଲଦଣ୍ଡାଦେଶ ଦେବାରୁ ଲୋକ ସଭା ସଦସ୍ୟତା ରଦ୍ଦ ହୋଇଥିଲା। ରାହୁଲ ୨୦୦୦ ମସିହାରେ ରାଜନୀତିରେ ଯୋଗଦେଇଥିଲେ। ତେବେ ଆଜି ତାଙ୍କ ପ୍ରତି ଯାହା ଘଟିଛି, ଏଭଳି ଦିନେ ହେବ ବୋଲି ସେ କଳ୍ପନା କରି ନ ଥିଲେ। ତାଙ୍କ ସଭ୍ୟ ପଦ ରଦ୍ଦ କରିବା ଲାଗି ୬ ମାସ ପୂର୍ବରୁ ଡ୍ରାମା ଆରମ୍ଭ ହୋଇଥିଲା। ଭାରତରେ ଗଣତନ୍ତ୍ରର ସୁରକ୍ଷା ପାଇଁ ସମସ୍ତ ବିରୋଧୀ ଦଳ ସଂଘର୍ଷ କରୁଛନ୍ତି। ଏହି ସମୟରେ ସେ ଭାରତ ଯୋଡ଼ୋ ଯାତ୍ରା ବାହାର କରିବାକୁ ନିଷ୍ପତ୍ତି ନେଇଥିଲେ ବୋଲି କହିଛନ୍ତି।



ରାହୁଲ ଗାନ୍ଧୀ

## ସମ୍ପର୍କକୁ ହିମାଳୟ ଉଚ୍ଚତାକୁ ନେବା ଲାଗି ପ୍ରୟାସ କରିବୁ: ମୋଦି

### ଭାରତ, ନେପାଳ ମଧରେ ୭ ଚୁକ୍ତି ସ୍ୱାକ୍ଷରିତ

**ନୂଆଦିଲ୍ଲୀ, ୧।୬(ପି.ଟି.)**

ଭାରତ ଓ ନେପାଳ ମଧରେ ରହିଥିବା ସୀମା ପ୍ରସଙ୍ଗ ସମେତ ସବୁ ବିଷୟର ସମାଧାନ କରି ଦ୍ୱିପାକ୍ଷିକ ସମ୍ପର୍କକୁ ହିମାଳୟ ଉଚ୍ଚତାକୁ ନେଇଯିବା ଲାଗି ଉଭୟ ଦେଶ ପ୍ରୟାସ କରିବେ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର କହିଛନ୍ତି। ନୂଆଦିଲ୍ଲୀ ଗସ୍ତରେ ଆସିଥିବା ନେପାଳ ପ୍ରଧାନମନ୍ତ୍ରୀ ପୁଷ୍ପ କମଲ ଦହଲ 'ପ୍ରଚଣ୍ଡ'ଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ପରେ ପ୍ରଧାନମନ୍ତ୍ରୀ ମୋଦି ଏହା କହିଥିଲେ। ଭବିଷ୍ୟତରେ ସମ୍ପର୍କକୁ ଅସାଧାରଣ ସଫଳତା ଦେବା ଲାଗି ଉଭୟ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଆଲୋଚନା ପରେ ମୋଦି ଓ ପ୍ରଚଣ୍ଡ କେତେକ ଭିତ୍ତିଭୂମି ପ୍ରକଳ୍ପକୁ ମିଳିତ ଭାବେ ଶୁଭାରମ୍ଭ କରିଥିଲେ। ବାଣିଜ୍ୟ, ଶକ୍ତି ସମେତ ବିଭିନ୍ନ କ୍ଷେତ୍ରରେ ସହଯୋଗ ବଢ଼ାଇବା ପାଇଁ ଦୁଇ ଦେଶ ମଧରେ ୭ ରାଜିନାମା ସ୍ୱାକ୍ଷରିତ ହୋଇଛି।

ଭାରତର ରୁପାଇଡିହା ଏବଂ ନେପାଳର ନେପାଳଗଞ୍ଜଠାରେ ସମନ୍ୱିତ ଚେକ୍‌ପୋଷ୍ଟକୁ ଦୁଇ ନେତା ଭର୍ଚୁଆଲ ଉଦ୍‌ଘାଟନ କରିଥିଲେ। ବିହାରର ବାଥନାହାରୁ ନେପାଳର କଷ୍ଟମ ୟାର୍ଡକୁ ଏକ ମାଲ୍‌ବାହୀ ଟ୍ରେନ୍‌ର ଚଳାଚଳକୁ ଶୁଭାରମ୍ଭ କରାଯାଇଛି। ଦୁଇ ଦେଶ ମଧରେ ସାଂସ୍କୃତିକ ସମ୍ପର୍କ ବଢ଼ାଇବା ଲାଗି ରାମାୟଣ ସର୍କିଟ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା ଲାଗି ଦୁଇ ପ୍ରଧାନମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି।



ନେପାଳ ପ୍ରଧାନମନ୍ତ୍ରୀ ପ୍ରଚଣ୍ଡଙ୍କ ସହ ନରେନ୍ଦ୍ର ମୋଦି

## ସଙ୍କଟର ସମାଧାନ ପାଇଁ ଗଠନ ହେବ ଶାନ୍ତି କମିଟି: ଶାହା

### ମଣିପୁର ହିଂସାର ବିଚାରବିଭାଗୀୟ ତଦନ୍ତ ହେବ

### ମଣିପୁର ପୋଲିସ ମୁଖ୍ୟ ବଦଳିଲେ

**ଇମ୍ଫାଲ, ୧।୬**

ମଣିପୁର ହିଂସା ଘଟଣାର ବିଚାରବିଭାଗୀୟ ତଦନ୍ତ ଜଣେ ଅବସରପ୍ରାପ୍ତ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ତତ୍ତ୍ୱାବଧାନରେ କରାଯିବ ବୋଲି ଗୁରୁବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା କହିଛନ୍ତି। ଏନେଇ ଖୁବ୍‌ଶୀଘ୍ର ଘୋଷଣା କରାଯିବ। ହିଂସାର ସମାଧାନ ପାଇଁ ମଣିପୁର ରାଜ୍ୟପାଳ ଅନସୂୟା ଉଇକେଙ୍କ ଅଧ୍ୟକ୍ଷତାରେ ଏକ ଶାନ୍ତି କମିଟି ଗଠନ କରାଯିବ ବୋଲି ଶାହା ଘୋଷଣା କରିଛନ୍ତି। ଉକ୍ତ କମିଟିରେ ସମସ୍ତ ବିରୋଧୀ ଦଳରୁ ପ୍ରତିନିଧି ରହିବା ସହ ସାମାଜିକ ସଂଗଠନ, କୁକି ଓ ମେଇତି ସମ୍ପ୍ରଦାୟରୁ ପ୍ରତିନିଧି ରହିବେ। ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ ହୋଇପାରିବ ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ କହିଛନ୍ତି।

ମଣିପୁର ହିଂସା ପଛରେ ରହିଥିବା ୫ଟି ଆପରାଧିକ ଷଡ଼ଯନ୍ତ୍ର ଏବଂ ଗୋଟିଏ ସାଧାରଣ ଷଡ଼ଯନ୍ତ୍ରର ତଦନ୍ତ ସିବିଆଇ ଟିମ୍ କରିବ। ହିଂସା ଏକ ଅସ୍ଥାୟୀ ପର୍ଯ୍ୟାୟ, ମତଭେଦକୁ ଦୂର କରାଗଲେ ସ୍ୱାଭାବିକ ସ୍ଥିତି ଫେରିପାରିବ ବୋଲି ଶାହା ଗଣମାଧମକୁ କହିଛନ୍ତି। ଭାରତ-ମ୍ୟାନ୍‌ମାର ସୀମା ପ୍ରସଙ୍ଗର ଏକ ସ୍ଥାୟୀ ସମାଧାନ ହେବା ଆବଶ୍ୟକ। ଏଥିପାଇଁ ଦୁଇ ଦେଶ ମଧରେ ରହିଥିବା ସୀମାରେ ବାଡ଼ କାମ ସମ୍ପୂର୍ଣ୍ଣ କରିବାକୁ ହେବ ବୋଲି ଶାହା କହିଛନ୍ତି।

ମଣିପୁର ହିଂସାରେ ୮୦ ଜଣଙ୍କ ଜୀବନ ଯାଇଥିବାବେଳେ ପୋଲିସ ମୁଖ୍ୟଙ୍କ ସମେତ କେତେଜଣ ପଦାଧିକାରୀଙ୍କୁ ପରିବର୍ତ୍ତନ କରାଯାଇଛି। ତ୍ରିପୁରା କ୍ୟାଡର ଆଇପିଏସ୍ ଅଫିସର ରାଜୀବ ସିଂଙ୍କୁ ମଣିପୁରର ନୂଆ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ନିଯୁକ୍ତ କରାଯାଇଛି। ପୂର୍ବରୁ ସିଆର୍‌ପିଏଫ୍ ଆଇଜି ଥିବା ରାଜୀବଙ୍କୁ ଆନ୍ତଃକ୍ୟାଡର ଡେପୁଟେଶନରେ କେନ୍ଦ୍ରରୁ ମଣିପୁର ଅଣାଯାଇଛି। ବର୍ତ୍ତମାନର ଡିଜିପି ପି. ଡୁଙ୍ଗେଲଙ୍କୁ ଗୃହ ବିଭାଗକୁ ବଦଳି କରାଯାଇଛି।



ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା

# ୧୩ ବର୍ଷରେ ୪୩ ଲକ୍ଷ ନିର୍ମାଣ ଶ୍ରମିକ ପଞ୍ଜୀକୃତ: ମନ୍ତ୍ରୀ

ଭୁବନେଶ୍ୱର, ୧୬(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକସେବା ଭବନର ୩ୟ ମହଲା ସମ୍ମିଳନୀ କକ୍ଷରେ ଶ୍ରମ ଓ ଇଏସ୍ଆଇ ବିଭାଗ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବିଭାଗୀୟ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ଗୀତଗୋବିନ୍ଦ ସଦନଠାରେ ଏକ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ମାଧ୍ୟମରେ ରାଜ୍ୟର ନିର୍ମାଣ ଶ୍ରମିକ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କ ପାଇଁ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମ ଜାରିରହିଛି। ୨୦୦୮ ଡିସେମ୍ବର ୧୫ରୁ ୨୦୨୩ ଏପ୍ରିଲ ୩୦ ମଧ୍ୟରେ ୩୮ ଲକ୍ଷ ୪୦ ହଜାରରୁ ଅଧିକ ନିର୍ମାଣ ଶ୍ରମିକଙ୍କୁ ବୋର୍ଡ ଅଧୀନରେ ହିତାଧିକାରୀ ଭାବେ ପଞ୍ଜୀକୃତ ହୋଇଛନ୍ତି। ୫ ଲକ୍ଷରୁ ଅଧିକ ନିର୍ମାଣ ଶ୍ରମିକଙ୍କୁ ହିତାଧିକାରୀ ଭାବେ ପଞ୍ଜୀକୃତ କରାଯାଇଛି। ବିଭିନ୍ନ କଲ୍ୟାଣକାରୀ ଯୋଜନାରେ ୨୯୬୧.୫୨ କୋଟି ଟଙ୍କାର ଲାଭ ବଣ୍ଟନ କରାଯାଇଛି। ଅଦ୍ୟାବଧି ୩୬୬୧.୧୪ କୋଟି ଟଙ୍କାର ସେସ୍ ଆଦାୟ ହୋଇଛି।

ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ ଓ ନୂଆଦିଲ୍ଲୀରେ ଓଡ଼ିଶା ପ୍ରବାସୀ ଶ୍ରମିକ ସହାୟତା ଡେସ୍କ ଖୋଲାଯାଇଛି। ସୁରଟରେ ଓଡ଼ିଶା ପ୍ରବାସୀ ଶ୍ରମିକ ସହାୟତା କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ଏହା ବ୍ୟତୀତ ୧,୦୭,୩୩୦ ପ୍ରବାସୀ ନିର୍ମାଣ ଶ୍ରମିକ ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧୀନରେ ହିତାଧିକାରୀ ଭାବେ ପଞ୍ଜୀକୃତ ହୋଇଛନ୍ତି। ଓଡ଼ିଶା ଅଣସଙ୍ଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ ଗଠନ କରାଯାଇ ୩ ଲକ୍ଷ ୬୫ ହଜାରରୁ ଅଧିକ ଶ୍ରମିକଙ୍କୁ ପଞ୍ଜୀକୃତ କରାଯାଇଛି। ୨୦୨୩ ମେ ୧ରୁ ବୋର୍ଡ ଅଧୀନରେ ଅନଲାଇନ ମଡ୍ୟୁଲ ଆରମ୍ଭ କରାଯାଇଛି। ପ୍ରବାସୀ ଶ୍ରମିକଙ୍କ ସ୍ୱେଚ୍ଛାକୃତ ପଞ୍ଜୀକରଣ ସୁବିଧା ପାଇଁ ପରିଶ୍ରମ ପୋର୍ଟାଲରେ ମଡ୍ୟୁଲ ବିକଶିତ କରାଯାଇଛି। ଏହି ପୋର୍ଟାଲ ଅଧୀନରେ ଏବେ ୬୭ଟି ସେବା ଅନଲାଇନରେ ଉପଲବ୍ଧ ହେଉଛି। ବର୍ତ୍ତମାନ ସୁଦ୍ଧା ୩୯,୦୦୦ରୁ ଅଧିକ ଆବେଦନ ଗ୍ରହଣ କରାଯାଇଛି ଏବଂ ୩୫ ହଜାରରୁ ଅଧିକ ଆବେଦନକୁ ଏହି ପୋର୍ଟାଲ ମାଧ୍ୟମରେ ଅନୁମୋଦନ କରାଯାଇଛି। ଭାରତ ସରକାରଙ୍କ ଇ ଆଣ୍ଡ ଆଇଟି ମନ୍ତ୍ରଣାଳୟ ଓଡ଼ିଶାରୁ ଡିଜିଟାଲ ପରିବର୍ତ୍ତନର ୨ଟି ଯୋଗ୍ୟ ଉଦାହରଣ ମଧ୍ୟରୁ ପରିଶ୍ରମକୁ ଚୟନ କରିଛି। ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ୫-ଟି ଏକ ଯୁଗାନ୍ତକାରୀ ପଦକ୍ଷେପ। ଏଥିସହ ଅନ୍‌ଲାଇନ ମଡ୍ୟୁଲ୍ ନିର୍ମାଣ ଶ୍ରମିକ ପଞ୍ଜୀକରଣ, ନବୀକରଣ, ସଦସ୍ୟତା, ପ୍ରତିଷ୍ଠାନଗୁଡ଼ିକ ଦ୍ୱାରା ସେସ୍ ଅନ୍‌ଲାଇନରେ ଜମା କରିବା ଲାଗି ସେସ୍ ମଡ୍ୟୁଲ୍ କାର୍ଯ୍ୟକ୍ଷମ ହୋଇଛି। ବଲାଙ୍ଗୀର, ବରଗଡ଼, କଳାହାଣ୍ଡି, ନୂଆପଡ଼ା ଜିଲା ନିମନ୍ତେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରିଛନ୍ତି। ସମ୍ପୃକ୍ତ ଜିଲାର ୨୦ଟି ବ୍ଲକ ମଧ୍ୟରୁ ୪୭୭ ପଞ୍ଚାୟତକୁ ଏମ୍‌ଜିଏନ୍ଆର୍‌ଇଜିଏସ୍‌ରେ ଅତିରିକ୍ତ ୨୦୦ ଦିନର ନିଯୁକ୍ତି ନିମନ୍ତେ ବଜେଟରେ ୫୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିବା ସୂଚନା ଦିଆଯାଇଛି।


ଶ୍ରମ ଓ ଇଏସ୍ଆଇ ବିଭାଗ ସମୀକ୍ଷା ବୈଠକରେ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ଓ ଅନ୍ୟ ଅଧିକାରୀ।

# ବରମୁଣ୍ଡା ବସ୍ ଟର୍ମିନାଲ୍‌ରେ ୫-ଟି ସଚିବ

## ଜୁଲାଇ ସୁଦ୍ଧା କାମ ସାରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୬(ବ୍ୟୁରୋ)

୫-ଟି ଉପକ୍ରମରେ ଭୁବନେଶ୍ୱରସ୍ଥିତ ବରମୁଣ୍ଡା ଆନ୍ତଃରାଜ୍ୟ ବସ୍ ଟର୍ମିନାଲର ରୂପାନ୍ତର କାର୍ଯ୍ୟ ଜାରିରହିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଗୁରୁବାର ଅପରାହ୍ନରେ ଏହାର ସମୀକ୍ଷା କରିଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ। ନିର୍ମାଣ କାର୍ଯ୍ୟର ଭିଡିଓ ପ୍ରେଜେଣ୍ଟେଶନ ଦେଖିବା ସହ ସେ ଅଧିକାରୀମାନଙ୍କ ସହିତ ଆଲୋଚନା କରିଛନ୍ତି। ପ୍ରକଳ୍ପର ୮୫% କାମ ଶେଷ ହୋଇଛି। ଜୁନ୍ ଶେଷ ସୁଦ୍ଧା ସିଭିଲ କାମ ସରିବ। ଜୁଲାଇ ସୁଦ୍ଧା ନିର୍ମାଣ କାମ ସମ୍ପୂର୍ଣ୍ଣ କରିବାକୁ ୫-ଟି ସଚିବ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ବରମୁଣ୍ଡା ବସ୍ ଟର୍ମିନାଲ ଓଡ଼ିଶାର ପ୍ରଥମ ବିଶ୍ୱସ୍ତରୀୟ ଟ୍ରାଞ୍ଜିଟ୍ ସିଷ୍ଟମ। ୧୧ ଏକର ପରିମିତ ଅଞ୍ଚଳରେ ୧୮୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଉଥିବା ଏହି ଟର୍ମିନାଲରୁ ଦୈନିକ ୨ ହଜାର ବସ୍ ଚଳାଚଳ କରିପାରିବ। ଏଥିରେ ସମସ୍ତ ଅତ୍ୟାଧୁନିକ ସୁବିଧା ଉପଲବ୍ଧ ହେବ। ଭବିଷ୍ୟତରେ ୪ ଏକର ଜମିରେ ସମ୍ପ୍ରସାରଣ କରାଯିବ। ଏଥିରେ ଫୁଡ୍‌କୋର୍ଟ, ଏକ୍ସାଭେଟର, ଏଲିଭେଟର, ବହୁତଳୀୟ କାର୍ ପାର୍କିଂ ବ୍ୟବସ୍ଥା, ୱାଇ-ଫାଇ, ବର୍ଜ୍ୟଜଳ ବିଶୋଧନ, ଯାତ୍ରୀମାନଙ୍କୁ ନେବା ଆଣିବା ପାଇଁ ପିକ୍-ଅପ୍ ଓ ଡ୍ରପ୍-ଅଫ୍ ଆଦି ବ୍ୟବସ୍ଥା ରହିବ। ଏହା ସହ ପ୍ରିପେଡ୍ ଅଟୋରିକ୍ସା, ଟାକ୍ସି, ଓଲା, ଉବର ଆଦି ଟାକ୍ସି ଏଗ୍ରିଗେଟର ସୁବିଧା ମଧ୍ୟ ଉପଲବ୍ଧ ହେବ। ସମ୍ପୂର୍ଣ୍ଣ ଟର୍ମିନାଲ ସୌରଶକ୍ତି ଦ୍ୱାରା ପରିଚାଳିତ ହେବ। ଯାତ୍ରୀଙ୍କ ସୁବିଧା ପାଇଁ ଆହାର ପ୍ଲସ୍ କେନ୍ଦ୍ର ମଧ୍ୟ କାର୍ଯ୍ୟକ୍ଷମ ହେବ। ବସ୍ ଟର୍ମିନାଲ ପାଇଁ ସ୍ଥାନାନ୍ତର ହୋଇଥିବା ଭେଣ୍ଡରଙ୍କ ଥଇଥାନ ଲାଗି ପଦକ୍ଷେପ ନିଆଯିବ। ଏଠାରୁ ବିଶାଖାପାଟଣା, ହାଇଦ୍ରାବାଦ, ରାୟପୁର, ରାଞ୍ଚି, କୋଲକାତା, ବେଙ୍ଗାଲୁର ସମେତ ଦେଶର ଗୁରୁତ୍ୱପୂର୍ଣ୍ଣ ସହରକୁ ବସ୍ ଚଳାଚଳ କରିବ। ସମୀକ୍ଷା ସମୟରେ ପରିବହନ କମିଶନର ଅମିତାଭ ଠାକୁର, ବିଡିଏ ଉପାଧ୍ୟକ୍ଷ ବଳବନ୍ତ ସିଂ, ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ, ଭୁବନେଶ୍ୱର ଡିସିପି ପ୍ରତୀକ ସିଂ ପ୍ରମୁଖ ଉପସ୍ଥିତ ଥିଲେ।


ବରମୁଣ୍ଡା ବସ୍ ଟର୍ମିନାଲ୍‌ର ସମୀକ୍ଷା କରୁଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ।

# ନିଶାଗ୍ରସ୍ତ ଛାତ୍ରଙ୍କ ବିରୋଧରେ ହେବ ମାମଲା: ମୁଖ୍ୟ ଶାସନ ସଚିବ

## ବେଆଇନ ନିଶା କାରବାର ନେଇ ୩ୟ ରାଜ୍ୟସ୍ତରୀୟ ସମନ୍ୱୟ ବୈଠକ

ଭୁବନେଶ୍ୱର, ୧୬(ବ୍ୟୁରୋ)

ରାଜ୍ୟରେ ବେଆଇନ ନିଶାଦ୍ରବ୍ୟ କାରବାର ଓ ଚୋରାଚାଲାଣ ରୋକାଯିବା ସମ୍ପର୍କରେ ୩ୟ ରାଜ୍ୟସ୍ତରୀୟ ସମନ୍ୱୟ ବୈଠକ ଗୁରୁବାର ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟ ଶାସନ ସଚିବ ବେଆଇନ ନିଶା ଦ୍ରବ୍ୟ କାରବାର ଓ ନିଶାସେବନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ଏହାସହ ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରମାନେ ଏକାଧିକ ଥର ନିଶା ସେବନକରି ଧରାପଡିଲେ ସେମାନଙ୍କ ବିରୋଧରେ ମାମଲା ରୁଜୁ କରାଯିବା ସହ ବହିଷ୍କାର ପାଇଁ ପଦକ୍ଷେପ ନିଆଯିବାକୁ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଛନ୍ତି।

ରାଜ୍ୟ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂ, ଭାରତ ସରକାରଙ୍କ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋର ଉପ ମହାନିର୍ଦ୍ଦେଶିକା ମୋନିକା କେ. ବାତ୍ରାଙ୍କ ଉପସ୍ଥିତିରେ ଏହି ବୈଠକ ହୋଇଛି। ବୈଠକରେ ଭାରତ ସରକାରଙ୍କ ନାର୍କୋଟିକ୍ସ ବ୍ୟୁରୋର ଉପ ମହାନିର୍ଦ୍ଦେଶିକା ବିଭିନ୍ନ ରାଜ୍ୟରେ ନିଶାଦ୍ରବ୍ୟ କାରବାରର ସ୍ଥିତି ସମ୍ପର୍କରେ ତଥ୍ୟ ଉପସ୍ଥାପନ କରି 'ଜୀବନକୁ ହଁ ଓ ନିଶାକୁ ନା' ଏବଂ 'ନିଶାମୁକ୍ତ ଭାରତ'ର ଆହ୍ୱାନ ଦେଇଛନ୍ତି। ଓଡ଼ିଶା ଦାୟିତ୍ୱରେ ଥିବା ରାଜ୍ୟ ସ୍ୱତନ୍ତ୍ର ଟାସ୍କଫୋର୍ସ ଅଧିକାରୀ ଜେନେରାଲ ପଙ୍କଜ ଓଡ଼ିଶାରେ ନିଶାଦ୍ରବ୍ୟ କାରବାର ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ପୂର୍ବରୁ ରାଜ୍ୟରେ ୧୦ରୁ ଅଧିକ ଜିଲାରେ ଗଞ୍ଜେଇ ଚାଷ କରାଯାଉଥିଲା। ସେଥିରୁ ଅଧିକାଂଶ ପାହାଡ଼ିଆ,ଜଙ୍ଗଲପୂର୍ଣ୍ଣ ଓ ମାଓବାଦୀ ପ୍ରଭାବିତ ଅଞ୍ଚଳରେ ହେଉଥିଲା। ଏବେ ରାଜ୍ୟରେ ନକ୍ସଲ ଉପଦ୍ରୁତ ଅଞ୍ଚଳ କମିଯିବା ଯୋଗୁ ଅଣ ମାଓବାଦୀ ପ୍ରଭାବିତ ଅଞ୍ଚଳରେ ଗଞ୍ଜେଇ ଚାଷ ପ୍ରାୟତଃ ନାହିଁ। ବ୍ରାଉନ୍‌ସୁଗାର (ହେରୋଇନ୍) ମୁଖ୍ୟତଃ ପଶ୍ଚିମବଙ୍ଗ(ମୁର୍ଶିଦାବାଦ, ନଦିଆ, ବର୍ଦ୍ଧମାନ ଜିଲା)ରୁ କୋଲକାତା ଓ ବାଲେଶ୍ୱର ଦେଇ ଉପକୂଳ ଜିଲାକୁ ଆସିଥାଏ। ନିଶାଯୁକ୍ତ କଫ୍ ସିରପ ମୁଖ୍ୟତଃ ଛତିଶଗଡ଼ ଓ ପଶ୍ଚିମବଙ୍ଗରୁ ପଶ୍ଚିମ ଓଡ଼ିଶାର ବଲାଙ୍ଗୀର, ସମ୍ବଲପୁର ଓ ବରଗଡ ଆଦି ଜିଲାକୁ ଆସିଥାଏ। ବେଆଇନ ଗଞ୍ଜେଇ ଓ ଅଫିମ ଚାଷ ପାଇଁ ପ୍ରତିବର୍ଷ ଚାଷ ସମୟରେ ବିଭିନ୍ନ ସଂସ୍ଥା ସାହାଯ୍ୟରେ ଅନୁସନ୍ଧାନ କରାଯାଇ ସେସବୁକୁ ନଷ୍ଟ କରାଯାଉଛି। ଗତ ୩ ବର୍ଷରେ ରେକର୍ଡ ସଂଖ୍ୟକ ଗଞ୍ଜେଇ ଚାଷକୁ ନଷ୍ଟ କରାଯାଇଛି। ରାଜ୍ୟରେ ୨୦୧୮-୧୯ରେ ୧୧,୬୬୭ ଏକର ଗଞ୍ଜେଇ ଚାଷ ନଷ୍ଟ କରାଯାଇଥିବା ବେଳେ ୨୦୨୨-୨୩ରେ ୨୪ ହଜାର ୩୯୫ ଏକର ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି। ସେହିପରି ରାଜ୍ୟ ଓ ଆନ୍ତଃରାଜ୍ୟରେ କିଛି ବର୍ଷ ଧରି ନିଶା ଔଷଧ କାରବାର କରୁଥିବା କ୍ଷେତ୍ରରେ ରେକର୍ଡ ସଂଖ୍ୟକ ମାମଲା ପଞ୍ଜୀକୃତ ହେବା ସହ ନିଶାଦ୍ରବ୍ୟ ଜବତ କରାଯାଇଛି। ୨୦୧୮ରେ ୬୦୧ ମାମଲା ପଞ୍ଜୀକୃତ ଏବଂ ୫୨୩ କୁଇଣ୍ଟାଲ ନିଶାଦ୍ରବ୍ୟ ଜବତ କରାଯାଇ ୭୭୪ ଜଣ ଗିରଫ ହୋଇଥିବା ବେଳେ ୨୦୨୩ ଏପ୍ରିଲ ଶେଷ ସୁଦ୍ଧା ୧୧୨୫ ମାମଲା ପଞ୍ଜୀକୃତ କରାଯାଇ ୮୭୯ କୁଇଣ୍ଟାଲ ନିଶାଦ୍ରବ୍ୟ ଜବତ ଓ ୧୪୦୫ ଜଣଙ୍କୁ ଗିରଫ କରାଯାଇଛି। ବ୍ରାଉନ୍‌ସୁଗାର ମାମଲାରେ ୨୦୧୮ରେ ୫୫ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୨୦୨୩ରେ ୩୦୧ ଜଣଙ୍କୁ ଗିରଫ କରାଯାଇଛି। ଅନ୍ୟପକ୍ଷରେ ନିଶାଦ୍ରବ୍ୟ କାରବାର ରୋକିବା କ୍ଷେତ୍ରରେ ଆଇନ ଅନୁପାଳନକାରୀ ସଂସ୍ଥାଗୁଡ଼ିକ ସହ ନିୟମିତ ଯୋଗାଯୋଗ କରାଯାଇ ଚଢ଼ାଉ ଉପରେ ଗୁରୁତ୍ୱ ଦିଆଯାଉଛି। ବୈଠକରେ ଗଞ୍ଜେଇ ଚାଷ କରୁଥିବା ଅଞ୍ଚଳରେ ଚାଷୀଙ୍କୁ ଜୀବିକା ନିର୍ବାହ ପାଇଁ ବଦଳ ଫସଲ କରିବା ସମ୍ପର୍କରେ ଗୁରୁତ୍ୱ ଦିଆଯାଇଛି।

# ପାଣିରେ ବୁଡ଼ି ଦିନ ମଜୁରିଆଙ୍କ ମୃତ୍ୟୁ

ଅନୁଗୋଳ ଅଫିସ,୧୬

ଅନୁଗୋଳ ଜିଲା ବଣ୍ଠରପାଳ ବ୍ଲକ ଗଡ଼ବୁଢ଼ାପଙ୍କ ଗ୍ରାମ ପଞ୍ଚାୟତର ଦିନ ମଜୁରିଆ ମାଧବ ସାମଲ ଗାଧୋଇବାକୁ ଯାଇ ପାଣିରେ ବୁଡି ପ୍ରାଣ ହରାଇଛନ୍ତି। ଗୁରୁବାର ୬ଟାରେ କାମ ସାରି ମାଧବ ଗ୍ରାମର ଶିବ ମନ୍ଦିର ନିକଟ ବନ୍ଧରେ ଗାଧୋଇବା ବେଳେ ଗଭୀର ପାଣିରେ ବୁଡି ଯାଇଥିଲେ। ଦୀର୍ଘ ସମୟ ଧରି ଘରକୁ ନ ଫେରିବାରୁ ଘର ଲୋକେ ଖୋଜାଖୋଜି କରି ବନ୍ଧ ପାଣିରେ ତାଙ୍କ ମୃତଦେହ ଭାସୁଥିବା ଦେଖିଥିଲେ। ପୂର୍ବତନ ସରପଞ୍ଚ ଉତ୍ସବ ଦେହୁରୀ ଘଟଣାସ୍ଥଳରେ ପହଞ୍ଚି ଦମକଳବାହିନୀକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ବଣ୍ଠରପାଳ ଦମକଳବାହିନୀ ପହଞ୍ଚି ମୃତଦେହ ଉଦ୍ଧାର କରି ଜିଲା ମୁଖ୍ୟଚିକିତ୍ସାଳୟକୁ ପଠାଇଥିଲେ।

# ଅଗ୍ନି-୧ ବାଲିଷ୍ଟିକ୍ କ୍ଷେପଣାସ୍ତ୍ରର ରାତ୍ରିକାଳୀନ ପରୀକ୍ଷଣ

ବାଲେଶ୍ୱର ଅଫିସ, ୧୬

ଭଦ୍ରକ ଜିଲା ଧାମରା ନିକଟବର୍ତ୍ତୀ ଏପିଜେ ଅବଦୁଲ କଲାମ ଦ୍ୱୀପରୁ ଗୁରୁବାର ସନ୍ଧ୍ୟାରେ ଏକ ମଧ୍ୟମ ଦୂରଗାମୀ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଅଗ୍ନି-୧ର ପରୀକ୍ଷଣ କରାଯାଇଛି। ଷ୍ଟ୍ରାଟେଜିକ୍ ଫୋର୍ସ କମାଣ୍ଡ ଅଧୀନରେ ନିୟମିତ ୟୁଜର ଟ୍ରେନିଂ ଉତ୍‌କ୍ଷେପଣର ଏହା ଏକ ଅଂଶବିଶେଷ। ଏହି କ୍ଷେପଣାସ୍ତ୍ର ନିର୍ଦ୍ଧାରିତ ଟାର୍ଗେଟକୁ ସ୍ୱଳ୍ପ ସମୟ ଓ ଠିକ୍ ଭାବେ ଲକ୍ଷ୍ୟଭେଦ କରିବାର କ୍ଷମତା ରଖିଛି। ଉକ୍ତ କ୍ଷେପଣାସ୍ତ୍ରର ପରୀକ୍ଷଣ ସଫଳ ହୋଇଥିବା ନେଇ ଡିଆରଡିଓ (ପ୍ରତିରକ୍ଷା ଗବେଷଣା ଓ ବିକାଶ ସଙ୍ଗଠନ) ପକ୍ଷରୁ ସୂଚିତ କରାଯାଇଛି।


ଅଗ୍ନି-୧ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର।

## ପ୍ରଥମ ପୃଷ୍ଠାରୁ

### ଆର୍ଯ୍ୟପଲ୍ଲୀ ସମୁଦ୍ରରେ...

ବେଳେ ପ୍ରଜ୍ଞା ସମୁଦ୍ରରେ ନିଖୋଜ ହୋଇଯାଇଥିଲେ। ତାଙ୍କୁ ଠାବ ପାଇଁ କୋଷ୍ଟଗାର୍ଡ, ଓଡ୍ରାଫ୍ ଟିମ୍ ଓ ଅଗ୍ନିଶମ ବାହିନୀ ମିଳିତ ସର୍ଚ୍ଚଅପରେଶନ କରିଥିଲେ। ୮ ଘଣ୍ଟା ପରେ ପ୍ରଜ୍ଞାଙ୍କ ମୃତଦେହ ସମୁଦ୍ରରୁ ଓଡ୍ରାଫ୍ ଟିମ୍ ଓ ଅଗ୍ନିଶମ ବାହିନୀ ଉଦ୍ଧାର କରିଥିଲା।

ସୂଚନାଯୋଗ୍ୟ, ଛତ୍ରପୁର ବ୍ଲକ ସାନଆର୍ଯ୍ୟପଲ୍ଲୀ ଗାଁରେ ଚାଲିଥିବା ମୁତ୍ୟାଲୁ ପୋଲାମ୍ମା ଠାକୁରାଣୀ ଯାତ୍ରା ଦେଖିବା ପାଇଁ ବଡ଼ଆର୍ଯ୍ୟପଲ୍ଲୀ ଗାଁର ଜଣେ ସମ୍ପର୍କୀୟଙ୍କ ଘରକୁ ବିଭିନ୍ନ ସ୍ଥାନରୁ ବନ୍ଧୁବାନ୍ଧବ ଆସିଥିଲେ। ଗୁରୁବାର ସକାଳ ୬ଟାରେ ସ୍ୱପ୍ନା ଓ ପ୍ରଜ୍ଞାଙ୍କ ସମେତ ୬ଜଣ ଛାତ୍ରୀ ଗାଁ ନିକଟରୁ ୧୦୦ ମିଟର ଦୂର ତଥା ମେରାଇନ୍ ଥାନା ନିକଟରେ ଥିବା ସମୁଦ୍ରକୁ ଗାଧୋଇବାକୁ ଯାଇଥିଲେ। ସମୁଦ୍ରରେ ଏକ ବଡ଼ ଲହଡ଼ି ଆସିଯିବାରୁ ସ୍ୱପ୍ନା ଓ ପ୍ରଜ୍ଞା ପାଣି ମାଡ଼ରେ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ସ୍ୱପ୍ନାଙ୍କୁ ଉଦ୍ଧାର କରି ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଓଡ୍ରାଫ୍ ଟିମ୍ ଓ ଅଗ୍ନିଶମ ବାହିନୀ ପହଞ୍ଚି ବୋଟ୍‌ରେ ସମୁଦ୍ରକୁ ଯାଇ ପ୍ରଜ୍ଞାଙ୍କୁ ଖୋଜାଖୋଜି କରିଥିଲେ। ପରେ ପ୍ରଶାସନର ଅନୁରୋଧ କ୍ରମେ କୋଷ୍ଟଗାର୍ଡର ଏକ ଏୟାରକ୍ରାଫ୍ଟ ମଧ୍ୟ ଭୁବନେଶ୍ୱରରୁ ଆସି ଆକାଶ ମାର୍ଗରୁ ନିଖୋଜଙ୍କୁ ଖୋଜିଥିଲା। ଦୀର୍ଘ ୮ ଘଣ୍ଟାର ସର୍ଚ୍ଚ ଅପରେଶନ ପରେ ସନ୍ଧ୍ୟାରେ ଓଡ୍ରାଫ୍ ଟିମ୍ ଓ ଅଗ୍ନିଶମ ବାହିନୀ ପ୍ରଜ୍ଞାଙ୍କ ମୃତଦେହ ସମୁଦ୍ର ମଧ୍ୟରୁ ଠାବ କରି କୂଳକୁ ଆଣିଥିଲେ। ତାଙ୍କ ମୃତଦେହକୁ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟକୁ ଅଣାଯାଇଥିଲା। ସନ୍ଧ୍ୟା ହୋଇଯାଇଥିବାରୁ ବ୍ୟବଚ୍ଛେଦରେ ସମସ୍ୟା ସୃଷ୍ଟି ହୋଇଥିଲା। ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅନୁମତି ପରେ ଶବ ବ୍ୟବଚ୍ଛେଦ କରାଯାଇଥିଲା। ଉଭୟ ମୃତାଙ୍କ ପରିବାରଙ୍କୁ ରେଡକ୍ରସ ପକ୍ଷରୁ ୧୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯିବା ନେଇ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଅତିରିକ୍ତ ଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି, ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ଜିଲା ଜରୁରିକାଳୀନ ଅଧିକାରୀ ସୁକାନ୍ତ ମିଶ୍ର, ଛତ୍ରପୁର ବିଡିଓ ସୁଶାନ୍ତ ବରାଳ, କୋଷ୍ଟଗାର୍ଡ କମାଣ୍ଡାଣ୍ଟ ପ୍ରତୀକ ମୋଡାକ, ଶ୍ରମିକ ନେତା ଶଙ୍କର ଦାଶ, ଆର୍ଯ୍ୟପଲ୍ଲୀ ସରପଞ୍ଚ ତ୍ରିଲୋଚନ ବେହେରା, ଆର୍.ଗୋବିନ୍ଦା ପହଞ୍ଚି ଉଦ୍ଧାର କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ଆର୍ଯ୍ୟପଲ୍ଲୀ ମେରାଇନ୍ ଥାନା ପକ୍ଷରୁ ଏନେଇ ୨ଟି ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

### ଆଜି ଓଜେଇଇ...

ବିଏସ୍‌ସି ଭଳି ୧୧ଟି ପାଠ୍ୟକ୍ରମରେ ନାମଲେଖା ଲାଗି ମେ ୮ରୁ ୧୫ତାରିଖ ପର୍ଯ୍ୟନ୍ତ ଓଜେଇଇ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ରାଜ୍ୟର ସମସ୍ତ ୩୦ ଜିଲା ଏବଂ ରାଜ୍ୟ ବାହାରେ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ବିହାରରେ ୩ଟିକୁ ମିଶାଇ ମୋଟ ୪୭ଟି ପରୀକ୍ଷା କେନ୍ଦ୍ର ହୋଇଥିଲା। ମୋଟ ୫୫ ହଜାର ୯୭୯ ଛାତ୍ରୀଛାତ୍ର ଓଜେଇଇ ପରୀକ୍ଷା ଦେବା ପାଇଁ ନାମ ପଞ୍ଜୀକରଣ କରିଥିଲେ। ଲାଟେରାଲ ଏଣ୍ଟ୍ରି ଡିପ୍ଲୋମାରେ ସର୍ବାଧିକ ଛାତ୍ରୀଛାତ୍ର ୧୭ ହଜାର ୭୬୩, ବି ଫାର୍ମାରେ ୧୩ ହଜାର ୮୧୩, ଏମ୍‌ବିଏରେ ୯,୩୦୫, ଏମ୍‌ସିଏ ଓ ଏମଏସ୍‌ସି କମ୍ପ୍ୟୁଟର ସାଇନ୍ସରେ ୮ ହଜାର ୮୪୧ ଛାତ୍ରୀଛାତ୍ର ପ୍ରବେଶିକା ପରୀକ୍ଷା ଦେଇଥିଲେ।

### ସମୂହ ଛୁଟିରେ...

କର୍ମଚାରୀମାନଙ୍କର ଗ୍ରେଡ୍ ପେ' ୪୨୦୦ ଟଙ୍କାକୁ ବୃଦ୍ଧି କରାଯାଉ। ସଂଘ ପକ୍ଷରୁ ୨୦୨୩ ଏପ୍ରିଲରେ ସରକାରଙ୍କୁ ଏ ନେଇ ଦାବିପତ୍ର ଦିଆଯାଇଥିଲା। ଏହା ପରେ କର୍ମଚାରୀମାନେ କଳାବ୍ୟାଜ ପିନ୍ଧି ପ୍ରତିବାଦ କରିଥିଲେ। ଏହା ପରେ ସରକାର କର୍ମଚାରୀମାନଙ୍କ ଦାବି ପୂରଣ ଦିଗରେ କୌଣସି ପଦକ୍ଷେପ ନେଇ ନ ଥିଲେ। ଏହାର ପ୍ରତିବାଦରେ ସମସ୍ତ ଜିଲାର କର୍ମଚାରୀ ସରକାରୀ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଥିଲେ। ଏହା ପୂର୍ବରୁ କର୍ମଚାରୀମାନେ ୨୦୧୩ ମେ' ୨୨ ରୁ ୩୧ ତାରିଖ ଯାଏ ଆନ୍ଦୋଳନ କରିଥିଲେ। ଏଥିସହିତ ତୁରନ୍ତ ଦାବି ପୂରଣ ନ ହେଲେ ସମୂହ କଲମ ଛାଡ଼ ଆନ୍ଦୋଳନ କରିବାକୁ ମଧ୍ୟ ଚେତାବନୀ ଦେଇଥିଲେ। ଦାବି ପୂରଣ ନେଇ କର୍ମଚାରୀମାନେ ହାତରେ ପ୍ଲାକାର୍ଡ ଧରି ଜିଲାର ବିଭିନ୍ନ ଦପ୍ତର ସମ୍ମୁଖରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ସମାନ କାମକୁ ସମାନ ଦରମା ଦେବାକୁ ଦାବି କରିଛନ୍ତି। ଦାବି ପୂରଣ ନ ହେବା ଯାଏ ଶାନ୍ତିପୂର୍ଣ୍ଣ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିବ ବୋଲି ଆନ୍ଦୋଳନରତ କର୍ମଚାରୀ କହିଛନ୍ତି। ଆବଶ୍ୟକ ହେଲେ କର୍ମଚାରୀମାନେ ଭୁବନେଶ୍ୱର ଯାଇ ରାଜରାସ୍ତାରେ ଆନ୍ଦୋଳନ କରିବେ ବୋଲି ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚର ଅଧ୍ୟକ୍ଷ ନାରାୟଣ ଦାଶ ଗଣମାଧ୍ୟମକୁ କହିଛନ୍ତି। ଆଗକୁ ସାଧାରଣ ନିର୍ବାଚନ ଆସୁଥିବାରୁ କର୍ମଚାରୀମାନେ ଦାବି ପୂରଣ ପାଇଁ ସରକାରଙ୍କ ଉପରେ ଚାପ ସୃଷ୍ଟି କରିଛନ୍ତି।

ଅନ୍ୟପକ୍ଷରେ କାର୍ଯ୍ୟବନ୍ଦ ଆନ୍ଦୋଳନ ସମ୍ପର୍କରେ ଅନୁଗୋଳ ଜିଲା ଅମଲା ସଂଘ ଆବାହକ ପ୍ୟାରୀମୋହନ ପ୍ରଧାନ କହିଛନ୍ତି, ଦୀର୍ଘଦିନ ହେବ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଇଥିଲା। କିନ୍ତୁ ଏହାକୁ କର୍ଣ୍ଣପାତ କରା ନ ଯିବାରୁ ଜୁନ୍ ୧ରୁ ଜିଲାର ପ୍ରାୟ ୮ଶହ କର୍ମଚାରୀ ସମୂହ ଛୁଟି ନେଇ ଧାରଣାରେ ବସିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ଓ କାର୍ଯ୍ୟାଳୟକୁ ଅମଲାମାନେ ଫେରିବେ ନାହିଁ ବୋଲି ସେ କହିଛନ୍ତି।

### ମୃତ୍ୟୁଞ୍ଜୟ ମହାପାତ୍ର...

ସେହିପରି କୋଟ୍ ଡି'ଆଇଭରର ପାଣିପାଗ ନିର୍ଦ୍ଦେଶକ ଡୌଡା କୋନାଟେ ଏବଂ ଆୟର୍ଲାଣ୍ଡ ପାଣିପାଗ ସେବାର ନିର୍ଦ୍ଦେଶକ ଥିବା ଇଓନ ମୋରାନ ଯଥାକ୍ରମେ ଡବ୍ଲ୍ୟୁଏମ୍‌ଓର ପ୍ରଥମ ଓ ଦ୍ୱିତୀୟ ଉପାଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି।

ଆର୍ଜେଣ୍ଟିନାର ପ୍ରଫେସର ସେଲେଷ୍ଟ ସାଉଲୋ ଡବ୍ଲ୍ୟୁଏମ୍‌ଓର ପ୍ରଥମ ମହିଳା ମହାସଚିବ ନିଯୁକ୍ତ ହୋଇଛନ୍ତି। ଓଡ଼ିଶାର ମୃତ୍ୟୁଞ୍ଜୟ ମହାପାତ୍ର ଭାରତର ସାଇକ୍ଲୋନ୍ ମ୍ୟାନ ଭାବେ ପରିଚିତ। ସେ ୨୦୧୯ରୁ ଡବ୍ଲ୍ୟୁଏମ୍‌ଓ ସଦସ୍ୟ ରହିଛନ୍ତି। ଏବେ ସେ ଏହାର ଉପାଧ୍ୟକ୍ଷ ନିର୍ବାଚିତ ହୋଇଥିବାରୁ ଆଗୁଆ ପାଣିପାଗ ସତର୍କ ସୂଚନା ଏବଂ ବିପର୍ଯ୍ୟୟ ସମ୍ପର୍କିତ ବିଶ୍ୱ ନୀତିକୁ ପ୍ରଭାବିତ କରିବାରେ ଭାରତକୁ ସୁଯୋଗ ମିଳିବ ବୋଲି ଆଶା କରାଯାଉଛି। ପୂର୍ବରୁ ଭାରତର ଭୂବିଜ୍ଞାନ ସଚିବ ଏମ. ରବିଚନ୍ଦ୍ରନ ଆଣ୍ଟାର୍କଟିକ୍ ଟ୍ରିଟି କନ୍‌ସଲ୍ଟେଟିଭ୍ ମେକାନିଜମ୍ (ଏଟିସିଏମ୍)ର ଉପାଧ୍ୟକ୍ଷ ନିର୍ବାଚିତ ହୋଇଥିଲେ।

# ବିଦ୍ୟୁତ୍ ଆଘାତରେ ମାଈହାତୀ ମୃତ

**ଢେଙ୍କାନାଳ ଅଫିସ, ୧୬:** ଢେଙ୍କାନାଳ ସଦର ରେଞ୍ଜ୍ ବୋରାପଦା ଖମାର ନିକଟ ଏକ କାଜୁ ବଗିଚାରେ ଗୁରୁବାର ସନ୍ଧ୍ୟା ପ୍ରାୟ ୬ଟାରେ ଏକ ମାଈହାତୀର ମୃତଦେହ ଠାବ କରାଯାଇଛି। ବନ୍ୟପ୍ରାଣୀ ଶିକାର କରିବାକୁ ବିଛାଯାଇଥିବା ବିଦ୍ୟୁତ୍ ତାରରେ ଛନ୍ଦି ହୋଇ ହାତୀଟିର ମୃତ୍ୟୁ ହୋଇଥିବା ବନ ବିଭାଗ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ସୂଚନା ପାଇ ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର ସଦଳବଳ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଏଭଳି ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ବ୍ୟକ୍ତିଙ୍କ ନିକଟରେ ପହଞ୍ଚିବା ପାଇଁ ଖୋଳତାଡ଼ ଆରମ୍ଭ ହୋଇଛି। ୧୫ରୁ ଊର୍ଦ୍ଧ୍ୱ ହାତୀ ଉକ୍ତ କାଜୁ ବଗିଚା ସମେତ ଆଖପାଖ ଅଞ୍ଚଳରେ ବିଚରଣ କରୁଥିଲେ। ପଲରେ ଥିବା ଆନୁମାନିକ ୧୫ରୁ ୧୭ ବର୍ଷୀୟା ଉକ୍ତ ମାଈ ହାତୀ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଟଳିପଡ଼ିଥିଲା। ଅଘଟଣ ପରେ ଅନ୍ୟ ହାତୀମାନେ ଉତ୍ୟକ୍ତ ହୋଇପଡ଼ିଛନ୍ତି। ସେମାନଙ୍କ ଗର୍ଜନରେ ଅଞ୍ଚଳ ଥରହର ହେଉଛି। ବନ କର୍ମଚାରୀ ସ୍ଥିତି ଉପରେ ନଜର ରଖିଛନ୍ତି। କେଉଁ ପରିସ୍ଥିତିରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ହାତୀଟିର ଜୀବନ ଗଲା, ତାହା ତଦନ୍ତରୁ ଜଣାପଡ଼ିବ ବୋଲି ରେଞ୍ଜର ବିଭୁଦାନନ୍ଦ ମିଶ୍ର ସୂଚନା ଦେଇଛନ୍ତି। ରାତିହୋଇଯାଇଥିବାରୁ ତଦନ୍ତ ବାଧାପ୍ରାପ୍ତ ହୋଇଛି। ଶୁକ୍ରବାର ହାତୀଟିର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡ଼ିଛି।


ମୃତ ମାଈହାତୀ।

Government of Odisha No.i-147:

OFFICE OF THE PANCHAYAT SAMITI, TITILAGARH

E-mail.ID-ori-titilagarh@nic.in

INVITATION FOR BIDS (IFB)

Detail ReTender Call Notice No.01 /TLG/2023-24

| Sl. No. | Name of work | Approximate value of work. | Class of contractor | Concerned office. With Head qrs. | Security E.M.D. (Rs.) | Tender Paper Cost (Rs.) | Period of completion |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1. | Construction of Day Care Sub Centre cum Health & Wellness Centre at Amurla under Titilagarh Block of Balangir Dist. (Civil, El. PH) (Composite Tender) | Civil-Rs.35,49,684/- El-Rs.2,51,229/- PH-Rs.3,86,518/- **Total Rs.41,87,431/-** | "B" Class | Panchayat Samiti, Titilagarh | 42,000/- | 6,000/- | 6 (Six) Calendar Months |
| 2. | Construction of Day Care Sub Centre cum Health & Wellness Centre at Desil under Titilagarh Block of Balangir Dist. (Civil, El, PH) (Composite Tender) | Civil -Rs.35,49,684/- El-Rs. 2,51, 229/-PH - Rs. 3,86,518/- **Total Rs.41,87,431/-** | "B" Class | Panchayat Samiti, Titilagarh | 42,000/- | 6,000/- | 6 (Six) Calendar Months |
| 3. | Construction of Day Care Sub Centre cum Health & Wellness Centre at Sagadghat under Titilagarh Block of Balangir Dist. (Civil, El, PH) (Composite Tender) | Civil -Rs.35,49.684/ El-Rs. 2,51,229/-PH - Rs. 3,86,518/- **Total Rs.41,87,431/-** | "B" Class | Panchayat Samiti, Titilagarh | 42,000/- | 6,000/- | 6 (Six) Calendar Months |
| 4. | Construction of Day Care Sub Centre cum Health & Wellness Centre at Sihini under Titilagarh Block of Balangir Dist. (Civil, El, PH) (Composite Tender) | Civil-Rs. 35,49,684/- El-Rs. 2,51, 229/- PH-Rs. 3,86,518/- **Total Rs.41,87,431/-** | "B" Class | Panchayat Samiti, Titilagarh | 42,000/- | 6,000/- | 6 (Six) Calendar Months |

1. The tender Call Notice, DTCN with Tender document can be downloaded from the District Portal (http://www.balangir.nic.in). from dt.09.06.2023 to dt.28.06.2023.
2. The tender document completing in all respect will be received in the Office of the Block Development Officer, Titilagarh till dt.28.06.2023 up to 5.00 P.M. through Regd/Speed Post only in Official address of Block'Development Officer, Titilagarh. The document must be superscribed as "Name of the Work with location." The tender document received after 5.00 PM of dt.28.06.2023 will not be considered. In case of any postal delay the authority shall not be held responsible.
3. The Bids will be opened on the Dt. 29 /06/2023 at 4.00 PM in the office of the undersigned, in presence of the members of tender committee of Panchayat Samiti Office, Titilagarh, bidders or their authorized agents at the Office Chamber of Block Development Officer, Titilagarh.
4. Further details can be seen from the website portal (http://www.balangir.nic.in)

**Sd./- Block Development Officer, Titilagarh**

OIPR-19301/11/0003/2324

## ଦାବି ବିହୀନ ଗାଡ଼ିର ନିଲାମ କରାଯିବ

**No.D-54:** ବରଗଡ଼ ତା.୧୨.୦୪.୨୦୨୩ ମାନ୍ୟବର ଉଚ୍ଚନ୍ୟାୟାଳୟ, ଓଡ଼ିଶାଙ୍କର ଆଦେଶ ନମ୍ବର ୦୧/୨୩, ତା.୨୫.୦୩.୨୦୨୩ (WPC No. ୩୧୬୨୨/୨୦୨୧) କ୍ରମେ ବରଗଡ ଜିଲ୍ଲାର ଟାଉନ୍ ଥାନା, ସଦର ଥାନା, ଅତାବିରା, ଭେଡେନ, ବରପାଲି, ବିଜେପୁର, ଭଟଲି, ଅମ୍ଭାଭୋନା, ସୋହେଲା, ପାଇକମାଲ, ପଦ୍ମପୁର, ବୁଡେନ, ଝାରବନ୍ଧ, ଜଗଦଲପୁର, ମେଲଛାମୁଣ୍ଡା, ଗାଇସିଲଟ ଥାନାମାନଙ୍କରେ ଥିବା ମୋଟ ୩୯୧ ଗୋଟି ଜବତ ଦାବି ବିହୀନ ଗାଡ଼ିଗୁଡିକ ଉପ-ଜିଲ୍ଲାପାଳ ଓ ଉପଖଣ୍ଡ ଦଣ୍ଡାଧିକାରୀଙ୍କ ଆଦେଶ କ୍ରମେ ନିଲାମ ଦେବାକୁ ଜିଲ୍ଲା ନିଲାମ କମିଟି ଦ୍ୱାରା ସ୍ଥିରୀକୃତ ହୋଇଛି । ଏହି ୩୯୧ ଗୋଟି ଗାଡ଼ିଗୁଡିକର ସବିଶେଷ ତଥ୍ୟ ଓଡ଼ିଶା ପୋଲିସ ୱେବସାଇଟ (www.odishapolice.gov.in) ରେ ଉପଲବ୍ଧ ଅଟେ । ଏହି ତାଲିକାରେ ଥିବା ଗାଡିଗୁଡିକର ଯଦି କାହାର ମାଲିକାନା ଜାହିର କରିବାର ଥାଏ ତେବେ ସେମାନେ ସେହି ଗାଡିର ଅସଲି ଦସ୍ତାବିଜ କାଗଜାତ ନେଇ ସମ୍ପୃକ୍ତ ଥାନା ଅଧିକାରୀଙ୍କୁ ବିଜ୍ଞପ୍ତିର ଏକ ମାସ ଭିତରେ ସାକ୍ଷାତ କରି ଗାଡ଼ିର ମାଲିକାନା ସମ୍ବନ୍ଧୀୟ କାଗଜାତ ଦେଖାଇ, ଯଦି ମାଲିକାନା ପ୍ରମାଣ ହୁଏ ତେବେ ଗାଡ଼ିକୁ ଜିମାରେ ନେଇପାରିବେ । ଏହି ତାରିଖ ପରେ ଦାବି ବିହୀନ ଗାଡ଼ିଗୁଡିକ ଭାରତ ସରକାରଙ୍କ M.S.T.C ପୋର୍ଟାଲରେ ନିଲାମ ଦିଆଯିବ ।

ସ୍ୱା./- ଆରକ୍ଷୀ ଅଧୀକ୍ଷକ, ବରଗଡ଼

OIPR-12029/11/0008/2324

## ଜିଲ୍ଲା ଅବକାରୀ କାର୍ଯ୍ୟାଳୟ, ବ୍ରହ୍ମପୁର

### ନୋଟିସ୍

**ପ୍ରାପ୍ତେଷୁ- ଶ୍ରୀ ପ୍ରଦୀପ କୁମାର ବିଷୋୟୀ,**
**ପି-ବାଞ୍ଛାନିଧି ବିଷୋୟୀ**
**ଅବକାରୀ ସିପାହୀ**
**ଓ.ଆର୍.ଟି. କଲୋନୀ ରୋଡ୍, ଗେଟ୍ ବଜାର, ବ୍ରହ୍ମପୁର**

No.F-69: ଏତଦ୍ୱାରା ଏହି ନୋଟିସ ମାଧ୍ୟମରେ ଆପଣଙ୍କୁ ଜଣାଇ ଦିଆଯାଉ ଅଛିକି, ଗୋଳନ୍ଥରା ଅବକାରୀ ଥାନାରେ ଆପଣ କାର୍ଯ୍ୟରତ ଥିବା ସମୟରେ ଆପଣଙ୍କର କର୍ତ୍ତବ୍ୟରେ ଅବହେଳା ଓ ଅବଗୁଣ କାର୍ଯ୍ୟକଳାପ ଯୋଗୁଁ ଆପଣଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିଲା । ପରବର୍ତ୍ତୀ ସମୟରେ ଆପଣଙ୍କ ବିରୁଦ୍ଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଏହି କାର୍ଯ୍ୟାଳୟ ପତ୍ର ସଂ. 1794, ତା.5.12.2013ରେ ଗ୍ରହଣ କରାଯାଇ ଅଛି, ଯାହା ଆପଣଙ୍କ ମନମୁଖି କର୍ତ୍ତବ୍ୟ, ବିନା ଅନୁମତିରେ ସରକାରୀ କାର୍ଯ୍ୟାଳୟରେ ଅନୁପସ୍ଥିତ ରହିବା ଯୋଗୁଁ ସରକାରୀ ଚାକିରି ସର୍ତ୍ତାବଳୀକୁ ଉଲ୍ଲଂଘନ କରୁଅଛି, ପୁନଶ୍ଚ ଆପଣ ପୂର୍ବରୁ ପ୍ରଦାନ କରିଥିବା ନିଜ ବାସସ୍ଥାନ ଠିକଣାରେ ଅନୁପସ୍ଥିତ ରହୁଥିବା ଯୋଗୁଁ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ନୋଟିସ ଆପଣଙ୍କୁ ପ୍ରଦାନ କରାଯାଇ ପାରୁନାହିଁ ।

ବର୍ତ୍ତମାନ ଏହି ନୋଟିସ ମାଧ୍ୟମରେ ଆପଣଙ୍କୁ ଜଣାଇ ଦିଆଯାଉ ଅଛିକି, ଏହି ନୋଟିସ ପ୍ରଶାସନ ଦେବାର ୭ (ସାତ) ଦିନ ମଧ୍ୟରେ ବ୍ରହ୍ମପୁର ଅବକାରୀ ଜିଲ୍ଲା କାର୍ଯ୍ୟାଳୟରେ ଆପଣ ନିଜେ ଉପସ୍ଥିତ ହୋଇ ଆପଣଙ୍କ ଲିଖିତ ଉତ୍ତର ରଖିବେ । ଏଥିରେ ଖିଲାପ କଲେ ପ୍ରମାଣିତ ହେବ ଯେ, ଆପଣଙ୍କ ବିରୁଦ୍ଧରେ ଦର୍ଶାଯାଇଥିବା ଅଭିଯୋଗଗୁଡିକ ସତ୍ୟ ଓ ପ୍ରମାଣ ଯୋଗ୍ୟ ଅଟେ । ତତ୍ପରେ ଏକତରଫା ଭାବେ ନିୟମ ମୁତାବକ ଆପଣଙ୍କ ବିରୁଦ୍ଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନର ପରବର୍ତ୍ତୀ ପନ୍ଥା ଗ୍ରହଣ କରାଯିବ ।

ସ୍ୱା./- ଅବକାରୀ ଅଧୀକ୍ଷକ, ବ୍ରହ୍ମପୁର

OIPR-36006/11/0001/2324

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ...............................


ଶୁଭମ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କେନ୍ଦ୍ର ଅଧ୍ୟାଦେଶ ବିରୋଧରେ ଏଏପିକୁ ଷ୍ଟାଲିନ୍‌ଙ୍କ ସମର୍ଥନ

ଚେନ୍ନାଇ, ୧୬

ଦିଲ୍ଲୀ ସରକାରଙ୍କ ପ୍ରଶାସନିକ ସେବାକୁ ନିୟନ୍ତ୍ରଣ କରିବା ପାଇଁ କେନ୍ଦ୍ର ସରକାର ଆଣିଥିବା ଅଧ୍ୟାଦେଶକୁ ରାଜ୍ୟ ସଭାରେ ଗୃହୀତ କରାଇ ନ ଦେବା ପାଇଁ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଅଭିଯାନ ଚଳାଇଛନ୍ତି। ଏହି କ୍ରମରେ ସେ ଗୁରୁବାର ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କୁ ଭେଟି ତାଙ୍କ ସମର୍ଥନ ଲୋଡ଼ିଥିଲେ। ଡିଏମ୍‌କେ ରାଜ୍ୟ ସଭାରେ ଏଏପିକୁ ସମର୍ଥନ କରିବ ବୋଲି ଷ୍ଟାଲିନ୍ ପ୍ରତିଶ୍ରୁତି ଦେବା ପରେ କେଜ୍‌ରିୱାଲ ତାଙ୍କୁ କୃତଜ୍ଞତା ଜଣାଇଛନ୍ତି।

ଯଦି ନିର୍ବାଚିତ ସରକାରଙ୍କର ପ୍ରଶାସନ ଉପରେ ନିୟନ୍ତ୍ରଣ ନ ରହିବ, ତେବେ ନିର୍ବାଚିତ ସରକାରଙ୍କର କିଛି ମାନେ ନାହିଁ। ପ୍ରଥମ ଥର ପାଇଁ କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କ ରାୟକୁ ଅକାମୀ କରିଦେଇଛନ୍ତି। ଏହା ଅସାମ୍ବିଧାନିକ ଓ ଅଗଣତାନ୍ତ୍ରିକ ବୋଲି ଷ୍ଟାଲିନ୍‌ଙ୍କୁ ଭେଟିବା ପରେ କେଜ୍‌ରିୱାଲ କହିଛନ୍ତି। କେଜ୍‌ରିୱାଲଙ୍କ ସହ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ମଧ୍ୟ ଷ୍ଟାଲିନ୍‌ଙ୍କୁ ଭେଟିଥିଲେ। କେନ୍ଦ୍ର ଆଣିଥିବା ଅଧ୍ୟାଦେଶକୁ ପାର୍ଲାମେଣ୍ଟରେ ଆଗାମୀ ମୌସୁମୀ ଅଧିବେଶନରେ ଗୃହୀତ କରାଇବାକୁ ଉଦ୍ୟମ କରିବ। ରାଜ୍ୟ ସଭାରେ ଏନ୍‌ଡିଏର ୯୩ ସଦସ୍ୟ ରହିଛନ୍ତି। ଯଦି ଅଣଭାଜପା ଦଳଗୁଡ଼ିକ ଏକାଠି ହୁଅନ୍ତି, ତେବେ ସରକାରଙ୍କୁ ପରାସ୍ତ କରିପାରିବେ ବୋଲି କେଜ୍‌ରିୱାଲ କହିଛନ୍ତି। କେନ୍ଦ୍ର ଅଧ୍ୟାଦେଶ ବିରୋଧରେ ସବୁ ବିରୋଧୀ ଦଳଙ୍କୁ ଏକାଠି କରିବାକୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ବିଭିନ୍ନ ରାଜ୍ୟକୁ ଗସ୍ତ କରୁଛନ୍ତି।


ଚେନ୍ନାଇ ଠାରେ ଗୁରୁବାର ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କ ସହ ଏଏପି ଆବାହକ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ।

# ମୁଁ ଭାଜପାରେ ଅଛି, କିନ୍ତୁ ଭାଜପା ମୋର ହୋଇପାରିବ ନାହିଁ:ପଙ୍କଜା

ମୁମ୍ବାଇ,୧୬: ଭାରତୀୟ ଜନତା ପାର୍ଟି(ଭାଜପା) ନେତ୍ରୀ ପଙ୍କଜା ମୁଣ୍ଡେ ପୁଣିଥରେ ଦଳ ଉପରେ ତାଙ୍କର ତାଙ୍କ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଦିଲ୍ଲୀରେ ରାଷ୍ଟ୍ରୀୟ ସମାଜ ପାର୍ଟି ପକ୍ଷରୁ ଅହିଲ୍ୟା ଦେବୀ ହୋଲକରଙ୍କ ଜୟନ୍ତୀ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ପଙ୍କଜା ଦେଇଥିବା ବୟାନକୁ ନେଇ ଏବେ ପୁଣି ଚର୍ଚ୍ଚା ଆରମ୍ଭ ହୋଇଛି। ସେହି କାର୍ଯ୍ୟକ୍ରମରେ ପଙ୍କଜା କହିଛନ୍ତି, ମୁଁ ଭାଜପାରେ ଅଛି, କିନ୍ତୁ ଭାଜପା ମୋର ହୋଇପାରିବ ନାହିଁ। ଆଉ ଯଦି ତାଙ୍କ ପିତାଙ୍କ ସହ ଝଗଡା ହୁଏ, ତେବେ ସେ ତାଙ୍କ ଭାଇଙ୍କ ନିକଟକୁ ଯାଇପାରିବେ, ରାଷ୍ଟ୍ରୀୟ ସମାଜ ପାର୍ଟି ମୋର ମାତୃ ଘର। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ମନ୍ତ୍ରୀ ନୀତିନ ଗଡକରୀ ମଧ୍ୟ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ମହାରାଷ୍ଟ୍ର ଭାଜପା ସଭାପତି ଚନ୍ଦ୍ରଶେଖର ବାୱାନକୁଲେ କହିଛନ୍ତି, ପଙ୍କଜା ମୁଣ୍ଡେ ଦଳ ଉପରେ ରାଗି ନାହାଁନ୍ତି। ମୁଁ ତାଙ୍କର ପୁରା ଭାଷଣ ଦେଖିଛି ଏବଂ ଶୁଣିଛି। ତାଙ୍କ ବିବୃତ୍ତିକୁ ଭୁଲ ଭାବରେ ଉପସ୍ଥାପିତ କରାଯାଇଛି। ରାଜ୍ୟରେ ଦଳକୁ ମଜବୁତ କରିବା ପାଇଁ ପଙ୍କଜା କାର୍ଯ୍ୟ କରୁଛନ୍ତି।


ନୂଆଦିଲ୍ଲୀସ୍ଥିତ ଏଆଇସିସି ମୁଖ୍ୟାଳୟରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଦଳୀୟ ନେତା ଓ କର୍ମୀଙ୍କ ସହ ଆଲୋଚନା କରୁଛନ୍ତି ।

# ପାଟନା ବିରୋଧୀ ଦଳ ବୈଠକରେ କଂଗ୍ରେସ ଯୋଗଦେବ

ନୂଆଦିଲ୍ଲୀ, ୧୬(ପି.ଟି.)

ଜୁନ୍ ୧୨ରେ ବିହାରର ପାଟନାରେ ହେବାକୁ ଥିବା ବିରୋଧୀ ଦଳଗୁଡ଼ିକର ବୈଠକରେ କଂଗ୍ରେସ ଯୋଗଦେବ ବୋଲି ଗୁରୁବାର କହିଛି। ତେବେ ଦଳ ପକ୍ଷରୁ ବୈଠକରେ କିଏ ଯୋଗଦେବେ ତାହା ସ୍ଥିର ହୋଇନାହିଁ। ୨୦୨୪ ଲୋକ ସଭା ନିର୍ବାଚନରେ ଭାଜପାକୁ ପରାସ୍ତ କରିବା ଲାଗି ବିରୋଧୀ ଦଳଗୁଡ଼ିକୁ ଏକାଠି କରିବାକୁ ଉଦ୍ୟମ ଚଳାଇଥିବା ବିହାର ମୁଖ୍ୟମନ୍ତ୍ରୀ ତଥା ଜେଡିୟୁ ନେତା ନୀତୀଶ କୁମାର ଏହି ବୈଠକ ଡାକିଛନ୍ତି। କଂଗ୍ରେସରୁ କିଏ ଏଥିରେ ଯୋଗଦେବେ ତାହା ଖୁବ୍‌ଶୀଘ୍ର ନିଷ୍ପତ୍ତି ନିଆଯିବ ବୋଲି ଏଆଇସିସି ସାଧାରଣ ସମ୍ପାଦକ ଜୟରାମ ରମେଶ ଖବରଦାତାମାନଙ୍କୁ କହିଛନ୍ତି। ରାହୁଲ ଗାନ୍ଧୀ ଆମେରିକା ଗସ୍ତରେ ଥିବାବେଳେ ଦଳ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ପାଟନା ବୈଠକରେ ଯୋଗଦେବେ କି ନାହିଁ ତାହା ଏପର୍ଯ୍ୟନ୍ତ ନିଷ୍ପତ୍ତି କରିନାହାନ୍ତି। କଂଗ୍ରେସ ସବୁଠୁ ବଡ଼ ଦଳ ଓ ପ୍ରତି ରାଜ୍ୟରେ ଏହାର ସଂଗଠନ ରହିଥିବାରୁ ବିରୋଧୀ ମେଣ୍ଟରେ ପ୍ରାଥମିକତା ମିଳିବା ନେଇ ଦଳ ଦାବି କରିଆସୁଛି। ବିଭିନ୍ନ ଦଳର ନେତା ଓ ବିରୋଧୀ ଦଳ ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ସହ ପରାମର୍ଶ କରି ୧୨ ତାରିଖରେ ବୈଠକ କରିବାକୁ ନୀତୀଶ ନିଷ୍ପତ୍ତି ନେଇଥିଲେ। ଏଥିରେ ବିରୋଧୀ ଦଳଗୁଡ଼ିକର ବରିଷ୍ଠ ନେତାମାନେ ଯୋଗଦେବା ଆଶା କରାଯାଉଛି।

# ବହୁ ବିଜେଡି ନେତା ଯୋଗାଯୋଗରେ ଅଛନ୍ତି: ଭାଜପା

ଭୁବନେଶ୍ୱର, ୧୬(ବ୍ୟୁରୋ)

୨୦୨୪ ସାଧାରଣ ନିର୍ବାଚନକୁ ଆଉ କମ୍ ସମୟ ଥିବାବେଳେ ବିଜେଡିର ଏକାଧିକ ନେତା ଓ ବିଧାୟକ ସମ୍ପର୍କରେ ଥିବା ନେଇ ବହୁ ଭାଜପା ନେତା ବାରମ୍ବାର ଦାବି କରିବା ଆରମ୍ଭ କରିଦେଇଛନ୍ତି। ତେବେ ନିର୍ବାଚନ ଆସିଲେ ବହୁ ନେତା ଦଳ ଅଦଳବଦଳ କରିଥାଆନ୍ତି। ସେହି ଦୃଷ୍ଟିରୁ ଏବେ ନିର୍ବାଚନ ପାଖେଇ ଆସୁଥିବା ବେଳେ ଏଭଳି ଚର୍ଚ୍ଚା ପୁଣି ଚାଲିଲାଣି। ଭାଜପା ନେତାଙ୍କ ଏହି ଦାବି ପରେ ଏହାକୁ ନେଇ ରାଜନୈତିକ ମହଲରେ ଭିନ୍ନ ଚର୍ଚ୍ଚା ଜୋର୍ ଧରିଛି। କେଉଁ ନେତାମାନେ ଭାଜପା ସମ୍ପର୍କରେ ଅଛନ୍ତି ଏବଂ ସେମାନଙ୍କ ଏହି ଦାବିର କେତେ ସତ୍ୟତା ରହିଛି ତାହା ମଧ୍ୟ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ହେଲେ ଭାଜପା ଏହାକୁ ସେତେଟା ଗୁରୁତ୍ୱ ଦେଇ ନାହିଁ। ପ୍ରଥମେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ବିଜେଡିର ୧୧୭ ବିଧାୟକ ତାଙ୍କ ଦଳ ସହିତ ସମ୍ପର୍କରେ ଥିବା କଥା କହିଥିଲେ। ଏହାପରେ ଏହି କଥାକୁ ଭାଜପା ଏମ୍‌ପି ଜୁଏଲ୍ ଓରାମ, କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଏବେ ଦଳର ବରିଷ୍ଠ ନେତା ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।

## ପୋଡ଼ା ଟ୍ରାନ୍ସଫର୍ମର ବି ବିଜୁଳି ଦେଲା: ପ୍ରତାପ ଦେବ

ଜୁଏଲ୍ କହିଛନ୍ତି, ବିଜେଡିର ଏମ୍‌ପି ଏବଂ ବିଧାୟକମାନେ ସେମାନଙ୍କ ସରକାରର କାର୍ଯ୍ୟରେ ଅସନ୍ତୁଷ୍ଟ ଅଛନ୍ତି। ସରକାରୀ କାର୍ଯ୍ୟ ଉପରେ ସେମାନେ ବିଶେଷତଃ ଅସନ୍ତୁଷ୍ଟ। ସେହି ଅସନ୍ତୋଷ କେବେ ବିସ୍ଫୋରଣର ରୂପ ନେବ ତାହା କହିହେବ ନାହିଁ। ଯେଉଁମାନେ ବିଜେଡି ସରକାର ଉପରେ ଅସନ୍ତୁଷ୍ଟ ଅଛନ୍ତି ସେମାନଙ୍କ ସହ ସାଙ୍ଗଠନିକସ୍ତରରେ କଥାବାର୍ତ୍ତା ଚାଲିଛି ବୋଲି ସେ କହିଛନ୍ତି। ପୃଥ୍ୱୀରାଜ କହିଛନ୍ତି, ବିଜେଡି ସରକାରରେ ଯେପରି ଭ୍ରଷ୍ଟାଚାର, ଅନାଚାର ଏବଂ ଏକଚ୍ଛତ୍ରବାଦ ଚାଲିଛି ତାକୁ ଶେଷ କରିବାକୁ ସେମାନଙ୍କ ଦଳରୁ ୧୦୦ରୁ ଅଧିକ ବିଭୀଷଣ ହୋଇ ବିଭିନ୍ନ ନେତୃତ୍ୱ ବାହାରିବେ ଏବଂ ଧର୍ମର ସାଥ୍ ଦେବେ। ସେକଥା ସିଧାସଳଖ ଭାବେ ସେହି ରାସ୍ତାରେ ହିଁ ଚାଲିଛି। ବିଜେଡିରେ ୮୦ ପ୍ରତିଶତ ନେତୃତ୍ୱ ଦଳ ଛାଡ଼ିବା ଲାଗି ମାନସିକସ୍ତରରେ ପ୍ରସ୍ତୁତ ହୋଇ ରହିଛନ୍ତି ବୋଲି ସେ କହିଛନ୍ତି। ଅପରପକ୍ଷେ ବିଜେଡି ନେତା ତଥା ମନ୍ତ୍ରୀ ପ୍ରତାପ କେଶରୀ ଦେବ କହିଛନ୍ତି, ତାଙ୍କ ବିଧାୟକମାନେ ଆମ ଲିଙ୍କ୍‌ରେ ଏବଂ ଆମ ବିଧାୟକମାନେ ସେମାନଙ୍କ ସମ୍ପର୍କରେ ଅଛନ୍ତି। ନିର୍ବାଚନ ଯେତେବେଳେ ଆସିବ ବିଭିନ୍ନ ଚର୍ଚ୍ଚା ଓ ଆଲୋଚନା ସୃଷ୍ଟି ହେବ। ସେମାନେ ଆଗରୁ କହୁ ନ ଥିଲେ କି ୧୨୦ ଆସନ ନେବେ, ବଙ୍ଗୋପସାଗରରେ ପକେଇଦେବେ, ପୋଡ଼ା ଟ୍ରାନ୍ସଫର୍ମର ବି କହୁଥିଲେ। କ'ଣ ହେଲା, ପୋଡ଼ା ଟ୍ରାନ୍ସଫର୍ମର ବିଜୁଳି ଦେଲା। ୧୨୦ ସିଧା ୨୨ରେ ପରିଣତ ହେଲା। ଏବେ ସେମାନେ ସେହିଭଳି କଥା କହୁଛନ୍ତି ବୋଲି ପ୍ରତାପ କହିଛନ୍ତି।

# ଆନ୍ଦୋଳନକାରୀଙ୍କ ସହ ଯୋଗଦେଲା ଯୁବକଂଗ୍ରେସ

ଭୁବନେଶ୍ୱର, ୧୬(ବ୍ୟୁରୋ)

ଅଲ୍ ଓଡ଼ିଶା ଭୋକେଶନାଲ ଟ୍ରେନର ମହାସଂଘର ନିଯୁକ୍ତିକୁ ସ୍ଥାୟୀ ତଥା ସେମାନଙ୍କୁ ପୂର୍ଣ୍ଣ ଶିକ୍ଷକ ମାନ୍ୟତା, ସମାନ କାମକୁ ସମାନ ଦରମା ପ୍ରଦାନ ଦାବିରେ ଗତ ୪ ଦିନ ଧରି ଭୁବନେଶ୍ୱରସ୍ଥିତ ଲୋୟର ପିଏମ୍‌ଜିଠାରେ ଚାଲିଥିବା ବିକ୍ଷୋଭ ଓ ଧାରଣାକୁ ଓଡ଼ିଶା ପ୍ରଦେଶ ଯୁବକଂଗ୍ରେସ ସମର୍ଥନ ଜଣାଇଛି। ଗୁରୁବାର ଓଡ଼ିଶା ପ୍ରଦେଶ ଯୁବକଂଗ୍ରେସ ସଭାପତି ସ୍ମୃତିରଞ୍ଜନ ଲେଙ୍କା ଆନ୍ଦୋଳନକାରୀଙ୍କୁ ବିକ୍ଷୋଭ ସ୍ଥଳରେ ଭେଟି ସେମାନଙ୍କ ଦାବି ସମ୍ପର୍କରେ ଆଲୋଚନା କରିଛନ୍ତି।

ସଂଘ ସଭାପତି ସୁନୀଲ କୁମାର ଦେବତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବିକ୍ଷୋଭ ସଭାରେ ସ୍ମୃତିରଞ୍ଜନ ରାଜ୍ୟ ସରକାରଙ୍କ ଆଉଟ୍‌ସୋର୍ସିଂ ନିଯୁକ୍ତି ପ୍ରଥାକୁ ଘୋର ବିରୋଧକରି କହିଛନ୍ତି, ସମାନ କାମକୁ ସମାନ ଦରମା ପ୍ରଦାନ ଏବଂ ଆଉଟ୍‌ସୋର୍ସିଂ ନିଯୁକ୍ତିକୁ ସମ୍ପୂର୍ଣ୍ଣ ଉଚ୍ଛେଦ ଦାବିରେ ଯୁବକଂଗ୍ରେସ ନିରନ୍ତର ଆନ୍ଦୋଳନ ଜାରି ରଖିଛି ବୋଲି ସେ କହିବା ସହ ଧନ୍ଦାମୂଳକ ପ୍ରଶିକ୍ଷକଙ୍କ ନିଯୁକ୍ତି ସରକାର ନିଜ ହାତକୁ ନେଇ ଶିକ୍ଷା ବିଭାଗରେ କମ୍ପାନୀ ନିଯୁକ୍ତିକୁ ବନ୍ଦ କରିବା ପାଇଁ ଦାବି କରିଛନ୍ତି। ପ୍ରକାଶଯୋଗ୍ୟ, ରାଜ୍ୟରେ ୨୦୧୬ରେ ଧନ୍ଦାମୂଳକ ଶିକ୍ଷା ଆରମ୍ଭ ହୋଇ ୬ ବର୍ଷ ଅତିକ୍ରାନ୍ତ ହୋଇଛି। କାର୍ଯ୍ୟରତ ୨୧୨୨ ଜଣ ପ୍ରଶିକ୍ଷକ ଏବେ ମଧ୍ୟ ବିଭିନ୍ନ ସମସ୍ୟା ମଧ୍ୟରେ ଅଛନ୍ତି। ଆଉଟ୍ ସୋର୍ସିଂ କମ୍ପାନୀଗୁଡ଼ିକ ବିଭିନ୍ନ ସମୟରେ ପ୍ରଶିକ୍ଷକଙ୍କ ଉପରେ ଅତ୍ୟାଚାର, ମନଇଚ୍ଛା ଛଟେଇ ଏବଂ ଛଟେଇ ପରେ ସେମାନଙ୍କ ଇପିଏଫ୍, ଗ୍ରାଚୁଇଟି ଆଦି ଅର୍ଥ ଦେବାରେ ମଧ୍ୟ ହେରଫେର କରୁଛନ୍ତି। ଏପରିକି କାର୍ଯ୍ୟରତ ପ୍ରଶିକ୍ଷକଙ୍କ ମଧ୍ୟରୁ ମୃତ୍ୟୁବରଣ କରିଥିବା ପ୍ରଶିକ୍ଷକଙ୍କ ପରିବାରକୁ ମଧ୍ୟ କୌଣସି ଆର୍ଥିକ ସହାୟତା ମିଳୁନାହିଁ। ଏ ସମ୍ପର୍କରେ ବାରମ୍ବାର ସରକାରଙ୍କ ନିକଟରେ ଅଭିଯୋଗ ହୋଇସାରିଥିଲେ ମଧ୍ୟ ସରକାର ସବୁ ଜାଣି ନୀରବଦ୍ରଷ୍ଟା ସାଜିଛନ୍ତି। ସରକାର ୫-ଟି ସ୍କୁଲ ଆଳରେ କୋଟି କୋଟି ଟଙ୍କା ପାଣି ଭଳି ବ୍ୟୟ କରୁଥିବାବେଳେ ଶିକ୍ଷା ବିଭାଗରେ ଆଉଟ୍‌ସୋର୍ସିଂ ମାଧ୍ୟମରେ ନିଯୁକ୍ତି ଦେବା ଲଜ୍ଜାଜନକ ବୋଲି ସ୍ମୃତିରଞ୍ଜନ କ୍ଷୋଭ ପ୍ରକାଶ କରିଛନ୍ତି।


## ମନେ ପଡ଼ନ୍ତି

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଇଞ୍ଜିନିୟର ନୀଳକଣ୍ଠ ମିଶ୍ର**

ସ୍ଥାନ:୯୧, ସୂର୍ଯ୍ୟନଗର, ଭୁବନେଶ୍ୱର
ଆବିର୍ଭାବ: ତା୭।୦୮।୧୯୨୭ ମସିହା
ତିରୋଧାନ: ତା୨୨।୦୫।୨୦୨୩ ମସିହା
ଆପଣଙ୍କ ଅକସ୍ମାତ୍ ପରଲୋକ ଆମ ଜୀବନରେ ଏକ ବିରାଟ ଶୂନ୍ୟତା ଆଣି ଦେଇଛି। ଆପଣଙ୍କର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଓ ଆଦର୍ଶ ଆମ ପଥ ପ୍ରଦର୍ଶକ ହେଉ, ଆପଣଙ୍କର ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦପଦ୍ମରେ ଆମର ଭକ୍ତିପୂର୍ଣ୍ଣ ପ୍ରାର୍ଥନା ।
ଶୋକସନ୍ତପ୍ତ: ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଏବଂ ସମସ୍ତ ପରିବାରବର୍ଗ
ଧ-୭୪୭୦୭

**ତୃତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଇଂ. ଗଗନ ବିହାରୀ କଲେତ୍**

ଗାନ୍ଧୀନଗରପଡ଼ା, ଗାଇସିଲେଟ୍, ବରଗଡ଼
ଆବିର୍ଭାବ: ୧୦।୦୫।୧୯୭୦
ତିରୋଧାନ: ୨।୦୬।୨୦୨୦
ତୁମେ ଯେଉଁଠି ଥାଅ, ଭଲରେ ଥାଅ। ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ବିନମ୍ର ପ୍ରାର୍ଥନା।
ସାନଭାଇ ଘନ, ଭାଇବୋହୂ କଲ୍ୟାଣୀ, ଝିଅ ଜାଗୃତିରାଣୀ ଏବଂ କଲେତ୍ ପରିବାରବର୍ଗ।
ଧ-୦୪୮୬



# Classified Everyday

0674-2580101, 2549949



AUTOMOBILE

**SALE**

Tata Hywa (Model-3118) 2018, 5nos. Tata Hywa (Model-2518) 2016, 4nos. Contact- 9827516256. 7504690838. D-74869



REAL ESTATE

**SALE**

Land for sale at Sundarpada 12050sqft. private land. Contact: 9437075283. D-0463

Prime Commercial Land for Sale. On NH-26 towards Jagdalpur, infront of High School at Boriguma. {Area 2400sqft. size (40'X60')}. Interested Genuine owner's are requested to immediately contact Mob No- 9437612922/ 8770656882. D-61950

ଭୁବନେଶ୍ୱର ଫୁଲନଖରା ଛକରେ **simplex/ duplex,** ରସୁଲଗଡ଼ରେ **3BHK flat** ମିଳୁଛି। **9658122456, 8327785834.** D-74866

ନଖରାଛକ East Engineering College ପାଖରେ Sqft. 1550/-, Main roadରୁ 500 mtr. sqft.1050/-, 800/- Boundary, ଘରବାରି, ଇଲେକ୍ଟ୍ରିସିଟି ଥାଇ ବିକ୍ରିହେବ – 9178704897. D-74865

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft- 3,60,000/-, ଛତାବର 1200sqft-3,00,000/- ନଖରା– 300/- 6371569855. D-74870

Newly built 3 BHK Duplex at Subhadra Villa, Gated Community, Land Area-1200 sqft., Built-up Area- 1765 sqft. At: Pradhan Sahi, on Sundarapada - Jatani main road side. Contact: 9437404347. D-74706

ସ୍ଥିତିବାନ ଗୃହ ଉପଯୋଗୀ ପ୍ଲଟ ପିତାପଲ୍ଲୀ ଓ ଛତାବରରେ ୩୦ft ରୋଡ ଓ ଇଲେକ୍ଟ୍ରି ଥାଇ ସୁଲଭ ଦରରେ ମିଳୁଛି। 8658219495 D-0468

**Gharabari plots with boundary wall at Balianta ready to construction for sale. Contact: 9438620034.** D-0414



FOR RENT

My house at Nayapalli 1BHK, 2BHK, 3BHK for Family. 9438490107, 8895096862. D-74690



Healthcare

Newly open health benefits SPA special offer @ 799, Master Centeen. 912452 7173. D-75109

Herbal full body massage by smart / expert therapist. Contact: 7846923244. D-74691

Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-74688

Spa full body Massage only best therapist Gents & ladies@799/- & home service@1199/-, Bhubaneswar. 9337672475. D-0484

Full body massage relax body mind by trend lady therapist. 7008773793. D-75110

Newly open SPA positively health benefits with expert therapist. 8114322659. D-75111

Newly open health benefits Spa special offer @799 Jaydev Vihar. 8018429809. D-75113

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar on 07.10.2016, I Subash Chandra Behera, S/o Nityananda Behera of Purunapani, PO-Kendupalli, PS-Baideswar, Dist- Cuttack have changed my name from Subash Chandra Behera to Ramesh Chandra Behera for all purposes. D-0485

I Harekrushna Nayak, Vill- Amrutamani, PO- Erada, PS- Sabarang, State- Odisha. That, I am serving in Army no- 14824296 A, in the pension book My son Nirmal Nayak his D.O.B- 10.01.2002. His correct name and D.O.B according to his C.B.S.E passed certificate and his Aadhaar card is Nirmal Kumar Nayak and D.O.B is 10.01.2003. Hence, I declare that Nirmal Nayak and Nirmal Kumar Nayak is one and same person. D-0490

**12th BIRTHDAY WISH**




**K. Upansu (Subham)**

"You are the only reason of our happiness"

Best Wishes: Papa & Mama, Tata & Maama, Peda Tata & Peda Maama, Aja & Aai, Tulu & July, Lachu & Lila, Giri & Pushpa, Ashish & Santu, Rinku & Barsha, Kuni, Rinki, Sonu, Munu, Joshna, Rudra, Bhawna, Sanvi, Purbika, Mohil & Tanvika
D-0480

**ଶିଶୁ ସାହିତ୍ୟରେ ଅଧାପକଙ୍କ ଡକ୍ଟରେଟ୍ ଲାଭ**



ରାଜସୁନାଖଳା ମହାବିଦ୍ୟାଳୟର ଓଡ଼ିଆ ବିଭାଗର ଯୁବ ଅଧାପକ ପ୍ରଶାନ୍ତ କୁମାର ସ୍ୱାଇଁ ଓଡ଼ିଆ ଶିଶୁ ସାହିତ୍ୟରେ ଗବେଷଣା କରି ଉତ୍କଳ ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ୍ ଡିଗ୍ରୀ ଲାଭ କରିଛନ୍ତି। "ଶିଶୁ ସାହିତ୍ୟିକ ବୀରେନ୍ଦ୍ର ସାମନ୍ତରାୟ: ଏକ ଅଧ୍ୟୟନ" ଶୀର୍ଷକରେ ଉତ୍କଳ ବିଶ୍ୱବିଦ୍ୟାଳୟର ଅଧାପକ ଡ. ରମେଶ ଚନ୍ଦ୍ର ମଲ୍ଲିକଙ୍କ ମାର୍ଗଦର୍ଶନରେ ସେ ଗବେଷଣା କରୁଥିଲେ। ତାଙ୍କର ଏହି ଗବେଷଣା ନିବନ୍ଧଟି ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଏବଂ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ପ୍ରକାଶ ପଟ୍ଟନାୟକଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି। ରାଜସୁନାଖଳା ଅନ୍ତର୍ଗତ ପାନନଗରର ପୂର୍ବତନ ସରପଞ୍ଚ କିଶୋର ମୋହନ ସ୍ୱାଇଁ ଓ କନକଲତା ସ୍ୱାଇଁଙ୍କର ସେ ସୁପୁତ୍ର ଅଟନ୍ତି। ଶିଶୁ ସାହିତ୍ୟର ଅନ୍ୟତମ ଗବେଷକ ଡକ୍ଟର ଲକ୍ଷ୍ମୀକାନ୍ତ ଖୁଣ୍ଟିଆଙ୍କର ପ୍ରଚ୍ଛନ୍ନ ପ୍ରେରଣାରେ ଏହି କାର୍ଯ୍ୟଟି ସମ୍ଭବପର ହୋଇଥିବାରୁ ତାଙ୍କୁ କୃତଜ୍ଞତା ଜଣାଇଛନ୍ତି।
ଧ-୦୪୮୯

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ରଙ୍ଗୀନ ଟ୪୨୦/–ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ସ୍ମରଣୀୟ ଆଇପିଏଲ୍


ନିର୍ମଳ କୁମାର ମିଶ୍ର


ଚାମ୍ପିୟନ ଚେନ୍ନାଇ ସୁପର କିଙ୍ଗ୍ସ ଦଳ

**ଆଇପିଏଲ୍ ୧୬ଶ ସଂସ୍କରଣର ସଫଳ ପରିସମାପ୍ତି ଘଟିଛି। ବର୍ଷା ଯୋଗୁ ପ୍ରଥମଥରପାଇଁ ରିଜର୍ଭ ଦିବସରେ ଫାଇନାଲ ଖେଳା ଯାଇଥିବାବେଳେ ୫ମ ଥରପାଇଁ ଚାମ୍ପିୟନ ହୋଇଛି ମହେନ୍ଦ୍ର ସିଂ ଧୋନୀଙ୍କ ଚେନ୍ନାଇ ସୁପର କିଙ୍ଗ୍ସ। ଇମ୍ପାକ୍ଟ ସବ୍‌ଷ୍ଟିଚ୍ୟୁଟ ନିୟମ ଏଥର ଆଇପିଏଲ୍‌କୁ ପୂର୍ବ ତୁଳନାରେ ଅଧିକ ରୋମାଞ୍ଚକ କରିଥିଲା....**

ଦୀର୍ଘ ୨ ମାସ ଧରି ଦର୍ଶକମାନଙ୍କୁ ଭରପୂର ମନୋରଞ୍ଜନ ଯୋଗାଇବା ପରେ ବିଶ୍ୱ କ୍ରିକେଟର ସର୍ବଶ୍ରେଷ୍ଠ ପ୍ରିମିୟର ଲିଗ ଆଇପିଏଲ୍ ୧୬ତମ ସଂସ୍କରଣର ସଫଳ ପରିସମାପ୍ତି ଘଟିଛି। ଅନେକ ଦୃଷ୍ଟି କୋଣରୁ ସଫଳତାର ଶୀର୍ଷକୁ ଛୁଇଁଛି ଏହି ପ୍ରଫେଶନାଲ ଟି୨୦ ଲିଗ୍। ଅନେକ ନୂଆ ରେକର୍ଡ ସ୍ଥାପନ ହୋଇଥିବା ବେଳେ ପୂର୍ବଭଳି ଅନେକ ଉଦୀୟମାନ ଖେଳାଳି ସେମାନଙ୍କ ପ୍ରଦର୍ଶନ ମାଧ୍ୟମରେ କ୍ରିକେଟ ପ୍ରେମୀଙ୍କ ମନକୁ ଛୁଇଁ ପାରିଛନ୍ତି। ଅନେକ ଅନକ୍ୟାପଡ୍ ଖେଳାଳି ଆଇପିଏଲ୍ ମାଧ୍ୟମରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଖେଳାଳି ନିଲାମ ପ୍ରକ୍ରିୟାଠାରୁ ଆରମ୍ଭ କରି ଫାଇନାଲ ପର୍ଯ୍ୟନ୍ତ ଏଥର ଆଇପିଏଲ୍ ଚର୍ଚ୍ଚାରେ ରହିଛି। ଦଳଗତ ଏବଂ ବ୍ୟକ୍ତିଗତ କ୍ଷେତ୍ରରେ ଅନେକ ରେକର୍ଡ ସ୍ଥାପନ ହୋଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଗତ ସଂସ୍କରଣରେ ପଏଣ୍ଟ ଟେବୁଲର ୯ମ ଏବଂ ୧୦ମ ସ୍ଥାନରେ ରହିଥିବା ଚେନ୍ନାଇ ଏବଂ ମୁମ୍ବାଇ ଏଥର ଦମ୍‌ଦାର ପ୍ରଦର୍ଶନ କରି ପ୍ଲେ ଅଫ୍‌ରେ ସ୍ଥାନ ପକ୍କା କରିଥିଲେ। ହାଇଦ୍ରାବାଦ, କୋଲକାତା, ପଞ୍ଜାବ ଓ ଦିଲ୍ଲୀ ବେଶ୍ ଶକ୍ତିଶାଳୀ ଦଳ ରୂପେ ପ୍ରତୀୟମାନ ହେଉଥିଲେ ମଧ୍ୟ ଗ୍ରୁପ ପର୍ଯ୍ୟାୟରେ ଅତି ନୈରାଶ୍ୟଜନକ ଖେଳ ଦେଖାଇଥିଲେ। ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଗୁଜରାଟ ଟାଇଟନ୍ସ ପୂର୍ବ ବର୍ଷଭଳି ଚଳିତ ସଂସ୍କରଣରେ ମଧ୍ୟ ଆରମ୍ଭରୁ ଭଲ ପ୍ରଦର୍ଶନ କରି ୧୦ ବିଜୟ ସହ ୨୦ ପଏଣ୍ଟ ପାଇ ଟେବୁଲର ଶୀର୍ଷରେ ରହିଥିଲା। ଏଡେନ ମାର୍କରାମଙ୍କ ନେତୃତ୍ୱାଧୀନ ହାଇଦ୍ରାବାଦ ଦଳ ମାତ୍ର ୪ ମ୍ୟାଚରେ ବିଜୟୀ ହୋଇ ପଏଣ୍ଟ ଟେବୁଲର ନିମ୍ନରେ ରହିଥିଲା। ରାଜସ୍ଥାନ ଦଳ ଆରମ୍ଭରୁ ଚମତ୍କାର ଖେଳ ପ୍ରଦର୍ଶନ କରିଥିଲେ ମଧ୍ୟ ଶେଷ ପର୍ଯ୍ୟାୟରେ ଅନ୍‌ଲକି ସାବ୍ୟସ୍ତ ହୋଇଥିଲେ। ଗୁଜରାଟ, ଚେନ୍ନାଇ, ଲକ୍ଷ୍ନୌ ଏବଂ ମୁମ୍ବାଇ ଦଳ ପ୍ଲେ ଅଫ୍‌ରେ ପ୍ରବେଶ କରିଥିଲେ। ପ୍ରଥମ କ୍ୱାଲିଫାୟରରେ ଗୁଜରାଟକୁ ହରାଇ ଚେନ୍ନାଇ ସୁପର କିଙ୍ଗ୍ସ ସିଧାସଳଖ ଫାଇନାଲ ଟିକେଟ ପାଇଥିଲା। ଏଲିମିନେଟର ମ୍ୟାଚରେ ରୋହିତ ଶର୍ମାଙ୍କ ମୁମ୍ବାଇ ଦଳ ଲକ୍ଷ୍ନୌକୁ ୮୧ ରନ୍‌ରେ ପରାସ୍ତ କରିଥିବା ବେଳେ କ୍ୱାଲିଫାୟର ୨ରେ ଗୁଜରାଟ ୬୨ ରନ୍‌ରେ ମୁମ୍ବାଇକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ଫାଇନାଲରେ ୨୦୧୦, ୨୦୧୧, ୨୦୧୮, ୨୦୨୧ର ୪ ଥରର ଚାମ୍ପିୟନ ଚେନ୍ନାଇ ଏବଂ ଗତବର୍ଷର ଚାମ୍ପିୟନ ଗୁଜରାଟକୁ ହରାଇ ୫ମ ଟାଇଟଲ ହାସଲ କରିଥିଲା। ଏକ ବର୍ଷା ବାଧା ପ୍ରାପ୍ତ ରୋମାଞ୍ଚକର ଫାଇନାଲରେ ଏବଂ ଆଇପିଏଲ୍ ଇତିହାସରେ ପ୍ରଥମ ଥର ପାଇଁ ରିଜର୍ଭ ଡେ' ଫାଇନାଲରେ ଚେନ୍ନାଇକୁ ପଞ୍ଚମ ଟାଇଟିଲ ମିଳିଥିଲା ଏବଂ ଟାଇଟନ୍ସର ଟାଇଟଲ ବଜାୟ ରଖିବା ସ୍ୱପ୍ନ ଧୂଳିସାତ ହୋଇଥିଲା।

ଏହା ଏକ ବ୍ୟାଟର୍ସଙ୍କ ଆଇପିଏଲ ଥିଲା କହିଲେ ଅତ୍ୟୁକ୍ତି ହେବନାହିଁ। 'ଇମ୍ପାକ୍ଟ ପ୍ଲେୟର' ନୂଆ ନିୟମ ପ୍ରତ୍ୟେକ ଟିମକୁ ଅଧିକ ସ୍କୋରପାଇଁ ଖୋରାକ ଯୋଗାଇଥିଲା। ଅଳ୍ପ କେତେକ ପିଚ୍‌କୁ ଛାଡ଼ିଦେଲେ ସମସ୍ତ ଭେନ୍ୟୁର ଗ୍ରାଉଣ୍ଡ୍‌ସମ୍ୟାନମାନେ ଭଲ ବ୍ୟାଟିଂ ଉଇକେଟ ପ୍ରସ୍ତୁତ କରିଥିଲେ। ଫଳସ୍ୱରୂପ ଫାଇନାଲକୁ ମିଶାଇ ମୋଟ ଟୁର୍ନାମେଣ୍ଟରେ ୩୭ ଥର ୨ଶହରୁ ଅଧିକ ରନ୍ ସ୍କୋର ହୋଇଥିଲା। ୮ଟି ମ୍ୟାଚରେ ୨୦୦ରୁ ଅଧିକ ରନ୍ ପିଛା କରି ଦଳ ଗୁଡ଼ିକ ବିଜୟୀ ହୋଇଥିଲେ। ମୁମ୍ବାଇ ଦଳ ସର୍ବାଧିକ ୪ଥର ୨ଶହରୁ ଉର୍ଦ୍ଧ୍ୱ ରନ୍ ପିଛା କରି ବିଜୟୀ ହୋଇଥିବାବେଳେ ୱାଙ୍ଖେଡେ ଷ୍ଟାଡିୟମରେ ସର୍ବାଧିକ ୪ ମ୍ୟାଚରେ ୪ଶହରୁ ଅଧିକ ରନ୍ ସଂଗ୍ରହ ହୋଇଥିଲା। ୧୨ଟି ମ୍ୟାଚରେ ଉଭୟ ଦଳ ୨୦୦ରୁ ଅଧିକ ରନ୍ ସଂଗ୍ରହ କରିଥିଲେ। ମୁମ୍ବାଇ ଏବଂ ଗୁଜରାଟ ମଧ୍ୟରେ ଅନୁଷ୍ଠିତ ୨ୟ କ୍ୱାଲିଫାୟର ମ୍ୟାଚରେ ମୋଟ ୪୦୪ ରନ୍ ସଂଗ୍ରହ ଆଇପିଏଲ ଇତିହାସରେ ୩ୟ ସର୍ବାଧିକ ଥିଲା। ମୁମ୍ବାଇ ୬ ଥର ୨୦୦ରୁ ଅଧିକ ରନ୍ କରିଥିବା ବେଳେ ବାଙ୍ଗାଲୋର ୫ଥର ଏହି ସଫଳତା ପାଇଛି। ଦ୍ୱିତୀୟ କ୍ୱାଲିଫାୟର ମ୍ୟାଚରେ ମୁମ୍ବାଇ ବିପକ୍ଷରେ ଗୁଜରାଟର ୨୩୩ ରନ୍ ଆଇପିଏଲ ପ୍ଲେ ଅଫ ଇତିହାସରେ ବୃହତ୍ ସ୍କୋର ଥିଲା। ଚଳିତ ସଂସ୍କରଣରେ ପଞ୍ଜାବ ବିପକ୍ଷରେ ଲକ୍ଷ୍ନୌ ସର୍ବାଧିକ ୨୫୭ ରନ୍ ସ୍କୋର କରିଥିବା ବେଳେ ବାଙ୍ଗାଲୋର ବିପକ୍ଷରେ ରାଜସ୍ଥାନର ୫୯ ରନ୍ ସର୍ବନିମ୍ନ ଥିଲା। ପ୍ରଥମ ଉଇକେଟ ଭାଗୀଦାରିରେ ବିରାଟ କୋହଲି ଏବଂ ଫାପ୍ ଡୁପ୍ଲେସି ସର୍ବାଧିକ ୧୭୨ ରନ ସଂଗ୍ରହ କରିଥିଲେ। ଲିଗ୍‌ରେ ସର୍ବମୋଟ ୮ଟି ସେଞ୍ଚୁରି ପାର୍ଟନରଶିପ୍ ଦେଖିବାକୁ ମିଳିଥିଲା। ଏଥି ମଧ୍ୟରୁ ଆର୍‌ସିବିର ସର୍ବାଧିକ ୬ଟି ଶତକୀୟ ପାର୍ଟନରଶିପ୍ ରହିଥିଲା। ୨୦୨୩ ଆଇପିଏଲରେ ସବୁଠାରୁ ବଡ ଛକା ୧୧୫ ମିଟର ଫାପ୍ ଡୁପ୍ଲେସିଙ୍କ ନାମରେ ଥିଲା। ପୂରା ଲିଗ୍‌ରେ ୩ଜଣ ବିଦେଶୀ ଖେଳାଳି ଶତକୀୟ ଇନିଂସ ଖେଳିଥିଲେ। ସେମାନେ ହେଲେ ହ୍ୟାରି ବ୍ରୁକ୍, ହେନେରିଚ କ୍ଲାସେନ ଉଭୟ (ହାଇଦ୍ରାବାଦ) ଏବଂ ଲିଗ୍‌ର ଦାମୀ ଖେଳାଳ କାମେରନ ଗ୍ରୀନ୍ (ମୁମ୍ବାଇ)। ଚଳିତ ଆଇପିଏଲର ଷ୍ଟାର ଖେଳାଳି ଶୁବମନ ଗିଲ୍ ୩ଟି, ବିରାଟ କୋହଲି ୨ଟି ଏବଂ ଭେଙ୍କଟେଶ୍ ଆୟାର, ଯଶସ୍ୱୀ ଜୟସ୍ୱାଲ, ପ୍ରଭସିମରନ୍ ସିଂ, ସୂର୍ଯ୍ୟକୁମାର ଯାଦବ ଗୋଟିଏ ଲେଖାଏ ଶତକ ହାସଲ କରିଥିଲେ। ମୋଟ ୧୨ଟି ଶତକ ଯାହାକି ଆଇପିଏଲ ଇତିହାସରେ ରକର୍ଡ କରିଥିଲା। ବ୍ୟକ୍ତିଗତ ସର୍ବାଧିକ ଛକା ୩୬ଟି ଡୁପ୍ଲେସିଙ୍କ ନାମରେ ରହିଥିବା ବେଳେ ସର୍ବାଧିକ ଚୌକା ୮୨ଟି ଯଶସ୍ୱୀ ଜୟସ୍ୱାଲଙ୍କ ନାମରେ ଥିଲା। ଚଳିତ ଆଇପିଏଲରେ ଶୁବମନ ଗିଲ ସର୍ବାଧିକ ୮୯୦ ରନ୍ (୩ଟି ଶତକ, ୫ଟି ଅର୍ଦ୍ଧଶତକ) ସହ ଅରେଞ୍ଜ୍ କ୍ୟାପ ହାସଲ କରିଥିବା ବେଳେ ଭେଟେରାନ ଷ୍ଟାର ବୋଲର ମହମ୍ମଦ ଶାମି ୧୭ଟି ମ୍ୟାଚରୁ ସର୍ବାଧିକ ୨୮ଟି ଉଇକେଟ ନେଇ ପର୍ପଲ୍ କ୍ୟାପର ଅଧିକାରୀ ହୋଇଥିଲେ।

ବ୍ୟାଟିଂରେ ଭାରତୀୟ ଯୁବ ବ୍ୟାଟର ଯଶସ୍ୱୀ ଜୟସ୍ୱାଲ, ରୁତୁରାଜ ଗାଏକ୍ୱାଡ୍, ରିଙ୍କୁ ସିଂ, ତୁଷାର ଦେଶପାଣ୍ଡେ, ସୂର୍ଯ୍ୟକୁମାର ଯାଦବଙ୍କ ଚମକ ଦେଖିବାକୁ ମିଳିଥିବା ବେଳେ ବିଦେଶୀ ବ୍ୟାଟର ମାନଙ୍କ ମଧ୍ୟରେ ଫାଫ୍ ଡୁପ୍ଲେସି, ଟିମ୍ ଡାଭିଡ, ଡେଭିଡ ୱାର୍ନର, ମାର୍କସ ଷ୍ଟୋଇନିସ, ନିକୋଲାସ ପୁରନ ଏବଂ ସିମରନ୍ ହେଟମେରଙ୍କ ଚମକ ଦେଖିବାକୁ ମିଳିଥିଲା। ଜୋଫ୍ରା ଆର୍ଚର, ଜୋସ୍ ଲିଟିଲ, ୱାନିନ୍ଦୁ ହସରଙ୍ଗା, ସାମ କରନ, ରିଲେ ରୁଷୋ, ଡେଭିଲ ମିଲର ନିଜ ଫ୍ରାଞ୍ଚାଇଜଙ୍କୁ ନିରାଶ କରିଥିଲେ। ତିଳକ ବର୍ମା, ଜିତେଶ ଶର୍ମା, ଯଶସ୍ୱୀ ଜୟସ୍ୱାଲ, ରିଙ୍କୁ ସିଂ, ତୁଷାର ଦେଶପାଣ୍ଡେଙ୍କ ପରି ଅନକ୍ୟାପଡ ଖେଳାଳିଙ୍କ ଚମକ ଦେଖିବାକୁ ମିଳିଥିଲା। ଚମ୍ପିୟନ ଟିମକୁ ୨୦କୋଟି ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଲିଗ୍‌ର ଅନ୍ୟତମ ସଫଳ ବ୍ୟାଟର ଡେଭନ କନୱେ ପ୍ଲେୟର ଅଫ୍ ଦି ଫାଇନାଲ ହୋଇଥିବା ବେଳେ ଉଦୀୟମାନ ଖେଳାଳୀ ପୁରସ୍କାର ପାଇଥିଲେ ଯଶସ୍ୱୀ ଜୟସ୍ୱାଲ। ଚଳିତ ଆଇପିଏଲକୁ ରେକର୍ଡ ସଂଖ୍ୟକ ଦର୍ଶକ ଉପଭୋଗ କରିଥିଲେ।

### ପୁରସ୍କାର

ଚାମ୍ପିୟନ: ଚେନ୍ନାଇ ସୁପର କିଙ୍ଗ୍ସ(୨୦ କୋଟି ଓ ଟ୍ରଫି)
ରନର ଅପ୍: ଗୁଜରାଟ ଟାଇଟନ୍ସ(୧୨.୫ କୋଟି ଓ ଟ୍ରଫି)
ପର୍ପଲ କ୍ୟାପ୍: ମହମ୍ମଦ ଶାମି (୨୮ ଉଇକେଟ)
ଅରେଞ୍ଜ କ୍ୟାପ୍: ଶୁବମନ ଗିଲ୍ (୮୯୦ ରନ୍)
ଇମର୍ଜିଂ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ: ଯଶସ୍ୱୀ ଜୟସ୍ୱାଲ
ଷ୍ଟ୍ରାଇକର ଅଫ୍ ଦି ଟୁର୍ନାମେଣ୍ଟ: ଗ୍ଲେନ୍ ମ୍ୟାକ୍ସୱେଲ
ଗେମ୍ ଚେଞ୍ଜର ଅଫ୍ ଦି ଟୁର୍ନାମେଣ୍ଟ: ଶୁବମନ ଗିଲ୍
ଭ୍ୟାଲୁଏବଲ ଆସେଟ୍ ଅଫ୍ ଦି ଟୁର୍ନାମେଣ୍ଟ: ଶୁବମନ ଗିଲ
ଟୁର୍ନାମେଣ୍ଟର ସର୍ବାଧିକ ଚୌକା: ଶୁବମନ ଗିଲ
ଟୁର୍ନାମେଣ୍ଟର ଲମ୍ବା ଛକା: ଫାଫ୍ ଡୁ ପ୍ଲେସି(୧୧୫ ମିଟର)
ଫେୟାର ପ୍ଲେ ଆୱାର୍ଡ: ଦିଲ୍ଲୀ କ୍ୟାପିଟାଲ୍ସ


ଶୁବମନ ଗିଲ୍

### ଶତକ

| ଖେଳାଳି | ମ୍ୟାଚ୍ | ଶତକ | ରନ୍ | ସର୍ବାଧିକ ସ୍କୋର |
|---|---|---|---|---|
| ଶୁବମନ ଗିଲ୍ | ୧୭ | ୩ | ୮୫୧ | ୧୨୯ |
| ବିରାଟ କୋହଲି | ୧୪ | ୨ | ୬୩୯ | ୧୦୧ |
| ଯଶସ୍ୱୀ ଜୟସ୍ୱାଲ | ୧୪ | ୧ | ୬୨୫ | ୧୨୪ |
| ସୂର୍ଯ୍ୟକୁମାର ଯାଦବ | ୧୬ | ୧ | ୬୦୫ | ୧୦୩ |
| କାମେରନ୍ ଗ୍ରୀନ୍ | ୧୬ | ୧ | ୪୫୨ | ୧୦୦ |
| ହେନରିଚ୍ କ୍ଲାସେନ୍ | ୧୨ | ୧ | ୪୪୮ | ୧୦୪ |
| ଭେଙ୍କଟେଶ ଆୟାର | ୧୪ | ୧ | ୪୦୪ | ୧୦୪ |
| ପ୍ରଭସିମରନ୍ ସିଂ | ୧୪ | ୧ | ୩୫୮ | ୧୦୩ |
| ହ୍ୟାରୀ ବ୍ରୁକ୍ | ୧୧ | ୧ | ୧୯୦ | ୧୦୦ |


ଆଇପିଏଲ୍ ଫାଇନାଲ ଅବସରରେ ଚେନ୍ନାଇ ପ୍ରଶଂସିକା।

# ଭାରତ ପକ୍ଷରୁ ଖେଳିବା ସ୍ୱପ୍ନ


ନିର୍ମାଲ୍ୟା ରାଉତ

**ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସର ମହିଳା ରଗ୍‌ବୀରେ ଚାମ୍ପିୟନ ହୋଇଥିବା କିଟ୍ ବିଶ୍ୱବିଦ୍ୟାଳୟ ଦଳର ପ୍ରମୁଖ ସଦସ୍ୟା ଥିଲେ ନିର୍ମାଲ୍ୟା ରାଉତ। ପାଠ ପଢ଼ିବା ପାଇଁ ଭୁବନେଶ୍ୱର ଆସିଥିବା ନିର୍ମାଲ୍ୟା କେବଳ ପଢ଼ାରେ ନୁହେଁ ଖେଳ ଉପରେ ମଧ୍ୟ ଫୋକସ କଲେ। ଏହା ହିଁ ଆଜି ତାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଛି....**

ବରଗଡ଼ର ଝିଅ ନିର୍ମାଲ୍ୟା ରାଉତ। ଓଡ଼ିଶାର ଏକ ପଛୁଆ ଜିଲାରୁ ଆସିଥିଲେ ମଧ୍ୟ କଠିନ ପରିଶ୍ରମ ଏବଂ ନିଷ୍ଠା ବଳରେ କ୍ରୀଡ଼ା ଜଗତରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି। ଛୋଟ ବେଳରୁ ସେ ଯେଉଁ ସ୍ୱପ୍ନ ଦେଖିଛନ୍ତି ତାହାକୁ ସାକାର ପରିବାପାଇଁ ପ୍ରାଣପଣେ ଲାଗିଛନ୍ତି। ଭବିଷ୍ୟତରେ ସିନିୟର ସ୍ତରରେ ଭାରତ ପକ୍ଷରୁ ଖେଳିବା ତାଙ୍କ ଇଚ୍ଛା। ସମ୍ପ୍ରତି ଉତ୍ତର ପ୍ରଦେଶରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସର ମହିଳା ରଗ୍‌ବୀ ଇଭେଣ୍ଟରେ ଚାମ୍ପିୟନ ହୋଇଥିବା କିଟ୍ ବିଶ୍ୱବିଦ୍ୟାଳୟ ଦଳର ଅନ୍ୟତମ ସଦସ୍ୟା ଥିଲେ ନିର୍ମାଲ୍ୟା। ତାଙ୍କ ବାପା ବାସୁଦେବ ରାଉତ ଜଣେ କୃଷକ। ପାଠ ପଢ଼ିବା ପାଇଁ ବାପା ତାଙ୍କୁ ଭୁବନେଶ୍ୱର ଛାଡ଼ିଥିଲେ। ମାତ୍ର ନିର୍ମାଲ୍ୟା କେବଳ ପଢ଼ାରେ ନୁହେଁ ଖେଳ ଉପରେ ମଧ୍ୟ ଫୋକସ କଲେ। ଏହା ହିଁ ଆଜି ତାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଛି। ଗୁରୁ ଗୋବିନ୍ଦ ସିଂ ସ୍ପୋର୍ଟ୍ସ କଲେଜ ଗ୍ରାଉଣ୍ଡରେ ଅନୁଷ୍ଠିତ ଫାଇନାଲରେ କିଟ୍ ବିଶ୍ୱବିଦ୍ୟାଳୟ ୬୦-୦ରେ ମୁମ୍ବାଇକୁ ପରାସ୍ତ କରିଥିଲା। ୧୮ ବର୍ଷୀୟା ନିର୍ମାଲ୍ୟା ବିଜୟୀ ଦଳ ପକ୍ଷରୁ ସର୍ବାଧିକ ୧୦ ପଏଣ୍ଟ ସ୍କୋର କରିଥିଲେ।

ୟୁନିଭର୍ସିଟି ଗେମ୍ସରେ ଭାଗନେବା ନିର୍ମାଲ୍ୟାଙ୍କ ପାଇଁ ଏହା ପ୍ରଥମ ଥିଲା। ଏ ସମ୍ପର୍କରେ ନିର୍ମାଲ୍ୟା କହିଛନ୍ତି ଯେ, ''ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସକୁ ମୁଁ ମନଭରି ଉପଭୋଗ କରିଛି। ପ୍ରଥମଥର ମୁଁ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲି। ଏହା ପୂର୍ବରୁ ମୁଁ ଜାତୀୟ ଓ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ଖେଳିଥିଲେ ହେଁ ୟୁନିଭର୍ସିଟି ଗେମ୍ସକୁ ବେଶି ଉପଭୋଗ କରିଛି। ମୁଁ ସିନିୟର ସ୍ତରରେ ଭାରତ ପାଇଁ ରଗ୍‌ବୀ ଖେଳିବାକୁ ଚାହେଁ ଏବଂ ଏସିଆନ ଗେମ୍ସରେ ପଦକ ଜିତିବା ମୋର ଇଚ୍ଛା। ଏଥିପାଇଁ ମୁଁ କଠିନ ପରିଶ୍ରମ କରୁଛି। ଭାରତୀୟ ଦଳରେ ସ୍ଥାନ ପାଇବା ମୋର ପରବର୍ତ୍ତୀ ଲକ୍ଷ୍ୟ''। ନିର୍ମାଲ୍ୟା ଏହା ପୂର୍ବରୁ ଓଡ଼ିଶା ପକ୍ଷରୁ ଜୁନିୟର ଏବଂ ସିନିୟର ନ୍ୟାଶନାଲ୍ସ ରଗ୍‌ବୀ ଟୁର୍ନାମେଣ୍ଟ ଖେଳି ସାରିଛନ୍ତି। '' ଏହା ପୂର୍ବରୁ ମୁଁ ଜାତୀୟ ଜୁନିୟର ଓ ସିନିୟର ରଗ୍‌ବୀ ପ୍ରତିଯୋଗିତା ଖେଳି ସାରିଛି। ଜାତୀୟ ଜୁନିୟର ପ୍ରତିଯୋଗିତା ୨୦୨୨ରେ ବିହାରରେ ହୋଇଥିଲା। ଏଥିରେ ଓଡ଼ିଶା ଦଳ ଦ୍ୱିତୀୟ ସ୍ଥାନରେ ରହିଥିଲା। ଗୁଜରାଟ ନ୍ୟାଶନାଲ ଗେମ୍ସରେ କିନ୍ତୁ ଓଡ଼ିଶା ଚାମ୍ପିୟନ ହୋଇଥିଲା। ପୂର୍ବରୁ ମୁଁ ରଗ୍‌ବୀ ସମ୍ପର୍କରେ ବିଶେଷ କିଛି ଜାଣି ନ ଥିଲି। କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନ୍ସେସ (କିସ୍) ଆସିବାପରେ ମୁଁ ଏହି ଖେଳ ସମ୍ପର୍କରେ ଜାଣିବାକୁ ପାଇଲି। ଏହି କ୍ରୀଡ଼ା ମୋତେ ପସନ୍ଦ ଆସିଲା, ତେଣୁ ଖେଳିବାକୁ ଇଚ୍ଛାକଲି। ଏବେ ଏହି କ୍ରୀଡ଼ାରେ ମୁଁ ଆଗକୁ ଯିବାକୁ ଲକ୍ଷ୍ୟ ରଖିଛି'' ବୋଲି ନିର୍ମାଲ୍ୟା କହିଛନ୍ତି। ନିର୍ମାଲ୍ୟା ରାଜ୍ୟର ପ୍ରତିଷ୍ଠିତ କୋଚ୍ ମାନସ କୁମାର ଜେନାଙ୍କଠାରୁ କୋଚିଂ ନେଇ ଆଗକୁ ବଢ଼ୁଛନ୍ତି।

କିଟ୍ ରଗ୍‌ବୀ ଏକାଡେମୀର ଛାତ୍ରୀ ନିର୍ମାଲ୍ୟାଙ୍କର ଅନ୍ତର୍ଜାତୀୟ ପଦାର୍ପଣ ୨୦୨୧ରେ ହୋଇଥିଲା। ଉଜ୍‌ବେକିସ୍ତାନର ତାସକେଣ୍ଟଠାରେ ଅନୁଷ୍ଠିତ ୧୮ ବର୍ଷରୁ କମ୍ ରଗ୍‌ବୀ ୭ଏସ୍ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ବିଜୟୀ ଭାରତୀୟ ଦଳର ସେ ସଦସ୍ୟା ଥିଲେ। ୨୦୨୨ ନଭେମ୍ବରରେ ଉଜ୍‌ବେକିସ୍ତାନର ଯଙ୍ଗିଆବାଦଠାରେ ଅନୁଷ୍ଠିତ ୨୦ ବର୍ଷରୁ କମ୍ ଏସିଆ ମହିଳା ରଗ୍‌ବୀ ସେଭେନ୍ସରେ ରୌପ୍ୟ ପଦକ ବିଜୟୀ ଭାରତୀୟ ଦଳରୁ ମଧ୍ୟ ସେ ଖେଳିଥିଲେ। ଏହା ବ୍ୟତୀତ ଗତବର୍ଷ ଡିସେମ୍ବରରେ ନେପାଳର କାଠମାଣ୍ଡୁରେ ଆୟୋଜିତ ୧୮ ବର୍ଷରୁ କମ୍ ଏସିଆ ମହିଳା ରଗ୍‌ବୀ ସେଭେନ୍ସରେ ରୌପ୍ୟ ପଦକ ପାଇଥିବା ଭାରତୀୟ ଦଳରୁ ମଧ୍ୟ ସେ ପ୍ରତିନିଧିତ୍ୱ କରିଥିଲେ।

–ତପନ ସ୍ୱାଇଁ


ବାଳିକା ରଗ୍‌ବୀ ଚାମ୍ପିୟନ କିଟ୍ ବିଶ୍ୱବିଦ୍ୟାଳୟ ଦଳ

### ଉଦ୍ୟମ

ଦୁଇଟି ବଲ୍‌ରୁ ଦଶ ରନ୍ ହେବ
କେହି ବି ନଥିଲେ ଭାବି
ଗଦାପରି ବ୍ୟାଟ୍ ବୁଲାଇ ଜାଡେଜା
ବଦଳାଇ ଦେଲା ଛବି
ଫାଷ୍ଟ ବଲ୍ ଛକା ଦାବି
ଶେଷ ବଲ୍‌ରୁ ଚୌକା ମାରିବାରୁ
ସିଏସ୍‌କେ ଜିତିଲା ଧୋବି।

ଆଇପିଏଲ୍‌ର ଷୋଳ ସଂସ୍କରଣ
କଳ୍ପନା ଜଳ୍ପନା ଶେଷ
ଟାଇଟଲ ଦାବିଦାର ଗୁଜରାଟ
ପାଣ୍ଡ୍ୟା ସେନା ଗ୍ରହ ଦୋଷ
ଅରେଞ୍ଜ୍ କ୍ୟାପ ପାଇ ହସ
ନାହିଁ ଜିଟି ଶୁବମନ ଗିଲ୍ ମନରେ
ମହେନ୍ଦ୍ର ଖାସଇ ଖାସ।

ଅଧିନାୟକ ଭାବେ ସର୍ବାଧିକ ଥର
ପ୍ଲେ-ଅଫ୍ ଫାଇନାଲ ଖେଳି
ସୁପର କିଙ୍ଗ୍ସର କିଙ୍ଗ୍ ଖେଳିଅଛି
ଦୁଇଶ' ପଚାଶ ପାଳି
ମାହି ପାଇଁ ମାର ତାଳି
ଉଦ୍ୟମ ବଳରେ ବଢ଼ିଥାଏ ଲୋକ
ପିନ୍ଧେ ବିଜୟର ମାଳି।

–ସୁବାସ ଚନ୍ଦ୍ର ପ୍ରଧାନ

## ବ୍ରିଜ୍‌ଭୂଷଣଙ୍କ ଗିରଫ ଦାବି

# କୃଷକ ଓ ଶ୍ରମିକ ସଂଗଠନର ବିକ୍ଷୋଭ



ବିଭିନ୍ନ କୃଷକ ଓ ଶ୍ରମିକଙ୍କ ସଂଗଠନ ପକ୍ଷରୁ ଗୁରୁବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ଭୁବନେଶ୍ୱର,୧।୬(ବ୍ୟୁରୋ)**

ମହିଳା କୁସ୍ତି ଯୋଦ୍ଧାଙ୍କୁ ଯୌନ ନିର୍ଯାତନା ଘଟଣାରେ ଭାରତୀୟ କୁସ୍ତି ମହାସଂଘ ସଭାପତି ତଥା ଭାଜପା ଏମ୍‌ପି ବ୍ରିଜ୍‌ଭୂଷଣ ସିଂଙ୍କୁ ଗିରଫ ବଦଳରେ ମୋଦି ସରକାରଙ୍କ ଦମନଲୀଳା ପ୍ରତିବାଦରେ ଦେଶବ୍ୟାପୀ ଆନ୍ଦୋଳନ ତେଜିବାରେ ଲାଗିଛି। ବିଭିନ୍ନ କୃଷକ ଓ ଶ୍ରମିକ ସଂଗଠନ ପକ୍ଷରୁ ଗୁରୁବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଯେଉଁ ମହିଳା କୁସ୍ତି ଯୋଦ୍ଧାମାନେ ଦେଶ ବିଦେଶରେ ନିଜର କଳା କୌଶଳ ପ୍ରଦର୍ଶନ କରି ଦେଶର ସୁନାମ ବୃଦ୍ଧି କରୁଥିଲେ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାହାର ଶ୍ରେୟ ନେଉଥିଲେ ଏବେ ସେମାନଙ୍କ ପ୍ରତି ଅବିଚାର କରାଯାଇଛି। ନ୍ୟାୟ ପାଇଁ ମହିଳା କୁସ୍ତି ଯୋଦ୍ଧାଙ୍କ ଶାନ୍ତିପୂର୍ଣ୍ଣ ଆନ୍ଦୋଳନକୁ ଦମନ କରିବା ପାଇଁ ଭାଜପା ସରକାରଙ୍କ ନିର୍ଦ୍ଦେଶରେ ଦିଲ୍ଲୀ ପୋଲିସ ଅମାନବୀୟ ଓ ବର୍ବରୋଚିତ ଆଚରଣ କରିଚାଲିଛି। ସଂଯୁକ୍ତ କୃଷକ ମୋର୍ଚ୍ଚା ଓ ଟ୍ରେଡ ୟୁନିୟନଗୁଡ଼ିକର ମିଳିତ ସଂଗଠନ ପକ୍ଷରୁ କୁହାଯାଇଛି ଯେ, ନିର୍ଯାତନା ଦେଇଥିବା ଭାଜପା ଏମ୍‌ପିଙ୍କ ବିରୋଧରେ ଦିଲ୍ଲୀ ପୋଲିସ ଏତଲା ଗ୍ରହଣ ନ କରିବାରୁ ସେମାନଙ୍କୁ ସୁପ୍ରିମକୋର୍ଟ ଯିବାକୁ ପଡ଼ିଛି। ମାତ୍ର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ବ୍ରିଜଭୂଷଣ ସିଂଙ୍କୁ ଗିରଫ କରାଯାଇନାହିଁ କିମ୍ବା ଭାରତୀୟ କୁସ୍ତି ମହାସଂଘ ସଭାପତି ପଦରୁ ତାଙ୍କୁ ପଦଚ୍ୟୁତ କରାଯାଇନାହିଁ। କୃଷକ ଆନ୍ଦୋଳନକୁ ଦମନ କରିବା ଓ ସେମାନଙ୍କୁ ପିଟିବା ପରେ ଏବେ ଦେଶ ପାଇଁ ମେଡାଲ ଆଣିଥିବା ମହିଳା କୁସ୍ତି ଯୋଦ୍ଧାଙ୍କ ଉପରେ ମଧ୍ୟ ମୋଦି ସରକାର ଦମନଲୀଳା ଚଳାଇଥିବାରୁ ଏଥିରେ ସେମାନେ ବ୍ୟଥିତ ହୋଇ ମେଡାଲଗୁଡ଼ିକୁ ଗଙ୍ଗା ନଦୀରେ ବିସର୍ଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏପରିକି ସେମାନଙ୍କୁ ଦିଲ୍ଲୀ ଯନ୍ତରମନ୍ତରରେ ଆଉ ଧାରଣା ଓ ପ୍ରତିବାଦ କରିବା ପାଇଁ ଅନୁମତି ଦିଆଯିବ ନାହିଁ ବୋଲି ଦିଲ୍ଲୀ ପୋଲିସ ଖୋଲାଖୋଲି ଧମକ ଦେଇଛି, ଯାହା ଗଣତାନ୍ତ୍ରିକ ଅଧିକାର ଉପରେ ଏକ ନଗ୍ନ ଆକ୍ରମଣ ବୋଲି ସଂଗଠନ ଦର୍ଶାଇଛି। ତେଣୁ ମହିଳା କୁସ୍ତିଯୋଦ୍ଧାଙ୍କୁ ନ୍ୟାୟ ପ୍ରଦାନ ପୂର୍ବକ ଅଭିଯୁକ୍ତ ବ୍ରିଜ୍ ଭୂଷଣଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ସଂଯୁକ୍ତ କୃଷକ ମୋର୍ଚ୍ଚା ଓଡ଼ିଶା, ଟ୍ରେଡ ୟୁନିୟନ ମିଳିତ ମଞ୍ଚ ଓ ଛାତ୍ର ସଂଗଠନର ନେତୃବୃନ୍ଦ ମହେନ୍ଦ୍ର ପରିଡ଼ା, ବିଷ୍ଣୁ ମହାନ୍ତି, କ୍ଷୀରୋଦ ସିଂହଦେଓ, ନରେନ୍ଦ୍ର ମହାନ୍ତି, ଜୟସେନ ମେହେର, ସଂଘମିତ୍ରା ଜେନା, ବିଶ୍ୱପ୍ରିୟ କାନୁନଗୋ ପ୍ରମୁଖ ଦାବି କରିଛନ୍ତି।

# ବାପାଙ୍କୁ ଠେଙ୍ଗାରେ ପିଟି ହତ୍ୟା

## ସାନପୁଅ ଗିରଫ, ଠେଙ୍ଗା ଜବତ

**ପିପିଲି,୧।୬(ସ୍ୱ.ପ୍ର./ଡି.ଏନ୍.ଏ.)**

ପିପିଲି ଥାନା ଅନ୍ତର୍ଗତ କଣ୍ଟି ପଞ୍ଚାୟତ ସାନକଣ୍ଟି ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ପାରିବାରିକ କଳହରୁ ବାପାଙ୍କୁ ଠେଙ୍ଗାରେ ପିଟି ପୁଅ ହତ୍ୟା କରିଛି। ମୃତକ ହେଲେ ସାନକଣ୍ଟି ଗ୍ରାମର ହୃଷୀକେଶ ପ୍ରଧାନ(୬୧)। ହତ୍ୟାକାରୀ ପୁଅକୁ ସ୍ଥାନୀୟ ଲୋକମାନେ କାବୁ କରିଥିବା ବେଳେ ଖବରପାଇ ପିପିଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କ କବଳରୁ ତାଙ୍କୁ ଉଦ୍ଧାର କରି ଗିରଫ କରିଛି। ସେ ହେଲେ ହୃଷୀକେଶଙ୍କ ସାନପୁଅ ମଦନମୋହନ ପ୍ରଧାନ ଓରଫ ଜିତୁ(୨୬)। ଏଥିସହ ଘଟଣାରେ ବ୍ୟବହୃତ ଠେଙ୍ଗାକୁ ପୋଲିସ ଜବତ କରିଛି। ପରେ ପିପିଲି ଥାନା ଅଧିକାରୀ ଅଭିମନ୍ୟୁ ନାୟକ ଓ ଏସ୍‌ଡିପିଓ ଦେବଦତ୍ତ ବରାଳ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ମଦନମୋହନ ଆହତ ହୋଇଥିବାରୁ ପୋଲିସ ହେପାଜତରେ ଚିକିତ୍ସା କରାଯାଉଛି। ଏ ନେଇ ମୃତ ହୃଷୀକେଶଙ୍କ ଜ୍ୱାଇଁ ପ୍ରକାଶ ଚନ୍ଦ୍ର ସାହାଣୀଙ୍କ ଲିଖିତ ଅଭିଯୋଗକ୍ରମେ ପୋଲିସ ନଂ.୨୪୭/୨୩ରେ ଏକ


ପୋଲିସ ଘଟଣାସ୍ଥଳରେ ତଦନ୍ତ କରୁଛି।

ହତ୍ୟା ମାମଲା ରୁଜୁ କରିଛି। ସେପଟେ ପୁରୀ ଆସିଷ୍ଟାଣ୍ଟ ସାଇଣ୍ଟିଫିକ୍ ଅଫିସରଙ୍କ ସହ ଏକ ଦଳ ଘଟଣାସ୍ଥଳକୁ ଆସି ତଦନ୍ତ କରିବା ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଛନ୍ତି।

ସୂଚନା ଅନୁସାରେ, ହୃଷୀକେଶଙ୍କ ଘରେ ଦୀର୍ଘଦିନ ହେବ ପାରିବାରିକ କଳହ ଲାଗିରହିଥିଲା। ଏ ନେଇ ପୂର୍ବରୁ ଅନେକ ସମୟରେ ମଦନମୋହନ ନିଶା ସେବନ କରି ଆସି ଘରେ ଅଶାନ୍ତି ସୃଷ୍ଟି କରୁଥିଲା। ତେବେ ବୁଧବାର ରାତିରେ ବଡ଼ପୁଅ ରବିନାରାୟଣ କୌଣସି କାମରେ ବାହାରକୁ ଯାଇଥିଲେ। ଏହାର ସୁଯୋଗ ନେଇ ମଦନମୋହନ ନିଶା ସେବନ କରି ରାତି ୧୧ଟାରେ ଘରକୁ ଆସି କୌଣସି କଥାକୁ ନେଇ ବାପା ହୃଷୀକେଶଙ୍କ ସହ ପାଟିତୁଣ୍ଡ କରି ମାରପିଟ ଆରମ୍ଭ କରିଥିଲେ। ବାପା ଏହାକୁ ବିରୋଧ କରିବାରୁ ମଦନମୋହନ ଉତ୍ତ୍ୟକ୍ତ ହୋଇ ଘରେ ରଖିଥିବା ଏକ ଠେଙ୍ଗାରେ ତାଙ୍କୁ ଆକ୍ରମଣ କରିଥିଲେ। କଳହରୁ ସ୍ୱାମୀଙ୍କୁ ବଞ୍ଚାଇବାକୁ ସ୍ତ୍ରୀ ତିଳୋତ୍ତମା ବହୁ ଚେଷ୍ଟା କରି ଶେଷରେ ବିଫଳ ହୋଇ ବାହାରକୁ ଯାଇ ଗାଁ ଲୋକଙ୍କୁ ଡାକିଥିଲେ। ଗାଁ ଲୋକ ଓ ସମ୍ପର୍କୀୟମାନେ ଘରେ ପହଞ୍ଚିବାବେଳକୁ ଘର ଭିତରପଟୁ କବାଟ ଦେଇ ବାପା ହୃଷୀକେଶଙ୍କୁ ପୁଅ ପିଟିପିଟି ହତ୍ୟା କରିଦେଇଥିଲେ। ଗ୍ରାମବାସୀ ଓ ସମ୍ପର୍କୀୟ କବାଟ ଭାଙ୍ଗି ରକ୍ତ ଜୁଡୁବୁଡୁ ଅବସ୍ଥାରେ ହୃଷୀକେଶଙ୍କୁ ଦେଖି ପୋଲିସକୁ ଖବର ଦେଇଥିଲେ ଏବଂ ମଦନମୋହନଙ୍କୁ ଖୋଜି ସେହି ଘର ଛାତ ଉପରୁ କାବୁ କରିଥିଲେ। ପୋଲିସ ପହଞ୍ଚି ମଦନମୋହନଙ୍କୁ ଗିରଫ କରିଥିଲା। ତେବେ ହତ୍ୟାକାରୀ ପୁଅକୁ କଠୋର ଦଣ୍ଡ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ବଦଳିଲେ ମଙ୍ଗଳପୁର ଥାନା ଅଧିକାରୀ

## ଯୁବକଙ୍କ ଆତ୍ମହତ୍ୟା ଘଟଣାକୁ ନେଇ ବିବାଦୀୟ ହୋଇ ପଡ଼ିଥିଲେ

ଦଶରଥପୁର,୧।୬(ଡି.ଏନ.ଏ.): ଯାଜପୁର ଜିଲା ମଙ୍ଗଳପୁର ଥାନା ଅଧିକାରୀ ରୀନାରାଣୀ ସାହୁଙ୍କ ଗୁରବାର ଜିଲା ହେଡ୍ କ୍ୱାର୍ଟରକୁ ବଦଳି ହୋଇଛି। ତାଙ୍କ ବଦଳରେ ପବିତ୍ର ମହାରଣାଙ୍କୁ ମଙ୍ଗଳପୁର ଥାନା ଅଧିକାରୀ ଭାବେ ଯୋଗଦେବାକୁ ଏସ୍‌ପି ଭିନିତ ଅଗ୍ରୱାଲ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର ଥାନା କଯାଁ ପଞ୍ଚାୟତ ମଲ୍ଲିପୁର ଗ୍ରାମର ଯୁବକ ସରୋଜ ବାରିକଙ୍କ ଆତ୍ମହତ୍ୟା ଘଟଣାକୁ ନେଇ ରୀନାରାଣୀ ବିବାଦୀୟ ଥିଲେ। ସେ ମୃତଦେହ ଜବତ କରିବାକୁ ଆସିଥିବାବେଳେ ସରୋଜଙ୍କ ପରିବାର ଏବଂ ଗ୍ରାମବାସୀ ଥାନା ଅଧିକାରୀଙ୍କୁ ଅଟକ ରଖିଥିଲେ। ଏଥିସହିତ ତାଙ୍କୁ ବଦଳି କରିବାକୁ ଅଞ୍ଚଳବାସୀଙ୍କ ତରଫରୁ ଦାବି ହୋଇଆସୁଥିଲା।

# ୨ ସପ୍ତାହରେ ନିଷ୍ପତ୍ତି ନେବେ ମୁଖ୍ୟ ଶାସନ ସଚିବ

## ହାଇକୋର୍ଟରେ ଅଙ୍ଗନୱାଡ଼ି କେନ୍ଦ୍ର ଛୁଟି ଘୋଷଣା ମାମଲା

**କଟକ ଅଫିସ,୧।୬**

ପ୍ରବଳ ଗ୍ରୀଷ୍ମ ପ୍ରବାହ ସମୟରେ ରାଜ୍ୟର ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକୁ ବନ୍ଦ କରାଯିବା ନେଇ ୨ ସପ୍ତାହ ମଧ୍ୟରେ ରାଜ୍ୟ ସରକାର ନିଷ୍ପତ୍ତି ନେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ବିଚାରପତି ଭି. ନରସିଂହ ଏହି ମାମଲାର ଶୁଣାଣି କରି ମୁଖ୍ୟ ଶାସନ ସଚିବଙ୍କୁ ଏପରି ନିର୍ଦ୍ଦେଶ ଦେଇ ମାମଲାର ଅନ୍ତ ଘଟାଇଛନ୍ତି।

ଭାରତୀୟ ବିକାଶ ପରିଷଦ ନୟାଗଡ଼ ଜିଲା ଶାଖା ପକ୍ଷରୁ ଦାଏର ଏହି ମାମଲାରେ ଦର୍ଶାଯାଇଥିଲା, ଗ୍ରୀଷ୍ମ ପ୍ରବାହ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହେଉଥିବାବେଳେ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକ ପୂର୍ବବତ୍ ଚାଲିଛି। ଛୋଟ ପିଲାମାନେ ଖରାରେ ଯିବାଆସିବା କରିବା ଅତ୍ୟନ୍ତ କଷ୍ଟସାଧ୍ୟ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟରେ ସ୍କୁଲ ଓ କଲେଜ ଭଳି ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକୁ ଛୁଟି ଘୋଷଣା କରାଯିବା ନିମନ୍ତେ ନିର୍ଦ୍ଦେଶ ଦେବାକୁ ପିଟିଶନରେ ଦର୍ଶାଯାଇଥିଲା।

ଗତ ଏପ୍ରିଲ ୨୦ରେ ମୁଖ୍ୟ ଶାସନ ସଚିବ, ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଓ ନୟାଗଡ଼ ଜିଲାପାଳଙ୍କ ନିକଟରେ ଅଙ୍ଗନୱାଡ଼ି କେନ୍ଦ୍ର ବନ୍ଦ ନିମନ୍ତେ ଘୋଷଣା କରିବାକୁ ଦାବି କରାଯାଇଥିଲା। ବର୍ତ୍ତମାନ ପ୍ରବଳ ଉତ୍ତାପ ଯୋଗୁ ସକାଳ ୮ଟାରୁ ଘରୁ ବାହାରିବା କଷ୍ଟକର। ଗ୍ରୀଷ୍ମ ଲହରିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଓଡ଼ିଶାର ସମସ୍ତ ସ୍କୁଲ ଓ କଲେଜକୁ ଛୁଟି ଘୋଷଣା କରିଛନ୍ତି। ଏଥିସହ ସମସ୍ତ ଜିଲା, ବ୍ଲକ ଓ ତହସିଲ କାର୍ଯ୍ୟାଳୟରେ ସକାଳୁଆ ଅଫିସ୍ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ସମସ୍ତ କୋର୍ଟ, କଚେରି ଓ ହାଇକୋର୍ଟରେ ମଧ୍ୟ ଗ୍ରୀଷ୍ମଛୁଟି ଘୋଷଣା କରି ବନ୍ଦ କରାଯାଇଛି। ହେଲେ ନିରୀହ କୋମଳମତି ଶିଶୁମାନେ ଟାଣଖରାରେ ଅଙ୍ଗନୱାଡ଼ି କେନ୍ଦ୍ରକୁ ଯିବାଆସିବା କରିବା କଷ୍ଟସାଧ୍ୟ ବ୍ୟାପାର ହୋଇଥିବାବେଳେ ରାଜ୍ୟ ସରକାର ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକୁ ଗ୍ରୀଷ୍ମଛୁଟି ଘୋଷଣା କରୁନାହାନ୍ତି। ଏହାଦ୍ୱାରା କିଛି ଜୀବନହାନି ଘଟିଲେ ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ବ୍ୟକ୍ତିଗତ ଭାବେ ଦାୟୀ ରହିବେ ବୋଲି ପରିଷଦ ପକ୍ଷରୁ ଦର୍ଶାଯାଇଥିଲା। ଏଥିରେ ରାଜ୍ୟ ମୁଖ୍ୟ ଶାସନ ସଚିବ, ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଓ ନୟାଗଡ଼ ଜିଲାପାଳଙ୍କୁ ପକ୍ଷଭୁକ୍ତ କରାଯାଇଥିଲା। ଭାରତୀୟ ବିକାଶ ପରିଷଦର ନୟାଗଡ଼ ଜିଲା ସମ୍ପାଦକ ନିରଞ୍ଜନ ଦାସଙ୍କ ପକ୍ଷରୁ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଗୋପାଳ ପ୍ରସାଦ ଜେନା ମାମଲା ପରିଚାଳନା କରୁଥିଲେ।

# ଲାଞ୍ଚ ନେଇ ଧରାପଡ଼ିଲେ ରେଭେନ୍ୟୁ ଆସିଷ୍ଟାଣ୍ଟ

**ଘଟଗାଁ/ଢେଙ୍କିକୋଟ/କେନ୍ଦୁଝର, ୧।୬(ଡି.ଏନ.ଏ.)**


ଦେବାଶିଷ ପଣ୍ଡା।

କେନ୍ଦୁଝର ଜିଲା ଘଟଗାଁ ତହସିଲ କାର୍ଯ୍ୟାଳୟର ରେଭେନ୍ୟୁ ଆସିଷ୍ଟାଣ୍ଟ ଦେବାଶିଷ ପଣ୍ଡା ଜମିଜମା କେସ୍‌ର ସମାଧାନ ଲାଗି ୧୦ ହଜାର ଟଙ୍କା ଲାଞ୍ଚ ନେଲା ବେଳେ ଗୁରୁବାର ଭିଜିଲାନ୍ସ ହାତରେ ଧରା ପଡ଼ିଛନ୍ତି। ପରେ ତାଙ୍କ ଉପରଡ଼ିହାଠାରେ ଥିବା ଘର ସମେତ ବାଲେଶ୍ୱର ଜିଲାର ପୈତୃକ ଘରେ ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଚଢ଼ାଉ ଜାରି ରହିଛି।

ସୂଚନା ଅନୁଯାୟୀ, ଘଟଗାଁ ତହସିଲ ଅଧୀନ ଟାଙ୍ଗରତଳି ଗ୍ରାମର ବନମାଳୀ ପଲେଇ ପରିବାରର ଜମିଜମା ପଟ୍ଟା ଗୋଟିଏ ଖାତାରେ ଅଛି। ଜମି ପଟ୍ଟା ଅଲଗା କରିବା ପାଇଁ ସେ ତହସିଲ କାର୍ଯ୍ୟାଳୟରେ ଦାୟିତ୍ୱରେ ଥିବା ଜୁନିୟର ରେଭିନ୍ୟୁ ଆସିଷ୍ଟାଣ୍ଟ ପଣ୍ଡାଙ୍କ ପାଖରେ ଆବେଦନ କରିଥିଲେ। ୧୦ ହଜାର ଟଙ୍କା ଦେଲେ ଜମିପଟ୍ଟା ଅଲଗା ହୋଇଯିବ ବୋଲି ଦେବାଶିଷ କହିଥିଲେ। ତେବେ ବାରମ୍ବାର ତହସିଲ କାର୍ଯ୍ୟାଳୟ ଦୌଡ଼ି ଦୌଡ଼ି ନୟାନ୍ତ ହେବାପରେ ବନମାଳୀ କେନ୍ଦୁଝର ଦୁର୍ନୀତି ନିବାରଣ ବିଭାଗରେ ଅଭିଯୋଗ କରିଥିଲେ। ଭିଜିଲାନ୍ସ ଇନ୍ସପେକ୍ଟର ହେମାମାଳିନୀ ନାୟକଙ୍କ ଯୋଜନା ମୁତାବକ ବନମାଳି ୧୦ ହଜାର ଟଙ୍କା ରେଭେନ୍ୟୁ ଆସିଷ୍ଟାଣ୍ଟ ପଣ୍ଡାଙ୍କୁ ଦେବା ପରେ ଛପି ରହିଥିବା ଭିଜିଲାନ୍ସ ଅଧିକାରୀ ତାଙ୍କୁ ମାଡ଼ି ବସିଥିଲେ। ଏଡି ଚଢ଼ାଉରେ ଭିଜିଲାନ୍ସ ଇନ୍ସପେକ୍ଟର ନାୟକ, ଇନ୍ସପେକ୍ଟର ଦୈତାରୀ ଘଡେଇ, କନଷ୍ଟେବଲ ସର୍ବେଶ୍ୱର ସାହୁ, ଧ୍ରୁବେନ୍ଦ୍ର ପାତ୍ର, ମଳୟ ବାରିକ ଏବଂ ଉପେନ୍ଦ୍ର ମହାନ୍ତ ପ୍ରମୁଖ ସାମିଲ ଥିଲେ। ଉଲ୍ଲେଖଯୋଗ୍ୟ, ତହସିଲ କର୍ମଚାରୀମାନେ ସମୂହ କାର୍ଯ୍ୟ ବନ୍ଦ ଆନ୍ଦୋଳନରେ ସାମିଲ ଥିବା ବେଳେ ପଣ୍ଡା ଅଫିସରେ ବସିଥିଲେ।

# ଯୁକ୍ତ୨: ଶ୍ରେଷ୍ଠ ୧୦୦ ଛାତ୍ରୀଛାତ୍ରଙ୍କ ତାଲିକା

## ବିଜ୍ଞାନରେ ୩ଜଣ, ବାଣିଜ୍ୟରେ ସନ୍ଦୀପ ଶୀର୍ଷରେ

**ଭୁବନେଶ୍ୱର,୧।୬(ବ୍ୟୁରୋ)**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପକ୍ଷରୁ ଯୁକ୍ତ୨ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷାଫଳ ବୁଧବାର ପ୍ରକାଶ ଥିବାବେଳେ ଗୁରୁବାର ଉଭୟ ବିଭାଗର ଶ୍ରେଷ୍ଠ ୧୦୦ ଛାତ୍ରଛାତ୍ରୀଙ୍କ ତାଲିକା ଜାରି ହୋଇଛି। ଯୁକ୍ତ୨ ବିଜ୍ଞାନରେ ରେମୁଣାସ୍ଥିତ ଝାଡ଼େଶ୍ୱର ବିଜ୍ଞାନ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ର ସବ୍ୟସାଚୀ ପାତ୍ର, ଅନୁଗୋଳ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରୀ ସ୍ୱାତୀ ସାଗରିକା ଆଚାର୍ଯ୍ୟ ଏବଂ ଛତ୍ରପୁରର ଜ୍ଞାନ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ବର୍ଷା ଜେନା ସର୍ବାଧିକ ୫୭୧ ମାର୍କ ରଖି ଶୀର୍ଷରେ ରହିଛନ୍ତି। ସେହିପରି ବାଣିଜ୍ୟରେ ପୁରୀର ସାମନ୍ତ ଚନ୍ଦ୍ରଶେଖର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ର ସନ୍ଦୀପ ପଟ୍ଟନାୟକ ୫୭୨ ନମ୍ବର ରଖି ଶ୍ରେଷ୍ଠ ସ୍ଥାନ ହାସଲ କରିଛନ୍ତି। ତାଙ୍କ ତଳକୁ ସରସ୍ୱତୀ ବିଦ୍ୟାମନ୍ଦିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କାଡି ରାହୁଲ ୫୬୯ ନମ୍ବର ରଖି ଦ୍ୱିତୀୟ ଏବଂ ନୟାଗଡ଼ ୟୁନିଟେକ୍ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜୟସିୟା ଅମ୍ବାରି ୫୬୮ ମାର୍କ ରଖି ତୃତୀୟ ସ୍ଥାନରେ ରହିଛନ୍ତି। ଯୁକ୍ତ୨ ବିଜ୍ଞାନରେ ଛତ୍ରପୁର ଜ୍ଞାନ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସୁରଭି ପୃଷ୍ଟି ଓ ବାରିପଦା ରାମନଗର ପ୍ରିନ୍ସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରୁଦ୍ରନାରାୟଣ ଭୋଇ ୫୬୮ ମାର୍କ ସହ ରାଜ୍ୟରେ ଯୁଗ୍ମ ଦ୍ୱିତୀୟ ହୋଇଛନ୍ତି। ସେମାନଙ୍କ ପଛକୁ ଯାଜପୁର ରୋଡ୍ ପ୍ରୟାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଭୟ କୁମାର ଜେନା ୫୬୬, ସରସ୍ୱତୀ ବିଦ୍ୟାମନ୍ଦିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପଲ୍ଲବିନୀ ବିଶୋଇ ଓ ସୁଭମ ଦାଶ ୫୬୫ ଲେଖାଏ ରଖିଛନ୍ତି। ସୁଦପଡ଼ା ଯୁବୋଦୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଡେରାଡୁନ ମେହେର, ଯାଜପୁର ରୋଡ ପ୍ରୟାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରବୀଣଜିତ ଚକ୍ର, ଛତ୍ରପୁର ଜ୍ଞାନବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଗନ୍ନାଥ ଷଡ଼ଙ୍ଗୀ, ଭୁବନେଶ୍ୱର ବିଜେବି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବର୍ଷାରାଣୀ ସ୍ୱାଇଁ, ନୟାଗଡ଼ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଓମ୍ ଆଶୁତୋଷ ମିଶ୍ର ଓ ପ୍ରଜ୍ଞାନ ମହାନ୍ତି ୫୬୪ ନମ୍ବର ଲେଖାଏ ରଖିଛନ୍ତି। ସେହିଭଳି ବିଭିନ୍ନ ବିଦ୍ୟାଳୟର ୬ଜଣ ଛାତ୍ରୀଛାତ୍ର ୫୬୩ ଲେଖାଏ ୭ ଜଣ ୫୬୨ ଲେଖାଏ, ୩ଜଣ ୫୬୧ ଲେଖାଏ ଓ ୬ଜଣ ୫୬୦ ଲେଖାଏ ନମ୍ବର ରଖିଛନ୍ତି।

ଅନ୍ୟପକ୍ଷରେ ବାଣିଜ୍ୟରେ ବ୍ୟାସନଗର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଚିତା ବାରିକ ୫୬୪ ନମ୍ବର ରଖିଥିବାବେଳେ ଢେଙ୍କାନାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଈଶା ତ୍ରିପାଠୀ ଓ ବରାହଗୁଡ଼ା ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଖୁସି ଅଗ୍ରୱାଲ ୫୬୩ ଲେଖାଏ ମାର୍କ ରଖିଛନ୍ତି। ସେହିପରି ଖଲ୍ଲିକୋଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅନୁରାଧା ଚୌଧୁରୀ ୫୬୦ ସହ ଷଷ୍ଠ ସ୍ଥାନରେ, କେନ୍ଦ୍ରାପଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଲକ୍ଷ୍ମୀପ୍ରିୟା ସାହୁ, କ୍ଷେତ୍ରବାସୀ ଦୟାନନ୍ଦ ଆଙ୍ଗ୍ଲୋବେଦିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଲାଉଦ୍ଦିନ ଖାନ୍ ଦଲାଇ, ଅଇଁଠାପାଲି ବେଦିକ ସାଇନ୍ସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସୁମନ ରାଜ ସାହୁ ୫୫୯ ମାର୍କ ଲେଖାଏ ରଖି ସପ୍ତମ ସ୍ଥାନରେ ରହିଛନ୍ତି।

# ୯ଦିନରେ ପ୍ରାଥମିକ ଶିକ୍ଷକଙ୍କ ଧାରଣା

**ଭୁବନେଶ୍ୱର,୧।୬(ବ୍ୟୁରୋ)**

ପ୍ରାଥମିକ ଶିକ୍ଷକ ମିଳିତ ମଞ୍ଚ ପକ୍ଷରୁ ଲୋୟର ପିଏମଜିରେ ଚାଲିଥିବା ଧାରଣା ଗୁରୁବାର ୯ଦିନରେ ପହଞ୍ଚିଛି। ପ୍ରାଥମିକ ଶିକ୍ଷକଙ୍କ ମୂଳ ଦରମାରେ ୨୨୦୦ ବଦଳରେ ୨୮୦୦ ଟଙ୍କା ଗ୍ରେଡ୍ ପେ' ପ୍ରଦାନ ଓ ୬ବର୍ଷ ଠିକା ଅବଧିକୁ ନିୟମିତ ଚାକିରିରେ ଗଣନା କରିବା ସହ ୬ଟି ନୋସନାଲ ଇନ୍‌କ୍ରିମେଣ୍ଟ ଦେବା ଦାବିରେ ଏହି ଆନ୍ଦୋଳନ ଜାରି ରହିଛି।



ପ୍ରାଥମିକ ଶିକ୍ଷକ ମିଳିତ ମଞ୍ଚ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମଜିରେ ଚାଲିଥିବା ଧାରଣା।

## ଆଜି ହୋଇପାରେ ମନ୍ତ୍ରୀସ୍ତରୀୟ ଆଲୋଚନା

ଏହାକୁ ସମର୍ଥନ କରି ଓଡ଼ିଶାର ବିଭିନ୍ନ ଶିକ୍ଷକ ସଂଗଠନ ଓପିଟିଏ, ପଶ୍ଚିମ ଓଡ଼ିଶା ପ୍ରାଥମିକ ଶିକ୍ଷକ ଫୋରମ୍, ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ମହାସଂଘ, ବିଏଡ୍ ପ୍ରାଥମିକ ଶିକ୍ଷକ ସଂଘ, ଓଡ଼ିଶା ସରକାରୀ ଚୁକ୍ତିଭିତ୍ତିକ ସଂଘ ଏବଂ ଓଡ଼ିଶା ବହୁଭାଷୀ ପ୍ରାଥମିକ ଶିକ୍ଷକ ସଂଘର ଶୀର୍ଷ ନେତୃତ୍ୱଗଣ ଆନ୍ଦୋଳନରେ ସାମିଲ ହୋଇ ଧାରଣାରେ ବସିଛନ୍ତି। ଅନ୍ୟପଟେ ଦାବିକୁ ନେଇ ଶୁକ୍ରବାର ଗଣଶିକ୍ଷା ମନ୍ତ୍ରୀ, ବିଭାଗୀୟ ସଚିବ ଓ ଅନ୍ୟ ସଦସ୍ୟଙ୍କୁ ନେଇ ମନ୍ତ୍ରୀସ୍ତରୀୟ ବୈଠକ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି। ଏହି ବୈଠକରେ ଶିକ୍ଷକଙ୍କ ହିତରେ ନିଷ୍ପତ୍ତି ନିଆଯିବ ବୋଲି ଆଶା କରାଯାଉଥିବା ମିଳିତ ପ୍ରାଥମିକ ଶିକ୍ଷକ ମଞ୍ଚର ଆବାହକ ମଳୟ କୁମାର ଜେନା କହିଛନ୍ତି।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



**ସ୍ୱିଟେକ ତୃତୀୟ ରାଉଣ୍ଡରେ**
ବିଶ୍ୱର ନମ୍ବର ୱାନ ମହିଳା ସିଙ୍ଗଲ୍ସ ଖେଳାଳି ଇଗା ସ୍ୱିଟେକ୍ ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାର ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ୦୮

୦୪ **ତୁର୍କୀରେ ବିଜୟଙ୍କ ସହ ମଜା କରୁଛନ୍ତି ସାମନ୍ଥା**
ଅଭିନେତ୍ରୀ ସାମନ୍ଥା ରଥ ପ୍ରଭୁ ଓ ଅଭିନେତା ବିଜୟ ଦେବରକୋଣ୍ଡାଙ୍କ ଆଗାମୀ ଫିଲ୍ମ 'ଖୁସି'ର ଏକ ଗୀତ ତୁର୍କୀରେ ଶୁଟିଂ ହେଉଥିବାବେଳେ ଦୁହେଁ ସେଠାରେ ମଜା କରୁଥିବା ଦେଖିବାକୁ ମିଳିଛି।





ମହାପ୍ରଭୁଙ୍କ ଘୋଷଯାତ୍ରା ପାଇଁ ପୁରୀ ଶ୍ରୀନଅରସ୍ଥିତ ଅସ୍ଥାୟୀ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ଗୁରୁବାର ରଥରେ ଯୋଖା ସଂଯୋଗ କରାଯାଉଛି। **(ଫଟୋ-ଯଜ୍ଞେଶ୍ୱର)**

# ଶିକାରୀ ଭାବି ଗୋରୁ ଚରାଳିଙ୍କୁ ଗୁଳି

**ବାରିପଦା ଅଫିସ,୧।୬**

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟର ତାଳବନ୍ଧ ଅଞ୍ଚଳରେ ବନ କର୍ମଚାରୀଙ୍କ ଗୁଳିରେ ଜଣେ ଗୋରୁ ଚରାଳିଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ସୁନାପୋଷି ଗ୍ରାମର ଜଗନ୍ନାଥ ହେମ୍ବ୍ରମ। ଶିକାରୀଙ୍କ ଗୁଳିମାଡ଼ରେ ଫରେଷ୍ଟଗାର୍ଡ ବିମଳ ଜେନାଙ୍କ ମୃତ୍ୟୁ ପରେ ବନ ବିଭାଗ କୋମ୍ବିଂ ଚଳାଇଥିବା ବେଳେ ଶିକାରୀ ଭାବି ଗୁଳି ଚଳାଇବାରୁ ଜଗନ୍ନାଥଙ୍କ ମୃତ୍ୟୁ ହୋଇଥିବା ତାଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଖବରପାଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି ଓ ବାରିପଦା ବିଧାୟକ ପ୍ରକାଶ ସୋରେନ ହସ୍ପିଟାଲରେ ପହଞ୍ଚି ମୃତକଙ୍କ ପରିବାର ଲୋକଙ୍କୁ ସମବେଦନା ଜଣାଇବା ସହ ତଦନ୍ତ ପରେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏ ସଂକ୍ରାନ୍ତରେ ବନବିଭାଗର ଅଧିକାରୀମାନେ ମୁହଁ ଖୋଲୁ ନ ଥିବାରୁ ଘଟଣା ସମ୍ପର୍କରେ ସବିଶେଷ ତଥ୍ୟ ମିଳିପାରି ନାହିଁ।

## ୨ ଦେଶୀ ବନ୍ଧୁକ, ଧନୁତୀର ଜବତ

ସୂଚନା ଅନୁଯାୟୀ, ଫରେଷ୍ଟଗାର୍ଡ ଜେନାଙ୍କ ମୃତ୍ୟୁ ପରେ ବନ ବିଭାଗ ପକ୍ଷରୁ ଚଢ଼ାଉ ପ୍ରକ୍ରିୟା ଜାରି ରହିଛି। ଚହଲା ରେଞ୍ଜର ଅଧିକାରୀ ଏବଂ ବନ କର୍ମଚାରୀ ମିଳିତ ଭାବେ ଶିମିଳିପାଳ ଅଭୟାରଣ୍ୟର ତାଳବନ୍ଧ ଅଞ୍ଚଳରେ କୋମ୍ବିଂ ଜାରି ରଖିଥିଲେ। ୧୫ରୁ ଊର୍ଦ୍ଧ୍ୱ ଶିକାରୀ ଦେଶୀ ବନ୍ଧୁକ, ଧନୁତୀର ସହ ଅଭୟାରଣ୍ୟରେ ଶିକାର ଉଦ୍ଦେଶ୍ୟରେ ପ୍ରବେଶ କରିଥିବା ବେଳେ ବନ କର୍ମଚାରୀମାନେ ସେମାନଙ୍କୁ ପ୍ରତିରୋଧ କରିବାକୁ ଚେଷ୍ଟା କରିଥିଲେ। ଶିକାରୀମାନେ ବନ କର୍ମଚାରୀଙ୍କ ଉପରକୁ ତୀର ମାଡ଼ କରିବାରୁ ବନ କର୍ମଚାରୀ ବାଧ୍ୟ ହୋଇ ଫାଙ୍କା ଗୁଳିଚାଳନା କରିଥିଲେ। ବନବିଭାଗର ଆକ୍ରମଣାତ୍ମକ ପନ୍ଥା ଦେଖି ଶିକାରୀମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ତେବେ ଜଗନ୍ନାଥ ଜଙ୍ଗଲକୁ ଗୋରୁ ଚରାଇବାକୁ ଯାଇଥିବା ବେଳେ ବନ କର୍ମଚାରୀମାନେ ଶିକାରୀ ଭାବି ତାଙ୍କ ଉପରକୁ ଗୁଳିଚାଳନା କରିଥିଲେ ବୋଲି ପରିବାର ଲୋକେ ଅଭିଯୋଗରେ ଦର୍ଶାଇଛନ୍ତି।

ତେବେ ଶିକାରୀ ଛାଡି ପଳାଇଥିବା ଦୁଇଟି ଦେଶୀ ବନ୍ଧୁକ ଏବଂ ବହୁ ସଂଖ୍ୟକ ଧନୁ ତୀର ଓ ମାରଣାସ୍ତ୍ରକୁ ବନବିଭାଗ ଜବତ କରିଛି। ଜଗନ୍ନାଥଙ୍କ ମୃତଦେହକୁ ସୁନାପୋଷି ଗାଁରେ ରଖି ଗ୍ରାମବାସୀ ବୈଠକ କରିଛନ୍ତି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା ଜାରି ରଖିଛି। ରେଞ୍ଜ ଅଧିକାରୀ ଶୈଳେନ୍ଦ୍ର କୁମାର ଦାସ ଏହି ଚଢ଼ାଉରେ ନେତୃତ୍ୱ ନେଇଥିବା ବେଳେ ଆଗକୁ ଆହୁରି ଚଢ଼ାଉ କରାଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଗତ ୨୨ ତାରିଖରେ ଶିମିଳିପାଳ ନଅଣା ରେଞ୍ଜରେ ଶିକାରୀଙ୍କ ଗୁଳିମାଡରେ ଫରେଷ୍ଟଗାର୍ଡ ବିମଳ ଜେନାଙ୍କ ମୃତ୍ୟୁ ହୋଇଥିଲା। ଏହି ମାମଲାରେ ୨୬ ଅଭିଯୁକ୍ତଙ୍କୁ ପୋଲିସ ଚିହ୍ନଟ କରିଥିବା ବେଳେ ୭ ଜଣଙ୍କୁ ଗିରଫ କରିଛି।

# ନଂ.୧କୁ ଉଠି ପୁଣି ଖସିଲେ ମସ୍କ

**ସାନ୍ ଫ୍ରାନ୍ସିସ୍କୋ,୧।୬**

ଟ୍ୱିଟର ମାଲିକ ଏଲନ୍ ମସ୍କ ଲକ୍ଜୁରି ବ୍ରାଣ୍ଡ ଲୁଇସ୍ ଭୁଇଟୋନ୍‌ର ପ୍ୟାରେଣ୍ଟ କମ୍ପାନୀ ଏଲ୍‌ଭିଏମ୍‌ଏଚ୍ ସିଇଓ ବେର୍ନାର୍ଡ ଆର୍ନଲ୍ଟଙ୍କୁ ପଛରେ ପକାଇ କିଛି ସମୟ ପାଇଁ ପୁଣି ବିଶ୍ୱର ସବୁଠୁ ଧନୀ ବ୍ୟକ୍ତି ପାଲଟିଥିଲେ। ଫୋର୍ବ୍ସ ରିଅଲଟାଇମ୍ ବିଲିଓନାରିଜ୍ ଲିଷ୍ଟ ଅନୁସାରେ ଆର୍ନଲ୍ଟ ମୋଟ ୨୧୬ ବିଲିୟନ୍ ଡଲାର ସମ୍ପତ୍ତିର ମାଲିକ ହୋଇଥିବାବେଳେ ମସ୍କଙ୍କ ସମ୍ପତ୍ତିର ମୂଲ୍ୟ ୨୦୦ ବିଲିୟନ୍। ୨୦୨୨ରେ ମସ୍କ ୧୦୦ ବିଲିୟନ୍ ଡଲାର ହରାଇବା ପରେ ଆର୍ନଲ୍ଟ ଗତ ଡିସେମ୍ବରରେ ବିଶ୍ୱର ସବୁଠୁ ଧନୀ ବ୍ୟକ୍ତି ମାନ୍ୟତା ପାଇଥିଲେ। ୨୦୨୨ ଡିସେମ୍ବରରେ ମସ୍କଙ୍କ ☞**ପୃଷ୍ଠା-୫**



ଏଲନ୍ ମସ୍କ

# କୁସ୍ତିଯୋଦ୍ଧାଙ୍କୁ ନ୍ୟାୟ ମିଳିବା ଯାଏ ଲଢ଼େଇ ଜାରି ରହିବ

**ନୂଆଦିଲ୍ଲୀ/ମୁଜାଫରନଗର,୧।୬**

ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ମୁଖ୍ୟ ତଥା ଭାଜପା ଏମ୍‌ପି ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିଥିବା ମହିଳା କୁସ୍ତିଯୋଦ୍ଧାମାନଙ୍କୁ ହରିୟାଣାର କୃଷକ ସଙ୍ଗଠନ ଓ ଖାପ୍ ପଞ୍ଚାୟତଗୁଡ଼ିକ କୁସ୍ତିଯୋଦ୍ଧାଙ୍କୁ ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି। ହରିଦ୍ୱାର ଗଙ୍ଗାରେ ପଦକ ବିସର୍ଜନ ବେଳେ ଅଟକାଇଥିବା କୃଷକ ନେତା ନରେଶ ଟିକାଏତ୍ ଶୁକ୍ରବାର ହରିୟାଣାରେ ବୈଠକ ଡାକିଛନ୍ତି। ଉକ୍ତ ବୈଠକରେ କୁସ୍ତିଯୋଦ୍ଧାଙ୍କ ଅଭିଯୋଗ ପ୍ରସଙ୍ଗରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ଆବଶ୍ୟକ ହେଲେ ସେମାନେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟି ଗୁହାରି ଜଣାଇବେ ବୋଲି ମୁଜାଫରନଗରରେ ଅନୁଷ୍ଠିତ ଖାପ୍ ମହାପଞ୍ଚାୟତ ବୈଠକରେ ଭାରତୀୟ କିଷାନ ୟୁନିୟନ୍ (ବିକେୟୁ) ମୁଖ୍ୟ ଟିକାଏତ୍ କହିଛନ୍ତି। ସେପଟେ ବ୍ରିଜ୍‌ଭୂଷଣଙ୍କ ସପକ୍ଷରେ ଅଯୋଧାରେ ସାଧୁସନ୍ଥ ଓ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ପକ୍ଷରୁ ଆସନ୍ତା ୫ ତାରିଖରେ ଏକ ବିଶାଳ ଶୋଭାଯାତ୍ରାର ଆୟୋଜନ କରାଯିବ। ସେହିଦିନ ସଂଯୁକ୍ତ କିଷାନ ମୋର୍ଚ୍ଚା (ଏସ୍‌କେଏମ୍) ପକ୍ଷରୁ ଦେଶବ୍ୟାପୀ ବ୍ରିଜ୍‌ଭୂଷଣଙ୍କ କୁଶପୁତ୍ତଳିକା ଦାହ ସହ ବିକ୍ଷୋଭ ପ୍ରଦର୍ଶନ ପାଇଁ ନିଷ୍ପତ୍ତି ନିଆଯାଇଛି। ଗତ ୨୮ରେ ନୂଆ ସଂସଦ ଭବନ ଉଦ୍‌ଘାଟନ ବେଳେ ମହିଳା ମହାପଞ୍ଚାୟତ ପାଇଁ ଶୋଭାଯାତ୍ରାରେ ଯାଉଥିବା କୁସ୍ତିଯୋଦ୍ଧାମାନଙ୍କ ପ୍ରତି ଦିଲ୍ଲୀ ପୋଲିସର ବ୍ୟବହାରକୁ ମଧ୍ୟ ଏସ୍‌କେଏମ୍ ନିନ୍ଦା କରିଛି। ବିକ୍ଷୋଭରତ ରେସ୍‌ଲରଙ୍କ ବିରୋଧରେ ମୋଦି ସରକାରଙ୍କ କାର୍ଯ୍ୟାନୁଷ୍ଠାନ ମହିଳା ବିରୋଧୀ ଏବଂ ଜନ ବିରୋଧୀ କାର୍ଯ୍ୟସୂଚୀ। କୁସ୍ତିଯୋଦ୍ଧାଙ୍କ ବିରୋଧରେ ରୁଜୁ ହୋଇଥିବା ଏଫ୍‌ଆଇଆର୍‌କୁ ପ୍ରତ୍ୟାହାର କରାଯାଉ ବୋଲି ଏସ୍‌କେଏମ୍ ଦାବି କରିଛି।

## ୫ରେ ବ୍ରିଜ୍‌ଭୂଷଣଙ୍କ କୁଶପୁତ୍ତଳିକା ଦାହ କରିବ ଏସ୍‌କେଏମ୍

# ଶିଶୁ ମୃତ୍ୟୁ: ନିଶା ସେବନକାରୀ ମହିଳାଙ୍କ କ୍ଷେତ୍ରରେ ୫ ଗୁଣା ଅଧିକ

## ଭିମ୍‌ସାର ଡାକ୍ତରଙ୍କ ଗବେଷଣା

**ସମ୍ବଲପୁର,୧।୬(ବ୍ୟୁରୋ)**

ମାତୃତ୍ୱ ଲାଭ କରିବା ପ୍ରତ୍ୟେକ ମହିଳାଙ୍କ ସ୍ୱପ୍ନ ରହିଥାଏ। ହେଲେ ବିଭିନ୍ନ କାରଣରୁ କେତେକ ଶିଶୁ ଜନ୍ମ ପୂର୍ବରୁ କିମ୍ବା ଜନ୍ମହେବା ମାତ୍ରେ ମୃତ୍ୟୁବରଣ କରନ୍ତି। ଶିଶୁ ମୃତ୍ୟୁର ଅନେକ କାରଣ ରହିଛି। ଯେଉଁ ମହିଳାମାନେ ନିଶାଦ୍ରବ୍ୟ ସେବନ କରୁଛନ୍ତି ସେମାନଙ୍କ କ୍ଷେତ୍ରରେ ଏହା ଅଧିକ। ଅନ୍ୟ ମହିଳାଙ୍କ ତୁଳନାରେ ସେମାନଙ୍କ କ୍ଷେତ୍ରରେ ଏହା ୫ଗୁଣା ଅଧିକ ବୋଲି ସମ୍ବଲପୁର ବୁର୍ଲା ଭିମ୍‌ସାରର ୪ଜଣିଆ ଡାକ୍ତରୀ ଦଳ ଗବେଷଣା କରି ଏଭଳି ରିପୋର୍ଟ ପ୍ରସ୍ତୁତ କରିଛନ୍ତି। ଏହି ରିପୋର୍ଟ କ୍ୟୁରିଅସ ଜର୍ନାଲ ଅଫ ମେଡିକାଲ ସାଇନ୍ସରେ ମଧ୍ୟ ପ୍ରକାଶ ପାଇଛି। ଭିମ୍‌ସାରର ସ୍ତ୍ରୀ ଓ ପ୍ରସୂତି ବିଭାଗ ଡା. ଓଜସ୍ୱିନୀ ପଟେଲ, ଡା. ପ୍ରଣତି ପ୍ରଧାନ, ଡା. ପ୍ରେରଣା ଦାସଙ୍କ ସହିତ କମ୍ୟୁନିଟି ମେଡିସିନ ବିଭାଗ ଡା. ସଞ୍ଜୀବ କୁମାର ମିଶ୍ର ଏହି ଗବେଷଣା ଦଳରେ ଅଛନ୍ତି। ଡାକ୍ତର ମିଶ୍ରଙ୍କ କହିବା ଅନୁସାରେ, ପୃଥିବୀରେ ନବଜାତ ଶିଶୁ ମୃତ୍ୟୁହାର ଚିନ୍ତାଜନକ। ପ୍ରତିବର୍ଷ ପ୍ରାୟ ୨୬ଲକ୍ଷ ନବଜାତକଙ୍କ ମୃତ୍ୟୁ ହେଉଥିବା ରେକର୍ଡ ରହିଛି। ବିଶେଷ କରି ଶିକ୍ଷା, ସ୍ୱାସ୍ଥ୍ୟ ଭଳି କ୍ଷେତ୍ରରେ ଅବିକଶିତ ଦେଶଗୁଡିକ ରହିଛି। ୨୦୧୯ରେ ସମୁଦାୟ ସଂଖ୍ୟାରୁ ଭାରତରେ ୧.୬ ପ୍ରତିଶତ ଏକ ରିପୋର୍ଟରେ ରହିଛି, ଯାହାକି ଉଦ୍‌ବେଗଜନକ। ଏହାର କାରଣ ନେଇ ଭିମ୍‌ସାର ଡାକ୍ତରମାନେ ଗବେଷଣା କରିଥିଲୁ। ଭିମ୍‌ସାର ପ୍ରସୂତି ବିଭାଗ ସହିତ ୨୮ ସପ୍ତାହରୁ ଅଧିକ ସମୟ ଧରି ଗର୍ଭବତୀ ଥିବା ମହିଳାମାନଙ୍କୁ ଗବେଷଣାରେ ନିଆଯାଇଥିଲା। ୧୫୮ଜଣ ଗର୍ଭବତୀଙ୍କୁ ନେଇ ଗବେଷଣା କରିବା ସହ ବିଭିନ୍ନ ପରୀକ୍ଷା କରାଯାଇଥିଲା। ପ୍ରାୟ ଏକବର୍ଷ ସମୟ ଭିତରେ ନବଜାତ ଶିଶୁ ମୃତ୍ୟୁର କାରଣ ଖୋଜାଯାଇଥିଲା। ବିଶେଷ କରି ତମାଖୁ, ଗୁଟ୍‌ଖା, ମଦ ଭଳି ନିଶା ସେବନ କରୁଥିବା ମହିଳାଙ୍କ କ୍ଷେତ୍ରରେ ☞**ପୃଷ୍ଠା-୫**



## ଟ୍ରେନ୍ ଲାଇନ୍‌ରେ କଟି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ

ଡେରାବିଶ,(ସ୍ୱ.ପ୍ର.): ହରିଦାସପୁର-ପାରାଦୀପ ରେଳପଥର ଡେରାବିଶ ଥାନା ଅଧୀନ ରଘୁଦେଇପୁର ପଞ୍ଚାୟତ କଂସାରିପାଟଣାଠାରେ ଗୁରୁବାର ସନ୍ଧ୍ୟାରେ ଜଣେ ବ୍ୟକ୍ତିଙ୍କ ଟ୍ରେନ ଲାଇନରେ କଟି ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ବ୍ଲକ ଅଧୀନ ଚାଟରାଚକଡ଼ା ପଞ୍ଚାୟତ ଚକଡ଼ା ଗ୍ରାମର ଅମ୍ବିକା ପ୍ରସାଦ ଦାସ (୫୮)। ଅମ୍ବିକା ସ୍ଥାନୀୟ ଗୋପାଳଜୀୟୁ ପାଟଣା ଡାକ ଘରେ ରନର ଭାବେ କାର୍ଯ୍ୟରତ ଥିଲେ। ତେବେ ନିଜ ଘରଠାରୁ ୭ କିମି ଦୂର କଂସାରିପାଟଣାକୁ କାହିଁକି ଓ କେଉଁପରିସ୍ଥିତିରେ ଯାଇ ଟ୍ରେନ୍‌ରେ କଟି ମୃତ୍ୟୁ ଘଟିଛି ତାହା ଅସ୍ପଷ୍ଟ ରହିଛି।

# ସଂରକ୍ଷିତ ଜଙ୍ଗଲ ଧ୍ୱଂସ ପାଇବ



ପାରାଦୀପ ସମୁଦ୍ର ବେଳାଭୂମି ଝାଉଁ ଜଙ୍ଗଲରୁ ଝାଉଁଗଛକୁ ଲୋକମାନେ କାଟି ନେଉଛନ୍ତି।



ଝାଉଁ ଗଛ କଟାଯିବା ପରେ ଗଛର ମୂଳ କେବଳ ରହିଛି।

### ପାରାଦୀପ ସମୁଦ୍ର ବେଳାଭୂମି ଜଙ୍ଗଲ

■ ଅବାଧରେ ଚାଲିଛି ଝାଉଁ ଗଛ କଟା

ପାରାଦୀପ,୧୬(ସ୍ୱ.ପ୍ର.)

ଆଉ ମାତ୍ର ୩ ଦିନ ପରେ ବିଶ୍ୱ ପରିବେଶ ଦିବସ ପାଳନ ହେବାକୁ ଯାଉଛି। ଏହି ଦିନ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ବିଭିନ୍ନ ପରିବେଶୀୟ ସୁରକ୍ଷା କାର୍ଯ୍ୟକ୍ରମ ହେବ। ଏହାପରେ ପୁଣି ଜୁଲାଇରେ ବନ ସଂରକ୍ଷଣ ମାସ ପାଳନ କରାଯିବ। କିନ୍ତୁ ଜଗତ୍‌ସିଂହପୁର ଜିଲା ପାରାଦୀପ ସମୁଦ୍ର ଉପକୂଳରେ ଏହାର କୌଣସି ପ୍ରକାର ପ୍ରଭାବ ପଡୁନାହିଁ ବୋଲି ଅଭିଯୋଗ ହେଉଛି। କାରଣ ଷଣ୍ଢକୁଦ ମୌଜା ସଂରକ୍ଷିତ ଜଙ୍ଗଲକୁ ଏବେ ଦିବାଲୋକରେ ଝାଉଁ ଜଙ୍ଗଲରୁ ସ୍ଥାନୀୟ ଲୋକେ ଅବାଧରେ ଗଛ କାଟି ନେଉଛନ୍ତି। ଯେଉଁଭଳି ଭାବେ ଗଛ କଟା ଚାଲିଛି ଅଳ୍ପ ଦିନ ମଧ୍ୟରେ ଝାଉଁ ଜଙ୍ଗଲ ଧ୍ୱଂସ ପାଇଯିବ ବୋଲି ପରିବେଶବିତ୍‌ମାନେ କହିଛନ୍ତି। ୫୦୦ ବର୍ଗମିଟର ସଂରକ୍ଷିତ ଜଙ୍ଗଲ ସୁରକ୍ଷା ପାଇଁ ସେଠାରେ ଫରେଷ୍ଟ ବିଟ୍ ହାଉସ ରହିଛି। ୨ ଜଣ ଜଗୁଆଳି ମଧ୍ୟ ଅଛନ୍ତି। କିନ୍ତୁ ତାହା କୌଣସି କାମରେ ଲାଗୁ ନ ଥିବା ଅଭିଯୋଗ କରିଛନ୍ତି ସ୍ୱେଚ୍ଛାସେବୀ ସଙ୍ଗଠନ ଆହ୍ୱାନ କମ୍ବାଇନ୍ସ ସଭାପତି ସାଗର ବିଶ୍ୱାଳ। ଏଥିପାଇଁ ତାଙ୍କ ସଙ୍ଗଠନ ୪ ବର୍ଷ ହେଲା ଲଗାତାର ଲିଖିତ ଅଭିଯୋଗ କରିସାରିଲେଣି। ଉକ୍ତ ଅଭିଯୋଗ ଆଧାରରେ ୨ଥର ଅଧିକାରୀମାନେ ଆସି ତଦନ୍ତ ମଧ୍ୟ କରିଛନ୍ତି, କିନ୍ତୁ ଫଳ ଶୂନ୍ୟ ବୋଲି ବିଶ୍ୱାଳ କୁହନ୍ତି।

ସୂଚନାଯୋଗ୍ୟ, ପାରାଦୀପ ସମୁଦ୍ର ବେଳାଭୂମିରେ ରାଜନଗର ବନଖଣ୍ଡ ପକ୍ଷରୁ ପ୍ରତିବର୍ଷ ଝାଉଁଚାରା ରୋପଣ କରାଯାଉଛି। ଗଛ ବଡ଼ ହେବା ପରେ ତାକୁ କାଟି ନେଉଛନ୍ତି ଷଣ୍ଢକୁଦ ବାସିନ୍ଦା। କେତେଜଣ ଘର କରିବାକୁ ନେଉଥିବା ବେଳେ ଅନ୍ୟମାନେ ଝାଉଁ ଗଛଗୁଡ଼ିକୁ କାଠ ଗୋଲାରେ ବିକ୍ରି କରୁଛନ୍ତି। ଯେଉଁ ଜାଗାରେ ଗଛଗୁଡ଼ିକ ଖାଲି ହୋଇଯାଉଛି ସେଠାରେ ବନ ବିଭାଗ ପୁଣି ଚାରା ରୋପଣ କରୁଛନ୍ତି। ଏପରିକି ପର୍ଯ୍ୟାପ୍ତ ପରିମାଣର ଗଛ କେତେଜଣ ଲୋକ କାଟି ନେଇଛନ୍ତି। ତ୍ରିଲୋଚନପୁର ଗ୍ରାମ ସୀମା ତୈଳ ବିଶୋଧନାଗାର ସାଉଥ ଗେଟ୍ ପାଖରେ ଏବେ ବହୁଳ ଭାବେ ଝାଉଁ ଗଛ ନିର୍ଦ୍ଦିଷ୍ଟ କେତେଜଣ ଲୋକ କାଟୁଛନ୍ତି। ସେମାନଙ୍କ ଯୁକ୍ତି ହେଲା ସେ ଜାଗା ତାଙ୍କର। ଭୁଲବଶତଃ ବନ ବିଭାଗ ସେଠାରେ ଝାଉଁଗଛ ଲଗେଇ ଦେଇଥିଲା। ସେଥିପାଇଁ ଆମେ ଗଛ କାଟି ଘରବାଡ଼ି କରିବୁ। ଏ ସମ୍ପର୍କରେ କୁଜଙ୍ଗ ବନାଞ୍ଚଳ ଅଧିକାରୀ ରଞ୍ଜନ ମିଶ୍ରଙ୍କୁ ପଚାରିବାରେ, ସେମିତି କାହା ଜାଗା ଉପରେ ଗଛ ଲାଗିନାହିଁ। ଯେଉଁମାନେ ଏପରି ଗଛ କାଟୁଛନ୍ତି, ସେମାନଙ୍କ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଷଣ୍ଢକୁଦ ପାଖ ବେଳାଭୂମିରୁ ଗଛ କାଟିବା ସମ୍ପର୍କରେ କୁହନ୍ତି, ଆମର ମାନବ ସମ୍ବଳ କମ୍ ଥିବାରୁ ଉପଯୁକ୍ତ ତଦାରଖ ନାହିଁ। ଆସନ୍ତା ୫ ରୁ ୬ ମାସ ମଧ୍ୟରେ ନୂଆ ଘର ହେବ ଏବଂ ଅଧିକ ଷ୍ଟାଫ୍ ରହିବେ।

# ହୋଇପାରୁନି ଜମି ଅଧିଗ୍ରହଣ

### ବିଳମ୍ବ ହେଉଛି ମାନପୁର ୨ୟ ଓଭରବ୍ରିଜ ନିର୍ମାଣ

କଳିଙ୍ଗନଗର,୧୬(ଡି.ଏନ.ଏ.):

କଳିଙ୍ଗନଗର ଶିଳ୍ପାଞ୍ଚଳକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଚୋରଦା-ଡୁବୁରିରେ ଟ୍ରାଫିକ ସମସ୍ୟା ବଢ଼ିଚାଲିଛି। ଏହି ରାସ୍ତା ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ଅଧୀନରେ ଥିବାବେଳେ ରାସ୍ତାର ମାନପୁରଠାରେ ପୂର୍ବତଟ ରେଳପଥ ଅତିକ୍ରମ କରୁଛି। ପୂର୍ବରୁ ଏହି ରେଳପଥ ଉପରେ ଏକ ଓଭର ବ୍ରିଜ ନିର୍ମାଣ ହୋଇଥିଲା। ମାତ୍ର ସେ ପୋଲ ନିର୍ମାଣରେ ବହୁ ତ୍ରୁଟି ହେବାରୁ ଏବେ ତାହା ବିପର୍ଯ୍ୟସ୍ତ ହୋଇପଡ଼ିଛି। ପୋଲ ଉପରେ ଶିଳ୍ପାଞ୍ଚଳରୁ ଯାତାୟାତ କରୁଥିବା ଅତ୍ୟଧିକ ଭାରିଯାନ ଚଳାଚଳବେଳେ ଅତ୍ୟଧିକ ଚାପ ହେତୁ କମ୍ପନ ହେଉଥିବାରୁ ଯେ କୌଣସି ମୁହୂର୍ତ୍ତରେ ପୋଲରେ ଅଘଟଣ ଘଟିବା ଆଶଙ୍କା ରହିଛି। ଏହାକୁ ଆଖି ଆଗରେ ରଖି ୪ ବର୍ଷ ତଳେ ତୁରନ୍ତ ଦ୍ୱିତୀୟ ଓଭରବ୍ରିଜ ନିର୍ମାଣ ପାଇଁ ଯୋଜନା ହୋଇଥିଲା। ଏଥିପାଇଁ ଦୁଇଥର ମାଷ୍ଟର ପ୍ଲାନ ହୋଇସାରିଛି। ବାରମ୍ବାର ପ୍ଲାନ ବଦଳିବା କାରଣରୁ ଦୁଇଥର ଅର୍ଥ ବୃଦ୍ଧି ମଧ୍ୟ କରାଯାଇଛି। ଶେଷ ଅଟକଳ ମୁତାବକ ଜିଲା ଖଣିଜ ନ୍ୟାସ ପାଣ୍ଠିରୁ ନୂତନ ବ୍ରିଜ ନିର୍ମାଣ ପାଇଁ ଆବଶ୍ୟକ ୫୧ କୋଟି ଟଙ୍କା ଯୋଗାଇ ଦିଆଯାଇଛି। ୩୦ କୋଟି ଟଙ୍କା ରେଲ୍‌ୱେ ମଞ୍ଜୁର କରିଥିବା ଜଣାପଡିଛି। ରେଳପଥର ଦୁଇ ପାର୍ଶ୍ୱରେ ମୋଟ ୩୨ଟି ସ୍ଥାନ ନିର୍ମାଣ କରାଯିବାକୁ ଥିବାବେଳେ ଏଯାଏ ୩୧ ସ୍ଥାନର କାମ ଶେଷ ହୋଇଛି। ପୋଲର ଦାନଗଦି ପଟରେ ଏକ ବ୍ୟକ୍ତିଗତ ଜମିରେ ସମସ୍ୟା ରହିଥିବା କାରଣରୁ ତାହା ଅଦ୍ୟାବଧି ଅଧିଗ୍ରହଣ ହୋଇ ପାରିନାହିଁ। ସମ୍ପୃକ୍ତ ଜମି ମାଲିକ ଜାଗା ନ ଛାଡ଼ିବାରୁ କୌଣସି ପ୍ରକାର ଗୋଟିଏ ସ୍ଥାନ କାମ ପାଇଁ ମୂଳରୁ ଖୁଣ୍ଟ ଉଠି ପାରୁନାହିଁ। ଏହି ଅଡୁଆ ପାଇଁ ପୋଲ ନିର୍ମାଣ ଅଧିକ ବିଳମ୍ବିତ ହେଉଛି।

ଅନ୍ୟପକ୍ଷରେ ପ୍ରତିଦିନ ୫୦ ହଜାର ଗାଡ଼ି ଚଳାଚଳ କରୁଥିବା ଏହି ବ୍ୟସ୍ତବହୁଳ ରାସ୍ତାର ପୁରୁଣା ପୋଲରେ ଗାଡ଼ିଗୁଡିକ ଧାଡ଼ି ବାନ୍ଧି ଯାଉଛନ୍ତି। ଭିଡ଼ ପାଇଁ ଶ୍ରମିକ, କର୍ମଚାରୀ ଓ ସାଧାରଣ ଜନତା ନାକେଦମ ହେଉଛନ୍ତି। ସ୍କୁଲ ବସ୍, ଅଗ୍ନିଶମ ସେବା ଗାଡ଼ି ଓ ଆମ୍ବୁଲାନ୍ସ ସେବା ମଧ୍ୟ ଏଠାରେ ପ୍ରତ୍ୟହ ବ୍ୟାହତ ହେଉଛି। ସକାଳେ ଓ ସନ୍ଧ୍ୟାରେ ବ୍ରିଜ୍‌ରେ ଏମିତି ଅସମ୍ଭାଳ ଭିଡ ଜମୁଛି ଯେ ତା’କୁ ନିୟନ୍ତ୍ରଣ କରିବା ପାଇଁ ପୋଲିସ ମଧ୍ୟ ହଇରାଣ ହେଉଛି। ପୋଲର ଗୋଟିଏ ପଟରେ ଯୁଦ୍ଧକାଳୀନ ଭିତ୍ତିରେ କାମ ଚାଲିଥିବାବେଳେ ଅନ୍ୟପଟେ ଆଦୌ କାମ ହୋଇ ପାରୁନାହିଁ। ତେଣୁ ଜମି ସମସ୍ୟା ସମାଧାନ ପାଇଁ ଜିଲା ପ୍ରଶାସନ ଶୀଘ୍ର ପଦକ୍ଷେପ ନେବାକୁ ଦାବି ହୋଇଛି।



ମାନପୁର ୨ୟ ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ଅଧାରେ ଅଟକିଛି।

## ଜଙ୍ଗଲରୁ ଅର୍ଦ୍ଧଦଗ୍ଧ ମୃତଦେହ ଜବତ

### ହତ୍ୟା ପରେ ପ୍ରମାଣ ନଷ୍ଟ ପାଇଁ ଜଳାଯାଉଥିବା ସନ୍ଦେହ

କଳିଙ୍ଗନଗର,୧୬(ଡି.ଏନ.ଏ.):

ଯାଜପୁର ଜିଲା ଟମକା ଥାନା ଅନ୍ତର୍ଗତ ରଥପଦା ଜଙ୍ଗଲ ନିକଟରୁ ଗୁରୁବାର ସକାଳେ ଏକ ଅର୍ଦ୍ଧଦଗ୍ଧ ମୃତଦେହ ଜବତ କରାଯାଇଛି। ଅନ୍ୟସ୍ଥାନରେ ହତ୍ୟା କରାଯାଇ ପ୍ରମାଣ ନଷ୍ଟ ଉଦ୍ଦେଶ୍ୟରେ ଏଠାରେ ଜଳାଯାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଅନୁମାନ କରୁଛି।

ସୂଚନା ମୁତାବକ, ସକାଳେ ଏକ ମୃତଦେହ ଜଳୁଥିବା ଦେଖି ସ୍ଥାନୀୟ ଗ୍ରାମବାସୀ ଟମକା ପୋଲିସକୁ ସୂଚନା ଦେଇଥିଲେ। ଡୁବୁରୀ-ଟମକା ରାସ୍ତାର ରଥପଦା ଗ୍ରାମ ବିପରୀତ ପାର୍ଶ୍ୱରେ ପ୍ରାୟ ୨୦୦ ମିଟର ଦୂରରେ ଜଙ୍ଗଲ ଭିତରେ ମୃତଦେହ ପୋଡ଼ା ଯାଇଥିଲା। ଏକ କାଠ ଗଣ୍ଡି ଉପରେ ଶୁଆଇ ଦେଇ ସମ୍ଭବତଃ ଭୋର ସମୟରେ ଦୁର୍ବୃତ୍ତ ନିଆଁ ଲଗାଇ ଥାଇପାରନ୍ତି ବୋଲି ସନ୍ଦେହ କରାଯାଇଛି। ତେବେ ସକାଳ ହୋଇଯିବାରୁ ସେଠାରୁ ଦୁର୍ବୃତ୍ତ ଚାଲିଯିବା ପରେ ଏହି ଘଟଣା ଲୋକଙ୍କ ଦୃଷ୍ଟିକୁ ଆସିଥିଲା। ଶରୀରର ନବେ ଭାଗ ପୋଡ଼ି ଯାଇଥିବାରୁ ମୃତଦେହଟି ସ୍ତ୍ରୀ ଲୋକ କିମ୍ବା ପୁରୁଷ ତାହା ସ୍ପଷ୍ଟ ହୋଇ ପାରିନାହିଁ। ଏନେଇ ଟମକା ଥାନାରେ ଏକ ମାମଲା ନଂ.୮୫/୨୩ ରୁଜୁ ହୋଇଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ବିଦ୍ୟୁତ୍ ରଞ୍ଜନ



@ ହିମାଂଶୁ



@ ଜଗନ୍ନାଥ



@ ଶାନ୍ତନୁ



@ ସୌମ୍ୟରଞ୍ଜନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନାଉରିଆ ସୁଦର୍ଶନଙ୍କୁ ସାହସିକତା ସମ୍ମାନ ଦେବାକୁ ଦାବିପତ୍ର



ଆଳି ତହସିଲଦାରଙ୍କୁ ଗ୍ରାମବାସୀଙ୍କ ପକ୍ଷରୁ ଦାବିପତ୍ର ଦିଆଯାଉଛି।

### ଏକମାଣିଆ ଘାଟରେ ଡଙ୍ଗା ବୁଡ଼ି ଘଟଣା

ଆଳି,୧୬(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ଆଳି ଏକମାଣିଆ ଘାଟରେ ଡଙ୍ଗା ବୁଡ଼ି ଘଟଣାରେ ମୃତ ନାଉରିଆ ସୁଦର୍ଶନ ସ୍ୱାଇଁଙ୍କ ଅକାଳ ମୃତ୍ୟୁକୁ ପରେ ଗ୍ରାମବାସୀ ସାହସିକତା ସମ୍ମାନ ଦେବା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ତହସିଲଦାରଙ୍କ ମାଧ୍ୟମରେ ଗୁରୁବାର ପ୍ରଦାନ କରିଛନ୍ତି।

ଗ୍ରାମବାସୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଆଳି ବ୍ଲକ ଏକମାଣିଆ ପଞ୍ଚାୟତକୁ ଚତୁଃପାର୍ଶ୍ୱରୁ ନଦୀ ଘେରି ରହିଛି। ସେହି ପଞ୍ଚାୟତର ଲୋକମାନେ ରାଜନଗର କେରଡ଼ାଗଡ଼ ଘାଟ ପାର ହୋଇ ନିଜର ସମସ୍ତ କାର୍ଯ୍ୟ ତୁଲାଉଥିବା ବେଳେ ସରକାରୀ କାର୍ଯ୍ୟ ନିମନ୍ତେ ଆଳିକୁ ଆସିଥାନ୍ତି। ଏକମାଣିଆରୁ କେରଡ଼ାଗଡ଼ ଘାଟ ପର୍ଯ୍ୟନ୍ତ ଦୀର୍ଘ ୨୦ବର୍ଷ ହେବ ସୁଦର୍ଶନ ଡଙ୍ଗାରେ ଯାତ୍ରୀମାନଙ୍କୁ ପାର ଉତାର କରି ପରିବାର ପ୍ରତିପୋଷଣ କରିଥାନ୍ତି। ଏପ୍ରିଲ ୨୭ ତାରିଖ ସକାଳ ୬ଟାରେ ଏକମାଣିଆରୁ ୨୦ଜଣ ଯାତ୍ରୀଙ୍କୁ ନେଇ ସୁଦର୍ଶନ ନଦୀ ପାର କରାଉଥିବା ବେଳେ ଡଙ୍ଗାଟି ଭାରସାମ୍ୟ ହରାଇ ବୁଡ଼ି ଯାଇଥିଲା। ନାଉରିଆ ସୁଦର୍ଶନ ଡଙ୍ଗା ବୁଡ଼ିଯିବା ପରେ ନିଜ ଜୀବନକୁ ବାଜି ଲଗାଇ ୫ ଜଣ ମହିଳାପୁରୁଷଙ୍କୁ ଉଦ୍ଧାର କରି ନଳପାହି ଗ୍ରାମର ଜଣେ ୧୬ ବର୍ଷର ଛାତ୍ର ଦେବେନ୍ଦ୍ର ବେହେରା ବୁଡ଼ି ଯାଉଥିବା ଦେଖି ସୁଦର୍ଶନ ନଦୀକୁ ଡେଇଁ ପଡ଼ିଥିଲେ। ଦେବେନ୍ଦ୍ରଙ୍କୁ ଉଦ୍ଧାର କରିବାକୁ। କିନ୍ତୁ ଦେବେନ୍ଦ୍ରଙ୍କୁ ଉଦ୍ଧାର କରି ପରିଲେ ନାହିଁ ବରଂ ନିଜେ ନଦୀଗର୍ଭରେ ବୁଡ଼ି ମୃତ୍ୟୁ ଘଟିଲା। ସେହିଦିନ ଦେବେନ୍ଦ୍ରଙ୍କ ମୃତଦେହ ମିଳିଥିବା ବେଳେ ପରଦିନ ସୁଦର୍ଶନଙ୍କ ମୃତଦେହ ମିଳିଥିଲା। ଏହି ଘଟଣା ଘଟିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସଙ୍ଗେ ସଙ୍ଗେ ଦୁଃଖ ପ୍ରକାଶ କରିବା ସହିତ ୪ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିଥିଲେ। ନିଜ ଜୀବନକୁ ବାଜି ଲଗେଇ ଅନେକ ଜୀବନ ବଞ୍ଚାଇବା ପରେ ଜଳସମାଧି ନେଇଥିବା ସୁଦର୍ଶନଙ୍କୁ ରାଜ୍ୟପାଳ,ରାଷ୍ଟ୍ରପତିଙ୍କ ଦ୍ୱାରା ପ୍ରଦତ୍ତ ସାହସିକତା ସମ୍ମାନ ଓ ନାଉରିଆର ପରିବାରକୁ ଆର୍ଥିକ ସହାୟତା ରାଶି ପ୍ରଦାନ କରିବାକୁ ଗ୍ରାମବାସୀ ମୁଖ୍ୟମନ୍ତ୍ରୀଙ୍କ ସମେତ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଶିକ୍ଷାମନ୍ତ୍ରୀ, ଶକ୍ତି ଶିଳ୍ପ ଓ ଲଘୁଉଦ୍ୟୋଗ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ୫-ଟି ସଚିବ, କେନ୍ଦ୍ରାପଡ଼ା ଜିଲାପାଳଙ୍କ ସମେତ ଆଳି ଓ ରାଜନଗର ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

# ଦୁର୍ବଳ ଅବସ୍ଥାରେ ପଟ୍ଟାମୁଣ୍ଡାଇ କେନାଲ ପୋଲ

### ତୁରନ୍ତ ମରାମତି ଦାବି

ବାଲିଚନ୍ଦ୍ରପୁର,୧୬(ସ୍ୱ.ପ୍ର.):

କେନ୍ଦ୍ରାପଡ଼ା ଜଳସମ୍ପଦ ଡିଭିଜନ, ଛତା ସବଡିଭିଜନ ଓ ଚନ୍ଦନନଗର ସେକ୍ସନ ଅଧୀନରେ ରହିଛି ବାଲିଚନ୍ଦ୍ରପୁରଠାରୁ ବେଣିପୁର ପର୍ଯ୍ୟନ୍ତ ପଟ୍ଟାମୁଣ୍ଡାଇ କେନାଲବନ୍ଧ ରାସ୍ତା। ଅଞ୍ଚଳର ପ୍ରମୁଖ ରାସ୍ତାଭାବେ ପରିଗଣିତ ଏହି କେନାଲବନ୍ଧ ରାସ୍ତାରେ ବିଭିନ୍ନ ଗ୍ରାମର ଛକରେ କେନାଲ ଉପରେ ନିର୍ମାଣ ହୋଇଛି ପୋଲ। କେତେକ ସ୍ଥାନରେ ଚାଷୀଙ୍କ ପାଇଁ ପୋଲ ଉଦ୍ଦିଷ୍ଟ ଥିବାବେଳେ ଅନ୍ୟସ୍ଥାନରେ ସଂଯୋଗୀକରଣ ରାସ୍ତା ପାଇଁ ଉଦ୍ଦିଷ୍ଟ ଅଛି। ବହୁଦିନ ପୂର୍ବରୁ ନିର୍ମାଣ କରାଯାଇଥିବା ଏହି ପୋଲ ଗୁଡ଼ିକର ବିଭାଗୀୟ ରକ୍ଷଣାବେକ୍ଷଣ କରାଯାଉନାହିଁ। ଫଳରେ ଏବେ ପୋଲଗୁଡ଼ିକର ଖୁଣ୍ଟ ଖାଇଯାଇ ଦୁର୍ବଳ ଅବସ୍ଥାରେ ଥିବା ଦେଖାଯାଇଛି। ବର୍ତ୍ତମାନ କେନାଲରେ ପାଣି ନ ଥିବାରୁ ପୋଲଗୁଡ଼ିକର ଅବସ୍ଥା ଦୁର୍ବଳ ଥିବା ପରିଲକ୍ଷିତ ହୋଇଛି। ପୋଲ କଡ଼ରେ ଥିବା ପାଚେରିଗୁଡ଼ିକ ତଳପଟୁ ଖାଇଯାଇ ଝୁଲନ୍ତା ଅବସ୍ଥାରେ ରହିଛି। କେତେବେଳେ ଯେ ପାଚେରିଗୁଡ଼ିକ ଭୁଶୁଡ଼ି ପଡ଼ିବ ତାହା କହିହେବ ନାହିଁ। ତେଣୁ ଏହାକୁ ଶୀଘ୍ର ମରାମତି ପାଇଁ ଦାବି ହୋଇଛି।

ଏହି କେନାଲର ଆମ୍ବସୌରୀ, ଚାରିନଙ୍ଗଳ, ବାହାଦୁରନଗର, କଳାଶ୍ରୀ, ତାରିଣୀ ଛକ ଓ ହନୁମାନ ଛକଠାରୁ ଗଜେନ୍ଦ୍ରପୁର ମଧ୍ୟରେ ୩/୪ ପୋଲ ରହିଥିବାବେଳେ ଖଡ଼ଗପୁର ବଜାର ଓ ବିଦ୍ୟାଳୟ ସମେତ ତିଗିରିଆଠାରୁ ବେଣିପୁର ମଧ୍ୟରେ ୨/୩ ପୋଲ ରହିଛି। ମାତ୍ର ଏହି ପୋଲଗୁଡ଼ିକ ଦୀର୍ଘ ଦିନ ହେବ ମରାମତି ହେଉ ନ ଥିବାରୁ ଧୀରେଧୀରେ ଦୁର୍ବଳ ଆଡ଼କୁ ଗତି କରୁଛି। ବିଶେଷକରି ବାହାଦୁରନଗର ଛକଠାରେ ଥିବା ପୋଲଟି ଅତ୍ୟନ୍ତ ଜରାଜୀର୍ଣ୍ଣ ଓ ଦୁର୍ବଳଥିବା ପରିଲକ୍ଷିତ ହୋଇଛି। ପୋଲର ଖୁଣ୍ଟମୂଳଗୁଡ଼ିକ ଖାଇଯାଇଥିବାବେଳେ ପାଚେରି ମଧ୍ୟ ଦୁର୍ବଳ ଅବସ୍ଥାରେ ଅଛି। ଏହି ପୋଲ ଉପରେ ଗୋପୀନାଥ ବିଦ୍ୟା ମନ୍ଦିରର ଛାତ୍ରୀଛାତ୍ର ନିର୍ଭର କରୁଥିବାବେଳେ କେନାଲ ଆର ପାରିରେ ଥିବା ଶହଶହ ଏକର ଚାଷଜମି ପାଇଁ ଚାରିନଙ୍ଗଳ, ବାହାଦୁରନଗର ଓ କଳାଶ୍ରୀ ଗ୍ରାମର ଚାଷୀ ନିର୍ଭର କରିଥାନ୍ତି। ଆଗକୁ ବର୍ଷାଋତୁ ଆସୁଛି। ଚାଷ ପାଇଁ କେନାଲରେ ପାଣି ଛଡ଼ାଯିବ। ତେଣୁ ଏଥି ପୂର୍ବରୁ ଉକ୍ତ ଦୁର୍ବଳ ପୋଲକୁ ମରାମତି କରିବା ପାଇଁ ବିଦ୍ୟାଳୟର ଛାତ୍ରୀଛାତ୍ର, ଅଭିଭାବକ, ଶିକ୍ଷୟିତ୍ରୀଶିକ୍ଷକ ଓ ଗ୍ରାମର ଶତାଧିକ ଚାଷୀ ସରକାରଙ୍କ ନିକଟରେ ଦାବି କରିଛନ୍ତି। ଏ ସମ୍ପର୍କରେ ଚନ୍ଦନନଗର ସେକ୍ସନ ଯନ୍ତ୍ରୀ ଗୋରାଶଶି ସାହୁଙ୍କୁ ପଚାରିବାରେ ସେ ସ୍ଥିତି ପରଖିବା ପରେ ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ମତ ଦେଇଛନ୍ତି।



ପଟ୍ଟାମୁଣ୍ଡାଇ କେନାଲରେ ଥିବା ଏକ ପୋଲ ଦୁର୍ବଳ ହୋଇପଡ଼ିଛି।

# ଶ୍ରୀଜୀଉଙ୍କ ରୀତିନୀତିରେ ବିଭ୍ରାଟ

**ନୟାଗଡ଼ ଅଫିସ,୧।୬**



ବୈଠକରେ ଜିଲାପାଳ ରବୀନ୍ଦ୍ର ନାଥ ସାହୁ, ଏସ୍‌ପି ଅଲେଖ ଚନ୍ଦ୍ର ପହି ଓ ଅନ୍ୟମାନେ।

**ରଥଯାତ୍ରା ପ୍ରସ୍ତୁତି ବୈଠକ**

- ଅଭାବ ସତ୍ତ୍ୱେ ରଥ କାଠ ଖଡ ଖାଉଛି
- ଡେକଚିରେ ଅବଢ଼ା ରୋଷେଇକୁ ବିରୋଧ
- ସୁନାବେଶରେ ସୁନା ଅଲଙ୍କାର ଶୋଭା ପାଉନି
- ଅଭିଯୋଗ କରିବାକୁ ମିଳୁନି ଫୋରମ

ନୟାଗଡ଼ ପୁରୁଣା ସହରର ରଥଯାତ୍ରା ପାଳନ ଉଦ୍ଦେଶ୍ୟରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଗୁରୁବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ରବୀନ୍ଦ୍ର ନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଶ୍ରୀଜୀଉଙ୍କର ପ୍ରତିଦିନର ରୀତିନୀତିରେ ବିଭ୍ରାଟ ଦେଖା ଦେଉଥିବା ଅଭିଯୋଗ ଉଠିଥିଲା। ଅଧିକାଂଶ ସମୟ ବଡ଼ପଣ୍ଡା ଓ ସେବାୟତଙ୍କ ମଧ୍ୟରେ ପାଟିତୁଣ୍ଡ ହେଉଛି। ହେଲେ ଏହାର ସମାଧାନ ନ ଥିବାରୁ ଅବ୍ୟବସ୍ଥା ବଢ଼ି ଚାଲିଛି। ରଥଯାତ୍ରା ପାଇଁ ନୟାଗଡ଼ ବନ ବିଭାଗ କାଠ ଦେଉ ନ ଥିବାବେଳେ ଭକ୍ତଙ୍କ କାଠର ସୁବିନିଯୋଗ ହେଉନି। ରଥ ନିର୍ମାଣ ପରେ ବଳୁଥିବା କାଠକୁ ଦେବୋତ୍ତର ବିଭାଗ ଖରା କାକରରେ ପକାଇ ରଖୁଥିବାରୁ କାଠର ଅଭାବ ଦେଖାଦେବା ସ୍ୱାଭାବିକ ବୋଲି କୁହାଯାଇଛି। ସେହିପରି ଅବଢ଼ାର ମାନ ଠିକ୍ ରହୁନି ବୋଲି ପ୍ରଶ୍ନ ଉଠିଥିଲା। ଅବଢ଼ାର ରୋଷେଇ ପୁଣି ମାଟିହାଣ୍ଡି ବଦଳରେ ରସ୍ ଡେକଚିରେ କରାଯାଉଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ରଥ ଉପରେ ଶ୍ରୀଜୀଉ ସୁନାବେଶ ସମୟରେ ସୁନା ଅଲଙ୍କାର ପିନ୍ଧୁ ନାହାନ୍ତି। ୪ ବର୍ଷ ହେଲା ପରମ୍ପରା ବନ୍ଦ ହୋଇଗଲାଣି। ସେମାନଙ୍କର ସୁନା ଅଲଙ୍କାର କୁଆଡ଼େ ଗଲା ବୋଲି କ୍ଷୋଭ ପ୍ରକାଶ ପାଇଥିଲା। ମନ୍ଦିରର ଅବ୍ୟବସ୍ଥା ଓ ଅସୁବିଧା ନେଇ ଅଭିଯୋଗ କରିବାକୁ ଉପଯୁକ୍ତ ଫୋରମ ନ ଥିବାରୁ ଅବ୍ୟବସ୍ଥା ଉପରେ ପ୍ରସ୍ତୁତି ବୈଠକରେ ପ୍ରଶ୍ନ କରାଯାଇ ଏହାର ସମାଧାନର ଉତ୍ତର ଖୋଜା ଯାଇଛି। ଉପଜିଲାପାଳ ଶକ୍ତିକାନ୍ତ ରାୟ ପ୍ରସ୍ତୁତି ବୈଠକକୁ ପରିଚାଳନା କରିଥିବାବେଳେ ଏଥିରେ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ଏସ୍‌ପି ଅଲେଖ ଚନ୍ଦ୍ର ପହି, ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ, ନୟାଗଡ଼ ପୌର ପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ, ନୟାଗଡ଼ ଏସ୍‌ଡିପିଓ ସ୍ନେହାଶିଷ ସାହୁ ଆଲୋଚନାରେ ଭାଗ ନେଇଥିଲେ।

ରଥଯାତ୍ରାର ପ୍ରସ୍ତୁତି ବୈଠକକୁ ସବୁ ବର୍ଷ ଡିଏଫ୍‌ଓ ଅନୁପସ୍ଥିତ ରହୁଥିବାବେଳେ ଏସିଏଫ୍‌ଙ୍କୁ ପଠାଇ ଦାୟିତ୍ୱ ଶେଷ କରି ଦେଉଥିବା ଅଭିଯୋଗ ଉଠିଥିଲା। କାଠ ଅଭାବ ଯୋଗୁ ଯୋଡ଼ାଯୋଡ଼ି କରି ଅଖ ପ୍ରସ୍ତୁତ କରାଯାଉଥିବା ମହାରଣା କହିବା ପରେ ଏପରି ନ କରିବାକୁ କୁହାଯାଇଥିଲା। ଅଖକୁ ନୂଆ କାଠରେ ନିର୍ମାଣ କରିବାକୁ କୁହାଯାଇଥିଲା। ରଥରେ ଅଧରପଣା ସମୟରେ ଗତବର୍ଷ ବିବାଦ ହୋଇଥିଲା। ଅଧରପଣା ପରେ ରଥଟଣା ହେଉଥିବାରୁ ସ୍ଥାନୀୟ ଲୋକ ବିରୋଧ କରିଥିଲେ। ଚଳିତବର୍ଷ ଗତବର୍ଷ ପରି ଯେପରି ଅସୁବିଧା ନ ହୁଏ ସେଥିପ୍ରତି ପଦକ୍ଷେପ ନେବାକୁ ସେବାୟତମାନେ ପ୍ରଶାସନକୁ ଅବଗତ କରାଇଥିଲେ। ମନ୍ଦିର ପରିଚ୍ଛା ଏ ଦିଗରେ ପଦକ୍ଷେପ ନେବା ସହ ପ୍ରଶାସନର ସହଯୋଗ ଯୋଗାଇ ଦିଆଯିବ ବୋଲି କୁହାଯାଇଛି। କେତେଜଣ ସେବାୟତ ନିଶା ସେବନ କରି ପହଣ୍ଡି ସମୟରେ ଓ ପରେ ଅବ୍ୟବସ୍ଥା ସୃଷ୍ଟି କରୁଛନ୍ତି। ପୁଣି ପାଟ ପରି ଠାକୁରଙ୍କ ଉପକରଣ ଚୋରି ହେଉଛି ବୋଲି କୁହାଯାଇଛି। ରଥ ଚାରିପଟେ ଅନ୍ଧାର ରହୁଥିବାରୁ ଚଳିତବର୍ଷ ବ୍ୟାଟେରିରେ ଆଲୋକ ବ୍ୟବସ୍ଥା କରାଯିବାକୁ କୁହାଯାଇଛି। ରଥଖଳାରେ ରଥ ନିର୍ମାଣ ହେଉଥିବାବେଳେ ୫୭ ନଂ. ଜାତୀୟ ରାଜପଥରେ ଦୁର୍ଘଟଣା ହେଉଛି। ରଥ ନିର୍ମାଣ ନେଇ ଅନେକ ଜାଣି ପାରୁନାହାନ୍ତି। ଏଣୁ ରଥର ଆଗ ଓ ପଛରେ ଜାତୀୟ ରାଜପଥର ଉଭୟପାର୍ଶ୍ୱରେ ସ୍ପିଡ୍ ବ୍ରେକର ରଖିବାକୁ ସେବାୟତମାନେ କହିଥିଲେ। ଠାକୁରଙ୍କର ସମ୍ପତି ଅଭାବ ନ ଥିବାବେଳେ ଅନେକ ସେବାୟତ ଏହାକୁ ବିକ୍ରି କରୁଛନ୍ତି। ମନ୍ଦିରରେ ଛିଣ୍ଡା ପତାକା ଉଡୁଛି। ବାଜିବାକୁ ଘଣ୍ଟ ନାହିଁ। ଗୁଣ୍ଡିଚା ମନ୍ଦିରରେ ରୋଷ ଘର ନ ଥିବାରୁ ଭୋଗ ରଘୁନାଥଙ୍କ ରୋଷ ଘରେ ହେଉଛି। ରଥ କଡନ ବେଳେ ସ୍କୁଲ ପିଲା ରହିବେନି। କଲେଜ ପିଲାଙ୍କୁ ନିୟୋଜନ କରାଯିବ। ଟ୍ରାଫିକ ସମସ୍ୟା ଓ ଅଘଟଣାକୁ ଏଡ଼ାଇବା ପାଇଁ ବଡ଼ଦାଣ୍ଡରେ ରଥଯାତ୍ରା ଓ ବାହୁଡ଼ା ସମୟରେ ଘର ସମ୍ମୁଖରେ ବାଇକ୍ ରଖାଯିବନି। ପାଣି ପାଇପ ପାଇଁ ଖୋଳା ଯାଇଥିବା ରାସ୍ତାକୁ ଜନସ୍ୱାସ୍ଥ୍ୟ ବିଭାଗ ତୁରନ୍ତ ନିର୍ମାଣ କରିବାକୁ ପରାମର୍ଶ ଦିଆଯାଇଛି। ରଥରେ ଲାଗୁଥିବା କପଡ଼ା ୩ ଟି ରଙ୍ଗର ଲାଗି ହେବ। ୨ ପ୍ରକାର ଲାଗି ହେଉଥିବାରୁ ଅସନ୍ତୋଷ ପରେ ଭକ୍ତ ପ୍ରମୋଦ ପଟ୍ଟନାୟକ ୩ ରଥର କପଡ଼ା ଦେବାକୁ ଘୋଷଣା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମର ଭଜନ ପରିବେଷଣ ପାଇଁ ଟଙ୍କା ଅଭାବ ଥିବାରୁ କଲଟର ଫଣ୍ଡରୁ ୫୦ ହଜାର ଟଙ୍କା ଦେବାକୁ ଜିଲାପାଳ ଘୋଷଣା କରିଥିଲେ।

## ଶ୍ରୀଜୀଉଙ୍କ ଅଲଙ୍କାର ଉପରେ ସ୍ୱତନ୍ତ୍ର ବୈଠକ

**ନୟାଗଡ ଅଫିସ,୨।୬**

ଶ୍ରୀଜୀଉ ସୁର୍ଣ୍ଣ ଅଲଙ୍କାର ପରିଧାନ କରୁ ନ ଥିବାରୁ ଏ ଉପରେ ବାହୁଡ଼ା ପରେ ସ୍ୱତନ୍ତ୍ର ବୈଠକ କରାଯିବ। ପୁଣି ମନ୍ଦିର ନୀତି ଠିକ୍‌ରେ କରିବା ଓ ମନ୍ଦିରକୁ ସହାୟତା ଦେବା ଉଦ୍ଦେଶ୍ୟରେ ସମ୍ପୃକ୍ତ ବୈଠକରେ ଆଲୋଚନା କରାଯିବ ବୋଲି ଜିଲାପାଳ ଓ ଉପଜିଲାପାଳ ସହମତି ପ୍ରକାଶ କରିଛନ୍ତି। ଶ୍ରୀଜୀଉଙ୍କର ରୁପା ଉପରେ ସୁନା କଲେଇ ଅଲଙ୍କାର ନଷ୍ଟ ହୋଇଯିବାରୁ ୨ବର୍ଷ ତଳେ ଏ ନେଇ ଆଲୋଚନା ହୋଇଥିଲା। କଟକର କାରିଗର ୫ ଲକ୍ଷ ନେଇ ରୁପା ଉପରେ ସୁନା କଲେଇ କରିବାକୁ ରାଜି ହୋଇଥିଲେ। ହେଲେ ଏହା ହୋଇ ପାରି ନ ଥିଲା। ରଥ କାଠ ଦେଉ ବନ ବିଭାଗ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ କହିଥିଲେ, ନୟାଗଡ଼ ବନଖଣ୍ଡରୁ ପୁରୀ ରଥଯାତ୍ରା ପାଇଁ କାଠ ଯୋଗାଇ ଆସୁଛି। ହେଲେ ସର୍କୁଲାର ନାହିଁ କହି ବନ ବିଭାଗ ନୟାଗଡ଼, ରଣପୁର ଜଗନ୍ନାଥ ମହାପ୍ରଭୁଙ୍କୁ କାଠ ଯୋଗାଉନାହିଁ। ଭାବର ଠାକୁରଙ୍କ ପାଇଁ ଏହା କ୍ଷୋଭର ବିଷୟ। ବାହୁଡ଼ା ପରେ ଯଦି ବନ ବିଭାଗ ଠାକୁରଙ୍କ ପାଇଁ ଟିକିଏ ଚିନ୍ତା କରନ୍ତେ ତେବେ କାଠର ଅଭାବ ରହନ୍ତା ନାହିଁ। ଆଗକୁ ଯେପରି ରଥ ପାଇଁ କାଠ ଅଭାବ ଦେଖା ଦେବନି ସେନେଇ ବନ ବିଭାଗ ପ୍ରସ୍ତୁତ ହେଉ। ଏସିଏଫ୍ କିଛି କହିବା ପୂର୍ବରୁ ମଝିରେ କିଛି ନ କହି ରଥ ପାଇଁ କାଠ ଯୋଗାଡ଼ରେ ଲାଗିପଡ଼ ବୋଲି ପରାମର୍ଶ ଦେଇଥିଲେ। ପୁରୀ ମନ୍ଦିରରୁ ୨ ମଠା ଆସିବ ନୟାଗଡ଼ ଜଗନ୍ନାଥ ମନ୍ଦିର ସମ୍ମୁଖରେ ପୁରୀ ରଥର ଚକା ସ୍ଥାପନା ହୋଇଛି। ଏଠାରେ ଶ୍ରୀଜୀଉଙ୍କର ମଠା ରଖାଯିବା ପାଇଁ ୪ଟି ମଠା ପୁରୀରୁ ଅଣାଯିବା ପାଇଁ ନିବେଦନ ହୋଇଥିଲା। ୨ଟି ମଠା ଆସିବାକୁ ସ୍ୱୀକୃତି ମିଳିଛି। ମଠା ଶୁକ୍ରବାର ଆସିବାର ରହିଛି। ମଠା ଆସିବା ପରେ ଏହାକୁ ରଥ ଚକ ପାଖରେ ରଖାଯିବ ବୋଲି କୁହାଯାଇଛି ।

## ଅଂଶୁଘାତରେ ହୋମ୍‌ଗାର୍ଡଙ୍କ ମୃତ୍ୟୁ ଅଭିଯୋଗ

**ନୟାଗଡ଼ ଅଫିସ,୧।୬**

ନୟାଗଡ଼ କୋର୍ଟ ଡ୍ୟୁଟିରେ ଥିବା ହୋମଗାର୍ଡ ଅସୁସ୍ଥ ହୋଇ ଗୁରୁବାର ପ୍ରବଳ ଖରା ଯୋଗୁ ଅଂଶୁଘାତରେ ମୃତ୍ୟୁ ହୋଇଥିବା ଅଭିଯୋଗ ଉଠିଛି। ମୃତକ ହେଲେ ମାଧବ ନାୟକ। ଘର ନୟାଗଡ଼ ଟାଉନ ଥାନାର ବେବର୍ତ୍ତାପଲ୍ଲୀରେ। ଡ୍ୟୁଟି ସମୟରେ ଅଚେତ ହୋଇ ତଳେ ପଡ଼ି ଯାଇଥିଲେ। ମାଧବଙ୍କୁ ଗୁରୁତର ଅବସ୍ଥାରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ମୃତ ଘୋଷଣା କରିଛନ୍ତି। ଟାଉନ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## ନୀଳମାଧବ ଜୀଉଙ୍କୁ ଦର୍ଶନକଲେ ମହାରାଷ୍ଟ୍ର ହାଇକୋର୍ଟ ଜଷ୍ଟିସ

**ଖଣ୍ଡପଡା.୧।୬(ସ୍ୱ.ପ୍ର)**

ମହାରାଷ୍ଟ୍ର ହାଇକୋର୍ଟର ଜଷ୍ଟିସ ଅଭୟ ଆହୁଜା ଗୁରୁବାର ଅପରାହ୍ନରେ ଶ୍ରୀଜଗନ୍ନାଥ ସଂସ୍କୃତିର ଆଦିପୀଠ କଣ୍ଟିଲୋର ଶ୍ରୀନୀଳମାଧବ ଜୀଉଙ୍କୁ ଦର୍ଶନ କରିବା ସହ ଖୁସୀବ୍ୟକ୍ତ କରି ଫେରି ଯାଇଛନ୍ତି। ଏ ଅବସରରେ ଖଣ୍ଡପଡ଼ା ତହସିଲଦାର ତଥା ଦେବୋତର କାର୍ଯ୍ୟନିର୍ବାହୀ ଅଧିକାରିଣୀ ଲିପ୍ସା ରାୟ ଜଷ୍ଟିସ ଆହୁଜାଙ୍କୁ ସ୍ୱାଗତ କରିବା ସହ ନୀଳମାଧବଙ୍କ ଏକ ଫଟୋଚିତ୍ର ଓ ଶ୍ରୀଜୀଉଙ୍କ ପ୍ରସାଦ ପ୍ରଦାନ କରିଥିଲେ। ନୀଳମାଧବ ପୂଜକ ସମାଜ ପକ୍ଷରୁ ଉପସଭାପତି ସରୋଜ କୁମାର ମିଶ୍ର, ସମ୍ପାଦକ ନୀଳମାଧବ ମିଶ୍ରଙ୍କ ସମେତ ଅନ୍ୟାନ୍ୟ ସଦସ୍ୟମାନେ ନ୍ୟାୟମୂର୍ତ୍ତି ଓ ତାଙ୍କ ପରିବାରଙ୍କୁ ସ୍ୱାଗତ କରିବା ସହ ସେମାନଙ୍କୁ ଶୃଙ୍ଖଳିତ ଦର୍ଶନ କରାଇଥିଲେ। ମନ୍ଦିର ପରିସରରେ ସେ ପରିବାର ସହ ପରିକ୍ରମା କରି ପାହାଡ଼ ଉପରୁ ମହାନଦୀର ଦୃଶ୍ୟ ଓ ବସ୍ତୁତ ବାଲୁକା ଶଯ୍ୟାର ପ୍ରାକୃତିକ ସୌନ୍ଦର୍ଯ୍ୟ ଦେଖି ଅଭିଭୂତ ହୋଇଯାଇଥିଲେ। ଶ୍ରୀଜୀଉଙ୍କ ଦର୍ଶନ ସମୟରେ ଖଣ୍ଡପଡ଼ା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ତସଲିମା ଦାଶ, ଖଣ୍ଡପଡ଼ା ଆଇଆଇସି ରମେଶ କୁମାର ଦେବତା ଓ ଦେବୋତ୍ତର ମ୍ୟାନେଜର ହରିହର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଜଷ୍ଟିସ ଆହୁଜା ପୁରୀ ଶ୍ରୀଜଗନ୍ନାଥ ଦର୍ଶନରେ ଯିବାର କାର୍ଯ୍ୟକ୍ରମ ରହିଥିବାବେଳେ ଜଗନ୍ନାଥ ସଂସ୍କୃତିର ଆଦି ଦେବତା ଶ୍ରୀନୀଳମାଧବ ଜୀଉଙ୍କୁ ପ୍ରଥମେ ଦର୍ଶନ କରି ଭୁବନେଶ୍ୱର ଯାଇ ରାତ୍ରୀ ରହଣୀ କରି ଶୁକ୍ରବାର ଯିବାର କାର୍ଯ୍ୟକ୍ରମ ରହିଥିବା ଜଣାପଡିଛି।



ଜଷ୍ଟିସ ଅଭୟ ଆହୁଜାଙ୍କୁ ମନ୍ଦିର ପ୍ରଶାସନ ପକ୍ଷରୁ ନୀଳମାଧବଙ୍କ ଫଟୋ ଚିତ୍ର ଦିଆଯାଉଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ବିଦ୍ୟୁତ୍ ରଞ୍ଜନ



@ ହିମାଂଶୁ



@ ଜଗନ୍ନାଥ



@ ଶାନ୍ତନୁ



@ ସୌମ୍ୟରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବନ କର୍ମଚାରୀ , ଆର୍‌ଆଇଙ୍କ ଉପସ୍ଥିତିରେ ମାପଚୁପ



ଗ୍ରାମବାସୀଙ୍କ ଉପସ୍ଥିତିରେ ମାପଚୁପ ଚାଲିଛି।

**ନୂଆଗାଁ,୧।୬(ଡି.ଏନ୍.ଏ)**

**ଜଙ୍ଗଲ ଜମି ବେଆଇନ ଜବରଦଖଲ ଘଟଣା**

ନୂଆଗାଁ ବ୍ଲକ ମାଳିସାହି ପଞ୍ଚାୟତ ଅନ୍ତର୍ଗତ ରାଜସ୍ୱ କାର୍ଯ୍ୟାଳୟ ଓ ଖେଡ଼ପଡା ଫରେଷ୍ଟ ସେକ୍ସନ ଅଧୀନରେ ଥିବା ଜଙ୍ଗଲ ଜମିକୁ ବେଆଇନ ଭାବେ ଜବରଦଖଲ କରାଯାଇଥିବା ନେଇ ସାନହାମରା ଗ୍ରାମର ଲୋକେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହାପରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବନ କର୍ମଚାରୀ, ଆର୍‌ଆଇ ଗୁରୁବାର ଘଟଣାସ୍ଥଳରେ ପହଞ୍ଚି ଜାଗା ମାପଚୁପ କରିବା ସହ ନାଲି ପତାକା ଲଗାଇଛନ୍ତି।

ସୂଚନା ମୁତାବକ, ନୟାଗଡ଼ ବନାଞ୍ଚଳ ଖେଡ଼ପଡ଼ା ସେକ୍ସନ ଓ ମାଳିସାହି ରାଜସ୍ୱ ନିରୀକ୍ଷକଙ୍କ ଅଧୀନରେ ଥିବା ଜଙ୍ଗଲ ଜମି ପ୍ଲଟ ନଂ.୧୫୩, ୧୬୧କୁ କଣ୍ଟାବଣିଆ ଗାଁର ଜଣେ ବ୍ୟକ୍ତି ଜବର ଦଖଲରେ ରଖିଥିବା ଅଭିଯୋଗ ହୋଇଥିଲା। ସେହିପରି ପ୍ଲଟ ନମ୍ବର ୨୯୯, ୩୩୧, ୨୯୮, ୩୦୩ ଆଦି ପ୍ଲଟକୁ କେତେଜଣ ବ୍ୟକ୍ତି ବେଆଇନ ଭାବେ ଦଖଲ କରୁଥିବା ନେଇ ଅଭିଯୋଗ ହେବାପରେ ରାଜସ୍ୱ ବିଭାଗ ତରଫରୁ ଜବର ଦଖଲ ଉଚ୍ଛେଦ କରି ସେଠାରେ ବେଆଇନ ଦଖଲ ନ କରିବା ପାଇଁ ଫଳକ ଲଗା ଯାଇଥିଲା। କିନ୍ତୁ ତାହାକୁ ଅମାନ୍ୟ କରି ଉକ୍ତ ଜମିକୁ ମଧ୍ୟ ଜବରଦଖଲ କରାଯାଇଥିବା ନେଇ ଅଭିଯୋଗ ହୋଇଥିଲା। ବାରମ୍ବାର ଅଭିଯୋଗ ପରେ ମଧ୍ୟ ଜବରଦଖଲକାରୀ ନ ହଟିବା ଯୋଗୁ ଅସନ୍ତୋଷ ଦେଖାଦେଇଥିଲା। ଏନେଇ ସାନହାମରା ଗ୍ରାମବାସୀ ଜିଲାପାଳଙ୍କୁ ଭେଟି ଲିଖିତ ଅଭିଯୋଗ କରିଥିଲେ। ଏହାପରେ ଜିଲାପାଳ ରବୀନ୍ଦ୍ର ନାଥ ସାହୁଙ୍କ ନିର୍ଦ୍ଦେଶକ୍ରମେ ଖେଡ଼ପଡା ଫରେଷ୍ଟର, ମହିପୁର ଆର୍‌ଆଇ ପହଞ୍ଚି ଜାଗା ମାପଚୁପ କରିଛନ୍ତି।

## ଆନ୍ଦୋଳନ ପାଇଁ ଅନୁମତି ନେଇ ଉଠିଲା ପ୍ରଶ୍ନ

**ନୟାଗଡ଼ ଅଫିସ,୧।୬**



ଅମଲାମାନେ ଧାରଣା ଦେବେ ବୋଲି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅସ୍ଥାୟୀ ଟେଣ୍ଟ କରାଯାଇଛି।

**ଜିଲାପାଳଙ୍କ କାର୍ଯ୍ୟାଳୟରେ ଅସ୍ଥାୟୀ ଟେଣ୍ଟ କରି ଅମଲାଙ୍କ ଆନ୍ଦୋଳନ**

ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟରେ ବାଉଁଶ ପୋତି ଟେଣ୍ଟ ବାନ୍ଧି ଅମଲାମାନେ ଆନ୍ଦୋଳନ କରିବା ପରେ ସାଧାରଣରେ ପ୍ରତିକ୍ରିୟା ସୃଷ୍ଟି ହୋଇଛି। ପୁଣି ନୋ ପାର୍କିଂ ଜୋନରେ ବାଇକ୍ ରଖି ଅମଲାମାନଙ୍କର ଆନ୍ଦୋଳନକୁ ବିଭିନ୍ନ ସ୍ତରରେ ସମାଲୋଚନା ଆରମ୍ଭ ହୋଇଛି। ପ୍ରଶ୍ନ ଉଠିଛି ଅମଲାମାନେ କ'ଣ ଆଇନଠାରୁ ଉର୍ଦ୍ଧ୍ୱରେ। ସେମାନଙ୍କୁ ଜିଲା ପ୍ରଶାସନର ଅନୁକମ୍ପା କାହିଁକି। ଜିଲାପାଳଙ୍କ କାର୍ଯ୍ୟାଳୟ ଭିତରେ ଟେଣ୍ଟ ବାନ୍ଧି ଆନ୍ଦୋଳନ କରିବାକୁ କିଏ ଅନୁମତି ଦେଲା। ଏ ନେଇ ଭାଜପା ଯୁବ ନେତା ସନ୍ତୋଷ ପ୍ରଧାନ କୁହନ୍ତି, ଆନ୍ଦୋଳନକାରୀଙ୍କୁ ଜିଲାପାଳ ଅଫିସ ଭିତରେ ଆନ୍ଦୋଳନ କରିବାକୁ ସୁଯୋଗ ମିଳି ନ ଥାଏ। ପୋଲିସ ନାଲି ଆଖି ଦେଖାଇ ଉଠାଇ ଦିଏ। କର୍ମଚାରୀ ବାଇକ୍ ରଖିବାର ସୁଯୋଗ ଦିଅନ୍ତି ନାହିଁ। ନୋ ପାର୍କିଂ ଜୋନ କହି ବାଇକ୍ ଓ ୪ ଚକିଆ ଗାଡ଼ି ରଖାଯାଏନି। କେବଳ ଜିଲାପାଳ, ଅତିରିକ୍ତ ଜିଲାପାଳ ଅଥବା ପ୍ରଶାସନିକ ଅଧିକାରୀମାନଙ୍କର ଯାନବାହନ ରହିଥାଏ। ଏଭଳିସ୍ଥଳେ ଅମଲାମାନଙ୍କୁ ଖୁଣ୍ଟି ପୋତି ଟେଣ୍ଟ ବାନ୍ଧି ଆନ୍ଦୋଳନ କରିବାକୁ ଅନୁମତି ଦେବା ସବୁ ଆନ୍ଦୋଳନକାରୀଙ୍କ ପାଇଁ ଶୁଭ ଖବର। ଆମେ ଆନ୍ଦୋଳନ କରିବା ସମୟରେ ଆଉ ଦୁର୍ଗା ମଣ୍ଡପ କିମ୍ବା ଜିଲାପାଳଙ୍କ ଫାଟକ ସମ୍ମୁଖରେ ଆଉ ଆନ୍ଦୋଳନ କରିବୁ ନାହିଁ କହିଛନ୍ତି। ଜିଲା କଂଗ୍ରେସ ସଭାପତି ରଣଜିତ ଦାଶ କୁହନ୍ତି, ଜିଲାପାଳଙ୍କ କାର୍ଯ୍ୟାଳୟ ଭିତରେ ଅମଲାମାନଙ୍କୁ ଆନ୍ଦୋଳନ କରିବାକୁ ଅନୁମତି ଦେଇ ଅନ୍ୟ ଆନ୍ଦୋଳନକାରୀଙ୍କ ପାଇଁ ଜିଲା ପ୍ରଶାସନ ନୂଆ ବାଟ ତିଆରି କରିଛି। ଆମେ ଆନ୍ଦୋଳନ କରିବା ସମୟରେ ପୋଲିସ ପ୍ରତିବାଦ କଲେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବ ବୋଲି କହୁଛନ୍ତି। ସିପିଆଇ(ଏମ୍) ନେତା ବିଶ୍ୱନାଥ ମହାପାତ୍ର କୁହନ୍ତି, ଅମଲାମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଭିତରେ ଟେଣ୍ଟ ବାନ୍ଧି ଆନ୍ଦୋଳନ କରିବା ଅନ୍ୟ ଆନ୍ଦୋଳନକାରୀଙ୍କ ପାଇଁ ଶୁଭ ଖବର। ଆମେମାନେ ଏହାକୁ ବିରୋଧ ନ କରି ଜିଲା ପ୍ରଶାସନର ଅନୁମତିକୁ ସ୍ୱାଗତ କରୁଛୁ ବୋଲି ସେ କହିଛନ୍ତି। ନୂଆଗାଁର ରମେଶ ନାୟକ, ଗଣିଆର ଭିମ ପ୍ରଧାନ, ଦଶପଲ୍ଲାର ରାଜେନ୍ଦ୍ର ଜାନୀ କୁହନ୍ତି, ଆଇନ କ'ଣ ସମସ୍ତଙ୍କ ପାଇଁ ସମାନ ନୁହେଁ। ଅମଲାମାନଙ୍କ ପ୍ରତି ଯେପରି ଅନୁକମ୍ପା ପ୍ରଦର୍ଶନ କରାଯାଉଛି ଅନ୍ୟମାନଙ୍କୁ କାହିଁକି ନାଲି ଆଖି ଦେଖାଯାଉଛି। ଏଥର ଆଉ ନାଲି ଆଖି ଚଳିବନି ବୋଲି ସେମାନେ କହିଛନ୍ତି।

## ସଂକ୍ଷେପରେ

### ନୂତନ ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ



ବଡ଼ଚଣା,୧୬(ଡି.ଏନ୍.ଏ.): ବଡ଼ଚଣା ବ୍ଲକ ଅନ୍ତର୍ଗତ ନୂଆହାଟସ୍ଥିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟର ନୂତନ ଅଧକ୍ଷ ଭାବେ ଗୁରୁବାର ଅର୍ଥନୀତି ବିଭାଗର ବରିଷ୍ଠ ପ୍ରାଧ୍ୟାପକ ପବିତ୍ର ମୋହନ ମାହାଲା ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ଥିବା ଅଧକ୍ଷ ବ୍ରଜକିଶୋର ସ୍ୱାଇଁ ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ଏହି ପରିପ୍ରେକ୍ଷୀରେ କଲେଜ ପରିସରରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ କଲେଜ ପରିଚାଳନା କମିଟି ସଭାପତି ତଥା ଅବସରପ୍ରାପ୍ତ ପ୍ରାଧାପକ ତ୍ରିଲୋଚନ ରାଉତ, ପୂର୍ବତନ ଅଧକ୍ଷ ଗୌତମ ଜେନା, ପ୍ରାଧାପକ ପ୍ରମୋଦ କୁମାର ଖଣ୍ଡାଇ, ନାରାୟଣ ଚନ୍ଦ୍ର ମୁଦୁଲି, ଭାଗ୍ୟଧର ନାୟକ, ପ୍ରଦୀପ କୁମାର ବରାଳ, ସାନ୍ତନୁ କୁମାର ରାଉତରାୟ, ରଞ୍ଜିତା ସ୍ୱାଇଁ, ସରୀତା ସେଠୀ, ଅମ୍ବିକା ତ୍ରିପାଠୀ, ନିରୁପମା ସ୍ୱାଇଁ, ଶ୍ରାବଣୀ କନ୍ୟା, ଗୀତାଞ୍ଜଳି ମହାନ୍ତି, ଅଧାପିକା ଶୁଭଶ୍ରୀ ସାହୁ, କର୍ମଚାରୀ ସୁଷ୍ମନ୍ତ ନାୟକ, ସନାତନ ନାୟକ, ଅକ୍ଷୟ ରାଉତରାୟ, ପ୍ରସନଜିତ୍ ସାମଲ ଓ ବଗୁଲି ବାରିକ ପ୍ରମୁଖ ଯୋଗଦେଇ ମାହାଲାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। କଲେଜକୁ ଏକ ଆଦର୍ଶ ମହାବିଦ୍ୟାଳରେ ପରିଣତ କରିବା ତାଙ୍କର ପ୍ରାଥମିକତା ହେବ ବୋଲି ଅଧକ୍ଷ ମାହାଲା କହିଥିଲେ।

### ମହିଳାଙ୍କଠାରୁ ୪୦ ହଜାର ଲୁଟ

ଠାକୁରମୁଣ୍ଡା,୧୬(ଡି.ଏନ.ଏ.)- ଠାକୁରମୁଣ୍ଡା ବଜାରରେ କାର୍ ଛିଡା କରି ଜଳଖିଆ ଖାଉଥିବା ବେଳେ କାର ଭିତରେ ବସିଥିବା ମହିଳାଙ୍କ ନିକଟରୁ ଲୁଟେରା ଟଙ୍କା ବ୍ୟାଗ ଛଡାଇ ନେଇ ବାଇକ୍‌ରେ ଚମ୍ପଟ ମାରିଛନ୍ତି । ବୁଧବାର ସକାଳେ କରଞ୍ଜିଆ ନିକଟ ରସମତଳାର ସୁଶାନ୍ତ କୁମାର ପଣ୍ଡା ଏବଂ ତାଙ୍କ ସ୍ତ୍ରୀ ସହିତ ଅନ୍ୟ ଜଣେ ମହିଳା କାର ଯୋଗେ ମେଡିକାଲ କାମରେ କଟକ ଯାଉଥିଲେ। ସକାଳ ପ୍ରାୟ ୮ ଟା ସମୟରେ ଠାକୁରମୁଣ୍ଡା ବଜାରରେ ଠାକୁରମୁଣ୍ଡା- ଆନନ୍ଦପୁର ରାସ୍ତାର ମହାନ୍ତି ମାର୍କେଟ କମ୍ପ୍ଲେକ୍ସ ସମ୍ମୁଖ ଜଳଖିଆ ଦୋକାନ ନିକଟରେ କାର ରଖି ସୁଶାନ୍ତ ଓ ତାଙ୍କ ଡ୍ରାଇଭର କାରରୁ ଓହ୍ଲାଇ ଜଳଖିଆ ଖାଇବାକୁ ଯାଇଥିଲେ। କାରରେ ଦୁଇ ମହିଳା ବସି ରହିଥିଲେ। ଏହି ସମୟରେ ୨ ଲୁଟେରା କାରରେ ଥିବା ମହିଳାଙ୍କ ନିକଟରୁ ଭ୍ୟାନିଟି ବ୍ୟାଗକୁ ଛଡାଇ ନେଇ ବାଇକ୍ ଯୋଗେ ଦ୍ରୁତ ଗତିରେ କରଞ୍ଜିଆ ରାସ୍ତାରେ ଖସି ପଳାଇ ଯାଇଥିଲେ। ତାଙ୍କ ବ୍ୟାଗ ଭିତରେ ୪୦ ହଜାର ଟଙ୍କା ଓ ସୁନା ହାର, କାନ ଫୁଲ ସହ ଆବଶ୍ୟକ କାଗଜ ପତ୍ର ଥିଲା। ଅଭିଯୋଗ ପାଇ ଠାକୁରମୁଣ୍ଡା ଥାନା ପୋଲିସ ଘଟଣାର ତଦନ୍ତ କରୁଛି।

# ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ତେଜିଲା

## ଆରଟିଆଇ କର୍ମୀଙ୍କୁ ନିର୍ଯ୍ୟାତନା ମାମଲା

■ ଏସ୍‌ପିଙ୍କୁ ଭେଟିଲା ଓଡ଼ିଶା କୃଷକ ବିକାଶ ମଞ୍ଚ, ଓଡ଼ିଶା ସୂଚନା ଅଧିକାର ଅଭିଯାନର ପ୍ରତିନିଧି ଦଳ

ଯାଜପୁର ଅଫିସ,୧୬:

ଯାଜପୁର ଜିଲା ବିଞ୍ଝାରପୁର ଅଞ୍ଚଳର ସୂଚନା ଅଧିକାର କର୍ମୀ(ଆର୍‌ଟିଆଇ) ସୀମାନ୍ତ ପାତ୍ରଙ୍କ ଉପରେ ହୋଇଥିବା ଆକ୍ରମଣରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ତେଜିଛି। ଓଡ଼ିଶା କୃଷକ ବିକାଶ ମଞ୍ଚ ଓ ଓଡ଼ିଶା ସୂଚନା ଅଧିକାର ଅଭିଯାନ ପକ୍ଷରୁ ଗୁରୁବାର ଏକ ପ୍ରତିନିଧି ଦଳ ଯାଜପୁର ଏସ୍‌ପିଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ଦାବିପତ୍ରରେ ଦର୍ଶାଯାଇଛି ଯେ, ବିଞ୍ଝାରପୁର ବ୍ଲକ ଫତେପୁର ପଞ୍ଚାୟତ ଅନ୍ତର୍ଗତ ନାଉପାଳ ଗ୍ରାମରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମଜିଏନ୍‌ଆରଇଜିଏସ୍)ରେ ଏକ ପୋଖରୀ କାମ ରାତିରେ ମେଶିନ ଯୋଗେ ଖୋଳା ଯାଇଥିବା ସୂଚନା ଅଧିକାର କର୍ମୀ ପାତ୍ର ଅଭିଯୋଗ ପାଇଥିଲେ। ତେଣୁ ସେ ବିଞ୍ଝାରପୁର ବ୍ଲକର କନିଷ୍ଠ ଯନ୍ତ୍ରୀ ଅମୂଲ୍ୟ ତ୍ରିପାଠୀ ଓ ପଞ୍ଚାୟତର ଜିଆରଏସ୍‌ଙ୍କୁ ଫୋନ ଯୋଗେ ଜଣାଇଥିଲେ। ଏହାପରେ ଗତ ମାସ ୨୭ ତାରିଖ ଭୋର ସମୟରେ ନାଉପାଳ ଗ୍ରାମର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଠେଙ୍ଗା ଧରି ସଂଘବଦ୍ଧ ଭାବେ ପାତ୍ରଙ୍କ ଘରେ ପଶି ତାଙ୍କ ସ୍ତ୍ରୀଙ୍କୁ ଆକ୍ରମଣ କରିଥିଲେ। ଏହାସହ ସୀମାନ୍ତ ଗାମୁଛା ପିନ୍ଧିଥିବା ସମୟରେ ତାଙ୍କୁ ଟେକି ନେଇ ଶାରୀରିକ ନିର୍ଯାତନା ଦେବା ସହିତ ୨ କି.ମି. ବାଟ ଚଲାଇ ନେଇ ନାଉପାଳ ଗ୍ରାମର ପୋଖରୀ ଖନନ ସ୍ଥାନକୁ ନେଇଥିଲେ। ତାଙ୍କୁ ମାଟି ବୁହାଇବା ସହିତ ମୋବାଇଲ ଛଡ଼ାଇ ନେଇ ତାଙ୍କଠାରୁ ଓ ତାଙ୍କ ପିତାଙ୍କ ଠାରୁ ଏକ ବଣ୍ଡ ପେପରରେ ଦସ୍ତଖତ ରଖି ଅକଥନୀୟ ଭାଷା ପ୍ରୟୋଗ କରିଥିଲେ। ବିଞ୍ଝାରପୁର ପୋଲିସ କୌଣସି ସୂତ୍ରରୁ ଖବର ପାଇ ସୀମାନ୍ତଙ୍କୁ ଘଟଣା ସ୍ଥଳରୁ ଉଦ୍ଧାର କରିଥିଲା। ସୀମାନ୍ତ ଗାମୁଛା ଖଣ୍ଡେ ପିନ୍ଧି ଚାଲିଚାଲି ବିଞ୍ଝାରପୁର ଥାନାକୁ ଆସି ଅଭିଯୁକ୍ତଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିଲେ। ହେଲେ ଏଯାଏ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ବିଞ୍ଝାରପୁର, ଦଶରଥପୁର, ବରୀ, ରସୁଲପୁର, ଧର୍ମଶାଳା, କୋରେଇ, ଭଦ୍ରକ, ବାଲେଶ୍ୱର ଅଞ୍ଚଳର କୃଷକ ନେତା, ସାମାଜିକ କର୍ମୀ, ସୂଚନା ଅଧିକାର କର୍ମୀ ପ୍ରମୁଖ ଏସ୍‌ପି ଭିନିତ ଅଗ୍ରୱାଲଙ୍କୁ ଭେଟି ତୁରନ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହିତ ସମ୍ପୃକ୍ତ ବ୍ଲକ ଅଫିସର ଅଧିକାରୀଙ୍କୁ ତଦନ୍ତ ପରିସରକୁ ଆଣିବା ପାଇଁ ଦାବି କରିଥିଲେ। ଏହାବାଦ ପାତ୍ରଙ୍କ ବିରୋଧରେ ଲାଗିଥିବା ବିଭିନ୍ନ ଦଫାର ନିରପେକ୍ଷ ତଦନ୍ତ ଜଣେ ଉଚ୍ଚ ପଦସ୍ଥ ପୋଲିସ ଅଧିକାରୀଙ୍କ ଦ୍ୱାରା କରିବାକୁ ଅନୁରୋଧ କରିଥିଲେ। ଏସ୍‌ପି ଅଗ୍ରୱାଲ ଘଟଣା ସମ୍ପର୍କରେ ଅବଗତ ହେବାପରେ ତୁରନ୍ତ ଯାଜପୁର ଏସ୍‌ଡିପିଓଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ପ୍ରତିନିଧି ଦଳରେ ଓଡ଼ିଶା କୃଷକ ବିକାଶ ମଞ୍ଚର ଜିଲା ସଭାପତି ବସନ୍ତ ପରିଡ଼ା, ସାଧାରଣ ସମ୍ପାଦକ ରବୀନ୍ଦ୍ର ଜେନା, ଓଡ଼ିଶା ସୂଚନା ଅଧିକାର ଅଭିଯାନର ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ, ଆଡ୍‌ଭୋକେଟ ସୁଧୀର ଭୁଇଁଆ, ସଂଯୁକ୍ତା ପାଣିଗ୍ରାହୀ, ଭୁବନାନନ୍ଦ ସାମଲ, ବିଶ୍ୱଜିତ ମହାନ୍ତି, କିଷାନ ପଣ୍ଡା, ପ୍ରଶାନ୍ତ ବେଉରା, ପ୍ରଶାନ୍ତ ପଡ଼ିହାରୀ, ଗୌରାଙ୍ଗ ବଳ, ସନାତନ ସାହୁ, ତାରିଣୀ ପଟ୍ଟନାୟକ, ପଦ୍ମନ କର, ଗୋବିନ୍ଦ ପରିଡ଼ା, କୁଞ୍ଜବିହାରୀ ବେହେରା, ମନୋଜ ଦାଶ, ସ୍ୱର୍ଣ୍ଣପ୍ରଭା ସାମଲ, ଦୁର୍ଗାଚରଣ ବାରିକ, ଅଜୟ ରଥ, ସୂର୍ଯ୍ୟକାନ୍ତ ଦାସ, ଧନେଶ୍ୱର ସାମଲ, ନିହାର ରଞ୍ଜନ ସାମଲ, ବଳରାମ ନାୟକ, ରବୀନ୍ଦ୍ର କୁମାର ଧଳ, ହୀରଣ୍ୟ ସାମଲ, ସ୍ମିତା ସାମଲ, ସନ୍ତୋଷ ଧଳ, ବିକ୍ରମ ରାଉତ ଏବଂ ଓମ୍‌ପ୍ରକାଶ ଦାସ ପ୍ରମୁଖ ସାମିଲ ହୋଇଥିଲେ।



ଏସ୍‌ପିଙ୍କୁ ଓଡ଼ିଶା କୃଷକ ବିକାଶ ମଞ୍ଚ, ଓଡ଼ିଶା ସୂଚନା ଅଧିକାର ଅଭିଯାନର ପ୍ରତିନିଧି ଦଳ ଦାବିପତ୍ର ଦେଉଛନ୍ତି।

## ବାଡ଼ିରୁ ମୂଲ୍ୟବାନ ଗଛ କାଟିଦେଲେ ଦୁର୍ବୃତ୍ତ

କଳିଙ୍ଗନଗର,୧୬(ଡି.ଏନ.ଏ.):

ଯାଜପୁର ଜିଲା ଟମକା ଥାନା ଅନ୍ତର୍ଗତ ଗୌଡ଼ବାହାଲି ଗ୍ରାମର ରାଜେଶ କୁମାର ପୃଷ୍ଟିଙ୍କ ବାଡ଼ିରୁ ପ୍ରାୟ ୫୦ ଶାଗୁଆନ, ଶିଶୁ, ପିଆଶାଳ ଓ ଗମ୍ଭାରୀ ଗଛ କଟା ଯାଇଛି। ଏ ସଂକ୍ରାନ୍ତରେ ପୃଷ୍ଟି ଟମକା ପୋଲିସ ଓ ବନାଞ୍ଚଳ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ପୃଷ୍ଟି ଘରେ ନ ଥିବାବେଳେ ଗଛସବୁକୁ କଟର ମେଶିନ ଦ୍ୱାରା ଦିନ ଦ୍ୱିପହରରେ କଟାଯାଇଛି। କଟା ଗଛଗୁଡ଼ିକୁ ଦୁର୍ବୃତ୍ତ ନେଇ ପାରି ନ ଥିବା ଅଭିଯୋଗରେ ଦର୍ଶାଯାଇଛି।। ସୂଚନା ଅନୁସାରେ, ପୃଷ୍ଟି ତାଙ୍କ ପରିବାର ସହିତ ଯାଜପୁର ରୋଡ୍‌ରେ ରହୁଛନ୍ତି। ଘରେ କେହି ନ ଥିବା ଜାଣି ଦୁର୍ବୃତ୍ତ ଏହି କାଣ୍ଡ ଘଟାଇଛନ୍ତି। ବନ ବିଭାଗ ପକ୍ଷରୁ ତଦନ୍ତ ହୋଇ ନ ଥିବା ଅଭିଯୋଗ ହୋଇଛି।



କଟା ହୋଇଥିବା ଗଛଗଣ୍ଡି।

# ତହସିଲଦାର, ଖନନକାରୀଙ୍କ ବିରୋଧରେ ଏତଲା



ଭାଜପା କର୍ମୀମାନେ ଏତଲା ଦେଉଛନ୍ତି।

## ଲୁଣିବର ବେଆଇନ କଳାପଥର ଖାଦାନରେ ୨ ଶ୍ରମିକଙ୍କ ମୃତ୍ୟୁ ଘଟଣା

ଧର୍ମଶାଳା,୧୬(ଡି.ଏନ.ଏ.):

ଯାଜପୁର ଜିଲା ଧର୍ମଶାଳା ତହସିଲ ଅନ୍ତର୍ଗତ ଲୁଣିବର କଳାପଥର ଖାଦାନରେ ୨ ଶ୍ରମିକଙ୍କ ମୃତ୍ୟୁକୁ ନେଇ ଗୁରୁବାର ଧର୍ମଶାଳା ଅଞ୍ଚଳର ଭାଜପା ନେତା ସର୍ବେଶ୍ୱର ବେହୁରା ଧର୍ମଶାଳା ତହସିଲଦାର ଓ ବେଆଇନ ଖନନକାରୀଙ୍କ ବିରୋଧରେ ଜେନାପୁର ଥାନାରେ ଏତଲା ଦାୟର କରିଛନ୍ତି। ଏତଲା ପ୍ରଦାନବେଳେ ଭାଜପା କର୍ମୀ ଚନ୍ଦ୍ରମଣି ପଣ୍ଡିତ, ସୁଶାନ୍ତ ବେହେରା, ମକରଦ୍ୱଜ ଦାସ, ବଳରାମ ଦାସ, ସରୋଜ ପଟ୍ଟନାୟକ, କୀର୍ତ୍ତନ ଜେନା, ରାଜେଶ ଗୋଚ୍ଛାୟତ, ପ୍ରମୋଦ ମହାନ୍ତ, ହେମନ୍ତ ଦଳେଇ ଓ ବିଷ୍ଣୁ ଦେହୁରୀ ପ୍ରମୁଖ ଉପସ୍ଥିତଥିଲେ।

ସୂଚନା ମୁତାବକ, ଲୁଣିବର କଳାପଥର ଖାଦାନକୁ ଲିଜ ଦିଆଯାଇ ନ ଥିବାବେଳେ ପୂର୍ବରୁ ଲିଜ ନେଇଥିବା ଲିଜଧାରୀ ବେଆଇନ ଭାବେ କେତେଜଣ ସରକାରୀ ଅଧିକାରୀ ଓ ବ୍ୟକ୍ତି ବିଶେଷଙ୍କୁ ବଟି ଦେଇ ଅନାୟାସରେ ରାତିରେ ପଥର ଖନନ କରି ବିପୁଳ ଟଙ୍କାର ରାଜସ୍ୱ ଲୁଟି ଚାଲିଥିଲେ। ମଙ୍ଗଳବାର ରାତିରେ ପୋକଲିନ ମେଶିନରେ ଖନନବେଳେ ଦୁର୍ଘଟଣା ଘଟି ପୋକଲିନ ଅପରେଟର ଓ ଜଣେ ନାବାଳକ ହେଲପରଙ୍କ ମୃତ୍ୟୁ ହୋଇଥିଲା। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ଅନ୍ୟପକ୍ଷରେ ଜିଲା ପ୍ରଶାସନ ଓ ତହସିଲ ପକ୍ଷରୁ ବିଭିନ୍ନ ସମୟରେ ଚଢ଼ାଉ କରାଯାଇ ଗାଡ଼ି ଜବତ କରାଯିବା ସହ ଜରିମାନା ଆଦାୟ କରାଯାଉଥିଲେ ମଧ୍ୟ ଖନନକାରୀଙ୍କ ଉପରେ କୌଣସି ପ୍ରଭାବ ପଡୁନାହିଁ। ବେଆଇନ ଖନନକାରୀ ପ୍ରଚୁର ଅର୍ଥ ଉପାର୍ଜନ କରୁଥିବାରୁ ଜିଲା ପ୍ରଶାସନର ଚଢ଼ାଉକୁ ଖାତିର କରୁନାହାନ୍ତି। ଫଳରେ ଏହି ତହସିଲ ବ୍ୟାପକ ପରିମାଣର ରାଜସ୍ୱ ହରାଉଛି। ବିଭିନ୍ନ ସମୟରେ ଖାଦାନ ଗୁଡ଼ିକରେ ଶ୍ରମିକ ମୃତ୍ୟୁକୁ ଚାପି ଦେବାରେ ବେଆଇନ ଖନନକାରୀ ସମର୍ଥ ହେଉଛନ୍ତି। ତେଣୁ ବେଆଇନ ଖନନକାରୀଙ୍କ ବିରୋଧରେ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହୋଇଛି।

## ଏମ୍‌ବିକେ, ସିଆର୍‌ପି ଓ ବ୍ୟାଙ୍କ ମିତ୍ର ଚୟନରେ ଅନିୟମିତତା ମାମଲା

## ଚୟନ ପ୍ରକ୍ରିୟା ବାତିଲ ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶ

ଚଣ୍ଡିଖୋଲ,୧୬(ଡି.ଏନ.ଏ.):

ଯାଜପୁର ଜିଲା ବଡ଼ଚଣା ବ୍ଲକରେ ମିଶନଶକ୍ତି ଦ୍ୱାରା ଏମ୍‌ବିକେ, ସିଆର୍‌ପି ଓ ବ୍ୟାଙ୍କ ମିତ୍ର ପାଇଁ ହୋଇଥିବା ଚୟନ ପ୍ରକ୍ରିୟା ବାତିଲ କରାଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ପତ୍ର ସଂଖ୍ୟା ୧୮୯ରେ ଗତ ୩୦।୫।୨୦୨୩ରେ ଚିଠି ଲେଖି ସମସ୍ତ ନିଯୁକ୍ତି ଚୟନ ପ୍ରକ୍ରିୟା ବାତିଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ବଡ଼ଚଣା ବିଡିଓ ଏବଂ ବଡ଼ଚଣା ସିଡିପିଓଙ୍କୁ ଚିଠି ଲେଖି ଜଣାଇଛନ୍ତି। ଏଥିସହିତ ନୂତନ ବିଜ୍ଞାପନ ପ୍ରକାଶ କରିବାକୁ ମଧ୍ୟ ଚିଠିରେ ଉଲ୍ଲେଖ କରିଛନ୍ତି। ଉକ୍ତ ନିଯୁକ୍ତି ଚୟନ ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା। ମିଶନ ଶକ୍ତି ଫେଡରେଶନ ସଭାନେତ୍ରୀ କିଚ୍ଛିନା ମହାପାତ୍ର ଜଣେ ଆଶାୟୀ ପ୍ରାର୍ଥୀଙ୍କ ନିକଟରୁ ୭ ହଜାର ଟଙ୍କା ଲାଞ୍ଚ ନେବାର ଭିଡିଓ ଭାଇରାଲ ହୋଇଥିଲା। ଏନେଇ ଜିଲାପାଳଙ୍କ ନିକଟରେ ଆଇନଜୀବୀ ଉଦୟ ନାଥ ସାହୁ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କ ନିର୍ଦ୍ଦେଶକ୍ରମେ ଏକ ୩ ଜଣିଆ ଟିମ୍ ବଡ଼ଚଣା ବ୍ଲକ୍‌ରେ ପହଞ୍ଚି ତଦନ୍ତ କରିଥିଲେ। ଏଥିସହିତ ୨ଦିନ ତଳେ ଭାଜପା ମହିଳା ମୋର୍ଚ୍ଚା ବ୍ଲକ କାର୍ଯ୍ୟାଳୟ ଘେରାଉ କରିଥିଲା। ଏହାକୁ ଦୃଷ୍ଟିରେ ରଖି ଜିଲାପାଳ ସମସ୍ତ ନିଯୁକ୍ତି ପ୍ରକ୍ରିୟା ବାତିଲ କରିବା ସହ ମିଶନ ଶକ୍ତି ସଭାନେତ୍ରୀଙ୍କୁ ବହିଷ୍କାର କରିଛନ୍ତି। ବ୍ଲକ୍‌ର ଜୀବିକା ମିଶନ ଅଧୀନରେ ୬୧ ସିଆର୍‌ପି, ୫ ଏମବିକେ ଓ ୩ ବ୍ୟାଙ୍କ ମିତ୍ର ନିଯୁକ୍ତି ନିମନ୍ତେ ଗତ ୬।୩।୨୦୨୩ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା।

## ପଦ୍ମିନୀ କେୟାରରେ ଛାତ୍ରଙ୍କ ମସ୍ତିଷ୍କରେ ସଫଳ ଅସ୍ତ୍ରୋପଚାର

### ଡିଜେ ବକ୍ସ ତଳେ ମୁଣ୍ଡ ଚାପି ହୋଇଯାଇଥିଲା

କଟକ ଅଫିସ, ୧୬:

ଯାଜପୁର ଜିଲା ମଙ୍ଗଳପୁର ଅଞ୍ଚଳର ଯୁକ୍ତ୩ ବିଜ୍ଞାନ ଦ୍ୱିତୀୟ ବର୍ଷ ଛାତ୍ର ଅଶ୍ୱିନୀ ବେହେରାଙ୍କ ମସ୍ତିଷ୍କରେ ସଫଳତାର ସହ ଅସ୍ତ୍ରୋପଚାର ଟାଙ୍ଗୀସ୍ଥିତ ପଦ୍ମିନୀ କେୟାର ହସ୍ପିଟାଲରେ ମଙ୍ଗଳବାର କରାଯାଇଛି। ଅଶ୍ୱିନୀ ଏବେ ସମ୍ପୂର୍ଣ୍ଣ ବିପଦମୁକ୍ତ ଅଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ପରିଲକ୍ଷିତ ହୋଇଛି। କିଛିଦିନ ପରେ ତାଙ୍କୁ ଡିସ୍‌ଚାର୍ଜ କରାଯିବ ବୋଲି ଡାକ୍ତର କହିଛନ୍ତି। ସୂଚନା ମୁତାବକ, ବାହାଘର ଶୋଭାଯାତ୍ରା ସରିବା ପରେ ଅଶ୍ୱିନୀ ଡିଜେ ଗାଡିରେ ଫେରୁଥିଲେ। ଭୋର ସମୟରେ ଗାଡି ଦୁର୍ଘଟଣାଗ୍ରସ୍ତ ହୋଇ ଓଲଟି ପଡିବାରୁ ଡିଜେ ବକ୍ସ ତଳେ ଅଶ୍ୱିନୀଙ୍କ ମୁଣ୍ଡ ଚାପି ହୋଇଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଯାଜପୁର ଡାକ୍ତରଖାନା ଓ ପରେ ପରିବାର ଲୋକେ ଟାଙ୍ଗୀସ୍ଥିତ ପଦ୍ମିନୀ କେୟାର ହସ୍ପିଟାଲକୁ ଆଣିଥିଲେ। ଏଭଳି ଜରୁରୀ ପରିସ୍ଥିତିରେ ନ୍ୟୁରୋ ସର୍ଜନ ଡା. ଆତ୍ମାରଞ୍ଜନ ଦାସଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ସହାୟତାରେ ଅଶ୍ୱିନୀଙ୍କ ମସ୍ତିଷ୍କରେ ଅସ୍ତ୍ରୋପଚାର କରାଗଲା।



ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)ରେ ପୁଅର ଚିକିତ୍ସା ମାଗଣାରେ ହୋଇଥିବାରୁ ରାଜ୍ୟ ସରକାର ଓ ପଦ୍ମିନୀ କେୟାର ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ଅଶ୍ୱିନୀଙ୍କ ବାପା ଅଭୟ ବେହେରା କୃତଜ୍ଞତା ଜଣାଇଛନ୍ତି। ଡା. ଦାସ କହିଛନ୍ତି, ସମୟୋଚିତ ଚିକିତ୍ସା ଫଳରେ ଅଶ୍ୱିନୀଙ୍କ ଜୀବନ ରକ୍ଷା ହୋଇଗଲା। ଏଣୁ ଏଭଳି କୌଣସି ଦୁର୍ଘଟଣାବେଳେ ମସ୍ତିଷ୍କାଘାତ ବ୍ୟକ୍ତିଙ୍କୁ ତୁରନ୍ତ ହସ୍ପିଟାଲରେ ପହଞ୍ଚାଇବା ଜରୁରୀ ବୋଲି ସେ କହିଛନ୍ତି।

## ମେସ୍କୋ ଷ୍ଟିଲ୍ ଚଳାଇବାକୁ ଦାବି

### ଜିଲାପାଳଙ୍କୁ ଭେଟିଲେ ଶ୍ରମିକ

ଯାଜପୁର ଟାଉନ,୧୬(ଡି.ଏନ.ଏ.):

ମେସ୍କୋ ଷ୍ଟିଲ୍ କମ୍ପାନୀ ଚଳାଇବାକୁ ଦାବି ହୋଇଛି। ଏନେଇ ଗୁରୁବାର ଶ୍ରମିକମାନେ ଜିଲାପାଳଙ୍କୁ ଭେଟି ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ପରିଚାଳନା ଗତ ତ୍ରୁଟି ଯୋଗୁ ଯାଜପୁର ଜିଲା କଳିଙ୍ଗନଗରରେ ପ୍ରତିଷ୍ଠା ହୋଇଥିବା ମେସ୍କୋ କମ୍ପାନୀ ଦୀର୍ଘଦିନ ଧରି ବନ୍ଦ ରହିଛି। ଫଳରେ ୧୫୦୦ରୁ ଊର୍ଦ୍ଧ୍ୱ ଶ୍ରମିକ ଓ କର୍ମଚାରୀ ଭୋକ ଓପାସରେ କାଳାତିପାତ କରୁଛନ୍ତି। ମାତ୍ର ସରକାର ଓ କମ୍ପାନୀ କର୍ତ୍ତୃପକ୍ଷ ଷଡ଼ଯନ୍ତ୍ର କରି ରେଲୱେ ସାଇଡିଂ ଚଳାଇ ମାଲମାଲ ହେଉଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି। ତେବେ ଆଗାମୀ ଦିନରେ ଦାବିପୂରଣ ନ ହେଲେ ଶ୍ରମିକମାନେ ସେମାନଙ୍କ ପରିବାର ସହ ରାସ୍ତାରେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ପ୍ରସ୍ତାବିତ ଠିପିଖୋଲା ମଦ ଦୋକାନକୁ ପୁଣି ବିରୋଧ



ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ।

ଯାଜପୁର ଟାଉନ,୧୬(ଡି.ଏନ.ଏ.):

ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ୍ ଅନ୍ତର୍ଗତ ଘଣ୍ଟିଆଳି ପଞ୍ଚାୟତରେ ପ୍ରସ୍ତାବିତ ଠିପିଖୋଲା ମଦ ଦୋକାନକୁ ବିରୋଧ କରି ପୁଣି ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି ଗ୍ରାମବାସୀ। ୪ ମାସ ହେବ ଘଣ୍ଟିଆଳି ପଞ୍ଚାୟତରେ ଠିପି ଖୋଲା ମଦ ଦୋକାନକୁ ନେଇ ଗ୍ରାମବାସୀଙ୍କଠାରୁ ଆରମ୍ଭ କରି ଜନପ୍ରତିନିଧିମାନେ ବାରମ୍ବାର ଜିଲା ପ୍ରଶାସନ ନିକଟରେ ବିରୋଧ କରିଆସୁଛନ୍ତି। କିନ୍ତୁ ଅବକାରୀ ବିଭାଗ ଅଧିକାରୀ ରାଜସ୍ୱ ଆଦାୟ ଆଳରେ ଲୋକଙ୍କ ସ୍ୱାର୍ଥକୁ ପଛରେ ପକାଇ ମଦ ବ୍ୟବସାୟୀଙ୍କୁ ଗୁରୁତ୍ୱ ଦେଇ ଆସୁଥିବା ଅଭିଯୋଗ ହେଉଛି। ମଦ ଦୋକାନ ହେଲେ ପଞ୍ଚାୟତର ଅନେକ ଲୋକ ସମସ୍ୟାରେ ପଡ଼ିବା ସହ ଦଳିତ ସାହି ପ୍ରଭାବିତ ହେବ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ ଶ୍ରୀକାନ୍ତ ପ୍ରଧାନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲାପାଳ ତୁରନ୍ତ ଏହି ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆଗାମୀ ଦିନରେ ପଞ୍ଚାୟତବାସୀଙ୍କ ସ୍ୱାର୍ଥ ପାଇଁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

# ବସିଲା ବୈଠକ, ଟଙ୍କା ଖର୍ଚ୍ଚ ବାଟ ଫିଟିଲା

## 'ଧରିତ୍ରୀ' ପ୍ରଭାବ

■ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

ରସୁଲପୁର,୧୬(ଡି.ଏନ.ଏ.):

ରସୁଲପୁର ବ୍ଲକ ଅଞ୍ଚଳର ପ୍ରମୁଖ ସ୍ୱାସ୍ଥ୍ୟକେନ୍ଦ୍ର ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ରୋଗୀ କଲ୍ୟାଣ ସମିତି ବୈଠକ କୋରେଇ ବିଧାୟକ ଅଶୋକ କୁମାର ବଳଙ୍କ ପୌରୋହିତ୍ୟରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ରୋଗୀ କଲ୍ୟାଣ ସମିତି ଅଧୀନରେ ଗଚ୍ଛିତ ଥିବା ୧୨.୫ଲକ୍ଷ ଟଙ୍କାକୁ ଡାକ୍ତରଖାନାର ଉନ୍ନୟନ ଦିଗରେ ଖର୍ଚ୍ଚ ଉପରେ ଗୁରୁତ୍ୱ ଦିଆଯାଇଛି। ସମିତି ବୈଠକ ବସୁ ନ ଥିବାରୁ ଉକ୍ତ ଅର୍ଥ ଖର୍ଚ୍ଚ ହୋଇପାରୁ ନ ଥିଲା। ବୈଠକ ପରେ ଗଚ୍ଛିତ ଅର୍ଥ ଖର୍ଚ୍ଚ ହେବାର ବାଟ ଫିଟିଛି। ଏହି ଅବସରରେ ଡାକ୍ତରଖାନରେ ଏକ୍ସରେ ପ୍ରକୋଷ୍ଠ, ପିପିପି ମୋଡରେ ବିଭିନ୍ନ ପରୀକ୍ଷା ପାଇଁ ପରୀକ୍ଷାଗାର ପ୍ରକୋଷ୍ଠ, ସଭାଗୃହର ଆବଶ୍ୟକତା ଆଦି ଉପରେ ଆଲୋଚନା ହୋଇଛି। ସମିତି ଅର୍ଥରେ ଡାକ୍ତରଖାନ ମରାମତି, ନିରାମୟ ଔଷଧ କେନ୍ଦ୍ର ସମ୍ମୁଖରେ ଛାମୁଣ୍ଡିଆ ନିର୍ମାଣ, ଗାଡି ପାର୍କିଂ ସ୍ଥାନ ଓ ରୋଗୀ ବିଶ୍ରାମାଗାର ଆଦିର ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି। ଜନସାଧାରଣଙ୍କ ପାଇଁ ଶୌଚାଳୟ ନିର୍ମାଣ, ରୋଗୀ ସେବା ଢାଞ୍ଚା ଅଧିକ ପ୍ରଭାବୀ ଉପରେ ଆଲୋଚନାରେ ସ୍ଥାନ ଦିଆଯାଇଛି। ବ୍ଲକ ପ୍ରଶାସନ ପକ୍ଷରୁ ଗୋଷ୍ଠୀ ଭିତ୍ତିକ ଶୌଚାଳୟ ନିର୍ମାଣ ପାଇଁ ପ୍ରତିଶ୍ରୁତି ଦିଆଯାଇଛି। ବ୍ଲକ ପ୍ରଶାସନର ଏକ ପ୍ରତିନିଧି ଦଳ ସୋମବାର ଡାକ୍ତରଖାନା ପରିସରକୁ ପରିଦର୍ଶନ କରିବା ପରେ ଏନେଇ ନିଷ୍ପତ୍ତି ନିଆଯିବ। ସ୍ୱଚ୍ଛଭାରତ ମିଶନ ଯୋଜନା ଜରିଆରେ ଉଭୟ ବ୍ଲକ ଓ ପଞ୍ଚାୟତ ଅଂଶରୁ ନିର୍ମାଣ କରାଯିବ ବୋଲି କୁହାଯାଇଛି। ଅନ୍ୟ ଆବଶ୍ୟକତା ପୂରଣ ଦିଗରେ ଜିଲା ପ୍ରଶାସନର ସହାୟତା ନିଆଯିବା ନେଇ ପ୍ରସ୍ତାବ ପାରିତ ହୋଇଛି।

ବୈଠକରେ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡା. ସୁଧୀର କୁମାର ସାହୁ, ବିଡିଓ ଅବନିକାନ୍ତ ସାହୁ, ଏବିଡିଓ ଦିବ୍ୟକାନ୍ତି ମିଶ୍ର, ଗ୍ରାମ୍ୟ ଜଳ ଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ବିଶ୍ୱନାଥ ରଥ, ସରପଞ୍ଚ ଅଶୋକ କୁମାର ମଲ୍ଲିକ, ସମିତିସଭ୍ୟ ସୌମ୍ୟରଞ୍ଜନ ଦ୍ୱିବେଦୀ, ଶତ୍ରୁଘନ ମଲିକ, ମୋଇଉଦ୍ଦିନ ମହମ୍ମଦ, ଡା. ଦେବାଶିଷ ସାହୁ, ଡା. ବିଶ୍ୱଜିତ୍ ବେହେରା, ଡା. ବସନ୍ତ କୁମାର ପଣ୍ଡା, ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ଜ୍ୟୋସ୍ନାମୟୀ ସାହୁ, ବ୍ଲକ ବିତ୍ତ ପରିଚାଳକ ମଧୁସୂଦନ ଦାସ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଅରୁଣ କୁମାର ସେଠୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ମହିଳା ଓ ଶିଶୁ ବିକାଶ ଅଧିକାରୀ ଯୋଗ ଦେଇ ନ ଥିବାରୁ ବିଧାୟକ ଅସନ୍ତୋଷବ୍ୟକ୍ତ କରିଥିଲେ। ଏହାଛଡ଼ା ବୈଠକର ୨ ସଦସ୍ୟ ଯୋଗଦେଇ ନ ଥିଲେ। ସୂଚନା ମୁତାବକ, ମାସାଧିକ ବ୍ୟାପୀ ବୈଠକ ବସୁ ନ ଥିଲା। ଫଳରେ ଡାକ୍ତରଖାନା ଉନ୍ନୟନ ପାଇଁ ଉଦ୍ଦିଷ୍ଟ ଅର୍ଥ ଖର୍ଚ୍ଚ ହୋଇପାରୁ ନ ଥିଲା। ଏ ନେଇ ମେ'୨୪ରେ 'ଧରିତ୍ରୀ'ରେ ଖବର ପ୍ରକାଶ ପରେ ବୈଠକ କରାଯାଇଛି।




ରୋଗୀ କଲ୍ୟାଣ ସମିତି ବୈଠକରେ ଯୋଗଦେଇଥିବା ବିଧାୟକଙ୍କ ସମେତ ଅନ୍ୟ ଅଧିକାରୀ।

## ସଂକ୍ଷେପରେ

### ଆଶା କର୍ମୀଙ୍କ ବିଭିନ୍ନ ଦାବିରେ ଗଣସମାବେଶ

**କେନ୍ଦ୍ରାପଡ଼ା ଅଫିସ,୧୬:** ନିଖିଳ ଓଡ଼ିଶା ଆଶା କର୍ମୀ ସଂଘ କେନ୍ଦ୍ରାପଡ଼ା ଜିଲା କମିଟି ପକ୍ଷରୁ ବିଭିନ୍ନ ଦାବି ଉପସ୍ଥାପନ କରାଯାଇ ଏକ ଗଣ ସମାବେଶ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ସମାବେଶରେ ଜିଲା ସଭାପତି ବିକାଶ ଚନ୍ଦ୍ର ବେହୁରା ଅଧକ୍ଷତା କରିଥିଲେ। ଏଥିରେ କର୍ମକର୍ତ୍ତା କ୍ରାନ୍ତିପ୍ରଭା ନାୟକ, ଭଗବତୀ ନାୟକ, ଭଜହରି ପ୍ରଧାନ, ଅକ୍ଷୟ ମଲ୍ଲିକ, ମାନିନି ବେହେରା, ଛବିନା ଶତପଥୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସେମାନେ ଆଶା କର୍ମୀଙ୍କ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ମାସିକ ପାରିଶ୍ରମିକ ପ୍ରଥମ ସପ୍ତାହରେ ପ୍ରଦାନ କରିବାକୁ ଦାବି ରଖିଥିଲେ। ଏଥିସହ ବକେୟା ଅର୍ଥ ପ୍ରଦାନ, ସରକାରୀ ଚାକିରିର ମାନ୍ୟତା, ପେନସନ, ପ୍ରମୋସନ, ମୃତ୍ୟୁକାଳୀନ ସହାୟତା ଆଦି ଦାବି ଉପସ୍ଥାପନା କରିଥିଲେ। ଏହାର ନେତୃତ୍ୱ ରମଣୀ ରଞ୍ଜନ ରାଉତରାୟ, ଆଦିକନ୍ଦ ରାଉଳ ପ୍ରମୁଖ ନେଇଥିଲେ।

### ବିଜ୍ଞାନରେ ରୂପାଲୀ ପ୍ରିୟଦର୍ଶିନୀ ଟପ୍ପର

**ମାର୍ଶାଘାଇ,୧୬ (ଡି. ଏନ୍.ଏ.):** ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ଯୁକ୍ତ ୨



ବିଜ୍ଞାନ ଓ ବାଣିଜ୍ୟ ବାର୍ଷିକ ପରୀକ୍ଷା ଫଳ ବୁଧବାର ପ୍ରକାଶିତ ହୋଇଥିଲା। ସେଥିରେ ମାର୍ଶାଘାଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ୨ ଛାତ୍ରୀ ରୂପାଲୀ ପ୍ରିୟଦର୍ଶିନୀ ଟପ୍ପର ହୋଇଛନ୍ତି। ସେ ସମୁଦାୟ ୫୧୯ ନମ୍ବର ରଖିଛନ୍ତି। ସେହିପରି ଯୁକ୍ତ ୨ ବାଣିଜ୍ୟରେ ଭୂମିପ୍ରଜ୍ଞା ସ୍ୱାଇଁ ମୋଟ ୫୦୫ ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ରୂପାଲୀ ମାର୍ଶାଘାଇ ବ୍ଲକ ମାଣିକପୁର ଗ୍ରାମର ସାମାଜିକ କର୍ମୀ ବିଶ୍ୱରଞ୍ଜନ ଜେନା ଓ ପ୍ରଭାତୀ ଜେନାଙ୍କ କନ୍ୟା ହୋଇଥିବା ବେଳେ ଜିଲାର ବିଶିଷ୍ଟ ଶିକ୍ଷାବିତ୍ ସ୍ୱର୍ଗତ ମୋହନ ସୁନ୍ଦର ଜେନାଙ୍କ ନାତୁଣୀ ଅଟନ୍ତି।

### ରାଜନଗର ପାଇଁ ଗୌରବ ଆଣିଲେ ସ୍ୱପ୍ନାରାଣୀ

**ରାଜନଗର, ୧୬(ଡି.ଏନ.ଏ.):** ଉଚ୍ଚ ମାଧ୍ୟମିକ ପକ୍ଷରୁ ବୁଧବାର ଯୁକ୍ତ ୨ ବିଜ୍ଞାନ



ପରୀକ୍ଷା ଫଳ ପ୍ରକାଶ ପାଇଛି। ଯୁକ୍ତ ୨ ବିଜ୍ଞାନରେ ରାଜନଗର ବ୍ଲକ ଅନ୍ତର୍ଗତ ବନ୍ଧପଡ଼ା ଗ୍ରାମର ନିମାଇଁ ଚରଣ ନାଥ ଓ ମମତା ନାଥଙ୍କ ଝିଅ ସ୍ୱପ୍ନାରାଣୀ ୫୩୫ ନମ୍ବର ରଖି ରାଜନଗର ଗୌରବ ଆଣିଛନ୍ତି। ସେ ରୟାଲ କଲେଜ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିରେ ପାଠ ପଢୁଥିଲେ। ସ୍ୱପ୍ନାରାଣୀ ମାଟ୍ରିକ ପରୀକ୍ଷାରେ ମଧ ଏ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଥିଲେ। ମଦନପୁର ମହାବୀର ହାଇସ୍କୁଲରୁ କୃତୀତ୍ୱ ସହ ପାସ୍ କରି ରୟାଲ କଲେଜରେ ନାମ ଲେଖାଇଥିଲେ।

### ଏମ୍‌ପି ଅପରାଜିତାଙ୍କ ରାଜନଗର ଗସ୍ତ ପାଇଁ ପ୍ରସ୍ତୁତି

**ରାଜନଗର, ୧୬(ଡି.ଏନ.ଏ.):** ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ ଆସନ୍ତା ୯ ତାରିଖରେ ରାଜନଗର ଗସ୍ତରେ ଆସିବେ। ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଗୋପବନ୍ଧୁ ଜନସେବା ସଂଘର ପ୍ରଥମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସାଂସଦଙ୍କ ଗସ୍ତକୁ ସଫଳ କରିବା ପାଇଁ ଗୁରୁବାର ଗୋପାଳପୁର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୋପବନ୍ଧୁ ଜନସେବା ସଂଘର ସଭାପତି ନାରାୟଣ ପାଣିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଟିମ୍ ଅପରାଜିତାଙ୍କ ଆବହକ ଜୀବନ ସାହୁ, ନିକୁଞ୍ଜ ପଟ୍ଟନାୟକ, ମନ୍ମଥ ମଲ୍ଲିକ, ରଶ୍ମୀରଞ୍ଜନ ଲେଙ୍କା, ଟିମ୍ ଅପରାଜିତାର ଜିଲା ସଭାପତି ବିଭୂ ପ୍ରସାଦ ପଣ୍ଡା, ଗୋପବନ୍ଧୁ ଜନସେବା ସଂଘର ପ୍ରତିଷ୍ଠାତା ଦିଲୀପ ରଞ୍ଜନ ପାଳ, ସମ୍ପାଦକ ଦେବାଶିଷ ରାଉତ, ବରିଷ୍ଠ ନେତା ସଦାଶିବ ଜେନା, ଅଶୋକ କୁମାର ବାରିକ, ଜିତେନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ଏମ୍‌ପି ଷଡଙ୍ଗୀଙ୍କ ରାଜନଗର ନିର୍ବାଚନ ମଣ୍ଡଳୀ ଗସ୍ତ କାର୍ଯ୍ୟକ୍ରମକୁ ପ୍ରଭାବୀ ଢଙ୍ଗରେ କରାଯିବ ବୋଲି କହିଛନ୍ତି। ଅପରାଜିତା ଷଡଙ୍ଗୀ ଏମ୍‌ପି ଭାବେ ନିର୍ବାଚିତ ହେବା ପରେ ପ୍ରଥମଥର ପାଇଁ ରାଜନଗର ବିନା ଦଳୀୟ ବ୍ୟାନରରେ ଆସୁଥିବାରୁ ତାହାକୁ ନେଇ ରାଜନୈତିକ ଉତ୍କଣ୍ଠା ପ୍ରକାଶ ପାଇଛି।

# ଶିଶୁଙ୍କ ଖାଦ୍ୟ ବର୍ଦ୍ଧିତ ଛତୁଆରେ ପ୍ରସ୍ତୁତି ତାରିଖ ନାହିଁ

**ମହାକାଳପଡ଼ା, ୧୬ (ଡି.ଏନ୍.ଏ.)**

ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମାଞ୍ଚଳଗୁଡ଼ିକରେ ଶିଶୁ ମୃତ୍ୟୁହାର ହ୍ରାସ କରିବା ପାଇଁ ବିଭିନ୍ନ ଯୋଜନାରେ ଅର୍ଥ ବ୍ୟୟ କରୁଛନ୍ତି। ଯେପରି ଶିଶୁଟିଏ ଗ୍ରାମାଞ୍ଚଳରେ ଭିଟାମିନ ଅଭାବରୁ କୁପୋଷଣର ଶିକାର ନ ହୁଏ, ସେଥିପାଇଁ ସରକାର ପ୍ରତି ଗ୍ରାମରେ ସମନ୍ୱିତ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଅଙ୍ଗନୱାଡି କେନ୍ଦ୍ର ଖୋଲାଯାଇଛି। ପ୍ରତ୍ୟେକ କେନ୍ଦ୍ରରେ ଗର୍ଭବତୀ, ପ୍ରସୂତି ମହିଳା ଓ ଶିଶୁମାନଙ୍କୁ ସକାଳ ଜଳଖିଆ ଓ ରନ୍ଧାଖାଦ୍ୟ, ଅଣ୍ଡା, ପୁଷ୍ଟିକରଯୁକ୍ତ ଛତୁଆ ଆଦି ଯୋଗାଇ ଦେଉଛନ୍ତି। ମାତ୍ର ଏହା ସତ୍ତ୍ୱେ ଗ୍ରାମାଞ୍ଚଳରେ କୁପୋଷଣର ଶିକାର ଶିଶୁ ହେଉଛନ୍ତି ବୋଲି ଅଭିଭାବକ ମହଲରେ ଚିନ୍ତା ପ୍ରକଟ କଲେଣି। ତେବେ କେଉଁଠି ରହୁଛି ତ୍ରୁଟି, କାହିଁକି କୁପୋଷଣର ଶିକାର ଶିଶୁ ହେଉଛନ୍ତି ତାହାର ତଦନ୍ତ କରାଯାଉ ନାହିଁ। ଏହା ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଞ୍ଚଳରେ। ଏଠାରେ ଶିଶୁଙ୍କୁ ଗୁରୁବାର ଯୋଗା ଯାଇଥିବା ବର୍ଦ୍ଧିତ ଛତୁଆରେ ପ୍ରସ୍ତୁତ କରାଯାଇଥିବା ତାରିଖ ନାହିଁ।

**ଅବଧି ନ ଥିବା ଛତୁଆ ଖାଇ ଅସୁସ୍ଥ ହେଲେ ଦାୟୀ କିଏ ରହିବ**




ଶିଶୁଙ୍କ କୁପୋଷଣ ହ୍ରାସ ପାଇଁ ଆସିଥିବା ବର୍ଦ୍ଧିତ ଛତୁଆ ତାରିଖ ନାହିଁ।

ଯଦି ଏହି ଛତୁଆକୁ ଖାଇ ଶିଶୁ, ଗର୍ଭବତୀ, ପ୍ରସୂତିଙ୍କ ଶରୀର ଅସୁସ୍ଥ ହୁଏ କିଏ ଉତ୍ତର ଦାୟୀ ରହିବ ବୋଲି ଅଭିଭାବକମାନେ ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ, ଜାନୁୟାରୀ ମାସରେ ମହାକାଳପଡ଼ା ବ୍ଲକର ୩୧ଟି ପଞ୍ଚାୟତରେ ୧୪୫ ଶିଶୁ ଅପପୁଷ୍ଟି (କୁପୋଷଣ)ର ଶିକାର ହୋଇଥିବା ଜଣାପଡ଼ିଥିଲା। ପରେ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇବାରୁ ମେ' ସୁଦ୍ଧା ଏହା ଖସି ଆସି ୩୬ରେ ପହଞ୍ଚିଛି। ତେବେ ଅତିଶୟ କୁପୋଷଣର ଶିକାର ହୋଇଥିବା ଶିଶୁମାନଙ୍କୁ ବର୍ଦ୍ଧିତ ଛତୁଆ ଯୋଗାଣ ଦାୟିତ୍ୱ ଜିଲାର ଏକ ସ୍ୱୟଂ ସହାୟକ ଗୋଷ୍ଠୀ ନେଇ ଯୋଗାଉଛି। ବଡ଼ ଦୁଃଖର ବିଷୟ, କୋମଳମତି ଶିଶୁମାନଙ୍କୁ ଯୋଗାଇ ଦିଆଯାଉଥିବା ବର୍ଦ୍ଧିତ ଛତୁଆ ୧୦୦ ଗ୍ରାମ ପ୍ୟାକେଟକୁ ଫୁଟା ପାଣି କିମ୍ୱା କ୍ଷୀର ମିଶାଇ ଅର୍ଦ୍ଧ ତରଳ ମଣ୍ଡ ପ୍ରସ୍ତୁତ କରାଯିବା ପରେ ଶିଶୁଙ୍କୁ ଦିଆଯାଇଥାଏ। ଏହି ଛତୁଆ ପ୍ୟାକେଟ ଖୋଲାଯିବାର ଏକ ଘଣ୍ଟା ମଧ୍ୟରେ ବ୍ୟବହାର କରିବା ଉଚିତ ବୋଲି ପ୍ୟାକେଟରେ ଉଲ୍ଲେଖ ରହିଛି। ଏହା ଏକ ମାସ ମଧ୍ୟରେ ଖାଇବା ଦରକାର ବୋଲି ଲେଖାଯାଇଛି। ତେବେ ଛତୁଆ ପ୍ରସ୍ତୁତକାରୀ ସଂସ୍ଥା ପ୍ୟାକେଟିଂ କଲା ବେଳେ କିପରି ପ୍ରସ୍ତୁତି ତାରିଖ ଓ ଅବଧି ଶେଷ ତାରିଖ ଲେଖାଗଲା ନାହିଁ ବୋଲି ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ବ୍ଲକରେ ଶିଶୁମାନଙ୍କ ପାଇଁ ଛତୁଆ ପ୍ରସ୍ତୁତ କରୁଥିବା ସଂସ୍ଥାଗୁଡ଼ିକ ବିଭାଗ ପକ୍ଷରୁ ପ୍ରତି ମାସରେ ଛତୁଆ ପ୍ରସ୍ତୁତ ହେଉଥିବା ସମୟରେ ମାନ ନିର୍ଦ୍ଧାରଣ କରିବାକୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ କ୍ଷେତ୍ର ପରିଦର୍ଶନ କରି ଭିଡିଓ କ୍ଲିପିଂ କରିବାର ବ୍ୟବସ୍ଥା ଥିଲେ ମଧ୍ୟ ତାହା କରିବାରେ ବିଭାଗ ବିଫଳ ହେଉଛି ବୋଲି ବୁଦ୍ଧିଜୀବୀମାନେ ପ୍ରଶ୍ନ ଉଠାଇଛନ୍ତି। ଅବଧି ନ ଥିବା ବର୍ଦ୍ଧିତ ଛତୁଆ ଖାଇ ଯଦି ଶିଶୁଙ୍କ କିଛି କ୍ଷତି ହୁଏ, ଏଥିପାଇଁ କିଏ ଉତ୍ତରଦାୟୀ ରହିବ ବୋଲି ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବ୍ଲକ ଶିଶୁ ବିକାଶ ଅଧିକାରିଣୀ କବିତା ମଲ୍ଲିକଙ୍କୁ ପଚାରିବାରେ ବିଭାଗ ପକ୍ଷରୁ ପ୍ରତ୍ୟେକ କେନ୍ଦ୍ରକୁ ପରିଦର୍ଶନ କରାଯାଉଛି। ଶିଶୁମାନଙ୍କର ଓଜନ ମାପ କରାଯିବା ସହ ପୁଷ୍ଟିକର ଖାଦ୍ୟ ଯୋଗାଇ ଦିଆଯାଉଛି। ସଚେତନ କରାଯିବା ଯୋଗୁ ପୂର୍ବ ଅପେକ୍ଷା କୁପୋଷଣର ଶିକାର ହୋଇଥିବା ଶିଶୁଙ୍କ ହାର ହ୍ରାସ ପାଇଛି। ହେଲେ ବର୍ଦ୍ଧିତ ଛତୁଆ ପ୍ରସ୍ତୁତ ତାରିଖ ବିଷୟରେ ସେ କୌଣସି ଉତ୍ତର ଦେଇ ନ ଥିଲେ। ଏ ସମ୍ପର୍କରେ ସ୍ଥାନୀୟ ଲୋକେ ଜିଲାପାଳ ଅମୃତ ଋତୁରାଜଙ୍କ ଦୃଷ୍ଟି ଆକର୍ଷଣ କରିଥିବା କହିଛନ୍ତି।

# କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ମୁଖରେ କର୍ମଚାରୀଙ୍କ ଆନ୍ଦୋଳନ



ଆନ୍ଦୋଳନରେ ସାମିଲ ହୋଇଥିବା ସମବାୟ କର୍ମଚାରୀମାନେ।

**ରାଜନଗର, ୧୬(ଡି.ଏନ.ଏ.)**

ରାଜନଗର ବ୍ଲକର ୧୪ଟି ପ୍ରାଥମିକ କୃଷି ସେବା ସମବାୟ ସମିତି କାର୍ଯ୍ୟାଳୟରେ ଗୁରୁବାରଠାରୁ ତାଲା ଝୁଲୁଛି। କାର୍ଯ୍ୟାଳୟରେ ତାଲା ପକାଇ କମିଟିର ସମ୍ପାଦକ ଓ କର୍ମଚାରୀମାନେ କଳାବ୍ୟାଜ ପିନ୍ଧି ଆନ୍ଦୋଳନକୁ ଓହ୍ଲାଇଛନ୍ତି। ୧୪ଟି ସେବା ସମବାୟ ସମିତିର ସମ୍ପାଦକ ଓ କର୍ମଚାରୀମାନେ ରାଜନଗରସ୍ଥିତ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ମୁଖରେ ଧାରଣାରେ ବସିଥିଲେ। ସମସ୍ତ ବର୍ଗର କର୍ମଚାରୀମାନଙ୍କୁ ସରକାରୀ କ୍ୟାଡରଭୁକ୍ତ କରିବା, କର୍ମଚାରୀମାନଙ୍କ ନିମନ୍ତେ ସପ୍ତମ ବେତନ ଲାଗୁ କରିବା, ସରକାରୀ ବଜେଟରେ କର୍ମଚାରୀଙ୍କ ପାଇଁ ୩ ଶହ କୋଟି ଟଙ୍କାର ବ୍ୟୟ ବରାଦ କରିବା ସହ ସୁଧ ରିହାତି ଅର୍ଥ ଟଙ୍କା ତୁରନ୍ତ ସମିତିର ସଞ୍ଚୟ ଖାତାରେ ପୈଠ କରିବା ଆଦି ଦାବି ନେଇ ସମବାୟ କର୍ମଚାରୀମାନେ ଆନ୍ଦୋଳନ କରୁଛନ୍ତି। ୯ ତାରିଖରେ ବିଧାନସଭା ଆଗରେ ଧାରଣା ଓ ବିକ୍ଷୋଭ କରିବାର କାର୍ଯ୍ୟକ୍ରମ ରହିଛି। ସମବାୟ ସଂଘର ସଭାପତି ନୀଳମଣି ପ୍ରଧାନ, ସମ୍ପାଦକ ଗୋବିନ୍ଦ ଜେନା, ସତ୍ୟନାରାୟଣ ନାୟକ, ଅମର କୁମାର ବଳ, ଯୋଗେନ୍ଦ୍ର ବାରିକ, କ୍ଷେତ୍ରବାସୀ ରାଉତ, ସୁକାନ୍ତ ବେହେରା, ଜ୍ଞାନ ରଞ୍ଜନ ନାୟକ, ପ୍ରକାଶ କୁମାର ଜେନା, ଅଲେଖ ବେହେରା, ସୁବ୍ରତ ପ୍ରଧାନ, ସାଗର ରଞ୍ଜନ କବି, ଯାଦବାନନ୍ଦ ପ୍ରଧାନ, ଦିଲୀପ ଦାସ, ପ୍ରେମାନନ୍ଦ ସାହୁ ପ୍ରମୁଖ କଳାବ୍ୟାଜ ପିନ୍ଧି ବ୍ୟାଙ୍କ ସମ୍ମୁଖରେ ଧାରଣାରେ ବସିଥିଲେ।

# ଶୀଘ୍ର ପ୍ରକଳ୍ପ କାମ ଶେଷ କରିବାକୁ ନିର୍ଦ୍ଦେଶ



ବୈଠକରେ ପ୍ରଶାସନିକ ଅଧିକାରୀ, ବିଧାୟକ ଧ୍ରୁବ ସାହୁ ଓ ଅନ୍ୟମାନେ।

**ରାଜନଗର, ୧୬(ଡି.ଏନ.ଏ.)**

**ରାଜନଗର ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକ**

ରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟିର ପ୍ରଥମ ବୈଠକ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ଜିଲାରେ ବିଧାନସଭା ନିର୍ବାଚନ ମଣ୍ଡଳୀ ସ୍ତରୀୟ ଉନ୍ନୟନ କମିଟିର ବୈଠକ ପ୍ରଥମଥର ପାଇଁ ବସିଥିଲା। ରାଜନଗର ବିଧାୟକ ଧ୍ରୁବ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ରାଜନଗର ବିଧାନସଭା କ୍ଷେତ୍ରରେ ଚାଲିଥିବା ବିଭିନ୍ନ ପ୍ରକଳ୍ପର କାମ କେଉଁ ସ୍ତରରେ ରହିଛି ଏବଂ ଏହି ପ୍ରକଳ୍ପଗୁଡ଼ିକ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଯୁଦ୍ଧକାଳୀନ ଭିତ୍ତିରେ ସାରିବାକୁ ବିଧାୟକ ସାହୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ବୈଠକରେ ୪୦୦ କୋଟି ଟଙ୍କା ବ୍ୟୟରେ ମେଗା ପାନୀୟଜଳ ପ୍ରକଳ୍ପ, ୨୨କୋଟି ୫୨ ଲକ୍ଷ ଟଙ୍କା ବ୍ୟୟରେ ସାତଭାୟା ଥଇଥାନ ପ୍ରକଳ୍ପ, ୪୦ କୋଟି ଟଙ୍କା ବ୍ୟୟରେ ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ହସ୍ପିଟାଲର ଉନ୍ନତୀକରଣ ପ୍ରକଳ୍ପ, ପଟ୍ଟାମୁଣ୍ଡାଇ ନୂତନ ବାଇପାସ୍ ରାସ୍ତା ନିର୍ମାଣ ପ୍ରକଳ୍ପ, କଚେରୀ ପୋଖରୀ ପୁନରୁଦ୍ଧାର ଓ ସ୍ମାର୍ଟ ଶ୍ମଶାନ ପ୍ରକଳ୍ପ, ନଳିତାପାଟିଆ-ତାଳଚୁଆ ରାସ୍ତା, ବ୍ରାହ୍ମଣୀ ନଦୀରେ ଦକ୍ଷିଣଭେଡା ଓ ରାଜପୁର ନିକଟରେ ପଥରପ୍ୟାକିଂ ପ୍ରକଳ୍ପ, ଡାଙ୍ଗମାଳ-ଡାଲଖାଇ ରାସ୍ତାର ନିର୍ମାଣ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରି ସମସ୍ତ ପ୍ରକଳ୍ପ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ବର୍ଷାଋତୁ ପୂର୍ବରୁ ସମସ୍ତ ନଦୀବନ୍ଧ ଓ ଲୁଣା ଘେରିବନ୍ଧ ସୁରକ୍ଷା ପାଇଁ ସୁଦୃଢ଼ କରିବାକୁ ନିର୍ଦ୍ଦେଶ ଦେବା ସହ ପଟ୍ଟାମୁଣ୍ଡାଇ ଏବଂ ରାଜନଗର ବ୍ଲକରେ ଥିବା ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ଡାକ୍ତର ନିଯୁକ୍ତି ଦେବାକୁ ସିଡିଏମ୍‌ଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ଗସ୍ତ ପରେ ପଟ୍ଟାମୁଣ୍ଡାଇ ଓ ରାଜନଗର ଅଞ୍ଚଳର ଉଚ୍ଚ ଶିକ୍ଷାନୁଷ୍ଠାନ ଓ ଦେବାଳୟ ଉନ୍ନତୀକରଣ ପାଇଁ ସରକାର ମଞ୍ଜୁର କରିଥିବା ଅନୁଦାନର କାର୍ଯ୍ୟ ଶୀଘ୍ର ଆରମ୍ଭ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ବିଧାୟକ କହିଥିଲେ। ବୈଠକରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ତଥା ଏହି କମିଟିର ଆବାହକ ରାଜେନ୍ଦ୍ର କୁମାର ପଣ୍ଡା, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ରାଜନଗର ବ୍ଲକ ଅଧ୍ୟକ୍ଷା ପ୍ରତିଭା ପାତ୍ର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ, କେନ୍ଦ୍ରାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଜନ-୨ ନିର୍ବାହୀଯନ୍ତ୍ରୀ, କେନ୍ଦ୍ରାପଡ଼ା ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ, କେନ୍ଦ୍ରାପଡ଼ା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ନିର୍ବାହୀଯନ୍ତ୍ରୀ, ଆଳି ତଟବନ୍ଧ ବିଭାଗ ନିର୍ବାହୀ ଯନ୍ତ୍ରୀ, କେନ୍ଦ୍ରାପଡ଼ା ଡ୍ରେନେଜ ବିଭାଗ ନିର୍ବାହୀ ଯନ୍ତ୍ରୀ ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀ, ଜିଲା ଯୋଗାଣ ଅଧିକାରୀ, ଜିଲା ପର୍ଯ୍ୟଟନ ଅଧିକାରୀ, ଜିଲା ସମାଜ କଲ୍ୟାଣ ଅଧିକାରୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ, ଜିଲା ଶିକ୍ଷା ଅଧିକାରୀ, ଜିଲା ପ୍ରାଣୀ ସମ୍ପଦ ଅଧିକାରୀ, ଜିଲା ସଂସ୍କୃତି ଅଧିକାରୀ, ଜିଲା ପ୍ରକଳ୍ପ ସଂଯୋଜକ ମିଶନ ଶକ୍ତି, କୃଷି ବିଭାଗ ଉପନିର୍ଦ୍ଦେଶକ, ଉଦ୍ୟାନ କୃଷି ବିଭାଗ ଉପନିର୍ଦ୍ଦେଶକ, ମୃତ୍ତିକା ସଂରକ୍ଷଣ ଅଧିକାରୀ, ପଟ୍ଟାମୁଣ୍ଡାଇ ବିଡିଓ, ରାଜନଗର ବିଡିଓ, ପଟ୍ଟାମୁଣ୍ଡାଇ ପୌର ନିର୍ବାହୀ ଅଧିକାରୀ, ପଟ୍ଟାମୁଣ୍ଡାଇ ତହସିଲଦାର ଓ ରାଜନଗର ତହସିଲଦାର, ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ, ପଟ୍ଟାମୁଣ୍ଡାଇ ଓ ରାଜନଗର ବ୍ଲକ ଶିକ୍ଷାଧିକାରୀ ପ୍ରମୁଖ ବହୁ ଜିଲା ଓ ବ୍ଲକସ୍ତରୀୟ ଉଚ୍ଚ ପଦସ୍ଥ ସରକାରୀ ପଦାଧିକାରୀ ଯୋଗ ଦେଇଥିଲେ।

## ସତ୍ୟ ମହିମା ଆଶ୍ରମରେ ବ୍ରହ୍ମଧୁନି ସ୍ଥାପନ

**ବିରିଡି,୧୬ (ଡି.ଏନ୍.ଏ.)**

ବିରିଡି ବ୍ଲକ ଅନ୍ତର୍ଗତ ଅଢ଼ଙ୍ଗଗଡ ସତ୍ୟ ମହିମା ଆଶ୍ରମରେ ମଙ୍ଗଳବାର ସନ୍ଧ୍ୟାରେ ବ୍ରହ୍ମଧୁନି ସ୍ଥାପନ କରାଯାଇ ବୁଧବାର ପୂର୍ଣ୍ଣାହୁତି ଦିଆଯାଇଛି। ଏଥିରେ ବାବା ଅରୂପ ଦାସ, ସନ୍ନ୍ୟାସୀ ବାବା, ସାଧୁକୃଷ୍ଣ ଦାସ, ସାଧୁ ମନୋରଞ୍ଜନ ଦାସ, ବାବା ସୁଶାନ୍ତ ଦାସ ପ୍ରମୁଖ ଯୋଗଦେଇ ଘୃତାହୁତି ପ୍ରଦାନ କରିବା ସହ ରାତିସାରା ପ୍ରଭୁଙ୍କ ନାମ ଭଜନ ସମବେତ ପ୍ରାର୍ଥନା କରାଯାଇଥିଲା। ମହିମା ଧର୍ମରେ ନିଷ୍କାମ ମାର୍ଗରେ ରହି ସାଧନା କଲେ ପ୍ରଭୁ କୃପା ଲାଭ ହୁଏ ବୋଲି ଏହି ଅବସରରେ ସାଧୁ ଓ ବାବାମାନେ ପରାମର୍ଶ ଦେଇଥିଲେ। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମକୁ ମହିମା ଧର୍ମୀ ସର୍ବେଶ୍ୱର ବେହେରା ଓ ଗ୍ରାମବାସୀ ପରିଚାଳନା କରିଥିଲେ।

## ସ୍ତମ୍ଭକାର ନିରଞ୍ଜନଙ୍କ ପୁସ୍ତକ ସିକିମ୍ ଅନୁଭୂତି ଉନ୍ମୋଚିତ



ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପୁସ୍ତକ ଉନ୍ମୋଚନ କରୁଛନ୍ତି।

**ରାଜନଗର, ୧୬ (ଡି.ଏନ.ଏ.)**

ରାଜନଗର ବ୍ଲକ କୁରୁଣ୍ଟି ଗ୍ରାମର ବିଶିଷ୍ଟ ସ୍ତମ୍ଭକାର ନିରଞ୍ଜନ ଶତପଥୀଙ୍କ ଲିଖିତ ସିକିମ୍ ଅନୁଭୂତି ପୁସ୍ତକ ଗୁରୁବାର ଉନ୍ମୋଚିତ ହୋଇଯାଇଛି। ଭୁବନେଶ୍ୱର ରାଜ୍ୟପାଳ ଭବନରେ ମହାମହିମ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏହି ପୁସ୍ତକକୁ ଉନ୍ମୋଚନ କରିଛନ୍ତି। ଉନ୍ମୋଚନ ଉତ୍ସବରେ ଲେଖକ ଶତପଥୀ, ପ୍ରବୀଣ ସାହିତ୍ୟିକ ପଣ୍ଡିତ ପ୍ରବୋଧ କୁମାର ମିଶ୍ର, ରାଜ୍ୟପାଳଙ୍କ ଲୋକ ସମ୍ପର୍କ ଅଧିକାରୀ କବି ରକ୍ଷକ ନାୟକ, କେନ୍ଦ୍ରୀୟ ଜଳ ଆୟୋଗର ଅଧିକାରୀ ଭରତ ଚନ୍ଦ୍ର ବାରିକ, ଶତପଥୀଙ୍କ ପତ୍ନୀ ମନୋରମା ପ୍ରମୁଖ ଉପସ୍ଥିତ ଥିଲେ। ସ୍ତମ୍ଭକାର ଶତପଥୀଙ୍କ ପୂର୍ବରୁ ଜିଜ୍ଞାସା ଓ ସମ୍ୟକ ୨ଟି ପୁସ୍ତକ ପ୍ରକାଶିତ ହୋଇଛି।

## କୋଇଲା ବୋଝେଇ ଟ୍ରକ୍ ଚୋରି ଅଭିଯୋଗ: ୫ ଗିରଫ



**ରାଜକନିକା,୧୬(ଡି.ଏନ୍.ଏ.)**

କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା ଅଞ୍ଚଳରୁ ଏକ କୋଇଲା ବୋଝେଇ ଟ୍ରକ୍ ଚୋରି ଅଭିଯୋଗରେ ପୋଲିସ କୋଠସାହି ଗ୍ରାମର ୫ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ସୂଚନା ମୁତାବକ, ମେ ୨୯ ବିଳମ୍ବିତ ରାତ୍ରିରେ କଟକ ମଙ୍ଗୁଳିରୁ ଏକ କୋଇଲା ବୋଝଇ ଟ୍ରକ୍ ନଂ. ଓଆର ୦୯ କେ ୪୮୮୫ ରାଜକନିକାର ନହୁଲିଆ ଛକ ନିକଟରେ ଜଣେ ଯୁବକଙ୍କୁ ସିକୋ ଗ୍ରାମକୁ ଯିବାକୁ ରାସ୍ତା ପଚାରି ଥିଲେ। ଯୁବକ ଜଣକ ତାଙ୍କ ଆଉ ୪ ସାଥୀଙ୍କୁ ଡକାଇ ଥିଲେ। ୫ ଜଣ ମିଶି ଟ୍ରକ୍ ଡ୍ରାଇଭର ତପନ କୁମାର ଓଝାଙ୍କୁ ଆମ ଗାଡ଼ି ପଛେ ପଛେ ଆସ କହି କୋରନ୍ଦ ପଞ୍ଚାୟତର ହଟିଆପଡା ଗାଁ ପାଖ ନିଛାଟିଆ ରାସ୍ତାରେ ଅଟକାଇଥିଲେ। ସେଠାରେ ଡ୍ରାଇଭରଙ୍କୁ ନିସ୍ଥୁକ ମାଡ଼ ମାରି ତାଙ୍କ ପାଖରେ ଥିବା ଟଙ୍କା ଓ ମୋବାଇଲ ଫୋନକୁ ଛଡ଼ାଇ ନେଇଯିବା ପରେ ଟ୍ରକ୍‌କୁ କେଉଁଆଡେ ନେଇ ଫେରାର ହୋଇଯାଇଥିଲେ। ଚୋରିର ଶିକାର ହୋଇଥିବା ଟ୍ରକ୍ ଡ୍ରାଇଭର ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରେ ଅଭିଯୋଗକୁ ଆଧାର କରି ପୋଲିସ ୩୦ତାରିଖ ରାତ୍ରିରେ ଚୋରି ଘଟଣାରେ ସମ୍ପୃକ୍ତ ଥିବା ୫ ଅଭିଯୁକ୍ତ ଅକ୍ଷୟ ସାହୁ, ସୁଧୀର ବେହେରା, ଅଜୟ ମଳିକ, ହୃଦାନନ୍ଦ ନାୟକ ଓ ସୁଶାନ୍ତ ବିଶ୍ୱାଳଙ୍କୁ ଗିରଫ କରି ନଂ. ୩୩୬/୨୩ରେ ମାମଲା ରୁଜୁ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନଙ୍କ ନିକଟରୁ ଚୋରି ହୋଇଥିବା ଟଙ୍କା, ମୋବାଇଲ ଫୋନ ଓ ଟ୍ରକ୍‌କୁ ପୋଲିସ ଜବତ କରିଥିବା ଆଇଆଇସି ବିଲ୍ଲମଙ୍ଗଳ ସେଠୀ ସୂଚନା ଦେଇଛନ୍ତି।

## କୈବର୍ତ୍ତ ସମାଜର ଐତିହ୍ୟ ବଜାୟ ରଖିବାକୁ ଆହ୍ୱାନ




କୈବର୍ତ୍ତ ସମାଜ ବୈଠକରେ ଉପସ୍ଥିତ ଅତିଥିମାନେ।

**କେନ୍ଦ୍ରାପଡ଼ା ଅଫିସ,୧୬**

**ମା' ଲକ୍ଷ୍ମୀମନ୍ଦିରର ବାର୍ଷିକୋତ୍ସବ**

କେନ୍ଦ୍ରାପଡ଼ା ସହର ଇଚ୍ଛାପୁରସ୍ଥ ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବଜୀଉ ମନ୍ଦିର ପରିସରରେ ଥିବା ମା' ଲକ୍ଷ୍ମୀ ମନ୍ଦିରର ୧୪ତମ ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମାହାଲ ପଣ୍ଡା ନୃସିଂହ ପ୍ରସାଦ ପତ୍ରୀଙ୍କ ଦ୍ୱାରା ମା'ଙ୍କ ପୂଜାର୍ଚ୍ଚନା ପରେ ମାଉସୀ ମା' ମନ୍ଦିରରେ ଏହି ଅବସରରେ କୈବର୍ତ୍ତ ସମାଜର ସମାରୋହ ଅନୁଷ୍ଠିତ ହୋଇଥିଲା। ଜିଲା ସଭାପତି ଡ. ଲକ୍ଷ୍ମଣ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ କୈବର୍ତ୍ତ ସାମାଜର ଐତିହ୍ୟ ବଜାୟ ରଖାଯିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଏଥିରେ କୈଳାସ ଚନ୍ଦ୍ର ବେହେରା, ଶିକ୍ଷାବିତ୍ ଆଶୋକ କୁମାର ବେହେରା, କୁଳମଣୀ ବେହେରା, ସୁରେନ୍ଦ୍ରନାଥ ବେହେରା, ଭାରତୀ ଦଳେଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ କହିଥିଲେ, କୈବର୍ତ୍ତ ସମାଜର ଇତିହାସ ରାମାୟଣ ଯୁଗରୁ ଅଛି। କେନ୍ଦ୍ରାପଡ଼ା ଜିଲାର ନୌବାଣିଜ୍ୟ ପରମ୍ପରାରେ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ଏହି ଶୃଙ୍ଖଳା ଭାବ ପାଇଁ ମନ୍ଦିର ପରିସରରେ ମା' ଲକ୍ଷ୍ମୀଙ୍କ ମନ୍ଦିର ପ୍ରତିଷ୍ଠା ସମ୍ଭବ ହୋଇପାରିଛି। ଆଗାମୀ ଦିନରେ ଏହାର ଐତିହ୍ୟ ବଜାୟ ରଖିବାକୁ ହେବ ବୋଲି ସେମାନେ କହିଥିଲେ। ଦିଲୀପ କୁମାର ମହାପାତ୍ର, ଦିଲୀପ ବେହେରା, ବିଜୟ ବେହେରା, ଅଜୟ ଚୌଧୁରୀ, ସଚ୍ଚିଦାନନ୍ଦ ବେହେରା ପ୍ରମୁଖ ଏହି ସମାରୋହକୁ ପରିଚାଳନା କରିଥିଲେ।

# ସମବାୟ ବିଭାଗ ନିର୍ଦ୍ଦେଶନାମାକୁ ଉଲ୍ଲଂଘନ

**ଡେରାବିଶ,୧୬ (ସ୍ୱ.ପ୍ର.)**

**ସମବାୟ ସମିତି ଗଠନରେ ସହକାରୀ ନିବନ୍ଧକଙ୍କ ଚଞ୍ଚକତା**

କୃଷି ଓ କୃଷକଙ୍କ ଉନ୍ନତୀକରଣ ସହ ସମବାୟ ଆନ୍ଦୋଳନକୁ ପ୍ରତ୍ୟେକ ଚାଷୀଙ୍କ ନିକଟରେ ପହଞ୍ଚାଇବା ଲକ୍ଷ୍ୟ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ପଞ୍ଚାୟତରେ କୃଷି ସମବାୟ ସମିତି ଗଠନ କରିବାକୁ ଯୋଜନା ପ୍ରଣୟନ କରାଯାଇଛି। ମାତ୍ର କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଅଞ୍ଚଳରେ ନୂତନ ସମବାୟ ସମିତି ଗଠନକୁ ନେଇ ଜିଲା ସହକାରୀ ସମବାୟ ନିବନ୍ଧକ ମନମାନି କରୁଛନ୍ତି। ଡେରାବିଶ ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତରେ ନୂତନ ଭାବେ ଗଠନ ହେବାକୁ ଥିବା ସମବାୟ ସମିତି ପାଇଁ ଜିଲା ସହକାରୀ ନିବନ୍ଧକଙ୍କ ଚଞ୍ଚକତା ଓ ପ୍ରିୟାପ୍ରୀତି ତୋଷଣକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏ ବିଷୟରେ ଲକ୍ଷ୍ମୀନାରାୟଣପୁର ସରପଞ୍ଚ ଅରକ୍ଷିତ କାଣ୍ଡି, ସମିତି ସଭ୍ୟ ଫନୀନ୍ଦ୍ର ବେହେରାଙ୍କ ନେତୃତ୍ୱରେ ପଞ୍ଚାୟତର ବହୁ ସଂଖ୍ୟାରେ ଚାଷୀ ମଙ୍ଗଳବାର ଜିଲାପାଳଙ୍କୁ ଭେଟି ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଏଥିସହ ଏହି ଅଭିଯୋଗର ନକଲ ରାଜ୍ୟ ସମବାୟ ନିବନ୍ଧକ ଓ ଜିଲା ସହକାରୀ ନିବନ୍ଧକଙ୍କୁ ମଧ୍ୟ ପ୍ରଦାନ କରାଯାଇଛି।

ଅଭିଯୋଗ ଅନୁଯାୟୀ, ବ୍ଲକ ଅଧୀନ ଗୋଲରାହାଟ ପ୍ରାଥମିକ କୃଷି ସମବାୟ ସମିତି ଅଧୀନରେ ଗୋଲରାହାଟ, ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ରହିଛି। ସରକାରଙ୍କ ନୂଆ ନିୟମ ଅନୁଯାୟୀ, ଲକ୍ଷ୍ମୀନାରାୟଣପୁରରେ ନୂତନ ପ୍ରାଥମିକ କୃଷି ସମବାୟ ସମିତି ଖୋଲିବାକୁ ଚଳିତବର୍ଷ ମାର୍ଚ୍ଚ ୩୦ରେ ପଞ୍ଚାୟତର ଚାଷୀ ଓ ମହିଳାଙ୍କ ସହ ୮୦ ଜଣ ସଦସ୍ୟାସଦସ୍ୟ ଏକ ସମିତି ଗଠନ କରି କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଚାନ୍ଦୋଳ ଶାଖାରେ ୮ ହଜାର ଟଙ୍କାର ଅଂଶଧନ ଓ ୨ ହଜାର ଟଙ୍କାର ଟ୍ରେଜେରି ଚାଲାଣ କରାଯାଇ ଏହାର ସମସ୍ତ କାଗଜାତ ଜିଲା ସହକାରୀ ସମବାୟ ନିବନ୍ଧକଙ୍କ ନିକଟରେ ଦାଖଲ କରାଯାଇଥିଲା। ଦାଖଲ ହେବାର କିଛିଦିନ ପରେ ପଞ୍ଚାୟତର କେତେଜଣ ବ୍ୟକ୍ତି ଚଞ୍ଚକତା କରି ଲୋକଙ୍କ ବେନାମୀ ଦସ୍ତଖତ କରି ସମବାୟ ନିବନ୍ଧକଙ୍କ ନିକଟରେ ସମବାୟ ସମିତି ଗଠନ ନିମନ୍ତେ ଦାବିପତ୍ର ଦାଖଲ କରିଥିଲେ। ନୂତନ ସମବାୟ ସମିତି ଗଠନ ନିମନ୍ତେ ଆବେଦନ କରିବାର ଶେଷ ତାରିଖ ଥିଲା ଏପ୍ରିଲ ୩୦ ତାରିଖ। ମାତ୍ର ଏହି ନୂତନ ସମିତି ଗଠନ ପାଇଁ ପୂର୍ବରୁ ଦାଖଲ ହୋଇଥିବା ସମସ୍ତ କାଗଜପତ୍ରକୁ ଦେଖି ବିଭାଗୀୟ ନିର୍ଦ୍ଦେଶନାମାକୁ ଉଲ୍ଲଂଘନ କରି ସମବାୟ ନିବନ୍ଧକ ଚଞ୍ଚକତା ପୂର୍ବକ ବହୁ ପଛରେ ଆବେଦନ କରିଥିଲେ। ସମିତିକୁ ପଞ୍ଜୀକରଣ ପାଇଁ ସୁପାରିସ କରିବା ସହକାରୀ ନିବନ୍ଧକଙ୍କ ସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତୁରନ୍ତ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏହାର ନିରପେକ୍ଷ ତଦନ୍ତ କରି ନିର୍ଦ୍ଦେଶନାମା ଅନୁଯାୟୀ କାର୍ଯ୍ୟକାରୀ କରିବାକୁ ସରପଞ୍ଚ କାଣ୍ଡି ଦାବି କରିଥିଲେ। ଏଥିସହ ଆବଶ୍ୟକ ହେଲେ ବିଭାଗୀୟ ନିର୍ଦ୍ଦେଶନାମାକୁ ଉଲ୍ଲଂଘନ କରି ସହକାରୀ ନିବନ୍ଧକଙ୍କ ସୁପାରିସ ପ୍ରତିବାଦରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପଞ୍ଚାୟତବାସୀ ଧାରଣା ଦେବେ ବୋଲି କାଣ୍ଡି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଜିଲା ସହକାରୀ ସମବାୟ ନିବନ୍ଧକ ସନ୍ତୋଷ କୁମାର ଦାସ (୯୦୪୦୬୩୨୯୬୬)ଙ୍କୁ ଫୋନ୍ ଯୋଗାଯୋଗ ବାରମ୍ବାର କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ। ତେବେ ବିଭାଗୀୟ ସହକାରୀ ଉପନିବନ୍ଧକ ମନମୋହନ ରାଉତଙ୍କୁ ପଚାରିବାରେ ନୂତନ ସମବାୟ ସମିତି ଗଠନ ସମ୍ପର୍କରେ ନିଷ୍ପତ୍ତି ନେବାର କେବଳ ସହକାରୀ ନିବନ୍ଧକଙ୍କ ରହିଛି। ଏଭଳି ଅଭିଯୋଗ ସମ୍ପର୍କରେ ସେ ଅବଗତ ନାହାନ୍ତି ବୋଲି ସେ କହିଛନ୍ତି। ବ୍ଲକ ଅଧୀନ ନରସିଂହପୁର ପଞ୍ଚାୟତରେ ଏଣ୍ଡର ପ୍ରାଥମିକ କୃଷି ସମବାୟ ସମିତିର କାର୍ଯ୍ୟାଳୟ ରହିଛି। ସମ୍ପୃକ୍ତ ପଞ୍ଚାୟତରେ ପୁନର୍ବାର ନୂତନ କରି ନରସିଂହପୁର ସମବାୟ ସମିତି ଗଠନ ପାଇଁ ସୁପାରିସ କରି ସହକାରୀ ନିବନ୍ଧକ ବିବାଦୀୟ ହୋଇ ପଡ଼ିଛନ୍ତି।

# ଜେଲ ଗଲେ ଖଣି ଲିଜ୍‌ଧାରୀ ସୁଶାନ୍ତ

**ନୟାଗଡ଼ ଅଫିସ/ରଣପୁର,୧୧୬(ସ୍ୱ.ପ୍ର.)**

- ମାତ୍ରାଧିକ ବେଆଇନ ଖଣି ଖନନ କରି ଫସିଲେ
- ଜିଲାପାଳଙ୍କ ନାଁରେ ଆଣିଥିଲେ ୨୫ ଲକ୍ଷ ଲାଞ୍ଚ ଅଭିଯୋଗ
- ବିଜେଡିର ମୟୂରଝାଲିଆ ପଞ୍ଚାୟତ ସଭାପତି ଥିଲେ
- ଏନ୍‌ଜିଟିଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରୁଛି ପ୍ରଶାସନ
- ୧୧ଅଭିଯୁକ୍ତରୁ ୯ ହାଇକୋର୍ଟରୁ ବେଲ୍ ପାଇଛନ୍ତି

ଏନ୍‌ଜିଟିଙ୍କ ଛାଟ ପରେ ନୟାଗଡ଼ ଜିଲା ରଣପୁର ତହସିଲ ମୟୂରଝାଲିଆ ମୌଜାର ବେଆଇନ ମାଙ୍କଡ଼ା ପଥର ଖଣି ଓ ମୋରମ ଖନନ ମହଙ୍ଗା ସାବ୍ୟସ୍ତ ହୋଇଛି। ବେଆଇନ ଖଣି ଖନନ ଘଟଣାରେ ୬ ରାଜସ୍ୱ କର୍ମଚାରୀ ମେ ୨୫ ତାରିଖରେ ନିଲମ୍ବିତ ପରେ ମେ ୩୧ରେ ଲିଜ୍‌ଧାରୀ ମୟୂରଝାଲିଆ ପଞ୍ଚାୟତ ବିଜେଡି ସଭାପତି ସୁଶାନ୍ତ ବରାଡ ଗିରଫ ହୋଇ ଗୁରୁବାର ଜେଲ ଯାଇଛନ୍ତି। ସୁଶାନ୍ତ ବେଆଇନ ଖଣି ଖନନ କରିଥିବାବେଳେ ଜିଲାପାଳଙ୍କ ନାଁରେ ୨୫ ଲକ୍ଷ ଟଙ୍କା ଲାଞ୍ଚ ଅଭିଯୋଗ ଆଣି ଚର୍ଚ୍ଚାକୁ ଆସିଥିଲେ। ମୟୂରଝାଲିଆ ଖଣି ପ୍ରସଙ୍ଗରେ ୧୧ ଜଣଙ୍କ ନାଁରେ ମାମଲା ହୋଇଥିବାବେଳେ ୯ ଜଣ ହାଇକୋର୍ଟରୁ ବେଲ୍ ଆଣି ସାରିଛନ୍ତି।

ପ୍ରାପ୍ତ ସୂଚନା ଅନୁସାରେ, ମୟୂରଝାଲିଆ ମୌଜାର ୧୬୮୯ ପ୍ଲଟରୁ ୪ ଏକର ମାଙ୍କଡ଼ା ପଥର ଖଣି ପାଇଁ ଚାନ୍ଦପୁର ଥାନା ଚମ୍ପାଗଡ଼ର ସୁଶାନ୍ତ କୁମାର ବରାଡଙ୍କୁ


ସୁଶାନ୍ତ କୁମାର ବରାଡ।

୫ ବର୍ଷିଆ ଲିଜ୍ ସୂତ୍ରରେ ଦିଆଯାଇଥିଲା। ସେହିଭଳି ଅଗ୍ରୱାଲା ଇନଫ୍ରାବିଲ୍ଡ ପ୍ରାଇଭେଟ ଲିମିଟେଡର ନିର୍ଦ୍ଦେଶକ ଶଶାଙ୍କ ଅଗ୍ରୱାଲଙ୍କୁ ସାଧାରଣ ମାଟି ଖନନ ଓ ପରିବହନ ନିମନ୍ତେ ୨ ଏକର ଜମିରୁ ସାମୟିକ ପରମିଟ୍ ଦିଆଯାଇଥିଲା। ସେମାନେ ଉକ୍ତ ପ୍ଲଟ ନିକଟସ୍ଥ ଅନ୍ୟ ଜାଗାରୁ ବେଆଇନ ଭାବେ ମାଙ୍କଡ଼ା ପଥର ଓ ମୋରମ ଚାଲାଣ କରିବା ସହ ଗ୍ରାମ୍ୟ ଜଙ୍ଗଲ ନଷ୍ଟ କରୁଥିଲେ। ଏ ବାବଦରେ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି) କୋଲକାତାଙ୍କ ନିକଟରେ ବଜ୍ରକୋଟର ଦିଲୀପ କୁମାର ସାମନ୍ତରାୟ ଓ ଓସ୍ତପଡ଼ାର ଦୀପକ କୁମାର ରାଉତରାୟ କେସ୍ ନଂ.ଓଏ ୮୩/୨୨ରେ ଅଭିଯୋଗ ଦାଖଲ କରିଥିଲେ। ଅଭିଯୋଗ ପରେ ଏନ୍‌ଜିଟିର ନିର୍ଦ୍ଦେଶ ଅନୁସାରେ, ଖଣି ଯାଞ୍ଚ ହୋଇଥିଲା। ଅନୁମତିଠାରୁ ଅଧିକ ଖଣି ଉତ୍ତୋଳନ କରାଯାଇଥିବା ଯାଞ୍ଚରେ ଜଣାପଡ଼ିବା ପରେ ଖଣି ମାଲିକଙ୍କୁ ଜାନୁୟାରୀ ୧୦ରେ ୨କୋଟି ୮୧ ଲକ୍ଷ ୫୯ ହଜାର ୯୪୫ ଟଙ୍କା ଜରିମାନା ହୋଇଥିଲା। ଜରିମାନା ଏଡ଼ାଇବା ଆଳରେ ୨୫ ଲକ୍ଷ ଲାଞ୍ଚ ଅଭିଯୋଗ ଲିଜଧାରୀ ଆଣିଥିଲେ ବୋଲି ଅଭିଯୋଗ ଉଠିଥିଲା। ଜିଲାପାଳ ରବୀନ୍ଦ୍ର ନାଥ ସାହୁ, ବଜ୍ରକୋଟର ଦିଲୀପ କୁମାର ସାମନ୍ତରାୟ, ଓସ୍ତପଡ଼ାର ଦୀପକ କୁମାର ରାଉତରାୟ ଓ ଚମ୍ପାଗଡ଼ର ଗଣେଶ କୁମାର ମାନ୍ଧତା ୨୫ ଲକ୍ଷ ଲାଞ୍ଚ ମାଗିଥିବା ଅଭିଯୋଗ ହୋଇଥିଲା। ଜାନୁୟାରୀ ୨୬ରେ ଜିଲାପାଳଙ୍କ ଉପସ୍ଥିତିରେ ଉପରୋକ୍ତ ୩ଜଣ ଲିଜଧାରୀ ସୁଶାନ୍ତଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଖଣି ବନ୍ଦ କରାଇ ଦେବାକୁ ଧମକ ଦେଇଥିଲେ ବୋଲି ଅଭିଯୋଗ ହୋଇଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଏପ୍ରିଲ ୧୧ ତାରିଖରେ ଲିଜଧାରୀ ଚମ୍ପାଗଡ଼ର ସୁଶାନ୍ତଙ୍କ ଅଭିଯୋଗକୁ ଭିତ୍ତିକରି ଚାନ୍ଦପୁର ଥାନାରେ ନଂ. ୬୮/୨୩ରେ ମାମଲା ରୁଜୁ ହୋଇଥିଲା। ଅନ୍ୟପକ୍ଷେ ଲିଜଧାରୀ ଆଣିଥିବା ୨୫ ଲକ୍ଷ ଲାଞ୍ଚ ଅଭିଯୋଗକୁ ଏନ୍‌ଜିଟି ଗ୍ରହଣ କରି ନ ଥିଲା। ୨୫ ଲକ୍ଷ ଲାଞ୍ଚ ମାମଲାର ସତ୍ୟତା ନ ଥିବା ଜଣାପଡ଼ିଥିଲା। ତେବେ ୨୦୨୨ ଡିସେମ୍ବର ୬ରେ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଦାଖଲ କରିଥିବା ଜବାବୀ ସତ୍ୟପାଠକୁ ଏନ୍‌ଜିଟି ଗ୍ରହଣ କରି ୨ ଲିଜ୍‌ଧାରୀ ସୁଶାନ୍ତ ଓ ଅଗ୍ରୱାଲା ଇନଫ୍ରାବିଲ୍ଡ ପ୍ରାଇଭେଟ୍ ଲିମିଟେଡର ନିର୍ଦ୍ଦେଶକ ଶଶାଙ୍କଙ୍କ ବିରୋଧରେ ଓଏମ୍‌ଏମ୍‌ସି ରୁଲ ୨୦୧୬ ଧାରା ୫୧ ଅନୁସାରେ ଫୌଜଦାରୀ ମାମଲା ୨ମାସ ମଧ୍ୟରେ ଦାୟର କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ପରିବେଶ କ୍ଷତିପୂରଣ ଭରଣା ସମ୍ପର୍କରେ ହିସାବ କରି ୨ ଲିଜଧାରୀଙ୍କଠାରୁ ୨ମାସ ମଧ୍ୟରେ କ୍ଷତିପୂରଣ ଅସୁଲ କରିବାକୁ ଓଡ଼ିଶାକୁ ନିର୍ଦ୍ଦେଶ ଦେଇଥିଲେ। ପୁଣି ରଣପୁର ତହସିଲର ତତ୍କାଳୀନ ତହସିଲଦାର ଯୁଗଳ କିଶୋର ମିଶ୍ର ଓ ସଞ୍ଜୟ କୁମାର ସାମନ୍ତରାୟ, ଅତିରିକ୍ତ ତହସିଲଦାର ଅଶୋକ କୁମାର ପଟ୍ଟନାୟକ, ୬ ରାଜସ୍ୱ ଅଧିକାରୀଙ୍କ ସମେତ ୯ଜଣଙ୍କ ବିରୋଧରେ ୨ ମାସ ମଧ୍ୟରେ ଫୌଜଧାରୀ ମାମଲା ରୁଜୁ କରିବାକୁ ଜିଲାପାଳ ଓ ରଣପୁର ତହସିଲଦାରଙ୍କୁ ନିର୍ଦ୍ଦେଶ ରହିଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ୨ ଲିଜ୍‌ଧାରୀ, ୬ ରାଜସ୍ୱ କର୍ମଚାରୀ, ରାଜସ୍ୱ ଅଫିସର ଏପରି ୧୧ ଜଣଙ୍କ ନାଁରେ ୩୭୯, ୪୨୦, ୪୬୮, ୧୨ ପିଟିଏସ୍ ଆକ୍ଟ, ୫୧ ଓଏମ୍‌ଏମ୍ ରୁଲରେ ନଂ. ୭୯/୨୩ରେ ମାମଲା ରୁଜୁ ହୋଇଥିଲା। ୬ଜଣ ରାଜସ୍ୱ କର୍ମଚାରୀ ନିଲମ୍ବିତ ହୋଇ ସାରିଛନ୍ତି। ଏ ନେଇ ଏସ୍‌ପି ଅଲେଖ ଚନ୍ଦ୍ର ପହି କୁହନ୍ତି, ୧୧ ଜଣଙ୍କ ନାଁରେ ମାମଲା ହୋଇଥିଲା। ୯ଜଣ ଜାମିନରେ ଅଛନ୍ତି। ୨ ଲିଜଧାରୀଙ୍କ ମଧ୍ୟରୁ ଜଣେ ଗିରଫ ହୋଇଛନ୍ତି। ଆଉ ଜଣଙ୍କୁ ଗିରଫ କରାଯିବାକୁ ଚେଷ୍ଟା ଜାରି ରହିଛି। ଗିରଫ ହୋଇଥିବା ସୁଶାନ୍ତ ବରାଡଙ୍କ ଘର ଉପରେ ଜିଏସ୍‌ଟି ରେଡ କିଛିଦିନ ତଳେ ହୋଇଥିଲା। ଆଇନ ଅନୁସାରେ ପଦକ୍ଷେପ ନିଆଯାଉଛି।

## ସଂକ୍ଷେପରେ

### ୪ଦିନ ପରେ ନଦୀପଠାରୁ ବୃଦ୍ଧାଙ୍କ ମୃତଦେହ ମିଳିଲା

ନୟାଗଡ଼ ଅଫିସ/ନୂଆଗାଁ,୧୧୬(ଡି.ଏନ.ଏ.) ୪ ଦିନ ପରେ ନିଖୋଜ ଥିବା ବୃଦ୍ଧାଙ୍କ ମୃତଦେହ ଗୁରୁବାର ଅପରାହ୍ନରେ ପରିବାର ଲୋକ ଖୋଜାଖୋଜି କରୁଥିବା ବେଳେ ଡାହୁକା ନଦୀ ପଠାରେ ଥିବା ଏକ ଜୁଣ ବୁଦା ମୂଳରୁ ଉଦ୍ଧାର କରିଛନ୍ତି। ସୋମବାର ପୂର୍ବାହ୍ନରେ ନୟାଗଡ଼ ସଦର ଥାନା ଅନ୍ତର୍ଗତ ଖଣ୍ଡୁଗାଁର ସ୍ୱର୍ଗତ ଭିକାରୀ ଦାସଙ୍କ ସ୍ତ୍ରୀ ଲକ୍ଷ୍ମୀ (୮୨) ବାଡ଼ିପଟେ ଥିବା ଡାହୁକା ନଦୀକୁ ଗାଧୋଇବାକୁ ଯାଇଥିଲେ। ଘରକୁ ନ ଫେରିବାରୁ ପରିବାର ପକ୍ଷରୁ ବହୁ ଖୋଜାଖୋଜି କରି ନିରାଶ ହୋଇଥିଲେ। ପରେ ନୟାଗଡ଼ ଅଗ୍ନିଶମ ବାହନୀକୁ ଖବର ଦେଇଥିଲେ। ତୁଳସିପୁର-ମାଳିସାହି ରାସ୍ତାର ଖଣ୍ଡୁଗାଁ ନିକଟ ଡାହୁକା ନଦୀର ପୋଲ ତଳ ଗଣ୍ଡରେ ଅଗ୍ନିଶମ ବାହିନୀ ଦିନତମାମ ଖୋଜାଖୋଜି କରିଥିଲେ। ନିଖୋଜ ହେବାର ୨ ଦିନ ବିତି ଯାଇଥିଲେ ମଧ ବୃଦ୍ଧାଙ୍କ କୌଣସି ସନ୍ଧାନ ମିଳି ନ ଥିବାରୁ ବୃଦ୍ଧାଙ୍କ ପରିବାର ପକ୍ଷରୁ ନୟାଗଡ଼ ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଗୁରୁବାର ଡାହୁକା ନଦୀ ପଠାରୁ ବୃଦ୍ଧାଙ୍କ ମୃତଦେହ ଠାବ ପରେ ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ କରିଥିଲା।

### ଅଙ୍ଗନୱାଡି କେନ୍ଦ୍ର ଛୁଟି ପାଇଁ ନିବେଦନ

ନୟାଗଡ଼ ଅଫିସ,୧୧୬: ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାବେଳେ ସ୍କୁଲ, କଲେଜ ଛୁଟି ରହିଛି। ତେବେ ଅଙ୍ଗନୱାଡି କେନ୍ଦ୍ର ଖୋଲାଯାଇଛି। ଅଙ୍ଗନୱାଡି କେନ୍ଦ୍ର ଛୁଟି ପାଇଁ ହାଇକୋର୍ଟରେ ଭାରତ ବିକାଶ ପରିଷଦର ନୟାଗଡ଼ ଶାଖା। ପକ୍ଷରୁ ଡବ୍ଲୁପିସି ନଂ. ୧୭୨୪୨/୨୩ରେ ରିଟ୍ ହୋଇଥିଲା। ଏହାର ଶୁଣାଣି ଜଷ୍ଟିସ ଭି. ନରସିଂହଙ୍କ ଖଣ୍ଡପୀଠରେ ଗତ ୩୦ରେ ହୋଇଛି। ପ୍ରମୁଖ ଶସନ ସଚିବ, ଶିଶୁ ଓ ମହିଳା ଓ ଶିଶୁ ସଶକ୍ତୀକରଣ ବିଭାଗ ଏ ଦିଗରେ ୨ ସପ୍ତାହ ମଧ୍ୟରେ ପଦକ୍ଷେପ ନେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ବୋଲି ଆବେଦନକାରୀ ନିରଞ୍ଜନ ଦାସ କହିଛନ୍ତି।

### ଶରଣକୁଳରେ ନୂତନ ଥାନା ଅଧିକାରୀ

ଶରଣକୁଳ,୧୧୬(ଡି.ଏନ.ଏ.) : ଗୁରୁବାର ଶରଣକୁଳ ଥାନାରେ ଥାନାଧିକାରୀ ଭାବେ ପୁଷ୍ପଲତା ବେହେରା ଯୋଗଦେଇ କାର୍ଯ୍ୟ ଭାର ଗ୍ରହଣ କରିଛନ୍ତି। ବେହେରା ଏହା ପୂର୍ବରୁ ନୂଆଗାଁ ଥାନାରେ କାର୍ଯ୍ୟ କରୁଥିଲେ। ଦାୟିତ୍ୱ ଗ୍ରହଣ ପରେ ଶ୍ରୀଲଡୁବାବାଙ୍କୁ ଦର୍ଶନ କରିବା ସହ ଶରଣକୁଳ ଅଞ୍ଚଳରେ ବୃଦ୍ଧି ପାଇଥିବା ଚୋରି, ଡକାୟତି, ନିଶା କାରବାର, ରାହାଜାନି, ମହିଳାମାନଙ୍କୁ ନ୍ୟାୟ ପ୍ରଦାନ ଉପରେ ବିଶେଷ ଦୃଷ୍ଟି ଦେବା ସହ ଜନସାଧାରଣଙ୍କ ସହ ସୁସମ୍ପର୍କ ରଖିବାକୁ ପ୍ରାଥମିକତା ଦେବେ ବୋଲି ବେହେରା କହିଛନ୍ତି।

### ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ, ଯୁବକ ଗିରଫ

ବ୍ରହ୍ମପୁର ଅଫିସ,୧୧୬: ଜଣେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ବୈଦ୍ୟନାଥପୁର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଖଲ୍ଲିକୋଟ ଥାନା ଅନ୍ତର୍ଗତ ବିକ୍ରମପୁରର ଦୀପକ ପାହାନ(୨୨)। ତାଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ଦୀପକଙ୍କର ଜଣେ ନାବାଳିକାଙ୍କ ସହ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଗତ କିଛିଦିନ ପୂର୍ବେ ନାବାଳିକା ତାଙ୍କ ସମ୍ପର୍କୀୟଙ୍କ ଘରେ ଥିବା ଜାଣି ଦୀପକ ତାଙ୍କୁ ପ୍ରଲୋଭିତ କରି ବଳାତ୍କାର କରିଥିଲେ। ନାବାଳିକା ଏ ସମ୍ପର୍କରେ ତାଙ୍କ ମା'ଙ୍କୁ କହିଥିଲେ। ପିଡ଼ିତାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା।

# ବଡ଼ଶିଲିଙ୍ଗାକୁ ବସ୍ ଗଡ଼ିଲା



ବସ୍ ଚଳାଚଳ ପାଇଁ ବଡ଼ଶିଲିଙ୍ଗା ପଞ୍ଚାୟତବାସୀ ଛାମୁଣ୍ଡିଆ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀଙ୍କୁ ଦାବିପତ୍ର ଦେଉଛନ୍ତି।

**ଗଣିଆ,୧୧୬(ଡି.ଏନ୍.ଏ.)**

ନୟାଗଡ ଜିଲା ସୀମାନ୍ତ ତଥା ଗଣିଆ ବ୍ଲକର ଆଦିବାସୀ ପ୍ରବଣ ବଣଜଙ୍ଗଲ ଘେରା ବଡ଼ଶିଲିଙ୍ଗା ପଞ୍ଚାୟତକୁ ଗୁରୁବାର ଅପରାହ୍ନରେ ଏକ ଘରୋଇ ବସ୍ ପ୍ରଥମ ଥର ପାଇଁ ଯାଇଛି। ଏହି ଅଞ୍ଚଳରେ ବସ୍ ଚଳାଚଳ ପାଇଁ ଦୀର୍ଘଦିନ ହେବ ଦାବି ହୋଇଆସୁଥିଲା। ମାତ୍ର ଏହା ବାଇଶିପଲ୍ଲୀ ଅଭୟାରଣ୍ୟ ମଧ୍ୟରେ ହୋଇଥିବାରୁ ବନ୍ୟପ୍ରାଣୀ ବିଭାଗ ତରଫରୁ ଯାତ୍ରୀବାହୀ ବସ୍ ଯାତାୟାତ ପାଇଁ ବାରଣ ହୋଇ ଆସୁଥିଲା। ଏ ନେଇ ଗତ ବୁଧବାର ବଡ଼ଶିଲିଙ୍ଗା ପଞ୍ଚାୟତର ଶତାଧିକ ଲୋକ ଛାମୁଣ୍ଡିଆ ବନ୍ୟପ୍ରାଣୀ ବନାଞ୍ଚଳ କାର୍ଯ୍ୟାଳୟରେ ପହଞ୍ଚି ଭାରପ୍ରାପ୍ତ ବନାଞ୍ଚଳ ଅଧିକାରୀ ସନ୍ତୋଷ କୁମାର ସାହୁଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ ଏହାପରେ ବନାଞ୍ଚଳ ଅଧିକାରୀ ବନ ବିଭାଗ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରି ସର୍ତ୍ତମୂଳକ ଭାବେ ବଡ଼ଶିଲିଙ୍ଗାକୁ ବସ୍ ଚଳାଚଳ ପାଇଁ ଅନୁମତି ପ୍ରଦାନ କରିଛନ୍ତି। ସର୍ତ୍ତ ଅନୁଯାୟୀ ବଡ଼ଶିଲିଙ୍ଗାରୁ ସକାଳ ୬ରୁ ବସ୍ ବାହାରି ସନ୍ଧ୍ୟା ୬ଟାରେ ପୁଣି ବଡ଼ଶିଲିଙ୍ଗାରେ ପହଞ୍ଚିବ। ଯାତାୟାତ ସମୟରେ କୌଣସି ବନ୍ୟପ୍ରାଣୀଙ୍କୁ କ୍ଷତି ପହଞ୍ଚାଇଲେ ବସ୍ ମାଲିକ ଓ ଡ୍ରାଇଭରଙ୍କୁ ଆଇନ ଅନୁଯାୟୀ ଦଣ୍ଡିତ କରାଯିବ। ବସ୍ ସେବା ଆରମ୍ଭ ହେବା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି।

## ସ୍ତ୍ରୀଙ୍କୁ ହତ୍ୟା ଉଦ୍ୟମ ଅଭିଯୋଗ, ସ୍ୱାମୀ ଗିରଫ

**ବ୍ରହ୍ମପୁର ଅଫିସ,୧୧୬:** ସ୍ତ୍ରୀଙ୍କୁ ହତ୍ୟା ଉଦ୍ୟମ ଅଭିଯୋଗରେ ମହିଳା ଥାନା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ବଡବଜାର ଥାନା ଅନ୍ତର୍ଗତ ଶାଳିଆବନ୍ଧ ସାହିର ଶିବରାମ ସେଠୀ। ତାଙ୍କୁ କୋର୍ଟ ଚାଲାଣ କରିଯାଇଛି। ଶିବରାମ କିଛିବର୍ଷ ପୂର୍ବେ ଶିବାନୀ ସେଠୀଙ୍କୁ ବିବାହ କରିଥିଲେ। ସେ ବିଭିନ୍ନ କାରଣକୁ ନେଇ ଶିବାନୀଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଇ ଆସୁଥିଲେ। ବୁଧବାର ରାତିରେ ଘରକୁ ଫେରି ଶିବାନୀଙ୍କ ସହ ଝଗଡା କରିଥିଲେ। ପରେ ତାଙ୍କ ବେକରେ ଏକ ରଶି ଲଗାଇ ତଣ୍ଟି ଚିପି ହତ୍ୟା ଉଦ୍ୟମ କରିଥିଲେ। ଘରେ ଥିବା ଶିବାନୀଙ୍କ ମା' ପହଞ୍ଚି ଝିଅକୁ ଉଦ୍ଧାର କରିଥିଲେ। ଶିବରାମ ତାଙ୍କୁ ମଧ ଆକ୍ରମଣ କରିଥିଲେ। ଆହତ ଶିବାନୀ ଚିକିତ୍ସିତ ହୋଇ ଘରକୁ ଫେରିବା ପରେ ଗୁରୁବାର ମହିଳା ଥାନାରେ ଅଭିଯୋଗ କରିଥିଲେ।

## ନୀଳମାଧବ ପୀଠରେ ଭଜନ ସନ୍ଧ୍ୟା


କଣ୍ଠଶିଳ୍ପୀମାନେ ଭଜନ ପରିବେଷଣ କରୁଛନ୍ତି।

**ଖଣ୍ଡପଡ଼ା,୧୧୬(ସ୍ୱ.ପ୍ର.)**

ନୟଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ ଅଧୀନ ପ୍ରମୁଖ ପର୍ଯ୍ୟଟନସ୍ଥଳୀ କଣ୍ଟିଲୋ ଶ୍ରୀନୀଳମାଧବ ମନ୍ଦିରରେ ବୁଧବାର ରୁକ୍ମଣୀ ବିବାହ ଅବସରରେ ମନ୍ଦିର ପରିସରରେ ଏକ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୀଳମାଧବ ପୂଜକ ସମାଜ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାଇ ଅର୍ପଣ ଭଜନ ସନ୍ଧ୍ୟା ସେମାନଙ୍କ ଭକ୍ତିରସ ଭରା ଭଜନ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ କଣ୍ଠଶିଳ୍ପୀ ନୃସିଂହ, ବବୁଲ କୁମାର, ଗୋବିନ୍ଦ, ଇତିଶ୍ରୀ, ସ୍ୱପ୍ନା, ନଣ୍ଡାଭାଇ ପ୍ରମୁଖ ଭଜନ ପରିବେଷଣ କରି ଦର୍ଶକଙ୍କ ମନ ମୋହିଥିଲେ। ଭଜନ କାର୍ଯ୍ୟକ୍ରମକୁ ମୁଖ୍ୟ ପରିଚାଳକ ଟିଙ୍କିନା ଭାଇ ପରିଚାଳନା କରିଥିଲେ।

# ଶ୍ୱଶୁରଘରେ ରହିବାକୁ ସଂଗ୍ରାମ

**ନୟାଗଡ଼ ଅଫିସ,୧୧୬**

ପୁଅର ମୃତ୍ୟୁ ପରେ ବୋହୂକୁ ଶାଶୁଘର ଲୋକ ମାରପିଟ୍ କରି ଏଲଆଇସି ଟଙ୍କା ଓ ବାଇକ୍ ଛଡ଼ାଇ ନେବା ଘଟଣା ଧୀରେ ଧୀରେ ବିବାଦୀୟ ହେବାରେ ଲାଗିଛି। ଅଭିଯୋଗ ପରେ ରାଷ୍ଟ୍ରୀୟ ସମାଜସେବୀ ପରିଷଦ ଓଡ଼ିଶା ସଦସ୍ୟଙ୍କ ଉପସ୍ଥିତିରେ ଦଶପଲ୍ଲା ଥାନା ପୋଲିସ ଭୋଗରା ଗାଁରେ ରାତିରେ ଘରକୁ ପାର୍ଟିଶନ କରାଇ ବୋହୂଙ୍କୁ ରଖାଇବାର ବ୍ୟବସ୍ଥା କରିଛି। ତେବେ ପୋଲିସ

**ରାତିରେ ଘର ପାର୍ଟିଶନ ଚାଲିଛି**

ଆସିବାର ଦେଖି ଶାଶୁଘର ଲୋକ ଫେରାର ହୋଇଯାଇଛନ୍ତି। ଅଭିଯୋଗ ଅନୁସାରେ, ଭୋଗରା ଗାଁର ଟିଙ୍କିନା ପ୍ରଧାନ (୨୫) ଙ୍କ ସ୍ୱାମୀ ପ୍ରଶାନ୍ତଙ୍କ ୨୦୨୧ ମାର୍ଚ୍ଚ ୧୮ରେ ମୃତ୍ୟୁ ହୋଇଥିଲା। ସ୍ୱାମୀଙ୍କ ମୃତ୍ୟୁ ପରେ ସ୍ତ୍ରୀଙ୍କୁ ନିର୍ଯାତନା ଆରମ୍ଭ ହୋଇଥିଲା। ଏପରିକି ୮ବର୍ଷର ନାତିକୁ ମାରି ଦେବାକୁ ଉଦ୍ୟମ ଆରମ୍ଭ ହୋଇଥିଲା। ପରେ ଏଲଆଇସି ଟଙ୍କା ଓ ବାଇକ୍ ନେଇ ଯାଇଥିଲେ। ଏ ସମ୍ପର୍କରେ ଟିଙ୍କିନା ବାରମ୍ବାର ଦଶପଲ୍ଲା ଥାନାରେ ଅଭିଯୋଗ କରିବା ପରେ ସୁଫଳ ମିଳି ନ ଥିଲା। ବରଂ ଟିଙ୍କିନାଙ୍କ ବାପା ଓ ଭାଇଙ୍କ ନାମରେ ମିଥ୍ୟା ମାମଲା ହୋଇଥିଲା। ଏହାପରେ ରାଷ୍ଟ୍ରୀୟ ସମାଜସେବୀ ପରିଷଦର ଅଧ୍ୟକ୍ଷ କୁଞ୍ଜ ବିହାରୀ ବେହେରାଙ୍କ ନେତୃତ୍ୱରେ ଆଇଜିଙ୍କୁ ଦେଖା କରି ନ୍ୟାୟ ମାଗିଥିଲେ। ଆଇଜିଙ୍କ ହସ୍ତକ୍ଷେପ ପରେ ପୋଲିସର ସହଯୋଗ ମିଳିବାରୁ ଘର ପାର୍ଟିଶନ ଚାଲିଛି।

## ସାପ କାମୁଡ଼ାରେ ଜଣେ ମୃତ

**ରାମଗିରି,୧୧୬(ଡି.ଏନ.ଏ.)**

ଆର.ଉଦୟଗିରି ବ୍ଲକ ରାମଗିରି ଥାନା ଅନ୍ତର୍ଗତ ସୁବଲଡା ଗ୍ରାମପଞ୍ଚାୟତ ସ୍ଥିତ ବେଡିଙ୍ଗି ଗ୍ରାମର ବାୟାଧର ବଡ଼ମୁଣ୍ଡିଙ୍କ ଚିଟି ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ବୁଧବାର ସନ୍ଧ୍ୟାରେ ବାୟାଧର ନିଜ ବାରିପଟ କାଠ ସଂଗ୍ରହ କରିବାକୁ ଯାଇଥିଲେ। ସେହି ସମୟରେ ସାପଟି ତାଙ୍କ ବାମ ଗୋଡକୁ କାମୁଡ଼ି ଦେଇଥିଲା। ସାପଟି କାମୁଡିଦେଇ ସେଠାରୁ ଚାଲିଯିବା ଦେଖି ସେ ନିଜେ ସେହି ସାପକୁ ବାଡେଇ ମାରିଦେଇଥିଲେ। ସାପ କାମୁଡା ଯନ୍ତ୍ରଣା ସହିନପାରି ପାଟି କରିଥିଲେ। ପରିବାର ଲୋକେ ଏହା ଜାଣିବା ପରେ ପ୍ରଥମେ ତାଙ୍କୁ ରାମଗିରି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ପରେ ଚନ୍ଦ୍ରଗିରି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ନିଆଯିବା ରାସ୍ତାରେ ବାୟାଧରଙ୍କ ମୃତ୍ୟୁ ଘଟିଥିଲା। ତେବେ ଚନ୍ଦ୍ରଗିରି ଫାଣ୍ଡି ଅଧିକାରୀ ପୁରୁଷୋତ୍ତମ ପାଇକ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିବେ ବୋଲି ସୂଚନା ଦେଇଛନ୍ତି।

## ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ନୟାଗଡ଼ ଅଫିସ,୧୧୬**

ନୟାଗଡ଼ ବ୍ଲକ ନୂଆବିଜିପୁରସ୍ଥ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ସହକାରୀ ଶିକ୍ଷକ ପ୍ରଦୀପ କୁମାର ରଥଙ୍କ ଉଦ୍ଦେଶ୍ୟରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅଜିତ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ନିରଞ୍ଜନ ନାୟକ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପ୍ରାଥମିକ ଶିକ୍ଷକ ସଂଘର ନୟାଗଡ଼ ବ୍ଲକ ସମ୍ପାଦକ ଭକ୍ତ ବଲ୍ଲଭ ବଟକୃଷ୍ଣ ମିଶ୍ର ଓ ସ୍ୱତନ୍ତ୍ର ଅତିଥି ରୂପେ ପ୍ରାଥମିକ ଶିକ୍ଷକ ସଂଘର ନୟାଗଡ଼ ବ୍ଲକ ସଭାପତି ବିପିନ ବିହାରୀ ଦାଶ, ସମ୍ମାନିତ ଅତିଥି ରୂପେ ସିଆର୍‌ସିସି ପ୍ରଫୁଲ୍ଲ କୁମାର ନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜିତେନ୍ଦ୍ର ପ୍ରଧାନ, ଜହ୍ନିପଦା ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ସହକାରୀ ଶିକ୍ଷକଙ୍କୁ ଉପଢ଼ୌକନ, ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଉପସ୍ଥିତି ଅତିଥି, ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରୀଛାତ୍ର, ସ୍ଥାନୀୟ ଗ୍ରାମବାସୀ ଓ ବିରୁଡା କ୍ଲଷ୍ଟରର ବିଭିନ୍ନ ସ୍କୁଲର ଶିକ୍ଷକମାନେ ଯୋଗଦେଇଥିଲେ। ମଞ୍ଚ ପରିଚାଳନା ଯଶୋବନ୍ତ ପଟ୍ଟନାୟକ ଓ ସସ୍ମିତା ପାଣିଗ୍ରାହୀ ସହଯୋଗ କରିଥିଲେ।


ଶିକ୍ଷକଙ୍କୁ ପିଲାମାନେ ବିଦାୟ ଦେଉଛନ୍ତି।

# କୁସୁମୀ ସେତୁ ରକ୍ଷଣାବେକ୍ଷଣ ଅଭାବରୁ ଦୁର୍ବଳ

**ଖଣ୍ଡପଡ଼ା,୧୧୬(ସ୍ୱ.ପ୍ର.)**

ଖଣ୍ଡପଡ଼ାରୁ ଭୁବନେଶ୍ୱର ଭାୟା ଭାପୁରକୁ ସଂଯୋଗ କରୁଥିବା ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତାରେ ୧୯୬୨ରୁ ନିର୍ମିତ କୁସୁମୀ ସେତୁଟି ସମୟାନୁକ୍ରମେ ରକ୍ଷଣା ବେକ୍ଷଣ ଅଭାବରୁ ଦୁର୍ବଳ ହେବାରେ ଲାଗିଛି। ସେତୁର ଉପର ଅଂଶର ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହୋଇଥିବାବେଳେ ୨ ପାର୍ଶ୍ୱ ସୁରକ୍ଷା ପ୍ରାଚୀରର କିଛି ଅଂଶରୁ ସିମେଣ୍ଟ କଂକ୍ରିଟ ଛାଡି ଗଲାଣି। ସେହିପରି ସେତୁର ତଳପାର୍ଶ୍ୱ ବିଭିନ୍ନ ସ୍ଥାନରୁ ସିମେଣ୍ଟ କଂକ୍ରିଟ ଛାଡ଼ି ଯାଇଥିବା ପରିଲକ୍ଷିତ ହେଉଛି। ଦୀର୍ଘ ୬୦ବର୍ଷ ଧରି ଅଞ୍ଚଳବାସୀଙ୍କ ସେବାରେ ଆସୁଥିବା ଏହି ସେତୁ ଉପର ଦେଇ ଦୈନିକ ଶତାଧିକ ସଂଖ୍ୟା ଯାତ୍ରୀବାହୀ ବସ୍ ସାଙ୍ଗକୁ ଭାରିଯାନଗୁଡିକ ଚଳାଚଳ କରୁଛି। ଏହି ସେତୁର ଆବଶ୍ୟକ ମରାମତି ଦିଗରେ ପୂର୍ତ୍ତ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଏକଦା ଉକ୍ତ ସେତୁର ୨ ଖମ୍ବ (ପିଲାର) ମଧ୍ୟସ୍ଥ ଯୋଡ଼େଇ ସ୍ଥାନରେ ଲାଗିଥିବା ଲୁହା ପ୍ଲେଟଗୁଡ଼ିକ ଦୁର୍ବୃତ୍ତ ଓ ଅସାମାଜିକ ବ୍ୟକ୍ତିମାନେ ଦୀର୍ଘବର୍ଷ ତଳୁ ଚୋରି କରି ନେଇଥିବା ଜଣାପଡିଛି। ପ୍ରତିବର୍ଷ ବନ୍ୟା ସମୟରେ କୁସୁମୀ ନଦୀର ଉଭୟପାର୍ଶ୍ୱ ପଠା ନଦୀ ଗର୍ଭରେ ଲୀନ ହେବାରେ ଲାଗିଛି। ତେବେ ସେତୁର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରୁ ଅବାଧରେ ଶତାଧିକ ଟ୍ରିପ ବାଲି ଚାଲାଣ ହେଉଥିବାରୁ କୁସୁମୀ ସେତୁ ପ୍ରତି ବିପଦର କାରଣ ପାଲଟିଛି। ଅବାଧ ବାଲି ଉତ୍ତୋଳନ ଉପରେ ତହସିଲ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ସମୟାନୁକ୍ରମେ ଦୁର୍ବଳ ହୋଇ ପଡୁଥିବା କୁସୁମୀ ସେତୁ ପ୍ରତି ଜିଲା ପ୍ରଶାସନ ଓ ପୂର୍ତ୍ତ ବିଭାଗ ମୁଖ୍ୟମନ୍ତ୍ରୀ, ସଚିବ ଦୃଷ୍ଟି ଦେବାକୁ ଖଣ୍ଡପଡ଼ା ଅଞ୍ଚଳବାସୀ ଦାବି କରିଛନ୍ତି।


କୁସୁମୀ ନଦୀ ଉପରେ ଥିବା ସେତୁ।

# ଜେଲ ଗଲେ ୨ ସାଇବର ଅଭିଯୁକ୍ତ

**ନୟାଗଡ଼ ଅଫିସ,୧୧୬**

- ଫୋନ ଉଠାଉଥିବା ମହିଳାଙ୍କୁ କରୁଥିଲେ ଟାର୍ଗେଟ
- ବାରମ୍ବାର ଫୋନ କଲ୍, ହ୍ୱାଟସ ଆପ୍ କରି ହଇରାଣ କରୁଥିଲେ
- ଡିଏଫ୍‌ଓଙ୍କୁ ଅଶ୍ଳୀଳ ଗାଳି ଗୁଲଜ କରି ଫସିଲେ

ନୟାଗଡ଼ ଟାଉନ ଥାନା ପୋଲିସ ୨ ସାଇବର ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛନ୍ତି। ଜାମିନ ନାମଞ୍ଜୁର ପରେ ଇଟାମାଟି ଥାନା ବଡ଼ପଣ୍ଡୁସର ଗାଁର ପ୍ରୀତିରାଜ ମହାପାତ୍ର ଓରଫ ଲିପୁ(୨୧) ଓ ରଣପୁର ଥାନା ରାଜସୁନାଖଳା ଆଙ୍କୁଲାପାଟଣାସାହିର ଦୀପକ ରଞ୍ଜନ ସାମନ୍ତରାୟ(୧୯)ଙ୍କୁ ନୟାଗଡ଼ ସବ୍‌ଜେଲକୁ ଗୁରୁବାର ପଠାଇ ଦିଆଯାଇଛି। ଏହି ୨ ସାଇବର ଅଭିଯୁକ୍ତ ଫୋନ ଓ ହ୍ୱାଟସ ଆପ୍ ଯୋଗେ ମହିଳାମାନଙ୍କୁ ହଇରାଣ ହରକତ କରି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଆସୁଥିଲେ। ୧୦ ଟି ହ୍ୱାଟସ୍ ଆପ୍ ଗ୍ରୁପ କରି ମହିଳାଙ୍କୁ ହଇରାଣ କରି ମଜା ନେଉଥିଲେ। ଭାରତର ବିଭିନ୍ନ ରାଜ୍ୟରେ ଏହି ଅଭିଯୁକ୍ତଙ୍କର ବନ୍ଧୁ ଓ ସହଯୋଗୀ ଅଛନ୍ତି। ତେବେ ନୟାଗଡ଼ ଡିଏଫ୍‌ଓ କ୍ଷମା ଷଡଙ୍ଗୀଙ୍କୁ ଅଶ୍ଳୀଳ ଗାଳିଗୁଲଜ କରି ଉଭୟେ ଫସି ଯାଇଥିବା ନୟାଗଡ଼ ଟାଉନ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ସୂଚନା ଦେଇଛନ୍ତି।

ନୟାଗଡ଼ ଏସ୍‌ପି ଅଲେଖ ଚନ୍ଦ୍ର ପହିଙ୍କ ଖବରଦାତା ସମ୍ମିଳନୀର ସୂଚନା ଅନୁସାରେ, ବଡ଼ପଣ୍ଡୁସର ଗାଁର ପ୍ରୀତିରାଜ ମହାପାତ୍ର ଓ ରାଜସୁନାଖଳା ଆଙ୍କୁଲାପାଟଣାସାହିର ଦୀପକ ରଞ୍ଜନ ସାମନ୍ତରାୟ କେତେଜଣ ଯୁବକଙ୍କ ସହ ମିଶି କାଳିଆ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଦେଶୀ ଗାର୍ଲ, ଟିଙ୍ଗ ହାଇଟେକ୍ ପରି ପ୍ରାୟ ୧୦ଟି ଗ୍ରୁପ କରି ମହିଳାଙ୍କ ଫୋନ ନମ୍ବରକୁ ଫୋନ କରୁଥିଲେ। ମହିଳା କଥା ହେବା ପରେ ତାଙ୍କୁ ହ୍ୱାଟସ୍ ଆପ୍ ଗ୍ରୁପରେ ଆଡ କରୁଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଗ୍ରୁପରେ ଥିବା ଅନ୍ୟ ବନ୍ଧୁମାନେ ସମ୍ପୃକ୍ତ ଗ୍ରୁପରେ ଅଶ୍ଳୀଳ ମେସେଜ ପକାଇବା, କଲ କରି ମହିଳାଙ୍କୁ ହଇରାଣ କରୁଥିଲେ। ଗ୍ରୁପ ଗୁଡ଼ିକରେ ଅନେକ ଶିକ୍ଷିତ ଅର୍ଦ୍ଧଶିକ୍ଷିତ ଲୋକ ସାମିଲ ଥାଇ ମହିଳାଙ୍କୁ ହଇରାଣ କରି କ'ଣ ଲାଭ ପାଉଥିଲେ ଜାଣି ହେଉନି। ଗତ ୧୪ ତାରିଖରୁ ଲଗାତର ଭାବେ ନୟାଗଡ଼ ଡିଏଫ୍‌ଓ କ୍ଷମା ଷଡଙ୍ଗୀଙ୍କୁ ସରକାରୀ ଫୋନ ନମ୍ବରକୁ କଲ ଓ ହ୍ୱାଟସ୍ ଆପରେ ହଇରାଣ ହରକତ କରିଥିଲେ। ଏ ନେଇ ଡିଏଫ୍‌ଓ ଷଡଙ୍ଗୀଙ୍କ ଅଭିଯୋଗ ପରେ ପୋଲିସ ୩୫୪(ଡି), (୧), (ଆଇଆଇ)/୩୨୨, ୨୯୪, ୫୦୬,୫୦୭, ୫୦୯, ୧୮୬ ଓ ୧୩୪ ଆଇପିସି ଆର ଡ୍ୱ୍ଲୁ ସେକ୍ସନ ୬୭ ଆଇଟି ଆକ୍ଟ ଦଫାରେ ନଂ. ୮୯/୨୩ରେ ମାମଲା ରୁଜୁ କରି ତଦନ୍ତ କରୁଥିଲା।



# ରେକର୍ଡ ପରିମାଣରେ ଜିଏସ୍‌ଟି ସଂଗ୍ରହ

- ମେ'ରେ ୧.୫୭ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଜିଏସ୍‌ଟି ସଂଗ୍ରହ
- ଗତବର୍ଷ ଅପେକ୍ଷା ୧୨% ଅଧିକ ଟିକସ ଆଦାୟ
- କ୍ରମାଗତ ୧୪ ମାସ ପାଇଁ ୧.୪ ଲକ୍ଷ କୋଟିର ଟିକସ ଆଦାୟ
- ୫ମ ଥର ପାଇଁ ୧.୫ ଲକ୍ଷ କୋଟି ଉପରେ ଜିଏସ୍‌ଟି ସଂଗ୍ରହ




ନୂଆଦିଲ୍ଲୀ,୧।୬

ଚଳିତ ଆର୍ଥିକ ବର୍ଷର ୨ୟ ମାସରେ ରେକର୍ଡ ପରିମାଣର ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ସଂଗ୍ରହ ହୋଇଛି ବୋଲି ଗୁରୁବାର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସେହିଭଳି ୨୦୨୩-୨୪ ଆର୍ଥିକ ବର୍ଷର ମେ' ମାସରେ ଦେଶର ଜିଏସ୍‌ଟି ସଂଗ୍ରହ ୧.୫୭ (୧,୫୭,୦୯୦) ଲକ୍ଷ କୋଟି ଟଙ୍କାରୁ ଅଧିକ ଟିକସ ଆକାରରେ ସଂଗ୍ରହ କରାଯାଇଛି। ଏପରିକି ୨୦୨୨-୨୩ ଆର୍ଥିକ ବର୍ଷର ସମାନ ଅବଧିରେ ସଂଗୃହୀତ ହୋଇଥିବା ଟିକସ ପରିମାଣଠାରୁ ୨୦୨୩-୨୪ ମେ'ରେ ସଂଗୃହୀତ ଟିକସ ପରିମାଣ ୧୨% ଅଧିକ ବୋଲି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ କ୍ରମାଗତ ୧୪ ମାସ ପାଇଁ ଦେଶର ଜିଏସ୍‌ଟି ସଂଗ୍ରହ ୧.୪ ଲକ୍ଷ କୋଟିରୁ ରହିଥିବାବେଳେ ୫ମ ଥର ପାଇଁ ୧.୫ ଲକ୍ଷ କୋଟିରୁ ଅଧିକ ପରିମାଣର ଟିକସ ଆଦାୟ କରାଯାଇଛି। ଉଲ୍ଲେଖଯୋଗ୍ୟ, ୨୦୨୩ ମେ'ରେ ସଂଗୃହୀତ ମୋଟ ଜିଏସ୍‌ଟି ରାଜସ୍ୱ ୧,୫୭,୦୯୦ ଲକ୍ଷ କୋଟି ରହିଥିବା ବେଳେ ସେଥିମଧ୍ୟରୁ କେନ୍ଦ୍ରୀୟ ଟିକସ (ସିଜିଏସ୍‌ଟି) ୨୮,୪୧୧ କୋଟି ଟଙ୍କା ରହିଥିଲାବେଳେ ରାଜ୍ୟ ଜିଏସ୍‌ଟି (ଏସ୍‌ଜିଏସ୍‌ଟି) ୩୫,୮୨୮ କୋଟି ଟଙ୍କା ରହିଛି। ସେହିଭଳି ଆଇଜିଏସ୍‌ଟି ବାବଦରେ ୮୧,୩୬୩ କୋଟି (ସାମଗ୍ରୀ ଆମଦାନୀରେ ୪୧,୭୭୨ କୋଟି ଟଙ୍କା ଅନ୍ତର୍ଭୁକ୍ତ) ଏବଂ ସେସ୍ ବାବଦରେ ୧୧,୪୮୯ ଟଙ୍କା କୋଟି (ସାମଗ୍ରୀ ଆମଦାନୀ ଉପରେ ୧୦୫୭ କୋଟି ଟଙ୍କା ସାମିଲ)ର ଟିକସ ଆଦାୟ କରାଯାଇଛି। ସେହିପରି ସରକାର ସିଜିଏସ୍‌ଟିକୁ ୩୫,୩୬୯ କୋଟି ଟଙ୍କା ଏବଂ ନିୟମିତ ସମାଧାନ ଭାବେ ଆଇଜିଏସ୍‌ଟିରୁ ଏସ୍‌ଜିଏସ୍‌ଟିକୁ ୨୯,୭୬୯ କୋଟି ଟଙ୍କା ଦେବାକୁ ସ୍ଥିର କରିଛନ୍ତି ବୋଲି ଅର୍ଥ ମନ୍ତ୍ରଣାଳୟ ବିଜ୍ଞପ୍ତିରୁ ସୂଚନା ମିଳିଛି। ସୂଚନାଯୋଗ୍ୟ, ଓଡ଼ିଶାରୁ ଚଳିତ ଆର୍ଥିକ ବର୍ଷର ୨ୟ ମାସରେ ପ୍ରାୟ ୪୩୯୮ (୪୩୯୭.୭୩) କୋଟି ଟଙ୍କାର ଟିକସ ସଂଗ୍ରହ କରାଯାଇଛି। ଗତ ବର୍ଷ ଏହି ସମୟ ମଧ୍ୟରେ ଟିକସ ପରିମାଣ ୩୯୫୬ (୩୯୫୫.୭୫) କୋଟି ଟଙ୍କାରୁ ଅଧିକ ରହିଥିଲା, ଯାହା ଚଳିତ ବର୍ଷ ୪୪୧.୯୮ କୋଟି ବା ୧୧.୧୭ ବୃଦ୍ଧି ପାଇଛି ବୋଲି ଅର୍ଥ ମନ୍ତ୍ରଣାଳୟ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

# ଖସିଲା କମର୍ସିଆଲ ଗ୍ୟାସ୍ ଦର

ନୂଆଦିଲ୍ଲୀ,୧।୬

ଗତ କିଛି ମାସ ହେବ କ୍ରମାଗତ ଭାବେ କମର୍ସିଆଲ ଗ୍ୟାସ୍ ଦର ହ୍ରାସ ପାଉଥିବାବେଳେ ଘରୋଇ ଗ୍ୟାସ୍ ମୂଲ୍ୟ ସ୍ଥିର ରହିଛି। ଏପରିକି ୨୦୨୩-୨୪ ଆର୍ଥିକ ବର୍ଷର ୨ୟ ମାସରେ କମର୍ସିଆଲ ଗ୍ୟାସ (୧୯କେଜି) ଦର ୮୩.୫୦ ଟଙ୍କା ହ୍ରାସ ଘଟିଥିବା ବେଳେ ଘରୋଇ ଗ୍ୟାସ୍ (୧୪.୨ କେଜି) ଦର ଅପରିବର୍ତ୍ତିତ ରହିଛି। ଉଲ୍ଲେଖଯୋଗ୍ୟ, ଦେଶର ପ୍ରମୁଖ ଇନ୍ଧନ ବିପଣନକାରୀ କମ୍ପାନୀଗୁଡ଼ିକ ପକ୍ଷରୁ ଗୁରୁବାର ୨୦୨୩ ମେ ମାସ ପାଇଁ ନୂତନ ଗ୍ୟାସ୍ ଦର ସୂଚୀ ପ୍ରକାଶ କରାଯାଇଛି। ଏପରିକି ନୂଆଦିଲ୍ଲୀରେ ୧୯କେଜି ଗ୍ୟାସ୍ ସିଲିଣ୍ଡରର ମୂଲ୍ୟ ଉପରରେ ୯୩.୫୦ ଟଙ୍କା କମି ୧୭୭୩ ଟଙ୍କାରେ ରହିଛି। ଅପରପକ୍ଷରେ କୋଲକାତା, ମୁମ୍ବାଇ ଏବଂ ଚେନ୍ନାଇ ଭଳି ସହରରେ ୧୯ କେଜି ଗ୍ୟାସ୍ ସିଲିଣ୍ଡରର ମୂଲ୍ୟ ଯଥାକ୍ରମେ ୧୮୭୫.୫୦ ଟଙ୍କା, ୧୭୨୫ ଟଙ୍କା ଏବଂ ୧୯୭୩ ଟଙ୍କାରେ ପହଞ୍ଚିଛି। ସେହିଭଳି ଉପରୋକ୍ତ ସହରଗୁଡ଼ିକରେ ଘରୋଇ ଗ୍ୟାସ୍ (୧୪.୨ କେଜି) ଦର ପୂର୍ବଭଳି ସ୍ଥିର ରହିଛି।

# ଆର୍‌ବିଆଇ ପକ୍ଷରୁ ବ୍ଲକସ୍ତରୀୟ କୁଇଜ ପ୍ରତିଯୋଗିତା



ଭୁବନେଶ୍ୱର,୧।୬

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ବାଲେଶ୍ୱର ଜିଲାରେ ବ୍ଲକ ସ୍ତରୀୟ ସର୍ବଭାରତୀୟ ଆର୍ଥିକ ସାକ୍ଷରତା କୁଇଜ ପ୍ରତିଯୋଗିତା ନିକଟରେ ଖଇରା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରତିଯୋଗିତାରେ ବାଲେଶ୍ୱର ଜିଲାର ଖଇରା, ସୋରୋ ଓ ସିମୁଳିଆ ବ୍ଲକର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଏହି ପରିପ୍ରେକ୍ଷୀରେ ଆର୍‌ବିଆଇର ଲିଡ୍ ଡିଷ୍ଟ୍ରିକ୍ଟ ଅଫିସର ରଶ୍ମିରଞ୍ଜନ ସାହୁଙ୍କ ସମେତ ବାଲେଶ୍ୱରର ଲିଡ୍ ଡିଷ୍ଟ୍ରିକ୍ଟ ମ୍ୟାନେଜର ବିଶ୍ୱଜିତ ଶତପଥୀ ଏବଂ ୟୁକୋ ବ୍ୟାଙ୍କ ଖଇରା ଶାଖାର ସହାୟକ ଶାଖା ପ୍ରବନ୍ଧକ ଜିତେନ୍ଦ୍ର ନାରାୟଣ ସେଠୀ, ଖଇରା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପରିଶେଷରେ ପ୍ରତିଯୋଗିତାର ଫଳାଫଳ ଅନୁଯାୟୀ ପ୍ରଥମ,ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀମାନଙ୍କ ନାମ ଘୋଷଣା କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ଉପରୋକ୍ତ ପ୍ରତିଯୋଗିତରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତ୍ୟେକ ବ୍ଲକ୍‌ର ଛାତ୍ରୀଛାତ୍ର ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

# ବଜାରରେ କୁହଲ୍‌ର ନୂତନ ଫ୍ୟାନ୍ସ




ନୂଆଦିଲ୍ଲୀ,୧।୬

ଦେଶର ପ୍ରମୁଖ ଫ୍ୟାନ୍ ନିର୍ମାଣକାରୀ ବ୍ରାଣ୍ଡ କୁହଲ୍‌ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ଦି କୁହଲ୍ ବ୍ରାଇସ୍ ଷ୍ଟାଇଲିଶ ଫ୍ୟାନ୍ସ'ର ସର୍ବଭାରତୀୟ ଉନ୍ମୋଚନ ନିକଟରେ ହୋଇଯାଇଛି। ବିଶେଷକରି ବ୍ରାଣ୍ଡ୍‌ର କୁହଲ୍ ପ୍ଲାଟିନ ଏବଂ ଲକ୍ସେ ସିରିଜର ବ୍ୟାପକ ସଫଳତା ଓ ଲୋକପ୍ରିୟତା ପରେ କମ୍ପାନୀ କୁହଲ୍ ବ୍ରାଇସ ଷ୍ଟାଇଲିଶ ଫ୍ୟାନ୍ସକୁ ବଜାର ପ୍ରବେଶ କରାଉଛି। ଏପରିକି କୁହଲ୍ ବ୍ରାଇସ୍ ଷ୍ଟାଇଲିଶ ଫ୍ୟାନ୍ସରେ ଅନେକ ଆଧୁନିକ ବୈଶିଷ୍ଟ୍ୟ ସାମିଲ ଥିଲାବେଳେ ଏଥିରେ ବିଏଲ୍‌ଡିସି ଟେକ୍ନୋଲୋଜି ଓ ଶକ୍ତି ସଞ୍ଚୟକାରୀ ଉପାଦାନ ଅନ୍ତର୍ଭୁକ୍ତ ରହିଛି। ଫଳରେ ଉପଭୋକ୍ତା ଏହାର ବ୍ୟବହାର କଲେ ମଧ ପ୍ରାୟ ୬୫%ର ବିଦ୍ୟୁତ୍ ଶକ୍ତି ସଞ୍ଚୟ ସାଙ୍ଗକୁ ବିଦ୍ୟୁତ୍ ବିଲ୍ ମୂଲ୍ୟରେ ମଧ ହ୍ରାସ ଦେଖିବାକୁ ମିଳିଥାଏ, ଯାହା ଅନ୍ୟ ବ୍ରାଣ୍ଡ୍‌ର ଫ୍ୟାନ୍ ବ୍ୟବହାରର ବିଦ୍ୟୁତ୍ ବିଲ୍‌ଠାରୁ କମ୍ ଆସିଥାଏ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ସେହିଭଳି ବ୍ରାଣ୍ଡ୍‌ର ବ୍ରାଇସ୍ ସିରିଜର ଫ୍ୟାନ୍‌ଗୁଡ଼ିକ ଦେଶର ସମସ୍ତ ପ୍ରମୁଖ ଆପ୍ଲିଆନସେସ୍ ଷ୍ଟୋର ଓ ଇ କମର୍ସ ପ୍ଲାଟ୍‌ଫର୍ମରେ ଉପଲବ୍ଧ। ଏହାର ବଜାର ମୂଲ୍ୟ ୬୯୯୯ ରୁ ୧୦୯୯୯ ଟଙ୍କା ମଧ୍ୟରେ ରହିଛି। ଉଲ୍ଲେଖଯୋଗ୍ୟ, ଦେଶର ପ୍ରମୁଖ ଘରୋଇ ଶିଳ୍ପସଂସ୍ଥା ତଥା କେଣ୍ଟ ଆର୍‌ଓ ସିଷ୍ଟମସ ଲିମିଟେଡ୍‌ର ସହଯୋଗ କମ୍ପାନୀ ହେଉଛି କୁହଲ୍ ଫ୍ୟାନ୍ ବ୍ରାଣ୍ଡ୍।

# ୪ରେ ଜୀ ସାର୍ଥକର ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଟୁଇନ୍ସ'

ଭୁବନେଶ୍ୱର,୧।୬

ଜୀ ସାର୍ଥକର ବହୁ ପ୍ରତୀକ୍ଷିତ ଓଡ଼ିଆ ଚଳଚ୍ଚିତ୍ର 'ଟୁଇନ୍ସ'ର ୱାର୍ଲ୍ଡ ଟେଲିଭିଜନ ପ୍ରିମିୟର ଶୋ' ୨୦୨୩ ଜୁନ୍ ୪ ରେ ପ୍ରସାରିତ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ଜୀ ସାର୍ଥକ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ 'ଟୁଇନ୍ସ'ର ଅଡିଓ ରିଲିଜ ଓ ପୋଷ୍ଟାର ଉନ୍ମୋଚନ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ଏସ୍‌ପିପି ପ୍ରଡକ୍ସନ ବ୍ୟାନର ଦ୍ୱାରା ନିର୍ମିତ ଏବଂ କ୍ଷୀରୋଦ ପଟ୍ଟନାୟକଙ୍କ ପ୍ରଯୋଜନା ଓ ନିର୍ଦ୍ଦେଶକ ରାଶେଷ ମହାନ୍ତିଙ୍କ ନିର୍ଦ୍ଦେଶନାରେ ଟୁଇନ୍ସ ପ୍ରସ୍ତୁତି ହୋଇଛି। ଉକ୍ତ ଚଳଚ୍ଚିତ୍ରରେ ସଙ୍ଗୀତ ନିର୍ଦ୍ଦେଶକ ଗୁଡ୍‌ଲି ରଥ ସଙ୍ଗୀତଗୁଡ଼ିକ ସଜାଇଥିବା ବେଳେ ସ୍ୱୟଂ ପାଢ଼ୀ, ଲିପ୍ସା ମହାପାତ୍ର, ଅର୍ପିତା ଚୌଧରୀ ଓ ଶିଶୁ କଣ୍ଠଶିଳ୍ପୀ ସୁଦୀପ୍ତା ବିଦ୍ଧାଣି ପ୍ରମୁଖ ଗୀତ ଗାଇଛନ୍ତି। ସେହିଭଳି ଚଳଚ୍ଚିତ୍ରର ସମସ୍ତ ଗୀତକୁ ଗୀତିକାର ସୂର୍ଯ୍ୟ ମହାପାତ୍ର ଲେଖିଥିବାବେଳେ ସାତ୍ୟକି କୁଣ୍ଡୁ ଚଳଚ୍ଚିତ୍ରର କାହାଣୀ ରଚନା କରିଛନ୍ତି। ଏ ସମ୍ପର୍କରେ ଜୀ ସାର୍ଥକର ଚ୍ୟାନେଲ ମୁଖ୍ୟ ପ୍ରତୀକ ସିଲ୍ କହିଛନ୍ତି, ଉକ୍ତ ଚଳଚ୍ଚିତ୍ରରେ ବୁଲ୍‌ବୁଲି ନାୟିକା ରିୟା ଦେ ଏବଂ ଡ୍ୟାସିଙ୍ଗ୍ ଷ୍ଟାର ହରିହର ଦାଶଙ୍କ ସମେତ ସନ୍ତୋଷ ଦାଶ, କୀର୍ତ୍ତି ମହାନ୍ତି ଏବଂ ଲତାସା ପ୍ରମୁଖ ନଜର ଆସିବେ। ଏହି ଫିଲ୍ମଟି ନାରୀର ବିଭିନ୍ନ ରୂପକୁ ସୁନ୍ଦର ଭାବେ ଦେଖାଇଛି ଓ ଦର୍ଶକମାନଙ୍କ ଦ୍ୱାରା ଚଳଚ୍ଚିତ୍ରଟି ନିଶ୍ଚୟ ଆଦୃତି ଲାଭ କରିବ ବୋଲି ଉଭୟ ପ୍ରଡକ୍ସନ ବ୍ୟାନର ଓ ଚ୍ୟାନେଲ କର୍ତ୍ତୃପକ୍ଷ ଆଶା କରିଥିବା ସେ ମତପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ୨୦୨୩ ଜୁନ୍ ୪ ସନ୍ଧ୍ୟା ୬ଟା ୩୦ରେ ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଟୁଇନ୍ସ' ଜୀ ସାର୍ଥକରେ ପ୍ରସାରିତ ହେବ। ବିଶେଷକରି ଦୁଇ ଯାଆଁଳା ଭଉଣୀ ଆଭା ଓ ଆରତୀଙ୍କ କାହାଣୀକୁ ନେଇ ଚଳଚ୍ଚିତ୍ର ଟୁଇନ୍ସ ତିଆରି ହୋଇଛି।




# ପ୍ଲାଷ୍ଟୋର ନୂତନ ଉତ୍ପାଦ ଉନ୍ମୋଚିତ

ନୂଆଦିଲ୍ଲୀ,୧।୬




ଦେଶର ପ୍ରମୁଖ ପ୍ଲାଷ୍ଟିକ ସାମଗ୍ରୀ ଉତ୍ପାଦନକାରୀ ବ୍ରାଣ୍ଡ ପ୍ଲାଷ୍ଟୋର ନୂତନ ଉତ୍ପାଦ ନିକଟରେ ଉନ୍ମୋଚିତ ହୋଇଯାଇଛି। ଏପରିକି ଦେଶର ପ୍ରଥମ ଉତ୍ପାଦନକାରୀ ବ୍ରାଣ୍ଡ୍ ଭାବେ ପ୍ଲାଷ୍ଟୋ ୮ ଲେୟାର ବିଶିଷ୍ଟ ପାଣିଟାଙ୍କିକୁ ବଜାର ପ୍ରବେଶ କରାଇଛି। ବିଶେଷକରି ବର୍ତ୍ତମାନ ସମୟର ପାଣିପାଗ ଓ ଗୁଣାତ୍ମକ ଉତ୍ପାଦରେ ପ୍ରସ୍ତୁତ ଏହି ୮ସ୍ତରର ବିଶିଷ୍ଟ ଜଳ ସଂରକ୍ଷଣ ଡବାରେ ଅନେକ ବୈଶିଷ୍ଟ୍ୟ ସାମିଲ ରହିଛି। ସେହିଭଳି ଗ୍ରାହକ ଚାହିଦା ଓ ଆବଶ୍ୟକତାକୁ ଆଖି ଆଗରେ ରଖି ବ୍ରାଣ୍ଡ୍ ୮ ଲେୟାର ବିଶିଷ୍ଟ ପାଣିଟାଙ୍କିକୁ ସବୁ ବର୍ଗର ଲୋକ ଏବଂ ପାଣିପାଗ ଉପଯୋଗୀ ଭାବେ ନିର୍ମିତ ହୋଇଛି। ଏ ସମ୍ପର୍କରେ ଆର୍‌ସି ପ୍ଲାଷ୍ଟୋର ନିର୍ଦ୍ଦେଶକ ବିଶାଳ ଅଗ୍ରୱାଲ ଏବଂ ନୀଲେଶ ଅଗ୍ରୱାଲ କହିଛନ୍ତି, ପ୍ଲାଷ୍ଟୋ ପାଣିପାଇପ ଜନିତ କାର୍ଯ୍ୟ ଓ ବାସୋପଯୋଗୀ ପ୍ଲାଷ୍ଟିକ ଉତ୍ପାଦରେ ବଜାର ଲିଡର ଭାବେ ସ୍ୱୀକୃତି ଲାଭ କରିଛି। ଗ୍ରାହକଙ୍କ ବିଶ୍ୱାସ ଓ ଉତ୍ପାଦର ଗୁଣବତ୍ତାକୁ ବଜାୟ ରଖିବା ବ୍ରାଣ୍ଡ୍‌ର ମୂଳ ଲକ୍ଷ୍ୟ । ସେହିପରି ବ୍ରାଣ୍ଡ୍ ଏହି ନୂତନ ଉତ୍ପାଦ ବଜାର ପ୍ରବେଶ କରାଇ ବେଶ୍ ଉତ୍ସାହ ଅଛି। କାରଣ ବ୍ରାଣ୍ଡ୍ ଉପରେ ଗ୍ରାହକଙ୍କ ଭରସା ରହିଛି। ଏପରିକି ଦୀର୍ଘ ବର୍ଷ ହେବ ଗ୍ରାହକଙ୍କ ଆବଶ୍ୟକତା ପୂରଣ ସାଙ୍ଗକୁ ଚାହିଦା ମେଣ୍ଟାଉଛି।

## ଫୁର୍‌ସତ

# ମ୍ୟାନମାର ସୀମାରେ ହସୁଥିବା ଝିଟିପିଟି



**ଆଇଜଲ:** ସାଧାରଣତଃ ଲୋକେ ଝିଟିପିଟିକୁ ଦେଖିଲେ ଡରନ୍ତି। ଧାର୍ମିକ ଚିନ୍ତନ ଅନୁସାରେ, ଝିଟିପିଟି ଶରୀରର କୌଣସି ଅଙ୍ଗରେ ପଡ଼ିଲେ ତାକୁ ଅଶୁଭ ମାନିଥାନ୍ତି। ହେଲେ ନିକଟରେ ଏପରି ଏକ ଝିଟିପିଟି ଦେଖିବାକୁ ମିଳିଛି, ଯିଏ ସବୁ ସମୟରେ ହସୁଛି। କିଛିଦିନ ପୂର୍ବେ ବୈଜ୍ଞାନିକମାନେ ଏହି ଝିଟିପିଟିକୁ ଭାରତରେ ଦେଖିଛନ୍ତି। ରିପୋର୍ଟ ମୁତାବକ, ମିଜୋରାମ ବିଶ୍ୱବିଦ୍ୟାଳୟ ଏବଂ ଜର୍ମାନୀ ଟୁବିନଜେନ୍‌ର ମାକ୍ସ ପ୍ଲାନ୍କ ଇନ୍‌ଷ୍ଟିଚ୍ୟୁଟ୍ ଫର ବାୟୋଲୋଜି ମିଜୋରାମରେ ଭାରତ- ମ୍ୟାନମାର ସୀମାରେ ଏହି ଝିଟିପିଟି ଦେଖିବାକୁ ମିଳିଛି । ଏହାକୁ ପାରାଚୁଟେ ଗେକୋ କୁହାଯାଉଛି। କାରଣ ଏହି ଝିଟିପିଟି ମାଙ୍କଡ଼ ପରି ଏ ଡାଳରୁ ସେ ଡାଳକୁ ଡିଆଁ ମାରୁଛି। ଅଧିକାଂଶ ମାଂସାଶୀ ଝିଟିପିଟି ଅଛନ୍ତି, ଯେଉଁମାନଙ୍କୁ ଗରମ ଜଳବାୟୁରେ ଦେଖିବାକୁ ମିଳେ। ଚଉଡ଼ା ଆଖି, ହସୁଥିବା ଝିଟିପିଟିକୁ ସେତେବେଳେ ଦେଖିବାକୁ ପାଇଥିଲେ, ଯେତେବେଳେ ବୈଜ୍ଞାନିକମାନେ ଭାରତରେ ଝିଟିପିଟିଙ୍କ ସଂଖ୍ୟା ସର୍ଭେ କରୁଥିଲେ। ଏହି ଝିଟିପିଟିର ନାମ ମିଜୋରାମ ରାଜ୍ୟର ନାମ ହିସାବରେ 'ଗେକୋ ମିଜୋରାମେନସିସ୍' ରଖାଯାଇଛି। ଏହା ପୂର୍ବରୁ ଏହି ପ୍ରଜାତିର ଝିଟିପିଟିକୁ ସାଉଥ ଏସିଆ, ମ୍ୟାନମାର, ଥାଇଲାଣ୍ଡ ଏବଂ କମ୍ବୋଡିଆରେ ଦେଖିବାକୁ ମିଳିଥିଲା। ହେଲେ ଭାରତରେ ଯେତେବେଳେ ବୈଜ୍ଞାନିକମାନେ ଏହି ଝିଟିପିଟିକୁ ଦେଖିଥିଲେ, ସେତେବେଳେ ସେ ୧୫୦-୩୬୦ ସେ.ମି. ଉଚ୍ଚରେ ଉଡୁଥିବା ଦେଖିବାକୁ ମିଳିଥିଲା। ଏହି ପ୍ରଜାତି ଦେଖିବାକୁ ଏହାର ଭଉଣୀ ପ୍ରଜାତି 'ଗେକୋ ପୋପେନସିସ୍' ଭଳି। ହେଲେ ଏହା ତା'ଠାରୁ ରଙ୍ଗ ଏବଂ ଆକାର ଦୃଷ୍ଟିରୁ ଭିନ୍ନ। ଦୁଇ ପ୍ରଜାତି ମଧ୍ୟରେ ୭ରୁ ୧୪ ପ୍ରତିଶତ ସାମଞ୍ଜସ୍ୟ ରହିଛି। ରିପୋର୍ଟ ମୁତାବକ, ଏହି ଝିଟିପିଟି ଉଡ଼ିଲାବେଳେ ନିଜକୁ ରକ୍ଷା କରିବାକୁ ଯାଇ ଏକ ଗନ୍ଧ ଛାଡ଼ିଥାଏ। ସନ୍ଧ୍ୟା ସମୟରେ ଏହି ଝିଟିପିଟି ସବୁଠୁ ଅଧିକ ଶିକାର କରିଥାଏ।

# ତୁର୍କୀରେ ବିଜୟଙ୍କ ସହ ମଜା କରୁଛନ୍ତି ସାମନ୍ଥା


ସାମନ୍ଥା ରୁଥ ପ୍ରଭୁ

**ମୁମ୍ବାଇ:** ଅଭିନେତ୍ରୀ ସାମନ୍ଥା ରୁଥ ପ୍ରଭୁ ଓ ଅଭିନେତା ବିଜୟ ଦେବରକୋଣ୍ଡାଙ୍କ ଆଗାମୀ ଫିଲ୍ମ 'ଖୁସି' ନିକଟରେ ରିଲିଜ୍ ହେବାକୁ ଯାଉଛି। ନିକଟରେ ଫିଲ୍ମର ଟିଜର ରିଲିଜ୍ ହେବା ପରେ ଦର୍ଶକଙ୍କ ମଧ୍ୟରେ ଏହି ଚଳଚ୍ଚିତ୍ରକୁ ନେଇ ଉତ୍ସାହ ଦେଖିବାକୁ ମିଳିଛି। ଫିଲ୍ମଟି ସେପ୍ଟେମ୍ବର ୧ରେ ରିଲିଜ୍ ହେବାର ଯୋଜନା ରହିଛି। ତେବେ ଦୁହିଁଙ୍କୁ ୪ ବର୍ଷ ପରେ ଏହି ଚଳଚ୍ଚିତ୍ରରେ ଏକାଠି ଦେଖିବାକୁ ମିଳିବ। ଏହା ପୂର୍ବରୁ ସେମାନେ ୨୦୧୮ରେ ମୁଭି 'ମହାନଟି'ରେ ଏକାଠି ନଜରକୁ ଆସିଥିଲେ। ଫିଲ୍ମର ଶୁଟିଂ ବିଭିନ୍ନ ସ୍ଥାନରେ ହେଉଥିବାବେଳେ ତା'ର ଏକ ଗୀତର ଶୁଟିଂ ତୁର୍କୀରେ ହେଉଥିବା ଜଣାପଡ଼ିଛି। ଏହି ସମୟରେ ସେମାନେ ମଜା କରୁଥିବା କିଛି ଫଟୋ ସୋସିଆଲ ମିଡିଆରେ ଶେୟାର କରିଛନ୍ତି, ଯାହା ଏବେ ବେଶ୍ ଭାଇରାଲ ହେବାରେ ଲାଗିଛି। ଶୁଟିଂ ପରେ ସାମନ୍ଥା ବିଜୟଙ୍କ ସହ ତୁର୍କୀ ପରିବେଶର ମଜା ନେଉଥିବା ଦେଖିବାକୁ ମିଳିଛି। ସେମାନେ ରେଷ୍ଟୁରାଣ୍ଟରେ ଏକାଠି ବସି ଖାଉଥିବାର ଫଟୋ ସାମ୍ନାକୁ ଆସିଛି। ତେବେ ସାମନ୍ଥା ୨୦୧୦ରୁ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିବାବେଳେ 'ପୁଷ୍ପା: ଦି ରାଇଜ୍'ରେ ତାଙ୍କ ଧମାକାଦାର ଡ୍ୟାନ୍ସ ପରେ ତାଙ୍କ ହାତକୁ ଅନେକ ଫିଲ୍ମ ଆସିଥିବା ଜଣାପଡ଼ିଛି। ନିକଟରେ ତେଲୁଗୁ ଫିଲ୍ମ 'ଶକୁନ୍ତଳମ୍'ରେ ତାଙ୍କୁ ଦେଖିବାକୁ ମିଳିଥିଲା।

# ମୃତ ପୋଷା ବିଲେଇ ପାଇଁ ୨ଲକ୍ଷ ଖର୍ଚ୍ଚ



**ପୋର୍ଟଲାଣ୍ଡ:** ବର୍ତ୍ତମାନ ସମୟରେ ଲୋକେ ପୋଷା ପ୍ରାଣୀ ରଖିବାକୁ ପସନ୍ଦ କରୁଛନ୍ତି। ସେମାନଙ୍କ ପାଇଁ ବହୁତ ଟଙ୍କା ମଧ ଖର୍ଚ୍ଚ କରୁଛନ୍ତି। ହେଲେ ନିକଟରେ ଜଣେ ମହିଳା ତାଙ୍କ ପୋଷା ବିଲେଇକୁ ଏତେ ଭଲ ପାଉଥିଲେ ଯେ ତା' ଅନ୍ତିମ ସଂସ୍କାର ମଧ କରିନାହାନ୍ତି। ଏବେ ବି ସେ ତାକୁ ତାଙ୍କ ପାଖରେ ରଖିଛନ୍ତି। ତା' ଶରୀର ଶଢ଼ିବାକୁ ନ ଦେବା ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିବା ଜଣାପଡ଼ିଛି। ରିପୋର୍ଟ ମୁତାବକ, ଅରିଗନ ପୋର୍ଟଲାଣ୍ଡର ୩୫ ବର୍ଷୀୟା ଫ୍ୟାଶନ ଡିଜାଇନର ସୋରେନ ହାଇ ସୋସିଆଲ ମିଡିଆ ଜରିଆରେ ଏହା ଜଣାଇଛନ୍ତି। ସେଥିରେ କହିଛନ୍ତି, ସେ ଗତ ୧୬ ବର୍ଷ ହେବ ତାଙ୍କ ପୋଷା ବିଲେଇ ଲୋକିକୁ ପାଳିଛନ୍ତି। ଦିନେ ହଠାତ୍ ଗୋଟେ କୁକୁର ତାଙ୍କ ଲୋକିକୁ ଆକ୍ରମଣ କଲା। ଫଳରେ ସେ ମରିଗଲା। ସୋରେନଙ୍କ ଆଗରେ ଲୋକି ଛଟପଟ ହୋଇ ମରିଯାଇଥିଲେ ମଧ ସେ ତା' ପାଇଁ କିଛି କରିପାରି ନ ଥିଲେ। ସେଥିପାଇଁ ସେ ନିଷ୍ପତ୍ତି କଲେ ଯେ ଲୋକିଙ୍କୁ ନିଜଠାରୁ ଅଲଗା କରିବେନି। ତେଣୁ ଲୋକି ମରିବା ପରେ ତାକୁ ସେ ଫ୍ରିଜ୍‌ରେ ଭର୍ତ୍ତି କରିଦେଲେ। ତା' ଶରୀର ଗନ୍ଧ ନ ହେବା ସହ ଯେପରି ନଷ୍ଟ ନ ହେବ ସେଥିପାଇଁ ସେ ଇଣ୍ଟରନେଟ୍ ସାହାଯ୍ୟରେ ଲୋକିକୁ କିପରି ରଖାଯାଇପାରିବ ଉପାୟ ଖୋଜି ବାହାରକଲେ। ସୋରେନ ଫ୍ୟାମିଲି ପେଟ୍ ପ୍ରିଜରଭେଶନ ସହ ସମ୍ପର୍କ କରି ତାଙ୍କ ଜରୁରୀ କଥା ଜଣାଇଲେ। ଏଥିପାଇଁ ୩,୨୦୦ ଡଲାର ଅର୍ଥାତ୍ ୨.୬୫ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ଜାଣିବା ପରେ ସୋରେନ ରାଜି ହୋଇଗଲେ। ସେମାନେ ହୃଦୟ ଏବଂ ଶରୀରର କିଛି ଅଙ୍ଗକୁ ମିଶାଇ ନୂଆ ଏକ ଲୋକି ପ୍ରସ୍ତୁତ କଲେ। ଏହାକୁ ଦେଖି ସୋରେନ ବହୁତ ଖୁସି ହୋଇଗଲେ।

# ୪ର୍ଥ ଥର ବାପା ହେବେ ଅଲ ପାସିନୋ



**ୱାଶିଂଟନ:** ହଲିଉଡ୍‌ର ଭେଟେରାନ ଅଭିନେତା ଅଲ ପାସିନୋ ୮୩ ବର୍ଷ ବୟସରେ ୪ର୍ଥ ଥର ପାଇଁ ବାପା ହେବାକୁ ଯାଉଛନ୍ତି। ରିପୋର୍ଟ ମୁତାବକ, ୨୯ ବର୍ଷୀୟା ଫିଲ୍ମ ପ୍ରଯୋଜକ ତଥା ପ୍ରେମିକା ନୁର୍ ଆଲ୍‌ଫାଲା ଏବଂ ପାସିନୋ ତାଙ୍କ ପ୍ରଥମ ଶିଶୁକୁ ସ୍ୱାଗତ କରିବାକୁ ପ୍ରସ୍ତୁତ ଅଛନ୍ତି। ବର୍ତ୍ତମାନ ନୁର୍ ୮ ମାସର ଗର୍ଭବତୀ ଅଛନ୍ତି। ଅତି ନିକଟରେ ହିଁ ସେ ତାଙ୍କ ଶିଶୁକୁ ଜନ୍ମ ଦେବେ। ଟିଏମ୍‌ଜେଡ୍ ପ୍ରଥମେ ଏହି ଖବରକୁ ଶେୟାର କରିଥିଲା। ନୁର୍ ଏବଂ ପାସିନୋ ଗତ ବର୍ଷ ଏପ୍ରିଲ୨୯ରୁ ଦୁହେଁ ଡେଟ୍ କରୁଥିବା ଜଣାପଡ଼ିଛି। ପୂର୍ବରୁ ପାସିନୋଙ୍କ ୩ ସନ୍ତାନ ଅଛନ୍ତି। ବେଭେର୍ଲି ଡି'ଆଙ୍ଗେଲୋଙ୍କ ଗର୍ଭରୁ ଦୁଇ ସନ୍ତାନ ଏବଂ ଜନ୍ ତାରାଣ୍ଟଙ୍କ ଗର୍ଭରୁ ଜଣେ ସନ୍ତାନ ଜନ୍ମ ହୋଇଥିଲେ।

# ସ୍କୁଲ ବିକ୍ରି ପାଇଁ ପିଲାଙ୍କ ଅନ୍‌ଲାଇନ ବିଜ୍ଞାପନ

**ୱାଶିଂଟନ:** ଅନେକ ସମୟରେ ପିଲାମାନେ ସ୍କୁଲ ଯିବାକୁ ଅମଙ୍ଗ ହୁଅନ୍ତି। ସେଥିନେଇ ନିଜ ଭିତରେ ଆଲୋଚନା କରିଥାନ୍ତି। ହେଲେ ସେମାନଙ୍କୁ ଜଣା ନ ଥାଏ ଶିକ୍ଷା ତାଙ୍କ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ। ନିକଟରେ ଜଣେ ପିଲା ସ୍କୁଲଠାରୁ ବିରକ୍ତ ହୋଇ ଏହାକୁ ବିକ୍ରି କରିବାକୁ ଚେଷ୍ଟା କରିଥିବା ଜଣାପଡ଼ିଛି। ଟୁଇଟରରେ ଏନେଇ ଏକ ପୋଷ୍ଟ ଦେଖିବାକୁ ମିଳିଛି, ଯାହା ବେଶ୍ ଭାଇରାଲ ହେବାରେ ଲାଗିଛି। ଆମେରିକା ମାରିଲାଣ୍ଡରେ ମେଡ୍ ହାଇସ୍କୁଲର ପିଲାମାନେ ସେହି ସ୍କୁଲକୁ ଅନ୍‌ଲାଇନ ବିକ୍ରି କରିବାକୁ ଉପାୟ କଲେ। ସେମାନେ ଜିଲୋ ନାମକ ଏକ ରିୟଲ ଇଷ୍ଟେଟ ୱେବ୍‌ସାଇଟରେ ସ୍କୁଲକୁ ବିକ୍ରି କରିବାକୁ ବିଜ୍ଞାପନ ଦେଲେ। ସେଥିରେ ଯାହା ଲେଖାହୋଇଥିଲା, ତାହା ବହୁତ ମଜାଳିଆ ଥିଲା। ସ୍କୁଲକୁ ସେମାନେ ୪୩ ଲକ୍ଷ ଟଙ୍କାରେ ବିକ୍ରି କରିବାକୁ ବିଜ୍ଞାପନରେ ଲେଖିଥିଲେ। ସେମାନେ ଲେଖିଥିଲେ, ଏହା ଏକ ଭଲ ଏବଂ ଅଧା କାମ କରୁଥିବା ଜେଲ ଅଟେ। ଏହା ୧୨,୪୫୮ ବର୍ଗଫୁଟ ହୋଇଥିବାବେଳେ ଏଥିରେ ୨୦ଟି ଗୃହ ଏବଂ ୧୫ଟି ଗାଧୁଆଘର, ଗୋଟିଏ ରୋଷେଇଘର ଏବଂ ଏକ ବାସ୍କେଟବଲ ପିଚ୍ ରହିଛି। ସମସ୍ତ ଗାଧୁଆଘରେ ପାଣି ସମସ୍ୟା ରହିଛି। ଏଥିସହ ସ୍କୁଲରେ କାମ ଚାଲିଥିବାବେଳେ ତାହା ବିପଦ ସୃଷ୍ଟି କରୁଛି। ଏହି ପୋଷ୍ଟ ଅଧିକ ଭାଇରାଲ ହେଉଥିବାବେଳେ ଏଥିରେ ଅନେକେ ଭିନ୍ନ ଭିନ୍ନ କମେଣ୍ଟ କରିଛନ୍ତି। ପିଲାମାନେ ମଜା କରିଥିବା ଜଣେ ୟୁଜର କହିଛନ୍ତି।

# ଜିଏସ୍‌ଟି ଆଦାୟରେ ୩୦.୨୮ ପ୍ରତିଶତ ରେକର୍ଡ ଅଭିବୃଦ୍ଧି

## ୧୬୭୫.୭୭ କୋଟି ସଂଗ୍ରହ

ଭୁବନେଶ୍ୱର,୧।୬(ବ୍ୟୁରୋ)

ରାଜ୍ୟ ଜିଏସ୍‌ଟି ଓ ସମନ୍ୱିତ ଜିଏସ୍‌ଟି ଆଦାୟରେ ରେକର୍ଡ ଅଭିବୃଦ୍ଧି ହୋଇଛି। ୨୦୨୩ ମେ'ରେ ଜିଏସ୍‌ଟି ଆଦାୟରେ ୩୦.୨୮ ପ୍ରତିଶତ ଅଭିବୃଦ୍ଧି ହେବା ସହ ୧୬୭୫.୭୭ କୋଟି ଟଙ୍କା ସଂଗ୍ରହ କରାଯାଇଛି । ମୋଟ ଜିଏସ୍‌ଟି କ୍ଷେତ୍ରରେ ଓଡ଼ିଶା ଚଳିତ ବର୍ଷ ମେ' ମାସରେ ୧୧.୧୭ ପ୍ରତିଶତ ଅଭିବୃଦ୍ଧି ହାସଲ କରିବା ସହ ୪୩୯୭.୭୩ କୋଟି ଟଙ୍କା ସଂଗ୍ରହ କରିଛି । ଗତବର୍ଷ ମେ' ମାସରେ ଏହି ସଂଗ୍ରହ ପରିମାଣ ଥିଲା ୩୯୫୫.୭୫ କୋଟି ଟଙ୍କା । ଚଳିତ ଆର୍ଥିକ ବର୍ଷର ମେ' ମାସ ସୁଦ୍ଧା ସାମଗ୍ରିକ ଜିଏସ୍‌ଟି ସଂଗ୍ରହ ୯୪୩୩.୪୭ କୋଟି ଟଙ୍କା ହୋଇଥିବା ବେଳେ ଗତ ଆର୍ଥିକ ବର୍ଷର ଏହି ସମୟ ମଧ୍ୟରେ ଏହା ୮୮୬୫.୯୮ କୋଟି ଟଙ୍କା ଥିଲା । ୨୦୨୩-୨୪ ଆର୍ଥିକ ବର୍ଷର ମେ' ମାସ ସୁଦ୍ଧା ରାଜ୍ୟ ଜିଏସ୍‌ଟି ଓ ସମନ୍ୱିତ ଜିଏସ୍‌ଟି ଫଇସଲା ବାବଦକୁ ରାଜ୍ୟ ପାଇଥିବା ସାମଗ୍ରିକ ଜିଏସ୍‌ଟି ସଂଗ୍ରହ ପରିମାଣ ୪୦୩୪.୯୪କୋଟି ଟଙ୍କା ହୋଇଥିବା ବେଳେ ଗତ ଆର୍ଥିକ ବର୍ଷର ଏହି ସମୟ ମଧ୍ୟରେ ଏହା ଥିଲା ୨୯୬୬.୨୯ କୋଟି ଟଙ୍କା । ଫଳରେ ଏ କ୍ଷେତ୍ରରେ ଅଭିବୃଦ୍ଧି ହାର ୩୬.୦୩ ପ୍ରତିଶତ ରହିଛି । ରାଜ୍ୟ ବାଣିଜ୍ୟକର ଏବଂ ଜିଏସ୍‌ଟି ବିଭାଗ ପକ୍ଷରୁ ଜିଏସ୍‌ଟି, ଭାଟ୍, ପ୍ରବେଶ ଶୁଳ୍କ, ବୃତ୍ତିଗତ କର ଅଧୀନରେ ଚଳିତ ବର୍ଷ ମେ' ମାସରେ ମୋଟ ୨୭୧୧.୦୪ କୋଟି ଟଙ୍କା ସଂଗ୍ରହ କରାଯାଇଥିବା ବେଳେ ଗତବର୍ଷ ମେ' ମାସରେ ଏହି ସଂଗ୍ରହ ପରିମାଣ ଥିଲା ୨୩୧୧.୭୮କୋଟି ଟଙ୍କା । ଫଳରେ ଏ କ୍ଷେତ୍ରରେ ଅଭିବୃଦ୍ଧି ହାର ୧୭.୨୭ ପ୍ରତିଶତ ରହିଛି । ଚଳିତ ବର୍ଷ ମେ' ମାସରେ ୨୦.୪୦ ଲକ୍ଷ ଇ-ୱେବିଲ୍ ନିର୍ଗମନ କରାଯାଇଥିବା ବେଳେ ୨୦୨୨ ମେ' ମାସରେ ୧୭.୨୬ ଲକ୍ଷ ସଂଖ୍ୟକ ଇ-ୱେବିଲ୍ ନିର୍ଗମନ କରାଯାଇଥିଲା । ଏ କ୍ଷେତ୍ରରେ ୧୮.୧୯ ପ୍ରତିଶତ ହୋଇଛି ।

# ଗରମ, ଗୁଳୁଗୁଳିରେ ଅସ୍ତବ୍ୟସ୍ତ

- ୬ରୁ ୧୦ ଆହୁରି ଅସମ୍ଭାଳ
- ୧୧ରେ ଲଘୁଚାପ

ଭୁବନେଶ୍ୱର,୧।୬(ବ୍ୟୁରୋ)

ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଗରମ ସାଙ୍ଗକୁ ଗୁଳୁଗୁଳି ଅସ୍ତବ୍ୟସ୍ତ କରୁଛି। ଘରେ କିମ୍ବା ବାହାରେ ନିସ୍ତାର ନାହିଁ। ଏଭଳି ଉତ୍ତପ୍ତ ପରିବେଶ ଆସନ୍ତା ୧୦ ତାରିଖ ଯାଏ ବଳବତ୍ତର ରହିବ। ତେବେ ୬ରୁ ୧୦ ତାରିଖ ମଧ୍ୟରେ ତାତି ଅସହ୍ୟ ହେବ। ଏହି ସମୟରେ କାଳବୈଶାଖୀର ସମ୍ଭାବନା କମ୍ ରହିଥିବାରୁ ଗ୍ରୀଷ୍ମ ପ୍ରକୋପ ବଢ଼ିଯିବ। ତେବେ ୧୧ ତାରିଖରେ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ଦକ୍ଷିଣ ପୂର୍ବ ଆରବ ସାଗରରେ ଦୁଇଟି ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଦକ୍ଷିଣ ଓଡ଼ିଶା ସମେତ ରାଜ୍ୟର କେତେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟରେ ରାଜ୍ୟକୁ ଦକ୍ଷିଣ ପଶ୍ଚିମ ମୌସୁମୀର ଆଗମନ ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ସମ୍ବଲପୁରରେ ସର୍ବାଧିକ ତାପମାତ୍ରା ୪୩.୪ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଝାରସୁଗୁଡା ୪୨.୬, ହୀରାକୁଦ ୪୨.୬, ସୋନପୁର ୪୨.୪, ବୌଦ୍ଧ ୪୨.୨, ରାଉରକେଲା ୪୧.୨, ବରଗଡ ୪୧, ଟିଟିଲାଗଡ଼ ୪୧, ବାରିପଦା ୪୧, ମାଲକାନଗିରି ୪୧, ଯାଜପୁର ୪୦.୯, ତାଳଚେର ୪୦.୮, ଭବାନୀପାଟଣା ୪୦.୫, ଅନୁଗୋଳ ୪୦.୫, ସୁନ୍ଦରଗଡ଼ ୪୦.୨, ନୂଆପଡ଼ା ୪୦.୧, କେନ୍ଦୁଝର ୪୦, ଭୁବନେଶ୍ୱର ୩୯.୯, ଚାନ୍ଦବାଲି ୩୯.୪ ଏବଂ ବାଲେଶ୍ୱରରେ ସର୍ବାଧିକ ତାପମାତ୍ରା ୩୯.୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

ଆସନ୍ତା ୫ ଦିନ ପର୍ଯ୍ୟନ୍ତ ରାଜ୍ୟର କେତେକ ସ୍ଥାନରେ କାଳବୈଶାଖୀ ବର୍ଷା ଜାରି ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଆସନ୍ତା ୨୪ ଘଣ୍ଟା ଭିତରେ ଗଜପତି, ଗଞ୍ଜାମ, କନ୍ଧମାଳ, ରାୟଗଡ଼ା ଜିଲାରେ ଝଡ଼ବର୍ଷା ସମ୍ଭାବନା ରହିଛି। ଏଥିସହ ଗଜପତି, ଗଞ୍ଜାମ, କନ୍ଧମାଳ, ରାୟଗଡ଼ା, କୋରାପୁଟ, ପୁରୀ, ନୟାଗଡ଼, ଖୋର୍ଦ୍ଧା, କଟକ ଓ ଜଗତ୍‌ସିଂହପୁର ଜିଲାରେ ମଧ୍ୟ ଘଡ଼ଘଡ଼ି ବର୍ଷା ସହ ୩୦ରୁ ୪୦ କିମି ବେଗରେ ପବନ ବହିବା ସମ୍ଭାବନା ରହିଛି।

ତେବେ ଦିନର ତାପମାତ୍ରାରେ ବିଶେଷ କିଛି ପରିବର୍ତ୍ତନ ହେବାର ନାହିଁ। ଆଭ୍ୟନ୍ତରୀଣ ଓଡ଼ିଶାର କେତେକ ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୪୨ ଡିଗ୍ରୀଠାରୁ ଅଧିକ ରହିପାରେ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

# ଓପିଏଚ୍‌ଡବ୍ଲ୍ୟୁସି ପୂର୍ବତନ ଡେପୁଟି ମ୍ୟାନେଜର ପ୍ରତାପଙ୍କ ୧୧.୩୫ କୋଟିର ସମ୍ପତ୍ତି ଆଟାଚ୍

## ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଇଡି କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୧।୬(ବ୍ୟୁରୋ)


ପ୍ରତାପ କୁମାର ସାମଲ

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଗିରଫ ହୋଇଥିବା ଓଡ଼ିଶା ପୋଲିସ ହାଉସିଂ ଆଣ୍ଡ୍ ୱେଲ୍‌ଫେୟାର କର୍ପୋରେଶନ(ଓପିଏଚ୍‌ଡବ୍ଲ୍ୟୁସି)ର ପୂର୍ବତନ ଡେପୁଟି ମ୍ୟାନେଜର ପ୍ରତାପ କୁମାର ସାମଲଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ପ୍ରତାପ, ତାଙ୍କ ସ୍ତ୍ରୀ ସସ୍ମିତା ଏବଂ ପୁଅ ପ୍ରୀତମଙ୍କ ନାମରେ ଥିବା ୧୧.୩୫ କୋଟିର ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ଇଡି ଆଟାଚ୍ କରିଛି। ପ୍ରିଭେନ୍‌ଶନ ଅଫ୍ ମନି ଲଣ୍ଡ୍ରିଂ ଆକ୍ଟ ୨୦୦୨ (ପିଏମ୍‌ଏଲ୍‌ଏ) ଆଧାରରେ ଇଡି ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ପ୍ରତାପ ତାଙ୍କ ଚାକିରି କାଳରେ ଦୁର୍ନୀତି କରି ଏହି ସମ୍ପତ୍ତି ହାତେଇଥିଲେ ବୋଲି ଇଡି ପକ୍ଷରୁ ଗୁରୁବାର ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଭିଜିଲାନ୍ସର ୧୦ଟି ଟିମ୍ ୨୦୨୧ ନଭେମ୍ବର ୯ରେ ପ୍ରତାପଙ୍କ ଭୁବନେଶ୍ୱରସ୍ଥିତ ଓପିଏଚ୍‌ଡବ୍ଲ୍ୟୁସି କାର୍ଯ୍ୟାଳୟ, ନୟାପଲ୍ଲୀ ଆଇଆର୍‌ସି ଭିଲେଜରେ ସେ ରହୁଥିବା ଆପାର୍ଟମେଣ୍ଟ ଓ ବାଲେଶ୍ୱର ସିମୁଳିଆସ୍ଥିତ ପୈତୃକ ଘର ସମେତ ୯ ସ୍ଥାନରେ ଚଢ଼ାଉ କରିଥିଲା। ଏହି ସମୟରେ ପ୍ରତାପଙ୍କ ସମେତ ସ୍ତ୍ରୀ ଓ ପୁଅଙ୍କ ନାମରେ ଅମାପ ସମ୍ପତ୍ତି ଥିବା ଜଣାପଡ଼ିଥିଲା। ଭଦ୍ରକ ବାସୁଦେବପୁରରେ ୫ଟି ପ୍ଲଟ ସହ ଗୋଟିଏ ୩ ମହଲା କୋଠା, ଭୁବନେଶ୍ୱର ଉପକଣ୍ଠ ଗୋଠପାଟଣାରେ ୩.୮୯ କୋଟିର ୫ ମହଲା କୋଠା, ଆଇଆର୍‌ସି ଭିଲେଜରେ ୪ ମହଲା କୋଠା ସହ ମୋଟ ୨୭ଟି ସ୍ଥାବର ସମ୍ପତ୍ତି ଓ ନଗଦ ୩୮.୧୨ ଲକ୍ଷ ସମେତ ଅନ୍ୟାନ୍ୟ ଅସ୍ଥାବର ସମ୍ପତ୍ତି ମିଳିଥିଲା। ଏପରିକି ଚଢ଼ାଉ ସମୟରେ ପ୍ରତାପ ୨୦ ଲକ୍ଷ ଟଙ୍କା ଛାତ ଉପରୁ ତଳକୁ ଫୋପାଡ଼ି ଦେଇଥିଲେ। ଯାଞ୍ଚ ପରେ ପ୍ରତାପ ଓ ତାଙ୍କ ପରିବାର ସଦସ୍ୟଙ୍କ ପାଖରୁ ମୋଟ ୧୪.୮୭ କୋଟି ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଭିଜିଲାନ୍ସ ଠାବ କରିଥିଲା। ଏହା ପ୍ରତାପଙ୍କ ପ୍ରକୃତ ଆୟଠାରୁ ୧୦୨୧% ଅଧିକ ବୋଲି ଭିଜିଲାନ୍ସ ସୂଚନା ଦେଇଥିଲା। ଏନେଇ ଭିଜିଲାନ୍ସ ଏକ ମାମଲା ରୁଜୁ କରି ପ୍ରତାପଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। କିଛିଦିନ ପରେ ରାଜ୍ୟ ସରକାର ପ୍ରତାପଙ୍କୁ ତାଙ୍କ ଚାକିରିରୁ ବାଧ୍ୟତାମୂଳକ ଅବସର ଦେଇଥିଲେ। ତେବେ ଭିଜିଲାନ୍ସ ରୁଜୁ କରିଥିବା ଏଫ୍‌ଆଇଆର୍ ଆଧାରରେ ଇଡି ବେଆଇନ ଅର୍ଥ କାରବାର ଦିଗକୁ ନେଇ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ୩ ମାସ ମଧ୍ୟରେ ନିୟମିତ କର: ହାଇକୋର୍ଟ

## ସମ୍ବଲପୁର ବିଶ୍ୱବିଦ୍ୟାଳୟ ଜୁନିୟର ଆସିଷ୍ଟାଣ୍ଟ ଚାକିରି ନିୟମିତ ମାମଲା



କଟକ ଅଫିସ,୧।୬

ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଜୁନିୟର ଆସିଷ୍ଟାଣ୍ଟଙ୍କ ଚାକିରି ୩ ମାସ ମଧ୍ୟରେ ନିୟମିତ କରିବାକୁ ହାଇକୋର୍ଟ ଗୁରୁବାର ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଚାରପତି ଏସ୍. କେ. ସାହୁ ଏ ସମ୍ପର୍କିତ ୫ଟି ମାମଲାର ଏକତ୍ର ଶୁଣାଣି କରି ଯେତେଶୀଘ୍ର ସମ୍ଭବ ଆବେଦନକାରୀଙ୍କୁ ନିୟମିତ କରିବା ପାଇଁ କହିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ଆବେଦନକାରୀ ସୁରେନ୍ଦ୍ର ବାରିକ, ସୁଧାକର ବାରିକ, ସଦାନନ୍ଦ ପ୍ରଧାନ, ଅରବିନ୍ଦ ବେହେରା ଓ ପ୍ରେମରାଜ ପଣ୍ଡା ଦୀର୍ଘବର୍ଷ ଧରି ବିଶ୍ୱବିଦ୍ୟାଳୟରେ ଏକାଧିକ ପଦବୀରେ ଅତ୍ୟନ୍ତ ସ୍ୱଳ୍ପ ପାରିଶ୍ରମିକରେ ଅସ୍ଥାୟୀ ଭାବେ କାର୍ଯ୍ୟ କରୁଥିଲେ। ପରବର୍ତ୍ତୀ ସମୟରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ସେମାନଙ୍କୁ ଜୁନିୟର ଆସିଷ୍ଟାଣ୍ଟ ଭାବେ ନିଯୁକ୍ତି ଦିଆଯାଇଥିଲା। ସେମାନେ ବିଭିନ୍ନ ସମୟରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ନିକଟରେ ଚାକିରି ନିୟମିତ କରିବା ନେଇ ଦାବି ଉପସ୍ଥାପନ କରିଥିଲେ। ଆବେଦନକାରୀଙ୍କ ସମେତ ମୋଟ ୪୩ ଜଣଙ୍କୁ ନିୟମିତ କରିବା ନିମନ୍ତେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗକୁ ଚିଠି କରାଯାଇଥିଲା। ହେଲେ ରାଜ୍ୟ ସରକାର ସେମାନଙ୍କ ଚାକିରି ନିୟମିତ ହେବା ନେଇ କୌଣସି ପଦକ୍ଷେପ ନେଲେ ନାହିଁ। ଫଳରେ ସେମାନେ ୨୦୧୯ରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏଥିରେ ରାଜ୍ୟ ସରକାରଙ୍କ ସମେତ ଅନ୍ୟମାନଙ୍କୁ ପକ୍ଷଭୁକ୍ତ କରାଯାଇଥିଲା। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ବୁଦ୍ଧଦେବ ରାଉତରାୟ ମାମଲା ପରିଚାଳନା କରୁଥିଲେ।

# ବର୍ଷକୁ ଦେଶର ୧.୩୫ ନିୟୁତ ଜୀବନ ନେଉଛି ତମାଖୁ

## କ୍ୟାନସରଜନିତ ମୃତ୍ୟୁର ୨୭% କାରଣ ତମାଖୁ ସେବନ



ଭୁବନେଶ୍ୱର, ୧।୬ (ବ୍ୟୁରୋ)

ତମାଖୁ ସେବନ ସମାଜରେ ଏକ ବ୍ୟାଧିର ରୂପ ନେଇଛି। ଏହାର ସେବନ ଯୋଗୁ ପ୍ରତିବର୍ଷ ଭାରତରେ ୧.୩୫ ନିୟୁତ ଲୋକଙ୍କ ଜୀବନ ଯାଉଥିବାବେଳେ ଏଥିରୁ ନିର୍ଗତ ଧୂଆଁ ଯୋଗୁ ୧.୨ ନିୟୁତ ଲୋକଙ୍କ ମୃତ୍ୟୁ ଘଟୁଛି। ଭାରତରେ କ୍ୟାନ୍‌ସର ଜନିତ ମୃତ୍ୟୁର ୨୭% କେବଳ ତମାଖୁ ସେବନ ଯୋଗୁ ହୋଇଥାଏ। ଏଭଳି ବିପଦରୁ ରକ୍ଷା କରିବା ପାଇଁ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ସବୁଠାରୁ ବଡ଼ ପଦକ୍ଷେପ ଭାବେ ଉଭା ହୋଇଛି ବୋଲି ବିଶ୍ୱ ତମାଖୁ ବର୍ଜନ ଦିବସରେ ମତ ପ୍ରକାଶ ପାଇଛି।

ପିପୁଲସ କଲ୍‌ଚରାଲ ସେଣ୍ଟର (ପିକକ), ରୟାଲ କଲେଜ ଅଫ ସାଇନ୍ସ ଓ ଟେକ୍ନୋଲୋଜି ଭୁବନେଶର ଏବଂ କୋଆଲିସନ ଫର ଟବାକୋ ଫ୍ରି ଓଡିଶା ପକ୍ଷରୁ କଲେଜ ପରିସରରେ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ ହୋଇଥିଲା। ପିକକ୍‌ର ସମ୍ପାଦକ ରଞ୍ଜନ କୁମାର ମହାନ୍ତି କୋଟପା ଆଇନର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିବା ସହିତ ଯୁବଗୋଷ୍ଠୀଙ୍କୁ ତମାଖୁମୁକ୍ତ ସମାଜ ଗଠନ ପାଇଁ ଉତ୍ସାହିତ କରିଥିଲେ। ଯୁବଗୋଷ୍ଠୀ ସଚେତନ ହେଲେ ତମାଖୁ ସେବନକୁ ରୋକାଯାଇ ପାରିବ ବୋଲି ସେ ମତ ଦେଇଥିଲେ। ରୟାଲ କଲେଜ ଅଧ୍ୟକ୍ଷ ବିଷ୍ଣୁ ମୋହନ ମହାନ୍ତି ମଧ୍ୟ ଯୁବଗୋଷ୍ଠୀଙ୍କୁ ତମାଖୁ ସେବନରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ। ପିକକ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ତମାଖୁ ମୁକ୍ତ ସମାଜ ଗଠନରେ ଛାତ୍ର ଓ ଯୁବଗୋଷ୍ଠୀଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ସଂଯୋଜକ ସତ୍ୟଶିବ ରଥ ତମାଖୁ ସେବନ ଓ ଏଥିଜନିତ ସୃଷ୍ଟି ହେଉଥିବା ସ୍ୱାସ୍ଥ୍ୟ ସମସ୍ୟା ଉପରେ ଅବଗତ କରାଇଥିଲେ। ପିକକ୍‌ର ଜ୍ୟୋତିଶଙ୍କର ମହାନ୍ତି, ଅଞ୍ଜନା ଦାସ, ହରିହର ବଳବନ୍ତରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ପରିପ୍ରେକ୍ଷୀରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, କମିଶନରେଟ ପୋଲିସ ଓ ପିକକ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଟ୍ରାଫିକ ଛାତ୍ର ଓ ଯୁବସ୍ୱେଚ୍ଛାସେବୀମାନେ ବିଶ୍ୱ ତମାଖୁ ଦିବସର ବିଭିନ୍ନ ବାର୍ତ୍ତା ଥିବା ଟି-ସାର୍ଟ ପରିଧାନ କରି ଟ୍ରାଫିକ ପରିଚାଳନା କରିଥିଲେ। ପିକକର ବିଭିନ୍ନ କାର୍ଯ୍ୟକ୍ଷେତ୍ରରେ ଯୁବଗୋଷ୍ଠୀ, ମହିଳା ଓ ପିଲାଙ୍କ ଦ୍ୱାରା ସଚେତନତା ରାଲି, ବାର୍ତ୍ତା, ସଭା ଆଦିର ଆୟୋଜନ କରଯାଇଥିଲା।

**OFFICE OF THE MUNICIPALITY, NABARANGPUR**

No. 2051 Dt.: 31.05.2023

**E-Procurement Notice**

**Bid Identification No. MUN-NAB-SAN No. 003/2023-24**

No. C-477: Name of the work for which e-Tender invited - Supply of Labour, Vehicles, Machineries & equipments for Sanitation Works including collection of solid waste from Door to Door, Road Sweeping, Drain Cleaning, Bush Cutting, Bed level de-silting from Ward No. 6, 7, 8, 12, 13, 14, 15 & 16 of Nabarangpur Municipality area for the F.Y. 2023-24.

1. Estimated cost of work (Annually) - Rs.1,17,44,000/-.
2. Eligible Intending Registered & Financially Sound Manpower Service Provider Agency/Firms/Trust/N.G.Os. having similar nature of work experience of at least Five years and fulfilling the other criteria as given in the D.T.C.N.
3. The bid documents will be available in the website i.e. **http://www.tendersodisha.gov.in** from 01.06.2023 to 12.06.2023 for online bidding.
4. Bid identification No. MUN-NAB-SAN No. 003/2023-24.
5. Last date & time of receipt of Bid through Online: 12.06.2023.
6. Submission documents in office: 8.30 A.M. hrs. of 01.06.2023 to 1.00 P.M. hrs. of 12.06.2023.
7. Opening of Bid on: 13.06.2023 at 11.00 hrs.
8. The bidder has to participate in online bidding only.

For further detail information any one can visit the procurement portal of the Govt. of Odisha i.e. **http://www.tendersodisha.gov.in/**.

Sd./- Executive Officer
Nabarangpur Municipality

OIPR-13230/11/0013/2324

**The Odisha Small Industries Corporation Ltd.**
(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-805 OSIC GST No. 21AAACO2101M1Z1

**TENDER CALL NOTICE**

Tender Notice No.2908/RE/OSIC Dt.31.05.2023

The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for execution of 2 nos. of work i.e. "Supply and installation of Octagonal Pole for provision of Street Lights on Median of the CDA Ring Road leading from Reverine Hospital Chhak to Biju Patnaik Park Chhak after conversion of 4 lane to 6 lane" and "Supply and installation of Octagonal Pole for provision of Street Lights on Median of the CDA Ring Road leading from Judicial Academy Chhak to CDA Sector- 8 & 9 Gada after conversion of 4 lane to 6 lane". Tender details can be downloaded from the OSIC website **www.osicltd.in** . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/ changes/ modifications will appear in OSIC Ltd. website **www.osicltd.in** only

Sd/-
GENERAL MANAGER(O)

OIPR-14073/11/0028/2324

ପ୍ରଥମ ପୃଷ୍ଠାରୁ...

## ଶିଶୁ ମୃତ୍ୟୁ: ନିଶା ସେବନକାରୀ ...

ଏହା ଅଧିକା ରହିଛି। ୩୦ ବର୍ଷରୁ ଊର୍ଦ୍ଧ୍ୱ ମହିଳାଙ୍କ କ୍ଷେତ୍ରରେ ୩ଗୁଣା ଅଧିକ ରହିଛି। ସେହିପରି ଉଚ୍ଚଶିକ୍ଷିତା ମହିଳାଙ୍କ କ୍ଷେତ୍ରରେ କମ ରହିଥିବା ବେଳେ କମ୍ ଶିକ୍ଷା ଲାଭ କରିଥିବା କ୍ଷେତ୍ରରେ ୬.୧ ଗୁଣ ଅଧିକ ରହିଛି। ନିଶାଦ୍ରବ ସେବନ କରିବା ଫଳରେ ମହିଳାମାନଙ୍କ ଗର୍ଭଧାରଣ ଓ ଠିକ୍ ଭାବେ ଶିଶୁ ଜନ୍ମ ଦେବାରେ ସମସ୍ୟା ହୋଇଥାଏ। ଶରୀରରେ ବିଭିନ୍ନ ଅଂଶ କାମ କରେ ନାହିଁ। ଫଳରେ ଗର୍ଭଧାରଣ କରିବା ପରେ ଶିଶୁଟି ମା' ପେଟରେ ସମୟ ଅନୁସାରେ ବଢି ନ ଥାଏ । ଜନ୍ମ ହେବା ପୂର୍ବରୁ ପେଟ ଭିତରେ ମୃତ୍ୟୁ ହୋଇଯାଇଥାଏ। ଏବେ ଶିଶୁ ଓ ପ୍ରସୂତି ମୃତ୍ୟୁ ରୋକିବାକୁ ସରକାର ଅନେକ ଯୋଜନା କରିଛନ୍ତି। ଏଥିରେ ସଫଳତା ମଧ୍ୟ ମିଳିଛି। ପୂର୍ବ ଅପେକ୍ଷା ମୃତ୍ୟୁହାର ହ୍ରାସ ପାଇବାରେ ଲାଗିଛି। ମହିଳାମାନେ ନିଶା ସେବନ କରିବାକୁ ନେଇ ଚିନ୍ତା କରିବାର ଆବଶ୍ୟକତା ରହିଛି ବୋଲି ଡା. ମିଶ୍ର କହିଛନ୍ତି।

## ନଂ.୧କୁ ଉଠି ପୁଣି ...

ମୋଟ ସମ୍ପତ୍ତିର ମୂଲ୍ୟ ୧୬୮.୫ ବିଲିୟନ୍ ଡଲାର ଥିଲା, ଯାହାକି ଆର୍ନଲ୍ଟଙ୍କ ୧୭୨.୯ ବିଲିୟନ୍ ଡଲାରଠାରୁ କମ୍। ୫୧ ବର୍ଷୀୟ ମସ୍କ ୨୦୨୧ ଜାନୁୟାରୀରେ ପ୍ରଥମ ଥର ପାଇଁ ବିଶ୍ୱର ସବୁଠୁ ଧନୀ ମାନ୍ୟତା ପାଇଥିଲେ। ସେତେବେଳେ ତାଙ୍କର ୧୮୫ ବିଲିୟନ୍ ଡଲାର ମୂଲ୍ୟର ସମ୍ପତ୍ତି ଥିଲା। ମସ୍କଙ୍କ ମାଲିକାନାରେ ଥିବା ଟୁଇଟରର ବର୍ତ୍ତମାନ ମୂଲ୍ୟ ମାତ୍ର ୧୫ ବିଲିୟନ୍ ଡଲାର, ଯାହାକି ପୂର୍ବର ୪୪ ବିଲିୟନ୍ ଡଲାର ତୁଳନାରେ ୩୩% କମ୍। ସେ ଟୁଇଟରକୁ ଅଧିଗ୍ରହଣ କରିବା ପରଠୁ ଏହି ମାଇକ୍ରୋବ୍ଲଗିଂ ସାଇଟ୍ ଲଗାତର ଆର୍ଥିକ ଭାବେ ସଂଘର୍ଷ କରୁଛି।

idco Your power to grow ISO 9001 & 14001 | ODISHA NEW OPPORTUNITIES

OFFICE OF THE DIVISIONAL HEAD (ELECTRICAL-II), IDCO, IDCO TOWER, BHUBANESWAR
Tender Call Notice No.- BBSR/ELECT-II/E-43/22-23/1661 Dt.29.05.2023
NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement

No.CAD-771:- Name of the work: Supply, installation, testing and commissioning of HVAC system in the 2nd Floor of Krushi Bhawan, Bhubaneswar.

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect-II), IDCO, IDCO Tower, Janpath, Bhubaneswar | Bid ID No. BBSR/ELECT-II/e-06/23-24 | 02.06.2023 at 12.00 hrs. | 09.06.2023 at 17.00 hrs. |

Further details can be seen from the e-procurment portal www.tendersorissa.gov.in. Corrigendum or addendum if any will not be published in newspapers and can be seen in e-procurement portal as well as in IDCO website.

Sd./- Divisional Head (Elect-II), IDCO, Bhubaneswar

OIPR-14003/11/0059/2324

**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमंडल, चाईबासा**
*email- rwdchaibasa64@gmail.com*

**शुद्धि पत्र**

एतद् द्वारा सूचित किया जाता है कि इस कार्यालय के पत्रांक– 411(अनु0) दिनांक– 17.05.2023 द्वारा आमंत्रित ई निविदा आमंत्रण सूचना सं0– 01/2023–24/RWD/ EE/CHAIBASA जिसका PR No-297654 West Singhbhum(23-24):D है, में प्रकाशित निविदा को अपरिहार्य कारणों से रद्द किया जाता है।

विश्वासभाजन,
कार्यपालक अभियंता
ग्रामीण कार्य विभाग, कार्य प्रमण्डल,
चाईबासा

PR 298841 West Singhbhum (23-24)_D

**Government of Jharkhand**
**Urban Development & Housing Department**
**Municipal Corporation, Hazaribag**

**e- Procurement**
**Short Notice Inviting Tender**
**Reference No. - UDD/HMC/HZB/06/2023-24**

1.Detail of work

| Group No. | Name of work | Estimated Cost (Rs.) | Earnest Money | Cost of BOQ | Completion period for construction |
|---|---|---|---|---|---|
| 1. | Construction of Marriage Hall at Hazaribag in Ward No. 16 | 1,23,51,815/- | 2,50,000/- | 10,000/- | 365 Days |
| 2. | Date of Publication of Tender on website | 07.06.2023 at 11:00 A.M. | | | |
| 3. | Last Date/Time of receipt of bids online | 14.06.2023 up to 2:00 P.M. | | | |
| 4. | Hardcopy Submission date | 15.06.2023 up to 2:00 P.M. | | | |
| 5. | Technical Bid Opening date | 16.06.2023 at 02:00 P.M. | | | |
| 6. | Financial Bid Opening date | To be announced Later | | | |
| 7. | Name & Address of office inviting tender | Executive Engineer Municipal Corporation Hazaribag. | | | |
| 8. | Contact No. of Procurement officer | 8219204356 | | | |

**NOTE :**
- Only e-Tenders will be accepted.
- No Hard Copy will be accepted after 15-06-2023 up to 2.00 PM.
- Further details can be seen on website http:/jharkhand tenders.gov.in

Sd/-
Executive Engineer
Municipal Corporation, Hazaribag

PR298904 (Urban Development and Housing)23-24*D

FORM NO.13
**BEFORE THE DEBTS RECOVERY TRIBUNAL, CUTTACK, ODISHA**
C-71, SECTOR-7, CDA, CUTTACK, ODISHA
**O.A. No. 283 /2020**

Union Bank of India, (e-Andhra Bank), Baramunda Branch, At - M-14, Baramunda Housing Board colony, P.O.: Baramunda, P.S.: Khandagiri, Bhubaneswar, Dist.: Khurda-751003 (Odisha) .... Applicant
-Versus-
M/s. TQM Consultancy Services (O) Pvt. Ltd & Ors ......Defendants

To,
1. **M/s.TQM Consultancy Services (Orissa) Pvt. Ltd,** represented through the Chairman-cum-Managing Director : Mr. Prithiviraj Harichandan, At: Plot No.: A/12, 2nd Floor Nilakantha Nagar, P.O./P.S.: Nayapalli, Bubaneswar, Dist.; Khurda-751012. Odisha.
2. **Mr. Prithiviraj Harichandan,** (CMD of M/s. TQM Consultancy Services (Orissa) Pvt Ltd), S/o.: Mr. Biswabhusan Harichandan, At: Plot No.: A/12, Nilakantha Nagar, P.O./P.S.: Nayapalli, Bubaneswar, Dist.: Khurda- 751012, Odisha.
3. **Mrs. Mala Harichandan,** (Director - M/s. TQM Consultancy Services (Orissa) Pvt. Ltd), W/o.: Mr. Prithiviraj Harichandan, At: Plot No.: A/12, Nilakantha Nagar, P.O./P.S.: Nayapalli, Bubaneswar, Dist.: Khurda-751012, Odisha.
4. **Mr. Manmath Mallick, (Guarantor & Mortgager)(Director: M/s.TQM Consultancy Services (Orissa) Pvt. Ltd),** S/o.: Bholanath Mallick, **At Present** residing at E-139, Metro City Apartment, Nayapalli (Behera Sahi), P.O./P.S.: Nayapalli, Bhubaneswar, Dist.: Khurda - 751012, Odisha.
5. **Mrs. Puspalata Mallick (Mortgager),** W/o.: Mr. Manmath Mallick, **At Present** residing at E-139, Metro City Apartment, Nayapalli (Behera Sahi), P.O./P.S.: Nayapalli, Bhubaneswar, Dist.: Khurda - 751012, Odisha,

**SUMMONS BY PAPER PUBLICATION**
**FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 283/2020** in the court of the Debts of Recovery Tribunal, Cuttack for recovery of ₹ **51,25,151.37** (Rupees Fifty One Lakh Twenty Five Thousand One Hundred Fifty One & Paise Thirty Seven) only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorised agent, in support of their defence to show cause within **30 days** from the publication or on **02.08.2023 at 10.30 am** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this Tribunal on this **23rd day of May, 2023.**

Sd/- (Nikhila Ranjan Pati)
REGISTRAR

SBI **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ମଧୁପାଟଣା, କଟକ
ଫୋନ୍: ୦୬୭୧-୨୩୪୪୩୦୮/୨୩୪୪୩୦୨, ଇ-ମେଲ: sbi.10027@sbi.co.in

**ଇ-ନିଲାମ/ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନଷ୍ଟ୍ରକ୍‌ସନ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ

ନିମ୍ନ ସ୍ୱାକ୍ଷରକାରୀ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀ ସରଫେଶୀ ଆକ୍ଟର ଧାରା ୧୩(୪) ଅନୁସାରେ ନିମ୍ନଦର୍ଶିତ ସମ୍ପତ୍ତିଗୁଡିକୁ ଦଖଲକୁ ନେଇଛନ୍ତି। ସର୍ବସାଧାରଣଙ୍କୁ ଏତଦ୍ଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ (ସରଫେଶୀ ଆକ୍ଟ ୨୦୦୨ ଅନ୍ତର୍ଗତ) ନିମ୍ନଦର୍ଶିତ ସମ୍ପତ୍ତିଗୁଡିକୁ **"ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି"** ଭିତ୍ତିରେ ଇ-ନିଲାମ ମାଧ୍ୟମରେ ନିମ୍ନପ୍ରଦତ୍ତ ନିୟମ ଓ ସର୍ତ୍ତାବଳୀ ଅନୁସାରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି।

**ସମ୍ପତ୍ତିଗୁଡିକର ତନଖି କରିବାର ତାରିଖ ଓ ସମୟ: ୧୯.୦୬.୨୦୨୩ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ**

**ଇ-ନିଲାମ ତାରିଖ ଏବଂ ସମୟ: ତା ୨୧.୦୬.୨୦୨୩ ରିଖ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୨.୦୦ଘଟିକା ପର୍ଯ୍ୟନ୍ତ ପ୍ରତ୍ୟେକଙ୍କ ନିମନ୍ତେ ୧୦ ମିନିଟ୍ ଅସୀମିତ ବର୍ଦ୍ଧିତ ସମୟ ସହିତ**

| କ୍ର. ନଂ. | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିଗୁଡ଼ିକର ବିବରଣୀ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା/ ବିଡ୍ ବୃଦ୍ଧି ପରିମାଣ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ସମ୍ପତ୍ତିଗୁଡିକର ବିକ୍ରୟ |
|---|---|---|---|---|
| ୧. | **ଋଣଗ୍ରହୀତା: ମେସର୍ସ ଶ୍ରୀ ମାରୁତୀ ଆସୋସିଏଟ୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ସୁବାଷ କୁମାର ଗୁପ୍ତା,** ସା.: ୮୪/୨, ଜେଲ୍ ରୋଡ୍, ଝାରପଡ଼ା, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା - ୭୫୧୦୦୬ **/ଗ୍ୟାରେଣ୍ଟିଦାତା: ଶ୍ରୀମତୀ କୁସୁମ ଗୁପ୍ତା,** ସା.: ୮୪/୨, ଜେଲ୍ ରୋଡ୍, ଝାରପଡ଼ା, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା - ୭୫୧୦୦୬ | **ଶ୍ରୀ ସୁବାଷ କୁମାର ଗୁପ୍ତାଙ୍କ** ନାମରେ ଥିବା ମହାବୀର ଆପାର୍ଟମେଣ୍ଟର ପ୍ରଥମ ମହଲାରେ ଥିବା ଫ୍ଲାଟ୍ ଯାହାର ନଂ.: ୧/ଏଫ୍, ସୁପର ବିଲ୍ଟ ଅପ୍ ଏରିଆ: ୧୨୫୬ ବର୍ଗଫୁଟ, ମୌଜା: ବାଦାମବାଡି, **୧)** ହାଲ ବନ୍ଦୋବସ୍ତ ଖାତା ନଂ.: ୯୧, ପ୍ଲଟ୍ ନଂ.: ୪୬୩/୯୩୫, କ୍ଷେତ୍ର: ଏକର୦.୧୩୪ ଡିସିମିଲି, ପ୍ଲଟ୍ ନଂ.: ୪୬୪, କ୍ଷେତ୍ର: ଏକର୦.୦୫୯ଡିସିମିଲି, **୨)** ମ୍ୟୁଟେସନ୍ ଖାତା ନଂ.: ୫୩୫/୭୩, ଅନୁରୂପ ହାଲ ବନ୍ଦୋବସ୍ତ ଖାତା ନଂ.: ୨୭୧, ପ୍ଲଟ୍ ନଂ.: ୪୬୫, କ୍ଷେତ୍ର: ଏକର୦.୦୫୦ଡିସିମିଲି ଏବଂ ପ୍ଲଟ୍ ନଂ.: ୪୬୨, କ୍ଷେତ୍ର: ଏକର୦.୦୫୩ ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର୦.୨୯୬ଡିସିମିଲି,** କିସମ: ଘରବାରୀ ସହିତ ଆନୁପାତିକ ଅଂଶ ଏକର ୦.୦୦୭ ଡିସିମିଲି | ଟ.୬୩,୮୯,୦୦୦/- / ଟ.୬,୩୮,୯୦୦/- / ଟ. ୫୦,୦୦୦/- | ୦୧.୦୭.୨୦୧୯ ସୁଦ୍ଧା ଟ.୩,୬୨,୨୪,୯୦୦/- ସହିତ ତତ୍‌ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଦେୟ, ଖର୍ଚ୍ଚ ଇତ୍ୟାଦି |

ଇଚ୍ଛୁକ ବିଡର୍‌ମାନେ ଇ-ନିଲାମ ଶେଷ ହେବା ପୂର୍ବରୁ MSTC ରେ ପ୍ରାକ୍ ବିଡ୍ ଅମାନତ ରାଶି ଜମା କରିପାରିବେ । ପ୍ରାକ୍ ବିଡ୍ ଅମାନତ ରାଶିର କ୍ରେଡିଟ୍ ବିଡ୍‌ରଙ୍କୁ କେବଳ MSTC ର ବ୍ୟାଙ୍କ ଆକାଉଣ୍ଟରେ ଦେୟ ରସିଦ୍ ଏବଂ ଇ-ନିଲାମ ୱେବସାଇଟ୍‌ରେ ସୂଚନା ଅପଡେଟ୍ କରିବା ପରେ ପ୍ରଦାନ କରାଯିବ । ବ୍ୟାଙ୍କିଙ୍ଗ୍ ପ୍ରକିୟା ଅନୁଯାୟୀ ଏହା କିଛି ସମୟ ନେଇପାରେ, ତେଣୁ ବିଡ୍‌ରମାନେ ଶେଷ ମୁହୂର୍ତ୍ତରେ ହେବାକୁ ଥିବା ଅସୁବିଧାକୁ ଏଡାଇବା ପାଇଁ ନିଜ ଇଚ୍ଛା ଅନୁସାରେ ପ୍ରାକ ବିଡ୍ ଅମାନତ ରାଶି ଯଥେଷ୍ଟ ପୂର୍ବରୁ ଦାଖଲ କରିବାକୁ ଅନୁରୋଧ କରାଯାଉଛି ।

**ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନ ଅନୁସାରେ ରୁଲ ୮(୬) ଏବଂ ୯(୧)ଅନୁଯାୟୀ ପରବର୍ତ୍ତୀ ବିକ୍ରୟ ପାଇଁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନିମନ୍ତେ ଏହା ଏକ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।**

**ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ପ୍ରଦତ୍ତ ୱେବସାଇଟ୍ ଲିଙ୍କ୍ ଦେଖନ୍ତୁ:**
**www.sbi.co.in, https://bank.sbi/web/sbi-in-the-news/auction-notices/sarfaesi-and-others, https://ibapi.in**

**ସବିଶେଷ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ: ଶ୍ରୀ ଦିଲ୍ଲୀପ କୁମାର ବିଶ୍ୱାଳ (କ୍ଷମତାପ୍ରାପ୍ତ ଅଧିକାରୀ), ମୋ.: ୮୮୦୦୯୦୧୦୦୫,**
**ସିଟି କେସ୍ ଅଫିସର: ଶେଖ୍ ମାସିଉଲ୍ଲା, ମୋ.: ୯୯୩୮୭୭୮୯୪୯**

**ସମସ୍ତ ସମ୍ପତ୍ତିଗୁଡିକ ବ୍ୟାଙ୍କର ସାଙ୍କେତିକ ଦଖଲରେ ଅଛି ।**

ତାରିଖ : ୦୧.୦୬.୨୦୨୩
ସ୍ଥାନ: କଟକ

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

## ସଂକ୍ଷେପରେ

### ବେଆଇନ ବାଲି ଚାଲାଣକୁ ବିରୋଧ, ଜଣେ ଆହତ

ଚଣ୍ଡିଖୋଲ,୧।୬(ଡି.ଏନ.ଏ.): ଦର୍ପଣ ତହସିଲ ଅଧୀନ ବଡ଼ ବାଲିକୁଦା ପଞ୍ଚାୟତ କେଲୁଅ ନଦୀରୁ ବେଆଇନ ବାଲିଚାଲାଣକୁ ବିରୋଧ କରିବାରୁ ଜଣେ ବ୍ୟକ୍ତିଙ୍କୁ ଆକ୍ରମଣ କରାଯାଇଛି। ଫଳରେ ସେ ଆହତ ହୋଇଛନ୍ତି। ଏନେଇ ବାଲିଚନ୍ଦ୍ରପୁର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ.୧୯୮/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ବଡ଼ ବାଲିକୁଦା ଗ୍ରାମର ଭରତ ଜେନା ଟ୍ରାକ୍ଟର ଯୋଗେ ବୁଧବାର ରାତିରେ କେଲୁଅ ନଦୀରୁ ବାଲି ଚାଲାଣ କରୁଥିଲେ। ସେହି ରାସ୍ତାରେ ବସିଥିବା ଗ୍ରାମର ଶାନ୍ତନୁ ସାମଲ ଏହାକୁ ବିରୋଧ କରିଥିଲେ। ସେ କହିଥିଲେ, ଯେହେତୁ ନୂତନ ରାସ୍ତା ନିର୍ମାଣ କରାଯାଇଛି ସେଥିରେ ବାଲି ଟ୍ରାକ୍ଟର ଗଲେ ରାସ୍ତା ନଷ୍ଟ ହୋଇଯିବ। ଫଳରେ ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଘଟଣାରେ ଭରତ ରାଗିଯାଇ ତାଙ୍କ ସହଯୋଗୀଙ୍କ ସହ ମିଶି ଶାନ୍ତନୁଙ୍କୁ ଆକ୍ରମଣ କରିଥିଲା। ଫଳରେ ସେ ଆହତ ହୋଇ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ପରେ ଥାନାରେ ଅଭିଯୋଗ କରିଥିଲେ।

### ବିବାହ ପୂର୍ବଦିନ ନିଖୋଜ ଯୁବକ ବାଲେଶ୍ୱରରୁ ଉଦ୍ଧାର

ଯାଜପୁର ଟାଉନ,୧।୬(ଡି.ଏନ.ଏ.): ବିବାହର ଗୋଟିଏ ଦିନ ପୂର୍ବରୁ ନିଖୋଜ ହୋଇଥିବା ଜଣେ ଯୁବକଙ୍କୁ ଗୁରୁବାର ବାଲେଶ୍ୱର ଜିଲା



ରେମୁଣା ଅଞ୍ଚଳରୁ ଉଦ୍ଧାର କରାଯାଇଛି। ସେ ହେଲେ ଯାଜପୁର ବ୍ଲକ୍ ଅନ୍ତର୍ଗତ ସିମିଳିଆ ପଞ୍ଚାୟତ ମଇଦିପୁର ଗ୍ରାମର ବୈଦ୍ୟନାଥ ନାୟକଙ୍କ ପୁଅ ନିହାର ରଞ୍ଜନ ନାୟକ। ତାଙ୍କ ବିବାହ ୩୧ ତାରିଖରେ ହେବାକୁ ଥିଲା। ତେଣୁ ସେ ପୂର୍ବଦିନ ଅର୍ଥାତ୍ ୩୦ ତାରିଖ ଦିନ ଜାରକା ବଜାରକୁ ବର ପୋଷାକ କିଣିବା ପାଇଁ ଯାଇଥିଲେ। ସେଠାରୁ ନିହାର ନ ଫେରିବାରୁ ରାତି ୮ଟା ପରେ ପରିବାର ଲୋକେ ତାଙ୍କୁ ଫୋନ୍ କରିଥିଲେ। ମାତ୍ର ତାଙ୍କ ଫୋନ୍ ବନ୍ଦଥିବାରୁ ପରିବାର ଲୋକେ ବିଭିନ୍ନ ସ୍ଥାନ ଓ ବନ୍ଧୁବାନ୍ଧବ ଘରେ ଖୋଜାଖୋଜି କରିଥିଲେ। ହେଲେ ନ ପାଇବାରୁ ୩୧ ତାରିଖରେ ସଦର ଥାନାରେ ତାଙ୍କ ବଡ଼ଭାଇ ସମୀର କୁମାର ନାୟକ ଲିଖିତ ଏତଲା ଦାଏର କରିଥିଲେ। ସଦର ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ତେବେ ଘରକୁ ଫେରିବା ସମୟରେ ନିହାର ବସ୍ ଚଢ଼ିଥିବାବେଳେ ତାଙ୍କର ଆଉ ଚେତା ନ ଥିଲା। ଚେତା ଆସିବାରୁ ନିହାର ବାଲେଶ୍ୱର ଜିଲା ରେମୁଣା ଅଞ୍ଚଳରେ ଥିବା ଜାଣିବାକୁ ପାଇ ଘରସହ ଯୋଗାଯୋଗ କରିଥିଲେ। କୌଣସି ଲୁଟେରା ତାଙ୍କୁ ବସ୍‌ରେ ନିଶାଦେଇ ତାଙ୍କ ପର୍ସ, ମୋବାଇଲ ଓ ବ୍ୟାଗ୍ ଆଦି ଲୁଟିନେଇଛନ୍ତି। ପରିବାର ଲୋକେ ତାଙ୍କୁ ବାଲେଶ୍ୱରରୁ ଘରକୁ ଆଣିଛନ୍ତି।

# ନିଯୁକ୍ତି ପ୍ରତିଶ୍ରୁତି ମୂଲ୍ୟହୀନ

ଯାଜପୁର ଅଫିସ, ୧।୬




**ଯାଜପୁର ଜିଲା**
■ ୧୮,୫୫୩ ପଞ୍ଜିକୃତ, ଜଣଙ୍କୁ ମିଳିନି ଚାକିରି

ଯାଜପୁର ଜିଲା କର୍ମ ନିୟୋଜନ ସଂସ୍ଥା ଥାଇ ବି ମୂଲ୍ୟହୀନ। ବିଗତ ବର୍ଷଗୁଡ଼ିକରେ ପଞ୍ଜିକୃତ ଶିକ୍ଷିତ ଯୁବତୀଯୁବକଙ୍କୁ ଏହି ସଂସ୍ଥା ମାଧ୍ୟମରେ ନିଯୁକ୍ତି ନ ମିଳିବା ଏହି ଅଭିଯୋଗକୁ ସ୍ପଷ୍ଟ କରିଛି। ଜିଲା କର୍ମ ନିୟୋଜନ ସଂସ୍ଥା ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ, ୨୦୨୧ରୁ ୨୦୨୩ ଏପ୍ରିଲ ପର୍ଯ୍ୟନ୍ତ ସମୁଦାୟ ୧୮,୫୫୩ ଜଣ ପଞ୍ଜିକୃତ କରିଛନ୍ତି। ହେଲେ ଶିଳ୍ପ ସମୃଦ୍ଧ ଯାଜପୁର ଜିଲାରେ ଏଥିରୁ ଜଣଙ୍କୁ ବି ନିଯୁକ୍ତି ମିଳିନାହିଁ। ଏହା ଲଜ୍ଜାକର ଏବଂ ବିଡମ୍ବନା ଛଡା ଅନ୍ୟ କିଛି ନୁହେଁ ବୋଲି ଚର୍ଚ୍ଚା ହେଉଛି। ଅନ୍ୟପକ୍ଷେ ଯାଜପୁରର ଶିକ୍ଷିତ ଯୁବତୀଯୁବକମାନେ ନିଯୁକ୍ତି ପଛରେ ଧାଇଁବେ ନାହିଁ, ବରଂ ସେମାନେ ନିଯୁକ୍ତି ଦେବେ ବୋଲି ବିଭିନ୍ନ ସଭାସମିତିରେ ସ୍ଥାନୀୟ ଲୋକ ପ୍ରତିନିଧି ବଡ଼ବଡ଼ ପ୍ରତିଶ୍ରୁତି ଦେଉଛନ୍ତି। ଅଥଚ ବାହାର ରାଜ୍ୟର ଅଧିକାଂଶ ଠିକାସଂସ୍ଥାଗୁଡ଼ିକୁ ଏଠାରେ ନିଯୁକ୍ତି ଦେବାରେ ଲୋକ ପ୍ରତିନିଧିମାନେ ପରୋକ୍ଷରେ ସହଯୋଗ କରି ଓଡ଼ିଆ କର୍ମଚାରୀ ଓ ଶ୍ରମିକଙ୍କୁ ଶୋଷଣ କରାଯାଉଛି ବୋଲି ମତପ୍ରକାଶ ପାଇଛି। ଇତିମଧ୍ୟରେ ଖଡଗପୁରରେ ନିଯୁକ୍ତି ପ୍ରକ୍ରିୟାରେ ଓଡ଼ିଆ ଆଶାୟୀଙ୍କୁ ମାଡ ମାରି ତଡିଦେବା ଘଟଣା ସହ ସ୍ଥାନୀୟ ନିଯୁକ୍ତିରେ ଅଣଦେଖାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

ଜିଲାରେ ଗୋଟିଏ ପରେ ଗୋଟିଏ ଶିଳ୍ପ କାରଖାନା ଗଢ଼ି ଉଠିବାରେ ଲାଗିଛି। ଇତିମଧ୍ୟରେ ନୂଆ କେତେକ ସିମେଣ୍ଟ କାରଖାନା ଏବଂ ଅନ୍ୟାନ୍ୟ ଛୋଟବଡ ଶିଳ୍ପ ପ୍ରତିଷ୍ଠା ହେଉଛି। ଏସବୁ ଶିଳ୍ପ ସଂସ୍ଥା କିନ୍ତୁ ସ୍ଥାନୀୟ ନିଯୁକ୍ତିକୁ ଜାଣିଶୁଣି ଉପେକ୍ଷା କରି ଚାଲିଛନ୍ତି । ଯେଉଁ କେତେଜଣ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦିଆଯାଉଥିବା କୁହାଯାଉଛି ତାହା ସଂପୂର୍ଣ୍ଣ ଅସ୍ଥାୟୀ ଓ ଠିକା ନିଯୁକ୍ତି, ଦିନ ମଜୁରିଆ କହିଲେ ଅତ୍ୟୁକ୍ତି ନୁହେଁ । ସ୍ଥାନୀୟ କର୍ମଚାରୀ ଓ ଶ୍ରମିକମାନଙ୍କୁ ନିୟନ୍ତ୍ରଣ କରିବାର କ୍ଷମତା କେବଳ ଅଧିକାଂଶ ଅଣଓଡ଼ିଆଙ୍କ ହାତରେ ରହିଛି। କେତେକ ଶିଳ୍ପ ସଂସ୍ଥା ନିଜର ଠିକାସଂସ୍ଥା ଖୋଲି ନିଯୁକ୍ତି ଦେବା ନାମରେ ଶୋଷଣ କରି ଚାଲିଛନ୍ତି। ଉଚ୍ଚ ଶିକ୍ଷିତ ଏବଂ ବୈଷୟିକ ଜ୍ଞାନ କୌଶଳରେ ପାରିଦର୍ଶିତା ଥିବା ଓଡ଼ିଆ କର୍ମଚାରୀମାନଙ୍କୁ କମ ଦରମା ଦେଇ ଖରାରେ ଖଟାଉଥିବାବେଳେ ସେହି ଦକ୍ଷତା ଓ ଶିକ୍ଷାଗତ ଯୋଗ୍ୟତା ଥିବା ଅଣଓଡ଼ିଆଙ୍କୁ ଶୀତତାପ ନିୟନ୍ତ୍ରଣ କୋଠରୀରେ ନିଯୁକ୍ତି ଦିଆଯାଉଛି ବୋଲି ଅଭିଯୋଗ ହେଉଛି। ସ୍ଥାୟୀ ନିଯୁକ୍ତି ପାଇଁ ଜିଲା କର୍ମ ନିୟୋଜନ ସଂସ୍ଥା ମାଧ୍ୟମରେ କମ୍ପଲସରି ନୋଟିଫିକେଶନ ଅଫ ଭେକେନ୍ସି ଆକ୍ଟ ୧୯୫୯ ଅନୁଯାୟୀ ଖାଲି ପଦବୀରେ ନିଯୁକ୍ତି ବ୍ୟବସ୍ଥାକୁ ଉଦ୍ଦେଶ୍ୟମୂଳକ ଭାବେ ଶିଳ୍ପ ସଂସ୍ଥାଗୁଡ଼ିକ ଉଲ୍ଲଂଘନ କରି ଚାଲିଛନ୍ତି । ଏଥିରୁ ସ୍ପଷ୍ଟ ଯେ, ଆଇନ କାନୁନ ଓ ନୀତି, ନିୟମ ପ୍ରତି ମଧ୍ୟ ଶିଳ୍ପସଂସ୍ଥାଙ୍କ ବେଖାତିର ମନୋଭାବ ରହି ଆସିଛି । ତଥାପି ଶିକ୍ଷିତ ଯୁବତୀଯୁବକ କର୍ମ ନିୟୋଜନ ସଂସ୍ଥାରେ ପଞ୍ଜିକୃତ କରି ନିଯୁକ୍ତି ଆଶା ଛାଡୁ ନାହାନ୍ତି। ୨୦୨୧ରେ ପୁରୁଷ ୨୯୭୬ ଓ ମହିଳା ୧୩୮୧, ୨୦୨୨ରେ ପୁରୁଷ ୩୩୦୧ ଓ ମହିଳା ୧୨୮୬ ଏବଂ ୨୦୨୩ ଏପ୍ରିଲ ପର୍ଯ୍ୟନ୍ତ ପୁରୁଷ ୫୬୩୧ ଓ ମହିଳା ୩୯୭୮ ଜଣ ପଞ୍ଜିକୃତ କରିଛନ୍ତି। ଅନ୍ୟପକ୍ଷେ ଗତ ୨ ଆର୍ଥିକ ବର୍ଷରେ ପୃଥକ ଭାବେ ୬ ଦିନ କ୍ଷୁଦ୍ର ନିଯୁକ୍ତି ମେଳାର ଆୟୋଜନ ହୋଇଛି। ହେଲେ ଏହି ନିଯୁକ୍ତିମେଳାଗୁଡ଼ିକରେ କଳିଙ୍ଗନଗର ଶିଳ୍ପାଞ୍ଚଳର ବୃହତ୍ କାରଖାନାଗୁଡ଼ିକ ଭାଗ ନେଇ ନାହାନ୍ତି। ଏଭଳି ପ୍ରସଙ୍ଗ ଜିଲାରେ ସର୍ବୋଚ୍ଚ ସ୍ତରରେ ପ୍ରତିନିଧିତ୍ୱ କରୁଥିବା ଜନ ପ୍ରତିନିଧିଙ୍କ ଦୃଷ୍ଟିକୁ ଆସୁନାହିଁ । ବିଧାନସଭା ଓ ସଂସଦରେ ଏଭଳି ଜନ ସମସ୍ୟାକୁ ଉପସ୍ଥାପନ କରି ଜିଲାର ବେକାର ଯୁବତୀ ଯୁବକଙ୍କ ମଙ୍ଗଳ ପାଇଁ ଚିନ୍ତା କରିବା ସମୟ ନାହିଁ । ତଥାପି ଲୋକଙ୍କ ଦରଦି ହେବାର ଅଭିନୟ କରି ଶସ୍ତା ରାଜନୀତିରେ ବ୍ୟସ୍ତ ନେତାଏ ପ୍ରସଙ୍ଗକୁ ଅପ୍ରସଙ୍ଗ ଏବଂ ଅପ୍ରସଙ୍ଗକୁ ପ୍ରସଙ୍ଗ କରିବାରେ ମାତିଛନ୍ତି । ଲୋକଙ୍କ ଆଶା ଅନୁରୂପ ଜନସମସ୍ୟାର ପ୍ରକୃତ ଉପସ୍ଥାପନ ନ ହେବାରୁ ଲୋକ ମଧ୍ୟ ନିରାଶ ହେବାରେ ଲାଗିଛନ୍ତି । ଏ ସଂକ୍ରାନ୍ତରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କୁ ପଚାରିବାରୁ ସେ କହିଛନ୍ତି ସ୍ଥାନୀୟ ନିଯୁକ୍ତିକୁ ପ୍ରାଧାନ୍ୟ ଦେବାକୁ ଶିଳ୍ପ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ପରାମର୍ଶ ଦିଆଯାଉଛି ।

## ଭୁବନେଶ୍ୱର ଚାଲ ପାଇଁ ଏଏପିର ପ୍ରସ୍ତୁତି



ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ଏଏପିର ନେତା ଓ କର୍ମକର୍ତ୍ତା।

ପାଣିକୋଇଲି,୧।୬(ଡି.ଏନ.ଏ.): ଓଡ଼ିଶା ବିଦ୍ୟୁତ୍ କ୍ଷେତ୍ରରେ ଏକ ବଳକା ରାଜ୍ୟ। କିନ୍ତୁ ଏଠାରେ ବିଦ୍ୟୁତ୍ ଦେୟ ଛାଡ ନ ଥିବା ବେଳେ ଦିଲ୍ଲୀ ଓ ପଞ୍ଜାବ ରାଜ୍ୟରେ ବଳକା ବିଦ୍ୟୁତ୍ ନ ଥାଇ ବିଦ୍ୟୁତ୍ କ୍ରୟ କରି ସେଠାକାର ରାଜ୍ୟ ସରକାର ୨୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ଯୋଗାଇ ଦେଉଛନ୍ତି। ହେଲେ ଓଡ଼ିଶା ସରକାର କାହିଁକି ବିଦ୍ୟୁତ୍ ଦେୟ ଛାଡ଼ କରୁନାହାନ୍ତି। ଏହାର ପ୍ରତିବାଦରେ ଆମ୍ ଆଦ୍‌ମୀ ପାର୍ଟି(ଏଏପି)ପକ୍ଷରୁ ଆସନ୍ତା ୮ ତାରିଖ ଭୁବନେଶ୍ୱରରେ ଏକ ସମାବେଶ କରାଯିବ। ତେଣୁ ଦସ୍ତଖତ ଅଭିଯାନ ଓ ସଚେତନତା କାର୍ଯ୍ୟକ୍ରମ ସହ ଭୁବନେଶ୍ୱର ଚାଲ ପାଇଁ ପ୍ରସ୍ତୁତି କରାଯାଉଛି।

ଏନେଇ କୋରେଇ ବ୍ଲକ ପଥରପଦା ପଞ୍ଚାୟତର ଏଏପି ସଭାପତି ସୁଦର୍ଶନ ମଲ୍ଲିକଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲା ସଭାପତି ମନୋଜ କୁମାର ମହାନ୍ତି, କୋରେଇ ନିର୍ବାଚନମଣ୍ଡଳୀ ଆବାହକ ଧରଣୀଧର ଘଡ଼ାଇ, ବ୍ଲକ ସଭାପତି ବାସୁ କିଶୋର ଦାସ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ତପନ ମିଶ୍ର, କାର୍ତ୍ତିକ ଚନ୍ଦ୍ର ପଣ୍ଡା, ଶ୍ୟାମ ସୁନ୍ଦର ଦାସ, ଚକ୍ରଧର ସାହୁ, ବୈରାଗୀ ଜେନା, ସହଦେବ ଜେନା, ଦିବ୍ୟ ସିଂହ ମହାପାତ୍ର, କୈଳାସ ବେହେରା, ଶିବ ରାଉତ, ମୋନାଲିସା ବେହେରା ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ବିଭିନ୍ନ ପଞ୍ଚାୟତର ସଭାପତି ଓ କର୍ମକର୍ତ୍ତା ବୈଠକରେ ସାମିଲ ହୋଇଥିଲେ। ପରେ ନୂଆପଦା ଗ୍ରାମରେ ଦସ୍ତଖତ ଅଭିଯାନ ଓ ସଚେତନତା କାର୍ଯ୍ୟକ୍ରମ ଘର ଘର ବୁଲି କରାଯାଇଥିଲା ।

# ପୁଣି ଚାଲିଲା ବେଆଇନ ମାଙ୍କଡ଼ା ଖାଦାନ

**ପ୍ରଶାସନକୁ ଭୟ କରୁନାହାନ୍ତି ପଥର ମାଫିଆ**



ମାଙ୍କଡ଼ା ଖାଦାନ।

ଚଣ୍ଡିଖୋଲ,୧।୬(ଡି.ଏନ୍.ଏ.): ଯାଜପୁର ଜିଲା ଦର୍ପଣ ତହସିଲ ଅଧୀନ ପଶ୍ଚିମ ବଡ଼ଚଣା ଅଞ୍ଚଳରେ ବେଆଇନ ମାଙ୍କଡ଼ା ଓ ମୋରମ ପଥର ଖାଦାନ ଚାଲୁଛି। ପ୍ରଶାସନ ପକ୍ଷରୁ ଚଢ଼ାଉ ହେଲେ ୨/୩ ଦିନ ବନ୍ଦ କରିଦେଇ ପୁନର୍ବାର ସେହି ବେଆଇନ ଖାଦାନଗୁଡ଼ିକ ଚାଲୁଥିବା ଅଭିଯୋଗ ହୋଇଛି। ଉକ୍ତ ତହସିଲ ଅଧୀନ ବୈରୀ, ପାରିଆ, ସମିଆ ଓ ଶାଳପଡ଼ା ପଞ୍ଚାୟତରେ ଏହିଭଳି ବେଆଇନ ଖାଦାନ ଦୀର୍ଘ ଦିନ ହେବ ଚାଲିଛି। ଯେତେବେଳେ ଗଣମାଧ୍ୟମରେ ଖବର ପ୍ରକାଶ ପାଉଛି ସେହି ସମୟରେ ପ୍ରଶାସନ ତରଫରୁ ନାଲିପତାକା ପୋତାଯିବା ସହ ୧୪୪ ଧାରା ଜାରି କରିବା ଭଳି ପଦକ୍ଷେପ ନିଆଯାଉଛି। ଯେଉଁଥି ପାଇଁ ପଥରମାଫିଆ ସେହି ୨/୩ ଦିନ ବନ୍ଦ କରିଦେଉଛନ୍ତି, ପରେ ପୁଣି ଖାଦାନ ଆରମ୍ଭ କରୁଛନ୍ତି। ଜଙ୍ଗଲ ଜମି, ଅନାବାଦୀ ଓ ଗୋଚର ଜମିରୁ ବାରମ୍ବାର ଖନନ ପ୍ରକ୍ରିୟା ଚାଲୁଥିଲାବେଳେ ରାଜସ୍ୱ ବିଭାଗ, ପୋଲିସ ଓ ବନବିଭାଗ ଅଧିକାରୀ ସବୁଦେଖି ନ ଦେଖିଲା ପରି ଅଭିନୟ କରୁଛନ୍ତି।

କିଛି ଦିନ ହେବ ବୈରୀ ଓ ପାରିଆ ପଞ୍ଚାୟତର ମଧ୍ୟସ୍ଥଳରେ ଥିବା ଭାଲୁଖାଇଠାରେ ପାଖାପାଖି ୧୦ ଏକର ପରିମିତ ଜାଗାରୁ ବେଆଇନ ମାଙ୍କଡ଼ା ପଥର କାଟି ବାହାରକୁ ଚାଲାଣ ହେଉଥିଲା। ଏ ସମ୍ପର୍କରେ ଖବର ପ୍ରକାଶ ପରେ ଗତ ୨୪ ମାସ ତାରିଖରୁ ଏହାକୁ ବନ୍ଦ କରିଦିଆଯାଇଥିଲା। ପୁନଃର୍ବାର ୨୭ତାରିଖରୁ ଏଠାରେ ୨ ଜେସିବି ମେଶିନ୍, ୭ ପାୱାର ଟିଲର ଓ ୨୦ରୁ ଊର୍ଦ୍ଧ୍ୱ ଟ୍ରକ୍ ଏହି ଖନନ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ନିକଟରେ ଖବର ଥିଲେ ମଧ୍ୟ କେହି ବନ୍ଦ କରିବାର ନାଁ ଧରୁନାହାନ୍ତି। ଯେଉଁଥି ପାଇଁ ବିପୁଳ ଟଙ୍କାର ରାଜସ୍ୱ ହାନି ଘଟୁଛି। ୧୫ବର୍ଷ ତଳେ ତତ୍କାଳୀନ ଆରଡିସି ଅରବିନ୍ଦ ପାଢ଼ୀ ଏହି ଖାଦାନ ଗୁଡ଼ିକରେ ଚଢ଼ାଉ କରି ସରକାରୀ ଅଧିକାରୀଙ୍କ ସମ୍ପୃକ୍ତି ଥିବା ଜାଣିବାକୁ ପାଇଥିଲେ। ସେଥିପାଇଁ ୩ ରାଜସ୍ୱ କର୍ମଚାରୀ ଓ ୩ ବନ ବିଭାଗ କର୍ମଚାରୀଙ୍କୁ ନିଲମ୍ବିତ କରିଥିଲେ। ଏହି ଘଟଣା ପରେ ଏଠାରେ ବେଆଇନ ଖାଦାନ ବନ୍ଦ ହୋଇଯାଇଥିଲା। ଗତ ୫ବର୍ଷ ହେବ ପୁନର୍ବାର ଏହି ବେଆଇନ ଖାଦାନ ଲୁଚାଛପାରେ ଚାଲୁଛି। ଏମାନେ ଦିନରେ ପଥର କାଟୁଥିଲା ବେଳେ ରାତିରେ ଟ୍ରକଯୋଗେ ପରିବହନ କରୁଛନ୍ତି। ଦୈନିକ ଶହେ ଟ୍ରକରୁ ଅଧିକ ମାଲ ପରିବହନ ହେଉଛି। ତେଣୁ ତୁରନ୍ତ ଯାଜପୁର ଜିଲାପାଳ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥାନୀୟ ଲୋକେ ନିବେଦନ କରିଛନ୍ତି। ଏ ସମ୍ପର୍କରେ ଦର୍ପଣ ତହସିଲଦାର ଶୁଭଦର୍ଶନ ମିଶ୍ରଙ୍କୁ ପଚାରିବାରେ ସେ କହିଛନ୍ତି, ଆମ ଅଞ୍ଚଳରେ ଚାଲୁଥିବା ଚୋରା ମାଙ୍କଡ଼ା ଖାଦାନଗୁଡ଼ିକ ବନ୍ଦ ଅଛି। ଆମ ସୀମାନ୍ତ କଟକ ଜିଲାର ଟାଙ୍ଗୀ ତହସିଲ ଓ ଢେଙ୍କାନାଳ ଜିଲାର ଗଁଦିଆ ତହସିଲ ଅଞ୍ଚଳରେ ଚୋରା କାରବାର କରାଯାଉଛି।

## ପଛୁଆବର୍ଗ ସର୍ଭେ ସରିବା ନେଇ ସନ୍ଦେହ

ଧର୍ମଶାଳା,୩୧।୫(ଡି.ଏନ.ଏ.): ଧର୍ମଶାଳା ବ୍ଲକ୍‌ରେ ପଛୁଆବର୍ଗ ସର୍ଭେ ସରିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ସର୍ଭେର ପ୍ରଥମ ପାର୍ଯ୍ୟାୟ ଅବଧି ପୂରିଯାଇଛି। ଜୁନ୍ ୬କୁ ସର୍ଭେର ଶେଷ ତାରିଖ ସରକାର ଧାର୍ଯ୍ୟ କରିଛନ୍ତି। ତେବେ ପ୍ରଚାରରେ ଅବ୍ୟବସ୍ଥା ଯୋଗୁ ବହୁ ଲୋକ ସର୍ଭେ ସମ୍ପର୍କରେ ଅବଗତ ହୋଇନାହାନ୍ତି ବୋଲି ଅଭିଯୋଗ ହୋଇଛି। ତେଣୁ ସର୍ଭେ କେନ୍ଦ୍ରରେ ପରିସଂଖ୍ୟାନ କରା ନ ଯାଇ ଘରକୁ ଘର ବୁଲି ସର୍ଭେ କରିବାକୁ ପଛୁଆବର୍ଗଙ୍କ ପକ୍ଷରୁ ଦାବି ହୋଇଛି। ବ୍ଲକରେ ପଛୁଆବର୍ଗ ଜନସଂଖ୍ୟା ୧ ଲକ୍ଷ ୩୯ ହଜାର ୮୭୬ ରହିଛି। ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶମତେ ମେ' ପହିଲାରୁ ପଛୁଆବର୍ଗଙ୍କ ସାମାଜିକ ଓ ଶିକ୍ଷାଗତ ସ୍ଥିତି ସମ୍ପର୍କରେ ସର୍ଭେ ଆରମ୍ଭ ହୋଇଛି। ବ୍ଲକର ୪୫ ପଞ୍ଚାୟତରେ ମାତ୍ର ୮୧ ସର୍ଭେ କେନ୍ଦ୍ର କରାଯାଇଛି। ୯ ସୁପରଭାଇଜରଙ୍କୁ ନିଯୁକ୍ତି ଦିଆଯାଇଛି। ଗତ ୨୯ ତାରିଖ ସୁଦ୍ଧା ୨୯,୧୭୩ ପରିବାରର ୧,୨୦,୪୦୦ ଲୋକ ସର୍ଭେରେ ସାମିଲ ହୋଇଛନ୍ତି। ମୋଟ୍ ୧ ଲକ୍ଷ ୨୩ ହଜାର ୨୯୯ଜଣ ଅବେଦନ କରିଥିବା ଜଣାଯାଇଛି। ଅବଶିଷ୍ଟ ୧୬ହଜାର ୫୭୭ଜଣ ଆବେଦନ କରି ନ ଥିବା ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସର୍ଭେରେ ସାମିଲ ହୋଇ ନ ଥିବା ପରିବାରଗୁଡ଼ିକ ସାମାଜିକ, ଆର୍ଥିକ ଓ ଶିକ୍ଷାଗତ ସ୍ଥିତି ପ୍ରଭାବିତ ହେବାର ସମ୍ଭାବନା ରହିଛି।

## ବିଶ୍ୱ ଯୋଗ ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ



ପ୍ରସ୍ତୁତି ବୈଠକରେ ପତଞ୍ଜଳି ଯୋଗ ସମିତି ଓ ବ୍ୟାସନଗର ସ୍ୱାସ୍ଥ୍ୟ ସୁରକ୍ଷା ମଞ୍ଚର କାର୍ଯ୍ୟକର୍ତ୍ତା ଉପସ୍ଥିତ।

ଯାଜପୁରରୋଡ୍,୧।୬(ଡି.ଏନ.ଏ.): ବିଶ୍ୱ ଯୋଗ ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ବରିଷ୍ଠ ନାଗରିକ ମଞ୍ଚ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଭାରତ ସ୍ୱାଭିମାନ ନ୍ୟାସର ଜିଲା ପ୍ରଭାରୀ ତଥା ଅଧ୍ୟାପକ ବିବେକାନନ୍ଦ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପତଞ୍ଜଳି ଯୋଗ ସମିତି ଓ ବ୍ୟାସନଗର ସ୍ୱାସ୍ଥ୍ୟ ସୁରକ୍ଷା ମଞ୍ଚର କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ବୈଠକର ନିଷ୍ପତ୍ତି ଅନୁଯାୟୀ ଆସନ୍ତା ୨୧ ତାରିଖ ଆନ୍ତର୍ଜାତିକ ଯୋଗ ଦିବସକୁ ଉଭୟ ସଂଗଠନ ପକ୍ଷରୁ ମିଳିତ ଭାବେ ସ୍ଥାନୀୟ ରାଜୀବ ଗାନ୍ଧୀ ଷ୍ଟାଡିୟମଠାରେ ପାଳନ କରାଯିବ। ସ୍ୱାଧୀନତାର ଅମୃତ ମହୋତ୍ସବ ଉପଲକ୍ଷେ ବିଶେଷ ଢଙ୍ଗରେ ଏହି ଦିବସକୁ ପାଳନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିବାରୁ ଏଥିରେ ଅନ୍ୟ ସଂଗଠନଗୁଡ଼ିକୁ ସାମିଲ କରାଯିବାକୁ ସ୍ଥିର କରାଯାଇଛି।

ସହରବାସୀଙ୍କ ଅବଗତି ନିମନ୍ତେ ବିଭିନ୍ନ ସ୍ଥାନରେ ଯୋଗ ଦିବସ ପାଳନର ବ୍ୟାନର ଲଗାଯାଇ ପ୍ରଚାର ପ୍ରସାର କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ବୈଠକରେ ବରିଷ୍ଠ ଖବରଦାତା ତଥା ବ୍ୟାସନଗର ସ୍ୱାସ୍ଥ୍ୟ ସୁରକ୍ଷା ମଞ୍ଚର ମୁଖ୍ୟ ସଂଯୋଜକ ଚିନ୍ତାମଣି ପାଢ଼ୀ, ମହେଶ୍ୱର ପ୍ରଧାନ, ଇନ୍ଦ୍ରମଣି କର, ଜ୍ଞାନରଞ୍ଜନ ରାଉତ, ବିଜୟ କୁମାର ବେହେରା, ବିଜୟ କୁମାର ଦାସ, ଦେବଦତ୍ତ ରାୟ, ଦୁର୍ବାଦଳ ବସ୍ତୁ, ଆଶୁତୋଷ ମିଶ୍ର, ଆନନ୍ଦ ଚନ୍ଦ୍ର ବଳ, ରାଜେନ୍ଦ୍ର ପାଣିଗ୍ରାହୀ ଓ ସନାତନ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ବିଭୀଷଣ ନାୟକ ଧନ୍ୟବାଦ ଦେଇଥିଲେ।

# ସିଆଇଟିୟୁର ପ୍ରତିଷ୍ଠା ଦିବସ ପାଳିତ




ସିଆଇଟିୟୁର ପ୍ରତିଷ୍ଠା ଦିବସ ଅବସରରେ ବାହାରିଥିବା ଶୋଭାଯାତ୍ରା।

**ମିଳିତ ଶ୍ରମିକ ଆନ୍ଦୋଳନ ପାଇଁ ଆହ୍ୱାନ**

ଯାଜପୁରରୋଡ୍,୧।୬(ଡି.ଏନ.ଏ.): ସିଆଇଟିୟୁର ୫୩ତମ ପ୍ରତିଷ୍ଠା ଦିବସ ବୁଧବାର ବ୍ୟାସନଗରସ୍ଥିତ ଜିଲା କାର୍ଯ୍ୟାଳୟଠାରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସିଆଇଟିୟୁ ଓ ସିଆଇଟିୟୁ ସହିତ ଅନୁବନ୍ଧିତ ନିର୍ମାଣ ଶ୍ରମିକ ସଂଘ, ପାଚିକା ସଂଘ, ଆଶା କର୍ମୀ, ରେଲୱେ ହକର୍ସ, ଉଠାଦୋକାନୀ ଓ ବିଏସ୍ଏନ୍ଏଲ୍ କର୍ମଚାରୀ ସଂଘର ଏକ ମିଳିତ ଶୋଭାଯାତ୍ରା ବାହାରି ଡୋଲୀପୁର ନେତାଜୀ ନଗରଠାରେ ପହଞ୍ଚିଥିଲା। ପରେ ସିଆଇଟିୟୁର ଯାଜପୁର ଜିଲା ସଭାପତି ତଥା ନିର୍ମାଣ ଶ୍ରମିକ ସଂଘର ରାଜ୍ୟ ଉପସଭାପତି ପ୍ରଫୁଲ୍ଲ ନାୟକ ସଂଘର ଲାଲ ପତାକାକୁ ଉତ୍ତୋଳନ କରିବା ପରେ ସେଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ୧୯୭୦ ମେ' ୩୧ରେ ସିଆଇଟିୟୁ ପ୍ରତିଷ୍ଠା ହୋଇ ୫୩ ବର୍ଷରେ ପଦାର୍ପଣ କରିବା ସହ ସମଗ୍ର ଭାରତ ବର୍ଷରେ ନିଜ ସଂଗଠନର ଅଭିବୃଦ୍ଧି କରିପାରିଛି। ଆଗାମୀ ଦିନରେ ବ୍ୟାପକ ମିଳିତ ଶ୍ରମିକ ଆନ୍ଦୋଳନ ଓ ସଂଗଠନର ଅଭିବୃଦ୍ଧି ପାଇଁ ସମସ୍ତ ସଭ୍ୟ ସକ୍ରିୟ ହୋଇ କାର୍ଯ୍ୟ କରିବା ସହିତ ଯାଜପୁରରୋଡ୍‌ରେ ରେଳ ଡିଭିଜନ ପ୍ରତିଷ୍ଠା, ଯାଜପୁର ରୋଡ୍-ଧାମରା ରେଳପଥ ସଂଯୋଗ, ସାଇମନ୍ଦିରଠାରେ ଫ୍ଲାଏ ଓଭର ନିର୍ମାଣ ଓ କଳିଙ୍ଗନଗର ଶିଳ୍ପାଞ୍ଚଳରେ ବେକାର ଯୁବତୀଯୁବକଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ଦେବାକୁ ଏକ ମିଳିତ ଗଣଆନ୍ଦୋଳନ କରିବାକୁ ନାୟକ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିର୍ମାଣ ଶ୍ରମିକ ସଂଘ ପକ୍ଷରୁ ଦିଲୀପ କୁମାର ଦାସ, ସନ୍ତୋଷ ବରାଳ, ବିଜୟାଲକ୍ଷ୍ମୀ ମହାନ୍ତି, ଲାଳମଣି ମୁଣ୍ଡା, ପାଚିକା ସଂଘ ପକ୍ଷରୁ ବେବିନା ଯେନା, ମିନତି ମିଶ୍ର, ଶାନ୍ତିଲତା ପରିଡ଼ା, ସୁରେଶ ବାରିକ, ସୁନୀଲ ଟୁଡୁ, ସନ୍ତୋଷ କୁମାର ଯେନା ଓ ଅଶୋକ କୁମାର ମଲ୍ଲିକ ପ୍ରମୁଖ ଯୋଗଦେଇ ନିଜନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଶେଷରେ ସନ୍ତୋଷ କୁମାର ପୃଷ୍ଟି ଧନ୍ୟବାଦ ଦେଇଥିଲେ।

# ଜାକଡ଼ ଡିଜାଇନ ବସ୍ତ୍ର ତାଲିମ ଶିବିର ଉଦ୍‌ଘାଟିତ

**ଦକ୍ଷ ମହିଳା ବୁଣାକାରଙ୍କୁ ବାନ୍ଧ ଉପକରଣ ବଣ୍ଟନ**



ତାଲିମ ଶିବିର ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଥିବା ଅତିଥି।

ରସୁଲପୁର,୧।୬(ଡି.ଏନ.ଏ.): ରସୁଲପୁର ବ୍ଲକ ଅନ୍ତର୍ଗତ ପ୍ରଥମାଖଣ୍ଡି ପଞ୍ଚାୟତ ଗୋପାଳପୁର ଗ୍ରାମର ମା'ମଙ୍ଗଳା ବୁଣାକାର ସମିତି ଆନୁକୂଲ୍ୟରେ ବୁଣାକାରଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ଜାକଡ ଡିଜାଇନ ବସ୍ତ୍ର ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏଥିସହିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ବୟନ ମଣ୍ଡଳ ଉପନିର୍ଦ୍ଦେଶକ ଆଶୁତୋଷ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ ବୁଣାକାରଙ୍କ ବିଭିନ୍ନ ସମସ୍ୟାକୁ ନେଇ ସମିତି କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରିଛନ୍ତି। ପଦ୍ମାଳୟା ମହିଳା ତନ୍ତୁବାୟ ବୁଣାକାର ସମିତିର ବାନ୍ଧ କାରିଗରି ଉପରେ ତାଲିମ ନେଇଥିବା ୨୦ କାରିଗରଙ୍କୁ ସାମଗ୍ରୀ ପ୍ରଦାନ କରାଯାଇଛି। ବୁଣାକାରଙ୍କ ଉଦ୍ଦେଶ୍ୟରେ ଆୟୋଜିତ ଏକାଧିକ କାର୍ଯ୍ୟକ୍ରମ ଜରିଆରେ ଶତାଧିକ ବୁଣାକାର ଯୋଗଦେଇ ସେମାନଙ୍କ ନାନା ସମସ୍ୟା ଉପନିର୍ଦ୍ଦେଶକ ମହାନ୍ତିଙ୍କ ସହ ଆଲୋଚନା କରିଛନ୍ତି। ବୁଣାକାରଙ୍କ ସବୁ ସମସ୍ୟାକୁ ଗୁରୁତ୍ୱର ସହ ନିଆଯାଉଛି, ପର୍ଯ୍ୟାୟକ୍ରମେ ସେମାନଙ୍କ ଦାବିପୂରଣ ଦିଗରେ ପଦକ୍ଷେପ ନିଆଯିବ ବୋଲି ମହାନ୍ତି ସୂଚନା ଦେଇଛନ୍ତି।

ରାଜ୍ୟ ଟସର ଓ ପଶମ ଶିଳ୍ପ ମହାସଂଘ ପରିଚାଳନା ସଦସ୍ୟ ରମେଶ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ତାଲିମ ଶିବିରର ଉଦ୍‌ଘାଟନୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ ୟୁକୋ ବ୍ୟାଙ୍କର ବାରବାଟୀ ଶାଖା ପରିଚାଳକ ସନ୍ଦୀପ କୁମାର ନାୟକ, କଟକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ କୁଆଖିଆ ଶାଖା ପରିଚାଳକ ନିହାରକାନ୍ତ ସ୍ୱାଇଁ, ବୟନ ସୁପରଭାଇଜର ମାନସ ରଞ୍ଜନ ପାଣିଗ୍ରାହୀ, ନିରୀକ୍ଷକ ତାରିଣୀ ଛାଟୋଇ ଓ ବୈଷୟିକ ସହାୟକ ଶ୍ରୀକାନ୍ତ ମିଶ୍ର ପ୍ରମୁଖ ଯୋଗଦେଇ ଗୋପାଳପୁର ଅଞ୍ଚଳର ବୁଣାକାରଙ୍କ ଦକ୍ଷତା ଓ କାରିଗରି ଭବିଷ୍ୟତ ସମ୍ପର୍କରେ ସୂଚନା ପ୍ରଦନେ କରିଥିଲେ। ବ୍ୟାଙ୍କଗୁଡ଼ିକ ପକ୍ଷରୁ ବୁଣାକାରଙ୍କ ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ ଋଣ ପ୍ରଦାନ କରାଯାଉଛି। ବଳରାମ ଯୋଜନାରେ ଗୋପାଳପୁର ଅଞ୍ଚଳର ୧୫ ସମିତିକୁ ଋଣ ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି।

ବିଜୁଳି ଆଲୁଅର ଅନୁପସ୍ଥିତିରେ ବୁଣାକାରଙ୍କୁ ଇନଭର୍ଟର ପ୍ରଦାନ କରାଯାଉଛି। ଏଥିସକାଶେ ଆବେଦନକାରୀ ଅନ୍‌ଲାଇନ ଜରିଆରେ ଆବେଦନ କରୁଛନ୍ତି। ତେବେ ବୈଷୟିକ ତ୍ରୁଟି ଯୋଗୁ କେତେକ ଯୋଗ୍ୟ ଆବେଦନକାରୀଙ୍କ ନାମ ଅନ୍‌ଲାଇନରେ ପ୍ରଦର୍ଶିତ ହେଉନାହିଁ। ସେମାନଙ୍କୁ ଏହି ସୁବିଧା ଉପଲବ୍ଧ କରାଇବାକୁ ଉପନିର୍ଦ୍ଦେଶକ ମହାନ୍ତି ନିଶ୍ଚିତ କରାଇଥିଲେ। ବୁଣାକାରଙ୍କୁ ତୁରନ୍ତ କଞ୍ଚାମାଲ ଯୋଗାଇ ଦିଆଯିବାକୁ ପ୍ରତିଶ୍ରୁତି ଦେବା ସହ ଏନେଇ ଉଭୟ ବୟନ ମଣ୍ଡଳ ଓ ସେରିଫେଡ୍ ମଧ୍ୟରେ ଯୁଗ୍ମ ସମୀକ୍ଷା ଶେଷ ହୋଇଛି। ଖୁବ୍‌ଶୀଘ୍ର ବୁଣକାରଙ୍କ କଞ୍ଚାମାଲ ସମସ୍ୟା ଦୂର ହୋଇପାରିବ ବୋଲି କୁହାଯାଇଥିଲା। କାର୍ଯ୍ୟକ୍ରମରେ ବୁଣାକାର ନେତା ନରେନ୍ଦ୍ର କୁମାର ବେହେରା ସ୍ୱାଗତ ସୂଚନା ପ୍ରଦାନ କରିଥିବାବେଳେ ବିଭିନ୍ନ ସମିତିର କାର୍ଯ୍ୟକର୍ତ୍ତା ଅଶୋକ ଗୁଇଁ, ନିରୁପମା ଦାସ, ପ୍ରଶାନ୍ତ କୁମାର ଦାସ, ଗୋବିନ୍ଦ ଦାସ, ମକରଧ୍ୱଜ ଗୁଇଁ, ଅଶୋକ କୁମାର ଦାସ, ସୁରେନ୍ଦ୍ର ଦାସଙ୍କ ସମେତ ବହୁ ବୁଣାକାର ନେତା ଓ କାରିଗର ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ସଂକ୍ଷେପରେ

### ବ୍ରଜଙ୍କ ପେନ୍‌ସନ୍ ଘଟଣାର ଏନ୍ଏଚ୍ଆର୍‌ସିରେ ମାମଲା

**କେନ୍ଦ୍ରାପଡ଼ା ଅଫିସ,୧୬:** କେନ୍ଦ୍ରାପଡ଼ା ଜିଲା ଗରଦପୁର ବ୍ଲକ ବଜ୍ରବାଣ ଗ୍ରାମର ବ୍ରଜସୁନ୍ଦର ଶତପଥୀ ଜଳସମ୍ପଦ ବିଭାଗରୁ ୨୫ ବର୍ଷ ପୂର୍ବେ ଅବସର ନେଇଛନ୍ତି। ତେବେ ଅଦ୍ୟାବଧି ବିଭାଗ ପକ୍ଷରୁ ତାଙ୍କ ପେନ୍‌ସନ ପ୍ରଦାନ କରାଯାଇନାହିଁ। ଏହି ଘଟଣାରେ କେନ୍ଦ୍ରାପଡ଼ା ବ୍ଲକ ଲଣ୍ଡର ଗ୍ରାମର ସାଗର ଜେନା ଜାତୀୟ ମାନବିକ ଅଧିକାର କମିଶନଙ୍କ ନିକଟରେ ଅଭିଯୋଗ (କେସ ନଂ. ୭୬୧/୨୨) କରିଛନ୍ତି। ଏହି ମାମଲାକୁ ଶୁଣାଣି କରି ଆସନ୍ତା ୪ ସପ୍ତାହ ମଧ୍ୟରେ ସମସ୍ୟାର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ କରିବାକୁ କମିଶନରଙ୍କ ପକ୍ଷରୁ ରାଜ୍ୟ ମୁଖ୍ୟ ସଚିବଙ୍କୁ ବୁଧବାର ନିର୍ଦ୍ଦେଶ ଦିଆଯାଇଛି। ଏ ସମ୍ପର୍କରେ ମାନବାଧିକାର କର୍ମୀ ଜେନା କହିଛନ୍ତି, ବ୍ରଜସୁନ୍ଦରଙ୍କୁ ଏବେ ୮୫ ବର୍ଷ। ନିଜର ସ୍ୱାସ୍ଥ୍ୟଗତ ସମସ୍ୟା ରହିଥିଲେ ମଧ୍ୟ ବିଭାଗ ପକ୍ଷରୁ ପେନ୍‌ସନ ପାଇବାକୁ ନେଇ ସମସ୍ୟାରେ ଅଛନ୍ତି। ଏହା ମାନବିକ ଅଧିକାରକୁ କ୍ଷୁଣ୍ଣ କରୁଥିବାରୁ ମାମଲା ହୋଇଥିଲା।

### ପୂର୍ବତନ ସରପଞ୍ଚଙ୍କ ପରଲୋକ

**ରାଜନଗର, ୧୬ (ଡି.ଏଡ଼.ଏ.):** ରାଜନଗର ବ୍ଲକ ତାଳଚୁଆ ପଞ୍ଚାୟତର ପୂର୍ବତନ ସରପଞ୍ଚ ଶକ୍ତିପଦ କୁଣ୍ଡୁ(୫୬)ଙ୍କର ପରଲୋକ ହୋଇଯାଇଛି। ସେ କିଛିଦିନ ହେଲା ଅସୁସ୍ଥ ଥିଲେ। ଚିକିତ୍ସାଧୀନ ଅବସ୍ଥାରେ କଟକ ବଡ଼ମେଡ଼ିକାଲରେ ତାଙ୍କର ପରଲୋକ ହୋଇଛି। ସେ ୨୦୦୭ରୁ ୨୦୧୨ ଯାଏ ତାଳଚୁଆ ପଞ୍ଚାୟତର ସରପଞ୍ଚ ଥିଲେ। ଏଥିସହ ଗଙ୍ଗାମାତା ଫିସରମ୍ୟାନ ଆସୋସିଏଶନର ପୂର୍ବତନ ସଭାପତି ଏବଂ ତାଳଚୁଆ ମା' କାଳୀ ବଣିକ ସଂଘର ଉପଦେଷ୍ଟା ରହିବା ସହ ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ସହିତ ଜଡିତ ଥିଲେ। ତାଙ୍କ ମୃତ୍ୟୁରେ ତାଳଚୁଆ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମୃତ୍ୟୁ ଖବର ପାଇ ରାଜନଗର ବିଧାୟକ ଧ୍ରୁବ ସାହୁ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ମଦନ ଦେବନାଥ, ଅମଲ କୁମାର ପ୍ରଧାନ, ଦେବ ଦୁଲାଲ ମଣ୍ଡଳ, ପୂର୍ବତନ ସରପଞ୍ଚମୁକ୍ତିକାନ୍ତ ପାତ୍ର, ସପନ ପରିଡା, କୃଷ୍ଣନଗର ସରପଞ୍ଚ ନନ୍ଦ ଦୁଲାଲ ପରିଡା, ବାଘମାରି ସମିତିସଭ୍ୟ ମନୋରଞ୍ଜନ ମଣ୍ଡଳ, ଦିଲୀପ କୁମାର ପଣ୍ଡା ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇଛନ୍ତି।

### ମେସ୍କୋ ଷ୍ଟିଲ୍ ଚଳାଇବାକୁ ଦାବି

**ଯାଜପୁର ଟାଉନ,୧୬(ଡି.ଏନ.ଏ.):** ମେସ୍କୋ ଷ୍ଟିଲ୍ କମ୍ପାନୀ ଚଳାଇବାକୁ ଦାବି ହୋଇଛି। ଏନେଇ ଗୁରୁବାର ଶ୍ରମିକମାନେ ଜିଲାପାଳଙ୍କୁ ଭେଟି ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ପରିଚାଳନା ଗତ ତ୍ରୁଟି ଯୋଗୁ ଯାଜପୁର ଜିଲା କଳିଙ୍ଗନଗରରେ ପ୍ରତିଷ୍ଠା ହୋଇଥିବା ମେସ୍କୋ କମ୍ପାନୀ ଦୀର୍ଘଦିନ ଧରି ବନ୍ଦ ରହିଛି। ଫଳରେ ୧୫୦୦ରୁ ଊର୍ଦ୍ଧ୍ୱ ଶ୍ରମିକ ଓ କର୍ମଚାରୀ ଭୋକ ଓପାସରେ କାଳାତିପାତ କରୁଛନ୍ତି। ମାତ୍ର ସରକାର ଓ କମ୍ପାନୀ କର୍ତ୍ତୃପକ୍ଷ ଷଡ଼ଯନ୍ତ୍ର କରି ରେଲୱେ ସାଇଡିଂ ଚଳାଇ ମାଲମାଲ ହେଉଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି। ତେବେ ଆଗାମୀ ଦିନରେ ଦାବିପୂରଣ ନ ହେଲେ ଶ୍ରମିକମାନେ ସେମାନଙ୍କ ପରିବାର ସହ ରାସ୍ତାରେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ରିହାତିରେ ପକ୍କା ଘର ପାଇଁ ୧୬ରୁ ଆବେଦନ



ଜିଲାସ୍ତରୀୟ ପ୍ରଶିକ୍ଷଣ ଓ ସଚେତନତା ବୈଠକରେ ଯୋଗ ଦେଇଥିବା ପ୍ରଶାସନିକ ଅଧିକାରୀମାନେ।

**ଜଗତ୍‌ସିଂହପୁର ଅଫିସ, ୧୬**

## ମୋ ଘର ଯୋଜନା ନିମନ୍ତେ ଜିଲାସ୍ତରୀୟ ପ୍ରଶିକ୍ଷଣ, ସଚେତନତା ବୈଠକ

ରାଜ୍ୟ ସରକାର ଗରିବ ଓ ନିମ୍ନ ମଧ୍ୟବିତ୍ତ ପରିବାର ପାଇଁ ମୋ ଘର ଯୋଜନା କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ଏହି ଯୋଜନାର ଲକ୍ଷ୍ୟ ହେଲା କଚ୍ଚା ଅବା ଗୋଟିଏ ବଖରା ଛାତ ଘରେ ରହୁଥିବା ପରିବାରକୁ ପକ୍କା ଘର ନିର୍ମାଣ ପାଇଁ ଋଣ ଓ ରିହାତି ସୁବିଧା ଯୋଗାଇ ଦେବା। ସରକାରଙ୍କ ଏହି ଯୋଜନାରେ ୪ ପ୍ରକାର ଅର୍ଥାତ୍ ୧ ଲକ୍ଷ, ୧.୫ ଲକ୍ଷ, ୨ ଲକ୍ଷ ଓ ୩ ଲକ୍ଷ ଟଙ୍କାର ଋଣ ସୁବିଧା ଯୋଗାଇ ଦିଆଯାଉଛି।

ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ମୋ ଘର ଯୋଜନା ନିମନ୍ତେ ଜିଲାସ୍ତରୀୟ ପ୍ରଶିକ୍ଷଣ ଓ ସଚେତନତା ବୈଠକରେ ଏହା କୁହାଯାଇଛି। ବୈଠକରେ କୁହାଯାଇଛି, ୧ ଲକ୍ଷ ଟଙ୍କା ଋଣ ନେଲେ ସାଧାରଣ ପରିବାର ପିଛା ୩୦ ହଜାର, ଅନୁସୂଚିତ ଜନଜାତି/ଜାତି/ଭିନ୍ନକ୍ଷମଙ୍କୁ ୪୦ ହଜାର ଟଙ୍କା ରିହାତି ମିଳିବ । ସେହିପରି ୧.୫ ଲକ୍ଷ ଟଙ୍କା ଉପରେ ସାଧାରଣ ପରିବାରଙ୍କୁ ୪୫ ହଜାର, ଅନୁସୂଚିତ ଜନଜାତି/ଜାତି/ଭିନ୍ନକ୍ଷମ ମୁଖ୍ୟ ପରିବାରଙ୍କୁ ୫୫ ହଜାର, ୨ ଲକ୍ଷ ଟଙ୍କା ଋଣ ଉପରେ ସାଧାରଣ ପରିବାରଙ୍କୁ ୬୦ ହଜାର, ଅନୁସୂଚିତ ଜନଜାତି/ଜାତି/ଭିନ୍ନକ୍ଷମ ମୁଖ୍ୟ ପରିବାରଙ୍କୁ ୭୦ ହଜାର ଏବଂ ୩ ଲକ୍ଷ ଟଙ୍କା ଋଣ ଉପରେ ସାଧାରଣ ପରିବାରକୁ ୬୦ ହଜାର, ଅନୁସୂଚିତ ଜନଜାତି/ଜାତି/ଭିନ୍ନକ୍ଷମ ମୁଖ୍ୟ ପରିବାରଙ୍କୁ ୭୦ ହଜାର ଟଙ୍କା ରିହାତି ଆକାରରେ ରାଜ୍ୟ ସରକାର ପ୍ରଦାନ କରିବେ। ଏହାବାଦ୍ ଅନୁସୂଚିତ ଜନଜାତି, ଜାତି, ଭିନ୍ନକ୍ଷମ ମୁଖ୍ୟ ପରିବାରଙ୍କ ନିମନ୍ତେ ପଞ୍ଜୀକରଣ ଖର୍ଚ୍ଚ, ଷ୍ଟାମ୍ପ ଡ୍ୟୁଟି ଓ ଆଇନ ପରାମର୍ଶ ଫି ଇତ୍ୟାଦି ଛାଡ଼ କରାଯିବ। ଏହି ସୁବିଧା ହାତେଇବା ପାଇଁ କେତେକ ସର୍ତ୍ତାବଳୀ ରଖାଯାଇଛି। ଯେଉଁମାନଙ୍କ ମାସିକ ରୋଜଗାର ୨୫ ହଜାର ଟଙ୍କାରୁ କମ୍, ଗୃହ ନିର୍ମାଣ ଯୋଜନାରେ ସହାୟତା ପାଇ ନ ଥିବେ, ୭୦ ହଜାର ଟଙ୍କାରୁ କମ ସହାୟତା ପାଇଥିବେ, ବ୍ୟକ୍ତିଗତ ବ୍ୟବହାର ପାଇଁ ଚାରିଚକିଆ ଯାନ ରଖି ନ ଥିବେ କିମ୍ବା କୌଣସି ସରକାରୀ/ସରକାରୀ ଉଦ୍ୟୋଗରେ ନିୟମିତ କିମ୍ବା ପେନସନ୍‌ଭୋଗୀ କର୍ମଚାରୀ ହୋଇ ନ ଥିବେ । ୫ ଏକର ଜଳସେଚିତ କିମ୍ବା ୧୫ ଏକର ଅଣଜଳସେଚିତ ଜମିରୁ କମ୍ ଜମିଥିବା ପରିବାର ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରିବେ। ଆବେଦନକାରୀ ଆର୍‌ଏଚ୍ ପୋର୍ଟାଲ ମାଧ୍ୟମରେ ଅଥବା ମୋ ସେବା କେନ୍ଦ୍ରରେ ଆବେଦନ କରିପାରିବେ । ଆସନ୍ତା ୧୬ ତାରିଖରୁ ଏନେଇ ଆବେଦନ କରିହେବ। ଜିଲାରେ ଏହି ଯୋଜନା କାର୍ଯ୍ୟକାରିତାରେ ପ୍ରତ୍ୟେକ ଅଧିକାରୀଙ୍କ ଦାୟିତ୍ୱ। ଏହାର ପ୍ରଚାରପ୍ରସାର ନିମନ୍ତେ ବ୍ଲକର ବିପିଏମ୍, ଏସ୍‌ବିକେମାନେ ଘରେ ଘରେ ଲିଫଲେଟ୍ ପହଞ୍ଚାଇବାକୁ ପରାମର୍ଶ ଦିଆଯାଇଥିଲା । ଜିଲାପାଳ ପାରୁଲ ପଟୱାରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଚିନ୍ମୟୀ ବିଶ୍ୱାଳ, ଉପଜିଲାପାଳ ପ୍ରଦୀପ କୁମାର ସାହୁ, ଅଗ୍ରଣୀ ବ୍ୟାଙ୍କ ପରିଚାଳକ ଚିନାରା ବାପୁଜୀ ସୁବୁଦ୍ଧି ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ବୈଠକରେ ଜିଲାର ତହସିଲଦାର, ବିଡିଓ, ସବରେଜିଷ୍ଟ୍ରାର, ଜିଲା ଇ-ଗଭର୍ଣ୍ଣାନ୍ସ ପରିଚାଳକ, ସଂଯୋଜକ, ମୋ ସେବା କେନ୍ଦ୍ର, ଡିପିଏମ୍, ଓଏଲ୍ଏମ୍, ବିପିଏମ୍, ଡିପିସି, ମିଶନ ଶକ୍ତି, ଜିଲା ସାମାଜିକ ସୁରକ୍ଷା ଅଧିକାରୀ, ଜିଲା ମଙ୍ଗଳ ଅଧିକାରୀ ଓ ଜିଲା ସମାଜ ମଙ୍ଗଳ ଅଧିକାରୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ବିପନ୍ନ ପରିବାରକୁ ବ୍ଲକ ପ୍ରଶାସନର ସହାୟତା



ଅଗ୍ନି ବିପନ୍ନ ପରିବାରଙ୍କୁ ବିଡିଓ ସହାୟତା ପ୍ରଦାନ କରୁଛନ୍ତି।

**ରଘୁନାଥପୁର,୧୬ (ଡି.ଏନ୍.ଏ.)**

## ବଜ୍ରପାତରେ ଘର ପୋଡ଼ିଯିବା ଘଟଣା

ରଘୁନାଥପୁର ବ୍ଲକ ଏରଡଙ୍ଗା ପଞ୍ଚାୟତ ଗୋପାଳପୁର ଗ୍ରାମ ୩ ନଂ. ୱାର୍ଡରେ ବୁଧବାର ବଜ୍ରପାତହୋଇ ତୋଫାନ ଦାସଙ୍କ ଚାଳଘର ପୋଡି ଯାଇଥିଲା। ସରପଞ୍ଚ ଧର୍ମେନ୍ଦ୍ର ସେଠୀ ତୁରନ୍ତ ପହଞ୍ଚି ବିପନ୍ନ ପରିବାରକୁ ପାଲ ଓ ଶୁଖିଲା ଖାଦ୍ୟ ଯୋଗାଇ ଦେଇଥିଲେ। ଗୁରୁବାର ବିଡିଓ ତପନ କୁମାର ସେନାପତି, ଏମ୍ଆଇ ବାବୁଲାଲ ବାରିକ, ବିପିସି ଅନିତା ମହାପାତ୍ର ଓ ବିପିଏମ୍ କଳ୍ପନା ଦଳାଇ ପ୍ରମୁଖ ତୋଫାନଙ୍କ ପରିବାର ନିକଟରେ ପହଞ୍ଚି ୫୦ କିଲୋ ଚାଉଳ ଓ ଡାଲି ଯୋଗାଇ ଦେଇଛନ୍ତି। ଏହାଛଡା ପକ୍କାଗୃହ ଯୋଜନାରେ ବିପନ୍ନ ପରିବାରକୁ ସାମିଲ କରି ଘର ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ତୋଫାନ ଟ୍ରଲି ଚଳାଇ ପରିବାର ପ୍ରତିପୋଷଣ ଚଳାନ୍ତି। ଘର ପୋଡିଯିବା ପରେ ପରିବାରର ୫ ସଦସ୍ୟ ପାଲ ତଳେ ଆଶ୍ରୟ ନେଉଛନ୍ତି। ଆଗକୁ ବର୍ଷାଦିନ ଆସୁଥିବାରୁ ଯଥାଶୀଘ୍ର ଘରଟିଏ ଯୋଗାଇଦେଲେ ପରିବାର ଲୋକେ ଉପକୃତ ହୋଇପାରିବେ ବୋଲି ଗ୍ରାମବାସୀଙ୍କ ପକ୍ଷରୁ ଅନୁରୋଧ କରାଯାଇଛି।

# ଜିଲା ପ୍ରଶାସନକୁ ରୁଟ୍ ଚାର୍ଟ ପ୍ରଦାନ

**ନାଉଗାଁ,୧୬(ସ୍ୱ.ପ୍ର.)**

## ନାଉଗାଁରେ ମୋ ବସ ସେବା

ନାଉଗାଁ ବ୍ଲକରେ ମୋ ବସ ସେବା ଉପଲବ୍ଧ ପାଇଁ ବ୍ଲକ ପ୍ରଶସାନ ପକ୍ଷରୁ ରୁଟ ଚାର୍ଟ ପ୍ରସ୍ତୁତ କରାଯାଇ ଜିଲା ପ୍ରଶାସନକୁ ଦିଆଯାଇଛି। ପଞ୍ଚାୟତ ସମିତି କାର୍ଯ୍ୟାଳୟର ଚିଠି (ନଂ. ୧୭୭୫/୩୦) ଅନୁଯାୟୀ, ମେ ୨୦୨୩ରେ ଏହି ରୁଟ୍ ଚାଟ ଜିଲାପାଳ, ଉପଜିଲାପାଳ, ଆଞ୍ଚଳିକ ପରିବହନ ଅଧିକାରୀ, ନାଉଗାଁ ତହସିଲଦାର ପ୍ରମୁଖଙ୍କୁ ଅବଗତ କରାଯାଇଛି। ବ୍ଲକରେ ୪ ବସ୍ ଚାଲିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି। ଏସବୁ ବସ୍ ସେମାନଙ୍କ ନିର୍ଦ୍ଧାରିତ ରୁଟ୍‌ରେ ଦୈନିକ ୪ ଥର ଲେଖାଏ ଚାଲିବାକୁ ସ୍ଥିର କରାଯାଇଛି।

ପ୍ରଥମ ବସ୍ ଗଳଦାରୀ ପଞ୍ଚାୟତ ଉରେଡା ବାଲିସାହି ଦେଇ ଦେବୀ ଦୋଳ ଛକ, ଗଜରାଜପୁର ପଞ୍ଚାୟତ କାର୍ଯ୍ୟାଳୟ, ନୂଆଗାଁ ପଞ୍ଚାୟତ, ପାଳସାହି ଛକ, ଦାନ୍ତୁଆଳ, ଘୋଡାଂଶ-ଘୋଡେଶ୍ୱର, ଛତିଆନା, ଜାମୁଦଣ୍ଡା ବ୍ଲକ ଛକ ଦେଇ ନାଉଗାଁ ହାଟ ଆସିବ । ଉକ୍ତ ବସ୍ ଗୋଟିଏ ଥରରେ ୨୩ କିମି ପଥ ଅତିକ୍ରମ କରିବ। ସେହିପରି ୨ୟ ବସ୍ ଶିଖରଘାଟରୁ ବାହାରି ନାଉଗାଁ, ଅଲଣା ଜଗନ୍ନାଥ ମନ୍ଦିର, ବଛାଲୋ ପଞ୍ଚାୟତ କାର୍ଯ୍ୟାଳୟ, ନାସୀମା, ପାଞ୍ଚପା, ରୋହିଆ ହାଇସ୍କୁଲ, ଅନନ୍ତପୁରା, କୋରଣିଆ ସ୍କୁଲ, ହରିଶପୁର, ମୁଗେଇ ଛକ, ହରିନବେଇ, ଚାନ୍ଦଖାଁ ପାଟଣା, ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ, ଚନ୍ଦରପୁର ଦେଇ ନାଉଗାଁ ହାଟରେ ପହଞ୍ଚିବ। ଏହି ବସ୍ ଗୋଟିଏ ଥରରେ ୩୧ କିମି ପଥ ଅତିକ୍ରମ କରିବ। ୩ୟ ବସ୍ ନୂଆପାଟଣା ପୋଲ ନିକଟରୁ ବାହାରି ମିଣ୍ଡାଲୋ, ସରକାରୀ ପଲିଟେକ୍ନିକ ମହାବିଦ୍ୟାଳୟ,କଣ୍ଟୁଣିଆହାଟ , ଶୁଣ୍ଡଳ, ଚକୁଳିପଡା ସ୍କୁଲ, ନନ୍ଦିଗ୍ରାମ ,ଗୋଠଦା, ଦହିପାଳ, ତିରୁଣା, ଗଙ୍ଗଦାହାଟ, ବନ୍ଧମୁଣ୍ଡା, ବାଂଶ ,ଚାନ୍ଦପୁରା ଦେଇ ନାଉଗାଁ ହାଟରେ ପହଞ୍ଚିବ। ଏହି ବସ୍ ଗୋଟିଏ ଥରରେ ୨୭ କିମି ପଥ ଅତିକ୍ରମ କରିବ। ସେହିପରି ୪ର୍ଥ ବସ୍ ଡାବରରୁ ବାହାରି ମହନାପାରୀ, ତିରୁଣା ସ୍କୁଲ, ଗାରୋଇମଠ, ଗହିରପଡା, ପୂର୍ବ ଓଷକଣା, ଓଷକଣାଛକ, ନୟାସିଙ୍ଗଡା,ଅଙ୍ଗେଶ୍ୱରପଡା ସ୍କୁଲ, ଶାଳିଜଙ୍ଗା, ନଳାଙ୍ଗ, ବୋଦଳ, ସାରେଇକୂଳ, ଶିଖର, ଶିଖରଘାଟ ଦେଇ ନାଉଗାଁ ହାଟରେ ପହଞ୍ଚିବ। ଏହି ବସ୍ ଗୋଟିଏ ଥରରେ ୨୭ କିମି ପଥ ଅତିକ୍ରମ କରିବ ବୋଲି ସୂଚନା ମିଳିଛି।

## ବାଡ଼ିରୁ ମୂଲ୍ୟବାନ ଗଛ କାଟିଦେଲେ ଦୁର୍ବୃତ୍ତ

**କଳିଙ୍ଗନଗର,୧୬ (ଡି.ଏନ.ଏ.):** ଯାଜପୁର ଜିଲା ଟମକା ଥାନା ଅନ୍ତର୍ଗତ ଗୌଡ଼ବାହାଲି ଗ୍ରାମର ରାଜେଶ କୁମାର ପୃଷ୍ଟିଙ୍କ ବାଡ଼ିରୁ ପ୍ରାୟ ୫୦ ଶାଗୁଆନ, ଶିଶୁ, ପିଆଶାଳ ଓ ଗମ୍ଭାରୀ ଗଛ କଟା ଯାଇଛି। ଏ ସଂକ୍ରାନ୍ତରେ ପୃଷ୍ଟି ଟମକା ପୋଲିସ ଓ ବନାଞ୍ଚଳ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ପୃଷ୍ଟି ଘରେ ନ ଥିବାବେଳେ ଗଛସବୁକୁ କଟର ମେଶିନ ଦ୍ୱାରା ଦିନ ଦ୍ୱିପହରରେ କଟାଯାଇଛି। କଟା ଗଛଗୁଡ଼ିକୁ ଦୁର୍ବୃତ୍ତ ନେଇ ପାରି ନ ଥିବା ଅଭିଯୋଗରେ ଦର୍ଶାଯାଇଛି।। ସୂଚନା ଅନୁସାରେ, ପୃଷ୍ଟି ତାଙ୍କ ପରିବାର ସହିତ ଯାଜପୁର ରୋଡ୍‌ରେ ରହୁଛନ୍ତି। ଘରେ କେହି ନ ଥିବା ଜାଣି ଦୃବର୍ତ୍ତ ଏହି କାଣ୍ଡ ଘଟାଇଛନ୍ତି। ବନ ବିଭାଗ ପକ୍ଷରୁ ତଦନ୍ତ ହୋଇ ନ ଥିବା ଅଭିଯୋଗ ହୋଇଛି।

# ବୈଷୟିକ ଶିକ୍ଷା ତାଲିମ ପାଇଁ ବ୍ଲକସ୍ତରୀୟ ପଞ୍ଜୀକରଣ ଶିବିର



ଛାତ୍ରୀଛାତ୍ରମାନେ ଶିବିରରେ ନାମ ପଞ୍ଜୀକରଣ କରୁଛନ୍ତି।

**ରଘୁନାଥପୁର,୧୬(ଡି.ଏନ୍.ଏ.)**

ରଘୁନାଥପୁର ବ୍ଲକ ଜ୍ୟୋତି ମହାସଂଘ ସଭାକକ୍ଷରେ ଗୁରୁବାର ୧୦ମ ପାସ କରିଥିବା ଛାତ୍ରୀଛାତ୍ରଙ୍କୁ ବୈଷୟିକ ଶିକ୍ଷା ଓ ତାଲିମ ଦିଆଯିବ। ଏଥିରେ ନାମ ଲେଖାଇବା ପାଇଁ ବ୍ଲକସ୍ତରୀୟ ପଞ୍ଜୀକରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରଶାସନ ଓ ଜିଲା ନିୟୋଜନ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଶିବିରରେ ମୋଟ ୧୪୮ ଛାତ୍ରୀଛାତ୍ର ଯୋଗଦେଇ ଆଇଟିଆଇ ଓ ଡିପ୍ଲୋମାରେ ନାମ ଲେଖାଇବାକୁ ପଞ୍ଜୀକୃତ କରିଥିଲେ । ସେମାନଙ୍କ ମଧ୍ୟରେ ୯୩ ବାଳିକା ଓ ୫୫ ବାଳକ ରହିଛନ୍ତି। ରଞ୍ଜିତ ଲେଙ୍କାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନାଉଗାଁ ପଲିଟେକ୍ନିକ ପକ୍ଷରୁ ଶୁଭ୍ରାଂଶୁ ରଞ୍ଜନ ସ୍ୱାଇଁ, ରମାକାନ୍ତ ଜେନା, ଆଶିଷ କୁମାର ଦାସ ଏବଂ କଟକ ଖପୁରିଆ ସ୍ଥିତ ସରକାରୀ ଆଇଟିଆଇ ପକ୍ଷରୁ ଏଟିଓ ଶ୍ୟାମଳି ଦେ ଓ ପାୟଲ ବାନାର୍ଜୀ ଉପସ୍ଥିତ ଥିଲେ। ଶିବିରରେ ଅଧିକାରୀମାନେ ପିଲାଙ୍କ ମାନସିକତାକୁ ପରଖି କେଉଁ ଟ୍ରେଡରେ ତାଲିମ ନେବା ପାଇଁ ଇଚ୍ଛୁକ ଏବଂ ସେଥିପାଇଁ ଆନୁଷଙ୍ଗିକ ସୁବିଧା ଓ ସୁଯୋଗ କ'ଣ ରହିଛି ସେ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବିଶେଷ କରି ଅଧିକରୁ ଅଧିକ ବାଳିକାମାନେ କିପରି ତାଲିମ ନେଇ ଆତ୍ମନିର୍ଭରଶୀଳ ହୋଇପାରିବେ ସେସମ୍ପର୍କରେ ଗୁରୁତ୍ୱ ଆରୋପ କରାଯାଇଥିଲା । ସକାଳ ୮ ଟାରୁ ଦିନ ୧ଟା ପର୍ଯ୍ୟନ୍ତ ଏହି ଶିବିର ଚାଲିଥିଲା । କୌଣସି କାରଣରୁ ଯେଉଁମାନେ ଶିବିରରେ ଯୋଗଦେଇପାରି ନାହାନ୍ତି, ସେମାନେ ଅନ୍‌ଲାଇନ ମାଧ୍ୟମରେ ଆବେଦନ କରିବା ପାଇଁ ଲେଙ୍କା ପ୍ରକାଶ କରିଛନ୍ତି।

# ବଗଡ଼ା ସୋସାଇଟି ଗୃହର ଶିଳାନ୍ୟାସ

**କେନ୍ଦ୍ରାପଡ଼ା ଅଫିସ,୧୬**

କେନ୍ଦ୍ରାପଡ଼ା ବ୍ଲକ ବଗଡ଼ା ପ୍ରାଥମିକ କୃଷି ସମବାୟ ସମିତିର ନୂତନ ଗୃହର ଶିଳନ୍ୟାସ ଗୁରୁବାର ହୋଇଛି। ମୁଖ୍ୟଅତିଥି ଭାବେ କଟକ ଡିଭିଜନ ସମବାୟ ସମିତି ନିବନ୍ଧକ ମୋନିକା ରାୟ ଏହି ଶିଳାନ୍ୟାସ କରିବା ସହ ଡିପୋଜିଟ କାଉଣ୍ଟରର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସମ୍ମାନିତ ଅତିଥି ଭାବେ ଏଆର୍‌ସିଏସ୍ ସନ୍ତୋଷ କୁମାର ଦାସ ଓ ଗୁରୁପ୍ରସାଦ ବେହେରା ଯୋଗ ଦେଇଥିଲେ। ସମିତି ସଭାପତି ଇଂ. ଅକ୍ଷୟ କୁମାର ପାଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସମ୍ପାଦକ କାଳନ୍ଦୀ ଚରଣ ବିଶ୍ୱାଳ ଓ ନିର୍ଦ୍ଦେଶକମାନେ ଉପସ୍ଥିତ ଥିଲେ।



ଶିଳାନ୍ୟାସ ଉତ୍ସବରେ ଉପସ୍ଥିତ ଅତିଥିମାନେ।

# ଜଳଛତ୍ର ଉଦ୍‌ଘାଟନ ପରଠୁ ହାଣ୍ଡି ମାଠିଆ ଉଭାନ

**ରଘୁନାଥପୁର,୧୬ (ଡି.ଏନ୍.ଏ.)**

## ସରକାରୀ ଯୋଜନା ଦିଗହରା

ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ଜନଗହଳିପୂର୍ଣ୍ଣ ସ୍ଥାନରେ ଜଳଛତ୍ର ଖୋଲିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବାଟରେ ଗଲାବେଳେ ପଥଚାରୀମାନଙ୍କ ତୃଷ୍ଣା ମେଣ୍ଟାଇବା ଉଦ୍ଦେଶ୍ୟରେ ଏହାକୁ ଖୋଲାଯାଇଛି। ଏଥିପାଇଁ ସରକାରଙ୍କ ତହବିଲରୁ ବ୍ୟୟବରାଦ କରାଯାଉଛି। ମାତ୍ର ରଘୁନାଥପୁର ବ୍ଲକ ଛପଡା ପଞ୍ଚାୟତ ରାହାଡିଙ୍ଗା ତ୍ରିନାଥ ମଣ୍ଡପରେ ଗତ ଏପ୍ରିଲ ୨ୟ ସପ୍ତାହରେ ଖୋଲାଯାଇଥିବା ଜଳଛତ୍ର ଏବେ କେବଳ ରେକର୍ଡପତ୍ରରେ ସୀମିତ ରହିଛି। ଉଦ୍‌ଘାଟନ ହେବାର ୪ରୁ ୫ ଦିନ ପରେ ମଣ୍ଡପ ଉପରୁ ହାଣ୍ଡି ମାଠିଆ ସବୁ ଉଭାନ ହୋଇଯାଇଛି। ଫଳରେ ଜନଗହଳିପୂର୍ଣ୍ଣ ସ୍ଥାନରେ ଲୋକେ ପାଣି ପିଇବାରୁ ବଞ୍ଚିତ ହେଉଛନ୍ତି। ୧୫ ଦିନ ହେବ ଲୋକେ ଏଭଳି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫଳରେ ସରକାରଙ୍କ ଜଳଛତ୍ର ଯୋଜନା ଏକପ୍ରକାର ଦିଗହରା ହୋଇଯାଇଛି। ଏ ସମ୍ପର୍କରେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଲକ୍ଷ୍ମୀଧର ତ୍ରିପାଠୀ କହିଛନ୍ତି, କିଛି ଦିନ ହେବ ଜଳଛତ୍ର ବନ୍ଦ ରହିଥିବା ସମ୍ପର୍କରେ ସେ ଅବଗତ ଅଛନ୍ତି। ଏନେଇ ପରବର୍ତ୍ତୀ ସମୟରେ ପଦକ୍ଷେପ ନିଆଯିବ ବୋଲି ସେ ପ୍ରକାଶ କରିଛନ୍ତି। ଏଥିପ୍ରତି ବ୍ଲକ ଓ ଜିଲା ପ୍ରଶାସନ ଦୃଷ୍ଟିଦେବା ପାଇଁ ସାଧାରଣରେ ଦାବି ହୋଇଛି।




ତ୍ରିନାଥ ମଣ୍ଡପରେ ଖୋଲିଥିବା ଜଳଛତ୍ର ହାଣ୍ଡି ମାଠିଆ ଉଭାନ ହୋଇଯାଇଛି।

# ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଛୁଟିନେଲେ ଅମଲା



ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଧାରଣାରେ ବସିଥିବା ଅମଲାମାନେ।

**ଜଗତ୍‌ସିଂହପୁର ଅଫିସର, ୧୬**

## ଦରମା ବୃଦ୍ଧି ନ ହେବା ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଧାରଣା ପାଇଁ ଚେତାବନୀ

୨୦୧୭ରୁ ସ୍ନାତକ ସହ କମ୍ପ୍ୟୁଟର ଜ୍ଞାନ ଥିବା ପ୍ରାର୍ଥୀଙ୍କୁ ବିଭିନ୍ନ ବିଭାଗରେ ନିଯୁକ୍ତି ଦିଆଯାଇଛି। କିନ୍ତୁ ସରକାର ଏହି ଅମଲାମାନଙ୍କ ଦରମା ବୃଦ୍ଧି କରୁନାହାନ୍ତି। ଏହା ପ୍ରତିବାଦରେ ରାଜ୍ୟ ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚ ଡାକରାରେ ଜଗତ୍‌ସିଂହପୁର ଜିଲା ଶାଖା ପକ୍ଷରୁ ଆନ୍ଦୋଳନ ଆରମ୍ଭ ହୋଇଛି। ଜିଲାର ସମଭାବାପନ୍ନ ଅମଲାମାନେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଛୁଟି ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ମୁଖ୍ୟ ପ୍ରବେଶ ପଥ ନିକଟରେ ଶାନ୍ତିପୂର୍ଣ୍ଣ ଧାରଣା ଆରମ୍ଭ କରିଛନ୍ତି। ଏ ସମ୍ପର୍କରେ ମଞ୍ଚ ପକ୍ଷରୁ କୁହାଯାଇଛି,କନିଷ୍ଠ ଅମଲାଙ୍କ ମୂଳ ଦରମା ଲେଭଲ-୯ ଅନୁଯାୟୀ ବୃଦ୍ଧି କରିବା ପାଇଁ ବାରମ୍ବାର ଦାବି ସତ୍ତ୍ୱେ ସରକାର କର୍ଣ୍ଣପାତ କରୁନାହାନ୍ତି । ସରକାରଙ୍କ ଏହି ଟାଳଟୁଳ ନୀତି ପ୍ରତିବାଦରେ ଅମଲାମାନେ ଏଭଳି ନିଷ୍ପତ୍ତି ନେବାକୁ ବାଧ୍ୟ ହୋଇଛନ୍ତି । ମଞ୍ଚ ଅଧ୍ୟକ୍ଷ ବୈଷ୍ଣବ ଚରଣ ଦାସ, ଜିଲା ମିଳିତ ଅମଲା ମଞ୍ଚ ଆବାହକ ବିନୋଦ କୁମାର ରଥ, ଉପାଧ୍ୟକ୍ଷ ଦୁର୍ଗା ପ୍ରସନ୍ନ ଦାସ, ମନୋଜ କୁମାର ମଲ୍ଲିକ, କାର୍ଯ୍ୟାଳୟ ସମ୍ପାଦକ ନଳିନୀକାନ୍ତ ଓଝା, ରାଜସ୍ୱ ଅମଲା ସଂଘ ଜିଲା ସଭାପତି ନିହାର ରଞ୍ଜନ ଦାସ, ସମ୍ପାଦକ ଶୁଭେନ୍ଦୁ ପ୍ରସାଦ ରାଉତ, ରଶ୍ମିରଞ୍ଜନ ମନ୍ତ୍ରୀ, ପ୍ରିୟବ୍ରତ ରାୟ, ବିଶ୍ୱନାଥ ଗୁରୁ, ମୁକୁନ୍ଦ ଚରଣ ସ୍ୱାଇଁ, ପ୍ରଣୟ କୁମାର ସ୍ୱାଇଁ, ପ୍ରଶାନ୍ତ କୁମାର ମହାପାତ୍ର, ସୁଜାତା ମହାନ୍ତି, ମମତାବାଳା ମହାପାତ୍ର, ସନ୍ତୋଷ ନାୟକ, ସୁରେଶ ଚନ୍ଦ୍ର ପରିଜା, ସମରେଶ ଆଚାର୍ଯ୍ୟ ପ୍ରମୁଖ ଏହି ଧାରଣାରେ ନେତୃତ୍ୱ ନେଇଥିଲେ।

## ସଂକ୍ଷେପରେ

### ୟୁ.ପି. ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ
### ବିଜ୍ଞାନରେ ୬୫%, ବାଣିଜ୍ୟରେ ୭୮% ପାସ୍

ଶେରଗଡ଼, ୧।୬(ଡି.ଏନ୍.ଏ.): ଯୁକ୍ତ ଦୁଇ ବିଜ୍ଞାନ ଓ ବାଣିଜ୍ୟ ଫଳ ବୁଧବାର ପ୍ରକାଶ ପାଇଛି। ଶେରଗଡ଼ସ୍ଥିତ ଉଦୟ ପ୍ରତାପ ବିଜ୍ଞାନ ଉଚ୍ଚ ମଧମିକ ବିଦ୍ୟାଳୟରେ ବିଜ୍ଞାନରେ ୬୫ ପ୍ରତିଶତ ପାସ୍ ହାର ହୋଇଥିବା ବେଳେ ବାଣିଜ୍ୟରେ ୭୮ପ୍ରତିଶତ ହୋଇଛି। ବିଜ୍ଞାନରେ ୬୪ ଜଣଙ୍କ ମଧ୍ୟରୁ ୪୨ ଜଣ ପାସ କରିଥିବା ବେଳେ ସନାତନ ଗୌଡ ୪୪୫ ନମ୍ବର ରଖି ପ୍ରଥମ ସ୍ଥାନରେ ରହିଚନ୍ତି। ସେହପରି ବାଣିଜ୍ୟରେ ୪୧ ଜଣଙ୍କ ମଧ୍ୟରୁ ୩୨ ଜଣ ପାସ କରିଛନ୍ତି। ବାଣିଜ୍ୟରେ ସୋନାଲି ଗୌଡ ୪୯୨ ରଖି ପ୍ରଥମ ସ୍ଥାନରେ ଅଛନ୍ତି। ଏହି ଦୁଇ ଜଣଙ୍କୁ ଅଧକ୍ଷ ଉପେନ୍ଦ୍ର ବାଡ଼ତ୍ୟା, ଶିଶିର କୁମାର ତ୍ରିପାଠୀ, ବରିଷ୍ଠ କିରାଣୀ ଚିତ୍ତରଞ୍ଜନ ସାମନ୍ତରାୟ ବାଣିଜ୍ୟ ଅଧାପକ ଶ୍ରୀକାନ୍ତ କୁମାର ତ୍ରିପାଠୀ ପ୍ରମୁଖ ସାଧୁବାଦ ପ୍ରଦାନ କରିଛନ୍ତି।

### ସାପ କାମୁଡ଼ାରେ ଜଣେ ମୃତ

ରାମଗିରି,୧।୬(ଡି.ଏନ.ଏ.): ଆର.ଉଦୟଗିରି ବ୍ଲକ ରାମଗିରି ଥାନା ଅନ୍ତର୍ଗତ ସୁବଲଡା ଗ୍ରାମପଞ୍ଚାୟତ ସ୍ଥିତ ବେଡିଙ୍ଗ ଗ୍ରାମର ବାୟାଧର ବଡ଼ମୁଣ୍ଡିଙ୍କ ଚିଟି ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ବୁଧବାର ସନ୍ଧ୍ୟାରେ ବାୟାଧର ନିଜ ବାରିପଟ କାଠ ସଂଗ୍ରହ କରିବାକୁ ଯାଇଥିଲେ। ସେହି ସମୟରେ ସାପଟି ତାଙ୍କ ବାମ ଗୋଡକୁ କାମୁଡ଼ି ଦେଇଥିଲା। ସାପଟି କାମୁଡିଦେଇ ସେଠାରୁ ଚାଲିଯିବା ଦେଖି ସେ ନିଜେ ସେହି ସାପକୁ ବାଡେଇ ମାରିଦେଇଥିଲେ। ସାପ କାମୁଡା ଯନ୍ତ୍ରଣା ସହିନପାରି ପାଟି କରିଥିଲେ। ପରିବାର ଲୋକେ ଏହା ଜାଣିବା ପରେ ପ୍ରଥମେ ତାଙ୍କୁ ରାମଗିରି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ପରେ ଚନ୍ଦ୍ରଗିରି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ନିଆଯିବା ରାସ୍ତାରେ ବାୟାଧରଙ୍କ ମୃତ୍ୟୁ ଘଟିଥିଲା। ତେବେ ଚନ୍ଦ୍ରଗିରି ଫାଣ୍ଡି ଅଧିକାରୀ ପୁରୁଷୋତ୍ତମ ପାଇକ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିବେ ବୋଲି ସୂଚନା ଦେଇଛନ୍ତି।

### ବ୍ୟାଡ୍‌ମିଣ୍ଟନ ସମରକ୍ୟାମ୍ପ ଉଦ୍‌ଯାପିତ

ହିଞ୍ଜିଳିକାଟୁ,୧।୬(ଡି.ଏନ.ଏ.): ହିଞ୍ଜିଳିକାଟୁ ମିନିଷ୍ଟାଡିୟମରେ ୧ମାସ ଧରି ଚାଲିଥିବା ବ୍ୟାଡ୍‌ମିଣ୍ଟନ ସମରକ୍ୟାମ୍ପ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ପୌର ନିର୍ବାହୀ ଅଧିକାରୀ ଜୁବୁଲି ଚରଣ ବେହେରାଙ୍କ ଅଧକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ପୌର ଅଧକ୍ଷ ସୁବାସ ଚନ୍ଦ୍ର ପଲେଇ, ଉପାଧକ୍ଷା ସୁଚିତ୍ରା ପଣ୍ଡା, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଦେବାନନ୍ଦ ମହାପାତ୍ର, ଗ୍ରିଟ ଅଧକ୍ଷ ପବିତ୍ର ମୋହନ ପାଣିଗ୍ରାହୀ, ହିଞ୍ଜିଳିକାଟୁ ବିଜେଡି ସଭାପତି ଭୀମସେନ ବେହେରା, ଯୁବ ସଭାପତି ସଞ୍ଜୟ କୁମାର ପଣ୍ଡା, ପ୍ରଦୀପ କୁମାର ପଣ୍ଡାଙ୍କ ସହ ପୌରପରିଷଦର ବହୁ ସଭ୍ୟା ଓ ସଭ୍ୟ ଉପସ୍ଥିତ ଥିଲେ। ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଓ ମୁଖ୍ୟମନ୍ତ୍ରୀଙ୍କ ଯୁଗ୍ମ ସଚିବ ଶୁଭ୍ରାଂଶୁ ମିଶ୍ର ଯୋଗ ଦେଇଥିଲେ। କ୍ୟାମ୍ପରେ ୫୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ଗଠିତ କୃତି ଟିମ୍ ଓ ଖେଳାଳିମାନଙ୍କୁ ପୁରସ୍କୃତ କରାଯାଇଛି। କ୍ୟାମ୍ପରେ ଭାଗ ନେଇଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ସମରକ୍ୟାମ୍ପରେ କୋଚ ଭାବେ ରାହୁଲ ପାଶ୍ୱାନ ଓ ପୂର୍ବତନ କୋଚ ମନୋଜ କୁମାର ସାବତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା, ସିଡିଏମ୍‌ଓଙ୍କୁ ଭେଟିଲା ନାଗରିକ କମିଟି

ଫୁଲବାଣୀ ଅଫିସ, ୧।୬

କନ୍ଧମାଳ ଜିଲାରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବାକୁ ନେଇ ଜନ ଅସନ୍ତୋଷ ବଢ଼ିବାରେ ଲାଗିଛି। ଗୁରୁବାର ଏହି ସମସ୍ୟା ନେଇ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଜିଲା ନାଗରିକ କମିଟି ସଦସ୍ୟମାନେ ଭେଟି ଆଲୋଚନା କରିଛନ୍ତି।

ଡାକ୍ତରମାନେ ଗ୍ରାମାଞ୍ଚଳରେ ଥିବା ସ୍ୱାସ୍ଥ୍ୟ କେନ୍ଦ୍ରରେ ରହିବା ପାଇଁ ସ୍ୱତନ୍ତ୍ର ଭତା ୩୦ରୁ ୪୦ହଜାର ପାଉଛନ୍ତି । ହେଲେ ନବେ ପ୍ରତିଶତ ଡାକ୍ତର ସ୍ୱାସ୍ଥ୍ୟ କେନ୍ଦ୍ରରେ ଅନୁପସ୍ଥିତ ରହୁଛନ୍ତି। କିନ୍ତୁ ଦରମା ସହ ସ୍ୱତନ୍ତ୍ର ଭତା ହାତେଇବାରେ ସକ୍ଷମ ହେଉଛନ୍ତି। ଏକ ସୁପରିକଳ୍ପିତ ଠକେଇ। ବର୍ଷ ବର୍ଷ ଧରି ଏହା ଚାଲି ଆସୁଛି। ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ କମିଟି ସଦସ୍ୟ ପ୍ରକାଶ କରିଛନ୍ତି।

ସେହିପରି ବାରିକୁମ୍ପା ସ୍ୱାସ୍ଥ୍ୟ କେନ୍ଦ୍ର ପ୍ରତି ରବିବାର ବନ୍ଦ ରହିବା ସହ ଡାକ୍ତର ରହୁନାହାନ୍ତି। ଅନ୍ୟ ଦିନରେ ପୂର୍ବାହ୍ନ ୧୦ଟାରେ ଆସି ୧୨ଟାରେ ଚାଲି ଯାଉଛନ୍ତି। ଉପରବେଳା ଚିକିତ୍ସା ସେବା ମିଳୁନାହିଁ। କେହି ଅଭିଯୋଗ କଲେ ସେମାନଙ୍କୁ ଧମକ ଦିଆଯାଉଛି । ଜିଲା ମୁଖ୍ୟ ଚିକିତ୍ସାଳୟରେ ୪୦ଟି ଡାକ୍ତର ପଦବୀ ଖାଲି ପଡିଥିବା ବେଳେ ଗ୍ରାମାଞ୍ଚଳରେ ଶତପ୍ରତିଶତ ଡାକ୍ତର କେଉଁ ଆଧାରରେ ନିଯୁକ୍ତି ହେଉଛନ୍ତି। ଏହା ଠକିବା ପାଇଁ ନା ସ୍ୱାସ୍ଥ୍ୟ ସେବା ନାଁରେ ମାସରେ ପନ୍ଦର ଦିନ ଘରକୁ ଯିବା ପାଇଁ ବୋଲି ନାଗରିକ କମିଟି ପ୍ରଶ୍ନ ଉଠାଇଛି। ଦୁଇ ବର୍ଷ ହେଲା ମେଡିସିନ ଆଉଟ ଡୋରକୁ ବିଶେଷଜ୍ଞ ଡାକ୍ତର ଯାଉ ନାହାନ୍ତି । ସକାଳେ ମାତ୍ର ୩-୪ଘଣ୍ଟା ଡାକ୍ତର ଆଉଟଡୋର ଆସୁଛନ୍ତି । ଛୁଟିରେ ଥିବା ଡାକ୍ତରଙ୍କ ନାମ ଡ୍ୟୁଟି ଚାଟରେ ମାରି ରୋଗୀଙ୍କୁ ଭକୁଆ ବନାଯାଉଛି । ରେଗୁଲାର ମେଡ଼ିକାଲ ସୁପରିଣ୍ଟେଣ୍ଡାଣ୍ଟ ନ ଥିବାରୁ ଟିବି ବିଭାଗର ଜଣେ କର୍ମଚାରୀ ଦୀର୍ଘ ବର୍ଷ ଧରି ଡାକ୍ତରଙ୍କ ଡ୍ୟୁଟି ଚାଟରେ ଏପଟ ସେପଟ କରି ଫାଇଦା ନେଉଛନ୍ତି।

ଗ୍ରୀଷ୍ମ ଦିନେ ରୋଗୀଙ୍କ ଆଟେଣ୍ଡାଣ୍ଟ ମାନଙ୍କ ପାଇଁ ଫ୍ୟାନ ଓ ବସିବା ସୁବିଧା, ପ୍ରବେଶ ପଥ ଆଉଟଡୋରରେ ଦୁଇଟି ପାଇଖାନା ନିର୍ମାଣ, ନିରବଚ୍ଛିନ୍ନ ବିଦ୍ୟୁତ ଓ ଜଳ ଯୋଗାଣ, ଜନ ଔଷଧି କେନ୍ଦ୍ର ନିୟମିତ ଖୋଲିବା, ଶିଶୁ ବିଭାଗ ଓ ସ୍ତ୍ରୀ ପ୍ରସୂତୀ ବିଭାଗରେ ଅର୍ଥ କାରବାର ବନ୍ଦ କରିବା ଆଦି ଉପରେ ସିଡିଏମ୍‌ଓଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା।

ମିଳିତ ନାଗରିକ କମିଟି ଆବାହକ ଅଶୋକ ପରିଡାଙ୍କ ନେତୃତ୍ୱରେ କମିଟି ସଦସ୍ୟମାନେ ଘଟଣାର ସମାଧାନ ପାଇଁ ଦାବି କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ମନୋଜ କୁମାର ଉପାଧ୍ୟାୟ ଏହା ଉପରେ ନିରପେକ୍ଷ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।



ନାଗରିକ କମିଟି ସଦସ୍ୟ ଆଲୋଚନା କରୁଛନ୍ତି।

# ରାମଲୀଳା କଳାକାର ସମ୍ବର୍ଦ୍ଧିତ



ଖଣ୍ଡପଡ଼ା,୧।୬(ସ୍ୱ.ପ୍ର.)

କଣ୍ଟିଲୋ ବାପୁଜୀ ନଗର କଂସାରୀସାହି ପାଟଣା ରଘୁନାଥ ଜୀଉ ରାମଲୀଳା ନାଟ୍ୟ ସମିତି ପକ୍ଷରୁ ୫ଦିନ ବ୍ୟାପୀ ଚାଲିଥିବା ରାମଲୀଳା ୩ ଦିନ ହେବ କାଳବୈଶାଖୀ ବର୍ଷା ଫଳରେ ବନ୍ଦ ରହିଛି। ତେବେ ଇତିମଧ୍ୟରେ କଳା ପ୍ରତି ରୁଚି ରଖିଥିବା ପୁରାତନ କଳାକାର ତଥା ଅବସରପ୍ରାପ୍ତ ଇଞ୍ଜିନିୟର କାଳନ୍ଦୀ ଚରଣ ମହାରଣା ରାମଲୀଳାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ଦୀର୍ଘବର୍ଷରୁ ଅଭିନୟ ପରିବେଷଣ କରି ଆସୁଥିବା କଳାକାରମାନଙ୍କୁ ଉପଢୌକନ, ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି। ରଘୁନାଥ ଜୀଉ ନାଟ୍ୟ ସମିତି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମହାରଣା ମୁଖ୍ୟଅତିଥି ଭାବେ ଯୋଗଦେଇ ରାମଲୀଳା ନାଟ୍ୟ ସମିତିର କର୍ମକର୍ତ୍ତା ଓ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ମିଳିତ ଶିକ୍ଷକ ସଂଘ ପକ୍ଷରୁ ବିଦାୟ, ସ୍ୱାଗତ ସମ୍ବର୍ଦ୍ଧନା

ରଣପୁର, ୧।୬(ସ୍ୱ.ପ୍ର.)

ନୟାଗଡ ରଣପୁର ଶିକ୍ଷା ବ୍ଲକର ଗୌରାଙ୍ଗପୁର କ୍ଲଷ୍ଟରରେ ବିଦାୟ ସମ୍ବର୍ଦ୍ଧନା ସହିତ ସ୍ୱାଗତ ସମ୍ବର୍ଦ୍ଧନା ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଗୌରାଙ୍ଗପୁର କ୍ଲଷ୍ଟରର ସମସ୍ତ ବର୍ଗର ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନେଇ ନୂତନ ଭାବେ ଗଠିତ ହୋଇଥିବା ମିଳିତ ଶିକ୍ଷକ ସଂଘ ପ୍ରୟାସରେ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବଜ୍ରକୋଟ ସରପଚଂ ବନିତା ବଳିଆରସିଂହ, ମୁଖ୍ୟବକ୍ତା ଭାବେ ସମିତିସଭ୍ୟ ସୁଦର୍ଶନ ବଳିଆରସିଂହ, ସମ୍ମାନିତ ଅତିଥି ଭାବେ ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ବସନ୍ତ ରାଉତ, ନୟାଗଡ଼ ଜିଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ତଥା ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘ ସଂଯୋଜକ ଜ୍ୟୋତି ରଞ୍ଜନ ଦାଶ, ରଣପୁର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପ୍ରଫୁଲ୍ଲ ବିଶ୍ୱାଳ, ସମ୍ପାଦକ ଜଗନ୍ନାଥ ଦାଶ, ଶିକ୍ଷାବିତ୍ ଲକ୍ଷ୍ମୀଧର ସାହୁ, ଗୌରାଙ୍ଗପୁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିଦେଶିନୀ ପତି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅବକାଶ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଅଧାପକ ସତ୍ୟ ନାରାୟଣ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ନରସିଂହ ମାଝି ବିଦାୟ ସଙ୍ଗୀତ ଗାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ହରିପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜୋସ୍ନାମୟୀ ପ୍ରଧାନ, ସହକାରୀ ଶିକ୍ଷୟିତ୍ରୀ ରୁକୁଣା ଦେଇ, ଗୌରାଙ୍ଗପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମୁରଲିଧର ମହାରଣା, କଙ୍କିଆ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ଏବଂ ଗୌରାଙ୍ଗପୁର କ୍ଲଷ୍ଟରର ପୂର୍ବତନ ସିଆରସିସି ସନ୍ତୋଷ କୁମାର ମିଶ୍ରଙ୍କୁ ଉପଢୌକନ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ନୂତନ ସିଆରସିସି ଭାବେ ଯୋଗ ଦେଇଥିବା ସୁଧାକର ମିଶ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଉପସ୍ଥିତ ଥିବା ଅତିଥି, ଶିକ୍ଷୟିତ୍ରୀଶିକ୍ଷକମାନେ ବିଦାୟୀ ଶିକ୍ଷୟିତ୍ରୀଶିକ୍ଷକମାନଙ୍କ ଗୁଣଗାନ କରିବା ସହ ଅବସର ଜୀବନ ସୁଖମୟ ହେଉ ବୋଲି ପ୍ରଭୁ ଗଜାନନଙ୍କ ନିକଟରେ ପ୍ରାର୍ଥନା କରିଥିଲେ।



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଅବସର ନେଇଥିବା କର୍ମଚାରୀମାନେ।

## ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଦାରିଙ୍ଗବାଡି,୧।୬(ଡି.ଏନ.ଏ.)

ଦାରିଙ୍ଗବାଡି ପଞ୍ଚାୟତ ସମିତିରେ କାର୍ଯ୍ୟରତ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ କୃପାସିନ୍ଧୁ ବେହେରା ବୁଧବାର ଅବସର ଗ୍ରହଣ କରିଛନ୍ତି। ସେ ଦାରିଙ୍ଗବାଡି ପଞ୍ଚାୟତ ସମିତିରେ ପ୍ରଥମେ ୨୦୧୧ରେ ବ୍ଲକ ଗ୍ରାମପଞ୍ଚାୟତ ଅଧିକାରୀ ଭାବେ ନିଯୁକ୍ତି ପାଇଥିଲେ। ପରବର୍ତ୍ତୀ କିଛି ଦିନ ପରେ ଅନ୍ୟତ୍ର ବଦଳି ହୋଇଥିଲା। ପୁନର୍ବାର ୨୦୨୦ ଜୁଲାଇରେ ବ୍ଲକ ଗ୍ରାମପଞ୍ଚାୟତ ଅଧିକାରୀ ଭାବେ ଦାରିଙ୍ଗବାଡି ପଞ୍ଚାୟତ ସମିତିରେ ନିଯୁକ୍ତି ପାଇ ୨୦୨୨ଜୁଲାଇ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ। ଏବଂ ତାଙ୍କର ପଦୋନ୍ନତି ହୋଇ ସେ ଦାରିଙ୍ଗବାଡିରେ ହିଁ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାବେ ନିଯୁକ୍ତି ପାଇ ଅବସର ନେବା ପର୍ଯ୍ୟନ୍ତ କାର୍ଯ୍ୟ କରୁଥିଲେ। ମେ ୩୧ରେ ସେ ଅବସର ଗ୍ରହଣ କରିଥିବାରୁ ବ୍ଲକ କାର୍ଯ୍ୟାଳୟ ପରିସର ମଧ୍ୟରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ପାଳନ କରାଯାଇଥିଲା। ଏଥିରେ ବିଡିଓ ଗଦାଧର ପାତ୍ର, ବ୍ଲକ ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ, ସହକାରୀ ନିର୍ବାହୀ ଯନ୍ତ୍ରୀ ଶିଶିର ପାତ୍ରଙ୍କ ସମେତ ସମସ୍ତ କନିଷ୍ଠ ଯନ୍ତ୍ରୀ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ ଓ ବିଭିନ୍ନ ବିଭାଗର କର୍ମଚାରୀ ଯୋଗଦାନ କରିଥିଲେ।

## ରକ୍ତଦାନ ଶିବିର

ଭଞ୍ଜନଗର,୧।୬(ଡି.ଏନ୍.ଏ.)

ଭଞ୍ଜନଗର ନିକଟସ୍ଥ ତନରଡା ଆଇଆର୍‌ବି ୮ମ ସ୍ୱତନ୍ତ୍ର ବାଟାଲିୟନରେ ଶୁକ୍ରବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୪୦ ଜଣ ରକ୍ତଦାନ କରିଥିଲେ। ଭଞ୍ଜନଗର ବ୍ଲଡ ବ୍ୟାଙ୍କ କର୍ମଚାରୀ ରକ୍ତ ପ୍ୟାକେଟ ସଂଗ୍ରହ କରିଥିଲେ। କମାଣ୍ଡିଂ ଅଫିସର ହୃଷୀକେଶ ରଥ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଡେପୁଟି କମାଣ୍ଡାଣ୍ଟ ବିଭୂତି ଭୂଷଣ ପରିଡ଼ା, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ରଞ୍ଜିତ କୁମାର ବାର୍ଲା, ଇନ୍ସପେକ୍ଟର ଚିତ୍ତରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ସିଙ୍ଗାପୁର ଯିବେ କନ୍ଧମାଳ ମିଶନ ଶକ୍ତି ଜିଲା ସଭାନେତ୍ରୀ

ଜି.ଉଦୟଗିରି (ଡି.ଏନ୍.ଏ.)/ ଫୁଲବାଣୀ ଅଫିସ୍, ୧।୬

କନ୍ଧମାଳ ଜିଲା ସ୍ୱୟଂ ସହାୟକ ଗୋଷ୍ଠୀର ଜିଲାସ୍ତରୀୟ ମହାସଂଘ ସଭାନେତ୍ରୀ କୁମୁଦିନୀ ଦିଗାଲ ମିଶନ ଶକ୍ତି ବିଭାଗ ତରଫରୁ ୩ ତାରିଖରେ ସିଙ୍ଗାପୁର ଯାତ୍ରା କରିବା ନିମନ୍ତେ ମନୋନୀତ ହୋଇଛନ୍ତି। ଏଣୁ ତାଙ୍କୁ ବୁଧବାର ଜି.ଉଦୟଗିରି ବ୍ଲକଠାରେ ବିଡିଓ ଆଶିଷ କୁମାର ତ୍ରିପାଠୀ ଏବଂ ଜିଲା ପରିଷଦ ସଭ୍ୟା ଲିଲିମା ପ୍ରଧାନ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।



ବିଡିଓ କୁମୁଦିନି ଦିଗାଲଙ୍କୁ ଶୁଭେଚ୍ଛା ଜଣାଉଛନ୍ତି।

ସଭାନେତ୍ରୀ ଦିଗାଲ ୨୦୦୨ଠାରୁ ଜି.ଉଦୟଗିରି ବ୍ଲକ ଅନ୍ତର୍ଗତ କିରାମାହା ଗ୍ରାମର ମା'ଭାର୍ଗବୀ ସ୍ୱୟଂ ସହାୟକ ଗୋଷ୍ଠୀର ନେତୃତ୍ୱ ନେବା ଆରମ୍ଭ କରିଥିଲେ। ତତ୍ ପରେ ବ୍ଲକ ସଭାନେତ୍ରୀ ଓ ଜିଲା ସଭାନେତ୍ରୀ ଭାବେ କାର୍ଯ୍ୟ କରିଆସୁଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମିଶନ ଶକ୍ତି ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ ହେବାରେ ସାହାଯ୍ୟ ଓ ସହଯୋଗ କରିଥିବା ଓ ମୁଖ୍ୟମନ୍ତ୍ରୀଙ୍କ ଯୋଗୁ କନ୍ଧମାଳର ଜଣେ ମହିଳା ସିଙ୍ଗାପୁର ଯିବା ସମ୍ଭବ ହୋଇପାରିଛି ବୋଲି କହିଥିଲେ।

# ଅମଲା ସଂଘର କାର୍ଯ୍ୟ ବନ୍ଦ ଆନ୍ଦୋଳନ

ରଣପୁର,୧।୬(ସ୍ୱ.ପ୍ର.)

ନୟାଗଡ଼ ଜିଲାର ଅମଲା ସଂଘର ନିଷ୍ପତ୍ତି ଅନୁଯାୟୀ, ଗୁରୁବାରଠାରୁ ରଣପୁରରେ ଅମଲାମାନେ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଅମଲାମାନେ ଏକତ୍ରିତ ହୋଇ ରଣପୁର ବ୍ଲକ ସମ୍ମୁଖରେ ଧାରଣା ଦେଇଛନ୍ତି। ତହସିଲ, ବ୍ଲକ ଓ ଡାକ୍ତରଖାନାର ପ୍ରଭୃତିର ଏହି ଅମଲାମାନେ ସାମିଲ ହୋଇଛନ୍ତି। ଯୋଗ୍ୟତାଭିତ୍ତିକ ଧାରା ୯ କୁ କାର୍ଯ୍ୟକାରୀ କରିବା ଦାବି ନେଇ ରାଜ୍ୟ ଅମଲା ସଂଘର ନିଷ୍ପତ୍ତିକ୍ରମେ, କଳାବ୍ୟାଜ ପରିଧାନ କରି ମେ ୩୧ ତାରିଖ ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଚଳାଇଥିଲେ। ହେଲେ ରାଜ୍ୟ ସରକାର ଅମଲାମାନଙ୍କର କୌଣସି ଦାବି ଗ୍ରହଣ ନ କରିବାରୁ ଗୁରୁବାରଠାରୁ ସମୂହ ଛୁଟି ନେଇ ଧାରଣାରେ ବସି ରହିଛନ୍ତି। ସେମାନଙ୍କର ଦାବି ହେଉଛି ବେସିକ ଦରମା ୯୩୦୦ ଓ ଗ୍ରାଡେ ପେ ୪୨୦୦ କୁ ବୃଦ୍ଧି କରାଯାଉ। ଏହି ଦାବିପୂରଣ ନ ହେବା ପର୍ଯ୍ୟନ୍ତ ଅମଲା ସଂଘ ଧାରଣାରେ ବସି ରହିବେ ବୋଲି ଓଏମ୍‌ଓଏର ରଣପୁର ଉପସଭାପତି ସନ୍ତୋଷ କୁମାର ସାମନ୍ତରାୟ ମିନତି ଦାଶ ପ୍ରକାଶ କରିଛନ୍ତି। ଯେଉଁ ଅମଲା କର୍ମଚାରୀ ଏହି ନିଷ୍ପତ୍ତିଙ୍କୁ ନ ମାନି କାର୍ଯ୍ୟ କରିବେ ଅମଲା ସଂଘ ପକ୍ଷରୁ ତାଙ୍କୁ ୫ ହଜାର ଟଙ୍କା ଜରିମନା ଆଦାୟ କରାଯିବ।



ରଣପୁରରେ ଅମଲାଙ୍କ ଧାରଣା।

ଓଡଗାଁ,୧।୬(ସ୍ୱ.ପ୍ର.)

ଅମଲାଙ୍କ ମୂଳ ଦରମା ଲେଭଲ-୯ ଅନୁଯାୟୀ ବୃଦ୍ଧି କରିବା ଦାବି କରାଯାଇଛି। ଏନେଇ ସରକାର କର୍ଣ୍ଣପାତ କରୁ ନଥିବାରୁ ସୋମବାରଠାରୁ ସେମାନେ କାର୍ଯ୍ୟ ବନ୍ଦ କରି ସାମୁହିକ ଛୁଟି ନେଇଛନ୍ତି। ଓଡ଼ଗାଁ ବ୍ଲକ ମିଳିତ ଅମଲା ସଂଘ ସଭାପତି ସୁଶାନ୍ତ କୁମାର ପ୍ରଧାନଙ୍କ ନେତୃତ୍ୱରେ ବିଭିନ୍ନ ବିଭାଗରେ କାର୍ଯ୍ୟରତ ୩୫ ଜଣ ଅମଲା ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଯୋଗ୍ୟତା ଅନୁଯାୟୀ ରାଜ୍ୟ ସରକାର ମାସିକ ଦରମା ବୃଦ୍ଧି କରୁ ନାହାନ୍ତି ବୋଲି ଅମଲା ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ଅପରପକ୍ଷେ ଅମଲାଙ୍କ ସାମୂହିକ ଛୁଟି ଯୋଗୁ ବ୍ଲକରେ ସରକାରୀ କାର୍ଯ୍ୟ ଠପ୍ ହୋଇଯାଇଛି। ଅମଲା ସଂଘ ପକ୍ଷରୁ ଗତ ଏପ୍ରିଲ ୨୧ରୁ ସଂଘ ପକ୍ଷରୁ ଦାବି ପୂରଣ ନେଇ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଥିଲା। ମାତ୍ର କୌଣସି ପଦକ୍ଷେ ନିଆ ନ ଯିବାରୁ ଗତ ମେ' ୨୨ରୁ ୩୧ ତାରିଖ ପର୍ଯ୍ୟନ୍ତ ଜିଲାରେ ସଂଘ ପକ୍ଷରୁ କଳା ବ୍ୟାଚ ପରିଧାନ କରି ପ୍ରତିକାତ୍ମକ ଆନ୍ଦୋଳନ ଜାରି ରହିଥିଲା। ଏଥିସହ ପୂର୍ବ କାର୍ଯ୍ୟସୂଚୀ ଅନୁଯାୟୀ ଆଜିଠୁ ସମସ୍ତ ଅମଲା ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସାମୁହିକ ଛୁଟିରେ ଯାଇଥିବା ସଂଘ ସମ୍ପାଦକ ତାପସ ରଞ୍ଜନ ପରିଡା ପ୍ରକାଶ କରିଛନ୍ତି।



ଧାରଣାରତ ନୂଆଗାଁ ବ୍ଲକ ଅମଲା କର୍ମଚାରୀ।

ନୂଆଗାଁ ୧।୬ (ଡି.ଏନ.ଏ)

ରାଜ୍ୟରେ ଅମଲା କର୍ମଚାରୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସ୍ନାତକ ଶିକ୍ଷାଗତ ଯୋଗ୍ୟତା ଭିତ୍ତିରେ ଜିଲାସ୍ତରୀୟ କନିଷ୍ଠ ଅମଲାମାନଙ୍କ ମୂଳ ଦରମା ୯୩୦୦ ଟଙ୍କା ସହ ଗ୍ରେଡ ପେ ୪୨୦୦ ଟଙ୍କାକୁ ବୃଦ୍ଧି କରିବାକୁ ସେମାନେ ଦାବି କରିଛନ୍ତି। ଏହି ପରିପ୍ରେକ୍ଷୀରେ ନୂଆଗାଁ ବ୍ଲକ, ତହସିଲ, ସବ୍‌ରେଜିଷ୍ଟ୍ରାର ଓ ଶିକ୍ଷା କାର୍ଯ୍ୟାଳୟରେ ନିୟୋଜିତ ଥିବା ସମସ୍ତ କର୍ମଚାରୀ ସମୁହ ଛୁଟିରେ ରହି ନୂଆଗାଁ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗୁରବାରଠାରୁ ଧାରଣା ଦେଇଛନ୍ତି। ପୂର୍ବରୁ ଏହି ଦାବି ନେଇ ଅମଲା ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯିବା ସହ ମୁଖ୍ୟ ଶାସନ ସଚିବଙ୍କୁ ଅବଗତ କରାଯାଇଥିଲା। ମାତ୍ର କୌଣସି ସୁଫଳ ନ ମିଳିବାରୁ ସେମାନେ

ମେ୨୨ରୁ ୩୧ ତାରିଖ ପର୍ଯ୍ୟନ୍ତ କଳାବ୍ୟାଜ ପରିଧାନ କରି କାର୍ଯ୍ୟ କରିଥିଲେ। କିନ୍ତୁ ଏପର୍ଯ୍ୟନ୍ତ ସରକାର ଅମଲାଙ୍କ ଦାବି ନ ଶୁଣିବାରୁ ସେମାନେ ସମୂହ ଛୁଟି ନେଇଥିବା କହିଛନ୍ତି। ନୂଆଗାଁ ବ୍ଲକ ଅମଲା ସଂଘ ଉପସଭାପତି କୃଷ୍ଣଚନ୍ଦ୍ର ବାରିକ, ସହ ସମ୍ପାଦକଙ୍କ ନେତୃତ୍ୱରେ ନୂଆଗାଁର ଅମଲାମାନେ ସମୂହ ଛୁଟିରେ ରହି ନୂଆଗାଁ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ସେମାନେ ପ୍ରକାଶ କରିଛନ୍ତି।

ଦଶପଲ୍ଲା୧।୬(ଡି.ଏନ.ଏ.)

ଅମଲା ସଂଘର ନିଷ୍ପତ୍ତି ଅନୁଯାୟୀ ଗୁରୁବାରଠାରୁ ଦଶପଲ୍ଲାରେ ଅମଲାମାନେ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଅମଲାମାନେ ଏକତ୍ରିତ ହୋଇ ଦଶପଲ୍ଲା ଟ୍ରେଜେରୀ ସମ୍ମୁଖରେ ଧାରଣା ଆରମ୍ଭ କରିଛନ୍ତି। ଏଥିରେ ତହସିଲ, ବ୍ଲକ ପ୍ରଭୃତିର ଅମଲାମାନେ ସାମିଲ ହୋଇଛନ୍ତି। ଯୋଗ୍ୟତା ଭିତ୍ତିକ ଧାରା ୯କୁ କାର୍ଯ୍ୟକାରୀ କରିବା ଦାବି ନେଇ ରାଜ୍ୟ ଅମଲା ସଂଘର ନିଷ୍ପତ୍ତି କ୍ରମେ, ଗତ ୨୧ତାରିଖରୁଠାରୁ ଦଶପଲ୍ଲାରେ କାର୍ଯ୍ୟରତ ଅମଲାମାନେ କଳାବ୍ୟାଚ ପରିଧାନ ପୂର୍ବକ କାର୍ଯ୍ୟରେ ଯୋଗ ଦେଇଛନ୍ତି। ରାଜ୍ୟ ଅମଲା ସଂଘର ନିଷ୍ପତ୍ତିକ୍ରମେ ଅମଲାମାନେ ମେ ୩୧ ତାରିଖ ପର୍ଯ୍ୟନ୍ତ କଳାବ୍ୟାଜ ପରିଧାନ କରି କାର୍ଯ୍ୟ ଚଳାଇ ଥିଲେ। ଅମଲାମାନେ ସରକାରଙ୍କର ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଗୁଡ଼ିକର ସଫଳ ରୂପାୟନ କରିଥାନ୍ତି। କିନ୍ତୁ ଏହା ବଦଳରେ ସେମାନେ ସରକାରୀ ଅବହେଳା ଓ ପ୍ରତାରଣାର ଶିକାର ହୋଇ ଆସୁଛନ୍ତି। ତେଣୁ ବେତନରେ ସଙ୍ଗତି ନ ଆସିଲେ ଆସନ୍ତା ୧ ତାରିଖରୁ ଅମଲାମାନେ ସମୂହ ଛୁଟିରେ ଯିବେ ବୋଲି ଦଶପଲ୍ଲା ଅମଲା ସଂଘ ଚେତାବନୀ ଦେଇଥିଲେ। ପୂର୍ବ ନିଷ୍ପତ୍ତି ଅନୁଯାୟୀ, ଏହି କାର୍ଯ୍ୟ ଆନ୍ଦୋଳନ ଆରମ୍ଭ ହୋଇଛି, ଦାବି ପୂରଣ ପର୍ଯ୍ୟନ୍ତ ଏହି କାର୍ଯ୍ୟ ବନ୍ଦ ଆନ୍ଦୋଳନ ଚାଲୁ ରହି ବୋଲି ଅମଲାମାନେ ପ୍ରକାଶ କରିଛନ୍ତି।



ଦଶପଲ୍ଲାରେ ଧାରଣା ଦେଉଥିବା ଅମଲାମାନେ।

# ଭୁବନେଶ୍ୱର 'ଏ', ଅବଶିଷ୍ଟ ଓଡ଼ିଶା 'ଡି' ବିଜୟୀ

**ଭୁବନେଶ୍ୱର, ୧୬ (ସ୍ପୋର୍ଟ୍ସ ବ୍ୟୁରୋ)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ସିନିୟର ପୁରୁଷ ଆନ୍ତଃଜିଲା କ୍ରିକେଟ ସୁପର ଲିଗ୍ କଳାହାଣ୍ଡି କପ୍‌ରେ ଗୁରୁବାର ଖେଳାଯାଇଥିବା ମ୍ୟାଚରେ ଭୁବନେଶ୍ୱର 'ଏ' ଓ ଅବଶିଷ୍ଟ ଓଡ଼ିଶା 'ଡି' ସେମାନଙ୍କ

**କଳାହାଣ୍ଡି କପ୍ ସୁପର ଲିଗ୍**

ମ୍ୟାଚରେ ବିଜୟୀ ହୋଇଛନ୍ତି। କଟକସ୍ଥିତ ରେଭେନ୍‌ଶା ଗ୍ରାଉଣ୍ଡ-୧ରେ ଅନୁଷ୍ଠିତ ଅବଶିଷ୍ଟ ଓଡ଼ିଶା 'ବି' ବିପକ୍ଷ ମ୍ୟାଚରେ ଭୁବନେଶ୍ୱର 'ଏ' ୧୪୦ ରନରେ ବିଜୟ ଲାଭ କରିଛି। ଏଥିରେ ବିଜୟୀ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ୭୫.୨ ଓଭରରେ ୨୮୯ ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଦେବାଶିଷ ୮୨, ସତ୍ୟଜିତ୍ ସାବତ ୭୮, ସନ୍ଦୀପ ସେଠୀ ୬୧ ରନ କରିଥିଲେ। ଅବଶିଷ୍ଟ ଓଡ଼ିଶା 'ବି' ଦଳ ପକ୍ଷରୁ ଟୁକୁନା ସାହୁ ୭୨ରନ ଦେଇ ୪ଟି ଏବଂ ଭାଗେଶ ଶର୍ମା ୬୨ ରନ ବିନିମୟରେ ୩ଟି ଉଇକେଟ ଅକ୍ତିଆର କରିଥିଲେ। ୨୯୦ ରନର ବିଜୟ ଲକ୍ଷ୍ୟକୁ ନେଇ ବ୍ୟାଟିଂ କରିଥିବା ଅବଶିଷ୍ଟ ଓଡ଼ିଶା 'ବି' ୪୪.୪ ଓଭରରେ ୧୪୯ ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ରଣଜିତ ସିଂ ୩୯ ଓ ଅଂଶୁମାନ ମିଶ୍ର ୨୬ ରନ କରିଥିଲେ। ଭୁବନେଶ୍ୱର 'ଏ' ଦଳ ତରଫରୁ ଶ୍ରେଷ୍ଠ ବୋଲିଂ କରିଥିବା ରୀତେଶ ପ୍ରିୟରଞ୍ଜନ ୩୬ ରନ ବିନିମୟରେ ୫ ଉଇକେଟ ଅକ୍ତିଆର କରିଥିଲେ। ଅଂଶୁମାନ ବେଜ୍ ୩୪ ରନ ଦେଇ ୩ ଉଇକେଟ ହାସଲ କରିଥିଲେ। ରୀତେଶ ପ୍ରିୟରଞ୍ଜନ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

କଟକସ୍ଥିତ ସନ୍‌ସାଇନ୍ ଗ୍ରାଉଣ୍ଡରେ ଅବଶିଷ୍ଟ ଓଡ଼ିଶା 'ଡି' ୧୦୪ ରନରେ ଢେଙ୍କାନାଳକୁ ପରାସ୍ତ କରିଛି। ଏହି ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଅବଶିଷ୍ଟ ଓଡ଼ିଶା 'ଡି' ୫୮ ଓଭରରେ ୨୪୮ରନ କରି ଅଲଆଉଟ ହୋଇଯାଇଥିଲା। ଆଶିଷ ପରିଜା ୭୮ ଓ ଜାମଲା ମହାପାତ୍ର ୫୨ ରନ କରିଥିଲେ। ଢେଙ୍କାନାଳ ଦଳ ୪୦.୩ ଓଭରରେ ୧୪୪ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ କାହ୍ନା ଭୂତିଆ ୪୦ ଓ ବିକାଶ ରାଉତ ୨୮ରନ କରିଥିଲେ। ଅବଶିଷ୍ଟ ଓଡ଼ିଶା 'ଡି' ପକ୍ଷରୁ ଅଙ୍କିତକର ଜୈସ୍ୱାଲ ୩ଟି ଉଇକେଟ ନେଇଥିବା ବେଳେ ଦିଲୀପ ପଣ୍ଡା ଓ ଜାମଲା ମହାପାତ୍ର ୨ଟି ଲେଖାଏ ଉଇକେଟ ହାସଲ କରିଥିଲେ। ମ୍ୟାଚରେ ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ଜାମଲା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।


ରୀତେଶ ପ୍ରିୟରଞ୍ଜନ


ଜାମଲା ମହାପାତ୍ର

# କିରଣ କ୍ୱାର୍ଟରରେ, ଅସ୍ମିତା ପରାସ୍ତ

**ବ୍ୟାଙ୍କକ୍, ୧୬(ପି.ଟି.)**

ଭାରତର କିରଣ ଜର୍ଜ ଚମତ୍କାର ପ୍ରଦର୍ଶନ ଜାରି ରଖି ଥାଇଲାଣ୍ଡ ଓପନ ସୁପର ୫୦୦ ଟୁର୍ନାମେଣ୍ଟ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ସେ ବିଶ୍ୱର ୨୬ ନମ୍ବର ମାନ୍ୟତାପ୍ରାପ୍ତ ଚାଇନାର ୱେଙ୍ଗ୍ ହଙ୍ଗ୍ ୟାଙ୍ଗ୍‌ଙ୍କୁ ସିଧାସଳଖ ଗେମ୍‌ରେ ହରାଇ ଦେଇଛନ୍ତି। ପୁରୁଷ ସିଙ୍ଗଲ୍ସର ଏକ ପ୍ରି-କ୍ୱାର୍ଟରରେ ବିଶ୍ୱର ୫୯ ନମ୍ବର ଖେଳାଳି କିରଣ ତାଙ୍କଠାରୁ ଉଚ୍ଚ ର୍‍ୟାଙ୍କିଙ୍ଗପ୍ରାପ୍ତ ପ୍ରତିଦ୍ୱନ୍ଦ୍ୱୀଙ୍କୁ ୨୧-୧୧, ୨୧-୧୯ରେ ପରାସ୍ତ କରିବାକୁ ମାତ୍ର ୩୯ ମିନିଟ ସମୟ ନେଇଥିଲେ। କିରଣ ପ୍ରଥମ ଥର ଏକ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ସୁପର ୫୦୦ ଇଭେଣ୍ଟର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ୨୦୨୨ ଓଡ଼ିଶା ଓପନ ବିଜେତା ଶୁକ୍ରବାର କ୍ୱାର୍ଟରଫାଇନାଲରେ ହଂକଂର ଏଙ୍ଗ୍ କା ଲଙ୍ଗ୍ ଆଙ୍ଗସ ଓ ଫ୍ରାନ୍ସର ଟୋମା ଜୁନିୟର ପେପୋଭଙ୍କ ମଧ୍ୟରେ ଖେଳାଯିବାକୁଥିବା ମ୍ୟାଚର ବିଜେତାଙ୍କୁ ଭେଟିବେ। ୨୩ ବର୍ଷୀୟା ଅସ୍ମିତା ଛଲିଆ ୧୮-୨୧, ୧୩-୨୧ରେ ପୂର୍ବତନ ଅଲିମ୍ପିକ ଓ ୩ ଥର ବିଶ୍ୱ ଚାମ୍ପିୟନ ସ୍ପେନର କାରୋଲିନା ମାରିନଙ୍କଠାରୁ ହାରିଯାଇଛନ୍ତି।

ମହିଳା ସିଙ୍ଗଲ୍ସ ପ୍ରି-କ୍ୱାର୍ଟର ଫାଇନାଲରେ ସାଇନା ନେହ୍ୱାଲ ୩ୟ ସିଡ୍ ତଥା ବିଶ୍ୱର ୫ ନମ୍ବର ଖେଳାଳି ଚାଇନାର ହି ବିଙ୍ଗ୍ ଜାଓଙ୍କଠାରୁ ୧୧-୨୧, ୧୪-୨୧ ଗେମ୍‌ରେ ପରାଜିତ ହୋଇଛନ୍ତି। ଭାରତର ପୁରୁଷ ଡବଲ୍ସ ଯୋଡ଼ି ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ମଧ୍ୟ ସେମାନଙ୍କ ପ୍ରି-କ୍ୱାର୍ଟରଫାଇନାଲ ମ୍ୟାଚରେ ଇଣ୍ଡୋନେସିଆର ମହମ୍ମଦ ଶୋହିବୁଲ ଫିକ୍ରି ଓ ବାଗାସ ମାଉଲାନାଙ୍କଠାରୁ ୨୬-୨୪, ୧୧-୨୧, ୧୭-୨୧ରେ ହାରିଯାଇଛନ୍ତି। ସୂଚନାଯୋଗ୍ୟ, ବିଡବ୍ଲ୍ୟୁ ୱାର୍ଲ୍ଡ ଟୁର୍‌କୁ ୬ଟି ସ୍ତରରେ ବିଭକ୍ତ କରାଯାଇଛି। ସେଗୁଡ଼ିକ ହେଲା ୱାର୍ଲ୍ଡ ଟୁର୍ ଫାଇନାଲ୍ସ, ଚାରୋଟି ସୁପର ୧୦୦୦, ଛଅଟି ସୁପର ୭୫୦, ସାତଟି ସୁପର ୫୦୦ ଏବଂ ୧୧ଟି ସୁପର ୩୦୦ ଟୁର୍ନାମେଣ୍ଟ। ଅନ୍ୟ କାଟେଗୋରି ହେଲା ବିଡବ୍ଲ୍ୟୁଏଫ୍ ଟୁର୍ ସୁପର ୧୦୦ ଲେଭଲ। ଏ ସମସ୍ତରେ ର୍‍ୟାଙ୍କିଙ୍ଗ ପଏଣ୍ଟ ବ୍ୟବସ୍ଥା ରହିଛି। ବିଡବ୍ଲ୍ୟୁଏଫ୍ ଟୁର୍ନାମେଣ୍ଟ ର୍‍ୟାଙ୍କିଙ୍ଗ ବ୍ୟବସ୍ଥାରେ ସୁପର ୫୦୦ ହେଉଛି ଏକ ଗ୍ରେଡ୍-୨ (ଲେଭଲ-୪) ଇଭେଣ୍ଟ।


କିରଣ ଜର୍ଜ

# ଧୋନୀଙ୍କ ଆଣ୍ଠୁ ଅସ୍ତ୍ରୋପଚାର ସଫଳ



**ନୂଆଦିଲ୍ଲୀ, ୧୬ (ପି.ଟି.):** ପୂର୍ବତନ ଭାରତୀୟ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କ ଆଣ୍ଠୁ ଅସ୍ତ୍ରୋପଚାର ସଫଳ ହୋଇଛି। ଚେନ୍ନାଇ ସୁପର କିଙ୍ଗ୍ସକୁ ପଞ୍ଚମ ଆଇପିଏଲ ଟାଇଟଲ୍ ବିଜୟୀ କରିବା ପରେ ଗୁରୁବାର ଧୋନୀଙ୍କ ଅସ୍ତ୍ରୋପଚାର କରାଯାଇଛି। ଆଇପିଏଲ ଫାଇନାଲ ଶେଷ ହେବା ପରେ ଧୋନୀ ମୁମ୍ବାଇ ଗସ୍ତ କରିଥିଲେ। ମୁମ୍ବାଇସ୍ଥିତ କୋକିଳାବେନ ହସ୍ପିଟାଲରେ ଶଲ୍ୟ ବିଶେଷଜ୍ଞ ଡିନଶ ପର୍ଦ୍ଦିୱାଲା ଧୋନୀଙ୍କ ଆଣ୍ଠୁ ଅସ୍ତ୍ରୋପଚାର କରିଥିଲେ। ବିସିସିଆଇ ମେଡିକାଲ ପ୍ୟାନେଲର ଡାକ୍ତର ପର୍ଦ୍ଦିୱାଲା ଏହା ପୂର୍ବରୁ ରିଷଭ ପନ୍ତଙ୍କ ସର୍ଜରି କରିଥିଲେ। ଧୋନୀଙ୍କ ଅସ୍ତ୍ରୋପଚାର ସଫଳ ହୋଇଛି ଏବଂ ଆସନ୍ତା ଦିନେ ଦୁଇ ଦିନ ମଧ୍ୟରେ ତାଙ୍କୁ ଛଡାଯିବ ବୋଲି କୁହାଯାଇଛି। ରିହାବ୍ ପୂର୍ବରୁ ସେ କିଛିଦିନ ବିଶ୍ରାମ ନେବା ସ୍ପଷ୍ଟ ହୋଇଛି। ଚଳିତ ଆଇପିଏଲରେ ଧୋନୀ ସର୍ବାଧିକ ସମୟ ବାମ ଆଣ୍ଠୁରେ ଷ୍ଟ୍ରାପିଂ ସହିତ ଖେଳୁଥିବା ଦେଖିବାକୁ ମିଳିଥିଲା। ଅସ୍ତ୍ରୋପଚାର ସମୟରେ ପତ୍ନୀ ସାକ୍ଷୀ ଧୋନୀଙ୍କ ସହିତ ଉପସ୍ଥିତ ରହିଥିଲେ।

# ଓଭାଲ ରେକର୍ଡକୁ ନେଇ ଚିନ୍ତାରେ ଅଷ୍ଟ୍ରେଲିଆ

**ମେଲବୋର୍ନ, ୧୬(ପି.ଟି.)**

ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ୍ ମ୍ୟାଚ ପୂର୍ବରୁ ଓଭାଲରେ ରେକର୍ଡକୁ ନେଇ ଚିନ୍ତାରେ ପଡିଛି ଅଷ୍ଟ୍ରେଲିଆ। ଆସନ୍ତା ଜୁନ୍ ୭ରୁ ୧୧ ମଧ୍ୟରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଏହି ଫାଇନାଲ ଖେଳାଯିବ। ୧୪୦ ବର୍ଷ ଧରି ଅଷ୍ଟ୍ରେଲିଆ ଦଳ ଇଂଲଣ୍ଡରେ ଟେଷ୍ଟ ମ୍ୟାଚ ଖେଳୁଥିବା ବେଳେ ଓଭାଲରେ ରେକର୍ଡ ସବୁଠାରୁ ଖରାପ ରହିଛି। ୧୮୮୦ ମସିହାରୁ ଦଳ ଏଠାରେ ଟେଷ୍ଟ ମ୍ୟାଚ୍ ଖେଳୁଥିବା ବେଳେ ୩୮ ମ୍ୟାଚରୁ ୭ ବିଜୟ ହାସଲ କରିଛି। ଏହି ଷ୍ଟାଡିୟମରେ ଦଳର ବିଜୟ ୧୮.୪୨ ପ୍ରତିଶତ ରହିଛି, ଯାହା ସର୍ବନିମ୍ନ। ଏହା ସହିତ ବିଗତ ୫୦ ବର୍ଷ ମଧ୍ୟରେ ଦଳ ଏଠାରେ ମାତ୍ର ଦୁଇଟି ଟେଷ୍ଟରେ ବିଜୟ ହାସଲ କରିଛି। ଅନ୍ୟ ପକ୍ଷରେ ଦଳ ଲର୍ଡ୍ସରେ ୨୯ ଟେଷ୍ଟ ଖେଳି ୧୭ ବିଜୟ ହାସଲ କରିଛି। ଲର୍ଡ୍ସରେ ଦଳର ବିଜୟ ୪୩.୫୯ ପ୍ରତିଶତ ରହିଛି। ଇଂଲଣ୍ଡ ଲର୍ଡ୍ସରେ ୧୪୧ ମ୍ୟାଚ୍ ଖେଳିଥିବା ବେଳେ ଦଳର ବିଜୟ ୩୯.୭୨ ପ୍ରତିଶତ ରହିଛି। ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକାର ଲର୍ଡ୍ସରେ ବିଜୟ ରେକର୍ଡ ୩୩.୩୩ ପ୍ରତିଶତ ରହିଛି। ହେଡିଙ୍ଗଲିରେ ଅଷ୍ଟ୍ରେଲିଆର ବିଜୟ ୩୪.୬୨ ପ୍ରତିଶତ ରହିଥିବା ବେଳେ ଟେଷ୍ଟବ୍ରିଜରେ ୩୦.୪୩ ପ୍ରତିଶତ, ଓଲ୍ଡଟ୍ରାଫୋର୍ଡରେ ୨୯.୦୩ ଓ ଏଜ୍‌ବାଷ୍ଟନରେ ୨୬.୬୭ ପ୍ରତିଶତର ବିଜୟ ରେକର୍ଡ ରହିଛି।

ସମାନ ଭାବରେ ଭାରତର ରେକର୍ଡ ମଧ୍ୟ ଖରାପ ରହିଛି। ଏଠାରେ ଭାରତ ମାତ୍ର ଦୁଇଟି ମ୍ୟାଚ୍ ବିଜୟୀ ହୋଇଛି। ତେବେ ୨୦୨୧ ମସିହାରେ ଭାରତ ସମାନ ଭେନ୍ୟୁରେ ଇଂଲଣ୍ଡକୁ ୧୫୭ ରନ୍‌ରେ ପରାସ୍ତ କରିଥିଲା। ଦୀର୍ଘ ୪୦ ବର୍ଷ ପରେ ଭାରତ ଏହି ଭେନ୍ୟୁରେ ନିଜର ପ୍ରଥମ ବିଜୟ ହାସଲ କରିଥିଲା। ଅଷ୍ଟ୍ରେଲିଆ ଦଳ ବର୍ତ୍ତମାନ ବେକେନ୍‌ହାମରେ ନିଜର ଅଭ୍ୟାସ ଆରମ୍ଭ କରିବାକୁ ଯାଉଛି। ତେବେ ବେକେନହାମ୍‌ର ପିଚ୍ ବ୍ୟାଟିଂ ସହାୟକ ଥିବାବେଳେ ଓଭାଲର ଟ୍ରାକ୍ ବୋଲିଂ ସହାୟକ ରହିଥାଏ। ଭାରତ ନିକଟରୁ ୨-୧ରେ ପରାସ୍ତ ହେବା ପରେ ଟେବୁଲ ଟପ୍ପର ଭାବରେ ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଥିଲା ଅଷ୍ଟ୍ରେଲିଆ। ୨୦୨୧-୨୩ ଟେଷ୍ଟର ଉଭୟ ଘରୋଇ ଓ ବିଦେଶ ସାଇକେଲରେ ଅଷ୍ଟ୍ରେଲିଆ ଭାରତ ନିକଟରୁ ପରାଜିତ ହୋଇଥିଲା। ଏହା ସହିତ ବିଗତ ୮ ବର୍ଷ ମଧ୍ୟରେ ଅଷ୍ଟ୍ରେଲିଆ ଭାରତକୁ କୌଣସି ସିରିଜରେ ପରାସ୍ତ କରିନାହିଁ।

**ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍**


DSPL-62




OIPR-29001/13/0015/2324

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ଜୁନ୍ ୨/୨୦୨୩ Bhubaneswar, Friday, June 2/ 2023

**୨୦ ବର୍ଷରୁ କମ୍ ଫୁଟ୍‌ବଲ ବିଶ୍ୱକପ୍**

# ଆର୍ଜେଣ୍ଟିନା, ଇଂଲଣ୍ଡ ବିଦା

ବୁଏନସ୍ ଏୟାର୍ସ, ୧।୬(ପି.ଟି.)

ଆର୍ଜେଣ୍ଟିନାରେ ଅନୁଷ୍ଠିତ ୨୦ ବର୍ଷରୁ କମ୍ ଫୁଟବଲ ବିଶ୍ୱକପର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ଇଟାଲୀ, ନାଇଜେରିଆ, ବ୍ରାଜିଲ ଓ କଲମ୍ବିଆ। ଅନ୍ୟପକ୍ଷରେ ଶକ୍ତିଶାଳୀ ଦଳ ଆର୍ଜେଣ୍ଟିନା ଓ ଇଂଲଣ୍ଡ ଏହି ଟୁର୍ନାମେଣ୍ଟରୁ ବିଦାୟ ନେଇଛନ୍ତି। ୧୦ ଜଣିଆ ବ୍ରାଜିଲ ଦଳ ୪-୧ରେ ଟ୍ୟୁନିସିଆକୁ ପରାସ୍ତ କରିଛି। ଆନ୍ଦ୍ରେ ସାଣ୍ଟୋସ ଦଳ ପକ୍ଷରୁ ଡବଲ ଗୋଲ ସ୍କୋର କରିଥିଲେ। ମାର୍କୋସ୍ ଲିଓନାର୍ଡୋ ୧୧ତମ ମିନିଟରେ ବ୍ରାଜିଲ ପକ୍ଷରୁ ପ୍ରଥମ ଗୋଲ ସ୍କୋର କରିଥିଲେ। ୩୧ତମ ମିନିଟରେ ସାଣ୍ଟୋସ ବ୍ୟକ୍ତିଗତ ପ୍ରଥମ ଗୋଲ ସ୍କୋର କରିବା ସହିତ ଦଳକୁ ୨-୦ରେ ଆଗୁଆ କରିଥିଲେ। ମ୍ୟାଚର ୪୫ ତମ ମିନିଟରେ ବିପଜ୍ଜନକ ଖେଳ ପ୍ରଦର୍ଶନ ପାଇଁ ରବର୍ଟ ରେନାନଙ୍କୁ ରେଡ୍‌କାର୍ଡ ମିଳିଥିଲା। ବ୍ରାଜିଲ ୧୦ ଜଣିଆ ଦଳରେ ଖେଳିଥିଲେ ମଧ୍ୟ ପ୍ରତିପକ୍ଷଙ୍କୁ ଚାପରେ ରଖିଥିଲା। ପରବର୍ତ୍ତୀ ୪୫ ମିନିଟ ଧରି ଗୋଲ ସ୍କୋର ହୋଇ ନ ଥିବା ବେଳେ ଇଞ୍ଜୁରୀ ଟାଇମରେ ବ୍ରାଜିଲ ଦୁଇଟି ଓ ଟ୍ୟୁନିସିଆ ଗୋଟିଏ ଗୋଲ ସ୍କୋର କରିଥିଲା। ୯୦+୧ ମିନିଟରେ ମାଥେଅସ୍ ମାର୍ଟିନ୍ସ ସିଲଭା ଡସ୍ ସାଣ୍ଟୋସ ବ୍ରାଜିଲକୁ ୩-୦ରେ ଆଗୁଆ କରିଥିବା ବେଳେ ୯୦+୧୦ ମିନିଟରେ ସାଣ୍ଟୋସ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ଟ୍ୟୁନିସିଆ ପକ୍ଷରୁ ମହମ୍ମଦ ଘରବେଲ ୯୦+୧୩ ମିନିଟରେ ଏକମାତ୍ର ଗୋଲ ପରିଶୋଧ କରିଥିଲେ। ଅନ୍ୟ ଏକ ମ୍ୟାଚରେ ଆୟୋଜକ ଆର୍ଜେଣ୍ଟିନାକୁ ୨-୦ ଗୋଲରେ ପରାସ୍ତ କରିଛି ନାଇଜେରିଆ।



ବିଜୟ ପରେ ଉଲ୍ଲସିତ ନାଇଜେରିଆ ଦଳର ଖେଳାଳି।

**ଇଟାଲୀ, ନାଇଜେରିଆ, ବ୍ରାଜିଲ, କଲମ୍ବିଆ କ୍ୱାର୍ଟରରେ**

ବୁଧବାର ରାତିରେ ସାନ୍ ଜୁଆନରେ ଖେଳା ଯାଇଥିବା ମ୍ୟାଚରେ ୩୦ ହଜାର ଦର୍ଶକ ଉପସ୍ଥିତ ଥିଲେ। ଆୟୋଜକ ଦେଶ ଭାବରେ ଯୋଗ୍ୟତା ଅର୍ଜନ କରିଥିବା ଆର୍ଜେଣ୍ଟିନା ଗ୍ରୁପ୍ ଟପ୍ପର ଭାବରେ ରାଉଣ୍ଡ ଅଫ୍ ୧୬ରେ ପ୍ରବେଶ କରିଥିଲା। ତେବେ ନାଇଜେରିଆ ବିପକ୍ଷ ମ୍ୟାଚରେ ଦଳ ଏକାଧିକ ସୁଯୋଗ ହାତଛଡ଼ା କରିଥିଲା। ପ୍ରଥମାର୍ଦ୍ଧର ଧିମା ଆରମ୍ଭ ପରେ ୬୧ ମିନିଟରେ ମିଳିଥିବା ଫ୍ରି କିକ୍‌କୁ ଗୋଲରେ ପରିଣତ କରିଥିଲେ ଇବ୍ରାହିମ୍ ମହମ୍ମଦ। ଏହାପରେ ଇଞ୍ଜୁରୀ ଟାଇମର ୯୦+୧ ମିନିଟରେ ରିଲୱାନୁ ହାଲିରୁ ସାର୍କି ଗୋଲ ଦେଇ ଦଳକୁ ୨-୦ରେ ବିଜୟୀ କରିଥିଲେ।

ଲା ପ୍ଲାଟା ଷ୍ଟାଡିୟମରେ ୟୁରୋ କପ୍ ଚାମ୍ପିୟନ ଇଂଲଣ୍ଡକୁ ୨-୧ରେ ପରାସ୍ତ କରିଛି ଇଟାଲୀ। ମ୍ୟାଚ୍‌ର ଅଷ୍ଟମ ମିନିଟରେ ଟୋମାସୋ ବାଲ୍ଡାଞ୍ଜି ପ୍ରଥମ ଗୋଲ ଦେଇ ଇଟାଲୀକୁ ୧-୦ରେ ଆଗୁଆ କରିଥିଲେ। ଏହାର ୧୬ ମିନିଟ ମଧ୍ୟରେ ଆଲ୍ଫି ଡିଭାଇନ୍ ସ୍କୋର କରି ମ୍ୟାଚ୍‌କୁ ବରାବର ସ୍ଥିତିକୁ ଆଣିଥିଲେ। ମ୍ୟାଚ୍‌ର ଅବଶିଷ୍ଟ ସମୟରେ ଉଭୟ ଦଳ ଗୋଲ ସ୍କୋର କରିବାରେ ବିଫଳ ହୋଇଥିବା ବେଳେ ମ୍ୟାଚ୍ ଡ୍ର ଆଡକୁ ଯାଉଥିଲା। ୮୭ ତମ ମିନିଟରେ ଭିଡିଓ ରେଫରାଲ ବଳରେ ଇଟାଲୀକୁ ମିଳିଥିବା ସ୍ପଟ୍ କିକ୍‌କୁ ଗୋଲରେ ପରିଣତ କରିଥିଲେ ସିଜାରେ କାସାଡେଇ। ଇଟାଲୀକୁ ବିଜୟୀ କରିଥିବା କାସାଡେଇ ଚଳିତ ଟୁର୍ନାମେଣ୍ଟରେ ନିଜର ୫ମ ଗୋଲ୍ ସ୍କୋର କରିଛନ୍ତି। ଅନ୍ତିମ ରାଉଣ୍ଡ ଅଫ୍ ୧୬ ମ୍ୟାଚରେ ଅସ୍କାର କୋର୍ଟେସ୍ (୪୮, ୯୦+୪) ଓ ଟୋମାସ୍ ଆଙ୍ଗେଲ(୫୨ ଓ ୬୩ ) ମିନିଟରେ ଡବଲ ଗୋଲ ସ୍କୋର କରିଥିବା ବେଳେ କଲମ୍ବିଆ ୫-୧ ଗୋଲରେ ସ୍ଲୋଭାକିଆକୁ ପରାସ୍ତ କରିଛି।

# ଓଡ଼ିଶାରୁ ରାହୁଲ ଓ ଲିମା

ଭୁବନେଶ୍ୱର, ୧।୬ (ସ୍ପୋର୍ଟ୍ସ ବ୍ୟୁରୋ)

ଜାତୀୟ ଭଲିବଲ ଦଳର କ୍ୟାମ୍ପରେ ଓଡ଼ିଶାରୁ ଦୁଇ ଜଣ ଖେଳାଳି ସାମିଲ ହୋଇଛନ୍ତି। ପୁରୁଷ ସିନିୟର ଦଳରେ ଜଗତସିଂହପୁରର ରାହୁଲ ବାରିକ ସାମିଲ ହୋଇଥିବା ବେଳେ ୧୬ ବର୍ଷରୁ କମ୍ ବାଳିକା ଦଳରେ କେନ୍ଦ୍ରାପଡାର ଲିମା ସାହୁ ସାମିଲ ହୋଇଛନ୍ତି। ଚାଇନିଜ୍ ତାଇପେରେ ଅନୁଷ୍ଠିତ ହେବାକୁ ଥିବା ଚତୁର୍ଥ ଏଭିସି ଚ୍ୟାଲେଞ୍ଜ କପ୍

**କିଟ୍‌ରେ ଜାତୀୟ ଭଲିବଲ୍ କ୍ୟାମ୍ପ**

ପାଇଁ ଘୋଷିତ ଭାରତୀୟ କ୍ୟାମ୍ପରେ ରାହୁଲଙ୍କୁ ସାମିଲ କରାଯାଇଛି। ଜୁଲାଇ ୮ରୁ ୧୫ ତାରିଖ ଯାଏ ଚତୁର୍ଥ ଏଭିସି ଚ୍ୟାଲେଞ୍ଜ କପ ଅନୁଷ୍ଠିତ ହେବ। ୨ ଜୁନ୍‌ରୁ କିଟ୍ ସ୍ଥିତ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମରେ ଅଭ୍ୟାସ ଶିବିର ଆୟୋଜିତ ହେବ। ଅନ୍ୟ ପକ୍ଷରେ ୧୬ ବର୍ଷରୁ କମ୍ ଏସିଆନ୍ ଭଲିବଲ୍ ଚାମ୍ପିୟନଶିପ୍ ଦଳରେ ଲିମାଙ୍କୁ ସାମିଲ କରାଯାଇଛି। ଚୀନ୍‌ର ହାଙ୍ଗଝୌରେ ଏହି ଟୁର୍ନାମେଣ୍ଟ ଜୁଲାଇ୧ରୁ ୮ ତାରିଖ ମଧ୍ୟରେ ଅନୁଷ୍ଠିତ ହେବ। କିଟ୍ ସ୍ଥିତ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମରେ ମହିଳା ଦଳର କ୍ୟାମ୍ପ ଜୁନ୍ ୨ରୁ ଅନୁଷ୍ଠିତ ହେବ। ଭଲିବଲ୍ ଫେଡେରେଶନ୍ ଅଫ୍ ଇଣ୍ଡିଆ ଓ ଓଡ଼ିଶା ଭଲିବଲ ଆସୋସିଏଶନ ପକ୍ଷରୁ ଏହି କ୍ୟାମ୍ପ ଆୟୋଜନ କରାଯାଉଛି। ଭାରତୀୟ ପୁରୁଷ ଓ ମହିଳା ସିନିୟର ଦଳ ସହିତ ୨୧ ବର୍ଷରୁ କମ୍ ପୁରୁଷ ଦଳ ଓ ୧୬ ବର୍ଷରୁ କମ୍ ମହିଳା ଦଳର କ୍ୟାମ୍ପ ଆୟୋଜିତ ହେବ।



ଲିମା ସାହୁ



ରାହୁଲ ବାରିକ

# କିଟ୍ ମହିଳା କ୍ରିକେଟ ଦଳ ବିଜୟୀ

ଭୁବନେଶ୍ୱର, ୧।୬ (କ୍ରୀଡ଼ା ପ୍ରତିନିଧି)

ମୁକ୍ତେଶ୍ୱର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଏଠାରେ ଚାଲିଥିବା ୨ୟ ପ୍ରଶାନ୍ତ ମହାପାତ୍ର ସ୍ମାରକୀ ଜୁନିୟର (୧୬ ବର୍ଷରୁ କମ୍) କ୍ରିକେଟ ଟୁର୍ନାମେଣ୍ଟରେ ଗୁରୁବାର ଏକ ମହିଳା ପ୍ରଦର୍ଶନୀ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ଭୁବନେଶ୍ୱର ଦଳକୁ କିଟ୍ ୩୪ ରନରେ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା କିଟ୍ ଦଳ ୨୦ ଓଭରରେ ୫ ଉଇକେଟ ହରାଇ ୧୪୬ ରନ କରିଥିଲା। ଦଳ ପକ୍ଷରୁ ଇନ୍ଦ୍ରାଣି ଛତ୍ରିଆ ୫୩ ରନକରି ଅପରାଜିତ ରହିଥିଲେ। ମଧୁସ୍ମିତା ବେହେରା ୨୭ ରନ କରିଥିଲେ। ବିପକ୍ଷ ଦଳର ନମ୍ରତା ରଘୁଭା ୧୨ ରନରେ ୨ଟି ଉଇକେଟ ନେଇଥିଲେ। ୧୪୭ ରନ ବିଜୟ ଲକ୍ଷ୍ୟ ଥିଲେ ହେଁ ଭୁବନେଶ୍ୱର ଦଳ ୨୦ ଓଭରରେ ୯ ଉଇକେଟ ହରାଇ ୧୧୨ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ମହିମା ଚୌହାନ ୨୨ ଓ ସୋନାଲିସା ସାହୁ ୨୧ ରନ କରିଥିଲେ। ବିଜୟୀ ଦଳର ଇନ୍ଦ୍ରାଣି ଛତ୍ରିଆ ୨୦ ରନ ବିନିମୟରେ ୩ଟି ଉଇକେଟ ନେଇଥିଲେ। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ଇନ୍ଦ୍ରାଣିଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ମୁକ୍ତେଶ୍ୱର କ୍ଲବର ବରିଷ୍ଠ ସଦସ୍ୟ ଶରଣଜିତ ସିଂ ଅତିଥିଭାବେ ଯୋଗଦେଇ ପୁରସ୍କାର ଦେଇଥିଲେ। ଶୁକ୍ରବାର ପାରାମାଉଣ୍ଟ ଓ ପ୍ରଗତି ସ୍ପୋର୍ଟିଂ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ।



ଇନ୍ଦ୍ରାଣି ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି।

# ସର୍ବନିମ୍ନ ଟିକେଟର ମୂଲ୍ୟ ୮୦୦ ଟଙ୍କା

**ନୂଆଦିଲ୍ଲୀ, ୧।୬ (ପି.ଟି.):** ଭାରତରେ ପ୍ରଥମ ଥର ହେବାକୁଥିବା ମୋଟୋ ଜିପି ରେସ୍ ପାଇଁ ସର୍ବନିମ୍ନ ଟିକେଟର ମୂଲ୍ୟ ପ୍ରାୟ ୮୦୦ ଟଙ୍କା ରଖାଯିବ। ସବୁଠାରୁ ଦାମୀ ଟିକେଟର ମୂଲ୍ୟ ୧.୫ ଲକ୍ଷ ଟଙ୍କା ହେବ। ଏହି ଟୁହ୍ୱିଲର ରେସିଂ କମ୍ପିଟିଶନ ସେପ୍ଟେମ୍ବର ୨୨ରୁ ୨୪ ଗ୍ରେଟର ନଏଡାର ବୁଦ୍ଧ ଇଣ୍ଟରନ୍ୟାଶନାଲ ସର୍କିଟରେ ହେବ। ରେସ୍ ପ୍ରେମୀମାନେ ସେମାନଙ୍କ ପସନ୍ଦ ଅନୁସାରେ ଦିନିକିଆ କିମ୍ବା ୩ ଦିନିଆ ଟିକେଟ କ୍ରୟ କରିପାରିବେ। ପୂର୍ବରୁ ୨୦୧୧ରେ ଭାରତରେ ପ୍ରଥମ ଥର ଫର୍ମୁଲା ୱାନ ରେସ୍ ଅନୁଷ୍ଠିତ ହୋଇଥିଲା। ଏହାପରଠାରୁ ଭାରତରେ ଏକ ବଡ଼ ମୋଟରସ୍ପୋର୍ଟ୍ସ ଇଭେଣ୍ଟ ଆୟୋଜିତ ହେବାକୁ ଯାଉଛି। ସେତେବେଳେ ସବୁଠାରୁ କମ ଟିକେଟର ମୂଲ୍ୟ ୧୫୦୦ ଟଙ୍କା ରଖାଯାଇଥିଲା। ସମଗ୍ର ବିଶ୍ୱରେ ଅନ୍ୟ ମୋଟୋଜିପି ତୁଳନାରେ ଭାରତରେ ଟିକେଟର ମୂଲ୍ୟ ଯଥେଷ୍ଟ କମ୍ ରହିଛି। ମୋଟୋଜିପି ରେସ୍ ସମୟରେ ଫୁଡ୍ ଓ ମ୍ୟୁଜିକ ଫେଷ୍ଟିଭାଲ ଆୟୋଜନ କରିବା ଲାଗି ପ୍ରମୋଟରମାନେ ବିଚାର କରୁଛନ୍ତି। ଚଳିତ ମାସ ପରବର୍ତ୍ତୀ ଭାଗରେ ହେବାକୁଥିବା ଇଟାଲିଆନ ମୋଟୋ ଜିପିରେ ସର୍ବନିମ୍ନ ଟିକେଟର ମୂଲ୍ୟ ୫୦୦ ୟୁରୋ ରଖାଯାଇଛି। ଭାରତୀୟ ମୁଦ୍ରାରେ ଏହା ୪୪,୦୦୦ ଟଙ୍କା ହେବ।

# ଏଜି ଆନ୍ତଃ ବିଭାଗୀୟ ମହିଳା ଲନ୍ ଟେନିସ ଉଦ୍‌ଯାପିତ

ଭୁବନେଶ୍ୱର, ୧।୬ (ସ୍ପୋର୍ଟ୍ସ ବ୍ୟୁରୋ)

ମହାଲେଖାକାର କାର୍ଯ୍ୟାଳୟର ଅଡିଟ ଓ ଆକାଉଣ୍ଟସ ରିକ୍ରେଶନ କ୍ଲବ ଆନୁକୂଲ୍ୟରେ ଗତ ୩୦ ତାରିଖରୁ ଅନୁଷ୍ଠିତ ଏଜି ଆନ୍ତଃ ବିଭାଗୀୟ ମହିଳା ଟୁର୍ନାମେଣ୍ଟ ଗୁରୁବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। କ୍ଲବର ଉପସଭାପତି ତଥା କଲ୍ୟାଣ ଅଧିକାରୀ ଅଶୋକ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହ ଓ ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ ପ୍ରଧାନ ମହାଲେଖାକାର ରାଜକୁମାର, ମହାଲେଖାକାର ଅଡିଟ -୨ ବିଶ୍ୱନାଥ ସିଂହ ଜାଦୋନ, ବରିଷ୍ଠ ଉପମହାଲେଖାକାର ରାଜ ଅଶୋକ, ଉପମହାଲେଖାକାର ସୁଶାନ୍ତ ରଞ୍ଜନ, ମୋନାଲିକା ବୋର୍ଗୋହେନ, ଏକତା ସିଂହ, ତାନ୍ୟା ଅମ୍ବାଷ୍ଠା, ଅଡିଟ ଓ ଆକାଉଣ୍ଟସ କ୍ଲବର ସାଧାରଣ ସମ୍ପାଦକ ଭି. ଆନନ୍ଦ ଭଟ୍ଟ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ପ୍ରଧାନ ମହାଲେଖାକାର ରାଜକୁମାର ଓ ମହାଲେଖାକାର ବିଶ୍ୱନାଥଙ୍କ ମଧ୍ୟରେ ଏକ ପ୍ରଦର୍ଶନୀ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ମହାଲେଖାକାର ରାଜକୁମାର ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ।

ଫାଇନାଲରେ ଉପ ମହାଲେଖାକାର ଏକତା ସିଂ ଓ ସୁଜାତା ମଲ୍ଲିକଙ୍କ ଯୋଡି ଶତୋ ସାଗରିକା ଓ ସସ୍ମିତାଙ୍କ ଯୋଡିକୁ ହରାଇ ୨୦୨୩ ମସିହା ଲନ୍‌ଟେନିସ ଟ୍ରଫି ହାସଲ କରିଥିଲେ। ମୁଖ୍ୟ ଅତିଥି ରାଜକୁମାର ଓ ମହାଲେଖାକାର ଜାଦୋନ ଚାମ୍ପିୟନ ଓ ରନର ଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟରେ ସମୁଦାୟ ୭ଟି ଦଳ ଅଂଶ ଗ୍ରହଣ କରିଥିଲେ।

ଟୁର୍ନାମେଣ୍ଟକୁ ରାଜେଶ କୁମାର ସିଂ, ବବିତା ରାଣୀ ସେଠୀ, ସରୋଜ ବାରିକ, ଦୀପ୍ତି ରଞ୍ଜନ ରାୟ,ଶିବନାଥ ମହାପାତ୍ର, ସୁରେଶ ଚନ୍ଦ୍ର ମହାନ୍ତି ପରିଚାଳନା କରିଥିଲେ।



ଅତିଥି ଓ କର୍ମକର୍ତ୍ତାଙ୍କ ସହ ପ୍ରତିଯୋଗୀ।

# ମନଜିତ୍‌ଙ୍କୁ ବ୍ରୋଞ୍ଜ ପଦକ



ବ୍ରୋଞ୍ଜ ପଦକ ସହ ମନଜିତ୍।

ବିଶକେକ୍ (କିରଗିଜସ୍ତାନ), ୧।୬ (ପି.ଟି.)

ଭାରତର ମନଜିତ୍ ଏଠାରେ ଚାଲିଥିବା ୟୁଡବ୍ଲ୍ୟୁଡବ୍ଲ୍ୟୁ ର୍‍ୟାଙ୍କିଙ୍ଗ ସିରିଜ ରେସ୍‌ଲିଂ ଇଭେଣ୍ଟର ଗ୍ରୀକୋ ରୋମାନ ୫୫କେଜି କାଟେଗୋରୀରେ ଏକ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ମନଜିତ କ୍ୱାର୍ଟରଫାଇନାଲରେ ଉଜବେକିସ୍ତାନର ଇଖ୍‌ତିଓର ବୋଟିରୋଭଙ୍କଠାରୁ ହାରି ଯାଇଥିଲେ। ମାତ୍ର ବୋଟିରୋଭ ଫାଇନାଲରେ ପ୍ରବେଶ କରିଯିବାରୁ ମନଜିତ ବ୍ରୋଞ୍ଜ ପଦକ ମୁକାବିଲା ପାଇଁ ସୁଯୋଗ ପାଇଥିଲେ। ଭାରତୀୟ ରେସ୍‌ଲର କାଜାଖସ୍ତାନର ୟେରସିନ୍ ଆବ୍‌ୟିର୍‌ଙ୍କୁ ୧୪-୯ରେ ପରାସ୍ତ କରି ବ୍ରୋଞ୍ଜ ଜିତିନେଇଥିଲେ। ଏଥିସହ ପ୍ରତିଯୋଗିତାରେ ସେ ଭାରତର ପଦକ ଖାତା ଖୋଲିଥିଲେ। ସ୍ୱର୍ଣ୍ଣ ପଦକ ବାଉଟ୍‌ରେ ବୋଟିରୋଭଙ୍କୁ କାଜାଖସ୍ତାନର ମାର୍ଲାନ ମୁକାସେଭ ହରାଇ ଦେଇଥିଲେ। ୬୦ କେଜି ଶ୍ରେଣୀରେ ସୁମିତ ରିପିଚେଜ ରାଉଣ୍ଡରେ ପ୍ରବେଶ କରିଥିଲେ ମଧ୍ୟ ସେ କିର୍ଗିଜସ୍ତାନର ବାଲ୍‌ବାଇ ଦୋର୍ଦୋକୋଭ୍‌ଙ୍କଠାରୁ ହାରିଯାଇଥିଲେ। ପୂର୍ବରୁ ସେ କ୍ୱାର୍ଟର ଫାଇନାଲରେ କାଜାଖସ୍ତାନର ନୂରସୁଲ୍‌ତାନ ବାଜାରବାୟେଭଙ୍କଠାରୁ ପରାସ୍ତ ହୋଇଥିଲେ। ନୀରଜ ମଧ୍ୟ ୬୭କେଜି ଶ୍ରେଣୀ ରିପିଚେଜ୍ ରାଉଣ୍ଡରେ ପରାଜିତ ହୋଇଥିଲେ। ଭାରତର ଅନ୍ୟ ୩ ରେସଲର ସୁନୀଲ କୁମାର (୮୭କେଜି), ନରିନ୍ଦର ଚିମା (୯୭କେଜି) ଓ ସାହିଲ (୧୩୦କେଜି) କ୍ୱାଲିଫିକେଶନ ପର୍ଯ୍ୟାୟରୁ ବିଦାୟ ନେଇଛନ୍ତି।

# ତୃତୀୟ ରାଉଣ୍ଡରେ ରିବାକିନା, ସ୍ୱିଟେକ୍

ପ୍ୟାରିସ୍, ୧।୬

କ୍ଲେ କୋର୍ଟ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଫ୍ରେଞ୍ଚ ଓପନର ଦ୍ୱିତୀୟ ରାଉଣ୍ଡରେ ସିଡେଡ୍ ଖେଳାଳିଙ୍କ ସହଜ ବିଜୟ। ମହିଳା ସିଙ୍ଗଲ୍ସ ବର୍ଗରେ ଏକ ନମ୍ବର ସ୍ଥାନରେ ଥିବା ଇଗା ସ୍ୱିଟେକ୍, ଏଲିନା ରିବାକିନା, ଏକାଟେରିନା ଆଲେକଜାଣ୍ଡ୍ରୋଭା ବିଜୟ ହାସଲ କରିଥିବା ବେଳେ ପୁରୁଷ ସିଙ୍ଗଲ୍ସରେ କାସ୍ପର ରୁଡ୍, ବୋର୍ନା କୋରିକ୍, ୟୋଶିହିତୋ ନିଶିଓକା ଏବଂ ଗ୍ରିଗୋରୀ ଦିମିତ୍ରୋଭଙ୍କ ପରି ଖେଳାଳି ବିଜୟ ହାସଲ କରିଛନ୍ତି। ମହିଳା ବର୍ଗରେ ବିଶ୍ୱ ମାନ୍ୟତାର ଏକ ନମ୍ବର ସ୍ଥାନରେ ରହିଥିବା ଇଗା ସ୍ୱିଟେକ୍ ୬-୪ ଓ ୬-୦ରେ ଆମେରିକାର କ୍ଲେୟାର ଲିଉଙ୍କୁ ପରାସ୍ତ କରିଛନ୍ତି। ଫିଲିପ୍ ଚାଟ୍ରିୟରରେ ଖେଳା ଯାଇଥିବା ମ୍ୟାଚରେ ସ୍ୱିଟେକ ପ୍ରାଧାନ୍ୟ ବିସ୍ତାର କରି ଖେଳିବା ସହିତ ତୃତୀୟ ରାଉଣ୍ଡରେ ପ୍ରବେଶ କରିଥିଲେ। ବିଶ୍ୱ ମାନ୍ୟତାର ଚତୁର୍ଥ ସ୍ଥାନରେ ଥିବା ଏଲିନା ରିବାକିନା ମଧ୍ୟ ସହଜ ବିଜୟ ହାସଲ କରିଛନ୍ତି। ଚେକ୍ ରିପବ୍ଲିକ୍‌ର ଲିଣ୍ଡା ନୋସକୋଭାଙ୍କୁ ୬-୩, ୬-୩ ସେଟରେ ସେ ପରାସ୍ତ କରିଥିଲେ। ଅନ୍ୟ ଏକ ମ୍ୟାଚରେ ବିଶ୍ୱ ମାନ୍ୟତାର ୨୩ ନମ୍ବର ଖେଳାଳି ଏକାଟେରିନା ଆଲେକଜାଣ୍ଡ୍ରୋଭା ୬-୨ ଓ ୬-୦ ସେଟରେ ଆନା ଲିନା ଫ୍ରିଏଦସାନଙ୍କୁ ପରାସ୍ତ କରିଥିଲେ। ବିଶ୍ୱ ମାନ୍ୟତାର ୨୨ ନମ୍ବର ଖେଳାଳି ଡୋନା ଭେକିକ୍‌ଙ୍କୁ ୩-୬, ୬-୪ ଓ ୬-୩ ସେଟରେ ପରାସ୍ତ କରିଛନ୍ତି ଆମେରିକାର ବର୍ନାର୍ଡା ପେରା। ୧୪ ନମ୍ବର ସିଡ୍ ବ୍ରାଜିଲର ବିଟ୍ରିଜ୍ ହଦ୍ଦାଦ ମାଇଆ ୨-୬, ୭-୫ ଓ ୪-୬ ସେଟରେ ଡାଏନା ସ୍ନାଇଡରଙ୍କୁ ପରାସ୍ତ କରିଛନ୍ତି। ଆମେରିକାର ଅଣସିଡେଡ୍ ଖେଳାଳି କାଏଲା ଡେ ୨୦ ନମ୍ବର ସ୍ଥାନରେ ଥିବା ମାଡିସନ୍ କିସ୍‌ଙ୍କୁ ୬-୨, ୪-୬ ଓ ୬-୪ ସେଟରେ ପରାସ୍ତ କରିଛନ୍ତି।

ଅନ୍ୟପକ୍ଷରେ ପୁରୁଷ ବର୍ଗରେ ୪ ନମ୍ବର ସିଡ୍ କାସ୍ପର ରୁଡ୍ ୩-୬, ୨-୬, ୬-୪ ଓ ୫-୭ରେ ଇଟାଲୀର ଗୁଇଲୋ ଜେପ୍ପିଏରିଙ୍କୁ ପରାସ୍ତ କରିଥିଲେ। ୨୭ ନମ୍ବର ମାନ୍ୟତାପ୍ରାପ୍ତ ଖେଳାଳି ୟୋଶିହିତୋ ନିଶିଓକା ୪-୬, ୬-୨, ୭-୫ ଓ ୬-୪ ସେଟ୍‌ରେ ମ୍ୟାକ୍ସ ପର୍ସେଲ୍‌ଙ୍କୁ ପରାସ୍ତ କରି ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଗେଲ୍ ମନଫିଲ୍ସ ଆହତ ହୋଇ ଓହରି ଯିବା କାରଣରୁ ଷଷ୍ଠ ସିଡ୍ ହୋଲଗର ରୁନଙ୍କୁ ୱାକଓଭର ମିଳିଥିଲା। ୨୮ ନମ୍ବର ସିଡ୍ ଗ୍ରିଗୋରୀ ଦିମିତ୍ରୋଭ୍ ୭-୬(୭-୪), ୬-୩ ଓ

**ଫ୍ରେଞ୍ଚ ଓପନ**

୬-୪ ର ସିଧାସଳଖ ସେଟ୍‌ରେ ଗ୍ରୀସର ଏମିଲ ରୁସୁଭୁଓରିଙ୍କୁ ପରାସ୍ତ କରି ତୃତୀୟ ରାଉଣ୍ଡରେ ପହଞ୍ଚିଛନ୍ତି। ୧୫ ନମ୍ବର ସ୍ଥାନରେ ଥିବା ବୋର୍ନା କୋରିକ୍ ୬-୩, ୪-୬, ୪-୬, ୬-୩ ଓ ୬-୪ ସେଟ୍‌ରେ ଆର୍ଜେଣ୍ଟିନାର ପେଡ୍ରୋ କାଚିନ୍‌ଙ୍କୁ ପରାସ୍ତ କରିଥିଲେ। ଦ୍ୱିତୀୟ ରାଉଣ୍ଡରେ ଏକ ବଡ ବିପର୍ଯ୍ୟୟ ସହିତ ପରାସ୍ତ ହୋଇଛନ୍ତି ଇଟାଲୀର ଜାନିକ୍ ସିନ୍ନର। ଜର୍ମାନୀର ଡାନିଏଲ ଅଲ୍ଟମାୟେରଙ୍କ ନିକଟରୁ ସେ ୭-୬(୭-୦),୬-୭(୭-୯), ୬-୧, ୬-୭(୪-୭) ଓ ୫-୭ ସେଟରେ ପରାସ୍ତ ହୋଇଥିଲେ। ୫ ସେଟ୍ ବିଶିଷ୍ଟ ମ୍ୟାଚ୍‌ର ୪ଟି ସେଟ୍ ଟାଇବ୍ରେକରରେ ଫଇସଲା ହୋଇଥିଲା।



ରିଟର୍ନ ଶଟ୍ ଖେଳୁଛନ୍ତି ଇଗା ସ୍ୱିଟେକ।

**ଓହରିଲେ ମନ୍‌ଫିଲ୍ସ**

**ପ୍ୟାରିସ, ୧।୬ (ଏପି):** ରିଷ୍ଟ ଇଞ୍ଜୁରି ଯୋଗୁ ଚଳିତ ଫ୍ରେଞ୍ଚ ଓପନ୍ ଟେନିସ ପୁରୁଷ ସିଙ୍ଗଲ୍ସରୁ ଗେଲ୍ ମନ୍‌ଫିଲ୍ସ ଓହରିଯାଇଛନ୍ତି। ଫଳରେ ନମ୍ବର ୬ ଖେଳାଳି ହୋଲ୍‌ଗର ରୁନ୍ ଏକ ୱାକଓଭର ପାଇ ତୃତୀୟ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ୩୬ ଫ୍ରେଞ୍ଚ ଖେଳାଳି କହିଛନ୍ତି, ସେ ରିଷ୍ଟରେ ଖୁବ୍ ଯନ୍ତ୍ରଣା ଅନୁଭବ କରୁଥିବାରୁ ଖେଳ ଜାରି ରଖିପାରିବେ ନାହିଁ। ମନଫିଲ୍ସ କୋର୍ଟ ଫିଲିପ୍ ଚାଟ୍ରିଅରଠାରେ ତାଙ୍କ ପ୍ରଥମ ରାଉଣ୍ଡ ମ୍ୟାଚ ୪ ଘଣ୍ଟା ପାଖାପାଖି ଖେଳିଥିଲେ। ଏଥିରେ ସେ ଆର୍ଜେଣ୍ଟିନାର ସେବାଷ୍ଟିଆନ୍ ବେଜ୍‌ଙ୍କୁ ୩-୬, ୬-୩, ୭-୫, ୧-୬, ୭-୫ରେ ହରାଇ ଦେଇଥିଲେ। ମନ୍‌ଫିଲ୍ସ ୨୦୦୮ରେ ଫ୍ରେଞ୍ଚ ଓପନ ସେମିଫାଇନାଲରେ ପ୍ରବେଶ କରିଥିଲେ। ସେ ଅନ୍ୟ ୩ଥର କ୍ୱାର୍ଟରଫାଇନାଲ ପର୍ଯ୍ୟନ୍ତ ଉନ୍ନୀତ ହୋଇପାରିଥିଲେ।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ